

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-244 ♦SUNDAY ♦01 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୪୪ ♦ରବିବାର ♦୦୧ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


# ଯୁଦ୍ଧ ବାରୁଦଗଦାରେ ବିଶ୍ୱ

## ଇରାନ ଉପରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମଣ

## ଆମେରିକା ସମର୍ଥିତ ୮ ଦେଶ ଉପରେ ଇରାନର ହମ୍‌ଲା

■ ତେହରାନ/ତେଲ ଆଭିଭ, ୨୮।୨ (ଏଜେନ୍ସି): ଦୀର୍ଘ ଦିନର ଛକାପଞ୍ଝା ଏବଂ ଧମକଚମକ ପରେ ବିଶ୍ୱରେ ପୁଣି ଯୁଦ୍ଧର ସାଇରନ ବାଜିଛି। ଯୁଦ୍ଧର କଳା ବାଦଲ ମଧ୍ୟପ୍ରାଚ୍ୟକୁ ପୁଣି ଅସ୍ଥିର କରିଦେଇଛି। ଚାରିପଟୁ ଘେରି ସମରସଜ୍ଜା କରିବା ପରେ ଏବଂ ପରମାଣୁ ଆଲୋଚନା ଜାରି ରହିଥିବା ବେଳେ ଇସ୍ରାଏଲ ସହ ମିଶି ଇରାନ ଉପରେ ଆମେରିକା ପ୍ରଚଣ୍ଡ ଆକ୍ରମଣ କରିଛି। ଏହାକୁ ନେଇ ଜାତିସଂଘ ସମେତ ଅନେକ ଦେଶ ଚିନ୍ତା ପ୍ରକଟ କରିବା ସହିତ ଯୁଦ୍ଧ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଏବଂ ଇସ୍ରାଏଲ ଏବଂ ଆମେରିକାର ସାମରିକ ଘାଟୀ ଉପରେ ଇରାନର ପାଲଟା ଆକ୍ରମଣ ବିଶ୍ୱବ୍ୟାପୀ ଉଦବେଗ ସୃଷ୍ଟି କରିଛି। ଏଭଳି ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଜାରି ରହିଲେ ସମଗ୍ର ବିଶ୍ୱ ଯେ ଯୁଦ୍ଧ ଭିତରକୁ ଠେଲି ହୋଇଯିବ, ଏହି ଆଶଙ୍କା ଦେଖାଦେଇଛି।

**ଇସ୍ରାଏଲ-ଇରାନ ତୁରନ୍ତ ଯୁଦ୍ଧ ବନ୍ଦ କରନ୍ତୁ: ଫ୍ରାନ୍ସ**

**ତୁରନ୍ତ ଜାତିସଂଘ ସୁରକ୍ଷା ପରିଷଦ ବୈଠକ ଡାକିବାକୁ ଦାବି କଲା ଓମାନ**

ଇରାନରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଆଜି ସକାଳ ୯ଟା ୩୦ରେ ତୁହାକୁ ତୁହା ଆକ୍ରମଣ କରି ଇରାନକୁ ଥରହର କରିଦେଇଛନ୍ତି ଆମେରିକା ଓ ଇସ୍ରାଏଲ। କ୍ଷେପଣାସ୍ତ୍ର ଆକ୍ରମଣରେ ରାଜଧାନୀ ତେହରାନ ସମେତ ଇସଫାହନ,କୁମ, କରାଜ, କରମନସାହ ଆଦି ସହର ଥରି ଉଠିଛି। ଏହି ଆକ୍ରମଣରେ ଦକ୍ଷିଣ ଇରାନରେ ୫୩ ଜଣ ଛାତ୍ରଛାତ୍ରୀ ସମେତ ୮୫ ଜଣ ପ୍ରାଣ ହରାଇଛନ୍ତି। ଆକ୍ରମଣରେ ଇରାନର ପ୍ରତିରକ୍ଷା ମନ୍ତ୍ରୀ ଓ ରିଭଲ୍ୟୁସନାରୀ ଗାର୍ଡ କମାଣ୍ଡର ନିହତ ହୋଇଥିବା ଜଣାପଡ଼ିଛି। ଇରାନ ମଧ୍ୟ ଆମେରିକା ଏବଂ ଇସ୍ରାଏଲକୁ ଦୃଢ଼ ଜବାବ ଦେଇଛି। ପ୍ରତି ଆକ୍ରମଣ କରି ଇସ୍ରାଏଲ ଉପରେ ୪୦୦ କ୍ଷେପଣାସ୍ତ୍ର ମାଡ଼ କରିଥିବା ବେଳେ କୁଏତ, କାତାର, ବାହାରିନ, ସାଉଦି ଆରବରେ ଥିବା ଆମେରିକା ସାମରିକ ଘାଟୀକୁ ନିଶାଣ କରିଛି। ୟୁଏଇର ଜନବହୁଳ ସହର ଦୁବାଇରେ ▶ପୃଷ୍ଠା-୭



- ଇରାନର ୧୦ ସହର ଧ୍ୱସ୍ତ; ୮୫ ମୃତ
- ପ୍ରତିରକ୍ଷା ମନ୍ତ୍ରୀ, ଆଇଆର୍‌ଜିସି କମାଣ୍ଡର ନିହତ
- ଇସ୍ରାଏଲରେ ଇରାନର ୪୦୦ କ୍ଷେପଣାସ୍ତ୍ର ମାଡ଼
- ବର୍ଷିଲେନି କୁଏତ, କାତାର, ବାହାରିନ, ସାଉଦି
- ଆମେରିକା ଆକ୍ରମଣକୁ ସ୍ପେନ୍‌ର ବିରୋଧ
- ଆକ୍ରମଣ ବନ୍ଦ କରୁ ଆମେରିକା: ଋଷ୍
- ଯୁଦ୍ଧ ସ୍ଥିତି ଚିନ୍ତାଜନକ: ଏମ୍‌ଇଏ
- ଶତ୍ରୁ ନିପାତ ପର୍ଯ୍ୟନ୍ତ ଆକ୍ରମଣ: ଇରାନ

**ଆଫଗାନିସ୍ତାନ-ପାକିସ୍ତାନ ଯୁଦ୍ଧ**

## ୩୦୦ ମୃତ, ୫୦୦ ଆହତ

■ ଇସଲାମାବାଦ/କାବୁଲ, ୨୮।୨(ଏଜେନ୍ସି): ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଥିବା ସୀମା ବିବାଦ ଏବେ ଏକ ବଡ଼ ଯୁଦ୍ଧର ରୂପ ନେଇଛି। ପାକିସ୍ତାନ ବାୟୁସେନା ତରଫରୁ ଆଫଗାନିସ୍ତାନର କାବୁଲ ଓ କାନ୍ଦାହାର ଭଳି ପ୍ରମୁଖ ସହର ଉପରେ ଏୟାରଷ୍ଟ୍ରାଇକ କରାଯାଉଛି। ଏହି ସଂଘର୍ଷରେ ଉଭୟ ପକ୍ଷରୁ ୩୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆଫଗାନିସ୍ତାନ ଆକ୍ରମଣର ଜବାବ ଦେବାକୁ ଯାଇ ପାକିସ୍ତାନ ସେନା 'ଅପରେସନ ଗଜବ-ଲିଲ୍-ହକ୍' ଆରମ୍ଭ କରିଛି। ପାକିସ୍ତାନ ଦାବି କରିଛି ଯେ ତାଙ୍କ ସେନା ୨୭୪ ଜଣ ଆଫଗାନ ଯୋଦ୍ଧାଙ୍କୁ ନିପାତ କରିଛନ୍ତି ଓ ୧୧୫ଟି ଟ୍ୟାଙ୍କ ନଷ୍ଟ କରିଛନ୍ତି। ସେପଟେ ଆଫଗାନିସ୍ତାନର ତାଲିବାନ ସରକାର ଦାବି କରିଛନ୍ତି ଯେ ସେମାନେ ୫୫ ଜଣ ପାକ ସୈନ୍ୟଙ୍କୁ ନିପାତ କରିଛନ୍ତି ଓ ମାତ୍ର ୮ରୁ ୧୩ ଜଣ ଆଫଗାନ ସୈନ୍ୟ ସହିଦ ହୋଇଛନ୍ତି। ଆଫଗାନିସ୍ତାନର ୧୮ଟି ସେନା ପୋଷ୍ଟକୁ କବଜା କରାଯାଇଛି ବୋଲି ପାକିସ୍ତାନ ଦାବି କରିଛି। ଅନ୍ୟପଟେ ପାକିସ୍ତାନର ଦୁଇଟି ସେନା ମୁଖ୍ୟାଳୟକୁ ▶ପୃଷ୍ଠା-୭

**ମୁନୀର, ଶାହାବାଜଙ୍କୁ ଟ୍ରମ୍ପଙ୍କ ପ୍ରଶଂସା**

**ଚମକାଇଲେ ନବୀନ**


## ସଂତୃପ୍ତ, ଦତ୍ତେଶ୍ୱର ବିଜେଡିର ରାଜ୍ୟସଭା ପ୍ରାର୍ଥୀ



■ ଭୁବନେଶ୍ୱର, ୨୮।୨ (ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କଳିବା ଓ ତାଙ୍କର ରାଜନୀତି ଗତିବିଧି ବାରିବା ସହଜ ନୁହେଁ। ଅତୀତରେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କୁ ଆଶ୍ଚର୍ଯ୍ୟଚକିତ କରିବା ପରି ଅନେକ ନିଷ୍ପତ୍ତି ନେଇଥିବା ଦେଖାଯାଇଛି ଏବଂ ଆଗାମୀ ରାଜ୍ୟସଭା ନିର୍ବାଚନରେ ମଧ୍ୟ ତାଙ୍କର ମାଷ୍ଟର ଷ୍ଟ୍ରୋକ୍ ଅନେକଙ୍କୁ ହତଚକିତ କରିଛି। ଗୋଟିଏ ଆସନରେ ବିଜୟୀ ହେବା ନିଶ୍ଚିତ ଥିବାରୁ ବିଜେଡି ଗୋଟିଏ ଆସନରେ ପ୍ରାର୍ଥୀ ଦେଇପାରେ ବୋଲି ଚାଲିଥିବା କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ଟାଣି ଦୁଇଟି ଆସନ ପାଇଁ ନବୀନ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। କର୍ପୋରେଟ ଜଗତର ଜଣାଶୁଣା ନାମ ତଥା ନିଜ ରାଜନୈତିକ ସଚିବ ଡ଼. ସଂନ୍ତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ ଭାବରେ ନବୀନ ଘୋଷଣା କରିଛନ୍ତି। ଅନୁରୂପ ଭାବରେ ରାଜ୍ୟର ପ୍ରସିଦ୍ଧ ୟୁରୋଲୋଜିଷ୍ଟ ତଥା ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ 'କମନ୍ କ୍ୟାଣ୍ଡିଡେ଼ଟ୍' ରୂପେ ଘୋଷଣା କରି ତାଙ୍କୁ ଅନ୍ୟ ରାଜନୈତିକ ଦଳ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ନବୀନଙ୍କ ପ୍ରାର୍ଥୀ ଘୋଷଣା ଓ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଅନ୍ୟ ଦଳର ସମର୍ଥନ ଅନୁରୋଧ ପରେ ପିସିସି ସଭାପତି ଭକ୍ତଚରଣ ଦାସ ଚତୁର୍ଥ ଆସନ ପାଇଁ ଡାକ୍ତର ହୋତାଙ୍କ ପ୍ରାର୍ଥିତ୍ୱ ପ୍ରତି ନିଜର ସମର୍ଥନ ଜଣାଇଛନ୍ତି। ଦଳର ସମସ୍ତ ବିଧାୟକ ଓ ହାଇକମାଣ୍ଡଙ୍କର ମଧ୍ୟ ଏଥିପ୍ରତି ସମର୍ଥନ ରହିଥିବା ସେ ସୂଚନା ଦେଇଛନ୍ତି। ସେ ରାଜ୍ୟସଭାକୁ ନିର୍ବାଚିତ ହେଲେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୌଣସି ନୀତି ନିର୍ଦ୍ଧାରଣ କରିବାରେ ନିଶ୍ଚିତ ଭାବେ ଭଲ ଭୂମିକା ଗ୍ରହଣ କରିପାରିବେ ବୋଲି ପିସିସି ସଭାପତି ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି।

ବିଧାନସଭାରେ ଦଳର ସ୍ଥିତି ଓ ସଂଖ୍ୟା ଦୃଷ୍ଟିରୁ ରାଜ୍ୟସଭା ନିର୍ବାଚନରେ ବିଜେପିକୁ ୨ଟି ଓ ବିଜେଡିକୁ ଗୋଟିଏ ଆସନ ମିଳିବା ଆପାତତଃ ସୁନିଶ୍ଚିତ ବୋଲି କୁହାଯାଉଛି। ୪ର୍ଥ ଆସନ ପାଇଁ କାହାରି ପାଖରେ ସଂଖ୍ୟା ନ ଥିବା ବେଳେ ବିଜେପି ଏହି ଆସନ ଉପରେ ଆଖି ପକାଇଥିଲା। ଏପରିକି ଦଳର ରାଜ୍ୟ ନେତୃତ୍ୱ ଓ ରାଜ୍ୟ ପ୍ରଭାରୀ ବିଜେପି ତିନିଟି ଆସନରେ ବିଜୟୀ ହେବ ବୋଲି ମଧ୍ୟ ଭବିଷ୍ୟବାଣୀ କରିଥିଲେ। ଏହି ସମୟରେ ନବୀନଙ୍କ ଚତୁର ଗୋଟିଚାଳନା ବିଜେପିର ଆଶାରେ ପାଣି ପକାଇ ଦେଇଛି। ନିଜ ଦଳ ବାହାରୁ ରାଜ୍ୟର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କଲେ କଂଗ୍ରେସ ତାଙ୍କୁ ସମର୍ଥନ କରିବ ବୋଲି ପିସିସି ସଭାପତି କରିଥିବା ଘୋଷଣାକୁ ସୁଯୋଗ ଭାବରେ ଗ୍ରହଣ କରି ନବୀନ ୪ର୍ଥ ଆସନ ପାଇଁ ଡ଼ାକ୍ତର ଦତ୍ତେଶ୍ୱର ହୋତାଙ୍କ ▶ପୃଷ୍ଠା-୭


ଡ. ସଂତୃପ୍ତ ମିଶ୍ର


ଡାକ୍ତର ଦତ୍ତେଶ୍ୱର ହୋତା

**ଡ. ସଂତୃପ୍ତ ମିଶ୍ର ଦଳୀୟ, ଡା. ଦତ୍ତେଶ୍ୱର ହୋତା 'କମନ୍ କ୍ୟାଣ୍ଡିଡେଟ୍'**

**ଡାକ୍ତର ହୋତାଙ୍କୁ ସମର୍ଥନ ପାଇଁ ଅନ୍ୟ ଦଳଗୁଡ଼ିକୁ ଅନୁରୋଧ**

**ଡା. ହୋତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଦେବାକୁ ଭକ୍ତଙ୍କ ଘୋଷଣା**

**ଦଳ ବିରୋଧୀ କାର୍ଯ୍ୟ ସହ ବିଶୃଙ୍ଖଳିତ ଆଚରଣ**

## ପ୍ରଭାତ ବିଶ୍ୱାଳ ବିଜେଡିରୁ ବହିଷ୍କୃତ



■ ଭୁବନେଶ୍ୱର, ୨୮।୨ (ସମିସ): ଦଳବିରୋଧୀ କାର୍ଯ୍ୟ ତଥା ବିଶୃଙ୍ଖଳିତ ଆଚରଣ ଯୋଗୁଁ ବିଜେଡିରୁ ବିଦା ହୋଇଛନ୍ତି କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ପରିଷଦ ସଦସ୍ୟ ପ୍ରଭାତ ରଞ୍ଜନ ବିଶ୍ୱାଳ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ପ୍ରତାପ ଜେନା ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରିକରି ତତ୍‌କ୍ଷଣାତ୍ ଏହାକୁ କାର୍ଯ୍ୟକାରୀ କରାଯାଇଥିବା କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଗତ ବିଧାନସଭା ନିର୍ବାଚନ ପରେ ଶ୍ରୀ ବିଶ୍ୱାଳ ନିୟମିତ ବ୍ୟବଧାନରେ ଦଳ ଓ ଦଳର କିଛି ନେତାଙ୍କୁ ନିଶାଣ କରିବା ସହ ନକରାତ୍ମକ ମନ୍ତବ୍ୟ ଦେଉଥିବା ଅଭିଯୋଗ ହୋଇଥିଲା। ଏପରିକି ବିଭିନ୍ନ ▶ପୃଷ୍ଠା-୭

## ବାଣ କାରଖାନାରେ ବିସ୍ଫୋରଣ; ୨୦ ମୃତ

■ ଅମରାବତୀ, ୨୮।୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶ କାକିନଡ଼ା ଜିଲ୍ଲାର ଭେଟଲାପାଲେମ ଗ୍ରାମରେ ଥିବା ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୨୦ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ଣ ୨ଟାରେ ଏହି ବିସ୍ଫୋରଣ ଘଟିଥିଲା। ଏହା ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ୫ କିମି ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ବିସ୍ଫୋରଣର ତୀବ୍ରତା ପ୍ରଖର ଥିଲା, ଯାହା ଫଳରେ ମୃତଦେହଗୁଡ଼ିକ ନିକଟସ୍ଥ ଧାନକ୍ଷେତକୁ ଛିଟିକି ପଡ଼ିଥିଲା। ପୁଲିସ ବର୍ତ୍ତମାନ ଡ୍ରୋନ ସାହାଯ୍ୟରେ ବିଭିନ୍ନ ସ୍ଥାନରେ ପଡ଼ିଥିବା ଶରୀରର ଅଂଶକୁ ଖୋଜୁଛି। ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଛି। କାକିନଡ଼ା ସରକାରୀ ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ କହିଛନ୍ତି ଯେ, ଡାକ୍ତରଖାନରେ ଭର୍ତ୍ତି ହୋଇଥିବା ଆହତମାନେ ୯୦ରୁ ୧୦୦ ପ୍ରତିଶତ ପୋଡ଼ିଯାଇଛନ୍ତି ଏବଂ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ସମ୍ପୃକ୍ତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କୁ ଘଟଣାସ୍ଥଳରେ ରହି ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଏଥର ପ୍ରଚଣ୍ଡ ଖରା

**ମାର୍ଚ୍ଚରୁ ମେ ଅଧିକ ତାତି**

■ ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି): ଏଥର ପ୍ରଚଣ୍ଡ ଖରା ହେବା ସମ୍ଭାବନା ରହିଛି। ସ୍ୱାଭାବିକ ଠାରୁ ଅଧିକ ରହିବ ତାତି। ବିଶେଷ କରି ମାର୍ଚ୍ଚରୁ ମେ ମାସ ମଧ୍ୟରେ ପରିସ୍ଥିତି ଅସମ୍ଭାଳ ହେବ। ଓଡ଼ିଶା ସମେତ ରାଜସ୍ଥାନ, ଗୁଜରାଟ, ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର, ପୂର୍ବାଞ୍ଚଳ ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମ ବଙ୍ଗ, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଓ ତାମିଲନାଡୁରେ ଏପ୍ରିଲ ଏବଂ ମେ ମାସରେ ତାତି ଏହାର ଭୟଙ୍କର ରୂପ ଦେଖାଇପାରେ। ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଆଜି ଏଠାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ସମୟରେ ମଧ୍ୟ ଜଳ ଓ ବିଦ୍ୟୁତ ସଙ୍କଟ ଦେଖାଦେଇପାରେ। ବିଶେଷ କରି ବାହାରେ କାମ କରୁଥିବା ଶ୍ରମିକ, ବୟସ୍କ ଲୋକ, ପିଲା ଏବଂ ରୋଗିଣା ବ୍ୟକ୍ତିମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି।

## ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର, ୨୮।୨ (ସମିସ): ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣର ନିରାକରଣ ପାଇଁ ଦେଶବ୍ୟାପୀ ଟିକାକରଣ ଅଭିଯାନକୁ ଆଜି ରାଜସ୍ଥାନର ଆଜମେରଠାରେ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି କ୍ରମରେ ଭୁବନେଶ୍ୱର କୃଷିଭବନ ଠାରେ ଅନୁଷ୍ଠିତ ରାଜ୍ୟବ୍ୟାପୀ ଟିକାକରଣ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆରମ୍ଭ କରିଛନ୍ତି।

**ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ**

ମହିଳାମାନଙ୍କୁ ସୁସ୍ଥ ଓ ସଶକ୍ତ କରିବା ଏହି ଟିକାକରଣ ଅଭିଯାନର ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅଭିଯାନରେ ଓଡ଼ିଶାର ୧୪ ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୩.୩୬ ଲକ୍ଷ ବାଳିକାଙ୍କୁ ଟିକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଧାର୍ଯ୍ୟ କରାଯାଇଛି।





ଏହି ଟିକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ।

ହ୍ୟୁମାନ ପାପିଲୋମା ଭାଇରସ୍ ବା ଏଚ୍‌ପିଭି ପାଇଁ ଏହି ଟିକା ଆମ କନ୍ୟା ମାନଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। କର୍କଟ ରୋଗର ମୁକାବିଲା ନିମନ୍ତେ ୨୦୨୬-୨୭ ବଜେଟ୍‌ରେ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା କାର୍ଯ୍ୟକ୍ରମ' ଘୋଷଣା କରାଯାଇଛି। ଏଥିରେ ବ୍ୟାପକ କମ୍ୟୁନିଟି ▶ପୃଷ୍ଠା-୭

ସକାଳ
THE SAKALA



### ଥୁଆମୂଳରାମପୁର ସଦରମହକୁମାରେ ନେଟୱର୍କ ସମସ୍ୟା

# ଅନ୍‌ଲାଇନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ

**ଥୁଆମୂଳରାମପୁର, ୨୮ ।୨(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ସଦର ମହକୁମାରେ ଦୀର୍ଘଦିନ ଧରି ଗମ୍ଭୀର ମୋବାଇଲ୍ ନେଟୱର୍କ ଏବଂ ଇଣ୍ଟରନେଟ୍ ସମସ୍ୟା ଦେଖାଦେଉଛି ।ଏହାର ସର୍ବାଧିକ ପ୍ରଭାବ ପଡୁଛି ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାଧାରଣଲୋକଙ୍କ ଉପରେ। ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଯେଉଁଠି କି ସମାଜିକ ସୁରକ୍ଷା ବିଭାଗ, ଖାଦ୍ୟ ଯୋଗାଣ ବିଭାଗ, ମଙ୍ଗଳ ବିଭାଗ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦିତ ହୋଇଥାଏ। ସେହିପରି ବ୍ୟାଙ୍କ କାମ ମଧ୍ୟ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଥାଏ। ଯେଉଁଥିପାଇଁ ବହୁ ହିତାଧିକାରୀ ଏବଂ ଉପଭୋକ୍ତାମାନେ ହଇରାଣ ହୋଇଥାନ୍ତି ।ବିଶେଷ କରି ଥୁଆମୂଳ ରାମପୁର ତହସିଲ କାର୍ଯ୍ୟାଳୟରେ ଇଣ୍ଟରନେଟ୍ ସଂଯୋଗ ଠିକ୍ ଭାବେ କାମ କରୁନଥିବାରୁ ଅନ୍‌ଲାଇନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି। ଫଳରେ ଜାତି, ଆୟ, ବାସସ୍ଥାନ ସାର୍ଟିଫିକେଟ ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଦିନଦିନ ଧରି ଅପେକ୍ଷା କରି ହତାଶ ହେଉଛନ୍ତି। ଏହି ସମସ୍ୟାର ପ୍ରଭାବ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଧ୍ୟ ପ୍ରକାଶ ପାଇଛି। ନେଟୱର୍କ ଠିକ୍ ଭାବେ ନ ପହଞ୍ଚିବାରୁ ପିଲାମାନଙ୍କର ଅନ୍‌ଲାଇନ୍ କମ୍ପ୍ୟୁଟର ଶିକ୍ଷା ସହିତ ଅନ୍ୟାନ୍ୟ ଡିଜିଟାଲ୍ କାର୍ଯ୍ୟ ବିଘ୍ନିତ ହେଉଛି। ସେହିପରି ଥୁଆମୂଳରାମପୁର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ଯୁକ୍ତ ଦୁଇ ଏବଂ ଡିଗ୍ରି କଲେଜ ଅଞ୍ଚଳରେ ମଧ୍ୟ ମୋବାଇଲ୍ ନେଟୱର୍କ ପ୍ରାୟ ଅପହଞ୍ଚ ହୋଇପଡ଼ିଛି। ଇଣ୍ଟରନେଟ୍ ସେବାର ଅବସ୍ଥା ଅତ୍ୟନ୍ତ ଦୟନୀୟ।ବର୍ତ୍ତମାନ ସେହି ଅଞ୍ଚଳରେ ଜେଏମ୍ଏଫ୍‌ସି କାର୍ଯ୍ୟାଳୟର କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ବେଳେ, ଏପରି ନେଟୱର୍କ ସମସ୍ୟା ଆଗାମୀ ଦିନରେ ଅଧିକ ଅସୁବିଧା ସୃଷ୍ଟି କରିବାର ଆଶଙ୍କା ରହିଛି। ଯଦିଓ ଏଠାରେ ବିଏସଏନଏଲ୍ ଓ ଏୟାରଟେଲ୍ ମୋବାଇଲ୍ ଟାୱାର ସ୍ଥାପିତ ହୋଇଛି, କିନ୍ତୁ ଭୌଗଳିକ ସ୍ଥିତି ହେତୁ ଅଧ କିଲୋମିଟର ପର୍ଯ୍ୟନ୍ତ ମଧ୍ୟ ସଠିକ୍ ନେଟୱର୍କ ପହଞ୍ଚି ପାରୁନାହିଁ। ଜିଲ୍ଲା ପ୍ରଶାସନ ସବୁ ଜାଣିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ନଦେବା ସାଧାରଣଲୋକଙ୍କ ମଧ୍ୟରେ ଭାରି ଅସନ୍ତୋଷ ସୃଷ୍ଟି କରିଛି ।ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

### ବିକାଶ ଖୋଜୁଛି ରାମଭଜ ଗଳିରାସ୍ତା

## ମଟର ଲଗାଇ ପାଣି ନିଷ୍କାସନ କଲେ ଲୋକେ

**ସିନାପାଲି, ୨୮ ।୨(ସମିସ):** ସିନାପାଲି ବ୍ଲକ ସଦର ରାମଭଜ ଗଳିରାସ୍ତା ବର୍ଷବର୍ଷ ହେଲା ସୁଧୁରୁ ନଥିବା ବେଳେ ବର୍ତ୍ତମାନ କୃତ୍ରିମ ପୋଖରୀ ସାଜିଥିଲା ବେଳେ ସ୍ଥାନୀୟ ଲୋକେ ଗଳିରାସ୍ତା ବନ୍ଦକରି ମଟର ସହାୟତାରେ ପାଣି ନିଷ୍କାସନ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ ଏହି ଗଳିରାସ୍ତା ବର୍ଷ ବର୍ଷ ହେଲା ଅବ୍ୟବସ୍ଥାରେ ରହିଥିବା ବେଳେ ଏଠାରେ ମଇଳା ପାଣି ଜମି ରହୁଛି। ସ୍ଥାନୀୟ ଲୋକେ ଓ ଯାତାୟାତ ଲୋକେ ପ୍ରତ୍ୟେକ ଦିନ ହଇରାଣ ହରକତ ହେଉଛନ୍ତି। କିନ୍ତୁ ପ୍ରଶାସନର ଦୃଷ୍ଟି ପଡୁନଥିବା ଲୋକେ ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି। ଗତ ବର୍ଷ ଏହିଗଳି ରାସ୍ତାରେ ଅଧାରାସ୍ତା କଂକ୍ରିଟ କରଣ ରାସ୍ତା କାମ ଓ ଡ୍ରେନ କାମ ହୋଇଥିଲା। ହେଲେ ରାସ୍ତା କାମ ସମ୍ପୂର୍ଣ୍ଣ ନହେବାରୁ ପୁଣି ପାଣିଜମି ପୋଖରୀ ପାଲଟିଛି। ଯାହାଯୋଗୁଁ ସ୍ଥାନୀୟ ଲୋକେ ସମସ୍ୟା ନେଇ ଅତିଷ୍ଠ ହୋଇ ଗଲେଣି। ଏବେ ସମୟ ଏମିତି ହେଲାଣି ଯେ ମଟର ଲଗାଇ ରାସ୍ତା ପାଣି ନିଷ୍କାସନ କରୁଥିବା ଅସନ୍ତୁଷ୍ଟ ପ୍ରକାଶ ପାଉଛି। ଏନେଇ ବ୍ଲକ ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଉଚିତ୍ ପଦକ୍ଷେପ ନେବାକୁ ସାଧାରଣ ରେ ଦାବି ହେଉଛି।



## ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଭବାନୀପାଟଣା, ୨୮ ।୨ (ସମିସ):** ଭବାନୀପାଟଣା-ରାୟଗଡ଼ା-୬ ନମ୍ବର ରାଜ୍ୟ ରାଜପଥର ଛତିକୁଡା- ଶାନ୍ତପୁର ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଭବାନୀପାଟଣାରୁ ପୋଖରୀବନ୍ଧ ପଟେ ଯାଉଥିବା ଏକ ଟ୍ରାକ୍ଟର ଧକ୍କାରେ ନର୍ଲା ଥାନା ବଡ଼ ଧାରପୁର ପଞ୍ଚାୟତ ଧୂକୁଟି ଗାଁର ବାଇକ୍ ଆରୋହୀ ସଞ୍ଜୟ ଦୋରା(୩୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଶବ ଜବତ କରିଛି।

## ଗୋଡାଲ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ସିନାପାଲି, ୨୮ ।୨(ସମିସ):**ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଲ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଶନିବାର ଚଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି।ସିଆରସିସି ବିଭୁତି ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ସମସ୍ତ ପ୍ରଧାନଶିକ୍ଷକ ଓ ଏଫଏଲଏନ୍ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆଗାମୀ ବାର୍ଷିକ ପରୀକ୍ଷା, ଯାଦୁ ପେଡ଼ି ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରଦୀପ କୁମାର ଯୋଷୀ, ଭରତ ଚନ୍ଦ୍ର ବାଗ, ଅୟୁବ ଖାଁ, ଶଶିଧର ଛୁରା, କେଶରମଣି ଜଗତ, ସୋନାଲୀ ସାମନ୍ତରାୟ, ସୁମିତ୍ରା ମେହେର, ସୁପ୍ରିୟା ସିଂ, ପ୍ରଶାନ୍ତ କୁମାର ଜଗତ, ଲିଙ୍ଗରାଜ ମେହେର, ଶିବପ୍ରସାଦ ମେହେର, ନବୀନ ବେହେରା, ବିଶ୍ୱମ୍ବର ମେହେର, ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବୈଷ୍ଣବ ମେହେର, କିଶୋର ଚନ୍ଦ୍ର ମେହେର, ମମିତା ପଟ୍ଟଯୋଷୀ, ଉଗ୍ରେସନ ହଂସ, ଜେମା ବଗର୍ତ୍ତୀ, ଭୁମିସୂତା ଛତ୍ରିଆ, ମାଲା ହଂସ, ତୋଫାନ ମଶ୍ରା ପ୍ରମୁଖ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

**ନୂଆପଡ଼ା, ୨୮ ।୨(ସମିସ):** ଖରିଆରରୋଡ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ବୈଜ୍ଞାନିକ ସିଭି ରମଣଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଯୋଗ ଦେଇ ଆମ ଦେଶର ବୈଜ୍ଞାନିକଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଜ୍ଞାନ ସଂଯୋଜକ ହେମନ୍ତ କୁମାର ଭୋଇ ସମଗ୍ର ଶିକ୍ଷା ବିଜ୍ଞାନର ସକାରାତ୍ମକ ଉପଯୋଗ ବିଷୟରେ ବର୍ଣ୍ଣନା କରିଥିଲେ। ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ଯୋଶୀ ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ କୁଇଜ୍, ବକ୍ତୃତା, ପୋଷ୍ଟର ତିଆରି, ବୈଜ୍ଞାନିକ ନାମକରଣ, ବିଜ୍ଞାନ ସମ୍ବନ୍ଧୀୟ ପଦାବଳୀ ବର୍ଣ୍ଣନା, ବୈଜ୍ଞାନିକ ଶବ୍ଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁଶାନ୍ତ କୁମାର ଯୋଶୀ, ତେଜ ରାଜ ଚିନ୍ଦା, ସିଦ୍ଧାର୍ଥ ଦେୱାଙ୍ଗନ, ସୀମା କୁମାରୀ ରାୟ, ସଂଘମିତ୍ରା ଜେନା ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷକ ସିଦ୍ଧାର୍ଥ ଦେୱାଙ୍ଗନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱନାଥପୁରରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା

**ଲାଞ୍ଜିଗଡ଼, ୨୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବନାଞ୍ଚଳ ପକ୍ଷରୁ ବିଶ୍ୱନାଥପୁର ରେଞ୍ଜ ଅଫିସ କାର୍ଯ୍ୟାଳୟରେ ଏସିଏଫ୍ ତଥା ବିଶ୍ୱନାଥପୁର ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝିଙ୍କ ଅଧ୍ୟକ୍ଷତାରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା ସଭା ଏବଂ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନିଶମ ଲିଡିଙ୍ଗ୍ ଫାୟାର ଫାଇଟର ଦେବରାଜ ସରକାର, ମୂଷାନାଳ ବନ ସୁରକ୍ଷା ସମିତି ସଭାପତି ମୀନକେତନ ପରିଛା ଉପସ୍ଥିତ ରହି ଜଙ୍ଗଲ ନିଆଁର କାରଣ ଓ ତାର ନିରାକରଣ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନରେଶ କୁମାର ଶବର, ଫାୟାର ଫାଇଟର ଶରତ ଚନ୍ଦ୍ର ବେହେରା, ମନୋଜ ଦଣ୍ଡିଆ, ସୁଧାଂଶୁ ଶେଖର ଦାସ, ଶିବ କିସନ ପ୍ରମୁଖ ଜଙ୍ଗଲରେ ନିଆଁ ଲାଗିଲେ କିପରି ତୁରନ୍ତ ଆୟତ କରାଯିବ ଏବଂ ବିଭିନ୍ନ ପ୍ରକାରର ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମକୁ ଏଜେୱାଇ ଟିମ୍ ଲିଡର ନିରାକାର ଦାଶ ପରିଚାଳନା କରିଥିବା ବେଳେ ଫରେଷ୍ଟର ବିଶ୍ୱନାଥପୁର ସୁରେଶ ଚନ୍ଦ୍ର ରାଉତ, ଲାଞ୍ଜିଗଡ଼ ଫରେଷ୍ଟର ଧରଣୀଧର ପଣ୍ଡା, ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝୀ, ସିକେରକୁପା ଫରେଷ୍ଟର ଭାଗିରଥି ନାଏକ, ବିଜେପୁର ଫରେଷ୍ଟର ପଦ୍ମଲୋଚନ ଶବର, ଫରେଷ୍ଟର ଚିତ୍ତରଞ୍ଜନ ବେହେରା, ମହେଶ ମହାପାତ୍ର, ସୁନୀଲ କୁମାର ଦୁର୍ଗା, ଫରେଷ୍ଟ ଗାର୍ଡ ବବୁଲୁ ନାଏକ, ଜାହ୍ନବୀ ମୁଣ୍ଡା, ଲଳିତ ନାଏକ, କର୍ମଚାରୀ ବୁଦ୍ଧିଆ ବଗର୍ତ୍ତୀ, ଯୁବରାଜ ମାଝୀ, ଏଜେୱାଇ ଟିମ୍ ଲିଡର ଅମୂଲ୍ୟ ତ୍ରିପାଠୀ, ଡିଓ ଉଦିତ କୁମାର ନାଏକ, ତୁଳାରାମ ନିଆଲ, ସନ୍ତୋଷ ମାଝୀଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନରେ ସହଯୋଗ କରିଥିଲେ।

## କୁଷ୍ଠରୋଗ ସନ୍ଦେହ ବ୍ୟକ୍ତିଙ୍କ ପ୍ରାଥମିକ ପରୀକ୍ଷଣ କର୍ମଶାଳା




**ଭବାନୀପାଟଣା, ୨୮ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଟିପିଗୁଡା ପଞ୍ଚାୟତ ସଭାଗୃହରେ କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ସମିତି (କୁଷ୍ଠ ନିରାକରଣ ବିଭାଗ) ଓ ଲେପ୍ରା ସୋସାଇଟୀ (ସ୍ୱାଭିମାନ ପ୍ରକଳ୍ପ)ଙ୍କ ମିଳିତ ଆନୁକୂଲ୍ୟରେ କୁଷ୍ଠରୋଗ ସନ୍ଦେହାସ୍ପଦ ବ୍ୟକ୍ତିଙ୍କୁ ପ୍ରାଥମିକ ପରୀକ୍ଷଣ ଏବଂ ନିଦାନ ଓ ଚିକିତ୍ସା ଲାଗି ସରକାରୀ ଡାକ୍ତରଖାନାକୁ ପ୍ରେରଣ ସମ୍ବନ୍ଧୀୟ କର୍ମଶାଳା ଟିପିଗୁଡା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହାତୀରାମ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ଧର୍ମଗଡ଼ ବ୍ଲକ ନୋଡାଲ୍ ଲେପ୍ରୋସି ୱର୍କର୍ ସୁଶାନ୍ତ କୁମାର ବେହେରା ଓ ଟିପିଗୁଡା ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ବିଷ୍ଣୁ ପ୍ରସାଦ ନାଏକ ଉପସ୍ଥିତ ରହି ଚବିଶ ଜଣ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କୁ କୁଷ୍ଠରୋଗର କାରଣ, ଲକ୍ଷଣ, ପ୍ରଭାବ ଓ ଚିକିତ୍ସା ତଥା ଏହାର ନିରାକରଣ ସମ୍ବନ୍ଧୀୟ ବିଭିନ୍ନ ବିଷୟ ବୁଝାଇବା ସହ କୁଷ୍ଠରୋଗ ସନ୍ଦେହାସ୍ପଦ ବ୍ୟକ୍ତିଙ୍କୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ପ୍ରେରଣ କରିବା ଲାଗି ଅବଗତ କରିଥିଲେ ।କର୍ମଶାଳାରେ ସରପଞ୍ଚ ହାତୀରାମ ଦୁର୍ଗା, କୁଷ୍ଠରୋଗପ୍ରତି ରହିଥିବା ଦୀର୍ଘ କାଳର ଅନ୍ଧ ବିଶ୍ୱାସ ଓ ଘୃଣାଭାବକୁ ଜନ ଜାଗରଣ ଓ ସ୍ୱାସ୍ଥ୍ୟ ସଚେତନ ଦ୍ୱାରା ହଟାଇ ଆମ ସମାଜକୁ ସମ୍ପୂର୍ଣ୍ଣ କୁଷ୍ଠ ମୁକ୍ତ କରିବା ପାଇଁ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଲେପ୍ରା ସୋସାଇଟିର କ୍ଷେତ୍ର ସଂଯୋଜକ ଶିଶିର କୁମାର ସାବତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ପ୍ରତିଯୋଗିତା

**ଭବାନୀପାଟଣା, ୨୮ ।୨(ସମିସ):** ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ବ୍ୟୁରୋ ଏବଂ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ମେରା ଯୁବା ଭାରତ କଳାହାଣ୍ଡି ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ପ୍ରତିଯୋଗିତା ନୋଡାଲ ଅଧିକାରୀ ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୧୪ ଜଣ ପ୍ରତିଯୋଗୀ (୧୮ ରୁ ୨୫ ବର୍ଷ ଯୁବକ ଯୁବତୀ) କାର୍ଯ୍ୟକ୍ରମ ପାଇଁ ପ୍ରାଥମିକସ୍ତରରେ ମେରା ଯୁବା ଭାରତ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିଥିବା ବେଳେ ଭାରତ ସରକାରଙ୍କ ନିୟମ ଅନୁଯାୟୀ ଜିଲ୍ଲାର ୯୧ ଜଣ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ଲାଗି ଚୟନ କରାଯାଇଅଛି। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଉଦ୍‌ଘାଟନ କରିବା ସହିତ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କୁଳସଚିବ ଡକ୍ଟର ଗୁଣନିଧି ନାଏକ, ସମ୍ମାନିତ ଅତିଥିରୂପେ ଉପକୁଳ ସଚିବ ମେଜର ଡ.ଜୟଦେବ ସାହୁ, ଜିଲ୍ଲା ଯୁବ ଅଧିକାରୀ, ମେରା ଯୁବା ଭାରତ, କଳାହାଣ୍ଡି, ପ୍ରସନ ମେହେର, ମିସ୍ ଚସମିତ୍ କୌର (ୟୁଥ ଆଇକନ) ପ୍ରମୁଖ ଯୋଗଦାନ କରିଥିଲେ। ଡ. ଚିତ୍ତରଞ୍ଜନ ଖୁଣ୍ଟିଆ କାର୍ଯ୍ୟକ୍ରମ ସଂଯୋଜକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୟନ୍ତ କୁମାର ଦନସନା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଡ. କୈଳାଶ ଚନ୍ଦ୍ର ଦାଶ, ଡ.ଏସ ପ୍ରିୟା, ପରମେଶ୍ୱର ମୁଣ୍ଡ, ଡ. ପ୍ରିୟ ରଞ୍ଜନ ବେହେରା, ମିସ୍ ରୋଜ୍ ମେରୀ ରଶ୍ମିତା ଏକ୍କା, ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶାଶ୍ୱତ ଦାନୀ, ଦୀପକ କୁମାର ବେହେରା, ଅଭିଷେକ, ବିଶ୍ୱ, ଅମିତ, ଲୋହିତ, ଲୋପାମୁଦ୍ରା, ଜ୍ୟୋତି, ଅର୍ଚ୍ଚନା, ସିପ୍ରା, ସୁହାନି, ବିଭୁତି, ତରୁଣ ଓ ଗଙ୍ଗୋତ୍ରି ପ୍ରମୁଖ ସହଯୋଗ କରିଥିଲେ ।କାର୍ଯ୍ୟକ୍ରମରେ ବିକଶିତ ଭାରତ ଯୁବା କନେକ୍ଟ, ଅତିରିକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ମିସ୍ ଚସମିତ୍ କୌର (ୟୁଥ ଆଇକନ) ତାଙ୍କର ବିକଶିତ ଭାରତ ୨୦୪୭ ଉପରେ ଉପସ୍ଥାପନା କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ପାଞ୍ଚ କୃତୀ ପ୍ରତିଯୋଗୀ ସୁହାନି ନାଏକ, ସ୍ମୃତି ରଥ, ଆରାଧ୍ୟା ନାୟକ, ଝାନସୀ ମିଶ୍ର ଏବଂ ଜି ଝିକଲ ଦିଗଲ ପ୍ରମୁଖ ଆସନ୍ତା ମାର୍ଚ୍ଚ ମାସରେ ବିଧାନ ସଭା ପରିସରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଶେଷରେ ଜୟନ୍ତ କୁମାର ଦନସନା ଧନ୍ୟବାଦ ଅର୍ପଣ କରିଥିଲେ।




## ହୋଲି ସ୍ପେଶାଲ ଟ୍ରେନ୍‌ରେ କେସିଙ୍ଗା ଷ୍ଟପେଜ୍ ନାହିଁ

**କେସିଙ୍ଗା, ୨୮ ।୨(ସମିସ):** ଭାରତୀୟ ରେଳ ବିଭାଗ ଦ୍ୱାରା ସାରା ଭାରତରେ ଜାତୀୟ ପର୍ବ ହୋଲିକୁ ଆଖି ଆଗରେ ରଖି ବିଭିନ୍ନ ବଡ଼ବଡ଼ ସହରରୁ ଅନେକ ସ୍ପେଶାଲ ଟ୍ରେନ ଚଳାଚଳ ପାଇଁ ନିର୍ଦ୍ଧାରିତ ହୋଇଛି। ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ। କାରଣ ଦେଶର କୋଣ ଅନୁକୋଣରେ ଥିବା ବିଭିନ୍ନ ସହରରେ ଅନ୍ୟ ରାଜ୍ୟର ଅନେକ ମଜୁରିଆ ହେଉ କିମ୍ବା ଚାକିରିଆ ହେଉ ସମସ୍ତେ କାମକରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ହୋଲି ପାଇଁ ବିଶାଖାପାଟଣାରୁ ପାଟନା ପର୍ଯ୍ୟନ୍ତ ଏକ ହୋଲି ସ୍ପେଶାଲ୍ ଟ୍ରେନ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଝାଡ଼ଖଣ୍ଡ ଦେଇ ବିହାର ରାଜଧାନୀ ପାଟନା ପର୍ଯ୍ୟନ୍ତ ଯିବ ଯାହା ରାୟଗଡ଼ା କେସିଙ୍ଗା ସମ୍ବଲପୁର ହୋଇ ଚଳାଚଳ କରିବ ଯାହାର ଟ୍ରେନ ନଂ ୦୮୫୩୭ ଓ ୦୮୫୩୮ ବୋଲି ରେଳ ବିଭାଗ ପକ୍ଷରୁ ରୁଟ ଚାର୍ଟ ବାହାରିଛି। ଯାହା ଓଡ଼ିଶାର ୯ ଟି ଷ୍ଟେସନରେ ରହିବ କିନ୍ତୁ ରୁଟ୍ ଚାଟରେ କଳାହାଣ୍ଡି ଜିଲ୍ଲାର କୌଣସି ଷ୍ଟେସନରେ ରହିବ ନାହିଁ କିନ୍ତୁ ରାୟଗଡ଼ା ଜିଲ୍ଲାର ରାୟଗଡ଼ା ଓ ମୁନିଗୁଡ଼ା ଷ୍ଟେସନରେ ରହିବ ।ଜିଲ୍ଲାର ପ୍ରମୁଖ ଷ୍ଟେସନ କେସିଙ୍ଗା ଷ୍ଟେସନରେ ମଧ୍ୟ ଗାଡ଼ି ରହିବ ନାହିଁ ସେଥିପାଇଁ ରେଳ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।କେସିଙ୍ଗା ରେଳ ଷ୍ଟେସନ ଇଷ୍ଟ କୋଷ୍ଟ ରେଲୱେ ର ସମ୍ବଲପୁର ଡିଭିଜନ ରେ ଟିକେଟ ବିକ୍ରି ପଇସା ସଂଗ୍ରହରେ ପ୍ରମୁଖ ଷ୍ଟେସନ ମଧ୍ୟରୁ ଗୋଟିଏ ହୋଇଥିବା ବେଳେ ହୋଲି ସ୍ପେଶିଆଲ ଟ୍ରେନର ରହଣି କେସିଙ୍ଗାରେ କାହିଁକି କରାଗଲା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେସିଙ୍ଗାରେ ହୋଲି ସ୍ପେଶିଆଲ ଟ୍ରେନର ଷ୍ଟପେଜ ଦେବା ପାଇଁ ଅଞ୍ଚଳର ରେଳଯାତ୍ରୀମାନେ ଦାବି କରିଛନ୍ତି।

## ଦୁଃସାହାସିକ ଜଳକ୍ରୀଡ଼ା ତାଲିମ ନେଲେ ୨ ଛାତ୍ରଛାତ୍ରୀ



**ନୂଆପଡ଼ା/କୋମନା, ୨୮ ।୨(ସମିସ):** କଟକ ମହାନଦୀରେ ଆୟୋଜିତ ହୋଇ ଯାଇଛି ୪ଦିନିଆ ଦୁଃସାହାସିକ ଜଳକ୍ରୀଡା ତାଲିମ ଶିବିର। ଶିବିରରେ ରାଜ୍ୟର ୪ଟି ଜିଲ୍ଲାର ୩ ଗୋଟି ବିଶ୍ୱବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ। ନୂଆପଡ଼ା ଜିଲ୍ଲା କୋମନା ପଞ୍ଚାୟତ ସମିତି ଡିଗ୍ରୀ କଲେଜରୁ ୩ ଜଣ ଛାତ୍ର ଛାତ୍ରୀ ଜସ୍ମିନ ସାହୁ, ହିମାଦ୍ରି ଶବର ଓ ପଦ୍ମନ ଜଗତ ସହ ଜଣେ ଅଧ୍ୟାପିକା ନଳିନୀ ସା ଯୋଗଦାନ କରିଥିଲେ ।୪ ଦିନିଆ ଶିବିରରେ ନୌକା ଚାଳନା, ସ୍କୁବା ଡ୍ରାଇଭର ଆଦି ଦୁଃସାହାସିକ ଜଳକ୍ରୀଡା ସମ୍ପର୍କରେ ତାଲିମ ପ୍ରଦାନ କରା ଯାଇଥିଲା। ତାଲିମ ସାରି କଲେଜ ଫେରିବା ପରେ ଛାତ୍ରଛାତ୍ରୀ ଓ ଅଧ୍ୟାପିକାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ।





## ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ସତସଙ୍ଗ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭବାନୀପାଟଣା, ୨୮ ।୨(ସମିସ):**ସ୍ଥାନୀୟ ଟାଉନ ହଲରେ ସ୍ୱାମୀ ମୁକୁନ୍ଦାନନ୍ଦଜୀ ମହାରାଜଙ୍କ ଲାଇଫ ଟ୍ରାନ୍ସଫର୍ମେସନର ଦୁଇ ଦିନିଆ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାମୀ ମୁକୁନ୍ଦାନନ୍ଦ, କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତ ଅଧିକାରୀ ବିବେକା ନନ୍ଦ ମହାନନ୍ଦ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ସାନମାନିୟ ଅତିଥି ଭାବେ ଯୋଗଦେଇ ଥିଲେ। ଆଧ୍ୟାତ୍ମିକ ଜ୍ଞାନ ଜୀବନରେ ସଫଳତା ପାଇଁ ଅତ୍ୟନ୍ତ ସହାୟକ ହୋଇଥାଏ ବୋଲି ସ୍ୱାମୀଜୀ ବୁଝାଇଥିଲେ। ସ୍ୱାମୀଜୀ ଜଗଦଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କର ଏକ ବରିଷ୍ଠ ପ୍ରଚାରକ ଅଟନ୍ତି। ସନାତନ ଧର୍ମର ପ୍ରକୃତ ଅର୍ଥ ସାଧାରଣ ଜୀବନରେ ତାଙ୍କ ଆବଶ୍ୟକତା, ଶାନ୍ତି ଓ ସୁଖମୟ ଜୀବନଯାପନ କରିବା ପାଇଁ ଆଧ୍ୟାତ୍ମିକ ମାର୍ଗର ଉପାଦାୟତା ଉପରେ ସ୍ୱାମୀଜୀ ଆଲୋକପାତ କରିଥିଲେ। ସ୍ୱାମୀଜୀ ବର୍ଷର ପ୍ରାୟ ୭ ମାସ ସେ ବାହାରେ ରହି ସନାତନ ଧର୍ମର ପ୍ରଚାର କରି ଚାଲିଛନ୍ତି। ଆଜିର ପ୍ରବଚନରେ ସ୍ୱାମୀଜୀ ସ୍ୱଲିଖିତ 'ଇସାବାଷ୍ୟ ଉପନିଷଦ' ଓ 'ନାରଦ ଭକ୍ତି ସୂତ୍ର'ଭଳି ଦୁଇଟି ଉପାଦେୟ ପୁସ୍ତକ ଉନ୍ମୋଚନ କରିଥିଲେ। ଆଧୁନିକ ଯୁଗର ଆବଶ୍ୟକତା ତଥା ଯୁବ ସମାଜକୁ ଏହି ମାର୍ଗରେ ଅନୁପ୍ରାଣିତ କରିବା ପାଇଁ ସ୍ୱାମୀଜୀ ବହୁ ଅନଲାଇନ କାର୍ଯ୍ୟକ୍ରମ ମାଧ୍ୟମରେ ବି ପ୍ରଚାର କରିଥାନ୍ତି। ଟାଉନ ହଲରେ ପ୍ରବଚନ କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁ ସ୍ୱାମୀଜୀଙ୍କ ପ୍ରବଚନ ଶ୍ରବଣ କରିଥିଲେ। ରାଧା ଗୋବିନ୍ଦ ଧାମର ସଭାପତି ଅଜୟ ମାଥୁର, ସମ୍ପାଦକ ଧର୍ମେନ୍ଦ୍ର ପ୍ରଧାନ, ଯୁଗ୍ମ ସଚିବ କାନ୍ଦର୍ପ ସାହୁ, କୋଷାଧ୍ୟ କୁରୁକ୍ଷେତ୍ର ବାଗ ଓ କମିଟି ମେମ୍ବର ଲିଙ୍ଗରାଜ ପ୍ରଧାନ, ଦିଲ୍ଲୀପ ପ୍ରହରାଜ, ଚିନ୍ମୟ ଗୌଡ଼ ଏବଂ ସମସ୍ତ ରାଧା ଗୋବିନ୍ଦ ଧାମର ସତସଙ୍ଗ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ।



### ମାଛ ଧରିବାକୁ ଯାଇଥିବା ବେଳେ ଜଣେ ନିଖୋଜ

# ଇନ୍ଦ୍ରାବତୀରେ ଓଲଟିଲା ଦେଶୀ ଡ଼ଙ୍ଗା



**ଥୁଆମୂଳରାମପୁର, ୨୮ ।୨(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଇନ୍ଦ୍ରାବତୀ ଜଳଭଣ୍ଡାର ନିକଟରେ ନୌକା ଅଘଟଣ ଘଟିଛି। ଶନିବାର ବ୍ରାହ୍ମଣୀଚଞ୍ଚରା ଗ୍ରାମର ହର ବେହେରୁକ, ରବି ପୁଝାରୀ ଓ ଚନ୍ଦ୍ର ବେହେରା ମାଛଧରା ଦେଶୀ ଡଙ୍ଗାରେ ମାଛ ଧରିବାକୁ ଜଳଭଣ୍ଡାର ଭିତରକୁ ପ୍ରବେଶ କରିଥିଲେ ।ସୂଚନା ଅନୁସାରେ, କୂଳ ଠାରୁ ପ୍ରାୟ ୪ କିଲୋମିଟର ଦୂରେ ଜଳଭଣ୍ଡାରର ମଝିଭାଗରେ ଥିବା ସମୟରେ ହଠାତ୍ ଡଙ୍ଗାଟି ଅସନ୍ତୁଳିତ ହୋଇ ଓଲଟି ପଡ଼ିଥିଲା। ଅଘଟଣ ପରେ ରବି ପୂଝାରୀ ଓ ଚନ୍ଦ୍ର ବେହେରା ଦୀର୍ଘ ସମୟ ପହଁରି ପହଁରି କୂଳକୁ ପହଞ୍ଚିଥିବା ବେଳେ ହର ବେହେରୁକ ନିଖୋଜ ରହିଛନ୍ତି। ଘଟଣାସମ୍ପର୍କରେ ଖବର ପାଇ ଥୁଆମୂଳରାମପୁର ପୁଲିସ, ଅତିରିକ୍ତ ତହସିଲଦାର ଏବଂ ଅଗ୍ନିଶମ ବାହିନୀର ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। କିନ୍ତୁ ଜଳଭଣ୍ଡାରର ଅଧିକ ଗଭୀରତା ଓ ବିସ୍ତୃତ ଜଳରାଶି ହେତୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ସଂଧ୍ୟା ହେବା ସହ ଆଲୋକ ଅଭାବ ହେତୁ ଆଜିର ଉଦ୍ଧାର କାର୍ଯ୍ୟ ସ୍ଥଗିତ କରାଯାଇଛି। ରବିବାର ସକାଳେ ପୁଣି ଖୋଜାଖୋଜି ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ନିଖୋଜ ମାଛଧରାଙ୍କ ପରିବାର ମଧ୍ୟରେ ଶୋକ ଓ ଉତ୍କଣ୍ଠାର ପରିବେଶ ସୃଷ୍ଟି ହୋଇଛି।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ଥୁଆମୂଳରାମପୁର, ୨୮ ।୨(ସମିସ):**କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ବ୍ଲକସଦର ମହକୁମାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତପିମଣୀ ଜାନୀ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସ୍ଥାନୀୟ ଏମ୍ଏମ୍ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂଘର ନୂତନ ସଭାପତି ପଦ୍ମ ଲୋଚନ ନାଏକ, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ପଧାନ, ସାଧାରଣ ସମ୍ପାଦକ ଅଜିତ କୁମାର ନାୟକ, କୋଷାଧ୍ୟକ୍ଷ ତପନ କୁମାର ବେହେରା, ନୋଡାଲ ସିଆର୍‌ସିସି ସୁନାଧର ମାଝୀ, କୋର୍ କମିଟି ସଦସ୍ୟ ରାମେଶ୍ୱର ନାଏକ ଓ ସୁବାଷ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ବ୍ଲକ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ସୁରେଶ ନାଏକ, ନାଗେଶ୍ୱର ନାଏକ, ଚୈତନ୍ୟ ନାଏକ, ସଭାନେତ୍ରୀ ଶିକ୍ଷୟିତ୍ରୀ ସୁକାନ୍ତି ନାଏକ, ସହ ସମ୍ପାଦିକା ଅନ୍ନପୂର୍ଣ୍ଣା ନାଏକ, ସହସମ୍ପାଦକ ଭବାନୀ ଶଙ୍କର ଗହୀର, ସଂଗ୍ରାମ କେଶରୀ ବେହେରା, କୋଷାଧ୍ୟକ୍ଷ ମାଧବ ଚରଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ମଣ୍ଡଳୀରୁ ପ୍ରଫୁଲ୍ଲ କୁମାର ମୁଣ୍ଡଛିନା, ଗଣେଶ୍ୱର ନାଏକ, ଭଜମନ ବାଗ, ଯଦୁମଣୀ ନାଏକ ଓ ଗଜେନ୍ଦ୍ର ମାଝୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଶିକ୍ଷକ ରଶ୍ମିରଞ୍ଜନ ପଟ୍ଟନାୟକ କରିଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

**କୋକସରା, ୨୮ ।୨ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଚିଲିଗୁଡାଠାରେ ଦୋଳ ପୂର୍ଣ୍ଣିମା ଅବସରରେ ରାଧାକୃଷ୍ଣ ଯାଦବ ସମାଜ ପକ୍ଷରୁ ହେବାକୁ ଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଲାଗି ଶୁକ୍ରବାର କଳସଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ପୂଜାମଣ୍ଡପରୁ ଶତାଧିକ ମହିଳା କଳସଯାତ୍ରାରେ ବାହାରି ମୁଟୁରା ନଦୀରୁ ଜଳପୂର୍ଣ୍ଣ କଳସୀ ଧାରଣ କରି ଶୋଭାଯାତ୍ରାରେ ଆସି ପୂଜାମଣ୍ଡପରେ କଳସ ସ୍ଥାପନ କରିଥିଲେ। ଷୋହଳ ପ୍ରହର ନାମଯଜ୍ଞର ପୂଜାକର୍ତ୍ତା ଲାଗି ସୁରେଶ ତାଣ୍ଡି ଓ ସପତ୍ନୀକ ମଦନା ତାଣ୍ଡି ଦାୟିତ୍ୱ ନିର୍ବାହ କରୁଛନ୍ତି। ଷୋହଳ ପ୍ରହର ନାମଯଜ୍ଞରେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ସଂକୀର୍ତ୍ତନ ଗାୟିକା ଜ୍ୟୋସ୍ନାମୟୀ ଦୀକ୍ଷିତ, ରଞ୍ଜିତା ପୋଢ଼, ଛତିଶଗଡ଼ ରାଜ୍ୟର ଗାୟକ ନିଲୁ ଧଙ୍ଗଡ଼ାମାଝୀ, ଅଚ୍ୟୁତାନନ୍ଦ ଶତପଥୀ, ଅରୁଣ ଗହୀର, ନୃସିଂହ ବାଗ, ଜୟରାମ ଶବର, ସୁଧୀର ବେମାଲ ପ୍ରମୁଖ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହେବେ। ସୋମବାର ସକାଳେ ସମାପନ ହେବାକୁ ଥିବା ବେଳେ ଦହିହାଣ୍ଡି ଭଞ୍ଜନ ସହ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ହେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଛତିଶଗଡ଼ ସୀମାନ୍ତରେ ଟଙ୍କା ଓ ମାଓ ସାମଗ୍ରୀ ଜବତ




**ନୂଆପଡ଼ା, ୨୮ ।୨(ସମିସ):** ଛତିଶଗଡ଼ ରାଜ୍ୟ ସୀମାନ୍ତ ପୁଲିସକୁ ବଡ ଧରଣର ସଫଳତା ମିଳିଛି । ମାଓବାଦୀମାନେ ଲୁଚାଇ ରଖିଥିବା ୪୬ ଲକ୍ଷ ୩୧ ହଜାର ଟଙ୍କା ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି । ଛତିଶଗଡ଼ ରାଜ୍ୟ ମେନପୁର ଥାନା ବଡଗୋବରା ଓ ସାପଘାଟି ଜଙ୍ଗଲରେ ମାଓବାଦୀମାନେ ଲୁଚାଇ ରଖିଥିବା ୪୬ ଲକ୍ଷ ୩୧ ହଜାର ଟଙ୍କା ଓ ବିପୁଳ ପରିମାଣର ମାଓ ସାମଗ୍ରୀ ବିଶେଷ କରି ବନ୍ଧୁକ, ଗୁଳି, ମାଓ ପୋଷାକ ଆଦି ସାମଗ୍ରୀ ଜବତ ହୋଇଛି । ମାଓବାଦୀମାନେ ଲୁଚାଇ ରଖିଥିବା ଦୁଇଟି ସ୍ଥାନରୁ ଟଙ୍କା ଓ ମାଓ ସାମଗ୍ରୀ ଜବତ ହୋଇଛି । ଏଯାଏ ମାଓବାଦୀମାନେ ଲୁଚାଇ ରଖିଥିବା ୧କୋଟି ୮ ଲକ୍ଷ ଟଙ୍କା ଜବତ କରିଛି ଛତିଶଗଡ଼ ସୁରକ୍ଷା ବାହିନୀ ବୋଲି ମାଓ ଅପରେସନ ଗରିଆ ବନ୍ଧ ଏସ୍‌ପି ଧୀରେନ୍ଦ୍ର ପଟେଲ ସୂଚନା ଦେଇଛନ୍ତି ।

**ବିନା କାଗଜପତ୍ରରେ ଅନାଥ ଶିଶୁକୁ ହସ୍ତାନ୍ତର ପ୍ରସଙ୍ଗ**

# ୩ ଜଣଙ୍କ ବିରୋଧରେ ମାମଲା

**ଭବାନୀପାଟଣା, ୨୮ ।୨(ସମିସ)**

ପୋଷ୍ୟପୁତ୍ର ଗ୍ରହଣ ପରମ୍ପରା ଦୀର୍ଘଦିନରୁ ରହି ଆସିଛି । କିନ୍ତୁ ଆଶ୍ରମ ଦାୟିତ୍ୱରେ ଥିବା ଶିଶୁକୁ ଅନ୍ୟ ହାତରେ ଟେକିଦେବା ଭଳି ସଙ୍ଗୀନ ଘଟଣା ହଜମ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି ।ସରକାରୀ ନିୟମକାନୁନକୁ ବେଖାତିର କରି ଅସହାୟ ଶିଶୁଙ୍କୁ ଥଇଥାନ କରାଯାଉଥିବା ଆଶ୍ରମ ଶିଶୁଙ୍କୁ ବାହାରେ ହସ୍ତାନ୍ତର କରି ଦିଆଯାଉଛି । ଏଭଳି ଏକ ଚାଞ୍ଚଲ୍ୟକର ଘଟଣା କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଗମ୍ଭାରି ଗୁଡା ସ୍ଥିତ ଯଶୋଦା ଆଶ୍ରମରେ ଦେଖିବାକୁ ମିଳିଛି ।ସୂଚନା ପାଇ ଶିଶୁ ମଙ୍ଗଳ ସମିତି( ସିଡବ୍ଲ୍ୟୁସି) ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଏତଲା ଦିଆଯାଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁସାରେ, ଯଶୋଦା ଆଶ୍ରମସ୍ଥିତ ପୋଷ୍ୟସନ୍ତାନ ସଂସ୍ଥାରୁ ଜଣେ ଶିଶୁକୁ ସେଠାକାର ପୋଷ୍ୟସନ୍ତାନ ଦାୟିତ୍ୱରେ ଥିବା କର୍ମଚାରୀମାନେ ଭବାନୀପାଟଣା ଇରିଗେସନ କଲୋନିସ୍ଥିତ ଜଣେ ଦମ୍ପତିଙ୍କୁ ହସ୍ତାନ୍ତର କରିଦେଇଥିବା ନେଇଁ ଶୁକ୍ରବାର ରାତିରେ ଜଣାପଡ଼ିଥିଲା । ତେବେ କୌଣସି ଶିଶୁକୁ ପୋଷ୍ୟ ଭାବେ ସ୍ଥାନାନ୍ତର କରାଯିବା ପୂର୍ବରୁ ସରକାରଙ୍କ ପ୍ରଦତ୍ତ ନିୟମର ଅନୁପାଳନ କରାଯିବା ଆବଶ୍ୟକ ରହିଥାଏ । କେବଳ ସେତିକି ନୁହେଁ ବରଂ ଶିଶୁକୁ ଯେଉଁ ଅଭିଭାବକଙ୍କୁ ହସ୍ତାନ୍ତର କରାଯିବ ସେମାନଙ୍କ ସମ୍ପର୍କରେ ଛାନଭିନ୍ ସହିତ ଏକ ସୋସିଆଲ ଷ୍ଟଡି ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ । ଏହାପରେ 'କାରା' ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର ପୋଷ୍ୟ ନିୟମର ଅନୁପାଳନ ହେବା ପରେ ଜିଲା ମାଜିଷ୍ଟ୍ରେଟ ତାକୁ ମଞ୍ଜୁର କରିଥାନ୍ତି ଓ ତାହା ପରେ ଯାଇ ଶିଶୁକୁ ନୂତନ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଏ । କିନ୍ତୁ ଏହି ଘଟଣାରେ ଆଶ୍ରମର କର୍ମଚାରୀ ଶିଶୁ ମଙ୍ଗଳ ସମିତିରେ ଉକ୍ତ ଶିଶୁକୁ ଉପସ୍ଥାପନ କରାଯାଇ ନଥିବା ବେଳେ ଜିଲା ଶିଶୁ ସୁରକ୍ଷା ବିଭାଗକୁ ବି କୌଣସି ସୂଚନା ପ୍ରଦାନ କରାଯାଇନଥିଲା । ଯାହାକି କିଶୋର ନ୍ୟାୟ ଅଧିନିୟମ ୨୦୧୫ର ଧାରା ୮୦କୁ ମଧ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି । ଆଶ୍ରମ କର୍ତ୍ତୃପକ୍ଷ ଲୁଚାଚୋରାରେ ଉକ୍ତ ଶିଶୁକୁ କାହିଁକି ହସ୍ତାନ୍ତର କଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେପଟେ, ଟଙ୍କା ଲୋଭରେ ଆଇନଗତ ପ୍ରକ୍ରିୟା ଏଡ଼ାଇ ଶିଶୁଟିକୁ ବିକ୍ରି କରିଦିଆଯାଇଥିବା ନେଇ ମଧ ଅଭିଯୋଗ ହେଉଛି । ତମାମ ଘଟଣା ପରେ ଶିଶୁ ମଙ୍ଗଳ ସମିତିର କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଶିଶୁକୁ ଉଦ୍ଧାର କରିବା ପରେ ରେଳ ଷ୍ଟେସନ ଯିବା ରାସ୍ତାରେ ଥିବା ବାଲାଶ୍ରମ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ହସ୍ତାନ୍ତର କରିଥିଲେ । ଏ ନେଇ ସିଡବ୍ଲ୍ୟୁସିର ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି ଯଶୋଦା ଆଶ୍ରମର ପରିଚାଳକ ଶ୍ୟାମ ସୁନ୍ଦର ଜାଲ ଓ ଇରିଗେସନ କଲୋନୀର ଦମ୍ପତିଙ୍କ ନାମରେ ଟାଉନ ଥାନାରେ ଏତଲା କରିଥିଲେ । ପରେ ଟାଉନ ଥାନା ପୋଲିସ ଉପରୋକ୍ତ ୩ ଜଣଙ୍କ ନାମରେ ମାମଲା ନଂ ୭୫/୨୭ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ପ୍ରକାଶ କରିଛନ୍ତି ।

# ଜିଲ୍ଲାସ୍ତରୀୟ ସାରସ୍ୱତ ଫଗୁଣ ରାଗ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୮ ।୨(ସମିସ):** ଶବ୍ଦର ରଙ୍ଗ ସତ୍ୟ-ଶିବ-ସୁନ୍ଦର ହେତୁ ସାହିତ୍ୟ ମାନବିକତା ମଖାଏ । ସାହିତ୍ୟର ରାଗ ଜୀବନ ଛୁଏଁ ବୋଲି ଯେତିକି ବିଭୋର କରେ ସେତିକି ସଂସ୍କାର ଦିଏ । ପୁଣି ସାହିତ୍ୟ ମା' ଭଳି ସ୍ନେହଫଗୁ ବୋଲି ଦେଇ ସତ୍-ଚିତ୍-ଆନନ୍ଦ ମନ୍ତ୍ର ତୋଳେ ବୋଲି ଜିଲ୍ଲା ସ୍ତରୀୟ ସାରସ୍ୱତ କାର୍ଯ୍ୟକ୍ରମ 'ଫଗୁଣ ରାଗ'ପାଳନ ଅବସରରେ କବିଗଣ ମତ ଦେଇଥିଲେ । ଭବାନୀପାଟଣାସ୍ଥ ସ୍ୱାମୀ ଶିବାନନ୍ଦ ବାଳ ବିକାଶ କେନ୍ଦ୍ର ପରିସରରେ ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୨୯ ସଂଖ୍ୟକ ଏଇ ସାହିତ୍ୟ ଆସରରେ କବି ଅଶୋକ କୁମାର ଖମାରୀ ପୌରୋହିତ୍ୟ କରିଥିବା ବେଳେ କବୟିତ୍ରୀ ସବିତା ଶତପଥୀ ଅତିଥି ବକ୍ତା ଭାବେ ମଞ୍ଚାସୀନ ହୋଇଥିଲେ ।ଶିଳ୍ପୀ ଦୀପ୍ତି ମୁଣ୍ଡ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ ।




ଯୁବକବି ଆଶୁତୋଷ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କବି ସାଗର ବୈଠାରୁ, ଆନନ୍ଦିନୀ ପାତ୍ର, ପି. ମୋହନ ରାଓ ପାତ୍ର, ପ୍ରତାପ ପଣ୍ଡା, ଧର୍ମେନ୍ଦ୍ର ମୁଣ୍ଡ, ଶ୍ୟାମଘନ ସାହୁ, ମଳୟ କୁମାର ପଣ୍ଡା, ରଚିତା ମେହେର, କିଶୋର ମହାନନ୍ଦ, ଶିବଶକ୍ତି ପୁରୋହିତ, ରମେଶ ସେନାପତି, ଆଶୁତୋଷ ପୁରୋହିତ, ମକୁନ୍ଦ ନାଏକ, ସୁଜାତା ପଟ୍ଟନାୟକ ପ୍ରମୁଖ ସ୍ୱରଚିତ ଫଗୁଣ କବିତାବୃତ୍ତି କରିଥିଲେ । ଯୁବପ୍ରତିଭା ପ୍ରତାପ ଚନ୍ଦ୍ର ପଣ୍ଡା ବନ୍ଦେ ମାତରମ୍ ଗାନ କରିଥିବାବେଳେ ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର



**ଗୋଲାମୁଣ୍ଡା, ୨୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନକଟିକାନୀ ପାତିଆଲପଡ଼ା ନିକଟରେ ସିଆରପିଏଫ ଓଡ଼ିଶା ସେକ୍ଟର ନିର୍ଦ୍ଦେଶକଙ୍କ ଦ୍ୱାରା ସିଆରପିଏଫ ଇନ୍ସପେକ୍ଟର ସୁଧୀରାମ ଜେନାଙ୍କ ତତ୍ତ୍ୱାବଧାନରେ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସିଇଓ କାମାଣ୍ଡାଣ୍ଟ ଏନ.କେ କେ ପ୍ରସାଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅଞ୍ଚଳର ବିଭିନ୍ନ ମହିଳା ସଂଗଠନ, ଛାତ୍ରଛାତ୍ରୀ, ଯୁବକଯୁବତୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ । ମହିଳାମାନେ ସ୍ୱାବଲମ୍ବୀ ହେବା ପାଇଁ ସିଲେଇ ମେସିନ, ଅଗରବତୀ ତିଆରି ଯନ୍ତ୍ର, ବଣ୍ଟନ କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଖେଳ ଉପକରଣ ଯଥା ବ୍ୟାଟ ବଲ, ବ୍ୟାଡ଼ ମିଣ୍ଟନ, ଭଲି ବଲ ଇତ୍ୟାଦି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଯବାନମାନଙ୍କ ସହିତ ଅଞ୍ଚଳବାସୀ ମୁଖ୍ୟ ଅତିଥିଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ସହ ସମ୍ମାନିତ ଅତିଥି ଭାବରେ ଗୋଲାମୁଣ୍ଡା ଏସବିଆଇ ଶାଖା ପରିଚାଳକ ସୁଧାଂଶୁ ମିଶ୍ର ନକଟିକାନୀ ସରପଞ୍ଚ ସାବେତ୍ରୀ ମାଝୀ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ଆଇନଜୀବୀ କୁବେର ଚନ୍ଦ୍ର ସାହୁଙ୍କ ପରଲୋକ

**ଧର୍ମଗଡ଼, ୨୮ ।୨(ସମିସ):** ଧର୍ମଗଡ଼ ଅଞ୍ଚଳର ବରିଷ୍ଠ ଆଇନଜୀବୀ କୁବେର ଚନ୍ଦ୍ର ସାହୁଙ୍କ ୫୮ ବର୍ଷ ବୟସରେ ଶନିବାର ସକାଳେ ପରଲୋକ ହୋଇଯାଇଛି । ଅସୁସ୍ଥତା କାରଣରୁ ତାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣା ଯାଇ ଟ୍ରେନ ଯୋଗେ ଫେରିବା ସମୟରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି ।ତାଙ୍କ ଶବ ଧର୍ମଗଡ଼ ରେ



ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ମହାସଂଘ କଳାହାଣ୍ଡି ଓ ଟିଟଲାଗଡ଼ ସବ ଡିଭିଜନର ଜିଲ୍ଲା ସଭାପତି ଥବିର ପ୍ରସାଦ ସାହୁ, ଧର୍ମଗଡ଼/ଜୁନାଗଡ଼ ବ୍ଲକ ଆଞ୍ଚଳିକ କମିଟିର ସଭାପତି ବିଦ୍ୟାଧର ସାହୁ, ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ, ଆଇନଜୀବୀ ସମିର କୁମାର ମୁଣ୍ଡ, ବିଜୁ ଜନତା ଦଳର ବ୍ଲକ ସଭାପତି ଡାକେଶ୍ୱର ଲହଜଲ, ବରିଷ୍ଠ ନାଗରିକ ସଂଘର ସଦସ୍ୟ ଲବରାମ ସରାଫ ଓ ଆ ।ୀୟ ସ୍ୱଜନମାନେ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥଲେ । ତାଙ୍କର ପୈତୃକ ଗ୍ରାମ ମକ୍ରାଗୁଡା ଗ୍ରାମରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ପୁଅ ରିତେଶ ମୁଖାଗ୍ନି ଦେଇଥିଲେ । ଧର୍ମଗଡ଼ ଓକିଲ ସଂଘ ପକ୍ଷରୁ ଶୋକସଭା କରାଯାଇଅଛି । ଓକିଲ ସଂଘର ସଭାପତି କୃପାସିନ୍ଧୁ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶୋକ ସଭାରେ ସମ୍ପାଦକ ବସନ୍ତ କୁମାର ଠାକୁର, ବରିଷ୍ଠ ଆଇନଜୀବୀ ଚିନ୍ତାମଣି ପାତ୍ର, ସନ୍ତୋଷ କୁମାର ପାତ୍ର, ତୁଷାର ରଞ୍ଜନ ପଟ୍ଟଯୋଶୀ, ଥବିର ପ୍ରସାଦ ସାହୁ, ଭବାନୀ ଶଙ୍କର ପଣ୍ଡା, ଆଶୁତୋଷ ପାତ୍ର, ସୁମନ୍ତ ପଣ୍ଡା, ଭବାନୀ ଦାସ, ସୁବାସ ପାଣିଗ୍ରାହୀ, ଦିଗାମ୍ବର ଦୁରିଆ, ମିହିର ପଟ୍ଟଯୋଶୀ, ବିନୋଦ ନାଏକ, ଅଜିତ କୁମାର ସାହୁ, ଅବିନାଶ ପଟ୍ଟଯୋଶୀ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ପୂର୍ବକ ତାଙ୍କର ଆତ୍ମାର ସଦଗତି କାମନା କରିଥଲେ ।

# ମରାମତି ହେଲା ଅଚଳ ସୌର ଚାଳିତ ପ୍ରକଳ୍ପ

**କୋକସରା, ୨୮ ।୨(ସମିସ):** କୋକସରା ବ୍ଲକ ଆମପାଣି ପଞ୍ଚାୟତର ଉପାନ୍ତ ଆନ୍ଦୀଝରନରେ ଗ୍ରାମରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ଗୋଟିଏ ନଳକୂପ ଦିର୍ଘ ଦିନରୁ ଅଚଳହୋଇ ପଡ଼ି ରହିଥିଲା । ଯାହା ଫଳରେ ସେଠାରେ ପାନୀୟ ଜଳ ସଂକଟ ଦେଖାଦେଇଥିଲା । ଆନ୍ଦୀଝରନ ବାସିନ୍ଦା ଏ ବିଷୟରେ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନଥିଲେ । ଏନେଇ ଗତ ୨୬ ତାରିଖରେ'ସକାଳ'ରେ ଆନ୍ଦିଝରନରେ ପାନୀୟ ଜଳ ସଂକଟ 'ବର୍ଷେ ହେଲା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ' ହୋଇଥିବା ନେଇ ଖବର ପାଇଥିଲା । ଫଳସ୍ୱରୂପ ଶନିବାର ଆନ୍ଦିଝରନ ଗ୍ରାମରେ ସମ୍ପୃକ୍ତ ବିଭାଗର କର୍ମଚାରୀ ପହଞ୍ଚି ଅଚଳ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ନଳକୂପକୁ ମରାମତି କରି ସଚଳ କରିଛନ୍ତି । ବର୍ତ୍ତମାନ ପଡ଼ାରେ ପାନୀୟ ଜଳ ସଂକଟ ଦୂର ହେଇଥିବାରୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସମେତ ଦୈନିକ 'ସକାଳ'କୁ ଆନ୍ଦୀଝରନବାସିନ୍ଦା ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

**'ସକାଳ' ପ୍ରଭାବ**



# କର୍ଲାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା, ୨୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମୋନୋଜ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋପମଣି ସାହୁ, ଯୋଗଦେଇଥିବା ବେଳେ ରେଙ୍ଗାଲି ସିଆରସିସି ଉଜ୍ୱଳ କୁମାର ସାହୁ, ରତନଭୋଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, କର୍ଲାମୁଣ୍ଡା ସିଆରସିସି ପ୍ରସନ୍ନ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥିଗଣ ଛାତ୍ରଛାତ୍ରୀଙ୍କ ସାମଗ୍ରିକବିକାଶ ତଥାଏକ ଭଲ ମଣିଷ ଗଢ଼ି ତୋଳିବାରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରଧାନଶିକ୍ଷକ ଶ୍ରୀ ମିଶ୍ର ସ୍ୱାଗତ ଓ ବିବରଣୀ ପଠନ କରିଥିଲେ । ସହକାରୀ ଶିକ୍ଷକ ସଞ୍ଜୟ ସେନାପତି ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ।ପୂର୍ବରୁ ଆୟୋଜିତ ହେଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ସୁଶୀଲ ରଣା, କିଶୋର ଚନ୍ଦ୍ର ଭୋଇ, ତୁଳାମତି ସାହୁ, ଜୟନ୍ତୀ ପୋଡ଼, ରାଉତ ସୁନା ପ୍ରମୁଖ ସହଯୋଗ କରିଥିଲେ ।

**ବିକାଶ ଗ୍ରୁପର ଭି ଫେଷ୍ଟ ୪.୦ ଉଦ୍‌ଯାପିତ**

# ତୃତୀୟ ଦିନରେ ଚମକିଲେ ଖେଳାଳି

**ଭବାନୀପାଟଣା, ୨୮ ।୨ (ସମିସ):** ଭବାନୀପାଟଣାସ୍ଥିତ ଲକ୍ଷ୍ମୀ ବିକାଶ ହାୟର ଏଡୁକେସନାଲ୍ ଇନ୍‌ଷ୍ଟିଟ୍ୟୁସନ୍ସ ରେ ଚାଲିଥିବା ଭି ଫେଷ୍ଟର ଉଦ୍‌ଯାପନୀ ଦିନରେ ଭଲିବଲ୍, ବ୍ୟାଡମିଣ୍ଟନ୍, ଖୋଖୋ, ଟଗ୍ ଅଫ୍ ୱାର୍, ଫ୍ରି ଫାୟାଙ୍ଗର୍, ଥ୍ରୋ ବଲ୍ ଓ କବାଡ଼ି ପରି ବିଭିନ୍ନ କ୍ରୀଡା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କ୍ରୀଡା କାର୍ଯ୍ୟକ୍ରମକୁ ଅଧ୍ୟାପକ କୁମାର ମନ୍ଥନ ସାହୁ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ମିଳିତ ଭାବେରେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଏଲ୍‌ଭିଜିଆଇର ନିର୍ଦ୍ଦେଶକ ଡି. ଶ୍ୟାମ, ଡି. ରାମ କୁମାର, ଏକାଡେମିକ୍ ଇନ୍‌ଚାର୍ଜ୍ ଡି. ବିଜୟା, ପରିଚାଳନା ମଣ୍ଡଳୀର ସଦସ୍ୟା ଡି. ପଦ୍ମିନୀଙ୍କ ସହିତ ସମସ୍ତ ଅଧକ୍ଷ ଉପସ୍ଥିତ ରହି ସମସ୍ତ ବିଜେତାଙ୍କୁ ସମ୍ମାନିତ କରିଥିଲେ । ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ତିନି ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ର ଅଧକ୍ଷ ଗଣ ଯୁବରାଜ ନାୟକ, ଡ.ସୁଦୀପ୍ତ ଜନ, ଡ. ଆଦିତ୍ୟ ପଟ୍ଟନାୟକ, ଡ. ଗୋପୀନାଥ, ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।



# ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଲାଇଫ ଟ୍ରାନ୍ସମେସନ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୮ ।୨(ସମିସ):** ସ୍ୱାମୀ ଶ୍ରୀ ମୁକୁନ୍ଦାନନ୍ଦଜୀ ମହାରାଜଙ୍କ ଦୁଇ ଦିନିଆ ଲାଇଫ ଟ୍ରାନ୍ସମେସନ କାର୍ଯ୍ୟକ୍ରମ ଭବାନୀପାଟଣା ଟାଉନ୍ ହଲରେ ଆୟୋଜିତ ହୋଇଥିଲା । ୨୭ ତାରିଖ ପ୍ରଥମ ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକା ନନ୍ଦ ମହାନନ୍ଦ ଓ ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠି ଅତିଥି ଭାବରେ ଯୋଗ ଦେଇ ସ୍ୱାମୀଜୀଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସ୍ୱାମୀଜୀ ସ୍ୱ ଲିଖିତ 'ଇସାବାଷ୍ୟ ଉପନିଷଦ' ଓ 'ନାରଦ ଭକ୍ତି ସୂତ୍ର' ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଆଧ୍ୟାତ୍ମିକ ଜ୍ଞାନ ଜୀବନରେ ସଫଳତା ପାଇଁ ଅତ୍ୟନ୍ତ ସହାୟକ ହୋଇଥାଏ । ଏହା ସ୍ୱାମୀଜୀ ତାଙ୍କ ପ୍ରବଚନରେ ବୁଝାଇଥିଲେ । ସ୍ୱାମୀଜୀ ଜଗଦଗୁରୁ ଶ୍ରୀ କୃପାଲୁଜୀ ମହାରାଜଙ୍କର ଏକ ବରିଷ୍ଠ ପ୍ରଚାରକ ଅଟନ୍ତି । ସନାତନ ଧର୍ମର ପ୍ରକୃତ ଅର୍ଥ ସାଧାରଣ ଜୀବନରେ ତାଙ୍କ ଆବଶ୍ୟକତା, ଶାନ୍ତି ଓ ସୁଖମୟ ଜୀବନ ଯାପନ କରିବା ପାଇଁ ଆଧ୍ୟାତ୍ମିକ ମାର୍ଗର ଉପାଦାୟତା ଉପରେ ଆଲୋକପାତ କରିଥିଲେ । ଆଜି ଦ୍‌?ତୀୟ ସନ୍ଧ୍ୟା ରେ ଭବାନୀପାଟଣା ତହସିଲଦାର କ୍ଷିରୋଦ ନାଗ ଅତିଥି ଭାବେ ଯୋଗ ଦେଇଥିଲେ । ରାଧା ଗୋବିନ୍ଦ ଧାମ ଭବାନୀପାଟଣାର ସଭାପତି ଅଜୟ ମାଥୁର, ସମ୍ପାଦକ ଧର୍ମେନ୍ଦ୍ର ପ୍ରଧାନ, ଯୁଗ୍ମ ସଭାପତି କନ୍ଦର୍ପ ସାହୁ, କୋଷାଧ୍ୟକ୍ଷ କୁରୁକ୍ଷେତ୍ର ବାଗ, ସଦସ୍ୟ ଲିଙ୍ଗରାଜ ପ୍ରଧାନ, ଦିଲ୍ଲୀପ ପ୍ରହରାଜ, ଚିନ୍ମୟ ଗୌଡ଼ ଏବଂ ସମସ୍ତ ରାଧା ଗୋବିନ୍ଦ ଧାମର ସତସଙ୍ଗି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ । ଦୁଇ ଦିନ ଧରି ଶହ ଶହ ଶ୍ରଦ୍ଧାଳୁ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମକୁ ଶ୍ରବଣ କରିଥିଲେ ।

# ଅବସର ନେଲେ କମର୍ଦ୍ଧା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ

**ଲାଞ୍ଜିଗଡ଼, ୨୮ ।୨(ସମିସ):** ଲାଞ୍ଜିଗଡ଼ ବ୍ଲକ କମର୍ଦ୍ଧାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ମିଶ୍ର ଶନିବାର ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଶ୍ରୀମତୀ ମିଶ୍ର ଅବସର ନେବା ଅବସରରେ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଅବସରକାଳୀନ ସମସ୍ତ କାଗଜାତ ଓ ଫାଇନାଲ ପେନସନ ସମ୍ପର୍କିତ ଦସ୍ତାବେଜ ହସ୍ତାନ୍ତର କରାଯାଇଥିଲା । ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବିଶ୍ୱନାଥପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଋଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ରହି କାଗଜାତ ହସ୍ତାନ୍ତର କରିଥିଲେ । ଏହାପରେ ଶ୍ରୀମତୀ ମିଶ୍ରଙ୍କ ଉଦ୍ଦେଶ୍ୟରେ ସ୍କୁଲ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ମସ୍କାଗୁଡା କ୍ଲଷ୍ଟର ସଂଯୋଜକ ପ୍ରକାଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍କୁଲ ପରିଚାଳନା କମିଟି ଓ ସହକର୍ମୀମାନଙ୍କ ସହିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏହାପରେ ଲାଞ୍ଜିଗଡ଼ ରୋଡ଼ସ୍ଥିତ ବାସଭବନକୁ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ ।ଏହାପରେ ଲାଞ୍ଜିଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ କୁମାର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ, ଲାଞ୍ଜିଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଏମ. ସୁନ୍ଦର ଶେଖର, ବରିଷ୍ଠ ନାଗରିକ ଟି. ଆପଲା ରାଜୁ, ଦୀପକ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ଟଙ୍କଧର ମାଝୀ, ଶ୍ରୀମତୀ ମିଶ୍ରଙ୍କ ସ୍ୱାମୀ ମନୋଜ କୁମାର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ରାଉତ ପରିବାରର ଅନ୍ୟତମ ସଦସ୍ୟ ପ୍ରବୀଣ କୁମାର ରାଉତ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ ।

**ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା**

# ଆମେ ବିଜ୍ଞାନକୁ ନ ଖୋଜିଲେ ବି ବିଜ୍ଞାନ ଆମକୁ ଖୋଜେ

**ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ଓ ଷ୍ଟେମ୍ ପ୍ରଦର୍ଶନୀ**

**ଭବାନୀପାଟଣା, ୨୮ ।୨(ସମିସ)**

ଆମ ଜୀବନର ପ୍ରତିଟି କ୍ଷଣରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମେ ବିଜ୍ଞାନକୁ ଖୋଜୁ କି ନଖୋଜୁ, ବିଜ୍ଞାନ ଆମକୁ ନିଶ୍ଚୟ ଖୋଜେ । ଆମେ ବିଜ୍ଞାନକୁ ନିୟନ୍ତ୍ରଣ କରିବା ଜରୁରୀ, ତେବେ କେତେକ କ୍ଷେତ୍ରରେ ବିଜ୍ଞାନ ଆମକୁ ନିୟନ୍ତ୍ରଣ କରିବା ଏକ ଚିନ୍ତାଜନକ ବିଷୟ ବୋଲି କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍ ମତବ୍ୟକ୍ତ କରୁଛନ୍ତି । ସ୍ଥାନୀୟ ଓୟୁଏଟି ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ଓ ଷ୍ଟେମ୍ ପ୍ରଦର୍ଶନୀ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ରାଇଜିଂ ଫାଉଣ୍ଡେସନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନିପୁଣ ଓଡ଼ିଶା ମୁଖ୍ୟ ସଂଯୋଜକ ଅମରଜିତ୍ ଜେନା, ଭବାନୀପାଟଣା ଓୟୁଏଟିର ଡିନ୍ ପ୍ରଫେସର ସନ୍ଦୀପ୍ତ ନାୟକ, ଓଡ଼ିଶା ରାଇଜିଂ ଫାଉଣ୍ଡେସନର ନିର୍ଦ୍ଦେଶକ ସିଏଚ ଐଶ୍ୱ୍ୟ ପ୍ରକାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ ଓ ତପିମଣି ଜାନୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅତିଥିମାନେ ବାର୍ଷିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ମାଣିକ୍ୟ' ଉନ୍ମୋଚନ କରିବା ସହ ଷ୍ଟେମ୍ ପ୍ରଦର୍ଶନୀ-୨୦୨୬ ଉଦ୍‌ଘାଟନ କରିଥିଲେ । ସଭା ପରିଚାଳନା କରିଥିଲେ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା ଓ ଶିକ୍ଷୟିତ୍ରୀ ଗାୟତ୍ରୀ କରୁଆଁ । ଅତିଥି ଓ ବିଚାରକମାନେ ପ୍ରଦର୍ଶନୀ ପରିଦର୍ଶନ କରିବା ସହ ଶିଶୁ ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିଥିଲେ । ଶିକ୍ଷୟିତ୍ରୀ ଦୀପ୍ତିମୟୀ ସିଂହଙ୍କ ନିର୍ଦ୍ଦେଶନାରେ ଥୁଆପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ବିଜ୍ଞାନ ନାଟକ 'ଅଗ୍ନିପୁତ୍ରି' ପରିବେଷଣ କରିଥିଲେ । ଶିକ୍ଷକମାନଙ୍କ ସହ ମୁକ୍ତ ଆଲୋଚନା ଅଧିବେଶନକୁ ଶୁଭଲକ୍ଷ୍ମୀ ଦାଶ ଓ ଅଙ୍କିତା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବରଗଡ଼ ଜିଲ୍ଲାର ଶିକ୍ଷକ ଧର୍ମରାଜ ପ୍ରଧାନ ଓ ଟଙ୍କଧର ପ୍ରଧାନ, ନୂଆପଡ଼ା ଜିଲ୍ଲାର ଶିକ୍ଷକ ଅଶୋକ କୁମାର ବେହେରା ଓ କଳାହାଣ୍ଡିର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ଅଂଶଗ୍ରହଣ କରିଥିଲେ । ଧର୍ମରାଜ ପ୍ରଧାନ ଓ ସମୀର କୁମାର ବେହେରା ଓରିଗାମି କର୍ମଶାଳା ପରିଚାଳନା କରିଥିଲେ । ଶିକ୍ଷକ ତେଜେଶ୍ୱର ସାହୁ ଓ ଶିକ୍ଷୟିତ୍ରୀ ଲୋଟସ୍ ତ୍ରିପାଠୀଙ୍କ ପରିଚାଳନାରେ ଜାତୀୟସ୍ତରରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଶିକ୍ଷାର୍ଥୀ ଶୁଭଲକ୍ଷ୍ମୀ ସାହୁ ଓ ଆଶୁତୋଷ ମେହେର ନିଜର ଅନୁଭୂତି ଉପସ୍ଥାପନ କରିଥିଲେ ।ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀଙ୍କ ଦ୍ୱାରା ଜିଲ୍ଲା ବିଜ୍ଞାନ ଫୋରମ୍ ଗଠନ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଓଡ଼ିଶା ରାଇଜିଂ ଫାଉଣ୍ଡେସନର ନିର୍ଦ୍ଦେଶକ ସିଏଚ ଐଶ୍ୱ୍ୟ ପ୍ରକାଶ, କାର୍ଯ୍ୟକ୍ରମ ମୁଖ୍ୟ ସାଗରିକା ରୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ଓ ହେମସାଗର ମହାନନ୍ଦ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ-ପ୍ରଶିକ୍ଷକ ନିହାରିକା ଦେବୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ଶ୍ୱେତାଲିନ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଯୋଜକ ବୀରେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।



**ପଲସାପଡ଼ା ଅଙ୍ଗନବାଡି ସହାୟିକା ଜାତିପ୍ରଥା ପ୍ରସଙ୍ଗ**

# ଗ୍ରାମବାସୀଙ୍କ ସହ ପ୍ରଶାସନର ଆଲୋଚନା ବିଫଳ

**ସିନାପାଲି, ୨୮ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନୂଆପଡ଼ା ପଞ୍ଚାୟତ ପଲସାପଡ଼ା ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି ସହାୟିକା ଜାତିପ୍ରଥା ଘଟଣାରେ ନୂଆପଡ଼ା ଉପଜିଲ୍ଲାପାଳ ସୁର୍ମି ସୋରେନଙ୍କ ନେତୃତ୍ୱ ରେ ଏକ ଟିମ୍ ଉକ୍ତ ଗ୍ରାମକୁ ଯାଇଥିଲା । ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ବେଳେ ଜିଲ୍ଲା ପ୍ରଶାସନର କଥାକୁ ଗ୍ରାମବାସୀ ଅମାନ୍ୟ କରି ପ୍ରଶାସନର ଉଦ୍ୟମକୁ ବିଫଳ କରିଥିବା ଜଣାପଡ଼ିଛି । ପ୍ରାପ୍ତ ଖବର ଅନୁସାରେ ଆଜକୁ ୧ବର୍ଷ ହେଲା ପଲସାପଡ଼ା ଅଙ୍ଗନୱାଡି ସହାୟିକା ଭାବେ ଜଣେ ଏସ୍‌ସି ଜାତିର ମହିଳା ନିଯୁକ୍ତି ପାଇଥିବା ବେଳେ ଗ୍ରାମବାସୀ ଜାତିପ୍ରଥା ଜାତିଭେଦ ଭାବ ରଖି ଅଙ୍ଗନୱାଡି ଶିଶୁକୁ ଅଙ୍ଗନୱାଡି କେନ୍ଦ୍ର ଛାଡୁନଥିବା ବେଳେ ଶୁଖିଲା ଖାଦ୍ୟ ମଧ ନେଉ ନାହାଁନ୍ତି । ଉକ୍ତ କେନ୍ଦ୍ର ଅଚଳ ଅବସ୍ଥାରେ ରହିଛି । ଏହି ଘଟଣା ଅଭିଯୋଗ ପରେ ସିନାପାଲି ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ କାର୍ମି ଓରାମ, ସିଡିପିଓ ଉର୍ମିଳା ମହାପାତ୍ର ସମେତ ଅନେକ ଅଧିକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ବେଳେ ସମାଧାନ ହୋଇ ପାରିନଥିଲା । ବର୍ତ୍ତମାନ ଘଟଣା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ହେଲାପରେ ଗତ ଗୁରୁବାର ଦିନ ଉପଜିଲ୍ଲାପାଳ ସୁର୍ମି ସୋରେନ, ବିଡିଓ କାର୍ମି ଓରାମ, ସିଡିପିଓ ଉର୍ମିଳା ମହାପାତ୍ର ସମେତ ବ୍ଲକ ତଥା ଜିଲ୍ଲା ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପୁଲିସ ପ୍ରଶାସନ ପଲସାପଡ଼ା ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲା । ହେଲେ ଗ୍ରାମବାସୀଙ୍କ ଗୋଟିଏ ଜିଦ ଆମେ ପିଲା ଛାଡିବୁ ନାହିଁ କି ସୁଖିଲା ଖାଦ୍ୟ ନେବୁ ନାହିଁ । ଦିର୍ଘ ୨ଘଣ୍ଟା ଆଲୋଚନା ବୁଝାସୁଝା କଲାପରେ ମଧ ଜିଲ୍ଲା ପ୍ରଶାସନ ବିଫଳ ହୋଇଥିଲା । ଅନ୍ୟପକ୍ଷରେ ଗ୍ରାମବାସୀ ଜାତିପ୍ରଥା ଘଟଣାକୁ ଲୁଚାଇବାକୁ ଯାଇ ନିଯୁକ୍ତି ପାଇଥିବା ଏସସି ମହିଳାଙ୍କୁ ଚାକିରିରୁ ବିଦା କରି ଅନ୍ୟ ଜଣେ ପ୍ରାର୍ଥିଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରୁଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ବର୍ତ୍ତମାନ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟିଦେଇ ସଠିକ୍ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।



## ନ୍ୟୁଟ୍ରି-କ୍ରପ୍ ଗବେଷଣା କେନ୍ଦ୍ର ପରିଦର୍ଶନ କଲେ ଓୟୁଏଟି କୁଳପତି



ବ୍ରହ୍ମପୁର,୨୮ ।୨(ସମିସ): ଓଡିଶା କୃଷି ଓ ଗବେଷଣା କେନ୍ଦ୍ର (ଓୟୁଏଟି)ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ରତନପୁରରେ ଅବସ୍ଥିତ ନ୍ୟୁଟ୍ରି-କ୍ରପ୍ ଗବେଷଣା କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି। ଏହି ସମୟରେ ବିଶ୍ୱବିଦ୍ୟାଳୟର ଗବେଷଣା ଅଧକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ମଧ ଥିଲେ।

କୁଳପତି କେନ୍ଦ୍ରର ପରୀକ୍ଷାଗାର ତଥା କ୍ଷେତ୍ରଗୁଡ଼ିକୁ ବୁଲି ବୈଜ୍ଞାନିକ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ସେ କେନ୍ଦ୍ରର ନୂତନ ଭୂମିକା ପାଇଁ ଗଠିତ ପ୍ରାଥମିକ ଢାଞ୍ଚାଗୁଡ଼ିକ ଯଥା ବୀଜ ପ୍ରକ୍ରିୟାକରଣ କେନ୍ଦ୍ର, ପ୍ରଶାସନିକ ଭବନ, ଗୋଦାମ ଆଦିର ଉଦଘାଟନ କରିଥିଲେ। ଏହି କେନ୍ଦ୍ର ଆଗାମୀ ଦିନରେ ଚାଷୀଙ୍କ ବିକାଶରେ ସହାୟକ ହେବ ବୋଲି କୁଳପତି ମତ ରଖିଛନ୍ତି। ଏହି ଅବସରରେ ରଙ୍ଗେଇଲୁଣ୍ଡା ମତ୍ସ୍ୟ ମହାବିଦ୍ୟାଳୟର ଅଧକ୍ଷ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ଗଂଜାମ-୨ ର ବରିଷ୍ଠ ବିଜ୍ଞାନୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସୁନାପୁରରେ ହେବ ରାଜ୍ୟର ବୃହତ୍ ବନ୍ଦର

ବ୍ରହ୍ମପୁର,୨୮ ।୨(ସମିସ)



■ ଅନୁଧ୍ୟାନ କଲେ ମନ୍ତ୍ରୀ, ସଚିବ, ବିଧାୟକ ଓ ଜିଲ୍ଲାପାଳ
■ ଖର୍ଚ୍ଚ ହେବ ୨୧ହଜାର ୫୦୦କୋଟି ଟଙ୍କା

ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକର ସୁନାପୁରରେ ହେବ ରାଜ୍ୟର ବୃହତ ବନ୍ଦର। ଏଥିପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ସରିଛି। ବାହୁଦା ମୁହାଣରେ ସ୍ଥିତି ଅନୁଧ୍ୟାନ କରାଯାଇଛି। ଆଜି ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବାଣିଜ୍ୟ ଓ ପରିବହନ ବିଭାଗୀୟ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ ରାଜପୁତ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସମାନ୍ତରା, ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ସହ ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଭିତ୍ତିଭୂମି ପରଖିଥିଲେ।

ଏନେଇ ପରିବହନ ମନ୍ତ୍ରୀ କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲା ପାଇଁ ଖୁସି ଖବର। ଗୋପାଳପୁର ପରେ ବର୍ତ୍ତମାନ ସୁନାପୁରରେ ଥିବା ବାହୁଦା ନଦୀ ମୁହାଣରେ ହେବ ବନ୍ଦର। ଆଉ ଏହି ବନ୍ଦର ରାଜ୍ୟର ସବୁଠାରୁ ବଡ଼ ବନ୍ଦର ହେବ। ୨୧ହଜାର ୫୦୦କୋଟି ଟଙ୍କା ବ୍ୟୟରେ ହେବ ବାହୁଦା ମୁହାଣ ବନ୍ଦର। ରାଜ୍ୟରେ ରହିଥିବା ଧାମରା, ପାରାଦୀପ, ଗୋପାଳପୁର ବନ୍ଦର ଠାରୁ ବଡ଼ ବନ୍ଦର ହେବ ସୁନାପୁର ବନ୍ଦର। ବର୍ଷକୁ ୧୫୦ମିଲିଅନ୍ ମେଟ୍ରିକ ଟନ୍ କାର୍ଗୋ ପରିବହନ କରିବାର କ୍ଷମତା ରହିବ।

୨୦୨୫ ମସିହା ସେପ୍ଟମ୍ବର ୧୯ ତାରିଖରେ ପାରାଦୀପ ପୋର୍ଟ ଲିମିଟେଡ୍, ସାଗରମାଳା ଫାଇନାନ୍ସ ଲିମିଟେଡ୍ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ତ୍ରିପାକ୍ଷୀକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ବନ୍ଦର ପାଇଁ ୫ହଜାର ଏକର ଲୁଣ ଜମି ପୋର୍ଟ ଓ ସିଙ୍ଘ ବିଭାଗକୁ ହସ୍ତାନ୍ତର କରାଯାଇଥିବା ବେଳେ ବଳକା ୧୭୪୧ ଏକର ଜମି ଅନ୍ଧ୍ର ଅଞ୍ଚଳରେ ଥିବାବେଳେ ତାହାକୁ ଅଣାଯାଇ ବନ୍ଦର ନିର୍ମାଣରେ ଲଗାଯିବ। ବନ୍ଦର ପାଇଁ ଆବଶ୍ୟକ ରହିଥିବା ଭିଜିବାଲଟି ରିପୋର୍ଟ ପାଇଁ ପ୍ରାଥମିକ ସର୍ଭେ ହୋଇସାରିଛି। ମତ୍ସ୍ୟଜୀବୀ ମାନଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖାଯାଇ ବନ୍ଦର ନିର୍ମାଣ ହେବ ଓ ଶହ ଶହ ଲୋକେ ନିଯୁକ୍ତି ପାଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ସେପଟେ ଏହି ବନ୍ଦରକୁ ପିପିପି ମୋଡରେ କରାଯିବ। ଏହାର ସର୍ଭେ ସରିଛି। ଟେକ୍‌ନିକାଲ ରିପୋର୍ଟ ଆସିସାରିଛି। ଖୁବଶୀଘ୍ର ଡ଼ିପିଆର ପ୍ରସ୍ତୁତ କରାଯାଇ ବନ୍ଦର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ସଚିବ କହିଥିଲେ।

ଏନେଇ ଚିକିଟି ବିଧାୟକ ଶ୍ରୀ ସାମନ୍ତରା କହିଛନ୍ତି ଯେ, ବାହୁଦା ମୁହାଣ ବନ୍ଦର ହେବା ପରେ ସ୍ଥାନୀୟ ଅଞ୍ଚଳ ତଥା ଗଞ୍ଜାମ ଜିଲ୍ଲାର ବିକାଶ ହେବା ସହ ସ୍ଥାନୀୟ ଲୋକଙ୍କ ଜୀବନ ଧାରଣରେ ମଧ ପରିବର୍ତ୍ତନ ଆସିବ। କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ ଚିକିଟି ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଥିବାରୁ ସେ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଜିଲ୍ଲାପାଳ କହିଛନ୍ତି ଯେ, ବାହୁଦା ନଦୀ ମୁହାଣରେ ବନ୍ଦର କରାଗଲେ କାର୍ଗୋ ପରିବହନ ପାଇଁ କୌଣସି ଅସୁବିଧା ହେବ ନାହିଁ। ଜଳପଥ ଯୋଗେ ଯେ କୌଣସି ସମୟରେ ମଧ ଜାହାଜ ଆସିବା ସହ ମାଲ ପରିବହନ ହୋଇପାରିବ। ଏହାଛଡ଼ା ବନ୍ଦର ନିକଟରେ ଜାତୀୟ ରାଜପଥ ସହ ରେଳପଥ ମଧ ରହିଛି। ଏହି ବନ୍ଦର ହେବା ପରେ ରାଜ୍ୟର ବିକାଶ ନକ୍ସା ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣ ବନ୍ଦର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ସେପଟେ ବନ୍ଦରକୁ ନେଇ ଯେତେବେଳେ ନିଯୁକ୍ତି ସୁଯୋଗ ବାହାରିବ ସେହି ସମୟରେ ସ୍ଥାନୀୟ ଯୁବକ ମାନଙ୍କୁ ପ୍ରାଧାନ୍ୟ ଦେବାକୁ ଦାବି କରିଛନ୍ତି ସୋନପୁର ଅଞ୍ଚଳବାସିନ୍ଦା। ସୋନପୁରରେ ବାହୁଦା ବନ୍ଦର ନିର୍ମାଣ ନିମନ୍ତେ ସର୍ଭେ ଶେଷ ହୋଇଥିବା ବେଳେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ପିପିପି ମୋଡରେ ହେବାକୁ ଥିବା ଏହି ବନ୍ଦରକୁ ସବୁଦିନିଆ ବନ୍ଦର କରାଯିବା ନେଇ ମଧ ଲକ୍ଷ୍ୟ ରଖାଯାଇଛି।

## ଘର ତାଲା ଭାଙ୍ଗି ଲୁଟିଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୮ ।୨(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ମହିମାବିହାର ଦ୍ୱିତୀୟ ଲାଇନ୍‌ର ଏକ ତାଲା ବନ୍ଦ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଘର ତାଲା ଭାଙ୍ଗି ସୁନା ଓ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ପ୍ରକାରେ, ଆମ୍ବପୁଆ ମହିମା ବିହାର ଦ୍ୱିତୀୟ ଲାଇନରେ ରହୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ଇନ୍ଦ୍ରମଣୀ ପଲେଇଙ୍କର କବିସୂର୍ଯ୍ୟନଗର ହିନ୍ଦଳ ଗ୍ରାମରେ ଘର ନିର୍ମାଣ ଚାଲିଥିବାରୁ ସେଠାକୁ ଯିବାଆସିବା କରୁଥିଲେ। ଘର ଦେଖାରେଖା ପାଇଁ ଶଶୁରଙ୍କୁ ଘର ଚାବି ଦେଇଥିଲେ। ଶୁକ୍ରବାର ଶଶୁର ଆସି ଦେଖିବା ବେଳକୁ ଘର ଗ୍ରିଲ ଚାବି ଭଙ୍ଗାଯିବା ସହ ଶୋଇବା ଘରର ଝରକା ଭାଙ୍ଗିଥିବା ଓ ବିଭିନ୍ନ ସାମଗ୍ରୀ ଏଣେତେଣେ ପଡ଼ିଥିବା ଦେଖିଥିଲେ। ଏନେଇ ସେ ଇନ୍ଦ୍ରମଣୀଙ୍କୁ ଖବର ଦେଇଥିଲେ। ସେ ଆସି ଘରେ ଥିବା ସୁନା କାନଫୁଲ ଏକ ହଳ, ରୁପା ପାଉଁଜି ୩ ହଳ, ହୀରା ନାକଫୁଲ ଏକ ହଳ, ନଗଦ ୫ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୧୧୦/୨୬) ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ସୂଚନା ଦେଇଛନ୍ତି।

■ ସୁଦର୍ଶନଆଚାର୍ଯ୍ୟସ୍ମାରକୀବକ୍ତୃତାସମାରୋହ

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ 'ଆଚାର୍ଯ୍ୟ ସମ୍ମାନ'

ବ୍ରହ୍ମପୁର,୨୮ ।୨(ସମିସ): କଳିଙ୍ଗ ସାହିତ୍ୟ ସମାଜ ଆନୁକୂଲ୍ୟରେ ଉତ୍କଳ ଆଶ୍ରମ ସଭାଗୃହରେ ପ୍ରଫେସର୍ ସୁଦର୍ଶନ



ଆଚାର୍ଯ୍ୟ ସ୍ମାରକୀ ବକ୍ତୃତା ଓ 'ଆଚାର୍ଯ୍ୟ ସମ୍ମାନ-୨୦୨୫' ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ସଭାପତି ଡକ୍ଟର୍ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏହି ସମାରୋହରେ ପୌରୋହିତ୍ୟ କରିବା ସହ ଓଡ଼ିଆ ଭାଷା-ସାହିତ୍ୟର ଗୁରୁ ପରମ୍ପରା ଓ ଗୁରୁ ସୁଦର୍ଶନ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱର ଅନାଲୋଚିତ ଦିଗ ସଂପର୍କରେ ଉଲ୍ଲେଖ କରିଥିଲେ। ସମାରୋହରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ଡ. ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ପ୍ରଫେସର୍ ସୁଦର୍ଶନ ଆଚାର୍ଯ୍ୟଙ୍କ ଅନ୍ୱେଷା, ଅଧ୍ୟବସାୟ, ନିରବଚ୍ଛିନ୍ନ ସାଧନା, ଗବେଷକୀୟ ବିଦ୍-ବତ୍ତା, ସମାଲୋଚନା ଦୃଷ୍ଟିଭଙ୍ଗୀ ସଂପର୍କରେ ପ୍ରଫେସର୍ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଆଲୋକପାତ କରିବା ସଂଗେ ସଂଗେ ବ୍ୟକ୍ତିଗତ ସ୍ମୃତି ପ୍ରସଙ୍ଗ ଅବତାରଣା କରିଥିଲେ।

ଏହି ଅବସରରେ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ 'ଆଚାର୍ଯ୍ୟ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଥିଲା। ସାହିତ୍ୟ ସମାଜର କାର୍ଯ୍ୟକାରିଣୀ ସଦସ୍ୟ ଡ. କୁଳମଣି ଓଝାଙ୍କ ସଂଯୋଜନାରେ ସଂଚାଳିତ ଏହି ସମାରୋହରେ ବିଶିଷ୍ଟ ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ ସମ୍ମାନିତ ଅତିଥି ଓ ଡ. ରାଧାଗୋବିନ୍ଦ ପାଢ଼ୀ ଅନ୍ୟତମ ଅତିଥି ରୂପେ ପ୍ରଫେସର୍ ସୁଦର୍ଶନ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ। ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ହୃଷୀକେଶ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ ସଂପାଦକ ଡ. ମନୋରଞ୍ଜନ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଲାବଣ୍ୟରେ ବ୍ରହ୍ମପୁରୀ ପାଟର ଫେଶନ ଶୋ'



ବ୍ରହ୍ମପୁର,୨୮ ।୨(ସମିସ): ଦେଶ ବିଦେଶରେ ରହୁଥିବା ବହୁ ପ୍ରତିଷ୍ଠିତ ଓଡ଼ିଆଙ୍କ ସମାବେଶରେ ପାଳିତ ହେଲା ବ୍ରହ୍ମପୁରୀ ପାଟ ଉପରେ ପର୍ଯ୍ୟବେସିତ ପାରମ୍ପରିକ ପୋଷାକ ଉତ୍ସବ 'ଲାବଣ୍ୟ'। ଉତ୍ସବରେ ଜାତିସଂଘର ପୂର୍ବତନ ଭାରତୀୟ ଶାନ୍ତି ପ୍ରତିଷ୍ଠା ବଳର ଅଧିକାରୀ ତଥା ଆଫ୍ରିକାର ଜୋହାନ୍ସବର୍ଗରେ ରହୁଥିବା ଓଡ଼ିଆ ସଞ୍ଜିତ ନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଓଡ଼ିଶା ସରକାରଙ୍କ ଅତିରିକ୍ତ ସଚିବ ଦୀପ୍ତି ମହାପାତ୍ର ଓ ରୋଲାଣ୍ଡ ଗ୍ରୁପର ଅଧକ୍ଷା ଜାମୁଲା ଜୟଲକ୍ଷ୍ମୀ ସମସ୍ତେ ବ୍ରହ୍ମପୁରୀ ପାଟ ପିନ୍ଧି ଉତ୍ସବ ଉଦ୍‌ଘାଟନ କରିବା ସହ ବ୍ରହ୍ମପୁରର ପାଟ ସଂସ୍କୃତିକୁ ଉପଭୋଗ କରିଥିଲେ। ଏହି ଅବସରରେ 'ଆମେ ସବୁ'ର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀଙ୍କ ରଚିତ ତଥା ମାଧବ ପାତ୍ରଙ୍କ ସଂଗୀତ ସଂଯୋଜନରେ ଯୁବ ନୃତ୍ୟ ଶିଳ୍ପୀ ସୁଶ୍ରୀ ସଂହିତା ବ୍ରହ୍ମପୁରୀ ପାଟ ଉପରେ କରିଥିବା ନାଚରେ ସମସ୍ତେ ନାଚିଥିଲେ। ଭୁବନେଶ୍ୱର ବିଶିଷ୍ଟ ଯୁବ ଓଡ଼ିଶୀ ନୃତ୍ୟାଙ୍ଗନା ଆଦ୍ୟାଶା ଅନିନ୍ଦୀତା ଲାବଣ୍ୟ ଉପରେ ଓଡ଼ିଶୀ ନୃତ୍ୟ କରିଥଲେ। ଶେଷରେ ଫେବୃୟାରୀ ୫ରେ ବ୍ରହ୍ମପୁରୀ ପାଟ ଉପରେ ଅନୁଷ୍ଠିତ ପାରମ୍ପରିକ ପୋଷାକ ଉତ୍ସବ ପ୍ରତିଯୋଗିତାର କୃତୀ ୧୦ଜଣ ମଡେଲଙ୍କ ଫାଇନାଲ ରାଉଣ୍ଡ ଫ୍ୟାସନ ପ୍ରତିଯୋଗିତା ହେଇଥିଲା। ବିଚାରକ ହିସାବରେ ଗିନିସ ବୁକ୍ ଅଫ ରେକର୍ଡସ୍‌ର ବଲିଉଡ ହେୟର ଷ୍ଟାଇଲିଷ୍ଟ କେ. ରାଜୁ ଓ ଫ୍ୟାସନ ନିର୍ଦ୍ଦେଶିକା କରିସ୍ମା ଖାଁ ଯୋଗ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁରର ବିଶିଷ୍ଟ ପାଟ ବୁଣାକାର ବି. ଲକ୍ଷ୍ମୀନାରାୟଣଙ୍କୁ 'ଆମେ ସବୁ' ତରଫରୁ ସୁଦୀପ୍ତା ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଥିଲେ।

## ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ବିଜ୍ଞାନ ଦିବସ

ବ୍ରହ୍ମପୁର,୨୮ ।୨(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ବୌଦ୍ଧିକ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଡକ୍ଟର ଦେବରାଜ ସ୍ୱାଇଁ ପୌରୋହିତ୍ୟ କରିବା ସଂଗେ ସଂଗେ ସିଭି ରମଣଙ୍କ ବୈଜ୍ଞାନିକ ଉପଲବ୍ଧ ଓ ତା'ର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ।




ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ ଆମନ୍ତ୍ରିତ ଅତିଥି ରୂପେ ଏଆଇ ଯୁଗରେ ବିଜ୍ଞାନର ସକାରାତ୍ମକ ଓ ମାନବୀୟ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ରସାୟନ ବିଜ୍ଞାନ ଅଧାପକ ରତ୍ନାକର ମିଶ୍ର ପ୍ରାରମ୍ଭରେ ପ୍ରାକ୍-ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଡ. ମଧୁସ୍ମିତା ଦାସ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ରୋଶନୀ ସାହୁ, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ବନଲତା ସାହୁ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ମାନ୍ମା ମିଳନ୍, ଗଣିତ ବିଭାଗ ଅଧାପକ ଡ. ଅଶ୍ୱିନ କୁମାର ରାଉତ ପ୍ରମୁଖ ଜାତୀୟ ବିଜ୍ଞାନ ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ବିଷୟରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପଦାର୍ଥବିଜ୍ଞାନ ବିଭାଗ ସହକାରୀ ପ୍ରଫେସର୍ ଡ. ବନୋଜ କୁମାର ନାୟକ 'ପଦାର୍ଥ ଓ ଆଲୋକର ପାରସ୍ପରିକ କ୍ରିୟା' ଶୀର୍ଷକ ପ୍ରସଙ୍ଗରେ ବିସ୍ତାରିତ ଆଲୋଚନା କରିଥିଲେ।

## ଏପଷ୍ଟିନ୍ ଫାଇଲସ୍ ପ୍ରସଙ୍ଗ ଏସ୍‌ପିଙ୍କ ନିକଟରେ କଂଗ୍ରେସର ଅଭିଯୋଗ

ବ୍ରହ୍ମପୁର,୨୮ ।୨(ସମିସ): ଏପଷ୍ଟିନ ଫାଇଲସ ବିରୁଦ୍ଧରେ ସାରା ଦେଶରେ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଉଛି। ଏହିକ୍ରମରେ ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ପକ୍ଷରୁ ଶନିବାର ଦିନ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଛି। ଜିଲ୍ଲା କଂଗ୍ରେସ (ପୂର୍ବ) ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ରହ୍ମପୁର କଂଗ୍ରେସ କାର୍ଯ୍ୟାଳୟରୁ ସମସ୍ତ ନୂତନ ପଦାଧିକାରୀଙ୍କ ଗହଣରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପହଞ୍ଚି ସମ୍ପୃକ୍ତି ନେତାଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡା, ପୂର୍ବତନ ଗୋପାଳପୁର ବିଧାୟକ



ତ୍ରିନାଥ ବେହେରା, ଉପସଭାପତି ବୃନ୍ଦାବନ ଖଟେଇ, ଅଶୋକ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଏ. ଗଣପତି ରାଓ, ଦତ୍ତାତ୍ରେୟ ବେହେରାଙ୍କ ସମେତ ଛତ୍ରପୁର ବ୍ଲକ ସଭାପତି ସୁଦାମ ପୁରୋହିତ, ଗଞ୍ଜାମ ବ୍ଲକ ରମେଶ ବେହେରା ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଗୋକୁଳଚନ୍ଦ୍ର କର କୁକୁଡାଖଣ୍ଡି ବ୍ଲକ ସଭାପତି ସୁଶାନ୍ତ ପାଣି, ଚିକିଟି ବ୍ଲକ ସଭାପତି ନିଗମାନନ୍ଦ ପଣ୍ଡା, ପାତ୍ରପୁର ବ୍ଲକ ସଭାପତି ପ୍ରଶନ୍ନ କୁମାର ପ୍ରଧାନଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

ପୀତବାସ ପଣ୍ଡା ହତ୍ୟା ମାମଲା

# ମଳୟଙ୍କ ଠିକଣା ଆଇସିୟୁ-ଜେଲ୍-ଆଇସିୟୁ

ବ୍ରହ୍ମପୁର,୨୮ ।୨(ସମିସ)






● ଆଇସିୟୁରୁ ଡିସ୍‌ଚାର୍ଜର ୧୨ ଘଣ୍ଟା ନପୁରୁଣୁ ପୁଣି ଭର୍ତ୍ତି
● ପୂର୍ବତନ ବିଧାୟକ ବିକ୍ରମଙ୍କ ପୁଣି ହେଲା ଏକ୍ସ-ରେ

ବ୍ରହ୍ମପୁର ସର୍କଲ ଜେଲ୍ ଓ ଏମ୍‌କେସିଜି ହସ୍ପିଟାଲରେ ଖୋଲାଖୋଲି ଭାବେ ମାନବିକ ଅଧିକାରର ଉଲ୍ଲଂଘନ କରି ରୋଗୀଙ୍କ ଜୀବନ ସହିତ ଖେଳାଯାଉଛି। କେତେବେଳେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପୂର୍ବରୁ ଅର୍ଥାତ୍ ଅଧା ଚିକିତ୍ସାରୁ ତାଙ୍କୁ ବଳପୂର୍ବକ ଡିସଚାର୍ଜ କରାଯାଉଛି ତ ଆଉ କେତେବେଳେ ଗୁରୁତର ରୋଗୀଙ୍କୁ 'କ୍ଲିନିକାଲି ଫିଟ୍' ଦର୍ଶାଇ ଆଇସିୟୁରୁ ସିଧାସଳଖ ଡିସ୍‌ଚାର୍ଜ କରାଯାଇ ଜେଲକୁ ପଠାଇ ଦିଆଯାଉଛି। ଏପରିକି ଖୋଦ୍ ଜେଲର ଡାକ୍ତର ଅସୁସ୍ଥ ଅନ୍ତେବାସୀଙ୍କୁ ଅଧିକ ଚିକିତ୍ସା ପାଇଁ ଏମ୍‌କେସିଜିକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଲେ ସୁଦ୍ଧା ସେମାନଙ୍କୁ ବିଭିନ୍ନ କାରଣ ଦର୍ଶାଇ ଜେଲରୁ ହସ୍ପିଟାଲକୁ ସ୍ଥାନାନ୍ତର ମଧ କରାଯାଉନାହିଁ।

ଏସବୁ ଘଟଣା ଘଟିଛି ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇଥିବା ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ବିକ୍ରମ ପଣ୍ଡା, କର୍ପୋରେଟର ମଳୟ ବିଶୋୟୀ ଓ ଆଇନଜୀବୀ ମଦନ ଦଳେଇଙ୍କ କ୍ଷେତ୍ରରେ। ଏସବୁ ପଛର କାରଣ ଉଦ୍ଦେଶ୍ୟ ପ୍ରଣୋଦିତ ଓ ରାଜନୈତିକ ଚାପ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଦୀର୍ଘ ୫ରୁ ୬ଦିନ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା କର୍ପୋରେଟର ମଳୟ ବିଶୋୟୀଙ୍କୁ ଗତ ୨୭ ତାରିଖ ଶୁକ୍ରବାର ମଧ୍ୟାହ୍ନରେ ତରବରିଆ ଭାବେ ଡିସ୍‌ଚାର୍ଜ କରାଯାଇଥିଲା।

କୌଣସି ଆମ୍ବୁଲାନ୍ସ କିମ୍ବା ଜେଲର ବଡ଼ ଭ୍ୟାନ ଜରିଆରେ ନୁହେଁ ବରଂ ପୁଲିସ ଗାଡ଼ିରେ ମଳୟଙ୍କୁ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ସେ କ୍ଲିନିକାଲ ଫିଟ୍ ଥିବା ଦର୍ଶାଇ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ପରିବାର ଲୋକଙ୍କୁ ଡାକ୍ତର ପ୍ରତିକ୍ରିୟା ଦେଇଥିଲେ। ତେବେ ଜେଲକୁ ସ୍ଥାନାନ୍ତର ହେବାର ମାତ୍ର ୧୨ଘଣ୍ଟା ମଧ୍ୟରେ ଗତକାଲି ବିଳମ୍ବିତ ରାତିରେ ମଳୟଙ୍କ ସ୍ୱାସ୍ଥ୍ୟ ପୁଣି ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ଜେଲରୁ ଏମ୍‌କେସିଜିକୁ ଅଣାଯାଇଥିଲା। ପ୍ରଥମେ ମେଡିସିନ ୱାର୍ଡରେ ଏବଂ ପରେ ଆଜି ପୂର୍ବାହ୍ନରେ ପୁଣି ମେଡିସିନ ଆଇସିୟୁରେ ଭର୍ତ୍ତି କରାଯାଇଛି। ଗୁରୁତର ଅସୁସ୍ଥ ମଳୟଙ୍କ ଚିକିତ୍ସାରେ ଜାଣିଶୁଣି କରାଯାଉଥିବା ଅବହେଳାକୁ ନେଇ ତାଙ୍କ ପତ୍ନୀ ତଥା ପୂର୍ବତନ କର୍ପୋରେଟର ମୀନତି ବିଶୋୟୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅସୁସ୍ଥ ମଳୟଙ୍କୁ ବାରମ୍ବାର ଜେଲରୁ ହସ୍ପିଟାଲକୁ ଓ ପୁଣି ଜେଲକୁ ନେବା ଆଣିବା କରାଯାଉଥିଲେ ହେଁ ପରିବାର ସଦସ୍ୟଙ୍କୁ କେହି କିଛି ସୂଚନା ମଧ ଦେଉନଥିବା ମୀନତି ଅଭିଯୋଗ କରିଛନ୍ତି। ସେହିଭଳି ପୂର୍ବରୁ ମଧ ଉଭୟ ବିକ୍ରମ ଓ ମଦନ ଦଳେଇଙ୍କ କ୍ଷେତ୍ରରେ ମଧ ଅନୁରୂପ ଅବହେଳା କରାଯାଇଥିବା ନଜିର ରହିଛି। ଯାହାକୁ ନେଇ ସମସ୍ତଙ୍କ ଓକିଲ କୋର୍ଟରେ ପିଟିସନ ଜରିଆରେ ହସ୍ତକ୍ଷେପ କରିବାକୁ କୋର୍ଟକୁ ନିବେଦନ କରିଛନ୍ତି।

ଏଭଳି ସ୍ଥିତିରେ ଆଜି ପୁଣି ବିକ୍ରମ ପଣ୍ଡାଙ୍କ ଏକ୍ସ-ରେ ବାହାର କରାଯାଇଛି। ତାଙ୍କୁ ସର୍ଜରୀ ୱାର୍ଡରୁ ରେଡିଓଲୋଜି ୱାର୍ଡକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅଣାଯାଇଥିଲା। ବିକ୍ରମ ହାର୍ଣ୍ଣିଆ, ମଳକଣ୍ଟକ ଓ ଗଲବ୍ଲାଡରରେ ଷ୍ଟୋନ ଭଳି ରୋଗରେ ଆକ୍ରାନ୍ତ ଥିବାବେଳେ ଗଲ୍‌ବ୍ଲାଡର ଷ୍ଟୋନର ସର୍ଜରୀ ପାଇଁ ପ୍ରସ୍ତୁତି ଚାଲିଛି। ଅସ୍ତ୍ରୋପଚାର ପୂର୍ବରୁ ଆବଶ୍ୟକ ସମସ୍ତ ନିଦାନ କରାଯିବା ପରେ ରିପୋର୍ଟ ଆଧାରରେ ସର୍ଜରୀ ପାଇଁ ନିଷ୍ପତ୍ତି ନିଆଯିବ। ରୋଗୀଙ୍କୁ ହସ୍ପିଟାଲରେ ସଠିକ ଚିକିତ୍ସା କରାନଯିବା ଓ ତାଙ୍କ ପ୍ରତି ଭିନ୍ନ ମନୋଭାବ ରଖି ଅବହେଳା କରାଯିବା ଅର୍ଥାତ ବ୍ୟକ୍ତିର ସିଧାସଳଖ ମାନବିକ ଅଧିକାର କ୍ଷୁର୍ଣ୍ଣ ଭଳି। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେବା ସହିତ ଅସନ୍ତୋଷ ପ୍ରକାଶ ପାଉଛି।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ



ବ୍ରହ୍ମପୁର,୨୮ ।୨(ସମିସ): ନିଷ୍ଟ ବିଶ୍ୱବିଦ୍ୟାଳୟ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସକୁ ଏକ ଭବ୍ୟ ସମାରୋହରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରାଣୀ ବିଜ୍ଞାନର ଅବସରପ୍ରାପ୍ତ ଅଧାପକ ଜି. ବି. ଏନ. ଚୈନୀ ବୈଜ୍ଞାନିକ ଯୋଗଦେଇ ନବସୃଜନର ପରମ୍ପରାକୁ ଆଗକୁ ନେବା ପାଇଁ ଭବିଷ୍ୟତ ପୀଢ଼ିକୁ ଅନୁପ୍ରାଣିତ କରିବା ପାଇଁ ବିଜ୍ଞାନକୁ ମୌଳିକ ସ୍ତରରେ ବୁଝିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ସହକାରୀ ଜିଲ୍ଲାପାଳ ଓ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଆଦିତି ଆଚାର୍ଯ୍ୟ ସଫଳତାର ଗୁରୁମନ୍ତ୍ର ଦେଇଥିଲେ। ସିଏସଆଇଆର-ଆଇଏମ୍‌ଏମ୍‌ଟିର ପରିବେଶ ଓ ନିରନ୍ତରତା ବିଭାଗର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡଃ ମନୀଷ କୁମାର ଏକ ଆକର୍ଷଣୀୟ ବକ୍ତୃତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡଃ. ଅମିତ ପଟ୍ଟନାୟକ ଜାତୀୟ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ।

କୁଳପତି ଡ଼ ପ୍ରିୟଦର୍ଶନ ପାତ୍ର ରମଣ ପ୍ରଭାବର ଆବିଷ୍କାର ଏବଂ ମାନବ ଜାତି ପାଇଁ ଏହାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ କ୍ଲବ୍ ବାହ୍ୟ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଦିବସର ଏକ ପ୍ରମୁଖ ଆକର୍ଷଣ ଥିଲା ବିଜ୍ଞାନ କୁଇଜ୍ ଏବଂ ଗବେଷଣା ପ୍ରଦର୍ଶନୀ (ପୋଷ୍ଟର ପ୍ରେଜେଣ୍ଟେସନ୍) ସାମିଲ ଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅସାଧାରଣ ବୈଜ୍ଞାନିକ ଜ୍ଞାନକୌଶଳ ଓ ଅଭିନବ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ। ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ ଶେଷରେ ଡ. ଅବିନାଶ ଦତ୍ତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଂଶ ଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ବାଲି ମାଫିଆଙ୍କୁ ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପା

# ସେଖସରାଇର ପାରିପାର୍ଶ୍ୱିକ ସୁରକ୍ଷାକୁ ଦେଉଛନ୍ତି ଜଳାଞ୍ଜଳି

ବାଲେଶ୍ୱର,୨୮।୨ (ଅସୀମ ମହାପାତ୍ର)



ବାଲେଶ୍ୱର ଜିଲ୍ଲାଯାକ ଅବାଧ ଖଣିଜ ଲୁଟ ଚାଲିଥିବା ବେଳେ ଜିଲ୍ଲା ପ୍ରଶାସନ ଏହାକୁ ରୋକିବାରେ ବିଫଳ ହେଉଛି। ଜିଲ୍ଲାରେ ଆଇନର ଶାସନ ଚାଲିବା ପରିବର୍ତ୍ତେ ବାଲି, ପଥର ମାଫିଆଙ୍କ ମେରିରାୟ ନୀତି ଚାଲିଛି। ଜଳେଶ୍ୱର ତହସିଲ ଅଧୀନ ସେଖସରାଇ (କ) ବାଲି ଉତ୍ସ ପାଇଁ ଆୟୋଜିତ ତଥାକଥିତ 'ପରିବେଶ ଜନଶୁଣାଣି'କୁ ନେଇ ଗତକାଲି ଯେଉଁ ଦୃଶ୍ୟ ଦେଖିବାକୁ ମିଳିଲା, ତାହା ପ୍ରଶାସନର ମୁଖା ଖୋଲି ଦେଇଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନର ମଧୁଚନ୍ଦ୍ରିକାରେ ନିୟମକୁ ବାଏଁ ବାଏଁ ଉଡ଼ାଇ ବାଲି ଲୁଟ୍ ପାଇଁ ଯେଉଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି, ତାହାକୁ ସେଖସରାଇ ଗ୍ରାମବାସୀ ଦୃଢ଼ ଭାବେ ବିରୋଧ କରି ରଣହୁଙ୍କାର ଦେଇଛନ୍ତି। ଲିଜ୍ ନାହିଁ କି ନିଲାମ ନାହିଁ, ତଥାପି ପରିବେଶ ମଞ୍ଜୁରୀ ପାଇଁ ତତ୍ପରତା କାହିଁକି ? ପ୍ରଶାସନର କାର୍ଯ୍ୟକଳାପକୁ ଦେଖିଲେ ମନେହେଉଛି ସତେ ଯେମିତି ସେମାନେ ଜନତାଙ୍କ ସେବକ ନୁହଁନ୍ତି ବରଂ ବାଲି ମାଫିଆଙ୍କ ବେତନଭୋଗୀ କର୍ମଚାରୀ।

ସୂଚନା ଅନୁଯାୟୀ, ସେଖସରାଇ (କ) ବାଲି ଉତ୍ସର ଲିଜ୍ ଅବଧି ୨୦୨୦ ମସିହାରୁ ଶେଷ ହୋଇସାରିଛି। ଗତ ୫ ବର୍ଷ ହେଲା କୌଣସି ନୂତନ ନିଲାମ କିମ୍ବା ବୈଧ ନବୀକରଣ ହୋଇନାହିଁ। ଆଇନଗତ ଭାବେ ଯେଉଁ ଖଣିର ଅସ୍ତିତ୍ୱ ନାହିଁ, ତା'ର ପରିବେଶ ମଞ୍ଜୁରୀ ପାଇଁ ସରକାରୀ ଖର୍ଚ୍ଚରେ ଏହି ପ୍ରହସନ କାହା ପାଇଁ କରାଯାଉଛି ? ବୈଧ ଲିଜ୍ ବିନା ପାରିବେଶ ମଞ୍ଜୁରୀ ପ୍ରକ୍ରିୟା କରିବା କେବଳ ଅବୈଧ ନୁହେଁ, ବରଂ ଏହା ଏକ ବଡ଼ ଧରଣର ସରକାରୀ ସ୍କାମ୍ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। କେନ୍ଦ୍ରୀୟ ନିୟମକୁ 'ଫୁ' କରି ସରକାରଙ୍କ ଆଖିରେ କ'ଣ କଳାପଟି ଲାଗିଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଇଆଇଏ ନୋଟିଫିକେସନ,୨୦୦୬ ଏବଂ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର କଡ଼ା ନିର୍ଦ୍ଦେଶକୁ ବାଲେଶ୍ୱର ପ୍ରଶାସନ କେବଳ ଏକ କାଗଜ ଟୁକୁଡ଼ା ଭାବେ ବିବେଚନା କରୁଛି। ଏସଇଆଇଏଏ, ଓଡ଼ିଶା ଦ୍ୱାରା ଅନୁମୋଦିତ ଡିଏସଆର ଅନୁସାରେ ସେଖସରାଇ (କ) ଓ (ଖ) ଗୋଟିଏ କ୍ଲଷ୍ଟରର ଅଂଶ। ନିୟମ ଅନୁଯାୟୀ 'କ୍ଲଷ୍ଟର ପରିବେଶ ମଞ୍ଜୁରୀ' ନେବା ବଦଳରେ କେବଳ ଗୋଟିଏ ଭାଗ ପାଇଁ ଜନଶୁଣାଣି କରି ପ୍ରଶାସନ କେଉଁ ମନ୍ଦ ଉଦ୍ଦେଶ୍ୟ ରଖିଛି? କ୍ଲଷ୍ଟର ପରିବେଶ ଅନୁମୋଦନ ନ ଥାଇ ଏଭଳି ପୃଥକ ଶୁଣାଣି ସମ୍ପୂର୍ଣ୍ଣ ରୂପେ ନିୟମ ବିରୋଧୀ। ପୂର୍ବରୁ ଯେଉଁ ବାଲି ମାଫିଆ ଜିଲ୍ଲାର ଜଣେକ ଉଚ୍ଚ ପଦାଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଗିରଫ ହୋଇଥିଲେ, ଉକ୍ତ ବାଲି ମାଫିଆଙ୍କୁ ସୁରକ୍ଷା ଦେବାକୁ ଏବେ ସରକାରୀ ବାବୁମାନେ ଆଗକୁ ଆସି କେନ୍ଦ୍ରୀୟ ଗାଇଡଲାଇନକୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଛନ୍ତି। ଏପରିକି ଜିଲ୍ଲାପାଳଙ୍କ କଲମକୁ ବି ମାଫିଆଙ୍କ ଭୟ ନାହିଁ। ଏହାଠାରୁ ବଡ଼ ଦୁର୍ଭାଗ୍ୟର କଥା ଆଉ କ'ଣ ହୋଇପାରେ ଯେ, ଖୋଦ୍ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମଧ ଏଠାରେ କାର୍ଯ୍ୟକାରୀ କରାଯାଉ ନାହିଁ। ଗତ ୦୪.୦୮.୨୦୨୫ ରେ ଜନ ଅସନ୍ତୋଷକୁ ଦେଖି ଜିଲ୍ଲାପାଳ ଜନଶୁଣାଣି ବାତିଲ କରିବା ସହ ଖଣି ବିଭାଗକୁ ସ୍ପଷ୍ଟୀକରଣ ମାଗିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ସ୍ପଷ୍ଟୀକରଣ ଅନ୍ଧାର ଭିତରେ ରହିଛି। ଜନସାଧାରଣଙ୍କୁ କୌଣସି ତଥ୍ୟ ନ ଦେଇ ଚୋରା ପଥରେ ପୁଣି ଜନଶୁଣାଣି କରିବା ପ୍ରଶାସନର 'କଳା କାରନାମା'କୁ ପ୍ରମାଣିତ କରୁଛି। ସରକାରୀ କଳ ଏଠାରେ ସ୍ୱଚ୍ଛତା ନୁହେଁ, ବରଂ 'ଗୋଳିଆ ପାଣିରୁ ମାଛ ଧରିବା' ନୀତିରେ କାମ କରୁଛି। ସୀମା ନାହିଁ କି ପିଲାର ନାହିଁ, ଚାଲିଛି ଲୁଟ୍‌ର ପ୍ରସ୍ତୁତି। ବାଲି ଉତ୍ସ ଅଞ୍ଚଳରେ କୌଣସି ସ୍ଥାୟୀ ସୀମା ନିର୍ଦ୍ଧାରଣ (ବାଉଣ୍ଡାରି ପିଲାର) କରାଯାଇନାହିଁ। ସୀମା ନିର୍ଦ୍ଧାରଣ ବିନା ଖନନ ଅନୁମତି ଦେବାର ଅର୍ଥ ହେଉଛି ମାଫିଆଙ୍କୁ ନଦୀ ପଠାରୁ ଆରମ୍ଭ କରି ଲୋକଙ୍କ ଚାଷ ଜମି ପର୍ଯ୍ୟନ୍ତ ଖୋଳିବାକୁ ଲାଇସେନ୍ସ ଦେବା। ଏହି ଅଞ୍ଚଳଟି ଅତ୍ୟନ୍ତ ବନ୍ୟାପ୍ରବଣ। ଅନିୟନ୍ତ୍ରିତ ବାଲି ଉତ୍ତୋଳନ ହେଲେ ନଦୀବନ୍ଧ ଦୁର୍ବଳ ହେବ ଏବଂ ହଜାର ହଜାର ଲୋକଙ୍କ ଜୀବନ ଜୀବିକା ବିପନ୍ନ ହେବ। ସେଖସରାଇର ଶତାଧିକ ମହିଳା ଓ ପୁରୁଷ ଆଜି ଏକ ସ୍ୱରରେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସେମାନଙ୍କ ଦାବି ସ୍ପଷ୍ଟ, ଏହି ପ୍ରହସନମୂଳକ ଜନଶୁଣାଣିକୁ ତୁରନ୍ତ ବାତିଲ କରାଯାଉ। ପ୍ରଥମେ କ୍ଲଷ୍ଟର ପରିବେଶ ମଞ୍ଜୁରୀ ନିଆଯାଉ, ନୂତନ ନିଲାମ ଓ ବୈଧ ଲିଜ୍ ପ୍ରକ୍ରିୟାର ସ୍ୱଚ୍ଛ ତଦନ୍ତ ହେଉ ଏବଂ ସୀମା ନିର୍ଦ୍ଧାରଣ ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯାଉ ବୋଲି ଗ୍ରାମବାସୀ ଚରମ ଚେତାବନୀ ଦେଇଛନ୍ତି। 'ଆମେ ବିକାଶର ବିରୋଧୀ ନୁହେଁ, କିନ୍ତୁ ପ୍ରଶାସନିକ ଗୁଣ୍ଡାଗର୍ଦ୍ଦି ସହିବୁ ନାହିଁ ବୋଲି ଗ୍ରାମବାସୀ ନିଜର ପ୍ରତିକ୍ରିୟା ରଖିଛନ୍ତି। ଯଦି ଆମ ଜମି ଓ ପରିବେଶକୁ ସୁରକ୍ଷା ନ ମିଳେ, ତେବେ ସେଖସରାଇରୁ ରାଜଧାନୀ ପର୍ଯ୍ୟନ୍ତ ଆନ୍ଦୋଳନର ନିଆଁ ଜଳିବ' ବୋଲି ଗ୍ରାମବାସୀ କଡ଼ା ଚେତାବନୀ ଦେଇଛନ୍ତି। ବାଲି ମାଫିଆଙ୍କ ପାଇଁ ଶୋଇଥିବା ପ୍ରଶାସନ ଏବେ ଜନତାଙ୍କ ଆକ୍ରୋଶ ପରେ ଚେତିବ କି ନାହିଁ, ତାହା ଦେଖିବାକୁ ବାକି ରହିଲା।

**● ପରିବେଶ ଜନଶୁଣାଣି ନାଁରେ ଚାଲିଛି ପ୍ରହସନ**

**● ସରକାରୀ କଳର ଅଭିସନ୍ଧି ବିରୋଧରେ ଗର୍ଜିଲେ ଗ୍ରାମବାସୀ**

## ସାରସ୍ୱତ ସାଧକ ମନୋଜ ଦାସଙ୍କ ଜୟନ୍ତୀ


ବାଲେଶ୍ୱର,୨୮।୨(ସମିସ): ସାରସ୍ୱତ ସାଧକ ମନୋଜ ଦାସଙ୍କ ୯୩ ତମ ଜୟନ୍ତୀ ଉତ୍ସବ କବିତୀର୍ଥ ଶାନ୍ତି କାନନସ୍ଥିତ ଫକୀରମୋହନ ସାହିତ୍ୟ ପରିଷଦ ସଭାଗୃହରେ ପାଳିତ ହୋଇଯାଇଛି। ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଆଲୋଚକ ଭାବରେ ଚରମ୍ପା ମହାବିଦ୍ୟାଳୟ, ଭଦ୍ରକର ଇଂରାଜୀ ବିଭାଗ ଅଧ୍ୟାପିକା ଡ. ସୁକାନ୍ତି ମହାପାତ୍ର ଯୋଗଦାନ କରିଥିଲେ। ମନୋଜୀୟ ସାହିତ୍ୟ କର୍ମ ସବୁବର୍ଗର ମଣିଷପାଇଁ ପ୍ରେରଣାର, ସହାନୁଭୂତି, ସୃଷ୍ଟି, କୃଷ୍ଟି ମୂଳରେ ବ୍ୟକ୍ତିତ୍ୱର ମହତ୍ତ୍ୱକୁ ପ୍ରତିପାଦନ କରିଥାଏ ତାଙ୍କର ସତସାହିତ୍ୟ। ଚେତନାର ଉତ୍ତରଣ ଉପତ୍ୟକା, ଭାରତୀୟ ସଂସ୍କାର, ଓ ସଂସ୍କୃତିର ବାର୍ତ୍ତାବହର ପ୍ରବୁଦ୍ଧ ମନିଷୀ। ଆଲୋକ-ଅନ୍ଧାର, ବାସ୍ତବ -ଅବାସ୍ତବ, ଭୌତିକ -ଅଧିଭୌତିକ, ଇନ୍ଦ୍ରିୟ -ଇନ୍ଦ୍ରିୟାତିତ, ଇହଲୋକ ଓ ପରଲୋକାଗତ ମଧ୍ୟରେ ପାର୍ଥକ୍ୟ ନ ରଖି ସେହି ମନ୍ୱୟ ବିନ୍ଧାଣି ଉତ୍ପାଦନ କରି ଚାଲିଥିଲେ। ସାର୍ବଜନୀନ ସାହିତ୍ୟ ଫସଲ ଯେଉଁଥିରେ ମଣିଷ ପଣିଆର ମାନବିକ ମୂଲ୍ୟବୋଧ ପ୍ରତିଫଳିତ ହୋଇଛି। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥନ ରଖିଥିବାବେଳେ ଯୁଗ୍ମ ସମ୍ପାଦକ ରାଜେଶ କୁମାର ଗିରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ମନୋଜ ଦାସଙ୍କ ଉପରେ ରଚିତ ସଙ୍ଗୀତକୁ ପ୍ରାରମ୍ଭରେ ସାଥୀମାନଙ୍କ ଦ୍ୱାରା ପରିବେଷଣ କରିଥିଲେ। ଶେଷରେ କଲ୍ୟାଣୀ ନନ୍ଦ ମଧ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଗହଣା ଦୋକାନରେ ନିଆଁ

**● ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ**

କାଳିପଦା, ୨୮।୨ (ସମିସ): ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ବାଲିଆପାଳ ବଜାର ଜାମକୁଣ୍ଡା ଛକସ୍ଥିତ ଆର କେ ଜୁଏଲର୍ସର ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ଯାଇଛି। ଶୁକ୍ରବାର ରାତିରେ ଏଭଳି ଘଟଣା ଘଟିଛି। ଜୁଏଲର୍ସ ମାଲିକ ହେମନ୍ତ କୁମାର ରଣା ଗତକାଲି ରାତିରେ ଦୋକାନ ବନ୍ଦ କରି ନିଜ ଗୁନାପୁର ଘରକୁ ଚାଲିଯାଇଥିଲେ। ସକାଳକୁ ଦୋକାନରୁ ପୋଡା ଗନ୍ଧ ବାହାରିବାରୁ ପାଖ ଦୋକାନୀ ହେମନ୍ତକୁ ଖବର ଦେଇଥିଲେ। ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଦୋକାନ ଘରର ଶୋ କ୍ୟାସ, ବିଦ୍ୟୁତ ୱେୟରିଂ, ଏସି, ଚେୟାର, କେତେକ ଗହଣା ପୋଡି ଯାଇଛି। ପୋଡି ଥିବା ଆସବା ପତ୍ର ଓ ଗହଣା ର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଜୁଏଲର୍ସ ମାଲିକ ହେମନ୍ତ ରଣା କହିଛନ୍ତି। କେଉଁ କାରଣ ପାଇଁ ବିଦ୍ୟୁତ ସର୍ଟ ସର୍କିଟ ହେଲା ତାହା ସ୍ପଷ୍ଟ ହୋଇ ନାହିଁ। ଏହାର ଏକ ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ହେମନ୍ତ ଥାନାକୁ ଲେଖି ଜଣାଇଛନ୍ତି। ଏ ନେଇ ପୁଲିସର ଅନୁସନ୍ଧାନ ଜାରି ରହିଛି।




## ଆରଡିସିରେ ସଫଳତା ପାଇଥିବା କ୍ୟାଡେଟଙ୍କୁ ଭବ୍ୟ ସ୍ୱାଗତ



ବାଲେଶ୍ୱର,୨୮।୨(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି ବିଭାଗ ପକ୍ଷରୁ ଚଳିତ ବର୍ଷ ନୂଆଦିଲ୍ଲୀରେ ଆୟୋଜିତ ରିପବ୍ଲିକ୍ ଡେ କ୍ୟାମ୍ପ (ଆରଡିସି)-୨୦୨୬ରେ ସଫଳତାର ସହିତ ଅଂଶଗ୍ରହଣ କରି ଫେରିଥିବା କ୍ୟାଡେଟ୍‌ମାନଙ୍କ ପାଇଁ ଏକ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକମାନେ କ୍ୟାଡେଟ୍‌ମାନଙ୍କ ଉତ୍କୃଷ୍ଟ ସାଧନାକୁ ପ୍ରଶଂସା କରି ଭବିଷ୍ୟତରେ ଅଧିକ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ନେଭାଲ୍ ଉଇଙ୍ଗର ଏସ୍‌ସିସି ସପ୍ତକ ପଣ୍ଡିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ସହିତ ରାଷ୍ଟ୍ରପତି ଭବନରେ ଗ୍ରୁପ୍ ସଙ୍ଗୀତ ପ୍ରଦର୍ଶନ କରି କଲେଜ ଓ ରାଜ୍ୟର ଗୌରବ ବଢ଼ାଇଥିଲେ। ଆର୍ମି ଏସ୍ ଡି ଉଇଙ୍ଗର ସିଡିଟି ସୁଭମ ଦାସ ପିଏମ୍ ରାଲିରେ ସଫଳ ଭାବେ ଅଂଶଗ୍ରହଣ କରି ସଂସ୍ଥା ପାଇଁ ଗୌରବ ଆଣିଥିଲେ। ଏହାସହିତ ଆର୍ମି ଏସ୍ ଡବ୍ଲୁ ଉଇଙ୍ଗର ଏସ୍‌ୟୁଓ ମୋନାଲିସା ରାଉତ ଅଲ୍ ଇଣ୍ଡିଆ କର୍ତ୍ତବ୍ୟ ପଥରେ ଅଂଶଗ୍ରହଣ କରି ନିଜ ପ୍ରତିଭା ଓ ଶୃଙ୍ଖଳାବଦ୍ଧତାର ଉଦାହରଣ ସୃଷ୍ଟି କରିଥିଲେ। ସ୍ୱାଗତ ସମାରୋହରେ କଲେଜ ପ୍ରଧାନ ଆଚାର୍ଯ୍ୟ ଡ. ଦିନେଶ ଚନ୍ଦ୍ର ଦାଶ, ଆର୍ମି ଏସ୍ ଡି ଉଇଙ୍ଗ ଏଏନଓ ଲେଫ୍ଟେନାଣ୍ଟ ଅକ୍ଷଶିଷ କୁମାର ପଣ୍ଡା, ନେଭାଲ୍ ଉଇଙ୍ଗ ସିଟିଓ ପ୍ରଶାନ୍ତ କୁମାର ସାହୁ, ଆର୍ମି ଏସ୍ ଡବ୍ଲୁ ଉଇଙ୍ଗ ସିଟିଓ ଅନିତା ହାଁସଦା ଏବଂ ରସାୟନ ବିଭାଗର ମୁଖ୍ୟ ବିଭୁଦତ୍ତ ବେହେରା ଉପସ୍ଥିତ ଥିଲେ।

**● ଜାତୀୟ ବିଜ୍ଞାନ ଦିବସ ପାଳିତ**

## 'ବିଜ୍ଞାନରେ ମହିଳା: ବିକଶିତ ଭାରତର ପ୍ରେରକ ଶକ୍ତି' ବିଷୟରେ ଆଲୋଚନା



ବାଲେଶ୍ୱର,୨୮।୨(ସମିସ): 'ବିଜ୍ଞାନରେ ମହିଳା: ବିକଶିତ ଭାରତର ପ୍ରେରକ ଶକ୍ତି' ବିଷୟରେ ଜାତୀୟ ବିଜ୍ଞାନ ଦିବସ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହ (ଅବସରପ୍ରାପ୍ତ, ଉତ୍କଳ ବିଶ୍ୱବିଦ୍ୟାଳୟ) ସାର୍ ସି. ଭି. ରମନଙ୍କ ବୈଜ୍ଞାନିକ ଐତିହ୍ୟକୁ ସ୍ମରଣ କରିବା ସହ ମହିଳା ଗବେଷକମାନଙ୍କୁ ଗବେଷଣାରେ ନୂତନ ଦୃଷ୍ଟିକୋଣ ଅନ୍ୱେଷଣ କରିବାକୁ ପ୍ରେରିତ କରିଥିଲେ ଓ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ରିନ୍ଟୁ ବାନାର୍ଜୀ, ଉପ-ନିର୍ଦ୍ଦେଶକ, ଆଇଆଇଟି ଖଡ଼ଗପୁର, ଉଦବୋଧନରେ ଷ୍ଟେମ୍ କ୍ଷେତ୍ରରେ ନାରୀଙ୍କ ଭୂମିକା ବିଷୟରେ ଅଲୋକପାତ କରିଥିଲେ। ଏହି ଅବସରରେ ଫକୀରମୋହନ ପ୍ରସିଦ୍ଧ ବୈଜ୍ଞାନିକ ପୁରସ୍କାର୨୦୨୬ ଇଂଜିନିୟର ଡ. ମିହିର କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। 'ଏଫ୍‌ଏମ୍‌ୟୁ ଫ୍ୟାକଲ୍ଟି କମ୍ପେଣ୍ଡିଅମ୍୨୦୨୬' ଉନ୍ମୋଚନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ମନୋରଞ୍ଜନ ମିଶ୍ର, ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ, ପ୍ରଫେସର ସଚିଦାନନ୍ଦ ଦେହୁରୀ, ପ୍ରଫେସର ଦେବାଶିଷ ପାତ୍ର ଓ ଡ଼କ୍ଟର ସମୀର କୁମାର ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଭିନ୍ନ ବିଷୟରେ 'ଫକୀରମୋହନ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଗବେଷକ ପୁରସ୍କାର' ମଧ ପ୍ରଦାନ କରାଯାଇଥିଲା। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟଙ୍କ ପକ୍ଷରୁ ବିଶ୍ୱର ଶୀର୍ଷ ୨% ବିଜ୍ଞାନୀଙ୍କ ତାଲିକାରେ ସ୍ଥାନ ପାଇଥିବା ପ୍ରଫେସର ପଙ୍କଜ କୁମାର ପାରହି, ପ୍ରଫେସର ଗୌରଙ୍ଗ ଚରଣ ସାମନ୍ତ ଓ ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟଙ୍କୁ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ମହିଳା ଅଧ୍ୟାପକମାନେ ନିଜ ଗବେଷଣା ପୋଷ୍ଟର ପ୍ରଦର୍ଶନ କରିଥିବା ସହ କୁଳପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଆୟୋଜକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଉଦବୋଧନ ରଖିଥିଲେ। ପରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ବିବେକାନନ୍ଦ ନାୟକ ସଂଯୋଜିତ କରିଥିବା ବେଳେ ଶେଷରେ ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ।

**● ଭାଷାପକ୍ଷ ଓ କୁଟୀର ବହିମେଳା ପଞ୍ଚମ ଦିବସ**

## କବି ଶ୍ରୀଦେବ ସାହିତ୍ୟ ସନ୍ଧ୍ୟା



ବାଲେଶ୍ୱର,୨୮।୨(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଭାଷାପକ୍ଷ ଓ କୁଟୀର ବହିମେଳାର ପଞ୍ଚମ ଦିବସରେ କବି ଶ୍ରୀଦେବ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକା ଅଞ୍ଜଳି ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସନ୍ଧ୍ୟାରେ ଯୁବକବି ଜ୍ଞାନେନ୍ଦ୍ର ପଣ୍ଡା ଓ ଗବେଷିକା ରାଜସ୍ମିତା ସାହୁ ଆଲୋଚକ ଭାବେ କବି ଶ୍ରୀଦେବଙ୍କୁ ମାଆ, ମାଟି ଓ ଗାଁର କବି ଭାବେ ଅଭିହିତ କରିବା ସହ ଶୂନ୍ୟପେଟକୁ ପୂର୍ଣ୍ଣ କରୁଥିବା ଚାଷୀର ଯାବତୀୟ ଦୁଃଖ ଯନ୍ତ୍ରଣାକୁ ଅତି ନିଖୁଣ ଭାବରେ ନିଜ କବିତାରେ ଆଙ୍କିପାରନ୍ତି ବୋଲି ମତପ୍ରକାଶ କରିଥିଲେ। କବି ଶ୍ରୀଦେବ ତାଙ୍କ ବକ୍ତବ୍ୟରେ ସାଂପ୍ରତିକ ସାହିତ୍ୟର ଗତି, ପ୍ରକୃତି ଓ ସ୍ଥିତି ସଂପର୍କରେ ଆଲୋଚନା କରିଥିଲେ। ଗଙ୍ଗାଧର ବିଶ୍ୱାଳ, ରିତେଶ ଦାଶ, ପ୍ରୀତିଲେଖା ଦାସ, ପ୍ରଫୁଲ୍ଲ କୁମାର ଦାସ, କବିତା ଜେନା, ଡ. ସାରଙ୍ଗଧର ତ୍ରିପାଠୀ ପ୍ରମୁଖ କବିଙ୍କ ବିଭିନ୍ନ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ତଥା କବି ଶ୍ରୀଦେବଙ୍କ ଉପରେ ଆଧାରିତ କବିତାକୁ କଲ୍ୟାଣୀ ନନ୍ଦ ଗାନ ବରିଥିଲେ। ଯୁଗ୍ମ ସମ୍ପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଶେଷକଥା ରଖିଥିଲେ।

## କାଫେରୁ ଚୋରି ଅଭିଯୋଗ

ସୋର,୨୮।୨(ସମିସ): ସୋର ପୌରପାଳିକା ଅନ୍ତର୍ଗତ କଲେଜ ଛକ ନିକଟରେ ଥିବା ଏକ କାଫେ ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୋର ଥାନା ସବିରା ପଞ୍ଚାୟତ ଦାଣ୍ଡପଳସା ଗ୍ରାମର ଜୀବନ ସଂଗ୍ରାମ ପାଣି କଲେଜ ଛକ ନିକଟରେ ଏକ କାଫେ ଦୋକାନ କରିଛନ୍ତି। ପ୍ରତିଦିନ ଭଳି ଗତକାଲି ରାତରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳେ ଦୋକାନ ଖୋଲିବା ସମୟରେ ଦୋକାନର ତାଲା ଭଙ୍ଗାଯାଇ ଗ୍ୟାସ ସିଲିଣ୍ଡର, ରୋଷେଇ ସରଞ୍ଜାମ ସମେତ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସୋର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସହରରେ ନାହିଁ ପଡ଼ିଆ କିମ୍ବା ମର୍ଣ୍ଣିଂ ୱାକ୍ ଟ୍ରାକ

# ମୁଖ୍ୟରାସ୍ତା ଉପରେ ବିପଦପୂର୍ଣ୍ଣ ପ୍ରାତଃଭ୍ରମଣ

ବାଲେଶ୍ୱର,୨୮।୨(ସମିସ)

ସହରର ମୁଖ୍ୟ ରାସ୍ତା ଏବେ ମର୍ଣ୍ଣିଂ ୱାକ୍ କରୁଥିବା ଲୋକଙ୍କ ପାଇଁ ଏକମାତ୍ର ସାହାରା। ସକାଳୁ ସକାଳୁ ସହରର ମୁଖ୍ୟ ରାସ୍ତା ତଥା ପୁଲିସ ଲାଇନ୍ ପଡ଼ିଆରୁ ଆରମ୍ଭ ହୋଇ ତାମୁଲିଆ ପର୍ଯ୍ୟନ୍ତ ଭିଡ଼ ହେଉଛି। ଯୁବପିଢ଼ିଙ୍କଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ରାସ୍ତା ଉପରେ ଚାଲୁଛନ୍ତି ନହେଲେ ଦୌଡୁଛନ୍ତି। କାରଣ ବାଲେଶ୍ୱର ସହରରେ ନାହିଁ ପଡିଆ କି ମର୍ଣ୍ଣିଂ ୱାକ୍ ଟ୍ରାକ୍। ଯେଉଁମାନେ ପୁଲିସ ଲାଇନ୍ ପଡ଼ିଆରେ ଚାଲୁଥିଲେ ସେମାନଙ୍କ ପାଇଁ ମଧ ଏହି ସୁବିଧା ଆଉ ନାହିଁ। କାରଣ କିଛି ମାସ ହେବ ଏହି ପୁଲିସ ଲାଇନ୍ ପଡ଼ିଆକୁ ବନ୍ଦ କରିଦିଆଯାଇଛି। ଫଳରେ ସମସ୍ତେ ରାସ୍ତାରେ ଚାଲିବା ସହ ବ୍ୟାୟାମ ମଧ କରୁଥିବା ଦୃଶ୍ୟ ନଜରକୁ ଆସିଛି। ଗୋଟେ ପଟେ ସହରରେ ବଡ଼ ପାର୍କ ନାହିଁ। ଅନ୍ୟପଟେ ଚାଲିବା ପାଇଁ ପଡ଼ିଆଟେ ବି ମିଳୁନି। ଅସୁରକ୍ଷିତ ଭାବେ ରାସ୍ତାରେ ଚାଲୁଛନ୍ତି ସଭିଏଁ। ଆଥଲେଟ ମଧ ଏହି ରାସ୍ତାରେ ଦୌଡୁଛନ୍ତି ଏବଂ ଦୋକାନ ବାରଣ୍ଡାରେ ବ୍ୟାୟାମ ଅଭ୍ୟାସ କରୁଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ସମସ୍ତେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଦୀର୍ଘ ୧୫ ବର୍ଷ ହେବ ପୁଲିସ ଲାଇନ୍ ପଡ଼ିଆ ବ୍ୟବହାର କରୁଥିଲୁ। ଆମେ ଭୋର୍ ୪ରୁ ୭.୩୦ ମିନିଟ୍ ପର୍ଯ୍ୟନ୍ତ ନିୟମିତ ବ୍ୟାୟାମ କରୁଥିଲୁ। କିନ୍ତୁ କିଛି ମାସ ହେବ ପଡ଼ିଆ ଆମମାନଙ୍କ ପାଇଁ ବନ୍ଦ କରିଦେଇଛନ୍ତି। ବାଧହୋଇ ଆମେ ରାସ୍ତାରେ ଚାଲିବା ସହ ବ୍ୟାୟାମ କରୁଛୁ। ଏହାଦ୍ୱାରା ଟ୍ରାଫିକରେ ଅସୁରକ୍ଷିତ ଭାବେ ଚାଲିବାକୁ ପଡୁଥିବା ବେଳେ ଯୋଗ ତଥା ବ୍ୟାୟାମ ଅଭ୍ୟାସ ପାଇଁ ଯେମିତି ଗ୍ରାଉଣ୍ଡ ଦରକାର ତାହା ନାହିଁ। ରାସ୍ତା ଉପରେ ଚାଲିଲେ ବା ଦୌଡିଲେ ଆଣ୍ଠୁ ସମସ୍ୟା ତଥା ଅସୁରକ୍ଷିତ ମଧ। ଏହାବ୍ୟତୀତ ରାସ୍ତାରେ ଚାଲିବା ବେଳେ ବହୁତ ଜଣଙ୍କୁ କୁକୁର ବି କାମୁଡିଲାଣି। ରାଜଧାନୀରେ ଯେମିତି ଚାଲିବା ପାଇଁ ପାର୍କ ଭିତରେ ଟ୍ରାକ୍ ସହ ଯୋଗ କରିବା ପାଇଁ ଗାଁ ଗ୍ରାଉଣ୍ଡ ରହିଛି ସେମିତି ଏଠାରେ ମଧ ବ୍ୟବସ୍ଥା କରାଯିବା ଉଚିତ ବୋଲି ବାଲେଶ୍ୱର ମାରାଥନ ଆସୋସିଏସନ୍ ଉପସଭାପତି ସନ୍ତୋଷ ବେହେରା କହିଛନ୍ତି। ସେହିପରି ବରିଷ୍ଠ ଲେଖକ କୃଷ୍ଣ କୁମାର ମହାନ୍ତି କହିଛନ୍ତି, ବାଲେଶ୍ୱର ସହରରେ ସ୍ୱାସ୍ଥ୍ୟ ସଚେତନ ବରିଷ୍ଠ ନାଗରିକ, ମହିଳା, ଯୁବକଯୁବତୀଙ୍କ ପ୍ରାତଃ ଭ୍ରମଣ ପାଇଁ ପ୍ରକୃଷ୍ଟ ପଡିଆଟିଏ ନାହିଁ - ଏହା ଲଜ୍ଜାଜନକ। ପୁଲିସ ପଡ଼ିଆରେ ଭୋର୍ ଭୋର୍ ଆମେ ମର୍ଣ୍ଣିଂ ୱାକ୍ କରୁଥିଲୁ କିନ୍ତୁ ଅନେକ ସମୟରେ ଆମକୁ ପୁଲିସ ପକ୍ଷରୁ ଘଉଡାଇ ଦିଆଯାଉଥିଲା। ଏବେ ସେ ପଡିଆକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଫଳରେ ସହରବାସୀ ନାଚାର ହୋଇ ମୁଖ୍ୟ ସଡକରେ ପ୍ରାତଃ ଭ୍ରମଣ କରୁଛନ୍ତି ଯାହା ବିପଜ୍ଜନକ ଅଟେ। କ୍ଷୀପ୍ର ଗତିରେ ଗାଡି ମଟର ଯାଉଥିବା ରାସ୍ତାରେ ଚାଲିବା କେତେଦୂର ନିରାପଦ ତାହା ଭାବିବା କଥା। ଜିଲ୍ଲାପାଳ ଏହାର ଏକ ବିକଳ୍ପ ବ୍ୟବସ୍ଥା କରିବାକୁ ନିବେଦନ କରୁଛି।



ନିୟମିତ ମର୍ଣ୍ଣିଂ ୱାକ ଯାଉଥିବା ମମତା କହିଛନ୍ତି, ଆମେ ପ୍ରତିଦିନ ପୁଲିସ ପଡ଼ିଆକୁ ଚାଲିବା ଯାଉଥିଲୁ। ହେଲେ ଏବେ କିଛି ମାସ ହେଲା ତାହା ସମ୍ପୂର୍ଣ୍ଣ ବନ୍ଦ କରିଦେଇଇନ୍ତି। ଫଳରେ ଆମେ ରାସ୍ତାରେ ଚାଲୁଛୁ। ରାସ୍ତାରେ ଚାଲିବା ବେଳେ ସୁରକ୍ଷିତ ଅନୁଭବ ହେଉନାହିଁ। ଏଥିସହିତ ଜାଗେ ଜାଗେ ରାସ୍ତା ଉପରେ ବସ୍ ଛିଡ଼ା ହୋଇ ରହୁଛି। କେଉଁଠି ଅଳିଆ ରାସ୍ତା ଉପରେ ପଡୁଛି। ତେଣୁ ରାସ୍ତା ଉପରେ ଚାଲିବା ଠିକ୍ ଲାଗୁନାହିଁ। ମୋ ପରି ଅନେକ ଲୋକଙ୍କ ଭରସା ଏବେ ସହରର ମୁଖ୍ୟ ରାସ୍ତା। ଆମକୁ ଘଣ୍ଟାଏ ପାଇଁ ଏହି ପଡ଼ିଆରେ ଚାଲିବା ପାଇଁ ଅନୁମତି ଦେଲେ ବି ଭଲ ହେବ'।

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କହିଛନ୍ତି, ମୁଁ ପ୍ରତିଦିନ ଚାଲିବାକୁ ଯାଏ। ପୋଲିସ ଲାଇନ୍ ପଡ଼ିଆ ବି ଯାଉଥିଲି। ବହୁତ ଭିଡ ହୁଏ ସେଠାରେ। ମଝିରେ ମଝିରେ ପଡିଆ ମଧ ବନ୍ଦ କରିଦିଅନ୍ତି। ଏବେ ମଧ ବନ୍ଦ ଅଛି। ଆମର ଚାଲିବା ପାଇଁ କିଛି ସୁବିଧା ନାହିଁ। ସେଥିପାଇଁ ଅସୁରକ୍ଷିତ ଭାବେ ଆମେ ରାସ୍ତାରେ ଚାଲୁଛୁ। ବିପଦ ନଥିବା ସ୍ଥାନରେ ଚାଲିବା ପାଇଁ ସୁବିଧା କଲେ ହେବ। ନହେଲେ ସ୍ୱତନ୍ତ୍ର ପାଦଚଲା ରାସ୍ତା କରାଯାଆନ୍ତା। ଏବେ ଯାହା ପାଦଚଲା ରାସ୍ତା ହୋଇଛି ତାହା ଅଧା ଖଣ୍ଡିଆ ଏବଂ ଉଠା ଦୋକାନୀଙ୍କ କବଜାରେ ରହିଛି। ତେଣୁ ତାହା ଚାଲିବା ଯୋଗ୍ୟ ଆଦୌ ନୁହେଁ। ପୁଲିସ ଗ୍ରାଉଣ୍ଡ ଅସମାନ ତଥା ଆବଡା ଖାବଡା ଏବଂ ଖରାପ ଅବସ୍ଥା ହୋଇଯାଇଥିଲା। ପୁଲିସ ନିଜସ୍ୱ ଡ୍ରିଲ୍ ଅଭ୍ୟାସ ପାଇଁ ଗ୍ରାଉଣ୍ଡ ବ୍ୟବହାର କରିପାରୁନଥିଲା। ସେଥିପାଇଁ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ବନ୍ଦ କରାଯାଇଛି। ଆଗାମୀ ଦିନରେ ସାଧାରଣଜନତାଙ୍କୁ ଅନୁମତି ଦେବା କଷ୍ଟକର ହେବ। କାରଣ ଗ୍ରାଉଣ୍ଡ ରକ୍ଷଣାବେକ୍ଷଣ ଏକ ସମସ୍ୟା ହୋଇପଡୁଛି। ଗ୍ରାଉଣ୍ଡ ପାଖରେ ଏକ ଅସ୍ତ୍ରାଗାର(ଆର୍ମୋରି) ରହିଛି, ଯାହା ଏକ ସମ୍ବେଦନଶୀଳ ଜାଗା। ଏହା ନିକଟରେ ଜନସାଧାରଣଙ୍କୁ ଅନୁମତି ଦେବା ଅନୁଚିତ। ପୁଲିସ ଡ୍ରିଲ୍ ଅଭ୍ୟାସ ଏବଂ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ପୁଲିସ ପ୍ରକ୍ରିୟା ଯୋଗୁଁ ଗ୍ରାଉଣ୍ଡଟି ନିୟୋଜିତ ରହିଛି ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ମତବ୍ୟକ୍ତ କରିଛନ୍ତି।

## ମିଲର ନିର୍ଯାତନାରେ ଚାଷୀ ଆଖି ବୁଜିବା ଘଟଣା

# ଯୋଗାଣ ବିଭାଗ ୪ ଜଣିଆ ଟିମ୍‌ର ତଦନ୍ତ

ରାଜନଗର,୨୮।୨(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଜୁଣଗଡି ଗ୍ରାମର ଚାଷୀ ତ୍ରିଲୋଚନ ନାୟକ ମିଲର ନିର୍ଯାତନା ସହି ନ ପାରି ଆଖି ବୁଜିଛନ୍ତି। ୩ ଦିନ କାଳ ମିଲ ସାମ୍ନାରେ ଖୋଲା ଆକାଶ ତଳେ ଅଖିଆ ଅପିଆ ପଡ଼ି ରହି ଅସୁସ୍ଥ ହୋଇ ଘରେ ପହଞ୍ଚିବା କ୍ଷଣି ତାଙ୍କର ମୃତ୍ୟୁ ଘଟିଛି। ଦୀର୍ଘ ୪୦ ଦିନ କାଳ ମଣ୍ଡି ଓ ମିଲ୍‌କୁ ଦୌଡି ଦୌଡି ନିର୍ଯାତିତ ହେବା ପରେ ଶେଷରେ ଚାଷୀଙ୍କ ଜୀବନ ଅକାଳରେ ଝରି ପଡିଛି। ଚାଷୀ ମୃତ୍ୟୁ ଖବର ସାରା ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଗତକାଲି ମୃତ ଚାଷୀଙ୍କ ପତ୍ନୀ ଭାରତୀ ନାୟକ ମିଲର ଓ ସମବାୟ ସମିତି କର୍ମଚାରୀଙ୍କ ନିର୍ଯାତନା ପାଇଁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ନେଇ ଲିଖିତ ଭାବେ ରାଜନଗର ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଆଜି କେନ୍ଦ୍ରପଡା ଯୋଗାଣ ବିଭାଗର ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରୀତମ ଦାସଙ୍କ ନେତୃତ୍ୱରେ ସହକାରୀ ଯୋଗାଣ ଅଧିକାରୀ ପ୍ରଦୀପ ସାହୁ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୂର୍ଣ୍ଣମ ଜେନା, ଦେବଶ୍ରୀ ମାଥା ଡାଙ୍ଗମାଳ ସେବା ସମବାୟ ସମିତି, ରାମଚଣ୍ଡୀ ରାଇସ ମିଲ ଓ ମୃତ ଚାଷୀଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି।

ଏହି ତଦନ୍ତକାରୀ ଟିମ୍ ପ୍ରଥମେ ଡାଙ୍ଗମାଳ ସେବା ସମବାୟ ସମିତିରେ ପହଞ୍ଚି ଧାନ କିଣା ଦାୟିତ୍ୱରେ ଥିବା ସହସମ୍ପାଦକ ବିଜୟ କୁମାର ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ପରେ ମୃତ ଚାଷୀ ତ୍ରିଲୋଚନଙ୍କ ଘରେ ପହଞ୍ଚିଥିଲେ। ମୃତ ତ୍ରିଲୋଚନଙ୍କ ପତ୍ନୀ ଭାରତୀ ନାୟକ, ଭାଇ ଦୁର୍ଯ୍ୟୋଧନ ଓ ତାଙ୍କ ପୁଅଙ୍କ ସହ ଆଲୋଚନା କରିଥିଲେ। ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଆମେ ମିଲରେ ଧାନ ଦେଇଛୁ ବୋଲି ମୃତ ଚାଷୀଙ୍କ ପରିବାର ଲୋକେ ତଦନ୍ତକାରୀ ଟିମ ଆଗରେ କହିଥିଲେ। ଏହାପରେ ରାମଚଣ୍ଡୀ ରାଇସ୍ ମିଲ ଯାଇ ତଦନ୍ତ କରିଥିଲେ। ଏ ସମ୍ପର୍କରେ ସହକାରୀ ଯୋଗାଣ ଅଧିକାରୀ ପ୍ରୀତମ ଦାସଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଦେବୁ। ଜିଲା ଯୋଗାଣ ଅଧିକାରୀ ଯାହା ପଦକ୍ଷେପ ନେବେ ବୋଲି କହିଛନ୍ତି।

## ମା' ବୁଢ଼ୀ କନକାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ରାଜନଗର,୨୮।୨(ସମିସ): ଡାଙ୍ଗମାଳ ପଞ୍ଚାୟତ ବଡ଼ଆଡିଆ ଗାଁର ଗ୍ରାମଦେବତୀ ମା' ବୁଢ଼ୀ କନକାଇ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ନୂତନ ମନ୍ଦିରକୁ ମା'ଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ୨୩ ତାରିଖରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୫୦ରୁ ଅଧିକ ମହିଳା ଗାଁରୁ ଶୋଭାଯାତ୍ରାରେ ନଳିତାପାଟିଆସ୍ଥ ବୈତରଣୀ ନଦୀକୁ ଯାଇଥିଲେ। ନଦୀରୁ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ୨୪ ତାରିଖରେ ସୂର୍ଯ୍ୟପୂଜା, ଗୋ ପୂଜା, ମନ୍ଦିର ଶିକ୍ଷାର ସ୍ନାନ, ଦେବତା ସ୍ନାନ ନୀତି ସମାପନ ହୋଇଥିଲା। ୨୫ ତାରିଖରେ ମା'ଙ୍କ ୩୨ ଉପଚାର ପୂଜା, ଦୁର୍ଗା ସପ୍ତସତୀ ଚଣ୍ଡୀ ଆହୂତି, ୨୬ ତାରିଖରେ ଦେବତା ଜୀବନ୍ୟାସ, ମନ୍ଦିର ନ୍ୟାସ, ନଗର ପରିକ୍ରମା ସହିତ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଦ୍ୱାରା ଦେବୀଙ୍କ ମନ୍ଦିର ପ୍ରବେଶ ନୀତି ଅନୁଷ୍ଠିତ ହୋଇଥିଲା।



ଆଜି ନଗର ପରିକ୍ରମା ଓ ମହୋତ୍ସବ ସହିତ ମନ୍ଦିର ପ୍ରତିଷ୍ଠା ଓ ମା'ଙ୍କ ମନ୍ଦିର ପ୍ରବେଶ ନୀତି ଶେଷ ହୋଇଛି। ଶ୍ରୀମନ୍ଦିରର ପ୍ରବୀଣ ପଣ୍ଡିତଙ୍କ ଦ୍ୱାରା ସମସ୍ତ ଦେବ ନୀତି କରାଯାଇଥିଲା। ରମେଶ ବେହେରା ଓ ତାଙ୍କ ପତ୍ନୀ ଚନ୍ଦ୍ରିକା ବେହେରା କର୍ତ୍ତା ଥିଲେ।

## +୨ ବାଣିଜ୍ୟ ଇଂରାଜୀ ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୮।୨(ସମିସ): ସମ୍ପ୍ରତି +୨ ପରୀକ୍ଷା ଚାଲିଥିବାବେଳେ ବାଣିଜ୍ୟ ଇଂରାଜୀ ପ୍ରଶ୍ନପତ୍ରରେ ତ୍ରୁଟି ଥିବା ଅଭିଯୋଗ ହୋଇଛି। ପ୍ରଶ୍ନପତ୍ର ୨ରେ ଦି ପବ୍ଲିସର ହାଜ୍ ରେସେଣ୍ଟଲି ଏ ନ୍ୟୁ ଏଡିସନ ଅଫ ଦି ବୁକ୍ ଅପସନ୍‌ରେ ଫ୍ରେଜଲ୍ ଭର୍ବ ବସାଇବାକୁ କୁହାଯାଇଛି। ଫ୍ରେଜଲ ଭର୍ବ ଅପସନ୍ ହେଲା- ବ୍ରଟ ଅପ, ବ୍ରଟ ଆଉଟ୍, ବ୍ରଟ ଇନ୍, ବ୍ରଟ ଏବୌଟ। ପ୍ରଶ୍ନପତ୍ରରେ ହାଜ ହେଉଛି ପ୍ରେଜେଣ୍ଟ ଟେନ୍ସ, ମାତ୍ର ଅପସନ୍‌ରେ ଅଛି ପାଷ୍ଟଟେନ୍ସ। ଏଣୁ ପ୍ରେଜେଣ୍ଟ ଟେନସ = ପ୍ରେଜେଣ୍ଟ ଟେନ୍ସ ହେବା ଉଚିତ୍। ଅର୍ଥାତ୍ ଅପସନରେ ବ୍ରିଂସ ଆଉଟ୍ ରହିବା ଉଚିତ୍। ଯଦି ପ୍ରଶ୍ନପତ୍ରରେ ହାଜ ପବ୍ଲିସଡ ଥାଆନ୍ତା, ତେବେ ବ୍ରଟ ଆଉଟ୍ ହୋଇଥା'ନ୍ତା। ମାତ୍ର ବ୍ୟାକରଣ ଅନୁସାରେ ହାଜ ରିସେଣ୍ଟଲି ଆହୁରି ମଧ ପ୍ରେଜେଣ୍ଟ ସିମ୍ପଲରେ ରେସେଣ୍ଟଲୀ ବ୍ୟବହୃତ ହୁଏ ନାହିଁ। ଏହା ହାଜ ପବ୍ଲିସ ହେବା ଉଚିତ୍। ଏହି ମତାମତ ଦେଇଛନ୍ତି ବରିଷ୍ଠ ଶିକ୍ଷାବିତ୍ ଆଡଭୋକେଟ ବିଜୟ ରାଉତ, ଆଡଭୋକେଟ୍ ସୁରେଶ ନରେନ୍ଦ୍ର, ଧୀରେନ୍ଦ୍ର ସାହୁ ଓ ଅଶ୍ୱିନୀ ଚୌଧୁରୀ। ଏହାର ଯଥାର୍ଥତାକୁ ଉପଲବ୍ଧି କରି ଭୁଲ ସଂଶୋଧନ କରିବା ଉପରେ ପ୍ରାଧାନ୍ୟ ଦେଲେ ପରୀକ୍ଷାର୍ଥୀ ଉପକୃତ ହୋଇପାରିବେ ବୋଲି ସେମାନେ ମତ ଦେଇଛନ୍ତି।

## ଚାନ୍ଦୋଳ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଡେରାବିଶ, ୨୮।୨ (ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆରମ୍ଭ ହୋଇଛି। ଅଧ୍ୟକ୍ଷ ଅକ୍ଷୟ ବଳ ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିବାବେଳେ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା ସ୍ମୃତିଶ୍ରାବଣୀ ମଞ୍ଚ ପରିଚାଳନା କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପିକା ସ୍ମୃତିରେଖା ପଣ୍ଡା ଛାତ୍ରୀଙ୍କୁ ଆତ୍ମରକ୍ଷାର କୌଶଳ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ନାଥଶର୍ମା, ମନୀଷା ଦାସ, ମନୀଷା ମହାରଣା, ଶାଶ୍ୱତୀପ୍ରଜ୍ଞା ସାହୁ, ଶର୍ମିଷ୍ଠା ଦାସ ପ୍ରମୁଖ ବର୍ତ୍ତମାନ ପରିସ୍ଥିତିରେ ବାଳିକାମାନେ ସମ୍ମୁଖୀନ ହେଉଥିବା ବିପଦର କିପରି ମୁକାବିଲା କରିବେ, ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଶିକ୍ଷିକା ଭାବେ ସୁଶ୍ରୀ ଆଦ୍ୟାଶା ଲେଙ୍କା ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ଶିବିରାର୍ଥୀଙ୍କୁ ପ୍ରଶିକ୍ଷିତ କରାଇଥିଲେ। ଅଧ୍ୟାପକ ଦିବ୍ୟକୁମାର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଧ୍ୟାପିକା ମେନକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକନାଥପୁର ସ୍କୁଲର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୨୮।୨(ସମିସ): ଲୋକନାଥପୁର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ, ଇକୋ କ୍ଲବ ପକ୍ଷରୁ ୩ଟି ଆବର୍ଜନା କୁଣ୍ଡ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ନେହଲତା ଦାସ ଓ ସୁକାନ୍ତୀ ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭାଂଶୁ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି, ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଡଃ ରଶ୍ମୀରେଖା ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ୧୬ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତିର୍ମୟୀ ବେହେରା, ଗଙ୍ଗାରାମପୁର ସରପଞ୍ଚ ସନ୍ତୋଷିନୀ ଜେନା, ସାଂସଦ ପ୍ରତିନିଧି ସୁନାକର ବେହେରା, ପଟ୍ଟାମୁଣ୍ଡାଇ ବିଆରସିସି ପ୍ରେମବାଳା ମହାପାତ୍ର, ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅସୀମା ବେହୁରା,



ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ଇକୋ କ୍ଲବ ଜିଲ୍ଲା ସଂଯୋଜକ ଗୋପୀନାଥ ଦାଶ, ଡଃ ନାରାୟଣ ପ୍ରସାଦ ଜେନା, ଶିକ୍ଷକନେତା ଅଶୋକ ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ଦାସ ସ୍କୁଲର କାର୍ଯ୍ୟଧାରା ଉପରେ ବକ୍ତବ୍ୟ ରଖି ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଅବସରରେ ଜରିଆ ବଳଦେବ ସରକାରୀ ଉଚ୍ଚବିଦ୍ୟାଳୟ ଓ ସିଦ୍ଧ ପରମହଂସ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ନେହଲତା ଦାସ ଓ ସୁକାନ୍ତି ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିସହିତ ନିକଟରେ ପ୍ରାକ୍ତନ ଆଳି ସହକାରୀ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଉଦକର ସାମଲ, ପ୍ରାକ୍ତନ ଶିକ୍ଷକ ନନ୍ଦକିଶୋର ରାଉତ ଓ ବଦଳି ହୋଇଥିବା ଶିକ୍ଷକ ସଂଜୟ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରିଥିବା ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମଲଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ଦଳାଇ ସ୍ୱାଗତ ଭାଷଣ ଓ ଦୀପ୍ତିରେଖା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ନିଗ୍ଧା ସୁଚରିତା ସାହୁ ଧନ୍ୟବାଦ ଦେଇଥିଲେ। ସଂଘମିତ୍ରା ସାମନ୍ତ, ରାଜେଶ ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ସ୍ୱରୂପ ଜେନା, ପଞ୍ଚଶଖା ଶିକ୍ଷା ସେତୁ ଅଧ୍ୟକ୍ଷ ସଂଜୟ ନାୟକ, ଦିଲ୍ଲୀପ ଜେନା, ଲକ୍ଷ୍ମୀପ୍ରିୟା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଜୟ ରାଉତଙ୍କୁ 'ସାମ୍ବାଦିକ ଗୌରବ' ସମ୍ମାନ

ରାଜକନିକା,୨୮।୨(ସମିସ): ରାଜକନିକା ବ୍ଲକର ଯୁବ ସାମ୍ବାଦିକ ଅଜୟ କୁମାର ରାଉତଙ୍କୁ "ସାମ୍ବାଦିକ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଛି। ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଝଡ଼ମାଳ ମହାବୀର କ୍ଲବ୍ ପକ୍ଷରୁ ଆୟୋଜିତ ୧୮ତମ ବାର୍ଷିକ ଉତ୍ସବ ଓ



ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଉପେନ୍ଦ୍ର ରାଉଳ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅଭୟ କୁମାର ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ସୁଧା ପତ୍ରିକା ସମ୍ପାଦକ ହରେକୃଷ୍ଣ ବାରିକ, ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପ୍ରାଧାପକ ଡ. ଫକୀର ପ୍ରଧାନ, ଶିକ୍ଷାବିତ ବେଣୁଧର ସାମଲ ଓ ମୁରଲୀଧର ଦାସ ପ୍ରମୁଖ ଯୋଗଦେଇ ସାମ୍ବାଦିକ ଅଜୟ ରାଉତଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏ ଅବସରରେ ବରିଷ୍ଠ ସମାଜସେବୀ ଦାମୋଦର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍‌ର ସମ୍ପାଦକ ସୁବ୍ରତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ନାରାୟଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଭାପତି ଦୁଷ୍ମନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ୍‌ର ଚେୟାରମ୍ୟାନ ଶିଶିର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ବିଶ୍ୱଭୂଷଣ ପ୍ରଧାନଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ପିଏନ୍‌ଏସ୍ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲେଜିର ବାର୍ଷିକ ଉତ୍ସବ

ମାର୍ଶାଘାଇ,୨୮।୨(ସମିସ): ଅଙ୍ଗୁଳାଇସ୍ଥ ପିଏନ୍‌ଏସ୍ ବୈଷୟିକ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ସଞ୍ଜୟ ମିଶ୍ରଙ୍କ ପୌରୋହିତରେ ମୁଖ୍ୟଅତିଥି ପିଏନ୍‌ଏସ୍ ସ୍କୁଲ ଅଫ ଇଞ୍ଜିୟରିଂ ଆଣ୍ଡ ଟେକ୍ନୋଲୋଜି ଚେୟାରମ୍ୟାନ୍ ରଣେନ୍ଦ୍ର ସ୍ୱାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପିଲାଙ୍କ ପ୍ରତିଭା ବିକାଶ ଅନୁଷ୍ଠାନକୁ ଅଧିକ ସୁଦୂର ପ୍ରସାରୀ କରିବା ନିମନ୍ତେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ନୀଳାଚଳ ପଲିଟେକ୍ନିକ ଭୁବନେଶ୍ୱରର ପୂର୍ବତନ ଡାଇରେକ୍ଟର ଇଞ୍ଜିନିୟର ଅଜୟ ପଣ୍ଡା, ନୀଳାଞ୍ଚଳ ପଲିଟେକ୍ନିକ୍ ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ରାଜ, ସମ୍ମାନିତ ଅତିଥି ପିଏନଏସ ପରିଚାଳନା ପରିଷଦ ସଭ୍ୟ ଅଜୟ ବିଶ୍ୱାଳ, ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ ଯୋଗଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଓ ସୋସିଆଲ ମିଡିଆର ସଠିକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଏକାଡେମିକ ଅଫିସର କ୍ଷିତୀଶ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କର୍ମକ୍ଷେତ୍ରରେ ସଫଳତା ଲାଭ କରିଥିବା ଅନୁଷ୍ଠାନର ପୁରାତନ ଛାତ୍ର ବିଶ୍ୱନାଥ ସ୍ୱାଇଁ, ସନ୍ତୋଷ ଦାସ, ବିପ୍ଳବ ନାୟକ, ମିଟୁ ମଲ୍ଲିକ, ଜୟରାମ ବେହେରାଙ୍କୁ ଆଲୁମନି ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅମରେନ୍ଦ୍ର ସାହୁ ଓ ଅଧ୍ୟାପିକା ସନ୍ତୋଷୀ ଦୀପ୍ତି ପୃଷ୍ଟି ମଞ୍ଚ ପରିଚାଳନା କରିଥିବାବେଳେ ଗଣନ ବିଭାଗ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ସୁନାକର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଅଧ୍ୟାପିକା ଜୟଶ୍ରୀ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମିବାଡ଼ି ବିବାଦକୁ ନେଇ ମାରପିଟ୍, ୩ ଆହତ

ପଞ୍ଚୁପାଣ୍ଡବ,୨୮।୨(ସମିସ): ନିକିରାଇ ଥାନା ଅନ୍ତର୍ଗତ ବେଣୀପୁର ପଞ୍ଚାୟତ ଅଧୀନ ବେଣୀପୁର ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାର ମୁହାଁମୁହିଁ ହୋଇଥିବାବେଳେ ଆକ୍ରମଣ ଓ ପ୍ରତି ଆକ୍ରମଣରେ ତିନିଜଣ ଆହତ ହୋଇଛନ୍ତି। ବେଣୀପୁର ଗ୍ରାମର ଗଣେଶ୍ୱର ମଳିକ ଓ ଭରତ ମଳିକଙ୍କ ପରିବାର ମଧ୍ୟରେ ଦୀର୍ଘଦିନରୁ ଜମିବାଡ଼ି ବିବାଦକୁ ନେଇ ତିକ୍ତତା ଲାଗି ରହିଥିଲା। ଏପରିକି ଦୁଇମାସ ପୂର୍ବେ ଏହି ଘଟଣାକୁ ନେଇ ଗଣ୍ଡଗୋଳ ହୋଇଥିବାବେଳେ ଏହି ମାମଲା ପ୍ରଥମେ ନିକିରାଇ ଥାନା ଓ ପରେ କେନ୍ଦ୍ରାପଡା ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ଗୁରୁବାର ଦିନ ଏହି ମାମଲାର ସମନ ଉଭୟ ପକ୍ଷଙ୍କ ନିକଟକୁ ଯାଇଥିବାବେଳେ ପୁନର୍ବାର ଦୁଇ ପରିବାର ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବଚସା ଓ ପରେ ଉଗ୍ରରୂପ ଧାରଣ କରିବାରୁ ଭରତ ମଳିକ ଉତକ୍ଷିପ୍ତ ହୋଇ ଏକ କଟୁରୀରେ ଆକ୍ରମଣ କରିବାରୁ ଗଣେଶ୍ୱର, ପତ୍ନୀ ମଞ୍ଜୁଲତା ଓ ଶରତ ମଳିକ ଆହତ ହୋଇଥିଲେ। ଆହତଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏ ସମ୍ପର୍କରେ ଗଣେଶ୍ୱର ନିକିରାଇ ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ପାଇଁ ନିବେଦନ କରିଛନ୍ତି। ଏ ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ନିକିରାଇ ଥାନା ଅଧିକାରୀ ବିମଳ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଜମିବାଡ଼ିକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏବେ କୋର୍ଟରୁ ନୋଟିସ ଆସିଥିବାରୁ ପୁଣି ଗଣ୍ଡଗୋଳ ହୋଇଛି। ଏତଲା ପାଇବା ପରେ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ସମାଜସେବୀଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୮।୨(ସମିସ): ଡାମରପୁର ପଞ୍ଚାୟତର ସମାଜସେବୀ ଅଜୟ ସେନଙ୍କ ଆଜି ସକାଳେ ଦେହାନ୍ତ ହୋଇଯାଇଛି। ବ୍ରେନ ଷ୍ଟ୍ରୋକ ଯୋଗୁଁ କୋମାରେ ଥିବା ଅଜୟ ମାସାଧିକ କାଳ ଭୁବନେଶ୍ୱରର ଏକ ବେସରକାରୀ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଅବସ୍ଥାରେ ସାମାନ୍ୟ ଉନ୍ନତି ଆସିବା ପରେ ଅଜୟଙ୍କୁ ଭୁବନେଶ୍ୱରସ୍ଥ ଏକ ଫିଜିଓଥେରାପି ସେଣ୍ଟରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅଜୟ ଜଣେ ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବରିଷ୍ଠ ରାଜନେତା ନୃସିଂହ ଆଚାର୍ଯ୍ୟ, ଉତ୍କଳ ସଂଗ୍ରାମ ପରିଷଦ ସଭାପତି ପ୍ରଶାନ୍ତ ମହାନ୍ତି, ସମାଜସେବୀ ବସନ୍ତ ନାଥ, କେନ୍ଦ୍ରାପଡା ସିଏସସି ଜିଲ୍ଲା ପରିଚାଳକ ଚିରଞ୍ଜୀବ ସାହୁ, ଶ୍ରୀରାମ ସେନା ଜିଲ୍ଲା ସଭାପତି ଶାରଦା ରାଉତ, ପୂର୍ବତନ ସରପଞ୍ଚ ସୁବାସ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



## ବାସୁଦେବ ପ୍ରାସାଦ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ

ପଟ୍ଟାମୁଣ୍ଡାଇ,୨୮।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡାରେ ପ୍ରଭୁ ବାସୁଦେବ ନୂତନ ପ୍ରାସାଦ, ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ପ୍ରସନ୍ନ ନନ୍ଦଙ୍କ ସମେତ ବହୁ ବେଦଜ୍ଞ ବ୍ରାହ୍ମଣ ଯୋଗଦେଇ ଧାନ୍ୟାଧୀବାସ, ଅଙ୍କୁରାରୋପଣ ଦେବାଧିବାସ, କଳସ ଶୋଭାଯାତ୍ରା, ପୃଥିବୀ ପୂଜା, ଗୁରୁ ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା, ମଣ୍ଡପ ପୂଜା, ବୈଷ୍ଣବାଗ୍ନି ସ୍ଥାପନ, ଦେବତା ମହାସ୍ନାନ, ଚଣ୍ଡି ଯାଗ, ଶାଳା ସଂସ୍କାର, ଦେବତା ଷୋଢାନ୍ୟାସ, ଗୀତା ଯଜ୍ଞ, ଦେବତା ଗ୍ରାମ ପ୍ରଦକ୍ଷିଣ, ରୁଦ୍ର ପୂଜା, ପ୍ରାସାଦ ସ୍ନାନ, ପ୍ରାସାଦ ନ୍ୟାସ, ଦେବତା ପୀଠ ପ୍ରତିଷ୍ଠା, ରୁଦ୍ରୀ ହବନ, ଦେବତା ପ୍ରାସାଦ ପ୍ରବେଶ, ମହାସ୍ନାନ, ରାଜୋପଷ୍ଠାର ପୂଜନ, ସହସ୍ର ହବନ ବିଷ୍ଣୁ ଶାନ୍ତି ମହାଯଜ୍ଞ ଆଦି କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ। ୭ ଦିନ ବ୍ୟାପି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୋଖରୀଆପଡା ଗ୍ରାମବାସୀ ପରିଚାଳନା କରିଥିଲେ।

## ପଞ୍ଚମୁଖୀ ହନୁମାନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

କେନ୍ଦ୍ରାପଡ଼ା,୨୮।୨(ସମିସ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମରେ ପଞ୍ଚମୁଖୀ ହନୁମାନଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ଅଙ୍କୁରାରୋପଣ, ପରବର୍ତ୍ତୀ ଦିନ ଗୋବରୀ ଘାଟରୁ କଳସରେ ପବିତ୍ର ଜଳ ଆଣି ମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା। ମଧ୍ୟାହ୍ନରେ ପୂଜକଙ୍କ ଦ୍ୱାରା ଗୁରୁପୂଜା, ସୂର୍ଯ୍ୟପୂଜା ଓ ଅଗ୍ନିସ୍ଥାପନ ପରେ ବିଧିବତ୍ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ଏଅବସରରେ ଶ୍ରୀରାମ କଥାମୃତ ମାର୍ଗଦର୍ଶକ ପଦ୍ମଭୂଷଣ ବାବା ବଳିଆ ଭକ୍ତଙ୍କୁ ଆଧାତ୍ମିକ ବାଣୀ ପ୍ରଦାନ କରିଥିଲେ। ଶୁକ୍ରବାର ସୂର୍ଯ୍ୟପୂଜା, ଗୁରୁପୂଜା, ଗୋପୂଜା ଓ ଯଜ୍ଞକର୍ମ ସହ ପଞ୍ଚମୁଖୀ ହନୁମାନଙ୍କ ଷୋଡଶ ଉପଚାର ପୂଜା ବିଧିବତ୍ ଭାବେ ସମ୍ପନ୍ନ ହୋଇଥିଲା। ମାନସ ବାଣୀକଣ୍ଠ ଶ୍ରୀକାନ୍ତ ଦାସଙ୍କ ଦ୍ୱାରା ଶ୍ରୀରାମ ଚରିତମାନସ ପ୍ରବଚନ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଭାଗବତ ବାଣୀଭୂଷଣ ବିରଞ୍ଚିନାରାୟଣ ଦାସଙ୍କ ଦ୍ୱାରା ଧାର୍ମିକ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଶନିବାର ମହାଯଜ୍ଞର ପୂର୍ଣ୍ଣାହୁତି, ୧୦୮ ହନୁମାନ ଚାଳିଶା ପାଠ ଓ ସୁନ୍ଦରାକାଣ୍ଡ ପାଠ ମାଧ୍ୟମରେ ଉତ୍ସବ ସମାପନ ହୋଇଥିଲା। ଏହି ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିବାବେଳେ ଗୁଲନଗର ପଞ୍ଚାୟତ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଭକ୍ତ ଉପସ୍ଥିତ ରହି ପଞ୍ଚମୁଖୀ ହନୁମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।



## ନୂଆପଡ଼ା ସ୍କୁଲରେ ବିଜ୍ଞାନ ଦିବସ

ଡେରାବିଶ,୨୮।୨(ସମିସ): ଡେରାବିଶ ଶିକ୍ଷା ସର୍କଲ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ପ୍ରକଳ୍ପ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଦିବସ ପାଳିତ ହୋଇଛି। ଏ ଅବସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଳିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଦିଲ୍ଲୀପ ଦାଶ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହ-ଶିକ୍ଷାଅଧିକାରୀ ଖଗେଶ୍ୱର ନାୟକ, ସିଆରସିସି ପ୍ରମୋଦ ମଲ୍ଲ, ବିଜ୍ଞାନ ଶିକ୍ଷକ ଅନନ୍ତ ପରିଡ଼ା, ତପନ ସ୍ୱାଇଁ, ମାନସ ମିଶ୍ର, ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ପ୍ରଦର୍ଶନୀରେ ୩୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ଶ୍ରୀୟାଶକ୍ତି ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରମୋଦ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସନ୍ତିକ ଦୁର୍ଗାପୂଜା ପାଇଁ ଶୁଭ ମାଟି ଉଠାଣ

ଡେରାବିଶ, ୨୮।୨(ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ ନାଲୁବାବାଙ୍କ ଆଶ୍ରମରେ ଅନୁଷ୍ଠିତ ହୋଇଆସୁଥିବା ବାସନ୍ତିକ ଦୁର୍ଗାପୂଜା ନିମନ୍ତେ ଶୁଭ ମାଟି ଉଠାଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ମଠ ପରିସରରୁ ଶ୍ରଦ୍ଧାଳୁ ସଂକୀର୍ତ୍ତନ ସହ ପଟୁଆରରେ ଆସି ପଞ୍ଚାୟତ ନିକଟରେ ଥିବା ପୁଷ୍କରିଣୀ ବନ୍ଧରୁ ପୂଜାର୍ଚ୍ଚନା ପୂର୍ବକ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିମନ୍ତେ ମାଟି ଉଠାଣ କରିଥିଲେ। ମଠ ପରିସରକୁ ଏହି ଶୁଭ ମାଟି ପଟୁଆରେ ନିଆଯିବା ସମୟରେ ରାସ୍ତାର ଉଭୟ ପାଶ୍ୱର୍ରେ ଗ୍ରାମବାସୀ ଧୂପଦୀପ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

## ଗୋବିନ୍ଦପୁରରେ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଶିଳାନ୍ୟାସ

ରାଜନଗର, ୨୮।୨(ସମିସ): ରାଜନଗର ବ୍ଲକ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ସନ୍ଥପଡା ଗୋବିନ୍ଦପୁର ମଧ୍ୟସ୍ଥଳୀରେ ନୂତନ ଶ୍ରୀଜଗନ୍ନାଥ ମନ୍ଦିରର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁଦଶା ବ୍ରତ ତିଥିର ବ୍ରହ୍ମ ମୁହୂର୍ତ୍ତରେ କେରଡାଗଡ ଜଗନ୍ନାଥ ମନ୍ଦିରର ଅନ୍ୟତମ ସେବକ ପଣ୍ଡିତ ଜନକୃଷ୍ଣ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୂମିପୂଜନ ବୈଦିକ ପରମ୍ପରା ଅନୁସାରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କନିକା ରାଜାସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ମୁଖ୍ୟଅତିଥି, ବାବାଜୀ ସୋମନାଥ ଦାସମହାରାଜ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ଯୋଗ ଦେଇଥିଲେ। ରାଜାସାହେବ ଶ୍ରୀ ଭଞ୍ଜଦେଓଙ୍କ ଦ୍ୱାରା ନୂତନ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା। ଗୋବିନ୍ଦପୁର ଗାଁ ମୁଣ୍ଡରୁ ସନ୍ଥପଡା ଗୋବିନ୍ଦପୁର ଗ୍ରାମବାସୀ ସୁସଜିତ ରଥରେ ବାଜା ରୋଷଣୀ ମଧ୍ୟରେ ରାଜାଙ୍କୁ ସ୍ୱାଗତ କରି ଗାଁ ପରିକ୍ରମା କରିଥିଲେ। ଗ୍ରାମର ମୁରବି ବାବାଜୀ ପାତ୍ର, ମାଧବାନନ୍ଦ ରାଉତ, ବିଜୟ ନାୟକ, ଅନାକାର ରାଉତ, ସତ୍ୟାନନ୍ଦ ପାତ୍ର, ଜୀବନାନନ୍ଦ ପାତ୍ର, ଶାନ୍ତନୁ ସାମଲ, ସୁଭାଷ ବିଶ୍ୱାଳ, ରମାକାନ୍ତ ମାହୁନ୍ତ, କ୍ଷୀରୋଦ ପାତ୍ର, ନିର୍ବିକାର ମହାନ୍ତି, ତ୍ରିଲୋଚନ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



## ନେତାଙ୍କ ଭାଷଣରେ ସୀମିତ ବିକାଶ

# ମୃତ ପ୍ରାୟ ଜମ୍ବୁ-ମାର୍ଶାଘାଇ କେନାଲ

ମହାକାଳପଡ଼ା,୨୮।୨(ସମିସ)

ମହାକାଳପଡ଼ା ବ୍ଲକ ଅଞ୍ଚଳର ନିର୍ଭରଶୀଳ ଜମ୍ବୁ-ମାର୍ଶାଘାଇ କେନାଲ ଅବସ୍ଥା ନ କହିବା ଭଲ। ସରକାରଙ୍କ ଅବହେଳା ଯୋଗୁଁ ଏହି କେନାଲ ପୋତି ହୋଇ ଜଙ୍ଗଲ ଓ ଘୁଷୁରୀ ଚରାଭୂମିରେ ପରିଣତ ହୋଇଛି। ଏକ ସମୟରେ ଚାଷ ଓ ଦୈନିକ ପାଣି ଆବଶ୍ୟକତା ପାଇଁ ଏହି କେନାଲ ହିଁ ଅଞ୍ଚଳବାସୀଙ୍କ ମୁଖ୍ୟ ଭରସା ଥିଲା। ଖରାଦିନ ଆସିବା ପୂର୍ବରୁ କେନାଲ ଫାଟି ମୃତ ଅବସ୍ଥାରେ ପହଞ୍ଚିଛି।


ପ୍ରାୟ ୨୦ଟି ପଞ୍ଚାୟତର ୩୦ରୁ ୪୦ ହଜାର ଲୋକ ଏହି କେନାଲର ପାଣି ଉପରେ ଚାଷ ପାଇଁ ନିର୍ଭର କରୁଥିଲେ। ଦୀର୍ଘଦିନ ଧରି ପୁନରୁଦ୍ଧାର କାମ ନ ହେବାରୁ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେନାଲ ଭିତରେ ଜଙ୍ଗଲ ସଦୃଶ ହୋଇଯିବା ସହ ପୋତି ହୋଇପଡ଼ିଛି। ପାଣି ଚଳାଚଳ ବନ୍ଦ ହେବାରୁ ସିଚାଇ ବ୍ୟବସ୍ଥା ପ୍ରାୟ ଧ୍ୱଂସ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ନିର୍ବାଚନ ସମୟରେ ନେତାମାନେ ପୁନରୁଦ୍ଧାରର ପ୍ରତିଶ୍ରୁତି ଦେଇଥିଲେ ମଧ ବାସ୍ତବରେ କାମ ହୋଇନି। ସରକାର ଗଠନ ହୋଇ ୧୯ ମାସ ଅତିକ୍ରମ ହୋଇଥିଲେ ମଧ କେନାଲର ସୁଧାର ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟ କେନାଲରେ ପାଣି ଥିବାବେଳେ ଆମ କେନାଲରେ ଘୁଷୁରୀ ଚରୁଥିବା ଚାଷୀ କ୍ଷୋଭ ସହ ପ୍ରକାଶ କରିଛନ୍ତି।



# ଶ୍ରୀକ୍ଷେତ୍ର ସିଟି

୨୮/୨/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୮୦,୬୧୦/- ସୁନା:୦୩.୪୦୦ ଗ୍ରାମ୍ ରୁପା: ୧୧୯.୫୦୦ ଗ୍ରାମ୍





● ଆସୁଛି ଦୋଳ ଓ ହୋଲି ପର୍ବ

## ଶୃଙ୍ଖଳିତ ଓ ସୁରକ୍ଷିତ ପାଳନକୁ ପୁଲିସର ଗୁରୁତ୍ୱ

ପୁରୀ,୨୮।୨(ସମିସ): ଆଗକୁ ଆସୁଛି ଦୋଳ ଓ ହୋଲି ପର୍ବ। ପୁରୀ ଜିଲ୍ଲାରେ ଏହି ପର୍ବକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଶନିବାର ପୁଲିସ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ ଓ ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ସଦର ଡିଏସ୍‌ପି ମାନସ ରଞ୍ଜନ ବାରିକଙ୍କ ସହ ସମସ୍ତ ଏସ୍‌ଡିପିଓ ଓ ଜିଲ୍ଲାର ସବୁ ଥାନାର ଆଇଆଇସି ଉପସ୍ଥିତ ଥିଲେ। ଆଗାମୀ ପର୍ବ ପାଳନ ସମୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ ରଖିବା, ସମ୍ଭାବ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବିଶେଷ ପୁଲିସ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ମଦ୍ୟପାନ, ବାଣ ଉପରେ ରୋକ୍ ଓ ଅସାମାଜିକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଦୋଳ ଓ ହୋଲି ପର୍ବ ସମୟରେ ସାଧାରଣ ଲୋକଙ୍କ ସହ ଭଲ ବ୍ୟବହାର ସହିତ ସୋସିଆଲ୍ ମିଡିଆରେ କୌଣସି ବିଭ୍ରାନ୍ତିକର ସୂଚନା ପ୍ରସାର ହେଲେ ତାହାକୁ ତୁରନ୍ତ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ବ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପୁଲିସର ପ୍ରାଥମିକତା। ଯେକୌଣସି ଅସାମାଜିକ କାର୍ଯ୍ୟକଳାପ, ଅନିୟମିତତା ପ୍ରତି ଶୂନ୍ୟ ସହନଶୀଳତା ଅନୁସରଣ କରାଯିବ। ସମସ୍ତ ଥାନାରେ ପାଟ୍ରୋଲିଂ ବୃଦ୍ଧି, ଚେକିଂ କଡ଼ାକଡ଼ି ଏବଂ ଆବଶ୍ୟକତା ଅନୁସାରେ ବିଶେଷ ପୁଲିସ ମୁତୟନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ପୁଲିସ କର୍ମଚାରୀ ମୁତୟନ ହେବେ ଏବଂ ସିସିଟିଭି ମାଧ୍ୟମରେ ସତର୍କ ନଜର ରଖାଯିବ ବୋଲି ଏସ୍‌ପି କହିଥିଲେ।

● ବେହେରଣ ଦ୍ୱାରରେ ବାନ୍ତି

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୨୮।୨(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ବେହେରଣ ଦ୍ୱାର ନିକଟରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ଶନିବାର ସକାଳ ୭ଟାରେ ଦ୍ୱାର ଫିଟିଥିଲା। ୭ଟା ୫୦ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ସନ୍ଧ୍ୟା ୭ଟା ୨୫ରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଭିତରକାଠ ଦର୍ଶନ ଚାଲିଥିଲା। ଏହି ସମୟରେ ବେହେରଣ ଦ୍ୱାର ନିକଟରେ ଜଣେ ଭକ୍ତ ବାନ୍ତି କରିଦେଇଥିଲେ। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ଏହାପରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ମହାସ୍ନାନ ବଢ଼ିବା ପରେ ଯେଉଁଠାରେ ନୀତି ଅଟକିଥିଲା ପୁନଶ୍ଚ ସେହିଠାରୁ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ସିଦ୍ଧମହାବୀରଙ୍କ ସମ୍ପତ୍ତି ସୁରକ୍ଷା ଦାବି



ପୁରୀ,୨୮।୨(ସମିସ): ଶ୍ରୀକ୍ଷେତ୍ରର ଅନ୍ୟତମ ପ୍ରସିଦ୍ଧ ସିଦ୍ଧମହାବୀର ମନ୍ଦିରର ବିଭିନ୍ନ ସମସ୍ୟା ନେଇ ଶନିବାର ସିଦ୍ଧମହାବୀର ମନ୍ଦିର ସୁରକ୍ଷା ସେନା ପକ୍ଷରୁ ମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶେଷକରି ମନ୍ଦିରର ଉନ୍ନତିକରଣ, ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି, ସିଦ୍ଧମହାବୀରଙ୍କ ଭୂ-ସମ୍ପତ୍ତି ଚିହ୍ନଟ କରି ଫଳକ ଲଗାଇବା, ମନ୍ଦିର ଆୟବ୍ୟୟ ସାର୍ବଜନୀନ କରିବା ପାଇଁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ସିଦ୍ଧମହାବୀର ସୁରକ୍ଷା ସେନାର ଆଦିତ୍ୟ ନାରାୟଣ ବାରିକ, ବୁଲୁ ଦାସ, ଲକ୍ଷ୍ମଣ ବେହେରା, ଅନୀଲ ଜେନା ପ୍ରମୁଖ ଏହି ବିକ୍ଷୋଭରେ ସାମିଲ୍ ହୋଇଥିଲେ।

## ନନ୍ କ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟର ନେଲେ ପ୍ରଶିକ୍ଷଣ

ପୁରୀ,୨୮।୨(ସମିସ): ପୁରୀ ଜିଲ୍ଲାରେ ନନ୍ କ୍ୟାଡର ପବ୍ଲିକ୍ ପ୍ରୋସିକ୍ୟୁଟର(ପିପି) ମାନଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ସଦ୍‌ଭାବନା ସଭାଗୃହରେ ଉଦ୍‌ଘାଟିତ ହୋଇଛି। ନନ୍ କ୍ୟାଡର ପିପିଙ୍କ ବୃତ୍ତିଗତ କୌଶଳ, ନ୍ୟାୟ ପ୍ରକ୍ରିୟାର ଗୁଣବତ୍ତା ବୃଦ୍ଧି ଓ ଅଭିଯୋଗ ପକ୍ଷର କାର୍ଯ୍ୟ କ୍ଷମତାକୁ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ବିଶେଷକରି ଅପରାଧିକ ମାମଲାରେ ଦଣ୍ଡାଦେଶ ହାର ବୃଦ୍ଧି ପାଇଁ ଆବଶ୍ୟକ ଆଇନ ଜ୍ଞାନ, ପ୍ରକ୍ରିୟାତ୍ମକ ପାରଦର୍ଶିତା ଓ ମାମଲା ପରିଚାଳନା କୌଶଳ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏଥିରେ ଅଧ୍ୟକ୍ଷତା କରି ଏସ୍‌ପି ପ୍ରତୀକ୍ ସିଂ କହିଥିଲେ ଯେ, ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ପୁଲିସ ଓ ପ୍ରୋସିକ୍ୟୁସନ୍ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ। ତଦନ୍ତ, ସାକ୍ଷ୍ୟ ସଂଗ୍ରହ, ଆଇନଗତ ପରାମର୍ଶ ଓ ଆଦାଲତରେ ପ୍ରଭାବଶାଳୀ ଯୁକ୍ତି ଦ୍ୱାରା ମାମଲାର ସଫଳ ପରିଚାଳନା ସମ୍ଭବ। ପ୍ରଶିକ୍ଷଣ ମାଧ୍ୟମରେ ନୂତନ ଆଇନ ସଂଶୋଧନ, ନ୍ୟାୟାଳୟର ନିର୍ଦ୍ଦେଶନାମା ଓ ପ୍ରାୟୋଗିକ ଅନୁଭବ ବିନିମୟ ହେବାରେ ସମସ୍ତଙ୍କ ପାଇଁ ଉପକୃତ ହେବ ବୋଲି ଏସ୍‌ପି କହିଥିଲେ। ପ୍ରଥମ ଦିନର ଅଧିବେଶନରେ ଟ୍ରାଏଲ୍ ମ୍ୟାନେଜ୍‌ମେଣ୍ଟ, ମାମଲା ରୁଜୁଠାରୁ ଆରମ୍ଭ କରି ଚାର୍ଜଶିଟ୍ ପ୍ରସ୍ତୁତି, ସାକ୍ଷୀ ପରିଚାଳନା, ଅଦାଲତରେ ଦଲିଲ୍ ପ୍ରଦାନ ଓ ବିଚାର ପ୍ରକ୍ରିୟା ଦିଗ ସମ୍ବନ୍ଧରେ ବିସ୍ତୃତ ଅଲୋଚନା ହୋଇଥିଲା। ଏଥିରେ ବିଭିନ୍ନ ଆଇନ ବିଶେଷଜ୍ଞ, ବରିଷ୍ଠ ଅଭିଯୋଗକାରୀ ଓ ଅନୁଭବୀ ଅଧିକାରୀ ତାଙ୍କ ଅନୁଭବ ଓ ଜ୍ଞାନ ବାଣ୍ଟିଥିଲେ। ନୂତନ ଅପରାଧିକ ଆଇନ, ସାକ୍ଷ୍ୟ ଆଇନର ପ୍ରୟୋଗ, ଡିଜିଟାଲ୍ ସାକ୍ଷର ବୈଧତା, ସମ୍ବେଦନଶୀଳ ମାମଲାର ପରିଚାଳନା ଓ ଅଦାଲତୀୟ ପ୍ରକ୍ରିୟାର ଆଧୁନିକ ପଦ୍ଧତି ବିଷୟରେ ଆଲୋଚନା ହୋଇଥିଲା।

▶ ପ୍ରୋଟୋକଲ ଦର୍ଶନକୁ ନେଇ ବିବାଦ

# ମହାପ୍ରଭୁଙ୍କ ନୀତିକାନ୍ତି ୫ ଘଣ୍ଟା ବନ୍ଦ

ପୁରୀ,୨୮।୨(ସମିସ): ଦର୍ଶନକୁ ନେଇ ପୁଣି ଶ୍ରୀମନ୍ଦିରରେ ଦେଖାଦେଇଛି ବିବାଦ। ପ୍ରୋଟୋକଲ ଦର୍ଶନ ନାଁରେ ନିୟମ ଭଙ୍ଗାଯାଉଥିବା ଅଭିଯୋଗ ଆଣି କିଛି ସେବାୟତ ବିରୋଧ କରିଛନ୍ତି। ନିୟମ ଯଦି ହେଉଛି ତାହା ସମସ୍ତଙ୍କ ପାଇଁ ହେଉ। କିନ୍ତୁ ଭିଆଇପିଙ୍କ ନାଁରେ ବେନିୟମ କାମ କରା ନ ଯାଉ। ଏଭଳି ଏକ ବିବାଦକୁ ନେଇ ଶନିବାର ସେବାୟତ ମହାପ୍ରଭୁଙ୍କ ନୀତିକାନ୍ତି ବନ୍ଦ କରିଥିଲେ। ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ନୀତିକାନ୍ତି ବନ୍ଦ ରହିଥିଲା। ପରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିଥିଲେ। ସେବାୟତଙ୍କୁ ବୁଝାଶୁଝା କରିବା ପରେ ନୀତିକାନ୍ତି ସ୍ୱାଭାବିକ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ବାହାରକାଠରୁ ଦର୍ଶନ ଚାଲିଥିବା ସମୟରେ ଜେଟିପିମାନେ ଭିଆଇପିଙ୍କୁ ନେଇ ଜୟବିଜୟ ଦ୍ୱାରରୁ ଦର୍ଶନ କରାଉଛନ୍ତି। ଶୁକ୍ରବାର ଏଭଳି ପ୍ରୋଟୋକଲ ଦର୍ଶନକୁ କିଛି ସେବାୟତ ବିରୋଧ କରିଥିଲେ। ବାହାରକାଠରୁ ଦର୍ଶନ ଚାଲିଥିବାବେଳେ ଯିଏ ବି ଆସନ୍ତୁ ସେମାନେ ବାହାରକାଠରୁ ହିଁ ଦର୍ଶନ କରିବେ ବୋଲି କହିଥିଲେ। ଫଳରେ ଏହାକୁ ନେଇ ଜେଟିପି ଏବଂ ସେବାୟତଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶନିବାର ମଧ୍ୟ ସମାନ ଘଟଣା ଘଟିଥିଲା। ପୂର୍ବାହ୍ନରେ ବାହାରକାଠ ଦର୍ଶନ ଚାଲିଥିବାବେଳେ ଜେଟିପି କିଛି ଲୋକଙ୍କୁ ଜୟ ବିଜୟ ସମ୍ମୁଖକୁ ନେଇଥିଲେ। ଏହାକୁ ସେବାୟତ ବିରୋଧ କରିଥିଲେ।

### ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ସ୍ୱାଭାବିକ ହେଲା

କିନ୍ତୁ ଜେଟିପି କିଛି ଶୁଣି ନ ଥିଲେ। ଫଳରେ ସେବାୟତ ମହାପ୍ରଭୁଙ୍କ ନୀତିକାନ୍ତି ବନ୍ଦ କରିଦେଇଥିଲେ। ଏଥିସହ ସମ୍ପୃକ୍ତ ସେବାୟତ ଦୁଇଦିନ ଅର୍ଥାତ୍ ମାର୍ଚ୍ଚ ୧ ଓ ୨ ତାରିଖ ଭିତରକାଠ ଦର୍ଶନ ବନ୍ଦ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ଥିଲେ। ସେମାନେ ସିଧାସଳଖ ଏହାକୁ ବିରୋଧ କରିପାରୁ ନ ଥିବାବେଳେ ଜେଟିପିଙ୍କ ଦ୍ୱାରା ପ୍ରୋଟୋକଲ ଦର୍ଶନ ସେମାନଙ୍କୁ ସୁଯୋଗ ଆଣି ଦେଇଥିଲା। ପ୍ରଶାସନକୁ ପରୋକ୍ଷରେ ସେମାନଙ୍କ ଅସନ୍ତୋଷ ଜଣାଇଥିଲେ। ଭିତରକାଠ ଦର୍ଶନ ଦୁଇଦିନ ବନ୍ଦ ହେଲେ ସେମାନେ ଦକ୍ଷିଣାରୁ ବଞ୍ଚିତ ହେବେ। ତେଣୁ ସେମାନଙ୍କ ଭିତରେ



ଥିବା ଅସନ୍ତୋଷ ଏବଂ ଜେଟିପିମାନେ ଭିଆଇପିଙ୍କ ଦର୍ଶନ ନାଁରେ ଅନ୍ୟମାନଙ୍କୁ ନେଇ ଦର୍ଶନ କରାଉଥିବା ଅଭିଯୋଗ କରି ସମ୍ପୃକ୍ତ ସେବାୟତ ଠାକୁରଙ୍କ ନୀତିକାନ୍ତି ବନ୍ଦ କରିଦେଇଥିଲେ। ସକାଳ ଧୂପ ପୂଜା ପରେ ପରେ ମଧ୍ୟାହ୍ନ ପ୍ରାୟ ୧୨ଟା ୧୫ରୁ ନୀତିକାନ୍ତି ବନ୍ଦ ରହିଥିଲା। ସମ୍ପୃକ୍ତ ସେବାୟତଙ୍କୁ ଶ୍ରୀମନ୍ଦିର କମାଣ୍ଡର ଏବଂ ଅଧିକାରୀ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ପରେ ଜିଲ୍ଲାପାଳ ପହଞ୍ଚି ସେବାୟତଙ୍କ ସହ ଆଲୋଚନା କରିଥିଲେ। ସେବାୟତମାନେ ମଧ୍ୟ ସେମାନଙ୍କର କେତେକ ଦାବି ଜିଲ୍ଲାପାଳଙ୍କ ପାଖରେ ରଖିଥିଲେ। ଦାବି ବିଚାର କରାଯିବ ଆଗ ଠାକୁରଙ୍କ ନୀତିକାନ୍ତି ଆଗକୁ ବଢ଼ାଇବା ପାଇଁ ଜିଲ୍ଲାପାଳ ସେବାୟତଙ୍କୁ କହିଥିଲେ। ଜିଲ୍ଲାପାଳଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ସେବାୟତ ନୀତିକାନ୍ତି ଆରମ୍ଭ କରିଥିଲେ। ଅପରାହ୍ଣ ୫ଟା ୨୦ରେ ମଇଲମ କରାଯାଇ ଅନ୍ୟାନ୍ୟ ନୀତି ଚାଲିଥିଲା। ପ୍ରାୟ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ରହିଥିଲା ମହାପ୍ରଭୁଙ୍କ ନୀତିକାନ୍ତି। ତେବେ ଶ୍ରୀମନ୍ଦିରରେ ଏଭଳି ନୀତିକାନ୍ତିରେ ବିଭ୍ରାଟକୁ ନାପସନ୍ଦ କରିଛନ୍ତି ଶ୍ରଦ୍ଧାଳୁ। ସେ ସେବାୟତ ହୁଅନ୍ତୁ ଅବା ଜେଟିପି କିମ୍ବା ଶ୍ରୀମନ୍ଦିର କର୍ମଚାରୀ କାହାର ଯଦି କୌଣସି ଅଭିଯୋଗ ବା ଦାବି ରହିଛି ସେମାନେ ନିର୍ଦ୍ଦିଷ୍ଟ ଫୋରମ୍‌ରେ ଜଣାଇବା ଦରକାର। ମାତ୍ର ମହାପ୍ରଭୁଙ୍କ ନୀତିକାନ୍ତି ବନ୍ଦ କରିଦେବା ଠିକ୍ ନୁହେଁ ବୋଲି ଶ୍ରଦ୍ଧାଳୁ ମତ ଦେଇଛନ୍ତି।

କେଜ୍ରିୱାଲ, ସିସୋଦିଆ ଦୋଷମୁକ୍ତ

## ମହାପ୍ରଭୁଙ୍କୁ ଦୀପ ଦାନ କଲେ ଆପ୍ ରାଜ୍ୟ ସଭାପତି

ପୁରୀ,୨୮।୨(ସମିସ): ବହୁଚର୍ଚ୍ଚିତ ମଦ ଦୁର୍ନୀତି ମାମଲାରେ ଆମ୍ ଆଦ୍‌ମୀ ପାଟି (ଆପ୍) ର ସଂଯୋଜକ ଅରବିନ୍ଦ କେଜ୍ରିୱାଲ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଦୋଷମୁକ୍ତ ହୋଇଛନ୍ତି। ଏ ନେଇ ଶନିବାର ଆପ୍ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଦୀପଦାନ କରିଛନ୍ତି। ସାଥିରେ ରାଜ୍ୟ ସଂଗଠନ ସମ୍ପାଦକ ସନ୍ଦିପ୍ତ ଦାସ, ରାଜ୍ୟ ସମ୍ପାଦକ ପୁରୀ ଜିଲ୍ଲା ଦାୟିତ୍ୱରେ ଥିବା ଶ୍ରୀକାନ୍ତ ପାଣି, ଲିଗାଲ ସେଲ ରାଜ୍ୟ ସଭାପତି ସିଦ୍ଧାର୍ଥ ପରିଡ଼ା, ସାରଦା ଦାସ ପ୍ରମୁଖ ରାଜ୍ୟ ନେତୃମଣ୍ଡଳୀ ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ନେଇଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପରେ ସମସ୍ତେ ସିଦ୍ଧ ମହାବୀରଙ୍କ ଦର୍ଶନ



କରିଥିଲେ। ସିଦ୍ଧ ମହାବୀର ଅଞ୍ଚଳର କାର୍ଯ୍ୟକର୍ତ୍ତାଙ୍କ ସହ ସାକ୍ଷାତ୍ ବେଳେ ସେଠାକାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସାଂସଦ ସମ୍ବିତ୍ ପାତ୍ରଙ୍କ ଦ୍ୱାରା ପ୍ରଦତ୍ତ ଟଙ୍କା କେମିତି ବିନିଯୋଗ ହେଇଛି ଓ ସାଂସଦଙ୍କ ଖାମଖିଆଲି ମନୋଭାବ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ ଆପ୍ ରାଜ୍ୟ ସଭାପତି। ଏହାପରେ ବୃନ୍ଦାବତି ନିବାସରେ ଅନୁଷ୍ଠିତ ଦଳୀୟ ବୈଠକରେ ଯୋଗଦେଇଥିଲେ। ଆଗାମୀ ଜିଲ୍ଲା ପରିଷଦ ଏବଂ ମହାନଗର ନିଗମ ନିର୍ବାଚନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତିଙ୍କ ସମେତ ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଜିତ୍ ମହାନ୍ତି, ଉପ ସଭାପତି ରବୀନ୍ଦ୍ର ନାଥ ସାହୁ, ମିଡିଆ ସଂଯୋଜକ ଅନିଲ ସେନାପତି, ସୋସିଆଲ ମିଡିଆ ସଂଯୋଜକ ସମୀର ସାମନ୍ତରାୟ, ନଗର ସଭାପତି ରମାକାନ୍ତ ସ୍ୱାଇଁ, କୃଷକ ନେତା ଦେବ ପ୍ରଧାନ, ପୁରୀ ବିଧାନସଭା ସମ୍ପାଦିକା ସନ୍ଧ୍ୟାରାଣୀ ଦାଶ, ବ୍ରହ୍ମଗିରି ବ୍ଲକ୍ ସଭାପତି ଯୁଧିଷ୍ଠିର ବାରିକ, ରାକେଶ ନନ୍ଦ, ଜନ୍ମେଜୟ ଜେନା, ବିଭୂତିଭୂଷଣ ମାଲିଆ, ଲିଙ୍ଗରାଜ ଜେନା, ବିଶ୍ୱଜିତ୍ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

ଜିଲ୍ଲାରେ ୧୧ଲକ୍ଷ ୭୫ ହଜାର କ୍ୱିଣ୍ଟାଲ ଧାନ କ୍ରୟ

## ଚାଷୀଙ୍କ ଖାତାକୁ ଗଲାଣି ୨୫୮ କୋଟି ଟଙ୍କା

ପୁରୀ,୨୮।୨(ସମିସ): ପୁରୀ ଜିଲ୍ଲାର ସମସ୍ତ ୧୧ଟି ବ୍ଲକ୍‌ରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ୍ ଦାୟିତ୍ୱରେ ରହି ଧାନ ସଂଗ୍ରହର ତଦାରଖ କରୁଛନ୍ତି। ନିଜେ ଜିଲ୍ଲାପାଳ ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ ସହ ଚାଷୀଙ୍କ ସହ ଆଲୋଚନା କରି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝୁଛନ୍ତି। ମଣ୍ଡିରେ ଯେପରି ଚାଷୀମାନଙ୍କର କୌଣସି ଅସୁବିଧା ନ ହୁଏ ସେଥିପାଇଁ ଯତ୍ନବାନ ହେବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଯୋଗାଣ ଅଧିକାରୀ, ସମବାୟ ସମିତିର କର୍ମକର୍ତ୍ତା ଓ ଆର୍‌ଏମ୍‌ସି ପକ୍ଷରୁ କୃଷକମାନଙ୍କୁ ସମସ୍ତ ସହଯୋଗ ଯୋଗାଇଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ୫୯,୯୯୮ ଚାଷୀ ପଞ୍ଜୀକରଣ କରିଥିବାବେଳେ ଯାଞ୍ଚ ପରେ ୫୯,୧୯୭ ଜଣ ଧାନ ବିକ୍ରି ପାଇଁ ଯୋଗ୍ୟ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୪ ହଜାର କ୍ୱିଣ୍ଟାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୭ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୩୨ ହଜାର କୃଷକଙ୍କଠାରୁ ୧୧ ଲକ୍ଷ ୭୫ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଏ ବାବଦରେ ପ୍ରାୟ ୨୫୮ ଟଙ୍କା ଚାଷୀଙ୍କ ଖାତାକୁ ଯାଇଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସୂଚନା ଦେଇଛନ୍ତି।

## ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

ପୁରୀ,୨୮।୨(ସମିସ): ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ରଙ୍ଗଶାଳା' ପକ୍ଷରୁ ଚାଲିଥିବା ୧୬ତମ ଜାତୀୟ ନାଟକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିବାବେଳେ ଦର୍ଶକ ଏହାକୁ ମନଭରି ଉପଭୋଗ କରିଛନ୍ତି। ପ୍ରଥମ ନାଟକ ଥିଲା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର 'ମେନକା ବିଶ୍ୱାମିତ୍ର'। ଡ. ହରି ନାରାୟଣ ଦୀକ୍ଷିତଙ୍କ ରଚିତ ଏବଂ ଡ. ସୁବ୍ରତ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶିତ ଏହି ନାଟକ କେବଳ ସଂସ୍କୃତ ସାହିତ୍ୟର ଏକ ଆଧୁନିକ ସମ୍ପତ୍ତି ନୁହେଁ ବରଂ ଏହା ମାନବୀୟ ଭାବନା, ତପୋବଳ ଏବଂ ନିୟତିର ଦ୍ୱନ୍ଦ୍ୱକୁ ଅତି ଗଭୀର ଭାବେ ଦର୍ଶାଇଥିଲା। ଏହି ନାଟକରେ ଶୃଙ୍ଗାର ରସ ମୁଖ୍ୟ, ଯାହା ବିଶ୍ୱାମିତ୍ର ଏବଂ ମେନକାଙ୍କ ପ୍ରେମ ଓ ମିଳନ ମାଧ୍ୟମରେ ପ୍ରକାଶ ପାଇଥିଲା। ଗୋଟିଏପଟେ ଇନ୍ଦ୍ରଙ୍କର ନିଜ ସିଂହାସନ ହରାଇବାର ଭୟ ଏବଂ ଅନ୍ୟପଟେ ବିଶ୍ୱାମିତ୍ରଙ୍କ କଠୋର ତପସ୍ୟା ଏହା ସ୍ୱର୍ଗ ଓ ମର୍ତ୍ତ୍ୟର ସଂଘର୍ଷକୁ ପ୍ରତିପାଦିତ କରିଥିଲା। ବିଶ୍ୱାମିତ୍ର ଏବଂ ମେନକାଙ୍କ ମିଳନ ଭାରତୀୟ ଇତିହାସର ଏକ ଯୁଗାନ୍ତକାରୀ ଘଟଣା, ଯାହାଫଳରେ 'ଶକୁନ୍ତଳା'ଙ୍କ ଜନ୍ମ ହୋଇଥିଲା। ପରବର୍ତ୍ତୀ ସମୟରେ ଶକୁନ୍ତଳା ଚକ୍ରବର୍ତ୍ତୀ ସମ୍ରାଟ ଭରତଙ୍କ ମାତା ହୋଇଥିଲେ। ନାଟକର ଶେଷରେ ମେନକାଙ୍କୁ ବଳପୂର୍ବକ ସ୍ୱର୍ଗକୁ ଫେରାଇ ନେବା ଏବଂ ବିଶ୍ୱାମିତ୍ରଙ୍କ କ୍ରୋଧିତ ହେବା ଦୃଶ୍ୟ ଶୃଙ୍ଗାର ରସ ସହିତ କରୁଣ ଏବଂ ରୌଦ୍ର ରସର ସମ୍ମିଶ୍ରଣ ଆଣିଥିଲା।

ସେହିପରି ଦ୍ୱିତୀୟ ନାଟକ ଭାବେ ମଞ୍ଚସ୍ଥ ହୋଇଥିଲା ମ୍ୟାଜିକ ଥିଏଟର ଭୁବନେଶ୍ୱରର 'ନିଶାପ'। ହାସ୍ୟ ଅଭିନେତା ପ୍ରଜ୍ଞାରଞ୍ଜନ ଖଟୁଆଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ ଭାଇ ଭାଇର ସମ୍ପର୍କକୁ ବେଶ୍ ଭଲ ଭାବେ ଦର୍ଶାଯାଇଥିଲା। କଥାରେ ଅଛି ଘରେ ଯଦି ଗାଈ ଥିବ ଆମର କ୍ଷୀର ଅଭାବ ପଡ଼ିବନି। ନିଜ ଗାଈର



ସେବା କରି କ୍ଷୀର ପିଇବା। ସେହିପରି ଯଦି କୋଉଠି ଝଗଡ଼ାଝାଟି ହେଲା, ଯଦି ତୁମ ସହ ତୁମ ଭାଇ ଥିବ ନିଶ୍ଚୟ ରକ୍ଷା କରିବ। ସେତେବେଳେ ଭାଇ କହିଦେବ 'ତୁ ଡରନା ମୁଁ ତୋ ସହ ଅଛି, ଦୁନିଆ ସବୁ ସହଜ ହେଇଯିବ'। ହେଲେ ଯେତେବେଳେ ଭାଇ ଭାଇ ଝଗଡ଼ା ହୁଅନ୍ତି ସେତେବେଳେ ନିଜ ବଂଶର ପତନ ଆସେ, ଯେମିତି ବାଳି ସୁଗ୍ରୀବ। ସୁଗ୍ରୀବ ରାଜା ହେଲେ ସତ କିନ୍ତୁ ବାଳି ଭଳି ଭାଇକୁ ହରେଇଲେ। ଭାଇ ସମୟ ଆସିଲେ ମାଆ, ବାପା, ସବୁର ସ୍ନେହ ଦିଏ। ପ୍ରଭୁ ଜଗନ୍ନାଥ ମଧ୍ୟ ଭାଇ ଭଉଣୀଙ୍କୁ ସମ୍ମାନ ଦିଅନ୍ତି। ଆଗେ ବଳଭଦ୍ର, ମଝିରେ ଭଉଣୀ ସୁଭଦ୍ରା ଓ ଶେଷରେ ସିଏ ଯାଇଥାନ୍ତି।

# ଆତ୍ମା-ପରମାତ୍ମାର ମିଳନସ୍ଥଳୀ ଶ୍ରୀଜଗନ୍ନାଥ ଧାମ



### ଶ୍ରୀକୃଷ୍ଣ ଚେତନାରେ ସାମାଜିକ ନ୍ୟାୟ, ସଂହତି ଓ ଜାତୀୟ ଏକାତାବୋଧ ରହିଛି

ପୁରୀ,୨୮।୨(ସମିସ): ସ୍ଥାନୀୟ ସଂସ୍କୃତି ଭବନରେ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ଜାତୀୟ ଆଲୋଚନାଚକ୍ର 'ଶ୍ରୀକୃଷ୍ଣ ଚେତନା ଓ ଶ୍ରୀଜଗନ୍ନାଥ' ଅନୁଷ୍ଠିତ ହୋଇଯାଇଛି। ଏହା ଉଦ୍‌ଘାଟନୀ ପର୍ବରେ ମୁଖ୍ୟଅତିଥି ଭାବେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରାକ୍ତନ ନ୍ୟାୟମୂର୍ତ୍ତି ଅନଙ୍ଗ କୁମାର ପଟ୍ଟନାୟକ ଯୋଗଦେଇ କହିଥିଲେ, ଶ୍ରୀକୃଷ୍ଣ ଚେତନାରେ ସାମାଜିକ ନ୍ୟାୟ, ସଂହତି ଓ ଜାତୀୟ ଏକାତାବୋଧ ରହିଛି। ଭାରତ ବର୍ଷରେ ଦକ୍ଷିଣ, ଉତ୍ତର, ପଶ୍ଚିମ ଓ ପୂର୍ବ ପ୍ରଦେଶ ନିର୍ବିଶେଷରେ ସବୁଠାରେ ଭଗବାନ ଶ୍ରୀକୃଷ୍ଣ ଓ ଗୋବିନ୍ଦଙ୍କର ଉପାସନା ପରିଦୃଶ୍ୟ ହୁଏ। ବିଶେଷକରି ବ୍ରଜଭୂମି ବୃନ୍ଦାବନ ବର୍ଷାନାରେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ଶାଶ୍ୱତୀୟ ରାସ ଚେତନାର ସ୍ୱରୂପ ବ୍ୟକ୍ତ କରିଥାଏ। କିନ୍ତୁ ଶ୍ରୀଜଗନ୍ନାଥ ଧାମ ପୁରୀରେ ଶ୍ରୀକୃଷ୍ଣ ସ୍ୱରୂପ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ମୋକ୍ଷପ୍ରାପ୍ତି ହୋଇଥାଏ। ତେଣୁ ଆତ୍ମା ପରମାତ୍ମାର ମିଳନସ୍ଥଳୀ ଶ୍ରୀଜଗନ୍ନାଥ ଧାମ ଗୁପ୍ତ ରାସକ୍ଷେତ୍ର ଅଟେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ଶତ୍ରୁଘ୍ନ ପାଣିଗ୍ରହୀ ଯୋଗଦେଇ କହିଲେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରୀରେ ପରମ ସ୍ୱରୂପ ଶ୍ରୀଜଗନ୍ନାଥ ଜୀବାତ୍ମା ସ୍ୱରୂପ ଶ୍ରୀବଳଭଦ୍ର ଓ ପ୍ରକୃତି ବା ମାୟା ସ୍ୱରୂପ ଦେବୀ ସୁଭଦ୍ରା ତ୍ରିଧା ରୂପରେ ବିରାଜିତ। ଫାଲ୍‌ଗୁନ ପୂର୍ଣ୍ଣମୀ ଅବସରରେ ଦୋଳବେଦୀରେ ଠାକୁରଙ୍କ ଚଳନ୍ତି ପ୍ରତିମା ଗୋବିନ୍ଦଙ୍କ ସହ ଭୂଦେବୀ, ଶ୍ରୀଦେବୀଙ୍କର ସ୍ୱତନ୍ତ୍ର ନୀତି ହୋଇଥାଏ।

ଅନ୍ୟତମ ଅତିଥିଭାବେ ମହାପ୍ରଭୁଙ୍କ ବରିଷ୍ଠ ସେବାୟତ ଭଗବାନ ସୁଆର, କେନ୍ଦ୍ର ଜିଏସ୍‌ଟି ଯୁଗ୍ମ କମିଶନର ପ୍ରଦୀପ କୁମାର ସୁବୁଦ୍ଧି ରାୟ, ପ୍ରାକ୍ତନ ବିଚାରପତି ମାନସ ମିଶ୍ର, ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ଅଭ୍ୟର୍ଥନା ସମିତିର ଉପାଧ୍ୟକ୍ଷା ରୁଚିମିତ୍ରା ଜଗଦ୍ଦେବ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଐତିହାସିକ ମଦନ ମୋହନ ମହାପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବାବେଳେ ସୁଶ୍ରୀ କ୍ରିଷ୍ଣା ଦେବୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଟ୍ରଷ୍ଟର ଜାତୀୟ ବିଶେଷାଙ୍କ ଶ୍ରୀଗୁଣ୍ଡିଚା ଓ ଡ. ନୃସିଂହା ନନ୍ଦ ମହାପାତ୍ରଙ୍କ ରଚିତ ପୁସ୍ତକ ଭଙ୍ଗା ନୀଡ଼ର ପକ୍ଷୀ, ପଣ୍ଡିତ ରଜନୀକାନ୍ତ ତ୍ରିପାଠୀଙ୍କ ରଚିତ ପୁସ୍ତକ ଉପନୟନ ସଂହିତା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଶିଶୁ ଓଡ଼ିଶୀ ନୃତ୍ୟଙ୍ଗନା ଦେବସ୍ମିତା ପ୍ରଧାନଙ୍କ ସମେତ ଓ ବିବିଧ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନ ପର୍ବରେ ଧନ୍ୟବାଦ ଅର୍ପଣ କରିଥିଲେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ। ଅପରାହ୍ଣରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ଜାତୀୟ ଆଲୋଚନା ପର୍ବରେ ପଣ୍ଡିତ ସଦାଶିବ ଓ ପ୍ରଫେସର ରବିଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ବକ୍ତାଭାବେ ଉତ୍ତରପ୍ରଦେଶର ବ୍ରହ୍ମଚାରୀ କୈଳାଶ ମହାରାଜ, ମହାରାଷ୍ଟ୍ରର ଅଧ୍ୟାପିକା ଅମ୍ବିକା ଯୋଶୀ, ଝାଡ଼ଖଣ୍ଡର ଶିକ୍ଷାବିତ୍ ଜିତେନ୍ଦ୍ର ଜ୍ୟୋତିଶି, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ଟ୍ରଷ୍ଟର ବରିଷ୍ଠ ସଦସ୍ୟା ପ୍ରତିଭା ତ୍ରିପାଠୀ, ଡ. ଶାନ୍ତିଲତା ମହାନ୍ତି, ପଣ୍ଡିତ ଦୟାନିଧି ତ୍ରିପାଠୀ, ଡ. ନୃସିଂହାନନ୍ଦ ମହାପାତ୍ର, ପଣ୍ଡିତ ରଜନୀକାନ୍ତ ତ୍ରିପାଠୀ, ଲେଖିକା ଗୋଲାପ ନନ୍ଦ, ପ୍ରାଧ୍ୟାପିକା ମୃଦୁଳା ମହାନ୍ତି, ରଙ୍ଗନାଥ ସେଠୀ ପ୍ରମୁଖ ଯୋଗଦେଇ ଶ୍ରୀକୃଷ୍ଣ ଚେତନାର ମତ ପୋଷଣ କରିଥିଲେ। ଭାଗବତ ପ୍ରସାଦ ପଟ୍ଟନାୟକ, ଜୁପିଟର ଦାସ, ଆଶାଲତା ପ୍ରଧାନ, ଚାରୁଲତା ମିଶ୍ର, ବନମାଳୀ ପୃଷ୍ଟି, ତପନ ସେଠୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସନ୍ଦୀପ କର୍ମକାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଟ୍ଟଚିତ୍ର ସଚେତନତା କର୍ମଶାଳା ଓ ପ୍ରଦର୍ଶନୀ ଉଦ୍‌ଯାପିତ

ପୁରୀ,୨୮।୨(ସମିସ): ଭାରତ ସରକାରଙ୍କ ବିକାଶ ଆୟୁକ୍ତ ହସ୍ତଶିଳ୍ପ ବିଭାଗ ପ୍ରାୟୋଜିତ ଏବଂ ହସ୍ତଶିଳ୍ପ ପଟ୍ଟଚିତ୍ର ଉତ୍ପାଦକ କମ୍ପାନୀ ଲିମିଟେଡ୍ ଐତିହ୍ୟ ଗ୍ରାମ ରଘୁରାଜପୁର ପକ୍ଷରୁ ପଟ୍ଟଚିତ୍ରକୁ ନେଇ ଚାଲିଥିବା ତ୍ରିଦିବସୀୟ ସଚେତନତା କର୍ମଶାଳା ଓ ପ୍ରଦର୍ଶନୀ ସ୍ଥାନୀୟ ନୀଳାଚଳ ଅର୍ବାନ ହାଟ ପରିସରରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ବିଶ୍ୱନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ଥପତି ଲିଙ୍ଗରାଜ ମହାରଣା, ଜାତୀୟ ପୁରସ୍କାର ଲାଭ କରିଥିବା ପଟ୍ଟଚିତ୍ର ଶିଳ୍ପୀ ସୁକାନ୍ତି ସ୍ୱାଇଁ, ଭାରତ ସରକାରଙ୍କ ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ବୀର ଭରତ ମାରାଣ୍ଡି, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ଶରତ କୁମାର ପ୍ରଧାନ, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ବିଭୁ ମହାରଣା, ବରିଷ୍ଠ କଂସା ପିତ୍ତଳ ହସ୍ତଶିଳ୍ପୀ ବୈଷ୍ଣବ ମହାରଣା, ବରିଷ୍ଠ ଶିଳ୍ପୀ ପରୀକ୍ଷିତ ମହାରଣା, ମାଗୁଣି ମହାପାତ୍ର, ଶିକ୍ଷାବିତ୍ ଭଗବାନ ସ୍ୱାଇଁ ପ୍ରମୁଖ ଯୋଗଦେଇ ପଟ୍ଟଚିତ୍ରର ଅତୀତ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଅନୁଷ୍ଠାନର ଉପଦେଷ୍ଟା ଡ. ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୁରୀ ସଦର ବ୍ଲକରୁ ଯୋଗଦେଇଥିବା ୨୦ ଜଣ ଅଂଶଗ୍ରହଣକାରୀ ଶିଳ୍ପୀଙ୍କର ଚିତ୍ର ପ୍ରଦର୍ଶିତ ହେବା ସହ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗୁରୁ ଗଙ୍ଗାଧର ଚାରିଟେବୁଲ ଟ୍ରଷ୍ଟର କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଉଦୟପୁର-ତାଳସାରି ବେଳାଭୂମିରୁ ନାଳି କଙ୍କଡ଼ା ଉଭାନ

ବାଲେଶ୍ୱର(ଉତ୍ତର),୨୮।୨(ସମିସ)





ବେଳାଭୂମିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ନାଳି କଙ୍କଡ଼ାଙ୍କ ବିଚରଣ ଏବଂ ଲୁଚକାଳି ଖେଳ। ହଜାର ହଜାର ସଂଖ୍ୟାରେ ନାଳି କଙ୍କଡ଼ା ଦୂରରୁ ରେଡ଼ କାର୍ପେଟ ଭଳି ଦେଖାଉଥିବାରୁ ଏହା ପର୍ଯ୍ୟଟକ ମାନଙ୍କୁ ବେଶ ଆକୃଷ୍ଟ କରିଥାଏ। ଯାହା ପାଇଁ ସକାଳ ସନ୍ଧ୍ୟାରେ ସମୁଦ୍ର ବେଳାଭୂମୀରେ ପର୍ଯ୍ୟଟକ ମାନଙ୍କ ଭିଡ ଲାଗିଥାଏ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଉଦୟପୁର-ତାଳସାରି ସମୁଦ୍ର ବେଳାଭୂମୀରେ ଏହି ଦୃଶ୍ୟକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକ ମାନେ ଭିଡ଼ ଲାଗିଥାଏ। ମାତ୍ର ଧୀରେ ଧୀରେ ଏହି ବେଳାଭୂମିରୁ ଉଭାନ ହେବାକୁ ଲାଗିଲାଣି ନାଳି କଙ୍କଡା। ବେଳାଭୂମିରେ ଅବାଧରେ ଯାନ ବାହାନ ଚଳାଚଳ ଏବଂ ସମୁଦ୍ର ପାଣିରେ ବର୍ଜ୍ୟବସ୍ତୁ ମିଶ୍ରଣ ସହିତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ନାଳି କଙ୍କଡ଼ା ଏହି ବେଳାଭୂମି ଛାଡ଼ି ଯିବାର କାରଣ କୁହାଯାଉଥିବା ବେଳେ ମୁଖ୍ୟତଃ ସ୍ଥାନୀୟ ଯୁବକ ମାନେ ଅର୍ଥ ରୋଜଗାର କରିବା ଲାଳସାରେ ପର୍ଯ୍ୟଟକ ମାନଙ୍କୁ ବାଇକ ଭଡ଼ାରେ ଦେଉଛନ୍ତି ଏବଂ ସେମାନେ ବେଳାଭୂମିରେ ଅବାଧରେ ବାଇକ ଚଳାଉ ଥିବାରୁ କଙ୍କଡ଼ା ମାନେ ଭୟରେ ଏହି ସ୍ଥାନ ଛାଡ଼ି ଚାଲିଯାଉଥିବା କୁହାଯାଉଛି। ଅପରପକ୍ଷରେ ଏହାକୁ ରୋକିବା ପାଇଁ ପ୍ରଶାସନ ତରଫରୁ କଟକଣା କରାଯାଇଥିଲା ବେଳେ ଏହାକୁ ବେଖାତିର କରି ସ୍ଥାନୀୟ ଯୁବକ ମାନଙ୍କ ସହାୟତାରେ ବାଇକ ଗୁଡ଼ିକ ଚଳାଚଳ କରୁଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ଓଡିଶାରେ ୪୮୦ କିଲୋମିଟରରୁ ଅଧିକ ରହିଛି ସମୁଦ୍ର ବେଳାଭୂମି। ତନ୍ମଧ୍ୟରୁ ଭୋଗରାଇର ଦୁଇ ଅନନ୍ୟ ମନୋରମ ବେଳାଭୂମିର ସୌନ୍ଦର୍ଯ୍ୟ ପର୍ଯ୍ୟଟକ ମାନଙ୍କୁ ଅଧିକ ଆକୃଷ୍ଟ କରିଥାଏ। ଆଉ ଏହି ବେଳାଭୂମିର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାଏ ଘନ ଝାଉଁ ଜଙ୍ଗଲ ଏବଂ ବିସ୍ତୀର୍ଣ୍ଣ ଚୋରା ବାଲି ଉପରେ ନାଳି କଙ୍କଡାଙ୍କ ଲୁଚକାଳି ଖେଳ। ଯାହାକୁ ଉପଭୋଗ କରିବା ପାଇଁ ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ମାନେ ଛୁଟି ଆସିଥାନ୍ତି। ହେଲେ ଏବେ ଏହି ସୁକ୍ଷ୍ମ ଜୀବଙ୍କ ସଂଖ୍ୟା ଧୀରେ ଧୀରେ କମି ଯାଉଥିବା ଲକ୍ଷ୍ୟ କରାଯାଉଛି। ଏହାର ମୁଖ୍ୟ କାରଣ ହେଉଛି ସୁରକ୍ଷା

## ବେଳାଭୂମିରେ ଅବାଧରେ ଚାଲୁଛି ଯାନ ବାହାନ

## ପ୍ରଶାସନର କଟକଣାକୁ ଫୁଁ'

ଅଭାବ ଏବଂ ବେଳାଭୂମିରେ ଅବାଧ ଯାନ ବାହାନ ଚଳାଚଳ। କଙ୍କଡା ହେଉଛନ୍ତି ଅତି ସୁକ୍ଷ୍ମ ଜୀବ ଯାହା ବେଳାଭୂମୀ ବାଲିରେ ଛୋଟ ଛୋଟ ଗାତ କରି ରହିଥାନ୍ତି। କିନ୍ତୁ ଏବେ ବେଳାଭୂମିରେ ଅବାଧରେ ବାଇକ ଚାଲିବା, ବେଧଡ଼କ ଭାବେ ପ୍ରଚଣ୍ଡ ଶବ୍ଦରେ ବୋଟିଂ ହେବା ତଥା ଜଳବାୟୁ ପରିବର୍ତ୍ତନ ହେବା ଯୋଗୁଁ କ୍ରମଶଃ ଏହାର ବଂଶ ବୃଦ୍ଧି ହ୍ରାସ ପାଉଛି। ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ଏହି ନାଳି କଙ୍କଡା ଆକୃଷ୍ଟ କରୁଥିବା ବେଳେ ଏହି କଙ୍କଡ଼ା ବେଳାଭୂମିର ଅପରିଷ୍କାରକୁ ସଫା କରିବାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେମାନେ ବେଳାଭୂମିରେ ପଡିଥିବା ପଚାସଢା ଦ୍ରବ୍ୟ ହେଉ କିମ୍ବା ମୃତ ମାଛକୁ ସେମାନେ ଖାଇ ଦେଉଥିବାରୁ ଦୁର୍ଗନ୍ଧରୁ ବେଳାଭୂମିକୁ ମୁକ୍ତ କରୁଥିବାରୁ ପରିବେଶ ପାଇଁ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜନୈକ ପରିବେଶବିତ ମତ ଦେଇଛନ୍ତି। ତେଣୁ ଏହି ସୁକ୍ଷ୍ମ ଜୀବଙ୍କ ବଂଶବୃଦ୍ଧି ଏବଂ ବେଳାଭୂମୀର ସୌନ୍ଦର୍ଯ୍ୟ ଫେରାଇ ଆଣିବା ପାଇଁ ଅବାଧ ଯାନବାହାନ ଚଳାଚଳ ବନ୍ଦ କରିବା ସହିତ ସମୁଦ୍ର ଜଳକୁ ରସାନିୟକ ମୁକ୍ତ କରିବାର ଆବଶ୍ୟକତା ରହିଛି ବୋଲି ପ୍ରକୃତି ପ୍ରେମୀ ତଥା ବିଶେଷଜ୍ଞ ମାନେ ମତପ୍ରକାଶ କରିଛନ୍ତି।ଯଦି ଏହା ସମ୍ଭବ ନହୁଏ ତେବେ ଆଗାମୀ ଦିନରେ ଏହି ନାଳି କଙ୍କଡା ଆଉ ଦେଖିବାକୁ ମିଳି ନ ପାରେ ଆଶଙ୍କା ପ୍ରକାଶ କରାଯାଉଛି। ନାଳି କଙ୍କଡାର ସୁରକ୍ଷା ପ୍ରତି ଧ୍ୟାନ ଦେବା ସହିତ ପ୍ରଶାସନ ତୁରନ୍ତ ଆଗାମୀ ସ୍ଥାନୀୟ ଲୋକଙ୍କୁ ଏଥି ପ୍ରତି ସଚେତନ କରିବା ଏବଂ ଆଇନ ଉଲଂଘନ କାରୀ ମାନଙ୍କ ବିରୋଧରେ କଠୋର ରୁ କଠୋର ଦଣ୍ଡ ବିଧାନ କରିବା ପାଇଁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହୋଇଛି।

## ବାଲି ଓ ପଥର ଗାଡ଼ି ଜବତ

ସୋର,୨୮।୨(ସମିସ): ଆଜି ସକାଳେ ବାଲି ଚୋରା ଚାଲାଣ ହେଉଥିବାର ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ବିତ କୁମାର ମଣି ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅଲିପୁର ଓ ଶିରାପୁର ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ଶିରାପୁର ନିକଟରୁ ଓଡି ୦୧ ବିଇ ୯୧୭୭ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ଗାଡ଼ିକୁ ଜବତ କରିବା ସହିତ ସୋର ପୁଲିସକୁ ହସ୍ତାନ୍ତର କରିଥିଲେ। ସେହିପରି ମଧ୍ୟାହ୍ନରେ ବାଗୁଡ଼ି ପଥର ଖାଦାନରୁ ପଥର ଚୋରା ଚାଲାଣ ହେଉଥିବାର ଖବର ପାଇ ସୋର ତହସିଲଦାର ଚିନ୍ମୟ କୁମାର ରାଉତ ଓ ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ କେନାଲ ରାସ୍ତାରେ ଚଢ଼ାଉ କରିଥିଲେ। ଏହି ସମୟରେ ପଥର ବୋଝେଇ କରି ଆସୁଥିବା ଓଡି ୦୧ ବିଇ ୬୬୭୪ ନମ୍ବର ବିଶିଷ୍ଟ ଏକ ପଥର ଗାଡ଼ିକୁ ଜବତ କରିଥିଲେ। ଏହି ସମୟରେ ଉକ୍ତ ଗାଡ଼ିର ଚାଳକ ତହସିଲଦାରଙ୍କୁ ଗାଡ଼ି ଚଢେଇ ଦେବାକୁ ଉଦ୍ୟମ କରିଥିଲେ। ତହସିଲଦାର ଶ୍ରୀ ରାଉତ ଗାଡ଼ିକୁ ସୋର ପୁଲିସକୁ ହସ୍ତାନ୍ତର କରିବା ସହିତ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଇଟାଭାଟି ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର, ୨୮।୨(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟରେ ଥିବା ଏକ ଫାର୍ମ ହାଉସରୁ ସୋର ପୁଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସୂଚନା ଅନୁସାରେ ବୈଶିଙ୍ଗା ଥାନା ଦଳଦଲି ଗ୍ରାମର ବାପୁନ୍ ସିଂ ଓଭରବ୍ରିଜ ନିକଟରେ ଥିବା ଏକ ଇଟାଭାଟି ଅନ୍ୟ ଶ୍ରମିକଙ୍କ ସହିତ କାମ କରନ୍ତି। ଆଜି ଅପରାହ୍ନରେ ସେ ଇଟାଭାଟିରୁ କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ଅନ୍ୟ ଶ୍ରମିକ ମାନେ ତାଙ୍କୁ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିବା ବେଳେ ନିକଟରେ ଥିବା ଫାର୍ମ ହାଉସରେ ଏକ ଆମ୍ବ ଗଛରେ ବେକରେ ରଶି ବାନ୍ଧି ଝୁଲୁଥିବା ଦେଖି ଭାଟି ମାଲିକଙ୍କୁ ଖବର ଦେଇଥିଲେ। ଇଟାଭାଟି ମାଲିକଙ୍କ ନିକଟରୁ ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ମାଧ୍ୟମରେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫଳରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ୟୁପି ସ୍କୁଲର ବାର୍ଷିକୋତ୍ସବ

ଖଇରା,୨୮।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମିଟ୍ରାଶାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ସହକାରୀ ଶିକ୍ଷୟିତ୍ରୀ ଗ୍ରାମାମଣୀ ଜେନାଙ୍କ ସମେତ ପୂର୍ବରୁ କାର୍ଯ୍ୟକରିଥିବା ୭ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନଶିକ୍ଷକ ମହେନ୍ଦ୍ର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଦୟାନିଧି ନାୟକ ମୁଖ୍ୟଅତିଥି, ପୂର୍ବତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ସଂସ୍କାରିତ ହେବାକୁ ଅଭିଭାବକଙ୍କୁ ପରାମର୍ଶ ଦେବା ସହ ବିଦାୟୀ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏବିଇଓ ଲକ୍ଷ୍ମୀଧର ସିଂ, ଆଲୁମିନି ସଭାପତି ପ୍ରଶାନ୍ତ କୁମାର ଜେନା, କମିଟି ସଭାପତି ସନ୍ଧ୍ୟାରାଣୀ ଜେନା, ପୂର୍ବତନ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ବେହେରା, ମହେନ୍ଦ୍ର ପ୍ରସାଦ କବି, ସୁବର୍ଣ୍ଣ ପାତ୍ର ଓ ଜନାର୍ଦ୍ଦନ ମହାପାତ୍ର, ଶିକ୍ଷକ ନେତା ଶଙ୍କର୍ଷଣ ଜେନା, ଜଗନ୍ନାଥ ମହାପାତ୍ର, ସୁଶାନ୍ତ ମହାପାତ୍ର, ଉଦୟ ନାରାୟଣ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରମେଶ କୁମାର ମହାପାତ୍ର ବିବରଣୀ ପାଠ, ଅଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ ପରେ ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା।



# ବରିଷ୍ଠ ନାଗରିକ ମଞ୍ଚର ୭ମ ବାର୍ଷିକ ସମ୍ମିଳନୀ



ଖଇରା,୨୮ ।୨ (ସମିସ): ବାଲେଶ୍ୱର ଜିଲା ଖଇରା ବରିଷ୍ଠ ନାଗରିକ ମଞ୍ଚର ୭ମ ବାର୍ଷିକ ସମ୍ମିଳନୀ ଶନିବାର ଦିନ ଖଇରା ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଡିଓ ନାରାୟଣ ସାହୁ ମୁଖ୍ୟବକ୍ତା, ଆଜିକାଲି ଖବରକାଗଜର ପ୍ରକାଶକ କିଶୋର ଦାସ ମୁଖ୍ୟବକ୍ତା, ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାମୋଦର ନାୟକ, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଓ ଅନ୍ତର୍ଯ୍ୟାମୀ ପାତ୍ର ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଅପରାହ୍ନରେ ବୟସ୍କ ମାନେ ଚାପମୁକ୍ତ ହେବାକୁ ସାମଜିକ କାର୍ଯ୍ୟକ୍ରମ ସହ ଜଡିତ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଖଇରା ମାଟିର ଗୌରବ ଭାବେ ବିଶିଷ୍ଟ ଡାକ୍ତର ଶଶିଭୂଷଣ ରାଉତ,ଡା ଶ୍ରୀକାନ୍ତ ମହାନ୍ତି, ଆଇନଜୀବୀ ହରେକୃଷ୍ଣ ଦାଶ, ବାଗ୍ମୀ ଡଃ ବ୍ରଜମୋହନ ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ସଦସ୍ୟ ହରେକୃଷ୍ଣ କୁଅଁର ଓ ବାଞ୍ଛାନିଧି ରାଉତଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସନ୍ତୋଷ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ବୁଦ୍ଧିରାମ ପାଣିଗ୍ରାହୀ ମାନପତ୍ର ପାଠ, ସନ୍ତୋଷ ଶତପଥୀ ଧନ୍ୟବାଦ ଅର୍ପଣ ତଥା ଅନାମ ଚରଣ ପଣ୍ଡା ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

# ଅବକାରୀ ହାବୁଡ଼ରେ ୩ ଚୋରା ମଦ ବେପାରୀ

ଚନ୍ଦନେଶ୍ୱର,୨୮।୨ (ସମିସ): ଭୋଗରାଇ ଅବକାରୀ ବିଭାଗ ହାବୁଡ଼ରେ ୩ ଚୋରା ମଦ ବେପାରୀ। ତିନି ଜଣ ଯାକ ହେଉଛନ୍ତି ମହିଳା ବେପାରୀ। ସେମାନଙ୍କ ଠାରୁ ୪୮ ଲିଟର ଦେଶୀ ମଦ ଜବତ କରାଯିବା ସହିତ ପୃଥକ ମାମଲାରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୋଳ ପୂର୍ଣ୍ଣିମାକୁ ଆଖି ଆଗରେ ରଖି ଅବକାରୀ ବିଭାଗ ପକ୍ଷରୁ ଏଭଳି ଅଚାନକ ଚଢ଼ାଉ କରାଯାଇଥିଲା। ଅବକାରୀ ବିଭାଗର ବାରମ୍ବାର ବିଭିନ୍ନ ସ୍ଥାନରେ ଚଢ଼ାଉ ସତ୍ୱେ ଚୋରା ମଦ ବେପାରୀମାନେ ଏଥିରୁ ନିବୃତ ନହେବା ନେଇ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବାଲେଶ୍ୱର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶଶିକାନ୍ତ ଦତ୍ତଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇ ଅବକାରୀ ବିଭାଗ ଚଢ଼ାଉ ଅଭିଯାନ ଆରମ୍ଭ କରିଛି। ଭୋଗରାଇର ବିଭିନ୍ନ ସ୍ଥାନର ହେଉଥିବା ଚୋରା ମଦ ବେପାର ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ମଦ ବେପାରୀ ମାନଙ୍କୁ ଗିରଫ କରାଯାଇଛି। ଭୋଗରାଇ ଅବକାରୀ ଇନ୍ସପେକ୍ଟର ସୁନୀଲ କୁମାର ମାଝୀଙ୍କ ନେତୃତ୍ୱରେ ଅଭିଯାନ ଆରମ୍ଭ ଜାରି ରହିଛି। ଏଥିରେ ଭୋଗରାଇର ଦେହୁର୍ଦା ପଂଚାୟତ ଅଧୀନ ସେହି ଗ୍ରାମର ଅଭିମନ୍ୟୁ ଘଡ଼ାଇଙ୍କ ସ୍ତ୍ରୀ ଜ୍ୟୋସ୍ନା ଘଡ଼ାଇ (୪୯)ଙ୍କ ଠାରୁ ୧୯ଲିଟର, ସରସ୍ୱତୀପୁର ଗ୍ରାମର ସ୍ୱର୍ଗତ ବଂଶୀଧର ମହାନ୍ତିଙ୍କ ସ୍ତ୍ରୀ ଅଞ୍ଜଳି (୫୧)ଙ୍କଠାରୁ ୧୬ଲିଟର ଏବଂ ସରସ୍ୱତୀପୁର ଗ୍ରାମର ଶମ୍ଭୁନାଥ ବେହେରାଙ୍କ ସ୍ତ୍ରୀ ମିନତୀ (୧୩)ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥି ସହ ସମସ୍ତ ଚୋରା ବ୍ୟବସାୟୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଏଏସଆଇ ଦିଲ୍ଲୀପ ତ୍ରିପାଠୀ, ବ୍ରହ୍ମଜିତ ଦାସ ପ୍ରମୁଖ ସାମିଲ ଥିଲେ।

● ବାମନଘାଟି ଉପଖଣ୍ଡରେ ବାଲି ମାଫିଆ ସକ୍ରିୟ

# ଝାଡ଼ଖଣ୍ଡ ଚାଲାଣବେଳେ ବାଲି ବୋଝେଇ ହାଇୱା ଜବତ

ରାଇରଙ୍ଗପୁର, ୨୮।୨ (ସମିସ): କିଛିଦିନର ବ୍ୟବଧାନ ପରେ ପୁଣି ବାମନଘାଟି ଉପଖଣ୍ଡରେ ବାଲି ମାଫିଆ ସକ୍ରିୟ ହୋଇଛନ୍ତି। ଝାଡ଼ଖଣ୍ଡକୁ ହାଇୱା ଯୋଗେ ବେଆଇନ ବାଲି ଚାଲାଣ ବେଳେ ମାଇନିଂ ବିଭାଗ ଦ୍ୱାରା ଜବତ କରାଯାଇଛି। ତିରିଂ ଥାନା ଅଞ୍ଚଳରୁ ଲୁଫୁଂ ନିକଟରୁ ବାଲି ବୋଝେଇ ହାଇୱା ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ବିଭାଗ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ମିଥୁନ ଗିରି ଚଢ଼ଉ କରି ଜବତ କରିଛନ୍ତି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଗାଡ଼ି ଅଟକାଇ ଇ-ପାସ କିମ୍ବା ଟିପି ପରମିଟ ନେଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ଅଭିଯୋଗକ୍ରମେ ତିରିଂ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଇଟା ବୋଝେଇ ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

# ମୃତକ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ

ମାଣତ୍ରୀ/ବଡ଼ସାହି, ୨୮ ।୨(ସମିସ): ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ହାଟ ଛକରେ ଶୁକ୍ରବାର ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥବାବେଳେ ଆଜି ଶବ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ଶବକୁ ରାସ୍ତା ମଝିରେ ରଖି ଗାଁ ଲୋକ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଫଳରେ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଯାତାୟାତ ବନ୍ଦ ରହିଥିଲା। ଖବର ପାଇ ବୈଶିଙ୍ଗା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିବାବେଳେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶଶୀଶେଖର ପଣ୍ଡା, ବଡ଼ସାହି ବିଧାୟକ ସନାତନ ବିଜୁଳୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତକ ଜଣକ ସରୋଜ ନାଏକ(୨୫)। ସେ ସ୍ଥାନୀୟ ଫେବ୍ରିକେସନ ଦୋକାନରେ କାମ କରନ୍ତି। ସରୋଜ ଶୁକ୍ରବାର ସକାଳେ ଦୋକାନ ସମ୍ମୁଖ ରାସ୍ତାକୁ ଆସୁଥିବାବେଳେ ଦ୍ରୁତଗାମୀ ଇଟା ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମାଣତ୍ରୀ ଡାକ୍ତରଖାନା ଓ ପରେ ବାରିପଦା ପିଆରଏମ ମେଡିକାଲ, କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ସୋର ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାସ୍ଥଳ ମାଣତ୍ରୀ ହାଟ ଛକରେ ଦୋକାନ ରାସ୍ତା ଉପରକୁ ମାଡି ଆସୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ପୁଲିସ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ପରିବାର ପ୍ରତିପୋଷଣ ପାଇଁ ସରକାରୀ ସହାୟତା ଜରୁରୀ ଆବଶ୍ୟକ ବୋଲି ମୃତକ ସ୍ତ୍ରୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



# ଜିଲ୍ଲା ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ୭ରୁ

ବାରିପଦା, ୨୮ ।୨(ସମିସ): ଓଡ଼ିଶା ରାଜ୍ୟ ବାର କାଉନସିଲ ଅନୁବନ୍ଧିତ ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଭିନ୍ନ କର୍ମକର୍ତ୍ତାଙ୍କ ନିର୍ବାଚନ ମାର୍ଚ୍ଚ ମାସ ଶେଷ ଶନିବାର ଅର୍ଥାତ୍ ମାର୍ଚ୍ଚ ୨୮ ତାରିଖରେ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ଆଗାମୀ ମାର୍ଚ୍ଚ ୭ ତାରିଖରୁ ୯ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ, ୧୦ ତାରିଖରେ ଦାଖଲ ପ୍ରାର୍ଥୀପତ୍ରର ତାଲିକା ପ୍ରକାଶ, ୧୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ, ୧୨ ତାରିଖରେ ବୈଧପ୍ରାର୍ଥୀଙ୍କ ତାଲିକା ପ୍ରକାଶ, ୧୩ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୪ ତାରିଖରେ ଚୂଡାନ୍ତ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ସେହିପରି ଆଗାମୀ ମାର୍ଚ୍ଚ ୨୮ ତାରିଖ ପୂର୍ବାହ୍ନ ସାଢେ ୭ଟା ଠାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବାର ପରେ ଅପରାହ୍ନ ୪ଟା ପରଠାରୁ ଭୋଟ ଗଣନା କାର୍ଯ୍ୟ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହେବା ପରେ ନିର୍ବାଚନ ଫଳାଫଳର ବିଜ୍ଞପ୍ତି ପ୍ରକାଶ ପାଇବ। ବାରିପଦା ଜିଲ୍ଲା ଓକିଲ ସଂଘରଏହି ବାର୍ଷିକ ନିର୍ବାଚନ ପରିଚାଳନା କରିବା ସକାଶେ ସଂଘ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତିଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି।

## ଗାଡ଼ି ଚାଳନା ଯାଞ୍ଚ କେନ୍ଦ୍ରରେ ଅଗ୍ନିକାଣ୍ଡ



ବାରିପଦା, ୨୮ ।୨(ସମିସ): ବାରିପଦା ଉପକଣ୍ଠ ରଙ୍ଗାମାଟିଆସ୍ଥ ଗାଡ଼ି ଚାଳନା ଯାଞ୍ଚ କେନ୍ଦ୍ର ପରିସରରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ନୂତନ ଚାଳକଙ୍କ ଚାଳନା ଯାଞ୍ଚ ଜାରି ଥିବା ସମୟରେ କୌଣସି କାରଣରୁ ପରିସରର ଗଛପତ୍ରରେ ନିଆଁ ଲାଗିଯାଇଥିଲା। ଯାହାକୁ ବାରିପଦା ଅଗ୍ନିଶମ ବାହିନୀ ପହଞ୍ଚି ନିୟନ୍ତ୍ରଣ କରିଛନ୍ତି। ଗଛର ଶୁଖିଲା ପତ୍ରରେ କୌଣସି କାରଣ ବଶତଃ ନିଆଁ ସଂଯୋଗ ହୋଇ ବ୍ୟାପିବାରେ ଲାଗିଥିଲା। ନିଆଁ ବ୍ୟାପିବା ବେଳେ ଅଗ୍ନିଶମ ବାହିନୀ ଦୀର୍ଘ ୧ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ କାହାରି କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

## ଗାଡ଼ି ଯାଞ୍ଚ, ୬ ବାଇକ୍ ଜବତ

ମହୁଲଡିହା, ୨୮।୨(ସମିସ): ମହୁଲଡିହା ଥାନା ଚିଆଁବେଡା ଛକରେ ୨୭ ତାରିଖ ଅପରାହ୍ନ ପ୍ରାୟ ପାଞ୍ଚଟାରେ ପରିବହନ ବିଭାଗ ସ୍ଥାନୀୟ ପୁଲିସ ସହାୟତାରେ ଯାନବାହନ ଯାଞ୍ଚ କରି ୬ଟି ବାଇକ ଜବତ କରିଛି। ଏହି ସମୟରେ ଗାଡ଼ିର କାଗଜ ପତ୍ର, ସିଟ୍ ବେଲ୍ଟ ଓ ହେଲମେଟ ଯାଞ୍ଚ କରିବା ସହ ମଦୁଆଙ୍କୁ ଚୁଙ୍ଗା ଫୁଙ୍କା କରାଯାଇଥିଲା। ୬ ଜଣ ମଦ୍ୟପ ଚାଳକ ଚୁଙ୍ଗା ଫୁଙ୍କି ପାରି ନ ଥିଲେ। ମଦ ନିଶାରେ ଗାଡ଼ି ଚଳାଇବା ଅଭିଯୋଗରେ ୬ଟି ବାଇକ ଜବତ ହୋଇଛି। ଏହି ଯାଞ୍ଚ ପ୍ରକ୍ରିୟାରେ ପରିବହନ ବିଭାଗ ଅଧିକାରୀଙ୍କ ସହ ଥାନା ଆଇଆଇସି ତୁଷାର ନାୟକ, ଏଏସଆଇ ସନ୍ତୋଷ ନାୟକ, ବିଜୟକୃଷ୍ଣ ସାନ୍ତରା ଓ ପୁଲିସ କର୍ମଚାରୀ ସାମିଲ ଥିଲେ।

# ଯାତ୍ରୀଙ୍କ ସମସ୍ୟା ସାଜିଛି ଟାଟା-ବାଦାମପାହାଡ଼ ଟ୍ରେନ୍

■ ଚଳାଚଳ ସମୟ ପାଇଁ ସୃଷ୍ଟି ହେଉଛି ସମସ୍ୟା

■ ବିଳମ୍ବିତ ରାତିରେ ରାଇରଙ୍ଗପୁରରେ ପହଞ୍ଚୁଛି

■ ସବୁ ଜାଣି ଜନପ୍ରତିନିଧି ଚୁପ, ଧନ୍ଦୀ ହେଉଛନ୍ତି ଯାତ୍ରୀ

ରାଇରଙ୍ଗପୁର, ୨୮।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଅଟେ। ଲୋକେ ଯାତାୟାତ ପାଇଁ ଟ୍ରେନ ଉପରେ ନିର୍ଭରଶୀଳ ଥିବାବେଳେ ଚଳାଚଳ ସମୟ ସାରଣୀ ଯାତ୍ରୀଙ୍କ ପାଇଁ ସମସ୍ୟାର କାରଣ ସାଜିଛି। ଟ୍ରେନ ପ୍ରତିଦିନ ଦିନ ବିଳମ୍ବିତ ରାତିରେ ରାଇରଙ୍ଗପୁର ପହଞ୍ଚୁଛି। ଯାହାର କୌଣସି ସମାଧାନ ହେଉନାହିଁ। ଟାଟା ନିକଟତମ ପେଣ୍ଠସ୍ଥଳ ଥିବାବେଳେ ଅନେକ ଲୋକେ ନିୟମିତ ଟାଟା ଯାତାୟାତ କରିଥା'ନ୍ତି। ଏଥିସହିତ ଟାଟା ରେଳ ଷ୍ଟେସନ ମୁଖ୍ୟ ରେଳ ଷ୍ଟେସନ ଥିବାବେଳେ ଅନ୍ୟ ଦୂରଗାମୀ ଟ୍ରେନ ଧରିବାକୁ ଲୋକେ ନିର୍ଭର କରନ୍ତି। ଯାହାକୁ ନେଇ ଟାଟା-ବାଦାମପାହାଡ଼ ଟ୍ରେନ ଚଳାଚଳ କରୁଛି। କିନ୍ତୁ ସମୟ ସାରଣୀ ଅସୁବିଧା ସୃଷ୍ଟି କରୁଛି।


ଉକ୍ତ ଟ୍ରେନଟି ବିଳମ୍ବିତ ରାତିରେ ପହଞ୍ଚି ପୁଣି ଟାଟା ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥାଏ। ଟାଟାରୁ ଭୋରରୁ ଟ୍ରେନ ବାହାରି ବାଦାମପାହାଡ଼ ହୋଇ ରାଇରଙ୍ଗପୁରରେ ପହଞ୍ଚି ପୁଣି ଟାଟା ଠିକ୍ ସମୟରେ ପ୍ରତ୍ୟାବର୍ତ୍ତନ କରିଥାଏ। ତାହା ଦ୍ୱିତୀୟଥର ଆସିବା ପରେ ପ୍ରତ୍ୟାବର୍ତ୍ତନ କରିବା ବେଳକୁ ବିଳମ୍ବ ହେବା ଆରମ୍ଭ ହୋଇଥାଏ। ବାଦାମପାହାଡ଼ରୁ ପୂର୍ବାହ୍ନ ୧୦ରେ ବାହାରି ରାଇରଙ୍ଗପୁର ୧୧ଟା ସମୟରେ ଓ ଟାଟାରେ ଅପରାହ୍ନ ୧ଟାରେ ପହଞ୍ଚିବା ସମୟ ସାରଣୀ ରହିଛି। କିନ୍ତୁ ତାହା ଘଣ୍ଟାଏ ବିଳମ୍ବରେ ଟାଟାରେ ପହଞ୍ଚିଥାଏ। ସେହିପରି ସନ୍ଧ୍ୟା ୬ଟାରେ ଟାଟାରୁ ବାହାରି ରାଇରଙ୍ଗପୁରରେ ୮ଟାରେ ପହଞ୍ଚିବା ଓ ବାଦାମପାହାଡ଼ ୮:୫୦ଟାରେ ପହଞ୍ଚିବା ସମୟ ରହିଛି। କିନ୍ତୁ ତାହା ମଧ୍ୟ ପ୍ରାୟ ଘଣ୍ଟାଏ ବିଳମ୍ବରେ ପହଞ୍ଚିଥାଏ। ରାତିରେ ପ୍ରତ୍ୟାବର୍ତ୍ତନ କରିବା ବିଳମ୍ବିତ ସମୟ ସାରଣୀ ଯାତ୍ରୀଙ୍କୁ ବେଶୀ କଷ୍ଟଦାୟକ ହେଉଛି। ବାଦାମପାହାଡ଼ରୁ ରାତି ୯:୧୦ରେ ବାହାରି ରାଇରଙ୍ଗପୁରରେ ୯:୪୦ ଓ ଟାଟାରେ ରାତି ୧୧:୨୦ରେ ପହଞ୍ଚିବାର ସମୟ ରହିଛି। କିନ୍ତୁ ତାହା ରାତି ୧ଟାରେ ଟାଟାରେ ପହଞ୍ଚୁଛି। ନିୟମିତ ଭାବେ ଏପରି ବିଳମ୍ବିତ ସମୟ ସାରଣୀରେ ଟ୍ରେନ ଚଳାଚଳ କରୁଛି।

ରାତିରେ ଟ୍ରେନରେ ଅଧିକାଂଶ ଲୋକେ ଟାଟାକୁ ଯାଇ ଅନ୍ୟ ଟ୍ରେନ ଧରିଥା'ନ୍ତି। କିନ୍ତୁ ବିଳମ୍ବ ଯୋଗୁଁ ତାହା ଧରିବା ମଧ୍ୟ ଅସମ୍ଭବ ହେଉଛି। ରାଇରଙ୍ଗପୁର ଷ୍ଟେସନ କିମ୍ବା ଟ୍ରେନରେ ଜିଆରପି ନ ଥିବାବେଳେ ସୁରକ୍ଷା ବ୍ୟବସ୍ଥା ନାହିଁ। ବିଳମ୍ବିତ ରାତିରେ ପରିବାର ଲୋକଙ୍କୁ ନେଇ ଯାତ୍ରା କରିବା ବିପଦଜନକ ସାଜିଛି। ବିଳମ୍ବିତ ରାତିରେ ଟ୍ରେନରୁ ଓହ୍ଲାଇବା ପରେ ଲୋକେ ଭୟଭୀତ ଅବସ୍ଥାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଇରଙ୍ଗପୁର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବାବେଳେ ରେଳ ସମସ୍ୟାରେ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଗତ ମାସକରୁ ଉର୍ଦ୍ଧ୍ୱ ହେବ ଟ୍ରେନଟି ବିଳମ୍ବିତ ଚଳାଚଳ କରୁଛି। ଯାହାକି ଯାତ୍ରୀଙ୍କ ପାଇଁ ଅସମ୍ଭାଳ ହୋଇପଡ଼ିଛି। ଉକ୍ତ ସମସ୍ୟା ଜାଣି ମଧ୍ୟ ସାଂସଦ, ବିଧାୟକ ସମସ୍ୟା ସମାଧାନ କରିବା ବଦଳରେ ଚୁପ ହୋଇ ଦେଖଣାହାରି ସାଜିଛନ୍ତି। ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଉକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ କରିଛନ୍ତି।



# ଚିକିତ୍ସାରେ ଅବହେଳା; ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ସଂକଟାପନ୍ନ

## ଅଭିଯୋଗ ଆଣିଲେ ପରିବାର; ଚିକିତ୍ସାଳୟରେ ହୋହାଲ୍ଲା



ପାରଳାଖେମୁଣ୍ଡି,୨୮ ।୨(ସମିସ): ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥା ତଥା ରୋଗୀ ସେବାରେ ଅବହେଳା ଘଟଣା ନିତିଦିନିଆହୋଇଗଲାଣି। ଏହି ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବେପରୁଆ ପରିଚାଳନା, ସବୁ ଅବ୍ୟବସ୍ଥା ସମ୍ପର୍କରେ ଅବଗତ ଥାଇ ଉଦାସ ମୁଦ୍ରାରେ ଥିବା ଜିଲ୍ଲା ପ୍ରଶାସନଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଦୈନନ୍ଦିନ ରୋଗୀ ହନ୍ତସନ୍ତ ହେଉଛନ୍ତି। ଆଜି ଗୁରୁତର ଥିବା ପ୍ରସୂତୀ ମହିଳାଙ୍କ ପରିବାରବର୍ଗ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ପ୍ରସୂତୀକାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଡାକ୍ତର ନଆସିବା, ଆମ୍ବୁଲାନ୍ସ ବିଳମ୍ବରେ ଆସିବା, ଉପଯୁକ୍ତ ଚିକିତ୍ସା ନମିଳିବା ଆଦି ଯୋଗୁ ବିଷୋଦ୍‌ଗାର କରିଥିଲେ ଏବଂ ଚିକିତ୍ସା କରି ବଞ୍ଚାଇବା ପାଇଁ ଆକୁଳ ନିବେଦନ ଚିତ୍ର ଦେଖିବାକୁ ମିଳିଥିଲା।

ପ୍ରକାଶ ଯେ, ଗୁମ୍ମା ବ୍ଲକ ତରଙ୍ଗଡା ପଞ୍ଚାୟ ଅନ୍ତର୍ଗତ କେକେସିଂ ଗ୍ରାମର ସୁମେନ୍ଦ୍ର ପରିଚ୍ଛା ସ୍ତ୍ରୀ ଅମ୍ବ୍ରିତା ପରିଚ୍ଛାଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ଭୋର୍ ୩ଟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କୁ କେହି ଡାକ୍ତର ଚିକିତ୍ସା କରିନଥିବା ବେଳେ ଜଣେ ଆନାସ୍ଥେସିଆ ଡାକ୍ତର ଚିକିତ୍ସା କରି କହିଥିଲେ ଯେ, ପ୍ରସୂତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାକୁ ପଡ଼ିବ। ଡାକ୍ତରଙ୍କ ପରାମର୍ଶ ପରେ ପରିବାର ଲୋକେ ବ୍ରହ୍ମପୁର ବଡଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆସିନଥିଲା। ଭୋର୍ ୩ଟାରୁ ସକାଳ ୮ଟା ୩୦ ପର୍ଯ୍ୟନ୍ତ ପ୍ରସୂତୀ ବିଶେଷଜ୍ଞ ଡାକ୍ତରଙ୍କ ଦେଖା ମିଳିନଥିବା ବେଳେ ସକାଳ ୭.୪୦ରେ ବରିଷ୍ଠ ଡାକ୍ତର ଜଣକ ଆସି ସେ ମଧ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ଇତି ମଧ୍ୟରେ କେବଳ ଦୁଇ ଜଣ ନର୍ସ ପ୍ରସୂତୀ ମହିଳାଙ୍କ ଚିକିତ୍ସା ଚଳାଇଥିଲେ। ଘଣ୍ଟା ଘଣ୍ଟା ବିତିଯିବା ପରେ ଉଭୟ ଡାକ୍ତର କିମ୍ବା ଆମ୍ବୁଲାନ୍ସ ନଆସିବାରୁ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ହୋଇଥିଲା। ସୁମେନ୍ଦ୍ରଙ୍କ ପରିବାରବର୍ଗ ତୁରନ୍ତ ଚିକିତ୍ସା କିମ୍ବା ସ୍ଥାନାନ୍ତର ପାଇଁ ନେହୁରା ହେଲେ ମଧ କେହି କର୍ଣ୍ଣପାତ ନକରିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ହୋହାଲ୍ଲା ହୋଇଥିଲା।

ସରକାରୀ ଚିକିତ୍ସାଳୟରେ ଥିବା ଡାକ୍ତରମାନେ ମାସିକ ଲକ୍ଷ ଲକ୍ଷ ଟଙ୍କା ଦରମା ପାଉଥିଲେ ମଧ ସଠିକ୍ ସମୟରେ ଚିକିତ୍ସା ନକରି ସରକାରୀ ଡାକ୍ତରମାନେ ଘରୋଇ ଚିକିତ୍ସାଳୟରେ ବ୍ୟସ୍ତ ରହୁଥିବା ଅଭିଯୋଗ କରାଯାଇଛି। ଘରୋଇ ଡାକ୍ତରଙ୍କ ପାଖକୁ ନେଇଥିଲେ ଝିଅର ଅବସ୍ଥା ଏପରି ହୋଇନଥାନ୍ତା ବୋଲି ପରିବାର ଲୋକ କାନ୍ଦବୋବାଳି କରି କହୁଥିଲେ। ଶେଷରେ ସକାଳ ସାଢେ ଆଠ ଘଣ୍ଟା ସମୟରେ ଆମ୍ବୁଲାନ୍ସ ପହଞ୍ଚିବା ପରେ ମହିଳାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ଏମକେସିଜି ହସ୍ପିଟାଲରେ ଅପରେସନ କରାଯାଇ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବାବେଳେ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ମା' ଓ ନବଜାତକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ଥିବାରୁ ଆଇସିୟୁରେ ରଖାଯାଇଥିବା ଜଣାପଡ଼ିଛି। ଝିଅର କୌଣସି ଅସୁବିଧା ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲାପ୍ରଶାସନ ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ଦାୟୀ ରହିବେ ବୋଲି ଏନେଇ ପରିବାରବର୍ଗ କହିଛନ୍ତି।

● ଜଙ୍ଗଲରେ ପୁଲିସର ଚଢ଼ଉ

## ୨ ଟନ୍‌ରୁ ଅଧିକ ଗଞ୍ଜେଇ ଜବତ



ଫିରିଙ୍ଗିଆ,୨୮ ।୨(ସମିସ): କନ୍ଧମାଳ ଜିଲ୍ଲାରେ ଗଞ୍ଜେଇ କାରବାର ଉପରେ ରୋକ ଲଗେଇବା ପାଇଁ ଅପରେସନ ଜାରି ରହିଥିବା ବେଳେ ଫିରିଙ୍ଗିଆ ଥାନା ପୁଲିସ ଏକ ବଡ଼ ଧରଣର ଗଞ୍ଜେଇ ଚାଲାଣକୁ ରୋକିବାରେ ସଫଳ ହୋଇଛି। ଥାନା ଅଧିକାରୀ ମୁରଲୀଧର ସାହୁ ଯୋଗ ଦେବା ପରେ ଗଞ୍ଜେଇ ଧରପଗଡ଼କୁ ଜୋରଦାର କରାଯାଇଛି। ଦେଢ଼ମାସ ମଧ୍ୟରେ ୫ ଟନରୁ ଅଧିକ ଗଞ୍ଜେଇ କରାଯାଇଛି। ଶୁକ୍ରବାର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଥାନା ଅଧୀନ ମାଲା ଗ୍ରାମ୍ୟ ଜଙ୍ଗଲରେ ଅତର୍କିତ ଚଢ଼ଉ କରି ଚାଲାଣ ପାଇଁ ରଖାଯାଇଥିବା ପ୍ରାୟ ୨ ଟନରୁ ଅଧିକ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ କୌଣସି ମାଫିଆ ବା ଚାଲାଣକାରୀ ଗିରଫ ହୋଇନଥିବା ବେଳେ ଘଟଣାକୁ ନେଇ ଏକ ମାମଲା ରୁଜୁ କରାଯାଇଛି।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ



ରାଇକିଆ,୨୮ ।୨(ସମିସ): ରାଇକିଆ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ ସହ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସନ୍ଧ୍ୟା ଛଅଟା ବେଳେ ପୂର୍ଣ୍ଣାହୂତି ସମାପନ ହୋଇଥିଲା। ସଭାପତି ସତ୍ୟବାନ ପାତ୍ର, ସମ୍ପାଦକ ବାଇନାଥ ଦାସ, ଉପ ସଭାପତି ଦୁର୍ଯ୍ୟୋଧନ ଲେଙ୍କା, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଲେଙ୍କା, ବିକ୍ରମାଦିତ୍ୟ ପାଳଙ୍କ ସମେତ ଜଗନ୍ନାଥ ପୂଜା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାଣିରେ ବୁଡ଼ି ଯୁବକ ମୃତ

ଫିରିଙ୍ଗିଆ,୨୮ ।୨(ସମିସ): ଫିରିଙ୍ଗିଆ ବ୍ଲକ କେଳାପଡ଼ା ଗାଁରେ ଗାଧୋଉଥିବାବେଳେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗାଁର ରବି ବିଶୋଇ(୪୬)। ଶନିବାର ଦିନ ୧୧ଟା ବେଳେ ଗାଁ ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ। ନିକଟରେ ଗାଧୋଉଥିବା କିଛି ଛୋଟ ପିଲା ଏହା ଦେଖି ଗାଁକୁ ଯାଇ କିଛି ଲୋକଙ୍କୁ ଜଣାଇଥିଲେ। ଗାଁ ଲୋକେ ପହଞ୍ଚି ନ ପାଇବାରୁ ସ୍ଥାନୀୟ ସରପଞ୍ଚ ଦମକଳ ବାହିନୀକୁ ଖବର ଦେଇଥିଲେ। ଫିରିଙ୍ଗିଆ ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଡାକ୍ତରଖାନା ନେବାପରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। କୋଡିଏ ବର୍ଷ ହେଲା ମୃତ ଯୁବକ କୋଟଗଡ ଅଞ୍ଚଳରେ ରହୁଥିବା ବେଳେ ପାଞ୍ଚ ଦିନ ପୂର୍ବରୁ ଗାଁରେ ଏକ ଭୋଜିରେ ଯୋଗ ଦେବାକୁ ଆସିଥିଲେ।

## ବନଶ୍ରୀ ବାଳିକା ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ



ଜି.ଉଦୟଗିରି,୨୮ ।୨(ସମିସ): ଜି.ଉଦୟଗିରି ନିକଟସ୍ଥ ବାଉଡ଼ିନାଜୁ ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଜି ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ସଚେତନତା ବାର୍ତ୍ତା ଦେଇ ନଗର ପରିକ୍ରମା କରାଯାଇଥିଲା। ଏହା ସହିତ ବିଜ୍ଞାନ କିପରି ମଣିଷ ସମାଜ ପାଇଁ ଆଶୀର୍ବାଦ ଏହି ବିଷୟକୁ ନେଇ ଚିତ୍ରାଙ୍କନ, ରଙ୍ଗୋଲି ତର୍କ ପ୍ରତିଯୋଗିତା ହୋଇଥିଲା। ଇକୋ କ୍ଲବ ମେଣ୍ଟର ଜିତେନ୍ଦ୍ର କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡାଙ୍କ ସହିତ ଶିକ୍ଷୟିତ୍ରୀ ମମତା ଅଲୁକ, ସ୍ୱପ୍ନାରାଣୀ ଗୌଡ଼ ଓ ରାଜେନ୍ଦ୍ର ବାଡ଼ତିଆ ସହଯୋଗ କରିଥିଲେ।

## ବରିଷ୍ଠ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଫିରିଙ୍ଗିଆ,୨୮ ।୨(ସମିସ): କେଲାପଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରବୀନ୍ଦ୍ରକୁମାର ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।



ଶିକ୍ଷକ / ଶିକ୍ଷୟିତ୍ରୀ, ବିଦ୍ୟାଳୟ କମିଟି ସଦସ୍ୟ, ଛାତ୍ରଛାତ୍ରୀଙ୍କ ଉପସ୍ଥିତ ଏବଂ ବିଦ୍ୟାଳୟ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ସମସ୍ତେ ଶିକ୍ଷକ ଗୁଣଗାନ କରିଥିଲେ। ଭରସା ଲାଇଭର ସମ୍ପାଦକ ଅକ୍ଷୟ କୁମାର ନାୟକ ସାମ୍ମନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରକାଳୀନ ଶିକ୍ଷକ ରବୀନ୍ଦ୍ର କୁମାରଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଭରସା ଲାଇଭ ତରଫରୁ ବିଦାୟୀ ଶିକ୍ଷକଙ୍କୁ ଭରସା ସମ୍ମାନରେ ସମ୍ମାନିତ କରି ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଲକ୍ଷପତି ଦିଦି କୃଷକ ସଚେତନତା କାର୍ଯ୍ୟକ୍ରମ

ବାଲିଗୁଡା,୨୮ ।୨(ସମିସ): କୋଟଗଡ଼ ବ୍ଲକ ଜାମଝୋର ଖେଳପଡ଼ିଆରେ ସିନି ସଂସ୍ଥା ପକ୍ଷରୁ 'ଲକ୍ଷପତି ଦିଦି' କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଟଗଡ଼ ବ୍ଲକର ସୁବର୍ଣ୍ଣଗିରି, ଯୁବାଗୁଡା, ମାଦାଗୁଡା, ଜୁଡାବାଲି, କୋଟଗଡ, ଦୁର୍ଗାପଙ୍ଗା ଓ ଧାରାକୋଟ ପଞ୍ଚାୟତର ଶତାଧିକ ପିଜି ଗ୍ରୁପର ଦିଦି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଦେବାଶିଷ ମଲିକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିଚାଳକ ରାଜେନ୍ଦ୍ର ସାହୁ, ଓଜିବି ବ୍ୟାଙ୍କ ଶାଖା ପରିଚାଳକ ଲକ୍ଷ୍ମୀକାନ୍ତ ଦିଗନ, କୋଟଗଡ ବନବିଭାଗୀୟ ଅଧିକାରୀ ଓ ନିଗମ ଫାଉଣ୍ଡେସନ ସେକ୍ରେଟାରୀ ଉପସ୍ଥିତ ରହି କୃଷି ଓ ଆର୍ଥିକ ସ୍ୱାବଲମ୍ବନ ବିଷୟରେ ମତ ପ୍ରକାଶ କରିଥିଲେ। ସଂସ୍ଥା ପକ୍ଷରୁ ଅଙ୍କିତା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବ୍ଲକ ସମନ୍ୱୟକାରୀ ସୌରଭ କୁଣ୍ଡୁ ସିନି ସଂସ୍ଥାର କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଆଞ୍ଚଳିକ ପରିଚାଳକ ଚନ୍ଦ୍ରମଣି ସାହୁ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବ୍ୟାଖ୍ୟା ନବୀନ କୁମାର ମାଝୀ କରିଥିଲେ। ପ୍ରତ୍ୟେକ ଗ୍ରାମ୍ୟ ସ୍ତରରେ କ୍ଷୁଦ୍ର ଚାଷୀ ଦିଦିମାନଙ୍କୁ ଉତ୍ପାଦକ ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରି ସିନି ସଂସ୍ଥା ପକ୍ଷରୁ ପ୍ରାଧାନ୍ୟ ଦିଆଯିବ ବୋଲି ଶ୍ରୀ ସାହୁ ଉଲ୍ଲେଖ କରିଥିଲେ। ଏହି ଅବସରରେ ସିନି ସଂସ୍ଥାର ସହଯୋଗରେ ବିଭିନ୍ନ ପନିପରିବା ଚାଷ ଓ ପଶୁପାଳନ କରି ବର୍ଷକୁ ଲକ୍ଷାଧିକ ଟଙ୍କା ଆୟ କରୁଥିବା ଚାଷୀ ଦିଦଙ୍କୁ ମାନପତ୍ର ଓ କୃଷି ସାମଗ୍ରୀ ପ୍ରଦାନ କରାଯାଇଥିଲା। ସେଥିସହ ପାରମ୍ପରିକ କନ୍ଧ-କୁଇ ଗୀତ ଓ ମନୋରଞ୍ଜନ ନୃତ୍ୟ ପରିବେଷଣ କରାଯାଇଥିଲା।

## ଆଧ୍ୟାତ୍ମିକକ୍ଷେତ୍ର ମହେନ୍ଦ୍ରଗିରି ଅଶାନ୍ତ

# ଆଶ୍ରମରେ ଦୁର୍ବୃତ୍ତଙ୍କ ଭଙ୍ଗାରୁଜା; ବାବାଙ୍କୁ ମାଡ଼

ଇକୋରିସର୍ଟର ପାଣି ମୋଟର ଭାଙ୍ଗିଲେ

ରାୟଗଡ,୨୮ ।୨(ସମିସ): ଐତିହାସିକ ତଥା ଆଧ୍ୟାତ୍ମିକ ଓ ପୌରାଣିକ କ୍ଷେତ୍ର ରାୟଗଡ଼ ବ୍ଲକରେ ଥିବା ମହେନ୍ଦ୍ରଗିରି ଏବେ ଅଶାନ୍ତ। ଶନିବାର ମଧ୍ୟାହ୍ନରେ ଦୁର୍ବୃତ୍ତମାନେ ଆସି କୁନ୍ତୀ ମନ୍ଦିର ନିକଟରେ ଥିବା ଆଶ୍ରମରେ କବାଟ ଭାଙ୍ଗି ପଶି ଭିତରେ ଥିବା ଜିନିଷପତ୍ର ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ଆକ୍ରମଣରେ ସେଠାରେ ରହି ଆସୁଥିବା ପ୍ରଫୁଲ ବାବା ଆହତ ହୋଇଛନ୍ତି। ପର୍ଯ୍ୟଟକଙ୍କ ନିମନ୍ତେ ତିଆରି ହୋଇଥିବା ଇକୋରିସର୍ଟ୍ ପାଇଁ ପାଣି ଯୋଗାଉଥିବା ଦୁଇଟି ପାଣିମୋଟରକୁ ଦୁର୍ବୃତ୍ତ ଭାଙ୍ଗିବା ସହ ପାଣି ପାଇପ୍ ଗୁଡିକ ମଧ କାଟି ଦେଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁଁ ଇକୋରିସର୍ଟ୍‌କୁ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ପର୍ଯ୍ୟଟକ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମହାଶିବରାତ୍ରିରେ ଶ୍ରଦ୍ଧାଳୁଙ୍କ ପାଇଁ ନିର୍ମାଣ ହୋଇଥିବା ପାଇଖାନା ଗୁଡିକ ମଧ ଭାଙ୍ଗି ଦେଇଛନ୍ତି। ଖବର ପାଇ ଘଟଣା ସ୍ଥଳରେ ଗାରାବନ୍ଧ ଥାନା ପୁଲିସ ପହଞ୍ଚି ଦେଖଣାହାରି ସାଜି ସେମାନଙ୍କୁ ବୁଝାସୁଝା କରି ପଠାଇ ଦେଇଥିବା ସାଧାରଣରେ ଅଭିଯୋଗ ହେଉଛି। ପ୍ରଶାସନ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଶିକାଙ୍କ ସହ ଯୋଗାଯୋଗ କରାଯାଇଥିଲା ବେଳେ ମାମଲା ରୁଜୁ ହୋଇନଥିବା କହି କୌଣସି ପ୍ରତିକ୍ରିୟା ଦେଇନଥିଲେ। ଏକ ପବିତ୍ର ପୀଠ ସ୍ଥଳୀରେ ଅଶାନ୍ତ ପରିବେଶ ସୃଷ୍ଟି କରିବା ସହ ସାଧୁସନ୍ଥଙ୍କୁ ଏଭଳି ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

ଫୁଲବାଣୀ,୨୮ ।୨(ସମିସ): ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଜିଲ୍ଲା ସହରାଞ୍ଚଳ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରବୀଣ କୁମାର ବାଣୁଆ ଯୋଗ ଦେଇ ବିକଶିତ ଭାରତ ପାଇଁ ଯୁବସମାଜର ଭୂମିକା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବନମାଳୀ ବେହେରା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଷ୍ଣୁପ୍ରସାଦ ରଥ, ଅଧ୍ୟାପକ ନରେନ୍ଦ୍ର ଦିଗାଲ, ନୋଡାଲ ଅଫିସର ଅଧ୍ୟାପକ ଜ୍ଞାନ ରଞ୍ଜନ ଭୋଇ ଓ ମୋ ଭାରତ ଫୁଲବାଣୀ ର ସହକର୍ମୀ ସତ୍ୟବାନ ଦଳବେହେରା ଯୋଗ ଦେଇଥିଲେ। ଭାରତ ସରକାରଙ୍କ ଖେଳ ଓ ଯୁବ ମନ୍ତ୍ରାଳୟର ସହାୟତା,ଜାତୀୟ ସେବାଯୋଜନା ଓ ମୋ ଭାରତର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାତୀୟ ଜରୁରୀ ପରିସ୍ଥିତିର ପଚାଶ ବର୍ଷ ପରେ ଭାରତୀୟ




ଗଣତନ୍ତ୍ର ରେ ପ୍ରଭାବ ଶୀର୍ଷକ ଉପରେ ଯୁବକ, ଯୁବତୀ ନିଜ ମତ ପ୍ରଦାନ କରିଥିଲେ। ପାଞ୍ଚ ଜଣ ବିଚାରକ ଜିଲ୍ଲାର ପାଞ୍ଚ ଜଣକୁ ବିଚାର କରି ମନୋନୀତ କରିଥିଲେ। ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଟିକାବାଲି କଲେଜର ଆଦ୍ୟାଶା ପଟ୍ଟନାୟକ, ବାଜପେୟୀ ପ୍ରଧାନ, ଜ୍ଞାନେଶ୍ୱର ସାହୁ, ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟର ଜଗମୋହନ ଚନ୍ଦ୍ର ମଲ୍ଲିକ ମାର୍ଚ୍ଚ ୧୩ ତାରିଖରେ ଓଡ଼ିଶା ଲୋକସେବା ଭବନରେ ହେବାକୁ ଥିବା ତର୍କ ପ୍ରତିଯୋଗିତାରେ ଭାଗନେବେ। ଅଧ୍ୟାପକ ରତନ କୁମାର ଦିଗାଲ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ସମିତି ଅଧ୍ୟକ୍ଷ



ଦାରିଙ୍ଗବାଡ଼ି,୨୮ ।୨(ସମିସ): ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ। ପ୍ରଥମେ ନୂତନ ଭାବେ ନିର୍ମାଣ ହୋଇଥିବା ଦାରିଙ୍ଗବାଡ଼ି କୁଇକୁଳ ସମିତି ଗୃହ ଉଦଘାଟନ କରିଥିଲେ। ଏଥିରେ ସମିତି ଅଧ୍ୟକ୍ଷଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, କୁଇକୁଳ ସମିତି ସଭାପତି କରୁଣାକର ପ୍ରଧାନ, ସମ୍ପାଦକ ଶୁକଦେବ ପ୍ରଧାନ, କୋଷାଧ୍ୟକ୍ଷ ରମାକାନ୍ତ ପ୍ରଧାନ, ବିଜେଡି ଜିଲ୍ଲା ସମ୍ପାଦକ ଦୀପକ କୁମାର ସାହୁ, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ଦିଲୀପ ପ୍ରଧାନ, ଛାତ୍ର ସଭାପତି ରୂପକ ସାହୁ, ବିକାଶ ନାୟକ, ପୁରେ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହାପରେ କିରିକୁଟି ପଞ୍ଚାୟତ ଗସ୍ତ କରି ଉକ୍ତ ପଞ୍ଚାୟତର ଲକଟି ଛକରେ ନିର୍ମାଣ ହୋଇଥିବା ଯାତ୍ରୀ ବିଶ୍ରାମଗାର, ପଟାଙ୍ଗୀ ଗ୍ରାମର ଗୋଷ୍ଠୀ ଶୋଭାଗୃହ ଓ ଶେଷରେ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ନିର୍ମାଣ ହୋଇଥିବା ଅତିରିକ୍ତ ଶ୍ରେଣୀ ଗୃହର ଉଦଘାଟନ ସମିତି ଅଧ୍ୟକ୍ଷ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, କିରିକୁଟି ସମିତିସଭ୍ୟା ଜ୍ଞାନୀ କୁମାରୀ ନାୟକ, ସରପଞ୍ଚ ମଧୁସ୍ମିତା ପ୍ରଧାନଙ୍କ ସମେତ ଉକ୍ତ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ପାରଳାଖେମୁଣ୍ଡିରେ ଟେଲର ଦିବସ




ପାରଳାଖେମୁଣ୍ଡି,୨୮ ।୨(ସମିସ): ପାରଳାଖେମୁଣ୍ଡିସ୍ଥିତ ଗଜପତି ଟେଲର ଆସୋସିଏସନ ତରଫରୁ ଟେଲର ଦିବସ ପାଳିତ ହୋଇଯାଇଛି। ଆସୋସିଏସନ ସଭାପତି କେ. ବର୍ଦ୍ଧରାଜୁଲୁଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲା। ଏହାପରେ ଏକତ୍ର ହୋଇ ବଜାର ଛକରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଦିବସ ଅବସରରେ ଟେଲରଙ୍କ ବର୍ତ୍ତମାନର ବୃତ୍ତି ତଥା ଆୟକୁ ନେଇ ଆଲୋଚନା କରାଯାଇଥିଲା। ରେଡିମେଡ୍ ପୋଷାକ ଯୁଗରେ ବହୁ ସମସ୍ୟା ଉପୁଜୁଥିଲେ ମଧ ନିଜେ ଏବଂ ପରିବାର ପ୍ରତିପଷୋଣ ପାଇଁ ଏହି ବୃତ୍ତି ହିଁ ଆର୍ଥିକ ସ୍ୱାବଲମ୍ବୀ କରିଥିବା ନେଇ ଆଲୋଚନା ହୋଇଥିଲା। ଆଧୁନିକ ଯୁଗରେ ପୋଷାକ ସିଲେଇ ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଆସୋସିଏସନର ସମ୍ପାଦକ ଏମ୍.ରବିରାଜୁ, ଉପସଭାପତି ମାଲା ଧର୍ମାରାଓ, କୋଷାଧ୍ୟକ୍ଷ ପି.ଦିଲୀପ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହରର ବହୁ ଟେଲର ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ

# 'ପାରଳାଖେମୁଣ୍ଡି ମାଟି ଓଡ଼ିଆ ଜାତିକୁ ଗୌରବାନ୍ୱିତ କରିଛି'




ବିଶ୍ୱରେ ୬ହଜାର ଭାଷାରୁ ୧୯୮ ବିପନ୍ନ

ପାରଳାଖେମୁଣ୍ଡି,୨୮ ।୨(ସମିସ): ଓଡିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱର ଓ ମହିଳା ସ୍ନାତକ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହରେ ରାଜ୍ୟସ୍ତରୀୟ ଭାଷା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ନାତକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ରୀନା ସାହୁ ପୌରହିତ୍ୟ କରିଥିବା ବେଳେ ଅଧ୍ୟାପିକା ଡ଼. ଭାରତୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାହିତ୍ୟିକ ଡ଼.ଲମ୍ବୋଦର ପାଣିଗ୍ରାହୀ ଯୋଗ ଦେଇ ମାଟିର ଭାଷା ହେଉଛି ମାତୃଭାଷା। ଗୋଟିଏ ଭାଷାରେ ଗୋଟିଏ ଜାତି ଗଠିତ ହୋଇଥାଏ। ପାରଳାଖେମୁଣ୍ଡି ମାଟି ଓଡିଆ ଜାତିକୁ ଗୌରବାନ୍ୱିତ କରିଛି ବୋଲି କହିଥିଲେ। ଏହାସହ ଆଜିକାଲି ଯୁବପିଢି ନିଜ ମାତୃଭାଷା ଓଡ଼ିଆକୁ ବହୁଳ ଭାବେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। କାରଣ ଜଗତିକରଣ ଭାଷାକୁ ବିପନ୍ନ କରୁଛି। ପ୍ରଯୁକ୍ତି ବିଦ୍ୟା ଯୋଗୁଁ ନିଯୁକ୍ତି ପାଇଁ ଇଂରାଜୀ ଭାଷାକୁ ବହୁଳ ବ୍ୟବହାର କରିବାକୁ ପଡୁଛି। ଯାଦ୍ୱାରା ବିଶେଷ କରି ଯୁବବର୍ଗ ଇଂରାଜୀ ଭାଷାକୁ ବ୍ୟବହାର କରୁଛନ୍ତି। ଯଦି ଆଗକୁ ଏପରି ଚାଲୁ ରହେ ତେବେ ନିଜ ମାତୃଭାଷା ବିଲୁପ୍ତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ବିଶ୍ୱରେ ୬୦୦୦ ଭାଷା ମଧ୍ୟରୁ ୧୯୮ ଭାଷା ବିପନ୍ନ ଓ ମୃତ ହେବାକୁ ଯାଉଛି। ଭାଷିକ ଭୂଗୋଳରେ ଓଡ଼ିଆ ଭାଷା ରହିଥିଲେ ମଧ ଏହା ବର୍ତ୍ତମାନ ଅସୁରକ୍ଷିତ ସ୍ତରକୁ ଚାଲିଯାଇଛି। ତେଣୁ ଯୁବବର୍ଗ ଗୁରୁତର ସହ ନେଇ ଓଡ଼ିଆ ଭାଷାର ବହୁଳ ମାତ୍ରାରେ ବ୍ୟବହାର କଲେ ଯାଇ ମାତୃଭାଷା ସୁରକ୍ଷିତ ରହିବ ବୋଲି ଉଦବୋଧନ ଦେଇଥିଲେ। ଡ଼. ଅଶୋକ ପଣ୍ଡା, ରାଜଲକ୍ଷ୍ମୀ ଦେବୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୁବବର୍ଗଙ୍କ ବିକାଶ ଦିଗରେ ଓଡ଼ିଆ ଭାଷା ଓ ସାହିତ୍ୟର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଓଡିଆ ଭାଷା ଓ ସାହିତ୍ୟର ଗତି ଓ ପ୍ରଗତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆନ୍ଧ୍ର ପ୍ରଦେଶର ବାରୁଆ ସରକାରୀ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ଼. ରାମାରାଓ ମାଝୀ ଯୁବବର୍ଗ ଓ ମାତୃଭାଷା ସାହିତ୍ୟ ବିଷୟରେ ନିବନ୍ଧ ପାଠ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ଓଡ଼ିଆ ଭାଷା ଓ ସାହିତ୍ୟର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତିଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ସକାଳ THE SAKALA



www.sakalaepaper.com

## ଦଲାଲଙ୍କୁ ଧାନ ବିକି ଠକେଇର ଶିକାର ଚାଷୀ

# ୫୦ରୁ ଅଧିକ ଚାଷୀଙ୍କଠାରୁ ଧାନ ନେଇ ଫେରାର୍

ଧାମନଗର,୨୮।୨(ସମିସ): ସରକାରୀ ଧାନ ମଣ୍ଡିରେ ସଠିକ୍ ସମୟରେ ଧାନ କ୍ରୟ ନ ହେବାରୁ ଧାମନଗର ଅଞ୍ଚଳର ଚାଷୀମାନେ ଦଲାଲ୍ଙ୍କ ଚକ୍ରାନ୍ତରେ ପଡ଼ି ଠକେଇର ଶିକାର ହୋଇଥିବା ଘଟଣା ସାମ୍ନାକୁ ଆସିଛି। ପାଖାପାଖି ୫୦ରୁ ଅଧିକ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରି ନ ଥିବାରୁ ବାଧ ହୋଇ ମଧ୍ୟସ୍ଥଙ୍କ ମାଧ୍ୟମରେ ଧାନ ଦେଇଥିବାବେଳେ ବେପାରୀ ଧାନ ନେଇ ଟଙ୍କା ନ ଦେଇ ଫେରାର୍ ହୋଇଯାଇଥିବା ଧାମନଗର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଧୀନ ମୁଣ୍ଡାବଣିଆ ଗ୍ରାମର ଉମାକାନ୍ତ ସାମଲଙ୍କ ପୁଅ ହରିଶ ଚନ୍ଦ୍ର ସାମଲ ଧାମନଗର ଅଞ୍ଚଳର ବିଭିନ୍ନ ଚାଷୀଙ୍କଠାରୁ ଗତ ୨ରୁ ୩ ମାସ ମଧ୍ୟରେ ଧାନ ସଂଗ୍ରହ କରିଥିଲେ। ସେ ପ୍ରାୟ ୧୩୪ ଟନ୍ ଧାନ ନେଇଥିବାବେଳେ ତାହାର ମୂଲ୍ୟ ପାଖାପାଖି ୨୫ ଲକ୍ଷ ଟଙ୍କା ହେବ









ବୋଲି ଚାଷୀମାନେ ଦାବି କରିଛନ୍ତି। କିନ୍ତୁ ଧାନ ନେବା ପରେ ଟଙ୍କା ପ୍ରଦାନ ନ କରି ସେ ଫେରାର୍ ହୋଇଯାଇଥିବା ନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ ଦାଖଲ ହୋଇଛି। ଚାଷୀ ଆଶୋକ କରଙ୍କ କହିବା ଅନୁଯାୟୀ, ସେ ୭ ଲକ୍ଷ ୩୨ ହଜାର ଟଙ୍କା ମୂଲ୍ୟର ଧାନ ଦେଇଥିଲେ। ସେକ୍ ଜାବିର, ସେକ୍ କାଦର, ସେକ୍ ଗୋଲାମ ମୁର୍ତ୍ତୁଜା, ସେକ୍ ପାଉ, ସେକ୍ ଜୁଲୁ, ସେକ୍ ଚନ୍ଦା, ସେକ୍ ସଫି, ସେକ୍ କଲୋ, ସେକ୍ ଗୋଲାମ ଘୋଷ, ସେକ୍ ଏସହାନ, ସେକ୍ ମୌସୁମୀ, ସେକ୍ କଲିମୁଦ୍ଦିନ, ସେକ୍ ଜୁଲ୍ଫୁକାର, ସେକ୍ ସିଦ୍ଦିକ୍, ଚିନ୍ତା ମଳିକ, ଶରତ ବରାଳ, ବିନୋଦ ସାହୁ, ସେକ୍ ତାର ମହମ୍ମଦ, ଚୁନୁଲାଲ ଗୁପ୍ତା ସହ ଅନେକ ଚାଷୀ ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ଚାଷୀମାନଙ୍କ ଅଭିଯୋଗ ଯେ, ସରକାରୀ ମଣ୍ଡିରେ ଧାନ ଉଠାଣ ବିଳମ୍ବ ଓ ଟୋକନ୍ ସମସ୍ୟା ଯୋଗୁଁ ସେମାନେ ବାଧ ହୋଇ ଦଲାଲ୍ ମାଧ୍ୟମରେ ବାଲେଶ୍ୱର ଅଞ୍ଚଳର ହରିଶ ଚନ୍ଦ୍ର ସାମଲ ପ୍ରଥମେ ଧାମନଗର ଅଞ୍ଚଳର ସେକ୍ ସୁରଜ (ମଧ୍ୟସ୍ଥ) ମାଧ୍ୟମରେ ୨ରୁ ୩ ଗାଡ଼ି ଚାଷୀଙ୍କଠାରୁ ଧାନ ନେଇ ଟଙ୍କା ଦେଇଥିଲେ। ଏଣୁ ଚାଷୀଙ୍କ ବିଶ୍ୱାସ ପାଇଁ ୧୯୦୦ ଟଙ୍କା ହିସାବରେ ଧାନ ନେଇଥିଲେ। ପରେ ବହୁ ସଂଖ୍ୟାରେ ଧାନ ନେଇ ଆଉ କୌଣସି ସମ୍ପର୍କ କରି ନ ଥିଲେ କି ଫୋନ୍ ଉଠାଇ ନ ଥିଲେ। ଏବେ ଧାନର ଟଙ୍କା ନ ମିଳିବାରୁ ଚାଷୀମାନେ ଆର୍ଥିକ ସମସ୍ୟାରେ ପଡ଼ିଛନ୍ତି। ଏ ସମ୍ପର୍କରେ ଧାମନଗର ଥାନା କେସ୍ ନମ୍ବର ୮୯/୨୬ରେ ଏକ ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ପାଇଁ ଏଏସ୍ଆଇ ନରେନ୍ଦ୍ର କୁମାର ରାଉତ ଦାୟିତ୍ୱ ନେଇଥିବାବେଳେ ଗରିବ ଚାଷୀଙ୍କ ଟଙ୍କା ଯଥାଶୀଘ୍ର ଆଦାୟ କରାଯିବ ବୋଲି ଥାନା ଅଧିକାରୀ ସୁଭ୍ରଜିତ୍ ଦାସ ସୂଚନା ଦେଇଛନ୍ତି।

## ମା' ବୁଢ଼ୀ ଭାଲୁଶୁଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

କୁଆଖିଆ,୨୮।୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା, ବାହାଦଲାପୁର, ଯାଜପୁର ବ୍ଲକ ବେରୁଦା ପଞ୍ଚାୟତର ସୀମାନ୍ତ ୧୬ନମ୍ବର ଜାତୀୟ ରାଜପଥ ପାଶ୍ୱର୍ ଗ୍ରାମଦେବତୀ ମା' ବୁଢ଼ି ଭାଲୁଶୁଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ମନ୍ଦିର ପ୍ରତିଷ୍ଠା ପୂର୍ବକ ମାଙ୍କ ପୀଠରେ ଘଟ ସ୍ଥାପନ କରାଯାଇଥିଲା। ନୂତନ ମନ୍ଦିରର ରତ୍ନମୁଦ ସ୍ଥାପନ, କଣ୍ଠମଣ୍ଡଳାଦି କରଣ, ଅଧିବାସ, ଅଙ୍କୁରାରୋପଣ କାର୍ଯ୍ୟ ନାମସଂକୀର୍ତ୍ତନ ସମାରୋହରେ ସମ୍ପନ୍ନ ହୋଇଥିଲା। ଭୋଟକା ପଞ୍ଚାୟତର ବିଲିପଡା, ବାହାଦଲାପୁର ପଞ୍ଚାୟତର ବାହାଦଲାପୁର ଓ ସରିଫାବାଦ ବେରୁଦା ପଞ୍ଚାୟତର ଚିନ୍ତାପଲ୍ଲୀ ଗ୍ରାମରୁ ୨୦୦ ମାନସିକଧାରୀ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମା ବୁଢି ଭାଲୁଶୁଣୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂଜାକାର୍ଯ୍ୟକୁ ପରିଚାଳନା କରାଯାଉଛି। ଯଜ୍ଞ ଓ ପ୍ରତିଷ୍ଠା ଉତ୍ସବରେ ଭୋଟକା, ଗୋଳେଇପୁର, ବାହାଦଲାପୁର, ବେରୁଦା, ମୁଗପାଳ, ରସୁଲପୁର, ରାହାମ୍ବା ଆଦି ପଞ୍ଚାୟତର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଆଜି ହୃଦାନନ୍ଦ ମଲ୍ଲିକଙ୍କ ୩୬ତମ ତିରୋଧାନ ଦିବସ



ଅସୁରାଳି,୨୮।୨(ସମିସ): ଧାମନଗରର ପ୍ରାକ୍ତନ ବିଧାୟକ, ଜନନେତା ହୃଦାନନ୍ଦ ମଲ୍ଲିକଙ୍କ ୩୬ତମ ତିରୋଧାନ ଦିବସ ତାଙ୍କ ଜନ୍ମମାଟି ହସନାବାଦରେ ଗମ୍ଭୀରତାର ସହ ପାଳିତ ହେବ। ହୃଦାନନ୍ଦ ସ୍ମୃତି କମିଟିର ସଭାପତି ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତଙ୍କ ପୌରୋହିତ୍ୟରେ ବାର୍ଷିକ ସ୍ମୃତିସଭା ହୃଦାନନ୍ଦ ପାଠାଗାରରେ ଅନୁଷ୍ଠିତ ହେବ। ଏହି ସ୍ମୃତିସଭାରେ ବହୁ ନେତା, ରାଜନେତା, ସମାଜସେବୀ ଓ ଶିକ୍ଷାବିତ୍ ପ୍ରମୁଖ ଯୋଗଦେବେ। ସେମାନେ ହୃଦାନନ୍ଦଙ୍କୁ ସ୍ମରଣ କରି ସେ କିପରି ଧାମନଗରର ଉନ୍ନତିର ବିନ୍ଧାଣୀ, ସାଧାରଣ ମଣିଷଙ୍କ ସୁଖଦୁଃଖର ସାଥୀ ଓ ସମସ୍ତଙ୍କ ପ୍ରିୟ ସେ ବିଷୟରେ ଆଲୋକପାତ କରିବେ। ହୃଦାନନ୍ଦଙ୍କ ଜୀବନ ଏକ ଦୀପଶିଖା, ଯାହା ଧାମନଗରର ଉନ୍ନତିକୁ ପଥ ପ୍ରଦର୍ଶନ କରିଥିଲା। ସେ ତାଙ୍କର ସାହିତ୍ୟ, ସାମାଜିକ କାର୍ଯ୍ୟକଳାପ ଓ ଜନସେବାରେ ଅମୋଘ ଅବଦାନ ରଖିଥିଲେ। ହୃଦାନନ୍ଦ ମଲ୍ଲିକ ୩ ଥର ବିଧାୟକ ହୋଇ ଧାମନଗର ନିର୍ବାଚନମଣ୍ଡଳୀର ଉନ୍ନତି ସାଧନ କରିଥିଲେ। ତାଙ୍କର ମହାନୀୟତା, ଜନସେବା, ସାହିତ୍ୟ ଓ ସାମାଜିକ କାର୍ଯ୍ୟକଳାପ ତାଙ୍କୁ ଜନମନରେ ଅମର କରି ରଖିଥିବ।

## ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ

ଯାଜପୁର,୨୮।୨(ସମିସ): ଯାଜପୁର ନଗର ସ୍ଥିତ ମହାବୀର ଗୁରୁକୁଳ ଶିକ୍ଷାଶ୍ରମର ଚତୁର୍ବିଂଶତମ ବାର୍ଷିକ ଉତ୍ସବ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ବନଶ୍ରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଶିକ୍ଷା ମଣ୍ଡଳ ଅଧିକାରୀ ଦେବଲାଲ୍ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଶ୍ରୀଚୈତନ୍ୟ ଶିକ୍ଷା ବିକାଶ ସଂସ୍ଥାନ,



ଯାଜପୁର ପ୍ରଭାରୀ ଆଲୋକପ୍ରଭା ମହାନ୍ତି, ସମ୍ମାନିତ ଅତିଥି ଭାବେ ଯାଜପୁର ଟାଉନ ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ଶରତ କୁମାର ନାୟକ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୂପତି ଭୂଷଣ ମିଶ୍ର ଆଦି ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ବନଶ୍ରୀ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ହାତୀଶ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜସେବୀ ଅକ୍ଷୟ କୁମାର ପଣ୍ଡାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଚାର୍ଯ୍ୟା ରାଜେଶ୍ୱରୀ ସାହୁ ଓ ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କୁ ଶ୍ରେଷ୍ଠ ଆଚାର୍ଯ୍ୟା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶେଷରେ ମହାବୀର ଗୁରୁକୁଳ ଶିକ୍ଷାଶ୍ରମ, ସମ୍ବଲପୁରର ପ୍ରଧାନ ଆଚାର୍ଯ୍ୟା ସ୍ନେହଲତା କର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା କବିତା ଶତପଥୀ, ଗୀତାଞ୍ଜଳି ସାହୁ, ଅଞ୍ଜଳି ଦାଶ, ଶାନ୍ତିଲତା ମିଶ୍ର, ସୁନିତା ପଣ୍ଡା, ପ୍ରଦର୍ଶନୀ ବେହେରା, ଶୃଙ୍ଖଳା ସ୍ୱାଇଁ, ସୁଭଦ୍ରା ମିଶ୍ର, କଳ୍ପନା ପଣ୍ଡା, ରାଜେଶ୍ୱରୀ ସାହୁ, ଜ୍ୟୋତ୍ସ୍ନାରାଣୀ ମହାନ୍ତି ଓ ଆଚାର୍ଯ୍ୟ ଅମରେନ୍ଦ୍ର ମହାପାତ୍ର ଏବଂ ଅଭିଭାବକ ଗଣ ଓ ଶୁଭେଚ୍ଛୁ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସାଫଲ୍ୟମଣ୍ଡିତ ହୋଇଥିଲା।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଦ୍ରକ,୨୮।୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚାନ୍ଦବାଲିର ବାର୍ଷିକ ଉତ୍ସବ 'ଆରୋହଣ ୧.୦' ପାଳିତ ହେଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗଙ୍ଗାଧର ସାହୁଙ୍କ ଅଧ୍ୟକ୍ଷତାରେ ଅତ୍ୟନ୍ତ ଆଡ଼ମ୍ବର, ଉତ୍ସାହ ଓ ଭାବବିହ୍ୱଳ ପରିବେଶରେ ଆୟୋଜିତ ହୋଇଗଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ତହସିଲ୍ଦାର ଭବତୋଷ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ଚାନ୍ଦବାଲି ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା। ଏଥିରେ ପିଲାମାନଙ୍କୁ ମୁଖ୍ୟ ଅତିଥି ଉଦ୍‌ବୋଧନ ଦେବା ସହିତ ଜଣେ ଉତ୍ତମ ଛାତ୍ରରୁ ଉତ୍ତମ ନାଗରିକ ହୋଇ ସାମାଜିକ କଲ୍ୟାଣ ଓ ଦେଶସେବାରେ ମନୋନିବେଶ କରିବା ପାଇଁ ଉପଦେଶ ଦେଇଥିଲେ। ତା' ସହିତ ସମ୍ମାନିତ ଅତିଥି ଉତ୍ତମ ଚରିତ୍ର ଏବଂ ଶିକ୍ଷା କ୍ଷେତ୍ରରେ କିପରି ଆଗକୁ ବଢ଼ିବେ ଅତି ସୁନ୍ଦର




ଭାବରେ ବୁଝାଇଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଗଙ୍ଗାଧର ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ପିଲାମାନଙ୍କୁ ଭବିଷ୍ୟତ ଗଢ଼ିବା ପାଇଁ ସୁନ୍ଦର ଭାବରେ ବୁଝାଇଥିଲେ। ବିଦ୍ୟାଳୟର କଳା ଶିକ୍ଷକ ଅଭିନାଶ ଦାସଙ୍କ ପୌରୋହିତ୍ୟରେ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ପିଲାମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଉବତୋଷ ବେହେରା, ବିକାଶ କୁମାର ନାୟକ ଓ ଅନନ୍ୟା ସାହୁ। ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମଙ୍ଗଲ୍ ସିଂ। ଏହି ଉତ୍ସବରେ ସହଯୋଗ କରିଥିଲେ ଏସ୍.କେ. ସଜତ, ଚନ୍ଦ୍ରକାନ୍ତ ଦାସ, ଗାୟତ୍ରୀ ଧଳ, ମନସ୍ୱିନୀ ପଣ୍ଡା, ଶୁଭ୍ରାଞ୍ଜଳି ସେନାପତି, ଉତ୍କଳ ଜେନା, ଗୌରିଶଙ୍କର ନାୟକ, ଅଶୋକ ପଲାଇ, ବିକ୍ରମ କେଶରୀ ନାୟକ, ଅମରେଶ ମାହୁନ୍ତ ପ୍ରମୁଖ।

## ପଦ୍ମପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର,୨୮।୨(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନାର ସଭାପତି ବିଚିତ୍ରାନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସମାଜସେବୀ ହାଡିବନ୍ଧୁ ଦେହୁରୀ, ମୁଖ୍ୟବକ୍ତା ସିଆରସିସି ଜନ୍ମେଜୟ ସାହୁ, ସମ୍ମାନିତ ଅତିଥି ଶିକ୍ଷକ ସଂଘର ଜିଲ୍ଲା ସଂଯୋଜକ ରବିନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଶମ୍ଭୁନାଥ ଦେହୁରୀ ସଭା ପରିଚଳନା କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲା ବେଳେ କୌତୁକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ ଉତ୍ସବରେ ୧୨୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ହେମନ୍ତ ପାତ୍ର, ସହକାରୀ ଶିକ୍ଷକ ସୁଚିସ୍ମିତା ବରାଳ, ଆଙ୍ଗନ୍ୱାଡ଼ିର ଶିକ୍ଷୟିତ୍ରୀ ରେଖାରାଣୀ ସେଠୀ, ଉଡାଲ ଶିକ୍ଷକ ଅମିତ ଦେହୁରୀ, ବିଦ୍ୟାଳୟ ପରିଚାଳନାର ଆଶୁତୋଷ ଦେହୁରୀ, ମ୍ୟୁଜିସିଆନ ଜିତେନ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମଶାଳା ପ୍ରେସ୍ କ୍ଲବ ବାର୍ଷିକ ଉତ୍ସବ ୮ରେ




ଧର୍ମଶାଳା,୨୮।୨(ସମିସ): ଧର୍ମଶାଳା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଆସନ୍ତା ୮ ତାରିଖରେ ଜାରକାସ୍ଥିତ ଷ୍ଟାଡିୟମ ହଲରେ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଯୋଗଦାନ ସମ୍ପର୍କରେ କହିଥିଲେ। ଆସନ୍ତା ୮ ତାରିଖ ରବିବାର ଦିନ ବାର୍ଷିକ ଉତ୍ସବରେ ଉଦ୍‌ଘାଟକ ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର ଓ ସମ୍ମାନିତ ବକ୍ତା ଭାବେ ସମାଜସେବୀ ଋତୁପର୍ଣ୍ଣା ମହାନ୍ତି ଯୋଗଦେବେ। ଏହି ଅବସରରେ ପ୍ରେସ୍ କ୍ଲବର ମୁଖପତ୍ର ପ୍ରହରୀକୁ ଅତିଥିମାନେ ଉନ୍ମୋଚନ କରିବେ। ଏଥିସହ ଚଳିତ ବର୍ଷ ପାଇଁ ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲଙ୍କୁ ନରହରି ମହାନ୍ତି ସ୍ମୃତି ସମ୍ମାନ, ଡ. ରାଜ କିଶୋର ପାଢୀଙ୍କୁ ସାରସ୍ୱତ ସାଧକ ସମ୍ମାନ, ଡାକ୍ତର ବିଜୟ କୁମାର ଶତପଥୀଙ୍କୁ ସେବା ସମ୍ମାନ, ସ୍ଥାପତ୍ୟ କଳା ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରଭୁଦୟାନାଥ ସାହୁ ଓ କୃତି ଛାତ୍ରୀ ପ୍ରତିକ୍ଷା ରାଉତଙ୍କୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି ବୋଲି ସାଧାରଣ ସମ୍ପାଦକ ସୂଚନା ଦେଇଥିଲେ। ଏହି ବୈଠକରେ ପ୍ରେସ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହିଥିଲେ।

## ଅଖିଳଚକ୍ର ପକ୍ଷରୁ ବୌଦ୍ଧିକ ଆଲୋଚନାଚକ୍ର

ପ୍ରୀତିପୁର, ୨୮।୨ (ସମିସ): ସିଂହପୁର ଖରସ୍ରୋତା ମହାବିଦ୍ୟାଳୟ ପରିସରରେ ଅଖିଳଚକ୍ର ଆବାହକତ୍ୱରେ ଏକ ବୈଦ୍ଧିକ ଆଲୋଚନାଚକ୍ର ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଖରସ୍ରୋତା ଓ ବୈତରଣୀ ଅବବାହିକାରେ ଥିବା ନ ଅଙ୍କ ଦୁର୍ଭିକ୍ଷ, ବୁଦ୍ଧ ଜୈନ ଧର୍ମର କୀର୍ତ୍ତି, ଜଳପଥର ନୌବାଣିଜ୍ୟ ନମୂନା, ଅଗଣିତ ମଠ,ମନ୍ଦିରର ଉତ୍ପତ୍ତି, ସାରସ୍ୱତ ସାଧକ ଓ ଲୋକ ସାହିତ୍ୟ, କଳା ଆଦି ବହୁ ସାଂସ୍କୃତିକ ବୈଭବ ଲୁପ୍ତ ଅବସ୍ଥାରେ ରହିଛି। ଏହାର ପୁନଃରୁଦ୍ଧାର କରି ଲୋକଲୋଚନକୁ ତଥା ଉତ୍ତରପିଢ଼ିଙ୍କ ମୂଳଦୂଆ ଆଣିବା ପାଇଁ ଅଖିଳଚକ୍ର ପକ୍ଷରୁ ଉଦ୍ୟମ କରାଯାଇଛି ବୋଲି ସୂଚନାରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ ଓଝା ଯୋଗଦେଇ ଜିଲ୍ଲାର ବହୁ କଳା ଭାସ୍କର୍ଯ୍ୟ, ଉତ୍ପତ୍ତି ଓ ପବିତ୍ର ପରମ୍ପରା ସମ୍ପର୍କୀୟ ତଥ୍ୟ ଏପର୍ଯ୍ୟନ୍ତ ଲୋକ ଲୋଚନର ଆଢୁଆଳେ ରହିଯାଇଛି। ବିରଜା ମଣ୍ଡଳ ବହୁ



ପୂର୍ବରୁ ବରାହ ମଣ୍ଡଳ ଥିଲା, ଭୌଗୋଳିକ ଓ ପ୍ରାକୃତିକ ପୃଷ୍ଠଭୂମିରେ ଖରସ୍ରୋତା ଅବବାହିକାର ଜନଜୀବନ ଓ ସାଂସ୍କୃତିକ ଅଭ୍ୟୁଦୟ କିପରି ଘଟିଥିଲା ଏବଂ ବରାହ ତୀର୍ଥର ଉତ୍ପତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମେ ପ୍ରାଧ୍ୟାପିକା ମମତା ସାମଲ ଏହି ବିଷୟବସ୍ତୁ ଉପରେ ମତାମତ ଓ ସ୍ୱାଗତ ଭାଷଣ ଦେଇଥିଲେ। ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡା ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଅଧ୍ୟାପିକା ଗାୟତ୍ରୀ ଧଳ, ଶିକ୍ଷାବିତ ମନୋରଞ୍ଜନ ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ସମାଜସେବୀ ସନ୍ତୋଷ କୁମାର ବେଉରିଆ, ଅଧ୍ୟାପକ ଶରତ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇଥିଲେ। ପ୍ରାଧ୍ୟାପକ ଅଜୟ ଓଝାଙ୍କ ପୁସ୍ତକ 'ଖରସ୍ରୋତା ତୀରେ ତୀରେ' ଏବଂ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ ରଚିତ ଉପନ୍ୟାସ ପୁସ୍ତକ 'ନଦୀ ନିରବଧି' ଉପରେ ଆଲୋଚନା କରାଯାଇଥିଲା। ସଦସ୍ୟ ଅଭୟ ଖୁଣ୍ଟିଆ ଧନ୍ୟବାଦ ଅର୍ପଣକରିଥିଲେ।

## ତେଲକୋଇ ଠିକାଦାର ସଂଘର ନିଷ୍ପତ୍ତି

# ବାହାର ଠିକାଦାରଙ୍କୁ ବିରୋଧ କରାଯିବ



ତେଲକୋଇ, ୨୮।୨(ସମିସ): ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ବେଣାହାଟ ପଡ଼ିଆଠାରେ ତେଲକୋଇ ବ୍ଲକ ଠିକାଦାର ସଂଘପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରାଯାଇଛି। ଏନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସମ୍ପାଦକ ଦୟାନିଧି ନାୟକ ଅଧ୍ୟକ୍ଷତା କରିଥିଲେ। କେନ୍ଦୁଝର ଠିକାଦାର ସଂଘର ସଭାପତି ପ୍ରଶାନ୍ତ ସାହୁ, ଜିଲ୍ଲା ସମ୍ପାଦକ ଅନୁପ ମହାନ୍ତି, ତେଲକୋଇ ଠିକାଦାର ସଂଘ ସଭାପତି କେଶରୀଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ଠିକାଦାର ଶୋଷଣ ପ୍ରତିବାଦରେ ସଂଘ ପକ୍ଷରୁ କେତେକ ଦାବି ଉପସ୍ଥାପନ କରାଯାଇଛି। ଗତ ୨୦ ତାରିଖରୁ ଠିକାଦାରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବାହାର ଜିଲ୍ଲାର ଠିକାଦାରଙ୍କୁ କେନ୍ଦୁଝର ଜିଲ୍ଲା ଅଞ୍ଚଳକୁ ମନା ବୋଲି ମତ ପ୍ରକାଶ ପାଇଥିଲା। ଏହାସହ ସମସ୍ତ ବିଭାଗ ର ଡିଭିଜନ ସ୍ତରରେ ହେଉଥିବା ଟେଣ୍ଡର କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଠିକାଦାର ମାନେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବେ ବୋଲି ମତ ପ୍ରକାଶ ପାଇଥିଲା। ଜିଲ୍ଲା ଭିତରେ ଥିବା ଅନ୍ୟ ଅଞ୍ଚଳର ଠିକାଦାରଙ୍କୁ ତେଲକୋଇ ବ୍ଲକ ଅଞ୍ଚଳକୁ ମନା ଏବଂ ତେଲକୋଇ ବ୍ଲକ ଅଞ୍ଚଳର ଠିକାଦାର ଜିଲ୍ଲାର ଅନ୍ୟ ଡିଭିଜନରେ ଯାଇ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ପାରିବେନି ବୋଲି ମତ ପ୍ରକାଶ ପାଇଥିଲା। ଏକ କୋଟିରୁ କମ ମୂଲ୍ୟର ତଳକୁ ଥିବା କାର୍ଯ୍ୟଗୁଡିକରେ ଏହି ନିୟମ ଲାଗୁ ବୋଲି କୁହାଯାଇଥିଲା। ପ୍ରତ୍ୟେକ କ୍ଷେତ୍ରରେ ଜିଲ୍ଲା ସଂଘ କର୍ମକର୍ତ୍ତା ସମସ୍ତ ସଦସ୍ୟଙ୍କୁ ସାହାଯ୍ୟ କରିବ ବୋଲି ଜିଲ୍ଲା ସମ୍ପାଦକ କହିଥିଲେ। ତେଲକୋଇ ଅଞ୍ଚଳର ବରିଷ୍ଠ ଠିକାଦାର ଡିଲେଶ୍ୱର ପ୍ରଧାନ, ମାଗୁଣି ସାହୁ, ଦ୍ୱିତିକୃଷ୍ଣ ସାହୁ, ସଚ୍ଚିଦାନନ୍ଦ ଖିଲାର, ସୁମିତ ନନ୍ଦନ ମହାନ୍ତି, ସ୍ମୃତିରଞ୍ଜନ ମିଶ୍ର, ଲଲାଟେନ୍ଦୁ ସାହୁ, ସୌମ୍ୟରଞ୍ଜନ ପ୍ରଧାନ, ବିନୟ ସାହୁ, ଦିଲ୍ଲୀପ ବେହେରା, ବେଣୁଧର ସାମଲ, ଟଙ୍କଧର ପାତ୍ର, ହିମାଂଶୁ ଶେଖର ପ୍ରଧାନ, ନିରଞ୍ଜନ ପ୍ରଧାନ, ଆଶିଷ ଥମ୍ବଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## ସରକାରୀ ଯୋଜନା ମାଲ ମାଲ

# ପାଇଖାନାରେ ବିତୁଛି ମହିଳାଙ୍କ ଜୀବନ

ତୁରୁମୁଙ୍ଗା / ଚମ୍ପୁଆ, ୨୮।୨(ସମିସ): ଆଜିବି ଗରିବ ଅସହାୟଙ୍କ ପାଖରେ ପହଞ୍ଚି ପାରିନି ସରକାରୀ ଯୋଜନା। ଦୀର୍ଘ ୧୦ ବର୍ଷ ଧରି ଅସହାୟ ଜୀବନ ବିତାଉଥିବା ଜଣେ ମହିଳା ପାଇଖାନା ଘରେ ଦିନ କାଟୁଛନ୍ତି। ଏଭଳି ଜଣେ ଗରିବ ଅସହାୟ ବିଧବା ମହିଳା ହେଉଛନ୍ତି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜ୍ୟୋତିପୁର ପଞ୍ଚାୟତ ଅନ୍ତର୍ଗତ ଜ୍ୟୋତିପୁର ଗ୍ରାମର ପତି ବେହେରା (୫୧)। ଗାଁର ଏକ ନମ୍ବର ୱାର୍ଡରେ ଦେଖିବା କୁ ମିଳିଛି ଏଭଳି ବିକଳ ଚିତ୍ର। ବାରମ୍ବାର ପ୍ରଶାସନ ନିକଟରେ ଜଣାଇଥିଲେ ମଧ୍ୟ ଘର ଖଣ୍ଡେ ପାଇଁ କେହି ତାଙ୍କ ଦୁଃଖ ନଶୁଣିବାରୁ ଶେଷରେ ଭାଗ୍ୟକୁ ଆଦରି ପାଇଖାନା ଘରେ ପଡି ରହିଛନ୍ତି। ଜ୍ୟୋତିପୁର ଗ୍ରାମର ସ୍ୱର୍ଗତ ସନ୍ତୋଷ ବେହେରାଙ୍କ ସ୍ତ୍ରୀ ହେଉଛନ୍ତି ପତି। ମୂଲମଜୁରୀ କରି କୌଣସି ମତେ ଚଳି ଯାଉଥିଲେ, ହେଲେ ସ୍ୱାମୀ ଆରପାରିକୁ ଚାଲିଯିବା ପରେ ସେ ଏକୁଟିଆ ହୋଇ ଦୁର୍ବିସହ ଜୀବନଯାପନ କରୁଛନ୍ତି। ପୂର୍ବରୁ ଥିବା ଝାଟିମାଟି ଘରଟି ଭାଙ୍ଗି ଯାଇଥିବାରୁ ପୁନର୍ବାର ସଜାଡ଼ି ନ ପାରିବାକୁ ଭାଙ୍ଗି ପଡ଼ିଥିଲା। ସରକାରୀ ଯୋଜନାରେ ହୋଇଥିବା ପାଇଖାନା ଗୃହ ହିଁ ଶେଷରେ ଭରସା ହୋଇଥିଲା। ଦୀର୍ଘ ୧୦ ବର୍ଷ ବର୍ଷ ପତି ପାଇଖାନା ଗୃହରେ ମୁଣ୍ଡ ଗୁଞ୍ଜି ରହିଆସୁଥିଲେ ମଧ ତାଙ୍କ ପ୍ରତି ଚମ୍ପୁଆ ପ୍ରଶାସନର କୌଣସି ଅଧିକାରୀଙ୍କ ଦୃଷ୍ଟି ପଡ଼ି ପାରିନାହିଁ। ଏପରିକି ବିଧବା ଭତ୍ତା, ସୁଭଦ୍ରା ଯୋଜନା ସହ ସରକାରଙ୍କ ଯୋଜନା ତାଙ୍କ ପାଇଁ ସାତ ସପନ ପାଲିଟିଛି। ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମସ୍ତ କଥା ବୁଝି ଆଗାମୀ ଦିନରେ ସରକାରୀ ସୁବିଧା ଯେପରି ତାଙ୍କ ପାଖରେ ପହଞ୍ଚିବ ତାର ବ୍ୟବସ୍ଥା କରିବା ସହ ପ୍ରଶାସନକୁ ଜଣାଇବେ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ତାଙ୍କୁ ଘର ଯୋଗାଇବା ସହ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଗ୍ରାମର କୁନା ବେହେରା ଦାବି କରିଛନ୍ତି।



# ୧୭ ଗୋରୁ ଉଦ୍ଧାର, ୩ ଗିରଫ


ଖୋର୍ଦ୍ଧା,୨୮।୨(ସମିସ)

ବୋଲଗଡ ଥାନା ଅନ୍ତର୍ଗତ ଅସନାପଲ୍ଲୀ (କେନ୍ଦୁପଲ୍ଲୀ) ଗ୍ରାମରୁ ଗୁରୁବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘରୁ ୧୭ ଗୋରୁ ଉଦ୍ଧାର ହୋଇଥିବା ବେଳେ ୨୦ କେଜି ଗୋମାଂସ ଜବତ ହୋଇଛି । ଏହାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ଘର ଓ ଗାଡ଼ିଭଙ୍ଗାରୁଜା କରିଥିଲେ । ଏହି ଘଟଣାରେ ପୁଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫମାନେ ହେଲେ ଅସନାପଲ୍ଲୀର ସେକ କାସିମ (୫୮), ତାଙ୍କ ପୁଅ ସେକ୍ ଇମାମ୍ (୨୬) ଓ ଅନ୍ୟଜଣେ ଦିପୁ ବଳିୟାରସିଂହ (୨୦) । ସେହିପରି ଘର ଓ ଗାଡ଼ିଭଙ୍ଗାରୁଜା ମାମଲାରେ ଡିହଖଉରୁଣିର ନଟବର ସ୍ୱାଇଁ (୪୦)ଙ୍କୁ ଗିରଫ କରିଛି । ଏହି ଥାନା ଅଧୀନ ଡିହଖଉରୁଣୀ ଗ୍ରାମର ନଟବର ସ୍ୱାଇଁଙ୍କ ଗୋଟିଏ ଷଣ୍ଢ ହଜି ଯାଇଥିବାବେଳେ ସେ ଏହାକୁ ଖୋଜି ଗୁରୁବାର ସନ୍ଧ୍ୟାରେ ନିକଟସ୍ଥ ଅସନାପଲ୍ଲୀ ଗ୍ରାମର ସେକ କାସିମଙ୍କ ବାରିପେଟ ଅନ୍ୟ କେତେକ ଗୋରୁଙ୍କ ସହ ବନ୍ଧା ଯାଇଥିବା ଦେଖିଥିଲେ । ଏ ନେଇ ସେ କାସିମଙ୍କୁ ପଚାରିବାର ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ କାସିମଙ୍କ ସମ୍ପର୍କୀୟ ନଟବରଙ୍କୁ ଆକ୍ରମଣ କରିଥିଲା । ଏହାପରେ ନଟବର ନିଜ ଗାଁ ରେ ପହଁଚି ସେଠାରୁ ସମର୍ଥକଙ୍କ ସହ ଆସି କାସିମଙ୍କ ଘର ଭାଙ୍ଗିବା ସହ ସେଠାରେ ଥିବା ୩ ଟି ଚାରିଚକିଆ ଗାଡ଼ିଭଙ୍ଗାରୁଜା କରିଥିଲେ । ଖବରପାଇ ବୋଲଗଡ଼ ପୁଲିସ ଘଟଣାସ୍ଥଳରେ ୧ସେକ୍ସନ ଫୋର୍ସ ସହ ପହଁଚି ଉତ୍ତେଜନା ହ୍ରାସ କରିଥିଲେ । କାସିମର ଘର ଖାନତଲାସ କରି ଫ୍ରିଜରେ ମହଜୁଦ ଥିବା ୨୦କେଜି ଗୋମାଂସ, ବାଡ଼ିରେ ବନ୍ଧା ଯାଇଥିବା ୧୭ଟି ଗୋରୁ ଓ ୩ଟି ଗାଡ଼ି ଜବତ କରିଥିଲେ । ଥାନାରେ ଉଭୟପକ୍ଷ ଅଭିଯୋଗକ୍ରମେ ପୁଲିସ ୭୯/୨୬ ଓ ୮୦/୨୬ ରେ ଦୁଇଟି ପୃଥକ୍ ମାମଲା ରୁଜୁ କରି ସେକ କାସିମ୍, ତାର ପୁଅ ଓ ସହଯୋଗୀ ଏବଂ ନଟବର ସ୍ୱାଇଁଙ୍କୁ ଗିରଫ କରିଛନ୍ତି । ଉଦ୍ଧାର ୧୭ଟି ଗୋରୁଙ୍କୁ ବୋଲଗଡ଼ ନିକଟସ୍ଥ ଗୋଶାଳାକୁ ହସ୍ତାନ୍ତର କରାଯାଇ ଥିବା ବେଳେ କୌଣସି ଉତ୍ତେଜନାମୂଳକ ପରିସ୍ଥିତ ସମ୍ଭାଳିବା ପାଇଁ ଅସନପଲ୍ଲୀରେ ପୁଲିସ୍ ପଇଁତରା ମାରୁଥିବା ଥାନାଧିକାରୀ ସୁକାନ୍ତ ଦଳାଇ ସୂଚନା ଦେଇଛନ୍ତି ।

**ଗାଡ଼ି ଭଙ୍ଗା ରୁଜା ୧ ଗିରଫ**

## ମଇଁଷି ବୋଝେଇ ଆଇଚର ଜବତ | ୨୦ ମଇଁଷି ଉଦ୍ଧାର, ଜଣେ ଗିରଫ

ଖୋର୍ଦ୍ଧା,୨୮।୨(ସମିସ): ୧୬ନଂ ଜାତୀୟରାଜପଥର ପଣ୍ଡିତ ଢାବା ନିକଟରୁ ଏକ ମଇଁଷି ବୋଝେଇ ଆଇଚରକୁ ପୁଲିସ ଜବତ କରିଛି । ଉକ୍ତ ଟ୍ରକ୍‌ରୁ ପୁଲିସ ୨୦ମଇଁଷି ଉଦ୍ଧାର କରିଛି । ଏହି ଘଟଣାରେ ପୁଲିସ ଗାଡିର ଡ୍ରାଇଭର କର୍ଣ୍ଣାଟକ କୋଲାର ଜିଲ୍ଲା କେ.ଜି. ଏଫ. ଥାନା ଅନ୍ତର୍ଗତ ସୁନ୍ଦରପାଲ୍ୟା ଗ୍ରାମର ଭି. କୁମାର (୬୫) କୁ ଗିରଫ କରିଛି । ତାଙ୍କ ବିରୋଧରେ ଦଫା ୨୮୧/୩୫୧(୨)/୩୦୩(୨)/୩(୫) ବି.ଏନ.ଏସ. ଏବଂ ଦଫା ୧୧(୧)(କ)/୧୧(୧)(ଡି) ପି.ସି.ଏ. ଆକ୍ଟରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତି ରେ ବଜରଙ୍ଗ ଦଳ କର୍ମୀ କେତେକ ଦୁର୍ବୃତ୍ତ କଟକରୁ କର୍ଣ୍ଣାଟକ ଆଡ଼କୁ ଏକ ଟ୍ରକ ଯୋଗେ ପଶୁମାନଙ୍କୁ ନିର୍ଦ୍ଦୟ ଭାବରେ ଚାଲାଣ କରୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ । ଟ୍ରକ କୁ ଅଟକାଇବାକୁ ୧୬ନଂ ଜାତୀୟରାଜପଥର କେତେକ ସ୍ଥାନରେ ଛପି ରହିଥିଲେ । ଏହି ସମୟରେ ଆସୁଥିବା ଆଇଚର ଟ୍ରକ ଦେଖି ସନ୍ଦେହ ହେବାରୁ ତାକୁ ପିଛା କରି ଅଟକାଇବାକୁ ଚେଷ୍ଟା କରିଥିଲେ । ଟ୍ରକ୍ ର



ଡ୍ରାଇଭର ଟ୍ରକ କୁ ଦ୍ରୁତ ଗତିରେ ନେଇ ପଳାଇବାକୁ ଚେଷ୍ଟା କରିଥିଲେ । ମାତ୍ର ବଜରଙ୍ଗ ଦଳ ସଦସ୍ୟ ଓ ସ୍ଥାନୀୟ ଲୋକେ ତାଙ୍କୁ ଗୋଡ଼ାଇ ପଣ୍ଡିତ ଢାବା ନିକଟରେ ଅଟକାଇଥିଲେ । ଏହି ସମୟରେ ଡ୍ରାଇଭର ଓ ବଜରଙ୍ଗ ଦଳ ସଦସ୍ୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଖବର ପାଇ ଘଟଣାସ୍ଥଳରେ ସଦର ପୁଲିସ ପହଁଚି ଟ୍ରକ ଓ ଡ୍ରାଇଭରକୁ ହେପାଜତକୁ ନେଇଥିଲା । ଟ୍ରକ ଯାଂଚବେଳେ ସେଥିରେ ୨୦ ମଇଁଷିକୁ ନିର୍ଦ୍ଦୟ ଭାବରେ ଦଉଡ଼ିରେ ବନ୍ଧା ହୋଇଥିବା ଦେଖିଥିଲେ । ତନ୍ମଧ୍ୟରେ ୧୨ଟି ମଇଁଷି ଓ ୮ଟି ପଣ୍ଡା ରହିଥିଲେ । ତଦନ୍ତବେଳେ ଅଭିଯୁକ୍ତ ଭି. କୁମାର ପଶୁ ପରିବହନ ସମ୍ପର୍କରେ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ ବରଂ ବିଭିନ୍ନ ସ୍ଥାନରୁ ପଶୁମାନଙ୍କୁ ଚୋରି କରି ଆଣି ଚାଲାଣ କରାଯାଉଥିବା ସ୍ୱୀକାର କରିଥିଲେ । ବଜରଙ୍ଗ ଦଳ କର୍ମୀ ଏସ୍.ଏମ. ଦିବ୍ୟ ପ୍ରକାଶ ପ୍ରଧାନଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଭି. କୁମାର କୁ କୋର୍ଟ ଚାଲାଣ କରିଛି । ଉଦ୍ଧାର ପଶୁଙ୍କ ପ୍ରାଥମିକ ଚିକିତ୍ସା ପରେ ଗୋଶାଳାରେ ଛଡାଯାଇଛି ।

## ଇଣ୍ଡିଆସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତାର ଶୁଭାରମ୍ଭ

ଜଟଣୀ, ୨୮।୨(ସମିସ): ପୂର୍ବ ଭାରତର ସର୍ବବୃହତ ଦକ୍ଷତା, ପ୍ରତିଭା ଏବଂ ବୈଷୟିକ ଉତ୍କର୍ଷତାର ପ୍ରଦର୍ଶନୀ ଆଜିଠାରୁ ଆରମ୍ଭ ହୋଇଛି । ଜଟଣୀସ୍ଥିତ ତରାବୋଇ 'ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍' ପରିସରରେ ପୂର୍ବ କ୍ଷେତ୍ର ପାଇଁ 'ଇଣ୍ଡିଆସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା ୨୦୨୫-୨୬'ର ଶୁଭାରମ୍ଭ ହୋଇଛି । ପାଞ୍ଚଟି ପୂର୍ବ ଭାରତୀୟ ରାଜ୍ୟ ଏବଂ ଏକ କେନ୍ଦ୍ରଶାସିତ ଅଞ୍ଚଳରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି । ଚାରି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ପାରମ୍ପରିକ ହସ୍ତକଳାଠାରୁ ଆରମ୍ଭ କରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ୫୯ଟି ବିଭିନ୍ନ ଦକ୍ଷତା କ୍ଷେତ୍ରରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ (ଏସ୍‌ଏସଡିଇ) ର ତତ୍ତ୍ୱାବଧାନରେ ଏବଂ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସଡିସି) ର ସହାୟତାରେ ଆୟୋଜିତ ଏହି ଆଞ୍ଚଳିକ ପ୍ରତିଯୋଗିତା, ଭାରତକୁ ବିଶ୍ୱସ୍ତରରେ ପ୍ରତିଯୋଗୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କାର୍ଯ୍ୟବଳ ଭାବେ ଗଢ଼ିତୋଳିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ ବୋଲି କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟୋଗିତା ମନ୍ତ୍ରଣାଳୟ (ସ୍ୱାଧୀନ ଦାୟିତ୍ୱ) ଏବଂ ଶିକ୍ଷା ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି ।

ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ), ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ରାଜ୍ୟ ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଗୋକୁଳାନନ୍ଦ




ମଲ୍ଲିକ କହିଛନ୍ତି ଯେ, ଆମର ଦକ୍ଷତା ବିକାଶ ବ୍ୟବସ୍ଥାକୁ ସୁଦୃଢ଼ କରି ଆମେ କେବଳ ଯୁବପିଢ଼ିଙ୍କୁ ରୋଜଗାରକ୍ଷମ କରୁନାହୁଁ, ବରଂ ସେମାନଙ୍କୁ ନବସୃଜନ, ନେତୃତ୍ୱ ପ୍ରଦାନ ଏବଂ ଏକ ଶକ୍ତିଶାଳୀ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଅବଦାନ ରଖିବା ପାଇଁ ସଶକ୍ତ କରୁଛୁ ।

ଏହି ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର-ତଥା-ସଚିବ ରୂପେନ୍ଦ୍ର ସିଂ ପୁନିଆ; ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କମିଶନର ତଥା ସଚିବ ରଶ୍ମିତା ପଣ୍ଡା; ଭୁବନେଶ୍ୱର ମହାନଗର ନିଗମର କମିଶନର ଚଞ୍ଚଳ ରାଣା; ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର; ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର; ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର କୁଳପତି ଡଃ ଅମିୟ କୁମାର ରଥ; ଜଟଣୀ ତରାବୋଇ ସ୍ଥିତ ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସଡିଆଇ) ର ମୁଖ୍ୟ ନିର୍ବାହୀ ଅଧିକାରୀ ରଞ୍ଜନ ଭୌମିକ; ଭାରତ ସରକାରଙ୍କ ଏମଏସଡିଇର ଡିଡିଜି ସୁନିଲ କୁମାର ଗୁପ୍ତା ଏବଂ ଏମଏସଡିଇର ଯୁଗ୍ମ ନିର୍ଦ୍ଦେଶକ ନବୀନ କୁମାରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଉଦଯାପନୀ ସମାରୋହ ୨ ମାର୍ଚ୍ଚରେ ଅନୁଷ୍ଠିତ ହେବ ।

## ୩୭ ଗୋରୁ ଉଦ୍ଧାର, ୩ ଗିରଫ

ଖୋର୍ଦ୍ଧା,୨୮।୨(ସମିସ): ଶିଳ୍ପାଞ୍ଚଳ ଥାନା ପୁଲିସ ସ୍ଥାନୀୟ ହଳଦିଆ ଗହୀର ରାସ୍ତାରୁ ୩୭ ଗୋରୁ ଉଦ୍ଧାର କରିଛି । ବେଆଇନ ଗୋଚାଲାଣ ଅଭିଯୋଗରେ ପୁଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ବାଙ୍କୀ ଥାନା ବିଦ୍ୟାଧରପୁର ଗ୍ରାମର ବିକାଶ ବେହେରା (୩୯), ସିପୁନ୍ ହାତୀ (୨୪) ଏବଂ ସୁଶାନ୍ତ ଦାସ (୪୫) । ଏମାନଙ୍କ ଠାରୁ ପୁଲିସ ୩୮ଟି ଗୋରୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଗୋଶାଳାକୁ ପଠାଇଛି । ପୁଲିସ ସୂଚନା ଅନୁସାରେ, ହଳଦିଆ ଗହୀର ରାସ୍ତାଦେଇ ୩ଜଣ ୩୭ଗୋରୁଙ୍କୁ ଚଲାଇ ଚଲାଇ ତରତୁଆ ଅଭିମୁଖେ ନେଇଯାଉଥିଲେ । ଖବର ପାଇ ବଜରଙ୍ଗ ଦଳ ସଦସ୍ୟ ସେମାନଙ୍କୁ ଅଟକାଇ ପୁଲିସ ଜିମା ଦେଇଥିଲେ । ପୁଲିସ ଗୋରୁଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି ।

## ଟାଟାଏସିଇ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଖୋର୍ଦ୍ଧା,୨୮।୨(ସମିସ): ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ମୁକ୍ତାପୁର ଗାଁରେ ଏକ ଦ୍ରୁତଗାମୀ ଟାଟାଏସିଇ ଗାଡି ଧକ୍କାରେ ଜଣେ ସଂକଳ୍ପଧାରୀ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତା ହେଲେ ଉକ୍ତ ଗ୍ରାମର ପ୍ରତିମା ବିଶ୍ୱାଳ (୫୦) । ମୁକ୍ତାପୁର ଗାଁରେ ଶନିମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲିଛି । ଆଜି କଳସଯାତ୍ରା ହୋଇଥିଲା । ଏଥିରେ ଅନେକ ପୁରୁଷ ସଂକଳ୍ପଧାରୀଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ । ପଣସଝର ବନ୍ଧରୁ ସଂକଳ୍ପଧାରୀମାନେ କଳସ ମୁଣ୍ଡାଇ ମନ୍ଦିର ଅଭିମୁଖେ ଆସୁଥିଲେ । ଏହି ସମୟରେ କଳସ ମୁଣ୍ଡାଇ ଆସୁଥିବା ପ୍ରତିମାଙ୍କୁ ପଛପାର୍ଶ୍ୱରୁ ଦ୍ରୁତ ଗତିରେ ଆସି ଗାଡି ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଏମସ୍ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ବିଭିନ୍ନ କ୍ଲଷ୍ଟରସ୍ତରୀୟ ବୈଠକ



ଖୋର୍ଦ୍ଧା,୨୮।୨(ସମିସ): କୁରାଢମଲ୍ଲ କ୍ଲଷ୍ଟର ଅନ୍ତର୍ଗତ ତାପଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଶନିବାର ଅଷ୍ଟମ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକକୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଗୁରୁମା କନକଲତା ଆନୁଷ୍ଠାନିକଭାବେ ଆରମ୍ଭ କରିଥିଲେ । ବୈଠକରେ ପଂଚମ ଓ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ମୂଲ୍ୟାୟନ ଢାଂଚା ଓ ପ୍ରତିକାରାତ୍ମକ ଶିକ୍ଷଣ ଏବଂ ମୌଳିକସ୍ତର ଶିକ୍ଷଣର ସର୍ବେକ୍ଷଣ -୨୦୨୬ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଛାତ୍ରଛାତ୍ରୀଙ୍କ ଶିକ୍ଷା ମାନ ଉନ୍ନତି, ମୌଳିକ ଦକ୍ଷତା ବିକାଶ ଭେନ୍ୟୁ ବିଦ୍ୟାଳୟ ର ସହକାରୀ ଶିକ୍ଷୟିତ୍ରୀ ନିଲୋଫର୍ ଜାହାନ ବେଗମ୍ ସହଯୋଗ କରିଥିଲେ । ଶେଷରେ କ୍ଲଷ୍ଟର ର ଅଭିଜ୍ଞ ପ୍ରଧାନ ଗୁରୁଜୀ ଶିବପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**ବେଗୁନିଆ:** ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଷ୍ଟମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦାଶରଥ ପ୍ରଧାନଙ୍କ ଆବାହକତ୍ୱ ଓ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ପ୍ରଥମ କରି






କାର୍ଯ୍ୟକାରୀ ହୋଇଥିବା ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବୋର୍ଡ ପରୀକ୍ଷା କିପରି ଶୃଙ୍ଖଳିତ ଭାବେ ପରିଚାଳିତ ହୋଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ଏପରିକି ଶୈକ୍ଷିକ୍ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବରିଷ୍ଠ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ ଓ ନୀଳମଣି ପ୍ରଧାନ ସୁଚିନ୍ତିତ ପରାମର୍ଶ ଦେଇଥିଲେ ଓ ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ ।

**ଟାଙ୍ଗୀ:** ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସରରେ ମୁକ୍ତେଶ୍ୱର ଦେବ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ସୁଦୀପ ମଣ୍ଡଳ, ପ୍ରିୟଙ୍କା ମହାପାତ୍ର, କବିତା ମହାପାତ୍ର, ସ୍ମିତା ନାୟକ, ବିନତୀ ଦେଇ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ । ବୈଠକରେ ପୂର୍ବ ବୈଠକର ବିଷୟବସ୍ତୁ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପାଇଁ ପ୍ରତିକାରାତ୍ମକ ଶିକ୍ଷଣ ଓ ମୌଳିକ ଶିକ୍ଷଣର ସର୍ବେକ୍ଷଣ, ଯାଦୁ ପେଡି ସାମଗ୍ରୀର ବ୍ୟବହାର, ଶ୍ରେଣୀ ପର୍ଯ୍ୟବେକ୍ଷଣ, ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା,ଶିକ୍ଷଣ ସୋପାନ ରେଜିଷ୍ଟର, ଜିଲ୍ଲା ଭିତ୍ତିକ ଶୈକ୍ଷିକ ଆଲୋଚନା ଏବଂ ନିପୁଣ ଓଡ଼ିଶା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । କ୍ଲଷ୍ଟର ଅଧୀନସ୍ଥ ୧୨ଟି ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ତାଲିମପ୍ରାପ୍ତ ଶ୍ରେଣୀ ଶିକ୍ଷକ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁନ୍ତଳା ସାହୁ, ମୀନାକ୍ଷୀ ବେହେରା, ଯଶୋଦା ବେହେରା, ସୁଦୀପ୍ତା ମଣ୍ଡଳ, ରସ୍ମିତା ସେଠୀ,ଅନୁସୂୟା ବିଶ୍ୱାଳ,ଚନ୍ଦନ ପାଇକରାୟ, ଗୋବିନ୍ଦ ଚନ୍ଦ୍ର ଦାଶ, ପ୍ରୀତି ପୁଷ୍ପା ଶ୍ରୀଚନ୍ଦନ, ଝୁନି ସାହୁ, ମାନିନୀ ସେନାପତି,ସୁକାନ୍ତି ବେହେରା, ଶକୁନ୍ତଳା ଦଳ, ରଜନୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

(ଖୋର୍ଦ୍ଧା ରିପୋର୍ଟର ଅବଶିଷ୍ଟ ଅଂଶ:) ଓ ଫଳାଫଳ ଆଧାରିତ ପଢ଼ାଶୁଣାକୁ ଆରୋ ଶକ୍ତିଶାଳୀ କରିବା ନିମନ୍ତେ କିପରି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବା ଉଚିତ ତାହା ଉପରେ ଗୁରୁଜୀ ଓ ଗୁରୁମାମାନଙ୍କୁ ଅବଗତ କରାଯାଇଥିଲା । ବୈଠକରେ ସିଆର୍‌ସିସି ମନୋଜ ଦାଶ ଓ ସମ୍ବଳ ଶିକ୍ଷକ ରବିନାରାୟଣ ସାହୁଙ୍କ ଦ୍ୱାରା ଶ୍ରେଣୀ ପରିଚାଳନା କରାଯାଇଥିଲା । ଗୁରୁଜୀ ଯୁଧିଷ୍ଠିର ସାହୁଙ୍କ ଦ୍ୱାରା ପାରମ୍ପରିକ ଗୀତ ପରିବେଷଣ ସାଙ୍ଗକୁ ଯାଦୁ ପେଡ଼ିରେ ଥିବା ଖଞ୍ଜଣି ବାଦ୍ୟ ପରିବେଷଣ କରାଯାଇଥିଲା । ଉକ୍ତ ବୈଠକର ସଂକ୍ଷେପଣ କରାଯାଇଥିଲା ।

## ସରସ୍ୱତୀ ଶିଶୁ ମନ୍ଦିରର ଦୀକ୍ଷାନ୍ତ ଉତ୍ସବ

ବେଗୁନିଆ,୨୮।୨(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଦୀକ୍ଷାନ୍ତ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ସୁବୁଦ୍ଧି ଓ ଶିକ୍ଷାବିତ୍ ଶରତ ଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ଭଲ ପାଠପଢି ଦେଶ ଓ ଜାତିର ଟେକ ରଖିବା ପାଇଁ ପରାମର୍ଶ ଦେଇଥିଲେ । ସଭାର ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ପ୍ରଣବ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



ବାଲୁଗାଁ ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଉମାମହେଶ୍ୱର ଦେବ ସୁସଜ୍ଜିତ ଦୋଳ ବିମାନରେ ବିରାଜମାନ କରି ଫଗୁ ଦଶମୀ ତିଥିରୁ ମନ୍ଦିରରେ ଭିତର ଫଗୁ ସହ ଚାଚେରୀ ଭୋଗ ଖିଆ ଉତ୍ସବ ଆରମ୍ଭ ହୋଇଯାଇଛି ।

## ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗରେ ସ୍ମୃତିସଭା

ବାଲୁଗାଁ,୨୮।୨(ସମିସ) : ବାଲୁଗାଁ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନବ କିଶୋର ମହାନ୍ତିଙ୍କ ବିୟୋଗରେ ମହାବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତି ସଭାରେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ୍, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ଃ କୈଳାସ ଚନ୍ଦ୍ର ମହାରଣା ପ୍ରମୁଖଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଓ କର୍ମଚାରୀ ମାନେ ସାମିଲ ହୋଇ ଅମର ଆତ୍ମାର ସଦଗତି କାମନା ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରି ସ୍ୱର୍ଗତ ମହାନ୍ତିଙ୍କ ଅବର୍ତ୍ତମାନରେ ତାଙ୍କ କର୍ମମୟ ଜୀବନ ସମ୍ପର୍କରେ ମତବ୍ୟକ୍ତ କରି ସ୍ମୃତିଚାରଣ କରିଥିଲେ ।

## ଇଚ୍ଛାପୁରରେ ନୂତନ ମନ୍ଦିର ପ୍ରତିଷ୍ଠା

ଚିଲିକା,୨୮।୨(ସମିସ): ଚିଲିକା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମରେ ଗୁରୁବାର ଦିନ ତାରେଣୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କରାଯିବା ସହ ମା' ଙ୍କ ବିଗ୍ରହ ସ୍ଥାପନ କରାଯାଇଛି । ସମସ୍ତ କାର୍ଯ୍ୟକୁ ପଣ୍ଡିତ ଦିଲ୍ଲୀପ କୁମାର ସାମନ୍ତରାୟ, ପଣ୍ଡିତ ସୀମାଞ୍ଚଳ ମହାପାତ୍ର, ପଣ୍ଡିତ ସତ୍ୟ ନାରାୟଣ ଦାଶ, ପଣ୍ଡିତ ସୁବାସ ଚନ୍ଦ୍ର ତ୍ରିପାଠୀ, ପଣ୍ଡିତ ଗୋଲେଖ ଦାଶ



ଓ ପଣ୍ଡିତ ଅଶୋକ କୁମାର ଦାଶ ପ୍ରମୁଖ ବ୍ରାହ୍ମଣ ସାମନ୍ତ ମାନେ ସମ୍ପାଦନ କରିଥିଲେ । ମନ୍ଦିର ପ୍ରତିଷ୍ଠାର ପୁରୋଧା ଭାବେ ସସ୍ତ୍ରୀକ ରବୀନ୍ଦ୍ର ନାଥ ପ୍ରଧାନ ଉପବେଶନ କରିଥିଲେ ।

## ବନ୍ଧୁକ ସହ ୨ଗୁଳି ଜବତ, ଜଣେ ଗିରଫ

ଖୋର୍ଦ୍ଧା/ବୋଲଗଡ଼,୨୮।୨(ସମିସ): ବୋଲଗଡ ପୁଲିସ ଡିହଖଉରୁଣୀ ଗ୍ରାମ ନିକଟରୁ ଜଣେ ଯୁବକଙ୍କ ଠାରୁ ବେଆଇନ ବନ୍ଧୁକ ଜବତ କରିବା ସହ ତାଙ୍କୁ ଗିରଫ କରିଛି । ଗିରଫ ଜଣକ ହେଲେ ଉକ୍ତ ଥାନା ଅନ୍ତର୍ଗତ ଆରିକମାର ସୌମ୍ୟକାନ୍ତ ରାଉତରାୟ (୨୦) ।ଗତକାଲି ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଡିହଖଉରୁଣୀ ଗ୍ରାମ ନିକଟରେ ସୌମ୍ୟକାନ୍ତ ବୁଲୁଥିବା ପୁଲିସ ଦେଖିଥିଲା । ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିବାକୁ ପାଇଥିଲା । ପଚରାଉଚରାବେଳେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲା । ସନ୍ଦେହ ହେବାରୁ ପୁଲିସ ତାକୁ ଯାଂଚ କଲାବେଳେ ଗୋଟିଏ ଦେଶୀ ବନ୍ଧୁକ ଓ ଦୁଇଟି ଜୀବନ୍ତ ଗୁଳି ଜବତ କରିଛି । ସୌମ୍ୟ ବନ୍ଧୁକ ରଖିବାର କୌଣସି ବୈଧ ଲାଇସେନ୍ସ ଦେଖାଇପାରି ନ ଥିଲା । ଏନେଇ ପୁଲିସ ୮୧/୨୬ରେ ଶସ୍ତ୍ର ଆଇନର ଧାରା ୨୫ ଅନୁଯାୟୀ ମାମଲା ରୁଜୁ କରି ସୌମ୍ୟକୁ ଗିରଫ କରିଛି । ଜବତ ବନ୍ଧୁକ ଓ ଗୁଳି ପୁଲିସ ଜିମାରେ ରଖାଯାଇଛି । ଏହି ମାମଲାର ତଦନ୍ତଭାର ଏସ୍‌ଆଇ ହାଡିବନ୍ଧୁ ଦାସଙ୍କୁ ଦିଆଯାଇଛି ।

## ଦେଶୀ ମଦ ଜବତ, ଦୁଇ ଗିରଫ

ଖୋର୍ଦ୍ଧା/ବୋଲଗଡ଼,୨୮।୨(ସମିସ): ବୋଲଗଡ ପୁଲିସ ଅରଖପଲ୍ଲୀ ଛକ ନିକଟରେ ଚଢଉ କରି ୨ଜଣ ବେଆଇନ୍ ମଦ ବେପାରୀଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ବାଙ୍କୋଇ ର ସୁଶାନ୍ତ ପ୍ରଧାନ (୨୨) ଓ ସୁନାଖଳାର ୱାହିଦ ଖାନ (୨୪) । ସେମାନଙ୍କ ଠାରୁ ୧୦୮ ଲିଟର ବେଆଇନ୍ ମଦ ଓ ଏକ ଇଲେକ୍ଟ୍ରି ସ୍କୁଟିକୁ ପୁଲିସ ଜବତ କରିଛି । ସୂଚନା ଅନୁସାରେ, ସୁଶାନ୍ତ ଓ ୱାହିଦ୍ ଏକ ଇଲେକ୍ଟ୍ରିକ୍ ସ୍କୁଟି (ଓଡ଼ି-୨୫-୦୯୩୬୯) ରେ ବେଆଇନ୍ ଦେଶୀ ମଦକୁ ତିନୋଟି ବଡ଼ ବ୍ୟାଗରେ ରଖି ବିକ୍ରି ପାଇଁ ନେଇ ଯାଉଥିଲେ । ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ସେମାନଙ୍କୁ ଅରଖପଲ୍ଲୀ ଛକ ନିକଟରେ ଚଢଉ କରି ଧରିଥିଲା । ସବ-ଇନ୍ସପେକ୍ଟର ଆଶା ମାରିଆ ଡୁଙ୍ଗଡୁଙ୍ଗଙ୍କ ଅଭିଯୋଗ କ୍ରମେ ପୁଲିସ ୮୨/୨୬ରେ ଏକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି ।

## ଜିଜ୍ଞାସା ଓ ପ୍ରୟୋଗମୂଳକ ଶିକ୍ଷା ହେଉଛି ସଫଳତାର ମୂଳମନ୍ତ୍ର

ଖୋର୍ଦ୍ଧା,୨୮।୨(ସମିସ)

ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ ବିଜ୍ଞାନ ଦିବସ ଶନିବାର ପାଳିତ ହୋଇଯାଇଛି । ଏହି ଦିବସ ଅବସରରେ ପିଲାମାନଙ୍କ ମଧ୍ୟରେ ଏକ ଆକର୍ଷଣୀୟ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରକଳ୍ପ ଗୁଡିକ ପ୍ରଦର୍ଶିତ ହୋଇଥିଲା । ଏଥିସହିତ ପିଲାମାନଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷାକୁ ଆଧାର କରି ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଶେଷରେ ପିଲା ମାନଙ୍କ ମଧ୍ୟରେ ବୈଜ୍ଞାନିକ ବେଶଭୂଷା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା । ଯେଉଁଥିରେ ଛାତ୍ରଛାତ୍ରୀ ବିଭିନ୍ନ ବୈଜ୍ଞାନିକ ଭୂମିକା ଅଭିନୟ କରି ସମସ୍ତଙ୍କୁ ଆକର୍ଷିତ କରିଥିଲେ ।

ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା । ସଭାପତି ତାଙ୍କ ଅଭିଭାଷଣରେ ସି.ଭି. ରମଣଙ୍କ ଅମୂଲ୍ୟ ଅବଦାନ ସମ୍ବନ୍ଧରେ ଆଲୋଚନା କରି ପିଲାଙ୍କୁ କହିଥିଲେ ଜିଜ୍ଞାସା ଓ ପ୍ରୟାଗମୂଳକ ଶିକ୍ଷା ହେଉଛି ସଫଳତାର ମୂଳମନ୍ତ୍ର । ଶିକ୍ଷକ ଶିକ୍ଷୟିତ୍ରୀ ସବିତା ଦାସ, ରୋଜାଲିନ ରାଉତରାୟ, ବିଭୁ ପ୍ରସାଦ ପଣ୍ଡା, ପ୍ରିୟଦର୍ଶିନୀ ସାହୁ, ସବୁଜିମା ସାହୁ ଏବଂ ରାହୁଲ ମହାରଣା ପ୍ରମୁଖ ବକ୍ତବ୍ୟରେ ବିଜ୍ଞାନର ଆବଶ୍ୟକତା ଓ ଆଧୁନିକ ଯୁଗରେ ତାହାର ଭୂମିକା ବିଷୟରେ ମତପ୍ରକାଶ କରିଥିଲେ । ବିଜ୍ଞାନ ପ୍ରଦର୍ଶନୀ, ଚିତ୍ରାଙ୍କନ ଓ ବୈଜ୍ଞାନିକ ବେଶଭୂଷା ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।



**ଜାତୀୟ ବିଜ୍ଞାନ ଦିବସ**

**ବାଣପୁର :** ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ବିଜ୍ଞାନ ସମାଜ ପକ୍ଷରୁ ଅଡିଟୋରିୟମ କକ୍ଷରେ ବିଜ୍ଞାନ ଦିବସ ପାଳିତ ହୋଇ ଯାଇଛି । ଅଧ୍ୟକ୍ଷ ଡ. ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଡେପୁଟି ସଚିବ ତଥା ମହାବିଦ୍ୟାଳୟ ଉନ୍ନୟନ ଓ ଛାତ୍ରଛାତ୍ରୀ ମଙ୍ଗଳ ପରିଷଦ ସଦସ୍ୟ, ଓଡିଶା ସରକାର ଡଃ ରଜତ କୁମାର ମାନସିଂହ ଯୋଗଦେଇ ବିଜ୍ଞାନ ଓ ବିଜ୍ଞାନ ଶିକ୍ଷାର ଆବଶ୍ୟକତା ଓ ଉତ୍ପାଦିତ ବୈଷୟିକ ଯନ୍ତ୍ରପାତି ଗୁଡିକର ଦୁରୁପଯୋଗ ବନ୍ଦ କରିବାକୁ ବକ୍ତବ୍ୟ ରଖିଥିଲେ । ବିଜ୍ଞାନ ସମାଜର ଉପଦେଷ୍ଟା ଅଧ୍ୟାପକ ସପିନ କୁମାର ପୃଷ୍ଟି ଅତିଥିଙ୍କ ପରିଚୟ ସହିତ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ଅନ୍ୟତମ ଉପଦେଷ୍ଟା ସ୍ୱରୂପାରାଣୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥୀ ବେଦମତ୍ତା ନୈତିକ ଶିକ୍ଷା ଓ ବିଜ୍ଞାନ ସମ୍ପର୍କରେ ଆଲୋକପାତ କରିଥିବା ସ୍ଥଳେ ବିଜ୍ଞାନ ସମାଜ ତରଫରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ଅଭିଜିତ ସାହୁ, ମନୋଜ ନାୟକ ଓ ଅଧ୍ୟାପିକା ଉତ୍କଳିକା ଦେଓ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

**ଟାଙ୍ଗୀ:** ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ "ପ୍ରଥମ ଓଡ଼ିଶା' ତରଫରୁ ଟାଙ୍ଗୀ ବ୍ଲକ ରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ଉପଲକ୍ଷେ ୧୦ ଟି ଗ୍ରାମରେ ବିଜ୍ଞାନ ମେଳାର କାର୍ଯ୍ୟକ୍ରମ କରାଯାଇଥିଲା । ଏହି ବିଜ୍ଞାନ ମେଳାର ସଭା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅଭିମାନପୁର ଠାରେ ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ସରପଞ୍ଚ ସନ୍ଧ୍ୟାରାଣି ସ୍ୱାଇଁ, ସମିତି ସଭ୍ୟ ସୂର୍ଯ୍ୟମଣି ସାହୁ, ପ୍ରଧାନ ଶିକ୍ଷକ ଦିପୁନ୍ କୁମାର ପରିଡ଼ା, ଅଙ୍ଗନବାଡ଼ି କର୍ମୀ ସୁହାସିନୀ ସ୍ୱାଇଁ, ବିଦ୍ୟାଳୟ ଶିକ୍ଷକ ବିଜୟାନନ୍ଦ ସାହୁ, ଶିକ୍ଷୟିତ୍ରୀ ରଶ୍ମିତା ସେଠୀ ଙ୍କ ସମେତ ପ୍ରଥମ ଓଡ଼ିଶା ର ରାଜ୍ୟ ସଂଯୋଜକ ମଳୟ କୁମାର କୁଅଁର, ଟିମ୍ ଲିଡର ରାକେଶ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଜ୍ଞାନ ମେଳାକୁ ପ୍ରଥମ ଓଡ଼ିଶା ର କର୍ମକର୍ତ୍ତା ଲକ୍ଷ୍ମୀପ୍ରିୟା, ଓମ୍ ପ୍ରକାଶିନି, ସ୍ମିତାଞ୍ଜଳି, ପୁଷ୍ପାଞ୍ଜଳି, ସ୍ୱର୍ଣ୍ଣ, ମାନସ, ମମତା, ଗିରିଜା ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ ।

# ପୁନରୁଦ୍ଧାର କାର୍ଯ୍ୟ ବେଳେ ଓଭରବ୍ରିଜ୍‌ରେ ୨ ଭାରୀଯାନ

ରାୟଗଡ଼ା, ୨୮ ।୨(ସମିସ)



୩୨୬ ନଂ ଜାତୀୟ ରାଜପଥରେ ଥିବା ରାୟଗଡ଼ା ସହରର ଓଭରବ୍ରିଜରର ପୁନରୁଦ୍ଧାର ତଥା ମରାମତି କାର୍ଯ୍ୟ ଜାରି ରହିଥିବା ବେଳେ ଏହି ବ୍ରିଜ୍ ଉପରେ ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ ଗାଡିକୁ ବାଦ ଦେଲେ ଅନ୍ୟ ମାଲବାହୀ, ଯାତ୍ରୀବାହୀ ଏପରିକି ଦୁଇ ଚକିଆ ଯାନବାହନ ମଧ୍ୟ ଯାତାୟତ ନ କରିବା ପାଇଁ ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ଗତ ଜାନୁଆରୀ ମାସ ୧୦ ତାରିଖରେ କଟକଣା ଲଗାଯାଇଛି। ଏଥିପାଇଁ ସହରରେ ଦୁଇଟି ବିକଳ୍ପ ରାସ୍ତା ବ୍ୟବସ୍ଥା କରାଯାଇଥିଲା। ତେବେ ଆଜି ଭୋର ସକାଳୁ ସାଇ ଇଣ୍ଟରନ୍ୟାସନାଲ ଛକରୁ ବାଇପାସ ରାସ୍ତାକୁ ବ୍ୟବହାର କରିବା ବଦଳରେ ଗୁଜରାତର ବଡଦୋରା ଠାରୁ ବଏଲର ମେସିନ୍ ବୋହି ନେଇ ରାୟଗଡ଼ା ଜିଲ୍ଲାର କାଶିପୁର ବ୍ଲକ ଟିକିରି ଅଭିମୁଖେ ଯାଉଥିବା ଦୁଇଟି ବଡ ବଡ ମାଲବାହୀ ଭାରିଯାନ ସହର ମଧ୍ୟକୁ ପ୍ରବେଶ କରି ଆସିଥିଲେ। ଓଭରବ୍ରିଜ ପର୍ଯ୍ୟନ୍ତ ଗାଡିଗୁଡିକ ଆସିବା ପରେ ସେଠାରେ ଆଉ ଫେରିବାକୁ ବାଟ ନ ପାଇଥିବା ବେଳେ ସହର ମଝିରେ ଟ୍ରାଫିକ୍ ସମସ୍ୟା ଉପୁଜିବା ଆଶଙ୍କା କରି ଓଭରବ୍ରିଜ ଉପରେ ଉକ୍ତ ଦୁଇଟି ଗାଡିକୁ ଓଭରବ୍ରିଜ କାମ କରୁଥିବା ନିର୍ମାଣକାରୀ ସଂସ୍ଥା କର୍ମଚାରୀମାନେ ବ୍ରିଜ ଉପରେ ରଖିବାକୁ ପରାମର୍ଶ ଦେବା ପରେ ଡ୍ରାଇଭରମାନେ ଦୁଇଟି ଗାଡିକୁ ପାର୍କିଂ କରିଥିଲେ। ଦିନ ତମାମ ବ୍ରିଜ ଉପରେ ଉକ୍ତ ଦୁଇଟି ଗାଡି ପାର୍କିଂ ହୋଇଥିବା ବେଳେ ଆଜି ସଂଧ୍ୟାରେ ସହରର କିଛି ବୁଦ୍ଧିଜୀବି ଓଭରବ୍ରିଜ ଉପରେ ଭାରୀଯାନ କେଉଁ ପରିସ୍ଥିତିରେ

## ୪୦ ହଜାର ଟଙ୍କା ଜରିମାନା ଆଦାୟ

ପହଞ୍ଚିଲା ବୋଲି ଆଲୋଚନା କରି ପ୍ରଶାସନ ଓ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଆରଟିଓଙ୍କ ନିର୍ଦ୍ଦେଶ କ୍ରମେ ବିଭାଗୀୟ ଅଧିକାରୀ ଟିଆଇ ଝସକେତନ ଭରାସଗରିଆ ଓ ଅନ୍ୟ ଷ୍ଟାଫ୍ ବ୍ରିଜରେ ପହଞ୍ଚି ଗାଡି ଡ୍ରାଇଭରଙ୍କ ଠାରୁ ସମସ୍ତ ସୂଚନା ପାଇବା ପରେ ବାଇପାସ ରାସ୍ତାକୁ ବ୍ୟବହାର କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ବଡ ବଡ ହୋର୍ଡିଂ ଲଗାଯାଇଥିବା ଏବଂ ଏଭଳି ବଡ ବଡ ମେସିନ ନେବା ପାଇଁ ରାୟଗଡ଼ା ପୋଲିସ ତଥା ପୌର ପ୍ରଶାସନର କୌଣସି ଅନୁମତି ପତ୍ର ନ ଥିବାରୁ ଟ୍ରାଫିକ୍ ନିୟମ ଉଲ୍ଲଂଘନକୁ ନେଇ ଗୋଟିଏ ଗାଡି ପିଛା ୨୦ ହଜାର ଟଙ୍କା ଲେଖାଁଏ ଜରିମାନାକୁ ମିଶାଇ ୪୦ହଜାର ଟଙ୍କା ଆଦାୟ କରିଥିଲେ। ଘଟଣାସ୍ଥଳରେ ଏସଡିପିଓ ଗୌରହରି ସାହୁ ପହଞ୍ଚି ବିଳମ୍ବିତ ରାତ୍ରରେ ଖାଲିଥିବା ଟ୍ରାଫିକ୍ ସମୟରେ ଗାଡିଗୁଡିକୁ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ସାଇ ଇଂଟରନ୍ୟାସନାଲ ଛକରେ ଏକ ପୋଲିସ ପୋଷ୍ଟ ଥିବା ବେଳେ ଡ୍ରାଇଭରମାନଙ୍କ ସୂଚନା ନିମନ୍ତେ ବଡ ବଡ ହୋର୍ଡିଂ ଲଗାଯାଇଥିବା ବେଳେ କିଭଳି ଭାରୀଯାନ ସହର ମଧ୍ୟକୁ ପ୍ରବେଶ କରୁଛି ସେ ନେଇ ପ୍ରଶାସନ ଅଧିକ କ୍ରୀୟାଶୀଳ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

# ବିଦେଶୀ ମଦ ଜବତ, ୩ ଗିରଫ



କୋରାପୁଟ, ୨୮ ।୨(ସମିସ): ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ସିମିଳିଗୁଡାରେ ଚଢ଼ାଉ କରି ୧୫.୬୦୦ ଲିଟର ବିୟର ଓ ୮.୧୦୦ ଲିଟର ବିଦେଶୀ ମଦ ଜବତ କରିଥିବା ବେଳେ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମିଳିଗୁଡାର ବିଭିନ୍ନ ଅଞ୍ଚଳରେ ବେଆଇନ ମଦ କାରବାର ହେଇଥିବା ଅଭିଯୋଗ ପାଇ ଅବକାରୀ ଅଧିକ୍ଷକ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଇନ୍ସପେକ୍ଟର ସୁଧୀର କୁମାର ସାହୁ, ସବ ଇନ୍ସପେକ୍ଟର ଜଗବନ୍ଧୁ ଜାନି ଓ ଅନ୍ୟ ମାନଙ୍କୁ ନେଇ ଗଠିତ ଟିମ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ମକରଧ୍ୱଜ ବିଷୋୟୀଙ୍କ ଠାରୁ ୭.୮୦୦ ଲିଟର ବିୟର ସହ ୨.୭୦୦ ଲିଟର ବିଦେଶୀ ମଦ, ଏନ, ସନ୍ତୋଷ କୁମାରଙ୍କ ନିକଟରୁ ୫.୪୦୦ ଲିଟର ବିଦେଶୀ ମଦ ଓ ଏଲ୍, ମହେଶ୍ୱର ଚୌଧୁରୀଙ୍କ ଠାରୁ ୭. ୮୦୦ ଲିଟର ବିୟର ଜବତ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଥିବା ଇନ୍ସପେକ୍ଟର ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# କାର୍ଯ୍ୟାନୁଷ୍ଠାନ ଭୟ, ଛୁଟିରେ ଗଲେ ସିଆରସି!

**● ବ୍ୟବହାରରେ ଅତିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ**

ମାଥିଲି, ୨୮ ।୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ଆଞ୍ଚଳିକ ସାଧନ କର୍ମୀଙ୍କର ବ୍ୟବହାର, ଆଚରଣରେ ଓ ଉଚ୍ଚାରଣରେ ଅତିଷ୍ଠ ହୋଇ ପଞ୍ଚାୟତର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଥିଲା। କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବା ଘଟଣା ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ସମ୍ପୃକ୍ତ ଆଞ୍ଚଳିକ ଗୋଷ୍ଠୀ ଶିକ୍ଷା ସାଧନ କର୍ମୀ ଛୁଟିରେ ରହିବା ଘଟଣା ଆଲୋଚନାର ବିଷୟ ପାଲଟିଛି। କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇବା ପାଇଁ ସେ ଇଏଲରେ ଥିବା କୁହାଯାଉଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତ ଅନ୍ତର୍ଗତ କସିଗୁଡା କ୍ଲଷ୍ଟରର ଆଞ୍ଚଳିକ ସାଧନ କର୍ମୀ ନିହାର ରଞ୍ଜନ ଦାସଙ୍କ ନାମରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଗୁରୁତର ଅଭିଯୋଗ କରା ଯାଇ ଆସୁଥିଲା। ଆଜି ଆସନ୍ତା ବାର୍ଷିକ ପରୀକ୍ଷା ପାଇଁ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଆଲୋଚନା ଓ ନୂତନ ବ୍ୟବସ୍ଥାରେ ପରୀକ୍ଷା ହେବାକୁ ଥିବା ବେଳେ କିପରି ତାଙ୍କୁ ଇଏଲ ପ୍ରଦାନ କରାଗଲା ତାହା ବି ଆଲୋଚନା ହେଉଛି।

# ଡିଆଇଇଟିର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ଜୟପୁର, ୨୮ ।୨(ସମିସ): ଜୟପୁର ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରେ ନୂତନ ଅଧ୍ୟକ୍ଷ ଭାବେ ମାଲକାନଗିରି ଜିଲ୍ଲା ଡାଇଟ କେନ୍ଦ୍ରର ଅଧ୍ୟକ୍ଷ ମମତା କୁମାରୀ ଝୋଡିଆ ଆଜି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷ୍ ଦାୟୀତ୍ୱରେ ଥିବା ରୁପ ଚନ୍ଦ୍ର ସୋରେନ କୋରାପୁଟ ଜିଲ୍ଲା ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଉଥିଲେ। ବର୍ତ୍ତମାନ ସୋରେନଙ୍କୁ ମାଲକାନଗିରି ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରକୁ ବଦଳି କରାଯାଇଛି। ଆଜି ଶ୍ରୀମତି ଝୋଡିଆ କାର୍ଯ୍ୟରେ ଯୋଗ ଦେବା ପରେ ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ଏବଂ ଆବଶ୍ୟକ ପ୍ରଶିକ୍ଷକ ଏବଂ କର୍ମଚାରୀ ପଦବୀ ପୂରଣ ନେଇ ପ୍ରୟାସ କରିବେ ବୋଲି କହିଛନ୍ତି।

# ଅବସର ନେଲେ କଲେଜ ଅଧ୍ୟକ୍ଷ

ବୈପାରିଗୁଡ଼ା, ୨୮ ।୨ (ସମିସ): ବୈପାରୀଗୁଡା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଜୁନିଅର କଲେଜ ପରିସରରେ ଅଧ୍ୟକ୍ଷଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ସଭା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣା ଦୀର୍ଘ ୩୧ ବର୍ଷ ଧରି କାର୍ଯ୍ୟରତ ଥିବା ବେଳେ ତାଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରକାଳୀନ ସଭାରେ କଲେଜ ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣାଙ୍କ ସହ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ଲେଜର ପୂର୍ବତନ ଅଧ୍ୟକ୍ଷ ଅଟଳବିହାରୀ ସାମଲଙ୍କ ସହ ବହୁ ବ୍ୟକ୍ତି ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ଜିଲ୍ଲା କଂଗ୍ରେସ ଅନୁସୂଚୀତ ଜାତି ସେଲ୍ ଅଧ୍ୟକ୍ଷଙ୍କ ପରଲୋକ

କୋରାପୁଟ, ୨୮ ।୨(ସମିସ): ଜିଲ୍ଲା କଂଗ୍ରେସ ଅନୁସୂଚୀତ ଜାତି ସେଲ୍ ଅଧ୍ୟକ୍ଷ ତଥା ପୂର୍ବତନ ବ୍ଲକ ସଭାପତି ରମେଶ ବାଙ୍କିଆ(୫୭)ଙ୍କର ଶନିବାର ଅପରାହ୍ନରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ହସପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ଆଜି ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ନେତା ଓ କର୍ମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସଦର ବ୍ଲକ ଉମୁରି ପଞ୍ଚାୟତରେ ରମେଶ ବାଙ୍କିଆ କଂଗ୍ରେସର ଜଣେ ଟାଣୁଆ ନେତା ଥିଲେ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତାଙ୍କ ନେତୃତ୍ୱରେ କୋରାପୁଟ ବ୍ଲକରେ କଂଗ୍ରେସ ସମର୍ଥିତ ସମିତି ପ୍ରାର୍ଥୀ ମାନେ ବିଜୟୀ ହୋଇଥିଲେ ଏବଂ କଂଗ୍ରେସ ସମର୍ଥିତ ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# କୁନ୍ଦୁରାରେ ଖୋଲିଲା ନୂଆ ପେଟ୍ରୋଲ ପମ୍ପ



କୁନ୍ଦୁରା, ୨୮ ।୨ (ସମିସ): କୁନ୍ଦୁରା ବ୍ଲକ ମହକୁମା ଠାରେ ମା'ବୈଷ୍ଣବେବୀ ପେଟ୍ରୋଲ ପମ୍ପର ଶୁଭ ଉଦ୍‌ଘାଟନ ହୋଇଛି। ଏହା ହିନ୍ଦୁସ୍ତାନ ପେଟ୍ରୋଲିୟମ ବିଭାଗର। ଉଦ୍‌ଘାଟନ ଉତ୍ସବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋଟପାଡ଼ ବିଧାୟକ ରୂପୁ ଭତ୍ରା ଏବଂ ଛତିଶଗଡ଼ ରାଜ୍ୟ ବସ୍ତର ସାଂସଦ ମହେଶ କଶ୍ୟପ ଯୋଗ ଦେଇ ଶୁଭାରମ୍ଭ କରିଛନ୍ତି। କୁନ୍ଦୁରା କୁସୁମୀ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ପାର୍ଶ୍ୱରେ ଆରମ୍ଭ ହୋଇଛି ଏହି ପେଟ୍ରୋଲ ପମ୍ପ। ଏହି ପେଟ୍ରୋଲ ପମ୍ପ ଯାଜ୍ଞସେନି ବେହେରା ଏବଂ ଗୌରାଙ୍ଗ ବେହେରାଙ୍କ ନାମରେ ରହିଥିବା ଜାଣିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ବିନାୟକ ଆଚାର୍ଯ୍ୟ, ଏମପି ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ମିଳନ ପ୍ରଧାନ, ଅଭିଳାଷ ବେହେରା, ଲଛମନ ଭତ୍ରା, ସୁନ୍ଦର ମାଳି, ବିଶ୍ୱ ତ୍ରିପାଠୀ, ଭଗବାନ ପଣ୍ଡା, ଶ୍ରୀତମ ପ୍ରଧାନ, ତୁଷାର ଭଟ୍ଟ, ଧନପତି ପରଜା, ଆଶୁତୋଷ ମହାପାତ୍ର ଏବଂ ଗିରିଶ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିର୍ସା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଗୁଡାରୀ ୨୮ ।୨(ସମିସ): ଗୁଡାରୀ ବ୍ଲକ ବର୍ସା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୋନଜ ସାହୁଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ବ୍ଲକ ଚେୟାରମେନ ବିଶ୍ୱନାଥ ଶବର ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା ଏବଂ ଏବିଇଓ ସାଙ୍ଗୁଡ଼ା ରୁପମାଝି ଉପସ୍ଥିତ ଥିଲେ।

ସେହିପରି ମୁଖ୍ୟବକ୍ତା ଏସଏମସି ସଭାପତି, ସିଆରସି ଅବନିକାନ୍ତ ହରିଚନ୍ଦନ ସହ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ମଞ୍ଚରେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ସମସ୍ତ ଅତିଥି ମିଳିତ ଭାବେ ଶ୍ରୀ ଜଗନ୍ନାଥଙ୍କ ପାଖରେ ଦୀପ ପ୍ରଜ୍ୱଳନ କରିବା ପରେ ଅତିଥିମାନଙ୍କୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉପଢୌକନ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷରେ ଭୋଜନ ବ୍ୟବସ୍ଥା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ସଙ୍ଗୀତ ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

ପଟ୍ଟାଙ୍ଗି, ୨୮ ।୨(ସମିସ): କୋରାପୁଟ ଜିଲ୍ଲା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପୁକାଲି ଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦିପସେଖା ବେହେରା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା ବିଜ୍ଞାନ ଓ ମଣିଷର ସମ୍ପର୍କ ଓ ବିଜ୍ଞାନର କ୍ରମବିକାଶ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ବିଷୟ ପ୍ରତି ଶ୍ରଦ୍ଧା ରଖି ଆଗକୁ ଏହି ବିଷୟରେ କିପରି ନିଜ ଜୀବିକା ସହ ଯୋଡ଼ି ପାରିବେ ତାହା ଉପଦେଶ ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପିଣ୍ଟୁ କୁମାର୍ ଦାଶ, ବିନୟ ମଣ୍ଡଳ ଓ ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାୟର୍କ୍ରମର ଶେଷ ଭାଗରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ସାମଲ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରାୟଗଡ଼ା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ରାୟଗଡ଼ା, ୨୮ ।୨(ସମିସ): ମହିଳା ମହାବିଦ୍ୟାଳୟ, ରାୟଗଡ଼ାର ବାର୍ଷିକ ଉତ୍ସବ ୨୦୨୬ ଶନିବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନରେ ଶିକ୍ଷା, ସାହିତ୍ୟ ଓ




ସାଂସ୍କୃତିକ କ୍ଷେତ୍ରରେ ଛାତ୍ରୀଙ୍କ ପ୍ରତିଭାକୁ ପ୍ରକାଶ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଛାତ୍ରୀ ସାଂସ୍କୃତିକ ସଂଘର ଉପସଭାପତି ଭାରତୀ ଚୌଧୁରୀଙ୍କ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଛାତ୍ରସଂଘର ପରାମର୍ଶଦାତା ରଘୁନାଥ ଭୁଏଙ୍କ ଦ୍ୱାରା ଅତିଥି ପରିଚୟ, ଅଧ୍ୟକ୍ଷା ଡା. ଅର୍ଚ୍ଚନା ପଟ୍ଟନାୟକଙ୍କ ସ୍ୱାଗତ ଭାଷଣ ଓ ଛାତ୍ରୀ ମିସ୍ ମୌନିକା ବୁଡ଼ି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ସଭାପତି, ପରିଚାଳନ କମିଟିର ନବୀନ ଚନ୍ଦ୍ର ନାୟକ ଯୋଗଦାନ କରିଥିବା ବେଳେ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୋକସଭା, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ନିଜ ଅଭିଭାଷଣରେ ଶିକ୍ଷା, ସାମାଜିକ ଉନ୍ନତି ଓ ଯୁବପିଢ଼ୀଙ୍କ ଭୂମିକାକୁ ଉଲ୍ଲେଖ ସହ ପ୍ରେକ୍ଷାଳୟଟିଏ ନିର୍ମାଣ ପାଇଁ ଆର୍ଥିକ ସହାୟତା ଘୋଷଣା କରିଥିଲେ। ଅନୁଷ୍ଠାନରେ ସୃଜନଶୀଳ କୃତୀ ପାଇଁ ସୁଶ୍ରୀ ସ୍ୱାତି କରକରିଆ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ କ୍ୟାପ୍ଟେନ ରୀତା ରାଣୀ ମିଶ୍ର, ନାଟ୍ୟ ସଂଘର ସହ ଉପସଭାପତି ଧନ୍ୟବାଦ ଜ୍ଞାପନ ସହିତ କାର୍ଯ୍ୟକ୍ରମର ସମାପନ ହୋଇଥିଲା। ଏହି ବାର୍ଷିକ ଉତ୍ସବରେ ଓଡିଶୀ, ଘିନ୍ତୁ, ଆଦିବାସୀ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ମହିଳା ମହାବିଦ୍ୟାଳୟ, ରାୟଗଡ଼ାର ଶିକ୍ଷାଗତ ଓ ସାଂସ୍କୃତିକ ଯାତ୍ରାରେ ଏକ ସ୍ମରଣୀୟ ଅଧ୍ୟାୟ ରହିବ ବୋଲି କୁହାଯାଇଛି।

# ଶୃଙ୍ଖଳା ଗଛ ପଡ଼ି ଭାଙ୍ଗିଲା ଘର

**● ଅଳ୍ପକେ ବର୍ତ୍ତିଲେ ପରିବାରର ୮ ଜଣ**

ମାଥିଲି, ୨୮ ।୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ତ୍ତନପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଲୁଲେର ଗ୍ରାମର ମାଛା ସାହିର ଜଗନ୍ନାଥ ଭୂମିଆଙ୍କ ଘର ନିକଟରେ ଥିବା ଏକ ଶୃଙ୍ଖଳା ତେନ୍ତୁଳି ଗଛ ଅଚାନକ ଭାବେ ପଡ଼ି ଯିବାରୁ ଜଗନ୍ନାଥଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଘରର ଅନେକ ଅଂଶ ଭାଙ୍ଗି ଯାଇଥିବା ବେଳେ ପରିବାରର ୮ ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗ୍ରାମବାସୀ ଦେଖିବା ମାତ୍ରେ ମାଥିଲି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ମାଥିଲି ଅଗ୍ନିଶମ ବାହିନୀ ଖବର ପାଇବା ପରେ ସଙ୍ଗେ ସଙ୍ଗେ ଲୁଲେର ଗ୍ରାମରେ ପହଞ୍ଚି ତେନ୍ତୁଳି ଗଛଟିକୁ କାଟି ସଫା କରିଥିଲେ। କିନ୍ତୁ ପ୍ରଶ୍ନ ହେଉଛି ଜଗନ୍ନାଥ ଜଣେ ଆଦିବାସୀ ଗରିବ ପରିବାର ହୋଇଥିବାରୁ ସେ ଏବେ ତାର ଭାଙ୍ଗି ଯାଇଥିବା ଘରକୁ କିପରି ସଜାଡିବ ତାହା ପରିବାର ଲୋକେ ଚିନ୍ତାରେ। ବିଡମ୍ବନା ର ବିଷୟ ଯେ ଗ୍ରାମର ବୁଦ୍ଧିଜୀବୀ ମାନେ ରାଜସ୍ୱ ବିଭାଗକୁ ଖବର ଦେଲା ପରେ ବି ବିଭାଗୀୟ ଅଧିକାରୀ ମାନେ ପହଞ୍ଚି ନାହାଁନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହି ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ତେନ୍ତୁଳି ଗଛରୁ ପଡ଼ି ଯୁବକ ଗୁରୁତର

ଉମରକୋଟ, ୨୮ ।୨ (ସମିସ): ବର୍ତ୍ତମାନ ଚାଲିଛି ତେନ୍ତୁଳିର ଋତୁ। ଲୋକେ ଜୀବନକୁ ବାଜି ଲଗାଇ ବଡ଼ବଡ଼ ତେନ୍ତୁଳି ଗଛରୁ ତେନ୍ତୁଳି କାଢୁଛନ୍ତି ଓ ବଜାରରେ ବିକ୍ରି କରି ଦି ପଇସା ରୋଜଗାର କରୁଛନ୍ତି। ଗଛରୁ ପଡ଼ି ଗୁରୁତର ବି ହେଉଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଞ୍ଚଳରେ। ଗୁରୁତର ଯୁବକ ଜଣକ ହେଲେ ବୁର୍ଜା ପଞ୍ଚାୟତର ପୂଜାରୀ ଗୁଡା ଗ୍ରାମର ସୁଶାନ୍ତ ହରିଜନ (୨୩)। ମିଳିଥିବା ସୂଚନା ଅନୁସାରେ ଆଜି ସୁଶାନ୍ତ ତେନ୍ତୁଳି ଗଛରୁ ତେନ୍ତୁଳି କାଢୁଥିଲେ। ଏହି ସମୟରେ ଅସାବଧାନତା ଯୋଗୁଁ ଗୋଡ ଖସିଯିବାରୁ ତଳେ କଚାଡ଼ି ହୋଇ ପଡ଼ିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ସୁଶାନ୍ତଙ୍କ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସୁଶାନ୍ତଙ୍କ ମୁହଁ ଓ ଛାତିରେ ଆଘାତ ଲାଗିଛି।

# ଥାନାରେ ପହଞ୍ଚିଲା ଠିକାଦାରଙ୍କ ବିବାଦ

ଜୟପୁର, ୨୮ ।୨(ସମିସ): ଜୟପୁର ପୌରସଂସ୍ଥାର ୭୧ଟି ଟେଣ୍ଡର ଠିକାକାର୍ଯ୍ୟକୁ ନେଇ ସ୍ଥାନୀୟ ଠିକାଦାର ସଂଘ ଏବଂ କିଛି ଠିକାଦାର ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏହିପରି ଆଜି ପୂର୍ବାହ୍ନରେ ଜଣେ ଠିକାଦାରଙ୍କୁ ଧମକଚମକ ଦେବା ଘଟଣାକୁ ନେଇ ସଂଘ ବିରୋଧରେ ଠିକାଦାରଙ୍କ ଥାନାରେ ଅଭିଯୋଗକ୍ରମେ ସଂଘ ଶତାଧିକ ସଦସ୍ୟ ଥାନାରେ ପହଞ୍ଚି ସମ୍ପୃକ୍ତ ଠିକାଦାରଙ୍କ ମିଥ୍ୟା ଅଭିଯୋଗକୁ ନେଇ ପାଲଟା ଅଭିଯୋଗ କରିଛନ୍ତି। ଏଥିନେଇ ଉଭୟ ଗୋଷ୍ଠୀ ପରସ୍ପରଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିନେଇ ପୁଲିସ ତଦନ୍ତ ଜାରୀ ରଖିବା ସହିତ ଉଭୟ ଗୋଷ୍ଠୀର ସଦସ୍ୟ ଥାନାରେ ଉପସ୍ଥିତକୁ ନେଇ ସହରରରେ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ, ଆଜି ପୂର୍ବାହ୍ନରେ ଇରିଗେସନ କଲୋନୀରେ ରହୁଥିବା ଠିକାଦାର ବଳରାମ ସେଠୀଙ୍କୁ ଠିକାଦାର ସଂଘର କିଛି ସଦସ୍ୟ ଅପହରଣ କରିନେଇଥିବା ନେଇ ଅନ୍ୟଜଣେ ଠିକାଦାର ଗଣି ନାୟକ ଟାଉନଥାନା ପୁଲିସକୁ ସୂଚନା ଦେବା ସହିତ ପୁଲିସ ପାଟ୍ରୋଲିଂ ଗାଡିକୁ ସାଥିରେ ନେଇ କୋର୍ଟ ନିକଟରେ ଠିକାଦାର ଶ୍ରୀ ସେଠୀ ଏବଂ ଠିକାଦାର ସଂଘର କିଛି ସଦସ୍ୟ ଥାନାକୁ ଯାଇଥିଲେ। ଏହି ଖବରପ୍ରଚାର ହେବା ପରେ ଠିକାଦାର ସଂଘର ଶତାଧିକ ସଦସ୍ୟ ଥାନାରେ ପହଞ୍ଚିଥିଲେ ଏବଂ ଠିକାଦାର ବଳରାମ ସେଠୀଙ୍କ ସହିତ ଆଲୋଚନା ମାଧ୍ୟମରେ କିଛି ମନାନ୍ତର ଓ ମତାନ୍ତର ସମାଧାନ ନେଇ କଥାବାର୍ତ୍ତା ହେଉଥିଲା। କିନ୍ତୁ କୌଣସି ଅପରହଣ କରାଯାଇ ନଥିଲା ବୋଲି ଠିକାଦାର ସଂଘ ପକ୍ଷରୁ ଥାନାରେ ପ୍ରକାଶ କରାଯାଇଥିଲା। ଏହିପରି ଉଭୟ ଠିକାଦାର ଏବଂ ଠିକାଦାର ସଂଘ ପରସ୍ପର ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହିପରି ସଂଧ୍ୟା ସୁଦ୍ଧା ଥାନା ନିକଟରେ ଉଭୟ ଗୋଷ୍ଠୀ ମଧ୍ୟରେ ଆଲୋଚନାର ସମାଧାନ ହୋଇନଥିବା ବେଳେ ପରସ୍ପର ବିରୋଧରେ ଆରୋପ ଓ ପ୍ରତ୍ୟାରୋପ ଜାରି ରହିଛି।

# ପେଣ୍ଠା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଦିବସ

ରାୟଗଡ଼ା, ୨୮ ।୨ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପେଣ୍ଠା ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ କୁମାର ଗୌଡଙ୍କ ଅଧ୍ୟକ୍ଷତାରେ



ପ୍ରଦର୍ଶନୀଟି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଜ୍ଞାନଭିତ୍ତିକ ବିଭିନ୍ନ ପ୍ରକଳ୍ପ ପଦର୍ଶିତ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୪୦ଟି ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିବା ବେଳେ ସେଥିରୁ ବିଜ୍ଞାନଭିତ୍ତିକ ୨୦ଟି ଓ ଗଣିତ ଭିତ୍ତିକ ୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ଉତ୍ସବରେ ମୋଟ ୪୦ ଜଣ ଛାତ୍ରୀଛାତ୍ରୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମରିକା, ଅତିରିକ୍ତ ଶିକ୍ଷାଧିକାରୀ ସସ୍ମିତା ବେହେରା, କୋଲନରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ମିଶ୍ର, ବିଜୟ କୁମାର ନାୟକ ପ୍ରମୁଖ ପ୍ରକଳ୍ପ ଗୁଡିକ ବୁଲି ଦେଖିଥିଲେ। ୫-୫ଟି ପ୍ରକଳ୍ପ ମଧ୍ୟରୁ ୫ଟି ଶ୍ରେଷ୍ଠ ପ୍ରକଳ୍ପ ଜିଲ୍ଲାସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ମେଳା ନିମନ୍ତେ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ସୁରେଶ ପଟ୍ଟନାୟକ, ବିଜୟ ରାଉତଙ୍କ ସହ ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।


# ନାରୀଙ୍କୁ ସମ୍ମାନ, ଲୋକତନ୍ତ୍ର ସୁରକ୍ଷା ନେଇ ପ୍ରତିବାଦ ସଭା

ଜୟପୁର, ୨୮ ।୨(ସମିସ)



ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ନାରୀଙ୍କୁ ସମ୍ମାନ ଏବଂ ଲୋକତନ୍ତ୍ର ସୁରକ୍ଷା ଦାବି ନେଇ ଆଜି କୋରାପୁଟ ଜିଲ୍ଲା କଂଗ୍ରେସ ଭବନ ଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନାରୀଙ୍କ ପ୍ରତି ଅସମ୍ମାନ, ନିର୍ଯ୍ୟାତନା ବୃଦ୍ଧି ପାଉଛି। ଏହିପରି ଲୋକତାନ୍ତ୍ରିକ ମୂଲ୍ୟ ବୋଧ ଅସୁରିକ୍ଷିତ ହୋଇପଡ଼ିଛି। ଏହିପରେ ଏପଷ୍ଟିନ ଫାଇଲ ମାମଲାରେ କେନ୍ଦ୍ର ସରକାରଙ୍କ ଜଣେ ମନ୍ତ୍ରୀ ସଂଶ୍ଳିଷ୍ଟ ନେଇ ଖୁଲାସା ହୋଇଯାଇଛି। ତେଣୁ ତୁରନ୍ତ କେନ୍ଦ୍ର ସରକାର ବିଫଳ ହୋଇଥିବା ଯୋଗୁଁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ସେମାନଙ୍କ ପଦବୀରୁ ଇସ୍ତଫା ଦିଅନ୍ତୁ। ତେଣୁ କେନ୍ଦ୍ର ସରକାରଙ୍କ ଅନ୍ୟାୟ ବିରୋଧ ମହିଳା କଂଗ୍ରେସ ତାହାର ଆନ୍ଦୋଳନ ଜାରି ରଖିବେ। ଏହିପରି ସାରା ଦେଶର ଆନ୍ଦୋଳନ ଓ ଧାରଣା ଜୋରଦାର କରାଯିବ ବୋଲି ଜୟପୁର ଠାରେ ଅନୁଷ୍ଠିତ ପ୍ରତିବାଦ ସଭାର ନେତୃତ୍ୱ ନେଉଥିବା ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ମିନାକ୍ଷୀ ବାହିନୀପତି ପ୍ରକାଶ କରିଛନ୍ତି। ଏହି ଅବସରରେ ମହିଳା କଂଗ୍ରେସ କର୍ମୀ ମାନେ କେନ୍ଦ୍ର ସରକାରଙ୍କ ଅରାଜକତା ଫୋଟ ରହିଥିବା ଟି-ସାର୍ଟ ପିନ୍ଧି ବିରୋଧ ପ୍ରକଟ କରିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ମହିଳା ଜିଲ୍ଲା ସଭାନେତ୍ରୀ ନଳନୀ ରଥ, ଶାନ୍ତି ବିନ୍ଧାଣି, ଅନିତା ନାୟକ, ପ୍ରଣବ କିଶୋର ନାୟକ, ଗୋପୀନାଥ ମହାନ୍ତି, ଗଙ୍ଗାଧର ସାହୁ, ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କଟକ ସିଟି



## ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ଏସ୍‌ଡିଆଇ ମଧ୍ୟରେ ବୁଝାମଣାପତ୍ର




କଟକ,୨୮।୨(ସମିସ): ପାରସ୍ପରିକ ସହଯୋଗ ଭିତ୍ତିରେ ଶିକ୍ଷାନୁଷ୍ଠାନର ଆବଶ୍ୟକତା ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସୁଯୋଗ ଦେବା ଲକ୍ଷ୍ୟରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱରସ୍ଥିତ 'ସ୍କିଲ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍' (ଏସ୍‌ଡିଆଇ) ମଧ୍ୟରେ ଏକ ବୁଝାମଣା ପତ୍ର ସାକ୍ଷର ହୋଇଛି। କାର୍ଯ୍ୟକ୍ରମରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, 'ଡିନ୍' (ଗବେଷଣା) ଡ. ବିଶ୍ୱରଞ୍ଜନ ମହାନ୍ତି, 'ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍‌ନୋଲୋଜି'ର 'ଡିନ୍' ଡ. ନୟନ ରଞ୍ଜନ ସାମଲ, ଇଲେକ୍ଟ୍ରିକାଲ ଇଂଜିନିୟରିଂ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ଏବଂ ଏସ୍‌ଡିଆଇର ସିଇଓ ରଞ୍ଜନ ଭୋ÷ମିକ୍, ସିଓଓ ରାକେଶ ତ୍ରିପାଠୀ, ଡିଜିଏମ୍ (ଟ୍ରେନିଂ) ନିହାର ରଞ୍ଜନ ଦାସ, ସୁଧାଂଶୁ ଶେଖର ପାତ୍ର, ପରିଚାଳକ (ଟ୍ରେନିଂ) ଅରିନ୍ଦମ୍ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କୁ ବିଦାୟ ସମ୍ବର୍ଦ୍ଧନା




କଟକ,୨୮।୨(ସମିସ): ଓଡ଼ିଶା ଶିଳ୍ପ ସଂଘ ତରଫରୁ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ତରୁଣ କୁମାର ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶିଳ୍ପ ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ୫୦ରୁ ଅଧିକ ଶିଳ୍ପୋଦ୍ୟୋଗୀ ଯୋଗଦେଇଥିଲେ। ସଭାପତି ରାଜେଶ କାନୁନଗୋ ସ୍ୱାଗତ ଅଭିଭାଷଣ ଦେବା ସହିତ ଶ୍ରୀ ମହାନ୍ତିଙ୍କ ଜିଲ୍ଲାରେ ଶିଳ୍ପ ପ୍ରତି ଥିବା ଅବଦାନକୁ ମନେ ପକାଇଥିଲେ। ଶିଳ୍ପଦ୍ୟୋଗୀ ମାନସ ଦାସ, ଭବାନୀ ପଣ୍ଡିତ, ସଞ୍ଜୟ ବିଶ୍ୱାଳ, ପୁଷ୍ପା ସାମଲ, ଦେବେନ୍ଦ୍ର ଶର୍ମା ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶିଳ୍ପ ସଂଘ ତରଫରୁ ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିନିତ ଦାସ, କିଶୋର ମହାନ୍ତି, ପ୍ରଶାନ୍ତ ମହାପାତ୍ର, ଅଶୋକ ସାହୁ, ରୁଦ୍ର ନାରାୟଣ ଆଚାର୍ଯ୍ୟ, ରମା ବଲ୍ଲଭ ନାୟକ, ପ୍ରିୟନାଥ ମହାନ୍ତି, ବିଭୁଦତ୍ତ ସାମନ୍ତରାୟ, ବିପିନ ଦଣ୍ଡପାଟ, ଅରୁଣ ବାଗଡିଆ, କଉଯଲ ପଦାର, ଅଜୟ ପଣ୍ଡା, ସଞ୍ଜୟ ପଟ୍ଟନାୟକ, ଉମାକାନ୍ତ ବେହେରା, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ବନ୍ଦେ ମହାନଦୀ' ସଫେଇ ଅଭିଯାନ




କଟକ,୨୮।୨(ସମିସ): କଟକର ଜୀବନରେଖା ମହାନଦୀକୁ ପ୍ରଦୂଷଣମୁକ୍ତ ଏବଂ ସ୍ୱଚ୍ଛ ରଖିବା ଲକ୍ଷ୍ୟରେ କଟକ ମହାନଗର ନିଗମ ପକ୍ଷରୁ 'ବନ୍ଦେ ମହାନଦୀ' ନାମକ ଏକ ସ୍ୱତନ୍ତ୍ର ସଫେଇ ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶା ୟାଚେଟି ଆସୋସିଏସନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆଜି କ୍ୟାଣ୍ଟନମେଣ୍ଟ ରୋଡ୍ ସ୍ଥିତ ଚିଦାନନ୍ଦ ଘାଟରୁ ଶୁଭାରମ୍ଭ କରାଯାଇଛି। ଆଗାମୀ ଏକ ମାସ ଧରି ଚାଲିବାକୁ ଥିବା ଏହି ଅଭିଯାନ ମାଧ୍ୟମରେ ନଦୀର ବିଭିନ୍ନ ଘାଟ ଓ ପଟକୁ ପରିଷ୍କାର କରିବା ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ ହୋଇଛି। ଆଜିର ଏହି ସଫେଇ ଅଭିଯାନରେ ସିଏମସିର ଉପାୟୁକ୍ତ, ପରିମଳ ବିଶେଷଜ୍ଞ ଏବଂ ସଫେଇ କର୍ମଚାରୀଙ୍କ ସମେତ ୟାଚେଟି ଆସୋସିଏସନର ୧୦୦ରୁ ଅଧିକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ବିଶେଷ କରି ୬ ଜଣ ସ୍କୁବା ଡାଇଭର ନଦୀ ଭିତରୁ ଜଳଜ ଦଳ ଓ ଆବର୍ଜନା ବାହାର କରି ଜେଟି ସାହାଯ୍ୟରେ ଉପରକୁ ଆଣିଥିଲେ, ଯାହାକୁ ପରବର୍ତ୍ତୀ ସମୟରେ ଟ୍ରାକ୍ଟର ଯୋଗେ ସ୍ଥାନାନ୍ତର କରାଯାଇଥିଲା। ନଦୀ ତଟକୁ ପରିଷ୍କାର ରଖିବା ସହ ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ ସିଏମସି ପକ୍ଷରୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି।

### ଶୈଳବାଳା ପାଇଁ ସଂଗ୍ରାମ; ୩୮ ଦିନରେ ଆନ୍ଦୋଳନ

# ମା' କଟକ ଚଣ୍ଡୀଙ୍କ ଶରଣ ପଶିଲେ ଛାତ୍ରୀ

କଟକ,୨୮।୨(ସମିସ)

ଐତିହାସିକ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟମାନ୍ୟତା ପ୍ରଦାନ ଦାବିରେ ଛାତ୍ରୀମାନଙ୍କ ଅହୋରାତ୍ର ଆନ୍ଦୋଳନ ଆଜି ୩୮ ଦିନରେ ପହଞ୍ଚିଛି।

- ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଦୀପ ଦାନ
- ଆନ୍ଦୋଳନକୁ ସାଂସଦ ଓ ମେୟରଙ୍କ ସମର୍ଥନ



ଶାସନ ଓ ପ୍ରଶାସନର ନିରୁତ୍ସାହଜନକ ଆଭିମୁଖ୍ୟକୁ ଦେଖି ଛାତ୍ରୀମାନେ ଏବେ ଏକ ଦୀର୍ଘକାଳୀନ ସଂଗ୍ରାମ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଆଜି ସନ୍ଧ୍ୟାରେ ଆନ୍ଦୋଳନରତ ଛାତ୍ରୀମାନେ ହାତରେ ଦୀପ ଧରି ମା' କଟକ ଚଣ୍ଡୀଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ସେମାନେ ଦୀପ ଦାନ କରିବା ସହ ପୂଜାର୍ଚ୍ଚନା କରି ଆନ୍ଦୋଳନର ସଫଳତା ପାଇଁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ମୌସୁମୀ ମହାନ୍ତଙ୍କ ସମେତ ପୁରାତନ ଛାତ୍ରୀ ସଂସଦର ସଭାନେତ୍ରୀ ସୁଚିତ୍ରା ସେଠୀ ଓ ବୃହତ୍ତର କଟକ ନାଗରିକ ମହାସଭାର ଆବାହକ ମନୋଜ କୁମାର ପତି ଏହି ଅଭିନବ ପ୍ରତିବାଦରେ ସାମିଲ ହୋଇଥିଲେ। ଛାତ୍ରୀମାନଙ୍କର ଏହି ଦାବିକୁ ନେଇ ଏବେ ରାଜନୀତି ମଧ୍ୟ ଜୋର ଧରିଛି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଛାତ୍ରୀଙ୍କ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି ଯେ ପୂର୍ବତନ ସରକାର ସମୟରେ କଲେଜର କ୍ରୀଡ଼ା ଭିତ୍ତିଭୂମି ପାଇଁ ତଳ ବାଲିଯାତ୍ରା ପଡ଼ିଆ ନିକଟରେ ଜମି ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା, ମାତ୍ର ସରକାର ବଦଳିବା ଯୋଗୁଁ ତାହା ଅଧୁରା ରହିଗଲା। ଏବେକାର ସରକାର କାହିଁକି ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କଟକ ମେୟର ସୁବାସ ସିଂହ ମଧ୍ୟ ଛାତ୍ରୀଙ୍କ ଆନ୍ଦୋଳନକୁ ଯଥାର୍ଥ ଦର୍ଶାଇଛନ୍ତି ଏବଂ ଗତ ସରକାର ନେଇଥିବା ବିକାଶମୂଳକ ପଦକ୍ଷେପଗୁଡ଼ିକୁ ଆଗକୁ ନେବା ପାଇଁ ବର୍ତ୍ତମାନର ସରକାରଙ୍କୁ ନିବେଦନ କରିଛନ୍ତି।

ଆନ୍ଦୋଳନକାରୀ ଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ କଟକ ଜିଲ୍ଲା ପ୍ରଶାସନ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଜରିଆରେ ସେମାନଙ୍କ ନ୍ୟାଯ୍ୟ ଦାବିକୁ ଦମନ କରିବାକୁ ବା ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଚେଷ୍ଟା କରୁଛି। ପ୍ରଶାସନ ଏଭଳି ହୀନ ପ୍ରୟାସରୁ ବିରତ ରହିବାକୁ ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଯେ ପର୍ଯ୍ୟନ୍ତ ଶୈଳବାଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିନାହିଁ, ସେପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର କରାଯିବ ନାହିଁ ବୋଲି ଛାତ୍ରୀ ସଂଘ ଦୃଢ଼ୋକ୍ତି ପ୍ରକାଶ କରିଛି।

## ଜିଲ୍ଲାରୁ ୧୪ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ

### ୨୭ ହଜାର ଚାଷୀ ବିକ୍ରି ଅପେକ୍ଷାରେ

କଟକ,୨୮।୨(ସମିସ): କଟକ ଜିଲ୍ଲାର ସମସ୍ତ ଯାକ ୧୪ଟି ବ୍ଲକର ଧାନ ଚାଷୀମାନଙ୍କଠାରୁ ଆଜି ସୁଦ୍ଧା ୧୪ ଲକ୍ଷ ୨୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଗଲାଣି। ରାଜ୍ୟ ସରକାର ଏହି ଜିଲ୍ଲାରୁ ମାର୍ଚ୍ଚ ୩୧ ତାରିଖ ସୁଧା ୧୨ ଲକ୍ଷ ୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଧାର୍ଯ୍ୟ ଲକ୍ଷ୍ୟ ଟପିଥିବା ଜଣାପଡିଛି। ମଣ୍ଡିଗୁଡିକରେ ଦ୍ୱିତୀୟ ପର୍ଯ୍ୟାୟ ଧାନ କିଣା ପାଇଁ ଲକ୍ଷ୍ୟ ଦିଆଯାଇଛି। ଗତ ଜାନୁଆରି ୭ ତାରିଖଠାରୁ ଜିଲ୍ଲାରେ ମଣ୍ଡି ଖୋଲିଥିଲା। ଏବେ ଜିଲ୍ଲାରେ ଖୋଲିଥିବା ୨୨୩ ଟି ମଣ୍ଡି ଓ ୩ ଏସଏଚଜି ମାଧ୍ୟମରେ ଏହି ଧାନ କିଣା ଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ମୋଟ ୪୫ ହଜାର ୩୩୯ ଜଣ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ଧାନ ବିକ୍ରି ପାଇଁ ୭୨ ହଜାର ୫୩୯ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଏବେ ବି ଜିଲ୍ଲାରେ ୨୭ ହଜାର ଚାଷୀ ଧାନ ବିକ୍ରି କରିବା ପାଇଁ ଟୋକନ ପାଇ ଅପେକ୍ଷାରେ ରହିଛନ୍ତି।

### ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସନ୍ଧ୍ୟା

## ତପନ ଶତପଥୀଙ୍କୁ ଗଙ୍ଗାଧର ବଳ ସ୍ମୃତି ପୁରସ୍କାର




କଟକ,୨୮।୨(ସମିସ): ପ୍ରଫେସର ଗଙ୍ଗାଧର ବଳ ସାରସ୍ୱତ ଗବେଷଣା ତଥା ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ। ବିଶେଷକରି ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟ-କବିତା ସମୀକ୍ଷା କରିବାରେ ତାଙ୍କର ବୌଦ୍ଧିକତା ଓ ସୂକ୍ଷ୍ମ ବିଚାରଶୀଳତା ଲକ୍ଷଣୀୟ। ଶନିବାର ସଂଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସନ୍ଧ୍ୟାରେ ମଞ୍ଚାସୀନ ବକ୍ତାମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟଅତିଥି ଭାବେ ପ୍ରଫେସର ଗଙ୍ଗାଧର ବଳଙ୍କ ପ୍ରଜ୍ଞାଶୀଳତା ଓ ସାଧନାର ପରାକାଷ୍ଠା ସଂପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଯୁବ ଗବେଷକ ଡକ୍ଟର ଅନୁପ ରଞ୍ଜନ ମାର୍ଥା ମୁଖ୍ୟବକ୍ତା ରୂପେ "ରୀତି ସାହିତ୍ୟରେ ଭକ୍ତି ଚେତନା' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଏକନିଷ୍ଠ ଗବେଷକ ତପନ କୁମାର ଶତପଥୀଙ୍କୁ ମର୍ଯ୍ୟାଦାଜନକ "ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ପୁରସ୍କାର' ସ୍ୱରୂପ ପାଞ୍ଚ ହଜାର ଟଙ୍କା, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଶତପଥୀ ଆମ ପୂର୍ବସୂରୀ ସାରସ୍ୱତ ସାଧକଙ୍କ କୃତି ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଉତ୍ସବରେ ଅନୁଷ୍ଠାନର ଉପସଭାପତି ସ୍ୱାଗତ ଭାଷଣ ଓ ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ମୀରା ବେଉରା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ମାନପତ୍ର ପାଠ କରିଥିଲେ ଗୀତାଞ୍ଜଳି ପୃଷ୍ଟି। କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ ଧନ୍ୟବାଦ ଦେଇଥିଲେ।

## ପିଏମ୍‌ଶ୍ରୀ ବିଦ୍ୟାଳୟ ପରିଦର୍ଶନ କଲେ କେନ୍ଦ୍ରୀୟ ଯୁଗ୍ମ ସଚିବ



କଟକ,୨୮।୨(ସମିସ): କେନ୍ଦ୍ର ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ଭାରତ ସରକାରଙ୍କ ଶିକ୍ଷା ବିଭାଗର ସୂଚନା ପ୍ରଯୁକ୍ତି ବିଦ୍ୟା ଯୁଗ୍ମ ସଚିବ ପ୍ରେମଚନ୍ଦ୍ର ମୌରୀ ୨୫ ଓ ୨୬ ତାରିଖ ଦୁଇଦିନ ଧରି କଟକ ଜିଲ୍ଲାର ବିଭିନ୍ନ ପିଏମ୍ ଶ୍ରୀ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରେଭେନ୍ସା ବାଳିକା ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ଆଠଗଡ଼ର ବିଏନ୍ ବିଦ୍ୟାପୀଠ ଏବଂ ସିଡିଏ ସେକ୍ଟର-୬ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ କରି ସ୍କୁଲର ଭିତ୍ତିଭୂମି ଓ ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ସେ ଶ୍ରେଣୀ କକ୍ଷ, ବିଜ୍ଞାନାଗାର, ପାଠାଗାର, ଖେଳ ପଡ଼ିଆ ଓ ଶୌଚାଳୟର ସ୍ଥିତି ପରଖିବା ସହ ପାଠପଢ଼ା ଶୈଳୀ ସମ୍ପର୍କରେ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷ ସେଠୀ ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଜିଲ୍ଲାର ସମସ୍ତ ୩୩ଟି ପିଏମ୍ ଶ୍ରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସଂଯୋଜକଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ମୌରୀ ବିଦ୍ୟାଳୟଗୁଡ଼ିକର ଅଧିକ ଉନ୍ନତି ପାଇଁ ନିର୍ଦ୍ଧାରିତ କାର୍ଯ୍ୟପ୍ରଣାଳୀ ଓ ଆଧୁନିକ ପ୍ରଯୁକ୍ତିର ବ୍ୟବହାର କରିବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ପିଏମ୍ ଶ୍ରୀ ଯୋଜନାର ସଫଳ ରୂପାୟନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

## ତ୍ରିଲୋଚନ କାନୁନ୍‌ଗୋଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



କଟକ,୨୮।୨(ସମିସ): କଟକ ପୌରପରିଷଦର ପୂର୍ବତନ ନଗରପାଳ ତଥା ପ୍ରତିଷ୍ଠିତ ସମାଜସେବୀ ସ୍ୱର୍ଗତଃ ତ୍ରିଲୋଚନ କାନୁନଗୋଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଶନିବାର ଦିନ ଉନ୍ମୋଚିତ ହୋଇଛି। କଟକ ମହାନଗର ନିଗମ ପକ୍ଷରୁ ୯ ନମ୍ବର ୱାର୍ଡ ସ୍ଥିତ ଦୟାଶ୍ରମ ସମ୍ମୁଖରେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ମେୟର ସୁବାସ ଚନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉନ୍ମୋଚନ ସମାରୋହରେ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏବଂ ବିଧାୟିକା ସୋଫିଆ ଫିର୍ଦୋଷ ସମ୍ମାନିତ ଅତିଥି ଭାବେ ସ୍ୱର୍ଗତଃ କାନୁନଗୋଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବକ୍ତାମାନେ ସ୍ୱର୍ଗତଃ କାନୁନଗୋଙ୍କୁ ଜଣେ ଶ୍ରମିକବନ୍ଧୁ ଓ ଜନନାୟକ ଭାବେ ଅଭିହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଶଶିଭୂଷଣ ବେହେରା, ପ୍ରଭାତ ତ୍ରିପାଠୀ ଏବଂ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତାମାନେ ସାମିଲ ହୋଇଥିଲେ। ସିଏମସି କମିସନର କିରନଦୀପ କୌର ସହୋତା ଏବଂ ଡେପୁଟି ମେୟର ଦମୟନ୍ତୀ ମାଝୀ ମଧ୍ୟ କଟକର ବିକାଶ ଦିଗରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରଙ୍ଗୀନ ହେଲାଣି ରୌପ୍ୟ ନଗରୀ



ଆସୁଛି ରଙ୍ଗର ପର୍ବ ହୋଲି, ଆଉ ଏଥିପାଇଁ ଏବେଠାରୁ ରଙ୍ଗୀନ ହେବାକୁ ଲାଗିଲାଣି ରୌପ୍ୟ ନଗରୀ କଟକ। ସହରର ଗଳିକନ୍ଦିରୁ ଆରମ୍ଭ କରି ମୁଖ୍ୟ ବଜାର ପର୍ଯ୍ୟନ୍ତ ସବୁଠି ଏବେ ରଙ୍ଗ ଓ ପିଚକାରୀର ପସରା। ଚୌଧୁରୀ ବଜାର, ବାଲୁବଜାର ଓ ବାଦାମବାଡ଼ି ଭଳି ପ୍ରମୁଖ ବ୍ୟବସାୟିକ କେନ୍ଦ୍ରରେ ଜମିଲାଣି ଗ୍ରାହକଙ୍କ ଭିଡ଼। ବଜାରକୁ ବିଭିନ୍ନ ପ୍ରକାରର ହର୍ବାଲ୍ ଗୁଲାଲ୍ ସାଙ୍ଗକୁ ଛୋଟ ପିଲାଙ୍କ ପାଇଁ କାର୍ଟୁନ୍ ଚରିତ୍ରର ଆଧୁନିକ ପିଚକାରୀ ଆସିଥିବା ବେଳେ, ହୋଲିର ଏହି ରଙ୍ଗୀନ ପସରା କଟକବାସୀଙ୍କ ମଧ୍ୟରେ ଏକ ନିଆରା ଉତ୍ସାହ ଭରିଦେଇଛି। ଶାନ୍ତି ଓ ଭାଇଚାରାର ଏହି ପର୍ବ ପାଇଁ ରଙ୍ଗର ପସରା ସହରର ଚେହେରାକୁ ବଦଳାଇ ଦେଇଛି।





**ବଜାରରେ ରଙ୍ଗ ଓ ପିଚକାରୀର ପସରା, ଜମୁଛି ହୋଲି କିଣାକିଣି**









# ଓଡ଼ିଶା ଜୀବିକା ମିଶନ ଏମ୍‌ବିକେ, ବ୍ୟାଙ୍କ୍ ମିତ୍ର ପୁରସ୍କୃତ



ନନ୍ଦପୁର, ୨୮।୨(ସମିସ): ନନ୍ଦପୁର ବ୍ଲକ ମିଶନ ଶକ୍ତି ଅନୁକୂଲ୍ୟରେ ପରିଚାଳିତ ଓଡ଼ିଶା ଜୀବିକା ମିଶନ ଏମ୍‌ବିକେ, ବ୍ୟାଙ୍କ୍ ମିତ୍ର ଓ ସିଆରପିଙ୍କ କାର୍ଯ୍ୟ ଦକ୍ଷତା ନେଇ ବ୍ଲକ ମିଶନ ଶକ୍ତି ପକ୍ଷରୁ ୬ ଜଣଙ୍କୁ ପୁରସ୍କୃତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଅବସର ପ୍ରତିଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦକ୍ଷତା ବୃଦ୍ଧି କରାଯିବ ସହ ନିଜ ନିଜ ପଞ୍ଚାୟତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସାମାଜିକ ସେବା କ୍ଷେତ୍ରରେ ସାମିଲ କରାଇ ସମାଜର ମୁଖ୍ୟସ୍ରୋତରେ ଆଣିବା ନେଇ କାର୍ଯ୍ୟ କରୁଥିବା ବ୍ଲକ ତିନି ଏମ୍‌ବିକେ ତିନି ବ୍ୟାଙ୍କ୍ ମିତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଉପସ୍ଥିତ ଅତିଥି ବ୍ଲକ ଅଧକ୍ଷା ଶାବିତ୍ର କର୍ତ୍ତୁଲ, ସିଡିପି ଓ ମିନତି ବାଲା ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟା ଅଭିଲାଶି ନାୟକ, ବିଧାୟକ ପ୍ରତିନିଧି କାମେସ କାମୁଡି, ସାଂସଦ ପ୍ରତିନିଧି ଗୋପାଲ ମାଟାମ ପ୍ରମୁଖ ଯୋଗଦେଇ ହିଁକିମପୁଟ ଜସ୍ମିନି ଖରା, ରାଇସିଙ୍ଗ ଏମ୍‌ବିକେ ସଇତା ଗୋଲରି, ମଲିବେଲଗାଁ ଏମ୍‌ବିକେ ରୀନା ପ୍ରଧାନି, ବ୍ୟାଙ୍କ୍ ମିତ୍ର ରିଙ୍କି ଭୋଇ, ପଦ୍ମା ପାଙ୍ଗି, ନମିତା ଗୋଲରି, କୁମୁଦିନୀ ଦୋରାଙ୍କୁ ପୁରସ୍କୃତ କରିଥିବା ବେଳେ ସବୁ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇ କାର୍ଯ୍ୟ କରୁଥିବା ପଞ୍ଚାୟତର ଏମ୍‌ବିକେ ସସ୍ମିତା ନାୟକଙ୍କୁ ମଧ ପୁରସ୍କୃତ କରିଥିଲେ ଅତିଥିମାନେ। ଏହି କାର୍ଯ୍ୟକ୍ରମକୁ ମିଶନ ଶକ୍ତି ବିପିସିଓ ଓଡ଼ିଶା ଜୀବିକା ମିଶନ ବିପିସି ବିଚିତ୍ର ରାଉତ ପରିଚାଳନା କରିଥିଲେ।

# କୋରୁକୋଣ୍ଡାରେ ଗୋଷ୍ଠୀ ସଂଘର୍ଷ, ୨ ଆହତ

କୋରୁକୋଣ୍ଡା, ୨୮।୨(ସମିସ)



ମାଲକାନଗିରି ଜିଲ୍ଲା ସଦର ଥାନା ଅଧୀନ କୋରୁକୋଣ୍ଡା ସଦର ମହକୁମାରେ କାଲି ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହାତାହାତି ଘଟଣା ଘଟିଥିବା ସୂଚନା ମିଳିଛି। ଏହି ଘଟଣାରେ ଦୁଇଜଣ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ସୂତ୍ର ଅନୁସାରେ, କୌଣସି ପୁରୁଣା ବିବାଦକୁ ନେଇ ଦୁଇ ପକ୍ଷ ମଧ୍ୟରେ ତୀବ୍ର ବାଦବିବାଦ ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ପଡ଼ିଥିଲା। ପରେ ଏହା ହାତାହାତିର ରୂପ ନେଇଥିଲା। ଘଟଣାସ୍ଥଳରେ ଥିବା ଲୋକମାନେ ମଧ୍ୟସ୍ଥତା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଆହତ ଦୁଇଜଣଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରାତିର ହାତାହାତି ଘଟଣାର ଭିଡିଓ ବର୍ତ୍ତମାନ ବିଭିନ୍ନ ସୋସିଆଲ୍ ମିଡିଆ ମାଧ୍ୟମରେ ଭାଇରାଲ ହେଉଥିବା ଦେଖାଯାଇଛି। ଏହି ଭିଡିଓରେ ଦୁଇ ପକ୍ଷ ମଧ୍ୟରେ ହାତାହାତି ଓ ଆହତ ହେଉଥିବା ଦୃଶ୍ୟ ପ୍ରକାଶ ପାଇଛି। ପୋଲିସ ପକ୍ଷରୁ ଏହି ଭିଡିଓର ସତ୍ୟତା ଯାଞ୍ଚ କରାଯାଉଛି। ଏହି ଘଟଣା ସମ୍ବନ୍ଧରେ କୋରୁକୋଣ୍ଡା ଥାନାରେ ଉଭୟ ପକ୍ଷରୁ ପୃଥକ୍ ପୃଥକ୍ ଅଭିଯୋଗ ଦାଖଲ ହୋଇଛି। ପୋଲିସ ପକ୍ଷରୁ ମୋଟ ୩ଟି ମାମଲା (କେସ୍ ନଂ୩୫, ୩୬ ଓ ୩୭) ରୁଜୁ କରାଯାଇଛି। ଏହା ସନ୍ଦର୍ଭରେ ଥାନା ଆଇଆଇସି ଆର୍. ବିଜୟ କୁମାର କହିଛନ୍ତି, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ତଦନ୍ତ ଜାରି

**୩ଟି ମାମଲା ରୁଜୁ; ଭିଡିଓ ଭାଇରାଲ**

ରହିଛି ଏବଂ ଆଇନୁସାରେ ପ୍ରୟୋଜନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣା ପରେ କିଛି ସମୟ ପାଇଁ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲେ ମଧ ବର୍ତ୍ତମାନ ପରିସ୍ଥିତି ସାମାନ୍ୟ ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

● ନାବାଳିକାଙ୍କୁ ଦୁଷ୍କର୍ମ

# ମାଡ଼ମାରି ଗର୍ଭପାତ ଅଭିଯୋଗରେ ପ୍ରେମିକ ଗିରଫ

ଜୟପୁର, ୨୮।୨ (ସମିସ): କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନା ପୁଲିସ ନାବାଳକଙ୍କୁ ଦୁଷ୍କର୍ମ ଏବଂ ମାଡମାରି ଗର୍ଭପାତ ଅଭିଯୋଗରେ ପ୍ରେମିକ ତଥା ଯୁବକଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ କୋରାପୁଟ ଜିଲ୍ଲା ବି.ସିଙ୍ଗପୁର ଥାନା ଭାଲିଆଗୁଡା ଗ୍ରାମର ବନମାଳୀ ହରିଜନ (୨୪)। ପୁଲିସ ସୂଚନା ଅନୁଯାୟୀ, ଗତବର୍ଷ ମାର୍ଚ୍ଚ ୨୫ ତାରିଖରେ ଅଭିଯୁକ୍ତ ବନମାଳୀ ନାବାଳିକାଙ୍କୁ ଜୋରଜବରଦସ୍ତ ଏକ ସ୍କର୍ପିଓ ଗାଡିରେ ପଡୋଶୀ ରାଜ୍ୟ ଜଗଦଲପୁର ନେଇଯାଇଥିଲେ ଏବଂ ଦୁଷ୍କର୍ମ କରିଥିଲେ। ଏହାପରେ ନାବାଳିକା ଗର୍ଭବତୀ ହୋଇଯାଇଥିଲେ ଏବଂ ବିବାହ କରିବାକୁ ଅଭିଯୁକ୍ତ ନିକଟରେ ଦାବି କରିଥିଲେ। କିନ୍ତୁ ଅଭିଯୁକ୍ତ ପାଲଟା ଗର୍ଭପାତ ନାବାଳିକାଙ୍କୁ ଧମକଚମକ ଦେଇଥିଲେ। କିନ୍ତୁ ନାବାଳିକା ଗର୍ଭପାତ କରିବାକୁ ମନା କରିବାରୁ ଅଭିଯୁକ୍ତ ତାଙ୍କ ନାବାଳିକାଙ୍କୁ ପେଟକୁ ଲାତ ମାରିବାରୁ ତାଙ୍କର ଗର୍ଭପାତ ହୋଇଯାଇଥିଲା। ଏହିପରି ବିନା ଯୌତୁକରେ ବିବାହ କରିବେ ନାହିଁ, ତେଣୁ ଯୌତୁକ ବାବାଦକୁ ଟଙ୍କା ଓ ସୁନା ଆଣିଲେ ବିବାହ କରିବେ ବୋଲି ପାଲଟା ଚେତାବନୀ ଦେଇଥିଲେ। ଏଥିନେଇ ନାବାଳିକା ଥାନାରେ ଲିଖିତ ଅଭିଯୋଗ କ୍ରମେ ଥାନାରେ ଲିଖିତ ଅଭିଯୋଗ କ୍ରମେ ପୋକ୍ସ ଏବଂ ଅନ୍ୟାନ୍ୟ ଧାରାରେ ଏକ ମାମଲା ( ୪୧/୨୬) ରୁଜୁ ହୋଇଥିଲା।

# ଅଜଣା ବାଇକ୍ ଧକ୍କାରେ ଜଣେ ମୃତ

ତେନ୍ତୁଲିଖୁଣ୍ଟି, ୨୮।୨(ସମିସ): ଅଜଣା ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ତେନ୍ତୁଲିଖୁଣ୍ଟି ବ୍ଲକ ଅନ୍ତର୍ଗତ ଝରିଗୁମ୍ମା ଗ୍ରାମ ଟେମ୍ରା ମୁଣ୍ଡା ପୋଖରୀ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ମୃତକଜଣଙ୍କ ଝରିଗୁମ୍ମା ଗ୍ରାମର କମଳ ଲୋଚନ ସୌରା (୪୭) ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ପୁଲିସ ସୂଚନା ମୁତାବକ ଝରିଗୁମ୍ମା ଗ୍ରାମର କମଳ ଲୋଚନ ସୌରା ଗତକାଲି ରାତ୍ର ୭ ଘଣ୍ଟା ସମୟରେ ଚାଲି ଚାଲି ଯାଉଥିଲେ। ତେବେ ଟେମରା ମୁଣ୍ଡା ପୋଖରୀ ନିକଟରେ ପଛପଟୁ ଆସୁଥିବା ଏକ ଅଜଣା ବାଇକ୍ ଧକ୍କା ଦେଇ ଚାଲି ଯାଇଥିଲା। ଖବର ପାଇ ଦୁର୍ଘଟଣାର ଶିକାର ହୋଇଥିବା କମଳ ଲୋଚନଙ୍କୁ ଆମ୍ବୁଲାନ୍ସ ଯୋଗେ ତେନ୍ତୁଲିଖୁଣ୍ଟି ହସ୍ପିଟାଲକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ତେନ୍ତୁଲିଖୁଣ୍ଟି ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଆଜି ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟ ରେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଆଇଆଇସି ପ୍ରଣବ କୁମାର ଟୁଡୁ ସୂଚନା ଦେଇଛନ୍ତି। ଏନେଇ ତେନ୍ତୁଲିଖୁଣ୍ଟି ଥାନା କେଶ ନଂ ୩୬/୨୬ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ପାତ୍ରପୁଟ ଏଏସ ଆଇ କେଶର ତଦନ୍ତ କରୁଛନ୍ତି।

# ଜାତୀୟ ବିଜ୍ଞାନ ଦିବସ ପାଳିତ

କୋଟପାଡ଼, ୨୮।୨ (ସମିସ): ବ୍ଲକସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ଏହି ଦିବସ କୋଟପାଡ଼ ଗଣିତ ବିଜ୍ଞାନ କମିଟି ଦ୍ୱାରା ଆୟୋଜିତ ହୋଇଥିଲା। ପାଖାପାଖି ୨୦ ଟି ଉଚ୍ଚ ବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ। କମିଟିର ସମ୍ପାଦକ ଗଣେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧନରେ ଏବଂ ବ୍ଲକ ଶିକ୍ଷା ଅଧିକାରୀ ସତ୍ପେଶ୍ୱର ନାଏକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ମଣି ପ୍ରସାଦ ପଟ୍ଟନାୟକ, ଏନ୍‌ଏସି ଚେୟାରମ୍ୟାନ୍ ଏମ. ଶଙ୍କର ରାଓ, ବିଜ୍ଞାପିତ ପରିଷଦର କାର୍ଯ୍ୟବାହୀ ଅଧିକାରୀ କମଳେଶ ମହନ୍ତ, କୋଷାଧ୍ୟକ୍ଷ ସୁଧିର ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିରଣ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ପଙ୍କଜ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ରତିକାନ୍ତ ମହାନ୍ତି ଏବଂ ଅବିନାଶ ମହାପାତ୍ର ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ପ୍ରିନସିପାଲ ଗଙ୍ଗାଧର ପୂଜାରୀ ଏବଂ ବ୍ଲକର ସମସ୍ତ ବିଜ୍ଞାନ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର, ମ୍ରୀନ ବିତରଣ ସହ କୋଟପାଡ଼ରେ ଛାତ୍ରଛାତ୍ରୀ ବିଜ୍ଞାନ ବିଷୟକୁ କିପରି କୌତୁହଳ ଭାବରେ ଗ୍ରହଣ କରିବେ ସେ ବିଷୟରେ ଉପସ୍ଥିତ ବୁଦ୍ଧିଜୀବଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା।

# ନୀତି ଆୟୋଗର ରାଜ୍ୟ ନୋଡାଲ ଅଧିକାରୀଙ୍କ ଡାବୁଗାଁ ଗସ୍ତ

ଡାବୁଗାଁ, ୨୮।୨ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଆକାଂକ୍ଷା ବ୍ଲକ ଅଞ୍ଚଳକୁ ନୀତି ଆୟୋଗର ରାଜ୍ୟ ନୋଡାଲ ଅଧିକାରୀ ସଞ୍ଜୀବ କୁମାର ସିହ୍ନା ଗସ୍ତ କରିଛନ୍ତି। ଏହି ଅବସରରେ ବିଭିନ୍ନ ମୁଖ୍ୟ ସରକାରୀ ଯୋଜନାରେ ହେଉଥିବା କାର୍ଯ୍ୟ ଗୁଡିକ, ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଅଧୀନରେ ୬ ଗୋଟି ସୂଚକାଙ୍କ ଗୁଡ଼ିକର ପ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଏହି ପରିଦର୍ଶନରେ ଆମ ସମୂହିକ ପ୍ରତିବଦ୍ଧତାକୁ ସୁଦୃଢ କରିଥିଲା, ଯାହା ମାଧ୍ୟମରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ, ଦାୟିତ୍ୱବୋଧ ଓ ମୂଳସ୍ତରରେ ପରିବର୍ତ୍ତନଶୀଳ ଉନ୍ନତି ସୁନିଶ୍ଚିତ କରି ସମାବେଶୀ ବିକାଶକୁ ଅଗ୍ରସର କରିବା ଉପରେ ଆଲୋଚନା କରଯାଇଥିଲା। ଏଥିରେ ଡାବୁଗାଁ ବ୍ଲକ ଅଧୀନ ବୋରିପଦର ଅଙ୍ଗନବାଡି କେନ୍ଦ୍ର, ମାଝିଗୁଡା (କ) ପ୍ରାଥମିକ ବିଦ୍ୟାଳୟ, ଛେଲିବେଢ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିଦର୍ଶନ କରି ଛୋଟ ଛୋଟ ପିଲା, ଛାତ୍ରୀ ଛାତ୍ର ଓ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ଐଶର୍ଯ୍ୟ ଭଞ୍ଜ, ନୀତି ଆୟୋଗର ପ୍ରତିନିଧି ପିରାମିଡ ଫାଉଣ୍ଡେସନ ର କାର୍ଯ୍ୟକ୍ରମ ପରିଚାଳକ ବିକ୍ରମ କିଶୋର ରଣା, ବିଡିଓ ସମୀରା କୁମାର ପାତ୍ର, ସିଡିପିଓ ମିନତୀ ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତାମ, ଆକାଂକ୍ଷା ବ୍ଲକ ସହଭାଗୀ ମୋନାଲ ପରିଡ଼ା ଓ ପେସା ସଂଯୋଜକ ଶୁଭଶ୍ରୀ ମହାଙ୍କୁଡ ପ୍ରମୁଖ ଉପସ୍ଥିତ ଥିଲେ।




● ଜଳୁଛି ଜଙ୍ଗଲ

# ତହରା, ସିଂସାରି ଓ ତେଲନଦୀ ବନାଞ୍ଚଳରେ ଲାଗିଛି ନିଆଁ



ଉମରକୋଟ, ୨୮।୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ରେଞ୍ଜ ଅନ୍ତର୍ଗତ, ତହରା, ସିଂସାରି ଓ ତେଲନଦି ବନାଞ୍ଚଳର ଜଙ୍ଗଲରେ ଲାଗିଛି ନିଆଁ। ଗତ କିଛି ଦିନ ଧରି ନିଆଁ ଲାଗିଥିଲେ ମଧ ନିଆଁ ଲିଭାଇବାରେ ବିଫଳ ହୋଇଛି ବନ ବିଭାଗ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ଶାଳ, ପିଆଶାଳ, ମହୁଲ ଭଳି ମୂଲ୍ୟବାନ ଗଛ ସବୁ ଜଳି ପୋଡ଼ି ନଷ୍ଟ ହେବାରେ ଲାଗିଛି। ଏଥିସହ ଜଙ୍ଗଲରେ ବାସ କରୁଥିବା ବିଭିନ୍ନ ପଶୁ ପକ୍ଷୀ ଜୀବନ ବଞ୍ଚାଇବା ପାଇଁ ଜଙ୍ଗଲ ଛାଡ଼ି ଅନ୍ୟତ୍ର ଚାଲି ଯାଉଛନ୍ତି। ବନବିଭାଗ କର୍ମଚାରୀ ବର୍ତ୍ତମାନ ସୁଦ୍ଧା ନିଆଁକୁ ଲିଭାଇବାରେ ସଫଳ ହୋଇନାହାନ୍ତି। ଜଙ୍ଗଲ ନଷ୍ଟ ନେଇ ଚିନ୍ତାରେ ବୁଦ୍ଧିଜୀବୀ। ଏପରି ଯଦି ଜଙ୍ଗଲ ନଷ୍ଟ ହୁଏ, ତାହେଲେ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ ସବୁ ନଷ୍ଟ ହେବ। ଫଳରେ ଦିନକୁ ଦିନ ପୃଥିବୀର ଉଷ୍ମତା ବଢ଼ିବାରେ ଲାଗିବ। ଏପରିକି ଆମ ଆଗାମୀ ପିଢ଼ି ପାଇଁ ଅମ୍ଳଜାନ ଟିକିଏ ପାଇବା ବି କଷ୍ଟ ହେଇଯିବ। ଏଥିସହ ଜଙ୍ଗଲ ନଷ୍ଟ ହେବ। ଫଳରେ ଅନେକ ହିଂସ୍ର ଜନ୍ତୁ ସହରାଭିମୁଖୀ ହେଉଛନ୍ତି ଏବଂ ଏହା ଦ୍ୱାରା ଅନେକ ଧନ ଜୀବନ କ୍ଷତି ହେଉଥିବା ନଜିର ବି ରହିଛି। ବନ ବିଭାଗ ଠିକ୍‌ରେ ଯଦି ଜଙ୍ଗଲର ସୁରକ୍ଷା ନ କରିବ ଏବଂ ଲୋକ ଯଦି ସଚେତନ ନ ହେବେ ତାହେଲେ ଆଗାମୀ ଦିନରେ ପରିସ୍ଥିତି ଭୟଭୟ ହେବ ବୋଲି ଚିନ୍ତା ପ୍ରକଟ କରିଛନ୍ତି ବୁଦ୍ଧିଜୀବୀ।

# ଲକ୍ଷ୍ମୀପୁରରେ ବିକ୍ରି ହେଉଛି ଗୁଣୁପୁର କାନ୍ଦୁଲ



ଲକ୍ଷ୍ମୀପୁର, ୨୮।୨ (ସମିସ): ଲକ୍ଷ୍ମୀପୁର ବାଜାରରେ ଗୁଣୁପୁରର କାନ୍ଦୁଲ ଦେଖିବାକୁ ମିଳୁଛି। ଏହାର ଚାହିଦା ଏବେ ବଜାରରେ ବଢ଼ିଚାଲିଛି। ଗ୍ରାହକ ମାନେ ଏହା ଘରକୁ ନେଇ ଡାଲି ପ୍ରସ୍ତୁତ କରି ଅନେକ ସମୟ ପର୍ଯ୍ୟନ୍ତ ରଖି ଖାଇ ପାରିବେ। କ୍ୱିଣ୍ଟାଲ କ୍ୱିଣ୍ଟାଲ କାନ୍ଦୁଲ କିଣି ନେଉ ଥିବା ଦେଖିବାକୁ ମିଳିଛି। ଜଣେ ବ୍ୟବସାୟୀ ଗୁଣୁପୁରରୁ ପ୍ରାୟ ୩ ଟନ୍ କାନ୍ଦୁଲ କିଣି ଆଣି ଏଠି କିଲୋ ପ୍ରତି ଶହେରୁ ୧୨୦ ଟଙ୍କାରେ ବିକ୍ରି କରୁଛନ୍ତି। କ୍ୱିଣ୍ଟାଲକୁ ୧୨ ହଜାର ଦେଇ ଲୋକେ ନେଉଛନ୍ତି। ଏହାର ଚାହିଦା ଆଗକୁ ଆହୁରି ବଢ଼ିବ ବୋଲି ବ୍ୟବସାୟୀ ଜଣକ କହିଛନ୍ତି। ବଜାରରେ ପ୍ରତିଦିନ ଡାଲି ନ କିଣି ଏକା ଥରେ କିଣି ନେଇ ଖାଇବା ଏବଂ କିଣା ଡାଲି ଠାରୁ ଏହା କମଖ ପଡୁ ଥିବା ଗ୍ରାହକ କହୁଛନ୍ତି। ଏହା ବ୍ୟତୀତ କାନ୍ଦୁଲରୁ ଡାଲି ନିଜେ ପ୍ରସ୍ତୁତ କରି ଖାଇବା ସ୍ୱାଦ ଅଲଗା ରହୁଛି ବୋଲି ମଧ ଲୋକ କହୁଛନ୍ତି। ସ୍ଥାନୀୟ ଅଞ୍ଚଳର କାନ୍ଦୁଲ ବର୍ତ୍ତମାନ ପର୍ଯ୍ୟନ୍ତ ବଜାରକୁ ଏତେ ପରିମାଣରେ ଆସି ନ ଥିବା ବେଳେ ଗୁଣୁପୁରର କାନ୍ଦୁଲର ଚାହିଦା ଭଲ ରହିଛି। ଲକ୍ଷ୍ମୀପୁର ଅଞ୍ଚଳରେ ସାଧାରଣତଃ ଡଙ୍ଗରିଆ ଜାଗାରେ କାନ୍ଦୁଲ ଚାଷ କରାଯାଏ। ଏହାକୁ ପୋଡୁଚାଷ ବୋଲି କୁହାଯାଏ। ଗୁଡ଼ିଆ ଜମିରେ କାନ୍ଦୁଲ ଚାଷ ପାଇଁ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ତାଲିମ ଦେଲେ, ଏ ଅଞ୍ଚଳରେ ଜଙ୍ଗଲ କଟା ରଖା ଯାଇ ପାରିଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଅନ୍ୟ ଅଞ୍ଚଳରେ ପଦାଜମ କିମ୍ବା ଜମି ହିଡ ରେ କାନ୍ଦୁଲ ଚାଷ ଲୋକେ କରିଥାନ୍ତି। କିନ୍ତୁ ଏଠି ଡଙ୍ଗର ସଫା କରି ଚାଷ କରାଯାଏ। ତେଣୁ ଚାଷୀଙ୍କୁ ଏନେଇ ସଚେତନ କରି ତାଲିମ ପ୍ରଦାନ ପାଇଁ ଦାବି ସାଧାରଣ ରେ ଦାବୀ ମଧ ହେଉଛି।

# ବିଭିନ୍ନ ସ୍ଥାନରୁ ମୋବାଇଲ ଟାୱାର ବ୍ୟାଟେରୀ ଚୋରି

ବୈପାରିଗୁଡ଼ା, ୨୮।୨ (ସମିସ): ଥାନା ଅନ୍ତର୍ଗତ ତାଳପଦର ଏବଂ ଯୋଡାଆମ୍ବ ଗ୍ରାମରେ ଥିବା ଦୁଇଟି ପୃଥକ ସ୍ଥାନରେ ଜିଓ ମୋବାଇଲ ଟାୱାରର ଲକ୍ଷାଧିକ ଟଙ୍କାର ବ୍ୟାଟେରୀ ଚୋରି ହୋଇଛି। ଏନେଇ କମ୍ପାନୀ ତରଫରୁ ଥାନାରେ ଏତଲା ଦିଆଯାଇଛି। ଗତ କାଲି ତାଳପଦର ଠାରେ ମୋବାଇଲ ଟାୱାରର ବ୍ୟାଟେରୀ ଚୋରି ହୋଇଥିବା ବେଳେ ତା ପୂର୍ବ ଦିନ ଯୋଡାଆମ୍ବ ଗ୍ରାମରେ ଲୋକ୍ଷାଧିକ ଟଙ୍କା ର ଥିବା ଜିଓ ମୋବାଇଲ ଟାୱାରର ବ୍ୟାଟେରୀ ଚୋରି ହୋଇଛି। ଯୋଡାଆମ୍ବ ଗ୍ରାମରେ ଥିବା ମୋବାଇଲ ଟାୱାରର ୪ଟି ବ୍ୟାଟେରୀ ଏବଂ ତାଳପଦର ଗ୍ରାମରେ ଥିବା ମୋବାଇଲ ଟାୱାରର ୩ଟି ବ୍ୟାଟେରୀ ବ୍ୟାଙ୍କରୁ ଦୁଇ ଭଲଟର ୫୨ଟି ବ୍ୟାଟେରୀ ଚୋରି ହୋଇଥିବା ଜଣାପଡ଼ିଛି। ସମୁଦାୟ ବ୍ୟାଟେରୀ ଲକ୍ଷାଧିକ ଟଙ୍କା ହେବ ବୋଲି ଅଭିଯୋଗକାରୀ ପ୍ରକାଶ କରିଥିଲେ। ଏତଲା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି।



# ‘ସର୍ବଦା ନୂତନ ଜ୍ଞାନ କୌଶଳ ବ୍ୟବହାର କରିବା ଉଚିତ’



ନବରଙ୍ଗପୁର, ୨୮।୨(ସମିସ): ନବରଙ୍ଗପୁର ରାଜା ଚୈତନ୍ୟ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ରାଜା ଚୈତନ୍ୟ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ପ୍ରସାଦ ପାଣିଗ୍ରାହି, ଭାରତୀ ବିଷୋୟୀ, ରଞ୍ଜନ କୁମାର ମହାପାତ୍ର, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସି ଭି ରମଣ ଙ୍କ ଜିବନୀ ଓ ଆଲୋକ ର ବିଚ୍ଛୁରଣ ସମ୍ପର୍କରେ ସନ୍ଦର୍ଭ ପ୍ରକାଶ କରି କିପରି ପ୍ରଥମ ଏସୀୟ ବ୍ୟକ୍ତି ଭାବେ ପଦାର୍ଥ ବିଜ୍ଞାନ ରେ ନୋବେଲ ପୁରସ୍କାର ପାଇଥିଲେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ। ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରି ନୂତନ ଜ୍ଞାନ କୌଶଳ ବ୍ୟବହାର କରି ବିଜ୍ଞାନକୁ ଅଧିକ ଲୋକପ୍ରିୟ କରିବା ନିମନ୍ତେ ସମସ୍ତେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ ସମଗ୍ର କାର୍ଯକ୍ରମ ପରିଚାଳନା କରିଥିଲେ

# ସେମିଲିଗୁଡା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ସେମିଲିଗୁଡ଼ା, ୨୮।୨ (ସମିସ)



କୋରାପୁଟ ଜିଲ୍ଲାର ‘ଆମ ଗୌରବ ଆମ କଲେଜ’ ଅଧୀନରେ ସେମିଲିଗୁଡା କଲେଜ ପ୍ରାଙ୍ଗଣରେ ଜାତୀୟ ବିଜ୍ଞାନ ଦିବସ ଉତ୍ସାହର ସହିତ ପାଳନ କରାଯାଇଛି। ଏହି ଅବସରରେ ସାର୍ ସି.ଭି ରମଣଙ୍କ ଦ୍ୱାରା ଆବିଷ୍କୃତ ରମନ୍ ପ୍ରଭାବକୁ ସ୍ମରଣ କରାଯାଇଥିଲା। କଲେଜର ଅଧକ୍ଷା ଡ. ଝାନ୍ସୀ ସିଂହ ସଭାର ଅଧକ୍ଷତା କରି ଅତିଥିମାନଙ୍କ ପରିଚୟ ଦେଇଥିଲେ ଏବଂ ସାର୍ ସି.ଭି. ରମନଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରିଥିଲେ। ସେ ନାଲ୍‌କୋର ଏସିଆ ମହାଦେଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମଧ ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି ଭାବେ ସଞ୍ଜୟ କୁମାର ପଟ୍ଟନାୟକ, ଚିଫ ଜେନେରଲ ମ୍ୟାନେଜର, ନାଲକୋ ଉପସ୍ଥିତ ଥିଲେ। ସେ ଜାତୀୟ ବିଜ୍ଞାନ ଦିବସର ଗୁରୁତ୍ୱ ବିଷୟରେ ଆଲୋଚନା କରିବା ସହ ଖଣିଜ ଉତ୍ତୋଳନରୁ ଆଲୁମିନା ଉତ୍ପାଦନ ପର୍ଯ୍ୟନ୍ତ ନାଲକୋର କାର୍ଯ୍ୟପ୍ରଣାଳୀ ବିଷୟରେ ବିସ୍ତୃତ ଉପସ୍ଥାପନ କରିଥିଲେ। ସେ ଦାମନଯୋଡିରେ ଅବସ୍ଥିତ ଏହି ନବରତ୍ନ କମ୍ପାନୀର ସାରାଂଶ ଚିତ୍ର ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ସତ୍ୟେନ୍ଦ୍ରନାଥ ଦାସ, ଦିଲ୍ଲୀ ପବ୍ଲିକ ସ୍କୁଲ୍, ଦାମନଯୋଡିର ବରିଷ୍ଠ ଶିକ୍ଷକ, ଜାତୀୟ ବିଜ୍ଞାନ ଦିବସ ପାଳନର ପୃଷ୍ଠଭୂମି ଉପସ୍ଥାପନ କରିଥିଲେ। ସେ ଏହି ବର୍ଷର ଥିମ୍ ‘ୱୋମେନ ଇନ୍ ସାଇନ୍ସ : କ୍ୟାଟଲାଇସିଙ୍ଗ ବିକଶିତ ଭାରତ’ ବିଷୟରେ ମଧ ଆଲୋଚନା କରିଥିଲେ। ସେ ରିତୁ କରିଡାଲ, ଡ. ଇନ୍ଦିରା ହିନ୍ଦୁଜା ଏବଂ କିରଣ ମଜୁମଦାର ସଙ୍କ ଉଦାହରଣ ଦେଇ ବିଜ୍ଞାନ କ୍ଷେତ୍ରରେ ନାରୀମାନଙ୍କ ଅବଦାନକୁ ଉଜ୍ଜୀବିତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହର୍ଷିତା, ଅଜିତ, ଅନୁପମା, ଚନ୍ଦ୍ରିକା, ବିଶ୍ୱରୂପା ଓ ଘାସିରାମ ଜାତୀୟ ବିଜ୍ଞାନ ଦିବସର ଗୁରୁତ୍ୱ ଉପରେ ନିଜ ମତାମତ ରଖିବା ସହ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା ଅଧିବେଶନ ହୋଇଥିଲା। ଉଦ୍ଭିଦ ବିଭାଗର ଅଧ୍ୟାପକ ବିଶାଳ ନାୟକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ସମନ୍ୱୟ କରିଥିଲେ। ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଯଥା ଡ ସୁଭ୍ରାଂଶୁ ସୁନ୍ଦର ଦାସ, ଦେବରାଜ ନାୟକ, ରବିନାରାୟଣ ମିଶ୍ର, ଜ୍ୟୋତ୍ସ୍ନା ଦାଶ, ଶୁଭେନ୍ଦୁ ମୋହନ ଶ୍ରୀଚରଣ ମିଶ୍ର, ପିଙ୍କି ଗୋୟଲ, ଆରତି ପ୍ରଧାନ, ରୋହିଣୀ ସିରିକା, ସୁଚିସ୍ମିତା ନାୟକ, ଶୁଭସ୍ମିତା ନାୟକ, ମନୀଷା ବେହେରା, ବିଜୟଲକ୍ଷ୍ମୀ ଦଳାଇ, ଅର୍ଚ୍ଚନା ବିଶୋୟୀଙ୍କ ସମେତ ଶତାଧିକ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା। ଶେଷରେ ଗଣିତ ବିଭାଗର ଅଧ୍ୟାପିକା ଦେବୋଲିନା ସାହା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୋରିଗୁମ୍ମା, ୨୮।୨(ସମିସ): ସ୍ଥାନୀୟ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୋରିଗୁମ୍ମା ସଭା ଗୃହରେ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସୁମନ୍ତ କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ଦାଶରଥି ଗୌଡ଼ଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ନିଜ ନିଜ ବକ୍ତବ୍ୟରେ ଅଧ୍ୟାପକ ସୁମନ୍ତଙ୍କ ଛାତ୍ର ବତ୍ସଳତା, ସମୟାନୁବର୍ତ୍ତିତା ଓ ବିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଅଧକ୍ଷ ସେ କିଭଳି ଅନେକ ଘାତ ପ୍ରତିଘାତ ସତ୍ତ୍ୱ କର୍ତ୍ତବ୍ୟରେ ନିଷ୍ଠାପର ଥିଲେ ତାହା ସୂଚାଇ ଥିଲେ। ଅପରପକ୍ଷେ ଶ୍ରୀ ସାହୁ ଅବସର ଜୀବନର ଏକ ସୋପାନ ତଥା ଅନେକ ଅଭିଜ୍ଞତା ସମ୍ପର୍କରେ କହିଥିଲେ।

# ସରସ୍ୱତୀ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

ଦାମନଯୋଡ଼ି/ସେମିଲିଗୁଡ଼ା, ୨୮।୨ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ନାଲକୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ଶନିବାର ଜାତୀୟ ବିଜ୍ଞାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହିନ୍ଦୁସ୍ଥାନ ଆରୋନେଟିକ୍ସ ଲିମିଟେଡର ସୁଖୋଇ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଇଁ .ବିଶ୍ୱଜିତ୍ ଜେନା ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶ୍ରୀ ଜେନା ପାୱାର ପଏଣ୍ଟ ମାଧ୍ୟମରେ ଶୁଖୋଇ ଲଢୁଆ ବିମାନର ଗଠନ, ଉଡାଣ ପ୍ରକ୍ରିୟା, ଉଡାଣ ସମୟ ଓ ଯାନ୍ତ୍ରିକ ତ୍ରୁଟିର କାରଣ ଓ ନିରାକରଣ ଓ ଆଧୁନିକ ବିମାନର କାର୍ଯ୍ୟ ପ୍ରଣାଳୀ ବିଷୟରେ ସାରଗର୍ଭକ ସମ୍ଭାଷଣ ପ୍ରଦାନ କରିଥିଲେ। ଅଧକ୍ଷ ଡ଼ାଃ ଶୁଭ୍ରାଂଶୁ ଶେଖର ବାହିନୀପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସମ୍ପାଦକ ଡ. ଚିତ୍ତରଞ୍ଜନ ମିଶ୍ର ଓ ଭାରପ୍ରାପ୍ତ ଉପାଧ୍ୟକ୍ଷ ପ୍ରଦୀପ କୁମାର ଜଗତି ଯୋଗଦେଇ ଏହି ଦିବସ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ବିଜ୍ଞାନ ଦିବସ ଉପାଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ କଲ୍ୟାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଲ୍ଲବୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ବୃନ୍ଦାବନ ଖଣ୍ଡିଆଳ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାମନ୍ଦିର ତରଫରୁ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।



## ବ୍ରହ୍ମବରଦା ପୁଲିସ ଉପରେ ଆକ୍ରମଣ ଘଟଣା

# ବାଲିମାଫିଆଙ୍କ ଠାରୁ ଚାନ୍ଦା ଆଣିବାକୁ ଯାଇ ମାଡ଼ ଖାଇଲା ପୁଲିସ

ଯାଜପୁର/ବ୍ରହ୍ମବରଦା, ୨୮।୨(ସମିସ)

ରସୁଲପୁର ତହସିଲ ଅଧୀନସ୍ଥ ଅର୍ଦ୍ଧଙ୍ଗା ପଞ୍ଚାୟତ ବଡ ଚାମ୍ପୋଇ ବାଲିଘାଟରେ ପୁଲିସ ମାଡ଼ ଖାଇବା ଓ ଗାଡ଼ି ଭାଙ୍ଗିବା ଘଟଣାକୁ ୩ ଦିନ ବିତି ଯାଇଥିବା ବେଳେ ପୁଲିସ ଆଜି ଯାଏଁ କାହାରିକୁ ଧରିବାରେ ସଫଳତା ପାଇ ପାରିନାହିଁ। ଥାନା ଅଧିକାରୀଙ୍କ ସହିତ ସଦଳବଳେ ପୁଲିସ ଦଳ ମାଡ଼ ଖାଇ ଗାଡ଼ି ଭାଙ୍ଗି ଥାନାକୁ ଫେରିଆସିଲେ। ହେଲେ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହେବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଲୋକଙ୍କ ପାଖରେ ନିଜର ପାରିବା ପଣିଆକୁ ପ୍ରତିପାଦନ କରିବାକୁ ଯାଇ ଆଜି ସନ୍ଧ୍ୟାରେ କିଛି ନିରିହ ଯୁବକଙ୍କୁ ଧରି ଥାନା ପରିସରରେ ଆଲୋଚନା କରିଛି। ଏପଟେ ବେଆଇନ ବାଲି ଉତ୍ତୋଳନକୁ ନିୟନ୍ତ୍ରଣ ତଥା ନିରାକରଣ କରିବା ଖଣି ବିଭାଗର କାର୍ଯ୍ୟ ହୋଇଥିବା ବେଳେ ଗତ ରାତିରେ ପୁଲିସ ଦଳ ବାଲି ଘାଟକୁ କାହିଁକି ଯାଇଥିଲେ। ଏନେଇ ଖଣି ବିଭାଗ ତରଫରୁ ପୋଲିସକୁ ଅନୁରୋଧ କରାଯାଇଥିଲା କି? କୌଣସି ବ୍ୟକ୍ତି ଅଭିଯୋଗ କରିଥିଲେ କି? ପୁଲିସ ତରଫରୁ ହୋଇଥିବା ଅଭିଯୋଗରେ ଏ ସମ୍ପର୍କରେ କିଛି ସୂଚନା ଦିଆଯାଇ ନାହିଁ। ତେବେ ପୂର୍ବ ଅଡିଓ ଭାଇରାଲ ଅନୁଯାୟୀ ପୁଲିସ ଅନ୍ୟ କିଛି ଉଦ୍ଦେଶ୍ୟ ନେଇ ବାଲିଘାଟକୁ ଯାଇଥିଲା ବୋଲି ଚର୍ଚ୍ଚା ହେଉଛି। ଉକ୍ତ ବେଆଇନ ବାଲି ଘାଟରୁ ସ୍ଥାନୀୟ ପୋଲିସ ମୋଟା ଅଙ୍କର ବଟିଆଦାୟ କରିଆସୁଥିଲା। କିନ୍ତୁ ଉକ୍ତ ବଟି ମିଳିବା ବନ୍ଦ ହେବା ରାଗରେ ପୁଲିସ ସେଠାରେ ରାତି ଅଧିଆ ଚଢ଼ାଉ କରିବାକୁ ଯାଇଥିଲା। କିନ୍ତୁ ଉକ୍ତ ରାତ୍ରିରେ ସେଠାରେ ରିଲ୍ସ କରୁଥିବା କିଛି ନିରିହ ଯୁବକଙ୍କ ସହିତ କଥା କଟାକଟି ହୋଇଥିଲା। ଏହାର ସୁଯୋଗ ନେଇଥିଲେ ବାଲି ମାଫିଆ ମାନେ ଜାଣିଶୁଣି ପୁଲିସ ଉପରକୁ ଆକ୍ରମଣ କରିଥିଲେ। ଫଳରେ ପୁଲିସ ଉପରେ ସେଠାରୁ ପଳାୟନ କରିଥିଲା। ସ୍ଥାନୀୟ ପୁଲିସ ତହସିଲଦାର, ଆରଆଇ ଓ ଖଣି ଅଧିକାରୀ ମାନଙ୍କୁ ଲକ୍ଷାଧିକ ଟଙ୍କା ଚାନ୍ଦା ଦେଉଥିବା ମାଫିଆ ଜଣକ ଜଣେ ପୁଲିସ କର୍ମଚାରୀଙ୍କୁ କହୁଥିବା ଅଡିଓ ରେକର୍ଡ ମଧ୍ୟ ଭାଇରାଲ ହେଉଛି। ଜିଲ୍ଲା ଖଣି ବିଭାଗରେ ଏଭଳି ଚୋରା ବାଲି କାରବାର ପ୍ରତି ନିରବ ସମର୍ଥନ ଥିବାରୁ ପୁଲିସ ଏହାର ଫାଇଦା ନେବାକୁ ଯାଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି।




## ବନ୍ଦ ହେଉନି ବେଆଇନ ବାଲିଘାଟ

କୁଆଖିଆ, ୨୮।୨(ସମିସ): ରସୁଲପୁର ତହସିଲ ଅଧୀନରେ ଖରସ୍ରୋତା ନଦୀର, ଚିକରପଡ଼ା, ବ୍ରାହ୍ମଣୀ ନଦୀର ଦୁର୍ଗାପୁର କୁଦ-୧ ଓ ୨, ରାଜେନ୍ଦ୍ରପୁର, ପ୍ରଥମାଖଣ୍ଡି, ବ୍ରହ୍ମବରଦା ଆଦି ସ୍ଥାନରେ ବ୍ୟାପକ ଭାବରେ ବେଆଇନ ବାଲି ଉତ୍ତୋଳନ ହେଉଛି। ଏ ଦିଗରେ ସରକାରଙ୍କର କୋଟି କୋଟି ଟଙ୍କା ରାଜସ୍ୱ ହାନୀ ଘଟୁଛି। ପ୍ରଶାସନିକ ଅଧିକାରୀ, ରାଜନୈତିକ ସହଯୋଗରେ ବାଲି ମାଫିଆମାନେ ଦିନରାତି ନଦୀଗର୍ଭରୁ ବାଲି ଲୁଟି ନେଉଛନ୍ତି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଗାଁ ଗଣ୍ଡାର ରାସ୍ତାଘାଟ ପ୍ରଭାବିତ ହେଉଛି। ଜନସାଧାରଣଙ୍କ ଜୀବନଯାତ୍ରା ପ୍ରଭାବିତ ହେଉଛି। ଏ ନେଇ ଯାଜପୁର ଜିଲ୍ଲା ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଯାଜପୁର ଜିଲ୍ଲାପାଳ, ଯାଜପୁର ଜିଲ୍ଲା ଲଘୁ ଖଣିଜ ବିଭାଗ, ରସୁଲପୁର ତହସିଲଦାର, କୁଆଖିଆ ଥାନା ଆଦି ସ୍ଥାନରେ ବିଭିନ୍ନ ସମୟରେ ଅଭିଯୋଗ କରାଯାଇଆସୁଛି। ଏତେ ଅଭିଯୋଗ ସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କ ସ୍ୱାଣ୍ଡତା ଯୋଗୁଁ ବେଆଇନ ବାଲି ପରିବହନକୁ ରୋକାଯାଇ ପାରୁନାହିଁ। ଏଭଳି ବେଆଇନ କାର୍ଯ୍ୟକୁ ନେଇ ଉଭୟ ସାମାଜିକ ଅନୁଷ୍ଠାନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆସନ୍ତା ମାର୍ଚ୍ଚମାସ ସୁଦ୍ଧା ବେଆଇନ ବାଲି ଉତ୍ତୋଳନକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ଦିଗରେ ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାନଗଲେ ଉଭୟ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ। ଏଥିସହ ଉଭୟ ଅନୁଷ୍ଠାନ ପକ୍ଷରୁ ଯାଜପୁର ଜିଲାପାଳ ଓ ରସୁଲପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କ୍ରିୟାନୁଷ୍ଠାନ କମିଟିର ସଭାପତି ଗୟାଧର ମଲିକ ଚେତାବନୀ ଦେଇଛନ୍ତି।

## ଧୂଳିଗଡ଼ ଜଙ୍ଗଲରୁ ଆହତ ଯୁବକ ଉଦ୍ଧାର

ଦାନଗଦ, ୨୮।୨(ସମିସ): ଦାନଗଦି ଫାଣ୍ଡି ପୁଲିସ ଧୂଳିଗଡ଼ ଜଙ୍ଗଲରୁ ଆଜି ସକାଳେ ଆହତ ଅବସ୍ଥାରେ ସଜ୍ଞାହୀନ ହୋଇ ପଡ଼ି ରହିଥିବା ଜଣେ ଯୁବକକୁ ଉଦ୍ଧାର କରି ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଭର୍ତ୍ତି କରିଛି। ଦୁଇ ଦିନ ତଳୁ କ୍ଷତାକ୍ତ ହୋଇ ସଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଏହି ଯୁବକଙ୍କ ପରିଚୟ ଜଣାପଡ଼ିନାହିଁ। ତେବେ ଯୁବକ ଜଣକୁ କେହି ଦୁର୍ବୃତ୍ତ ଆକ୍ରମଣ କରିଥିବା ଓ ସଜ୍ଞାହୀନ ଅବସ୍ଥାରେ ଥିବା ବେଳେ ମୃତ ଭାବି ଏଠାରେ ଫିଙ୍ଗି ଦେଇ ପଳାଇଥିବା ଅନୁମାନ କରାଯାଉଛି। ଯୁବକ ଜଣକ ଜଙ୍ଘରେ ଗଭୀର ଆଘାତ ଲାଗି ଭାଙ୍ଗି ଯାଇଥିବା ଯୋଗୁଁ ରକ୍ତ ଜୁଡୁବୁଡୁ ହୋଇ ସେଠାରେ ଏକାଧିକ ଦିନ ପଡ଼ି ରହିଥିବାରୁ କ୍ଷତ ସ୍ଥାନରେ ସଂକ୍ରମଣ ହୋଇ ପୋକ ହୋଇ ଯାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଆଜି ପୂର୍ବାହ୍ନରେ ଯୁବକଙ୍କ ସମ୍ପର୍କରେ ଦାନଗଦି ଫାଣ୍ଡିକୁ ଜଣାଇଥିଲେ। ଫାଣ୍ଡି ପୁଲିସ ୧୦୮ ଯୋଗେ ତାଙ୍କୁ ଉଦ୍ଧାର କରି ଦାନଗଦି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଯୁବକ ଜଣକ ନିଜର ପରିଚୟ ଦେବାକୁ ଅକ୍ଷମ ରହିଥିବା ବେଳେ ସେ କିପରି ଜଙ୍ଗଲରେ ପହଞ୍ଚିଲେ ସେ ସମ୍ପର୍କରେ କିଛି ତଥ୍ୟ ଦେଇ ପାରୁନାହାଁନ୍ତି। ବହୁ କଷ୍ଟରେ ମନେ ପକାଇ ସେ ତାଙ୍କ ନାମ ଅରୁଣ କମାର ଓ ବାପାଙ୍କ ନାମ ଦେହେରାଜ୍ ସିଂ ବୋଲି କହିଛି। ଛତିଶଗଡ଼ ରାଜ୍ୟରେ ତାର ଘର ବୋଲି ସେ ସୂଚନା ଦେଇଛି। ଘଟଣା ସମ୍ପର୍କରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଜ୍ୟୋତି ରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ଆହତଙ୍କ ଅବସ୍ଥା ଗୁରୁତର ଥିବା ସେ କହିଛନ୍ତି। ପୁଲିସ୍‌କୁ ସୂଚନା ଦିଆଯାଇଛି। ପୁଲିସ୍ ପହଞ୍ଚିଲେ ତାଙ୍କୁ ତୁରନ୍ତ ଉଚ୍ଚ ଚିକିତ୍ସା ପାଇଁ କଟକ ପଠାଯିବ ବୋଲି ସେ କହିଥିଲେ।

## ବଢୁନି କ୍ରୋମାଇଟ ପରିବହନ ଦର ପ୍ରତିବାଦରେ ଆନ୍ଦୋଳନ ଧମକ

କାଳିଆପାଣି, ୨୮।୨(ସମିସ): ସୁକିନ୍ଦା କ୍ରୋମ ଭ୍ୟାଲିରେ ଥିବା ସମସ୍ତ ପରିବହନ ଠିକାଦାରମାନଙ୍କ ସହିତ ଭୁବନେଶ୍ୱରଠାରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କ୍ରୋମାଇଟ୍ ପରିବହନ ଦର ବଢ଼ିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟାକାରୀ ହୋଇପାରୁନି। ସୁକିନ୍ଦା କ୍ରୋମ ଭ୍ୟାଲିରେ ଥିବା ଖଣି ଗୁଡିକରୁ କ୍ରୋମାଇଟ ପରିବହନ ପାଇଁ ୧୦ ଚକିଆ, ୧୨ ଚକିଆ ଏବଂ ୧୪ ଚକିଆ ଟ୍ରକ ଭଡା ବାବଦରେ ପ୍ରଚଳିତ ଦର ଠାରୁ ୧୦ ପ୍ରତିଶତ ଅଧିକ ଦେବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଥିଲା। ଏହାକୁ କାର୍ଯ୍ୟକାରି କରିବା ପାଇଁ ସୁକିନ୍ଦା ମିନେରାଲ ଟ୍ରକ ଓନର୍ସ ଆସୋସିଏସନର ସଭାପତି ସୁକିନ୍ଦା ଖଣି ଅଞ୍ଚଳରେ ଥିବା ସମସ୍ତ ପରିବହନ ଠିକାଦାର ମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଦୁଃଖ ଏବଂ ପରିତାପର ବିଷୟ ଏହିକି ଯେ ଇତି ମଧ୍ୟରେ ୨ ମାସରୁ ଅଧିକ କାଳ ବିତି ଯାଇଥିଲେ ମଧ୍ୟ ପରିବହନ ଠିକାଦାର ମାନେ ଏହାକୁ କାର୍ଯ୍ୟକାରି କରୁ ନାହାନ୍ତି। ଫଳରେ ଗାଡି ମାଲିକମାନେ ଆର୍ଥିକ ଦୁଃସ୍ଥିତି ମଧ୍ୟରେ ଗତି କରିବା ସହିତ ଅନେକ ଗାଡିକୁ ଅର୍ଥ ଲଗାଣକାରୀ ସଂସ୍ଥା ମାନେ ଟାଣି ନେଉଛନ୍ତି ଏବଂ କିଛି ଗାଡି ମାଲିକ ଗାଡି ବିକ୍ରି କରିବାକୁ ବାଧ ହେଉଛନ୍ତି। ଏଭଳି ଏକ ପରିସ୍ଥିତିରେ ଜିଲ୍ଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ବର୍ଦ୍ଧିତ ଦର ଲାଗୁ କରିବା ପାଇଁ ସୁକିନ୍ଦା ଟ୍ରକ ମିନେରାଲ ଆସୋସିଏସନ ପକ୍ଷରୁ ନିବେଦନ କରାଯାଇଛି। ନ ହେଲେ ଆଗାମୀ ୧୫ ଦିନ ମଧ୍ୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ପୀତାମ୍ବରୀ ଶାକ୍ତ ବିଶ୍ୱଶାନ୍ତି ମହାଯଜ୍ଞ

ଧର୍ମଶାଳା, ୨୮।୨(ସମିସ): ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ବିଶ୍ୱ କଲ୍ୟାଣ ଓ ବିଶ୍ୱଶାନ୍ତି କାମନାରେ ତ୍ରିଦିବସୀୟ ପଞ୍ଚକୁଣ୍ଡୀୟ ଶ୍ରୀପୀତାମ୍ବରୀ ଶାକ୍ତ ମହାଯଜ୍ଞ ଆସନ୍ତାଠାରୁ ଆରମ୍ଭ ହେବାକୁ ଯାଉଛି। ଧର୍ମଶାଳା ଦେବୀଚରଣାଶ୍ରୀତବାସୀଙ୍କ ପକ୍ଷରୁ ଆୟୋଜିତ ଏହି ମହାଯଜ୍ଞ ୧ ତାରିଖ ରବିବାର ଠାରୁ ଆରମ୍ଭ ହୋଇ ୪ ତାରିଖ ବୁଧବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ଦିନ ଅଙ୍କୁରାରୋପଣ, ଯଜ୍ଞଶାଳା ଶୋଧନ ଓ ମହାପୂଜା ଉନ୍ମୋଚନ କାର୍ଯ୍ୟ ହେବ। ଦ୍ୱିତୀୟ ଦିନ ପ୍ରାତଃକାଳରେ ବ୍ରାହ୍ମଣୀ ନଦୀ ତଟରେ ସପ୍ତତୀର୍ଥ ଆବାହାନ କରାଯାଇ କଳସ ଶୋଭାଯାତ୍ରାରେ ଜଳ ଅଣାଯାଇ ଯଜ୍ଞାଗ୍ନି ସ୍ଥାପନ କରାଯିବ। ସନ୍ଧ୍ୟାବେଳେ ଆରତି ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ତୃତୀୟ ଦିନ ମହାସ୍ନାନ, ମହାପୂଜା ଓ ଚଣ୍ଡୀପାଠ ସହିତ ଶେଷ ଦିନ ପ୍ରାତଃ ସୂର୍ଯ୍ୟପୂଜା, ଗୋପୂଜା ଓ ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତି ଦିଆଯିବ। ଆଜି କମିଟି ଦେବରାଜ ମିଶ୍ର, ପ୍ରଦୀପ ପରିଡ଼ା, ସବ୍ୟସାଚୀ ସୁନ୍ଦରରାୟ ସମେତ ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡା, ପ୍ରଭୁପାଦ ରଥ, ଦେବାଶିଷ ଶତପଥି ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ।

## ଦୋଳ ମେଳଣ ପାଇଁ ଉତ୍ସବ ମୁଖର ପଲେଇ
## ସାମିଲ ହେଲା ୩୧ ବିମାନ



ବାଲିଚନ୍ଦ୍ରପୁର, ୨୮।୨(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଆଜି ଦୋଳ ମେଳଣ ଉତ୍ସବ ପ୍ରାତଃ ସମୟରୁ ଦିନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଆଜି ପଲେଇ ପଞ୍ଚାୟତ ଉତ୍ସବ ମୁଖର ହୋଇ ଉଠିଥିଲା। ସୂଚନା ମୁତାବକ ପଲେଇ ଗ୍ରାମର ମହାନ୍ତିସାହି ବଡ଼ଦାଣ୍ଡ, ପଲେଇ ସ୍ୱପନେଶ୍ୱର ମନ୍ଦିର ସମ୍ମୁଖ, ବନ୍ଦରେଶ୍ୱର ଗ୍ରାମର ବଡ଼ଦାଣ୍ଡ, ବାରବାଟୀ ଯଜ୍ଞ ପଡ଼ିଆ ଓ ଲକ୍ଷ୍ମୀପ୍ରସାଦ ଓଳାଶୁଣୀ ମନ୍ଦିର ପ୍ରାଙ୍ଗଣ ଆଦି ସ୍ଥାନ ମାନଙ୍କରେ ଆଜି ଏହି ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିବାର ଦେଖିବାକୁ ମିଳିଥିଲା। ତେବେ ଏହି ସବୁ ସ୍ଥାନରେ ଅନୁଷ୍ଠିତ ମେଳଣରେ ପାରିପଲେଇ, ବନ୍ଦରେଶ୍ୱର, ଦେକୁଡି, ବରଦା, ମାତକାତପୁର, ନଙ୍ଗୁଳି ମଠ, ବିକ୍ରମତିରଣ ଓ ବାଲିପଡ଼ିଆ ସମେତ ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ରାଧାକୃଷ୍ଣଜୀଉଙ୍କୁ ସୁସଜ୍ଜିତ ବିମାନରେ ଅଧିଷ୍ଠିତ କରାଇ ବାଜା ବାଣ ଓ ନାମ ସଂକୀର୍ତ୍ତନ ସହିତ ଶୋଭାଯାତ୍ରାରେ ଉପରୋକ୍ତ ସ୍ଥାନ ମାନଙ୍କରେ ଆୟୋଜିତ ମେଳଣ ଉତ୍ସବକୁ ଅଣାଯାଇ ଆସିନ କରାଯାଇଥିଲା। ପରେ ପରେ ବିମାନ ସମ୍ମୁଖରେ ଶ୍ରୀଶ୍ରୀ ରାଧାକୃଷ୍ଣଙ୍କୁ ଭୋଗ ଲଗାଯାଇ ପୁନଶ୍ଚ ଅନ୍ୟ ମେଳଣ ସ୍ଥାନକୁ ବିମାନ ସବୁକୁ ନିଆଯାଇଥିଲା। ତେବେ ଆଜିର ଏହି ମେଳଣ ଉତ୍ସବରେ ୩୦ ରୁ ଅଧିକ ବିମାନ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

## ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଯାଜପୁର, ୨୮।୨(ସମିସ): ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବ୍ଲକ ଅନ୍ତର୍ଗତ ଚଇନିପୁର ଗ୍ରାମ ପଞ୍ଚାୟତର କମାଗଡ଼ ଗ୍ରାମ କୀର୍ତ୍ତନ ମଣ୍ଡପ ଠାରେ ଏକ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଓ ଅତିଥି ଆଲୋଚକ ଭାବେ ଯଥାକ୍ରମେ ବରିଷ୍ଠ ଦେୱାନୀ ବିଚାରପତି ସତ୍ୟ ପ୍ରକାଶ ରାୟଚୌଧୁରୀ, ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତି ସାହୁ, ସହକାରୀ ଶ୍ରମ ଅଧିକାରୀ ସୌମ୍ୟସୁନ୍ଦର ସାହୁ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଯୋଗ ଦେଇ ନାଲସା ଦ୍ୱାରା ପରିଚାଳିତ ଆଶା ସ୍କିମ୍ ସହ ଅଣସଂଗଠିତ ଶ୍ରମିକଙ୍କ ସମସ୍ୟା ତାର ସମାଧାନ, ବାଲ୍ୟ ବିବାହ ନିଷେଧ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଭରତ ଚନ୍ଦ୍ର ଦଳାଇ, ସନ୍ତୋଷ କୁମାର ବେହେରା, ନିର୍ମଳ ମହାଳିକ, ବ୍ରଜକିଶୋର ସାହୁ, ଅଶୋକ ସାହୁ, ନିତ୍ୟାନନ୍ଦ ପାଢ଼ୀ, ଚନ୍ଦ୍ରମଣି ବେହେରା ପ୍ରମୁଖ ସାତଜଣଙ୍କ ଶ୍ରମିକ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରମିକ ନେତା ପ୍ରଦୀପ ମିଶ୍ର ଓ ପ୍ରାଧିକରଣର କର୍ମଚାରୀ ସ୍ଥାନୀୟ ଗ୍ରାମ ବାସୀ ମାନେ ସହଯୋଗ କରିଥିଲେ।

## କବାଡ଼ି ପ୍ରତିଯୋଗୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲିଚନ୍ଦ୍ରପୁର, ୨୮।୨(ସମିସ): ବାଲିଚନ୍ଦ୍ରପୁର ସ୍ଥିତ ସାହାସପୁର କଲେଜର ଯୁକ୍ତ-୩ ଶେଷ ବର୍ଷ କଳା ଛାତ୍ରୀ ପୁଷ୍ପାଞ୍ଜଳି ବେହେରା କଟକ ସ୍ଥିତ ଜବାହାରଲାଲ ନେହରୁ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଭାଗ ନେଇ ଉତ୍ତମ ଖେଳ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ କବାଡି ଆସୋସିସନର ସମ୍ପାଦକ ଅଜୟ କୁମାର ବେହେରା ଯୋଗଦେଇ ଛାତ୍ରୀ ପୁଷ୍ପାଞ୍ଜଳିଙ୍କୁ ପୁରସ୍କୃତ କରିଥିଲେ। ଏହି ପୁରସ୍କାର ପାଇଁ ପୁଷ୍ପାଞ୍ଜଳି କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟି ଓ ଖେଳ ଶିକ୍ଷକ ପ୍ରତ୍ୟୁଷ କୁମାର ସାହୁଙ୍କୁ ଏହାର ଶ୍ରେୟ ଦେଇଥିବା ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଅଭିନନ୍ଦନ ଜ୍ଞାପନ କରାଯାଇଛି। ପୁଷ୍ପାଞ୍ଜଳି ଏହା ପୂର୍ବରୁ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି।



## ନଙ୍ଗୁଳି ମଠ ମହନ୍ତଙ୍କ ସମାଧି ପ୍ରତିଷ୍ଠା ଉତ୍ସବ




ବାଲିଚନ୍ଦ୍ରପୁର, ୨୮।୨(ସମିସ): ବଡ଼ଚଣା ବ୍ଲକ ତଥା ପଲେଇ ପଞ୍ଚାୟତ ଅନ୍ତର୍ଗତ ବନ୍ଦରେଶ୍ୱର ଛକ ନିକଟ ଶୁଖୁଆପଡ଼ା ପାହାଡ଼ ପାଦ ଦେଶରେ ପ୍ରତିଷ୍ଠା କରାଯାଇଥିବା ନଙ୍ଗୁଳି ମଠର ମହନ୍ତ ମହାରାଜ ପର୍ଶୁରାମ ଦାସଙ୍କର ଗତ ୮ ତାରିଖରେ ପରଲୋକ ଗମନ କରିଥିଲେ। ତେବେ ୨୧ ଦିନ ପରେ ଆଜି ତାଙ୍କର ସମାଧି ପ୍ରତିଷ୍ଠା ଉତ୍ସବ ନଙ୍ଗୁଳି ମଠ ପରିସରରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଓଳାଶୁଣୀ ମଠାଧିଶ ଡ. ନାମାନନ୍ଦ ଦାସ ଓ ଅନ୍ୟ ସାଧୁମାନେ ପୂଜାର୍ଚ୍ଚନା ପୂର୍ବକ ତାଙ୍କ ସମାଧି ପ୍ରତିଷ୍ଠା କରିଥିଲେ। ଏହି ଉପଲକ୍ଷେ ସମାଜସେବୀ ଅଶୋକ ସାମଲଙ୍କ ଅଧ୍ୟକ୍ଷତାରେ ନଙ୍ଗୁଳି ମଠ ପକ୍ଷରୁ ଆୟୋଜିତ ସାଧୁସନ୍ଥ ସମାବେଶରେ ଓଳାଶୁଣୀ ମଠ ମହନ୍ତ ଡ. ନାମାନନ୍ଦ ଦାସ, ଜନ୍ତିଆ ମଠ ମହନ୍ତ ସିଦ୍ଧାର୍ଥ ଶଙ୍କର ଦାସ, ନାଉପାଳ ମଠ ମହନ୍ତ ପରାସର ଦାସ, ମେଦୁଆକୁଳ ମଠ ମହନ୍ତ ନର୍ମଦା ଦାସ, ସଲାର ମଠ ମହନ୍ତ ଗୌତମ ଦାସ, ପଲେଇ ବାରବାଟୀ ମଠ ମହନ୍ତ ମାୟାଧର ଦାସ, ଜେରକନ୍ଦ ମଠ ମହନ୍ତ ନାରାୟଣ ଦାସ, ପୋଡ଼ାମରାଇ ମଠ ମହନ୍ତ ସୁଧାକର ଦାସ, ଅନନ୍ତ ବଳିଆ ଆଶ୍ରମର ବାବା ସଞ୍ଜୟ ଦାସ, ନିକିରାଇ ମଠ ମହନ୍ତ ଅଭୟ ଦାସ ଓ ଲଳିତଗିରି ମଠ ମହନ୍ତ ହେମନ୍ତ ଦାସଙ୍କ ସମେତ ବହୁ ମଠର ମହନ୍ତ ଯୋଗଦେଇ ବାବା ପର୍ଶୁରାମ ଦାସଙ୍କ ଆଧାତ୍ମିକ ଜୀବନାଦର୍ଶ ସମ୍ପର୍କରେ ବିଭିନ୍ନ ଆଲୋଚନା କରିବା ସହିତ ଆଧାତ୍ମିକ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ବାବାଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ସ୍ମୃତି ତର୍ପଣ' ଓ ବାବାଙ୍କ ଜୀବନାଦର୍ଶ ସମ୍ପର୍କରେ ରବୀନ୍ଦ୍ର ସିଂହଙ୍କ ଲିଖିତ 'ନଙ୍ଗୁଳି ଚାରଣାମୃତ' ପୁସ୍ତିକାକୁ ସାଧୁସନ୍ଥ ମାନେ ଉନ୍ମୋଚିତ କରିଥିଲେ। ମହନ୍ତ ପର୍ଶୁରାମ ଦାସଙ୍କ ବଡ଼ପୁଅ ପ୍ରାଧ୍ୟାପକ ଡ. କିଶୋର ଚନ୍ଦ୍ର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଭ୍ୟର୍ଥନା କମିଟି କର୍ମକର୍ତ୍ତା ସୁମନ୍ତ ସାମଲ, ରୁଦ୍ର ନାରାୟଣ ସିଂହ, ଜ୍ଞାନରଞ୍ଜନ ସାହୁ, ଗୟାଧର ଦାସ, ଅମର ସାମଲ, ପ୍ରଜ୍ଞାନନ୍ଦ ସାସମଲ, ଅଶୋକ ମହାରଣା, ମନୋରଞ୍ଜନ ସାମଲ, ରବୀନ୍ଦ୍ର ବାରିକ, ପ୍ରେମାନନ୍ଦ ମହାରଣା, ପ୍ରିୟବ୍ରତ ସାମଲ ଓ ଶରତ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତାର ଚୋରି ଅଭିଯୋଗରେ ୨ ଗିରଫ

ଧର୍ମଶାଳା, ୨୮।୨(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ସୁଭଦ୍ରାପୁର ଅଞ୍ଚଳରେ ଜଣେ ଠିକାଦାରଙ୍କ ଗୋଦାମରୁ ଇଲେକ୍ଟ୍ରି ତାର ଚୋରି ଅଭିଯୋଗରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ସୂଚନା ମୁତାବକ ଏହି ଥାନା ସୁଭଦ୍ରାପୁର ଅଞ୍ଚଳରେ ଇଲେକ୍ଟ୍ରି କାମ କରୁଥିବା ଜଣେ ଠିକାଦାର ସେଠାରେ ତାର ଗଚ୍ଛିତ ରଖିଥିବା ବେଳେ ୨୫ ତାରିଖ ରାତିରେ ଦୁର୍ବୃତ୍ତମାନେ ପଶି ତାର ଚୋରି କରିନେଇଥିଲେ। ଏନେଇ ଠିକାଦାର ଜଣକ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୮୦/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ତାର ଜବତ କରିଛି। ଆଜି ଅଭିଯୁକ୍ତ ଏହି ଥାନା ଚାରବାଟିଆ ଗ୍ରାମର ଦୈତାରୀ ମହାକୁଡଙ୍କ ପୁଅ ସତ୍ୟରଞ୍ଜନ ମହାକୁଡ ଓ ବଡ଼ଚଣା ଗ୍ରାମର ଅନନ୍ତ ସାମଲଙ୍କ ପୁଅ ନିର୍ମଳ ସାମଲଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ରୋହିତ ଫେରୋଟେକ୍‌କୁ ଅଧିଗ୍ରହଣ କଲା ଇମ୍ଫା




ଯାଜପୁର/ଦାନଗଦ, ୨୮।୨(ସମିସ): ମୂଲ୍ୟ ଯୁକ୍ତ ଫେରୋକ୍ରୋମର ଦେଶର ଅଗ୍ରଣୀ ସମ୍ପୂର୍ଣ୍ଣ ସମନ୍ୱିତ ଉତ୍ପାଦନ ଇଣ୍ଡିଆନ ମେଟାଲସ ଫେରୋ ଆଲଏଜ ଲିମିଟେଡ (ଇମ୍ଫା) ଓଡ଼ିଶାର କଳିଙ୍ଗନଗରରେ ଟାଟା ଷ୍ଟିଲ ଲିମିଟେଡ୍ (ଟିଏସଏଲ୍) ରୋହିତ ଫେରୋକ୍ରୋମ ପ୍ଲାଣ୍ଟର ନୀତିଗତ ଅଧିଗ୍ରହଣ ହେବାର ଘୋଷଣା କରିଛି। ଏହି କାରବାରର ମୂଲ୍ୟ ୭୦୭.୨୬ ସହ କୋଟି ଟଙ୍କା। ଯେଉଁଥିରେ ଜିଏସଟି ଏବଂ ମୋଟ କାର୍ଯ୍ୟକ୍ଷମ ପୁଞ୍ଜି ସହିତ ୬୧୦ କୋଟି ଟଙ୍କାର ମୂଳ ବିବେଚନା ଅନ୍ତର୍ଭୁକ୍ତ। କଳିଙ୍ଗନଗରରେ ୧୧୫ ଏକର ଜମିରେ ବିସ୍ତୃତ ନୂତନ ଭାବେ ଅଧିଗ୍ରହଣ କରାଯାଇଥିବା ଏହି ସୁବିଧାରେ ବାର୍ଷିକ ୧୦୦, ୦୦୦ ଟନ କ୍ଷମତା ଥିବା ୪ ଗୋଟି ଫର୍ଣ୍ଣେଶ ରହିଛି। ଯାହା ପ୍ରାୟ ୨୦ ବର୍ଷ ମଧ୍ୟରେ ଆଂଶିକ ଭାବରେ ନିର୍ମିତ ୫ ମ ଫର୍ନେଶ କାର୍ଯ୍ୟକ୍ଷମ ହେବାପରେ ଆହୁରି ବାର୍ଷିକ ୧୫୦, ୦୦୦ ଟନ କ୍ଷମତାକୁ ବୃଦ୍ଧି ପାଇବ। ଅଧିଗ୍ରହଣ ବିଷୟରେ ମତ ଦେଇ ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି ଏହା ଏକ ପରିବର୍ତ୍ତନକାରି ଚୁକ୍ତି। ଯାହା କମ୍ପାନୀର ଅଭିବୃଦ୍ଧି ଯାତ୍ରାରେ ଏକ ପ୍ରମୁଖ ମାଇଲ ଖୁଣ୍ଟ ବୋଲି ଏକ ପ୍ରେସ୍ ଇସ୍ତାହାରରେ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

## ରାସ୍ତା କଡ଼କୁ ଭ୍ୟାନ୍ ଖସି ୨ ମୃତ

ବଡ଼ଚଣା, ୨୮ ।୨(ସମିସ): ବୈରୀ ଥାନା ଅନ୍ତର୍ଗତ କେନାଲ ରୋଡ୍‌ରେ ଯାଉଥିବା ଏକ ଟାଟା ଏସି ଗାଡି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିବା ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଦୁଇ ଜଣ ହେଲେ ଉପୁଳା ଗାଁର ଉପେନ୍ଦ୍ର ମଲ୍ଲିକ (୩୫) ଏବଂ ଚନ୍ଦନ ମଲ୍ଲିକ(୨୩) । ଗାଡିର ଡ୍ରାଇଭର ଗୁରୁତର ହୋଇଥିବା ଜଣାପଡ଼ିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଅର୍ଥନୀତି ଆଲୋଚନାଚକ୍ର 'ଜେ-ଲିଡ୍'

ବ୍ୟାସନଗର, ୨୮।୨(ସମିସ)




ଜିଲ୍ଲା ମହୋତ୍ସବ ଯଯାତି ଉପଲକ୍ଷେ ବ୍ୟାସନଗର ସ୍ଥିତ ଟାଉନହଲରେ 'ଜେ-ଲିଡ ୨୦୨୬' ଯାଜପୁର ଯୁବ ସମ୍ବାଦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। 'ସାମ୍ପ୍ରତିକ ଅର୍ଥନୈତିକ ପରିଦୃଶ୍ୟ: ସମ୍ଭାବନା ଏବଂ ଆହ୍ୱାନ' ବିଷୟବସ୍ତୁକୁ ନେଇ ସେମିନାର କରାଯାଇଥିଲା। କାର୍ଯ୍ୟକ୍ରମକୁ କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଯୋଗ ଦେଇଥିଲେ। ଜିଲ୍ଲା ମହୋତ୍ସବ ଆୟୋଜନ କେବଳ ନାଚଗୀତରେ ସୀମିତ ନରହି, ଏହା ସହିତ ବୌଦ୍ଧିକ ଆଲୋଚନା ମଧ୍ୟ ହେବା ଆବଶ୍ୟକ ବୋଲି ଜିଲ୍ଲାପାଳ କହିଥିଲେ। ଏହାଦ୍ୱାରା ଜିଲ୍ଲାର ଛାତ୍ରଛାତ୍ରୀ ଯୁବ ପିଢ଼ି ଅର୍ଥନୈତିକ ପ୍ରଗତି ସମ୍ପର୍କରେ ବ୍ୟାବହାରିକ ଜ୍ଞାନ ପାଇବେ। କାର୍ଯ୍ୟକ୍ରମରେ ବକ୍ତା ଭାବେ ଅର୍ଥନୀତି ବିଶେଷଜ୍ଞ ତଥା ଆଇସିଆରଆଇଇଆର ପୂର୍ବତନ ନିର୍ଦ୍ଦେଶକ ଓ ସିଇଓ ଡ. ଦୀପକ ମିଶ୍ର, ଆଇଏମଆଇ ଭୁବନେଶ୍ୱରର ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ପ୍ରୀତିଶ କୁମାର ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର ଆରବିଆଇ ଚେୟାର ପ୍ରଫେସର ସୁଧାକର ପାତ୍ର ଏବଂ ଟାଟା ଷ୍ଟିଲର କର୍ପୋରେଟ ବ୍ୟାପାର ଉପାଧ୍ୟକ୍ଷ ଡିବି ସୁନ୍ଦର ରାମମ ଓ ଜିନ୍ଦଲ ଷ୍ଟେନଲେସର ମୁଖ୍ୟ ବିଜିନେସ ଅଧିକାରୀ ଏସବି ଉପାଧ୍ୟାୟ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର, ଡିପିଏମୟୁ ଉପ ନିର୍ଦ୍ଦେଶକ ଅର୍ଚ୍ଚିତା ଦାସ, ୟୁସିସିଆଇଏଲର ସମ୍ପାଦକ ଡ. ସଞ୍ଜୀବ ମହାପାତ୍ର ଆଲୋଚନାରେ ସଂଯୋଜନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲାର ବିଭାଗୀୟ ଅଧିକାରୀ, ତହସିଲଦାର, ମଣ୍ଡଳ ଉନ୍ନୟନ ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

## ପ୍ରୀତିପୁର ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ

ପ୍ରୀତିପୁର, ୨୮।୨(ସମିସ): ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଜନ୍ମ ମହୋତ୍ସବ ଓ ପ୍ରୀତିପୁର ସତସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସତସଙ୍ଗରେ ଯାଜପୁର ସତସଙ୍ଗ ବିହାରର ସମ୍ପାଦକ ଅଚ୍ୟୁତାନନ୍ଦ ପତି ଅଧ୍ୟକ୍ଷତା କରିଥିଲେ। ବଟକୃଷ୍ଣ ଦାସ ସତ୍ୟାନୁସରଣ ପାଠ କରିଥିବା ବେଳେ ସଞ୍ଜୟ କୁମାର ନାୟକ ନାରୀର ନୀତି ପାଠ କରିଥିଲେ। ରତନଲାଲ୍ ଭୂୟାଁ, ସତ୍ୟବାନ୍ ସାମଲ ଭଜନ, କାଶୀନାଥ ଦାସ ଓ ସାଥୀ କୀର୍ତ୍ତନ ପରିବେଷଣ କରିଥିଲେ। ରମାକାନ୍ତ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିତେନ୍ଦ୍ର ନାଥ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅମରନାଥ ବାନାର୍ଜୀ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଅଚ୍ୟୁତାନନ୍ଦ ପତି ବହୁ ଉପାଦେୟ କଥା କହିଥିଲେ। ଭାସ୍କର ଚନ୍ଦ୍ର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରାରେ କୀର୍ତ୍ତନ ସହ ନଗର ପରିକ୍ରମା ହୋଇଥିଲା। ଉକ୍ତ ଉତ୍ସବରେ ବିଞ୍ଝାରପୁର, ଦଶରଥପୁର, ଯାଜପୁର ତଥା କଟକରୁ ବହୁ ସତସଙ୍ଗୀ ଯୋଗ ଦେଇଥିଲେ।

### ଠାକୁରଗୋଡ଼ା ଏସ୍‌ଏସ୍‌ଡି ହାଇସ୍କୁଲରେ ଶିକ୍ଷକ ଅଭାବ

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ପରିଚାଳନା କମିଟି କର୍ମକର୍ତ୍ତା

**ବାରିପଦା, ୨୮ ।୨(ସମିସ)**

ଯଶିପୁର ବ୍ଲକର ସର୍ବବୃହତ୍ ଆବାସିକ ଆଶ୍ରମ ସ୍କୁଲ ଭାବେ ୫୬୩ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଠାକୁରଗୋଡ଼ା ଏସ୍‌ଏସଡି ହାଇସ୍କୁଲରେ ଶିକ୍ଷକ ଅଭାବଜନିତ ସମସ୍ୟା ନେଇ ବିଦ୍ୟାଳୟ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ବାରିପଦାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଫେରାଦ ହୋଇ ଦାବିପତ୍ର ମାଧ୍ୟମରେ ସମସ୍ୟା ଅବଗତ କରିଛନ୍ତି। ତତସହିତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ମଧ୍ୟ ଦାବି ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଧଳାବଣି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନ ସିଂ ହୋ'ଙ୍କ ନେତୃତ୍ୱରେ କମିଟି କାର୍ଯ୍ୟକର୍ତ୍ତା ଲିଖିତ ଦାବି ଉପସ୍ଥାପନ କରିଛନ୍ତି।

ଗତ ଡିସେମ୍ବର ମାସରେ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଇଂରାଜୀ ଶିକ୍ଷକ ଶଙ୍କର୍ଷଣ ମାରାଣ୍ଡିଙ୍କୁ ଅଚାନକ ବୋର୍ଡିଂ

## ଡେପୁଟେସନ ଶିକ୍ଷକଙ୍କ ଆଦେଶ ବାତିଲ ନ ହେଲେ ତାଲାବନ୍ଦ ଚେତାବନୀ

ଆଶ୍ରମ ସ୍କୁଲକୁ ପ୍ରଧାନଶିକ୍ଷକ ଭାବେ ଡେପୁଟେସନରେ ପଠାଯାଇଛି। ଏଭଳି ଅଚାନକ ଡେପୁଟେସନକୁ ଅଭିଭାବକ ଓ ପରିଚାଳନା କମିଟି ତୀବ୍ର ବିରୋଧ କରିଛି। ବୋର୍ଡ ପରୀକ୍ଷା ଅବ୍ୟବହିତ ପୂର୍ବରୁ ଡେପୁଟେସନରେ ପଠାଇବା ଦ୍ୱାରା ପିଲାଙ୍କ ଭବିଷ୍ୟତ ସହ ଖେଳାଯାଉଛି ବୋଲି ବର୍ଣ୍ଣନା କରି ପ୍ରଧାନଶିକ୍ଷକ ଜାଣିଶୁଣି ରିଲିଭ କରିବା ଘୋର ପରିତାପର ବିଷୟ ବୋଲି କମିଟି ଉଲ୍ଲେଖ କରିଛନ୍ତି। ତୁରନ୍ତ ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଅଡ଼ି ବସିବା ସହ ଦାବି ପୂରଣ ନ ହେଲେ ସ୍କୁଲରେ ତାଲା ପକାଇ ଦିଆଯିବ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ଧନ ସିଂହୋ'ଙ୍କ ସମେତ ସଦସ୍ୟ ଡକ ହେମ୍ବ୍ରମ, ଶୁକ୍ରା ମହାକୁଡ଼, ନିରୁପମା ହେମ୍ବ୍ରମ, ଶାନ୍ତି ହୋ ଓ ଲକ୍ଷ୍ମୀ ହୋ ପ୍ରମୁଖ ସାମିଲ ହୋଇଥିଲେ। ପ୍ରଧାନଶିକ୍ଷକ ଜାନୁ ହେମ୍ବ୍ରମଙ୍କ ସୂଚନା ଅନୁସାରେ ସମୁଦାୟ ୬୫୩ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବାବେଳେ ହଷ୍ଟେଲ ଅନ୍ତେବାସୀ ୪୩୧ ଅଧ୍ୟୟନ କରୁଛନ୍ତି। ଅଳ୍ପ କିଛିମାସ ପୂର୍ବରୁ କିରାଣିଙ୍କ ସମେତ ୩ ଶିକ୍ଷକଙ୍କ ବଦଳି ପରେ ଏବେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ୧୬ ଶିକ୍ଷକ ରହିବା ଜାଗାରେ ୧୧ ଜଣ ଅଛନ୍ତି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସେ ଶ୍ରୀ ମାରାଣ୍ଡିଙ୍କୁ ରିଲିଫ କରିଥିଲେ। ପୂର୍ବରୁ ଶିକ୍ଷକ ଡେପୁଟେସନ ସମସ୍ୟା ନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ମଧ୍ୟ କମିଟି ପକ୍ଷରୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯାଇଥିଲେ ହେଁ ସମାଧାନ ହୋଇନାହିଁ।

# ଜିଏସ୍‌ଟି ସମ୍ବନ୍ଧୀୟ ସ୍ୱତନ୍ତ୍ର ସମନ୍ୱୟ ବୈଠକ




**ବାରିପଦା, ୨୮ ।୨ (ସମିସ):** ସ୍ଥାନୀୟ ରୋଟାରୀ କ୍ଲବର ସମ୍ମିଳନୀ କକ୍ଷରେ ବାରିପଦା ବାଣିଜ୍ୟକର, ସାମଗ୍ରୀ ଓ ସେବାକର ମଣ୍ଡଳ ଆନୁକୂଲ୍ୟରେ ବାଲେଶ୍ୱର ଅତିରିକ୍ତ ବାଣିଜ୍ୟକର କମିସନର ଧୀରେନ୍ଦ୍ର କୁମାର ସାହୁ ଓ ମୟୂରଭଞ୍ଜ ଜିସିସିଟି ଶ୍ୟାମ ଚରଣ ସିଂଙ୍କ ପରିଚାଳନାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଏସଟି ସମ୍ବନ୍ଧୀୟ ସମସ୍ତ ତଥ୍ୟ, ମୋଡିଫିକେସନ ଅଫ ଜିଏସଟି ରିଟର୍ଣ୍ଣ ଫାଇଲିଂ, ଫାଇନ ପେନାଲ୍ଟି, ଏରିଅର ଡିମାଣ୍ଡ ସମେତ ବିଭିନ୍ନ ପ୍ରକାର ସୁବିଧା ଅସୁବିଧା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମୟୂରଭଞ୍ଜ ଡିସିସିଟି ଶ୍ରୀ ସିଂ ରିଟର୍ଣ୍ଣ ଫାଇଲିଂ ସହ ଜିଏସଟିର ସରଳୀକରଣ ସମ୍ପର୍କରେ ମଧ୍ୟ ଅବଗତ କରାଇବା ସହ ଆଗାମୀ ଦିନରେ ଏହି ସମନ୍ୱୟ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ବୈଠକରେ ମୟୂରଭଞ୍ଜ ଟ୍ୟାକ୍ସ ବାର ଆସୋସିଏସନର ସଭାପତି ଅନ୍ତର୍ଯ୍ୟାମୀ ସାହୁ ଓ ସମ୍ପାଦକ ବିରେନ୍ଦ୍ର ନାଥ ସାହୁଙ୍କ ସମେତ ଟ୍ୟାକ୍ସ କନସଲଟାଣ୍ଟ ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ବହୁ ସଂଖ୍ୟାରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତତ୍‌ସହିତ ମୟୂରଭଞ୍ଜର ଠିକାଦାର ସଂଘ, ଭଞ୍ଜସେନା ଠିକାଦାର ସଂଘ, ବଣିକ ସଂଘ, ଚେମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ମୟୂରଭଞ୍ଜ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ବିଭିନ୍ନ କର୍ମକର୍ତ୍ତା ମଧ୍ୟ ଯୋଗ ଦେଇଥିଲେ। ଏସିଟିଓ ଅଭିଷେକ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ




**ରାଇରଙ୍ଗପୁର, ୨୮ ।୨(ସମିସ):** ତିରିଂ ବ୍ଲକ ଅନ୍ତର୍ଗତ ନାରାନପୁରସ୍ଥ ବିଦୁଚାନ୍ଦାନ ମିନି ଷ୍ଟାଡିୟମରେ ବିଦୁଚାନ୍ଦାନ ମାର୍ଶାଲ କ୍ଲବ ପକ୍ଷରୁ ଚାଲିଥିବା ୪୬ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ସାଗୁନ ବାହା ପାତା (ଫୁଲପୂଜା ପର୍ବ) ସହିତ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗର ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲା ଓ ବାହାର ଜିଲ୍ଲାର ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଝାଡ଼ଖଣ୍ଡର ମଝିଗାଓଁ ବିଧାୟକ ନିରଲ ପୂର୍ତ୍ତି, ପୋଟକା ବିଧାୟକ ସଞ୍ଜୀବ ସର୍ଦ୍ଦାର ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନାରାନପୁର ମିସ ବାହା ପ୍ରତିଯୋଗିତାରେ ବିଜେତାଙ୍କୁ ଏଲଇଡି ଟିଭି ପ୍ରଦାନ କରି ପୁରସ୍କୃତ କରିଥିଲେ। ଭାଷ୍ୟକାର ପ୍ରଭାସ କୁମାର କାର୍ଯ୍ୟକ୍ରମ ଓ ମଞ୍ଚ ପରିଚାଳନା କରିଥିବାବେଳେ ତାଙ୍କୁ ଛୋଟ ସୋରେନ, ଜାଗାଏ କାଲୁଣ୍ଡିଆ, ମାଙ୍ଗାତ ମୁର୍ମୁ ସହଯୋଗ କରିଥିଲେ। ଅଧ୍ୟକ୍ଷ ତଥା ତିରିଂ ଜିଲ୍ଲା ପରିଷଦ ସଭ୍ୟ ପରେଶ ଚନ୍ଦ୍ର ମୁଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଦୁଚାନ୍ଦାନ ମାର୍ଶାଲ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଶ୍ୟାମ ବାବାଙ୍କ ବାର୍ଷିକ ଉତ୍ସବ

**କରଞ୍ଜିଆ, ୨୮ ।୨(ସମିସ):** କରଞ୍ଜିଆସ୍ଥିତ ଶ୍ରୀଶ୍ୟାମ ବାବା ମନ୍ଦିରରେ ପ୍ରତିବର୍ଷ ଫାଲଗୁନ ଏକାଦଶୀ ଅବସରରେ ଶ୍ୟାମ ବାବାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏବର୍ଷ ମଧ୍ୟ ମାରୱାଡି ସମ୍ପ୍ରଦାୟ ପକ୍ଷରୁ ଉତ୍ସବକୁ ଆକର୍ଷଣୀୟ ଓ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଥିଲା। ଶ୍ୟାମ ବାବା ପରିବାରର ପ୍ରଚେଷ୍ଟାରେ ଏକ ବିଶାଳ ନିଶାନ ପଦଯାତ୍ରା ଆୟୋଜିତ ହୋଇଥିଲା। ସଂକଳ୍ପ ସେବା ଟ୍ରଷ୍ଟ ନାମକ ଗୋଶାଳାରୁ ପଦଯାତ୍ରା ଆରମ୍ଭ ହୋଇ କରଞ୍ଜିଆ ସହର ପରିକ୍ରମା କରି ଶେଷରେ ଦୋଳ ପଡ଼ିଆସ୍ଥ ଶ୍ରୀଶ୍ୟାମ ବାବା ମନ୍ଦିରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ କରଞ୍ଜିଆର ସମସ୍ତ ମାରୱାଡି ପରିବାରର ପୁରୁଷ ଓ ମହିଳାଙ୍କ ସହ ଦୁଇଶହରୁ ଅଧିକ ଭକ୍ତ ଯୋଗଦେଇଥିଲେ। ମାରୱାଡି ଯୁବ ମଞ୍ଚ, ମହିଳା ଶକ୍ତି ଶାଖା, ମହିଳା ସମିତି, ମହିଳା ଜାଗୃତି ଶାଖା ଓ ମାରୱାଡି ସମାଜର ସହଯୋଗରେ ଏହି ଧାର୍ମିକ ଯାତ୍ରା ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଜାମସେଦପୁରରୁ ଆସିଥିବା ଭଜନ ଗାୟକ ନୀଳକଣ୍ଠ ମୋଦି ଓ ଜ୍ୟୋତି ଝା ଭଜନ ପରିବେଷଣ କରିଥିଲେ।

## ଦୋଳ ମେଳଣକୁ ନେଇ ଚଳଚଞ୍ଚଳ କରଞ୍ଜିଆ ସହର

**କରଞ୍ଜିଆ, ୨୮ ।୨ (ସମିସ):** କରଞ୍ଜିଆ ଅଞ୍ଚଳ ଏବେ ଉତ୍ସବମୁଖର ରହିଛି। ଜିଲ୍ଲାର ବୃହତ୍ ଦୋଳ ମେଳଣର ପ୍ରାରମ୍ଭ ହୋଇଥିବାବେଳେ ଦଶମୀ ତିଥିରୁ ଅଞ୍ଚଳର ଆଖପାଖ ସ୍ଥାନରୁ ଶ୍ରୀଜୀଉମାନେ ରାତ୍ରି ଭ୍ରମଣ ପାଇଁ ବିମାନରେ ବାହାରିଛନ୍ତି। ପ୍ରାୟ ୧୨ଟି ବିମାନରେ ରାଧାକୃଷ୍ଣଙ୍କ ବିଗ୍ରହ ଉପବେଶନ କରି ସହର ପରିଭ୍ରମଣ କରୁଥିବା ସହିତ ଭକ୍ତମାନଙ୍କ ନିକଟରୁ ଭୋଗ ଗ୍ରହଣ କରୁଛନ୍ତି। ଆସନ୍ତାକାଲି ମହାମିଳନ ଅବସରରେ ଉପଖଣ୍ଡର ଯଶିପୁର, ଠାକୁରମୁଣ୍ଡା ଓ ଇନ୍ଦୁପୁର ସମେତ ମୋଟ ୨୨ଟି ବିମାନ ଭୋର ସମୟରେ କରଞ୍ଜିଆସ୍ଥ ମେଳଣ ପଡ଼ିଆରେ ଏକତ୍ରିତ ହେବେ। ଭୋର ୪ଟା ସମୟରେ ଠାକୁରଙ୍କ ମହାମିଳନ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଆସନ୍ତା ୧ ତାରିଖରେ ଧ୍ୱଜାରୋହଣ ସହ ଉତ୍ସବର ଔପଚାରିକ ଆରମ୍ଭ ହେବ। ୨ ମାର୍ଚ୍ଚ ଭୋର ୩ଟା ୨୦ ମିନିଟରୁ ଗ୍ରହଣ ନିମନ୍ତେ ଦେବନୀତି ନିଷେଧ ରହିବ ଓ ୩ ତାରିଖ ସନ୍ଧ୍ୟା ୬ଟା ୫୦ ମିନିଟରେ ପୁନର୍ବାର ଦେବନୀତି ଆରମ୍ଭ ହେବ। ଗ୍ରହଣ ଯୋଗୁଁ ଏଥର କିଛି ସ୍ଥାନରେ ଶ୍ରୀଜୀଉଙ୍କ ପରିଭ୍ରମଣ ସୀମିତ ରହିବ ବୋଲି ଜଣାପଡ଼ିଛି। ମେଳଣ ପରେ ଦୋଳ ମେଳାକୁ ନେଇ ସହରରେ ବିପୁଳ ଜନଗହଳି ଦେଖାଦେବା ସମ୍ଭାବନା ରହିଛି।

## ଓଡ଼ିଶା ବ୍ରାହ୍ମଣ ମହାସଭା ବୈଠକ



**ବାରିପଦା, ୨୮ ।୨(ସମିସ):** ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର ଏକ ଜରୁରୀ ବୈଠକ ମହାସଭାର ସ୍ଥାୟୀ ସଭାପତି ଡାକ୍ତର ମହାଦେବ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା ବ୍ରାହ୍ମଣଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ବାର୍ଷିକ ସମ୍ମିଳନୀ ଓ ବନ୍ଧୁ ମିଳନ ସମ୍ପର୍କରେ ଆଲୋଚନା କରି ସମ୍ମିଳନୀ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଗରିବ ବ୍ରାହ୍ମଣ ପିଲାଙ୍କୁ ମାଗଣାରେ ବ୍ରତୋପନୟନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସମସ୍ତ ପୂଜକ କର୍ମକାଣ୍ଡ ବ୍ରାହ୍ମଣଙ୍କୁ ସରକାର ପେନସନ ପ୍ରଦାନ କରିବା ପାଇଁ ଏକ ଦାବିପତ୍ର ରାଜ୍ୟସରକାରଙ୍କୁ ଦିଆଯିବା ପାଇଁ ପ୍ରସ୍ତାବ ନିଆଗଲା। ପୁନଶ୍ଚ ବାର୍ଷିକ ସମ୍ମିଳନୀ ଅବସରରେ ସମାଜରେ କିଛି ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ରାହ୍ମଣଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହି ବାର୍ଷିକ ସମ୍ମିଳନୀ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ସଦସ୍ୟ ସିଦ୍ଧେଶ୍ୱର ଶତପଥି, ସୁଦର୍ଶନ ଦ୍ୱିବେଦୀ, ନୃସିଂହ ଚରଣ ପଣ୍ଡା, ବ୍ରଜକିଶୋର ଦାଶ, ନରୋତ୍ତମ ପାଣିଗ୍ରାହୀ, ସମ୍ବିତ କୁମାର ମହାପାତ୍ର, ସୋମନାଥ ମିଶ୍ର ଓ ସୁରେଶ କୁମାର ପାଣିଗ୍ରାହୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଉକ୍ତ ବୈଠକରେ ରବୀନ୍ଦ୍ର ନାରାୟଣ ରଥ, ରତ୍ନାକର ତ୍ରିପାଠୀ, ବିଜୟ କୁମାର ମହାପାତ୍ର, ସଚିନ କର, ଯଯାତି ଷଡ଼ଙ୍ଗୀ, ପ୍ରସନ୍ନ ଦ୍ୱିବେଦୀ, ଶିବଶଙ୍କର ଶତପଥୀ, ଦୋଳଗୋବିନ୍ଦ ଦାଶ, ନାରାୟଣ ଦ୍ୱିବେଦୀ, ଅଚ୍ୟୁତପ୍ରସାଦ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଇଟା ବୋଝେଇ ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

# ମୃତକ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ



**ମାଣତ୍ରୀ/ବଡ଼ସାହି, ୨୮ ।୨(ସମିସ):** ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ହାଟ ଛକରେ ଶୁକ୍ରବାର ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥବାବେଳେ ଆଜି ଶବ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ଶବକୁ ରାସ୍ତା ମଝିରେ ରଖି ଗାଁ ଲୋକ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଫଳରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାତାୟାତ ବନ୍ଦ ରହିଥିଲା। ଖବର ପାଇ ବୈଶିଙ୍ଗା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିବାବେଳେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶଶୀଶେଖର ପଣ୍ଡା, ବଡ଼ସାହି ବିଧାୟକ ସନାତନ ବିଜୁଳୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତକ ଜଣକ ସରୋଜ ନାଏକ(୨୫)। ସେ ସ୍ଥାନୀୟ ଫେବ୍ରିକେସନ ଦୋକାନରେ କାମ କରନ୍ତି।

ସରୋଜ ଶୁକ୍ରବାର ସକାଳେ ଦୋକାନ ସମ୍ମୁଖ ରାସ୍ତାକୁ ଆସୁଥିବାବେଳେ ଦ୍ରୁତଗାମୀ ଇଟା ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମାଣତ୍ରୀ ଡାକ୍ତରଖାନା ଓ ପରେ ବାରିପଦା ପିଆରଏମ ମେଡିକାଲ, କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ସୋର ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାସ୍ଥଳ ମାଣତ୍ରୀ ହାଟ ଛକରେ ଦୋକାନ ରାସ୍ତା ଉପରକୁ ମାଡି ଆସୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ପୁଲିସ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ପରିବାର ପ୍ରତିପୋଷଣ ପାଇଁ ସରକାରୀ ସହାୟତା ଜରୁରୀ ଆବଶ୍ୟକ ବୋଲି ମୃତକ ସ୍ତ୍ରୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# କେଶଡିହାରେ ବନାଗ୍ନି ନିବାରଣ ସଚେତନତା



**ମହୁଲଡିହା, ୨୮ ।୨(ସମିସ):** କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳର କେଶଡିହାଠାରେ ବନ ବିଭାଗ ପକ୍ଷରୁ ଅଗ୍ନି ନିବାରଣ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କେଶଡିହା ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଅନୁଷ୍ଠିତ ସଭାରେ ଠାକୁରମୁଣ୍ଡା ଲ୍ୟାମ୍ପସ ସଭାପତି ଗଣନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁକୁ ରୋକିବାରେ ଲୋକ ପୂର୍ବଭଳି ସହଯୋଗ ଜାରି ରଖିବାକୁ ନିବେଦନ କରିଥିଲେ। ଏହି ସଚେତନତା ସଭାରେ କେଶଡିହା ପଞ୍ଚାୟତର ଗ୍ରାମବାସୀ ଯୋଗଦେଇ ଜଙ୍ଗଲକୁ ସୁରକ୍ଷା ଓ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଶପଥ ନେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିପୋଷି ସେକ୍ସନ ବନପାଳ ପ୍ରଦୀପ କିଶୋର ହାଇବୁରୁ ଉଦବୋଧନ ଦେଇ ସରକାରଙ୍କ ଆଇନ କାନୁନରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ଏବଂ ବନ୍ୟପ୍ରାଣୀ ଦ୍ୱାରା ଧନ ଜୀବନ ହାନି ହେଲେ ସରକାରୀ କ୍ଷତିପୂରଣ ବାବଦରେ ପ୍ରାଞ୍ଜଳ ଭାବରେ ଅବଗତ କରିଥିଲେ। ବନ ବିଭାଗକୁ ସମସ୍ତେ ସହଯୋଗ କରିବା ଓ ଆମ ଜଙ୍ଗଲ ନଷ୍ଟ ହେବାକୁ ଦେବା ନାହିଁ ବୋଲି ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବନପାଳ ବିଦ୍ୟାଧର ମହାନ୍ତ ଯୋଗଦେଇ କେହି ଏକାକୀ ଜଙ୍ଗଲକୁ ସୁରକ୍ଷା ଦେଇପାରିବନାହିଁ। ତେଣୁ ବନ ବିଭାଗ ଆପଣଙ୍କ ସହଯୋଗ ଲୋଡୁଛି। ଜଙ୍ଗଲ, ଜୀବଜନ୍ତୁ ଆମର ସମ୍ପତ୍ତି। ତା'ର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସଚେତନତା ବାର୍ତ୍ତା ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶରତ କୁମାର ତ୍ରିପାଠୀ ଯୋଗଦେଇ ଆମେ ସମସ୍ତେ ଜାଗ୍ରତ ହେବା ପାଇଁ ଏ କାର୍ଯ୍ୟକ୍ରମ ବୋଲି କହିଥିଲେ। ବନପାଳ ସିଂରାୟ ପୂର୍ତ୍ତି, ବନରକ୍ଷୀ କ୍ଷୀରେଶ୍ୱରୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁବ୍ରତ ବିଶ୍ୱାଳ ସାଧନ ବ୍ୟକ୍ତି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।

### ବାମନଘାଟି ଉପଖଣ୍ଡରେ ବାଲି ମାଫିଆ ସକ୍ରିୟ

# ଝାଡ଼ଖଣ୍ଡ ଚାଲାଣବେଳେ ବାଲି ବୋଝେଇ ହାଇୱା ଜବତ

**ରାଇରଙ୍ଗପୁର, ୨୮ ।୨ (ସମିସ):** କିଛିଦିନର ବ୍ୟବଧାନ ପରେ ପୁଣି ବାମନଘାଟି ଉପଖଣ୍ଡରେ ବାଲି ମାଫିଆ ସକ୍ରିୟ ହୋଇଛନ୍ତି। ଝାଡ଼ଖଣ୍ଡକୁ ହାଇୱା ଯୋଗେ ବେଆଇନ ବାଲି ଚାଲାଣ ବେଳେ ମାଇନିଂ ବିଭାଗ ଦ୍ୱାରା ଜବତ କରାଯାଇଛି। ତିରିଂ ଥାନା ଅଞ୍ଚଳରୁ ଲୁଫୁଂ ନିକଟରୁ ବାଲି ବୋଝେଇ ହାଇୱା ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ବିଭାଗ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ମିଥୁନ ଗିରି ଚଢ଼ଉ କରି ଜବତ କରିଛନ୍ତି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଗାଡ଼ି ଅଟକାଇ ଇ-ପାସ କିମ୍ବା ଟିପି ପରମିଟି ନେଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ଅଭିଯୋଗକ୍ରମେ ତିରିଂ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଗାଡ଼ି ଚାଳନା ଯାଞ୍ଚ କେନ୍ଦ୍ରରେ ଅଗ୍ନିକାଣ୍ଡ



**ବାରିପଦା, ୨୮ ।୨(ସମିସ):** ବାରିପଦା ଉପକଣ୍ଠ ରଙ୍ଗାମାଟିଆସ୍ଥ ଗାଡ଼ି ଚାଳନା ଯାଞ୍ଚ କେନ୍ଦ୍ର ପରିସରରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ନୂତନ ଚାଳକଙ୍କ ଚାଳନା ଯାଞ୍ଚ ଜାରି ଥିବା ସମୟରେ କୌଣସି କାରଣରୁ ପରିସରର ଗଛପତ୍ରରେ ନିଆଁ ଲାଗିଯାଇଥିଲା। ଯାହାକୁ ବାରିପଦା ଅଗ୍ନିଶମ ବାହିନୀ ପହଞ୍ଚି ନିୟନ୍ତ୍ରଣ କରିଛନ୍ତି। ଗଛର ଶୁଖିଲା ପତ୍ରରେ କୌଣସି କାରଣ ବଶତଃ ନିଆଁ ସଂଯୋଗ ହୋଇ ବ୍ୟାପିବାରେ ଲାଗିଥିଲା। ନିଆଁ ବ୍ୟାପିବା ବେଳେ ଅଗ୍ନିଶମ ବାହିନୀ ଦୀର୍ଘ ୧ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ କାହାରି କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




**ବଡ଼ସାହି/ମାଣତ୍ରୀ, ୨୮ ।୨(ସମିସ):** ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀସ୍ଥ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମ୍ପାଦକ ଲୋକନାଥ କବାଟ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କରୁଣା କର, ମୁଖ୍ୟବକ୍ତା ଭାବେ ମୁକ୍ତିକାନ୍ତ ବାରିକ, ସମ୍ମାନିତ ଅତିଥି ଭାବେ ଦିଲ୍ଲୀପ କୁମାର ଦେ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

# ୧୫୦ ଛାତ୍ରଛାତ୍ରୀଙ୍କ ପୋଷ୍ଟର ମାଧ୍ୟମରେ ଗବେଷଣା ପ୍ରଦର୍ଶନ

**ବାରିପଦା ୨୮ ।୨(ସମିସ)**




ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଯୋଗଦେଇ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ନିଜ ବକ୍ତବ୍ୟରେ ଏହି ବର୍ଷର ଜାତୀୟ ବିଜ୍ଞାନ ଦିବସର ଥିମ୍ 'ବିଜ୍ଞାନରେ ମହିଳା: ବିକଶିତ ଭାରତର ପ୍ରେରଣା' ଉପରେ ଆଲୋଚନା କରିବା ସହିତ ବିଜ୍ଞାନର ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ଗବେଷଣାରତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ଭୂମିକା ସମ୍ପର୍କରେ ସଚେତନ କରାଇଥିଲେ। ଏତଦ୍‌ବ୍ୟତୀତ ବିଶ୍ୱବିଦ୍ୟାଳୟରେ ତୃଣମୂଳସ୍ତରୀୟ ଗବେଷଣା ଓ ଏହାର ସୁଦୃଢ଼ୀକରଣ ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଚନ୍ଦ୍ରଶେଖର ଭାମିଡିପତି ଆଇନ୍‌ଷ୍ଟାଇନ୍‌ର ଗ୍ରାଭିଟି ତତ୍ତ୍ୱରେ ବ୍ଲାକ୍ ହୋଲ୍‌ର ଧାରଣା ବିଜ୍ଞାନର ଏକ ଆକର୍ଷଣୀୟ ଅଧ୍ୟାୟ ବୋଲି ଅଭିହିତ କରବା ସହ ଛାତ୍ରଛାତ୍ରୀଙ୍କୁ ଜୀବନର ସକଳ କାର୍ଯ୍ୟରେ ବୈଜ୍ଞାନିକ ଆଭିମୁଖ୍ୟ ରଖିବାକୁ ପରାମର୍ଶ ଦେଇଥିଲ। ସେ ସୁଯୋଗ ଓ ଭିତ୍ତିଭୂମିର ଅଭାବ ଥିଲେ ହେଁ ବୈଜ୍ଞାନିକ ଗବେଷଣା ସମ୍ଭବ ବୋଲି ଆମ ପୂର୍ବସୁରୀ ବୈଜ୍ଞାନିକଙ୍କଠୁ ଶିଖିବାର ଅଛି ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା ଭାବେ ଆଇଆଇଟି ଖଡ଼ଗପୁରର ପ୍ରଫେସର ଶାନ୍ତନୁ ଧର ଆଭାସୀ ମାଧ୍ୟମରେ 'ସୁଲଭ ସ୍ୱାସ୍ଥ୍ୟ ପାଇଁ ଅଭିନବ ପ୍ରକ୍ରିୟାକରଣ ମାଧ୍ୟମରେ ସ୍ଥାୟୀ ବାୟୋମେଟେରିଆଲ' ଶୀର୍ଷକ ବକ୍ତବ୍ୟ ରଖିଥିଲେ।

ସେହିଭଳି ଆଇଆଇସିବି କୋଲକାତାର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଚେତା ତ୍ରିପାଠୀ ଆଭାସୀ ମାଧ୍ୟମରେ ଓମିକ୍ସ ଯୁଗ ପରେ ଜିନୋମ ଡାଟାକୁ ମେସିନ୍ ଲର୍ଣ୍ଣିଂ ମାଧ୍ୟମରେ ପରିଚାଳନା କରିବା ବିଜ୍ଞାନର ଏକ ନୂତନ ଅଧ୍ୟାୟ ଓ ମହିଳାମାନେ ଏହି କ୍ଷେତ୍ରରେ ଅସାଧାରଣ ଯୋଗଦାନ ଦେଉଛନ୍ତି ବୋଲି ମତ ପ୍ରକାଶ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡଃ କୁକୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ଡକ୍ଟର ସ୍ୱରୂପାନନ୍ଦ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଆୟୋଜିତ ବିଜ୍ଞାନ ଗଳ୍ପ ଲିଖନ, କୁଇଜ୍ ଓ ତର୍କ ଆଦି ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏ ଅବସରରେ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ଅନୁବନ୍ଧିତ ମହାବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରଛାତ୍ରୀ ପୋଷ୍ଟର ମାଧ୍ୟମରେ ନିଜର ଗବେଷଣା ପ୍ରଦର୍ଶନ କରିଥିଲେ।ଅନୁବନ୍ଧିତ ମହାବିଦ୍ୟାଳୟ ମଧ୍ୟରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ ବାରିପଦା, ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ, ସାଇ ସାଧନା କଲେଜ ଅଫ୍ ବେସିକ୍ ସାଇନ୍ସ, ବି.ବି. ମହାବିଦ୍ୟାଳୟ ବାଇଗଣବାଡ଼ିଆ, ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ, ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟ କୁଣ୍ଡାବାଇ, ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ବୈଶିଙ୍ଗା ଓ ଶୁକ୍ରୁଳି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ।

## ଜିଲ୍ଲାପାଳଙ୍କୁ ଭେଟିଲେ ସୁନ୍ଦରଗଡ଼ ବିଜେଡି ପ୍ରତିନିଧି ମଣ୍ଡଳୀ

# ହସ୍‌ପିଟାଲ ଫିଜିଓଥେରାପି କେନ୍ଦ୍ରରେ ଶୀତତାପ ନିୟନ୍ତ୍ରଣ ସୁବିଧା ଦାବି

ରାଉରକେଲା, ୨୮ା୨(ସମିସ)



ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଡାକ୍ତରଖାନାରେ ଫିଜିଓଥେରାପି କେନ୍ଦ୍ରରେ ଶୀତତାପ ନିୟନ୍ତ୍ରଣ ସୁବିଧା ପାଇଁ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ସୁନ୍ଦରଗଡ଼ ବିଜେଡି ପ୍ରତିନିଧି ମଣ୍ଡଳୀ ଦାବି ଜଣାଇଛନ୍ତି। ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଡାକ୍ତରଖାନା ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରଣର ସୁବିଧାରେ ନିର୍ମାଣ ହୋଇଥିବା ବେଳେ ଏଠାରେ ପଞ୍ଚମ ମହଲାରେ ଥିବା ଫିଜିଓଥେରାପି (ଭୌତିକ ଚିକିତ୍ସା ) କେନ୍ଦ୍ରଟି ଶୀତତାପ ନିୟନ୍ତ୍ରଣ ସୁବିଧାରୁ ବଞ୍ଚିତ ଅଛି। ଏଠାକୁ ସୁନ୍ଦରଗଡ଼ ସହର ଏବଂ ଆଖପାଖ ଅଞ୍ଚଳରୁ ଦୈନିକ ଶହ ଶହ ଲୋକ ଚିକିତ୍ସା ପାଇଁ ଆସୁଛନ୍ତି। ଦିନକୁ ଦିନ ଏଠାରେ ଫିଜିଓଥେରାପି ଚିକିତ୍ସା ପାଇଁ ଲୋକଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। କିନ୍ତୁ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରଣ କାମ କରୁନଥିବାରୁ ଗ୍ରୀଷ୍ମଋତୁରେ ଏଠାକୁ ଚିକିତ୍ସା ଲାଗି ଆସୁଥିବା ଲୋକେ ଏବଂ ଏଠାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ଗରମ ଯୋଗୁଁ ନାହିଁ ନ ଥିବା ଯନ୍ତ୍ରଣା ଭୋଗୁଛନ୍ତି। ତେଣୁ ଏହି ଫିଜିଓଥେରାପି କେନ୍ଦ୍ରର ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥାକୁ ଠିକ କରାଯିବା କିମ୍ବା ଆବଶ୍ୟକ ମୁତାବକ କୁଲରର ବ୍ୟବସ୍ଥା କରିବାକୁ ବିଜେଡି ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ। ସେହିପରି ସୁନ୍ଦରଗଡ଼ରେ ଜନସାଧାରଣଙ୍କ ରୟତି ଜମିର ପଟ୍ଟା 'ନଜୁଲ' କିସମ ଥିବାରୁ ସେମାନେ ବିଭିନ୍ନ ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜନସାଧାରଣଙ୍କ ସୁବିଧା ପାଇଁ ନଜୁଲ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିବା ସମସ୍ତ ଜନସାଧାରଣଙ୍କ ଏହି ଅସୁବିଧାକୁ ଶୀଘ୍ର ସମାଧାନ କରିବା ପାଇଁ ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ ଦାବି କରିଥିଲେ। ଖୁବ୍‌ଶୀଘ୍ର ଦାବି ଗୁଡିକ ପୂରଣ କରାଯିବ ବୋଲି ଜିଲ୍ଲାପାଳ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିପତ୍ର ଦେବା ସମୟରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଞ୍ଚା ବାର୍ଲା, ବିଜେଡି ଯୁବନେତା ଅଶୋକ ମହାନ୍ତି, ସଞ୍ଜୟ ପଟ୍ଟନାୟକ, ପଙ୍କଜ ଶ୍ରେଷ୍ଠ, ବରୁନ ବାଗ, କାଉନସିଲର ଅନିଲ ମହାପାତ୍ର, କୈଳାସ ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ହାଇୱା ଧକ୍କାରେ ଏନ୍‌ଆଇଟି ଛାତ୍ର ମୃତ; ଛାତ୍ରୀ ଗୁରୁତର

**ଲହୁଣୀପଡ଼ା, ୨୮ା୨(ସମିସ) :** ସୁନ୍ଦରଗଡ଼ ଜିଲ୍ଲା ଲହୁଣିପଡ଼ା ଥାନା ଜାତୀୟ ରାଜପଥ ସମରଦରି ଛକ ନିକଟରେ ହାଇୱା ଧକ୍କାରେ ରାଉରକେଲା ଏନ୍‌ଆଇଟିରେ ପଢୁଥିବା ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସହପାଠିନୀ ଛାତ୍ରୀ ଗୁରୁତର ଆହତ ହୋଇ ରାଉରକେଲାରେ ଚିକିତ୍ସାଧୀନ ଅଛନ୍ତି। ମୃତ ଛାତ୍ର ଜଣକ ହେଲେ ରାଉରକେଲା ଏନ୍‌ଆଇଟିର ଇଲେକ୍ଟ୍ରୋନିକ୍ସ ଟେଲିକମ୍ୟୁନିକେସନ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର କାର୍ତ୍ତିକେୟନ ସେନଥିଲ କ୍ରିଷ୍ଣନ୍। ଗୁରୁତର ଆହତ ଛାତ୍ରୀ ଜଣକ ହେଲେ ବାସନ୍ତୀ କାର୍ତିକ ନାରାୟଣ (୧୯)। ମିଳିଥିବା ସୂଚନା ମୁତାବକ, ରାଉରକେଲା ରାଉରକେଲା ଏନ୍‌ଆଇଟିରୁ ଶନିବାର ୧୦ ଜଣ ପୁଅ ଏବଂ ୬ ଜଣ ଝିଅ ଭଡାରେ ମିଳୁଥିବା ୮ ଟି ସ୍କୁଟିରେ ଖଣ୍ଡାଧାର ଜଳପ୍ରପାତ ବୁଲିବାକୁ ଯାଉଥିଲେ। ୧୪୩ ନଂ ଜାତୀୟ ରାଜପଥ ସମରଦରି ଛକ ନିକଟରେ



ରାଜାମୁଣ୍ଡା ଆଡୁ ରଙ୍ଗ୍ ସାଇଡରେ ଆସୁଥିବା ଏକ ହାଇୱା ଟିପର ସାମ୍ନା ପଟରୁ ଏକ ସ୍କୁଟିକୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ସ୍କୁଟି ଚାଳକ କାର୍ତ୍ତିକେୟନ୍ ଓ ପଛରେ ବସିଥିବା ଛାତ୍ରୀ ବାସନ୍ତୀ ଗୁରୁତର ହୋଇଥିଲେ। ଲହୁଣିପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଭୟଙ୍କୁ ଲହୁଣିପଡ଼ା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କର୍ତ୍ତିକେନ୍‌ଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଛାତ୍ରୀ ବାସନ୍ତୀକୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଛି। ମୃତ ଛାତ୍ର ଜଣକ ତାମିଲନାଡୁ ରାଜ୍ୟର ବୋଲି ଜଣାପଡ଼ିଛି। ମୃତ ଛାତ୍ରଙ୍କ ଶବକୁ ବଣାଇଁ ସ୍ଥିତ ଶବ ସଂରକ୍ଷୀତ ଗୃହରେ ରଖାଯାଇଥିବା ବେଳେ ଘଟଣା ସ୍ଥଳରୁ ପୁଲିସ ହାଇୱା ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

# କଳାହାଣ୍ଡି କପ୍ ପାଇଁ ୧୫ ଖେଳାଳି ଚୟନ

**ରାଉରକେଲା, ୨୮ା୨(ସମିସ):** ରଞ୍ଜିତ ମ୍ୟାଚରେ ଖେଳିବା ପାଇଁ କଳାହାଣ୍ଡି କପ୍ ୨୦୨୬-୨୭ ବର୍ଷ ପାଇଁ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଗତ ଫେବୃୟାରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଉରକେଲା ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ୍ ଠାରେ ଆର୍‌ଏସ୍‌ପି କ୍ରୀକେଟ ଟିମ୍ ଚୟନ କରାଯାଇଛି। ଏଥିରେ ୧୫ ଜଣଙ୍କୁ ଚୟନ କରାଯାଇଥିଲା ବେଳେ ଆଉ ୪ ଜଣ ଖେଳାଳିଙ୍କୁ ଉତ୍କୃଷ୍ଟ କ୍ରୀଡା ପ୍ରଦର୍ଶନ ପାଇଁ ଷ୍ଟାଣ୍ଡବାଏ ରଖାଯାଇଛି। ଚୟନ ହୋଇଥିବା ଖେଳାଳିମାନେ ହେଲେ ଶୁଭଙ୍କର ବିଶ୍ୱାସ, ହେମନ୍ତ ନାୟକ, ଜ୍ଞାନରଞ୍ଜନ ନାୟକ, ବିଷ୍ଣୁ କେ ବେହୁରିଆ, ଆଶୀର୍ବାଦ ସ୍ୱାଇଁ, ସୁଦଲ କୁମାର ସିଂହ, ହିମାଂଶୁ ଚୌବେ, ନିମାଂଶ ସାହୁ, ସୁପ ଏସ୍ ଭୂୟାଁ, ଏମଡି ଆକ୍ରମ, ଗୌତମ ସୁନା, ଅଙ୍କିତକର ଜୟସ୍ୱାଲ, ଆକାଶ କେ ଠାକୁର, କୌଶିକ ଦାସ ମାନିକପୁରୀ ଏବଂ ଆଦର୍ଶ ରାଜଗୁରୁ। ରାଜେନ୍ଦ୍ର ମହାରଣାଙ୍କୁ କୋଚ ଭାବେ ଚୟନ କରାଯାଇଛି। ସେହିପରି ଷ୍ଟାଣ୍ଡବାଏ ରଖାଯାଇଥିବା ୪ ଜଣ ଖେଳାଳି ହେଲେ ଅଙ୍କିତ ମହାନ୍ତି, ବଣ୍ଟି ନାୟକ, ବିଶ୍ୱଜିତ ମହାପାତ୍ର ଓ କିଶୋର ଚଟନି। ସେମାନଙ୍କ ମଧ୍ୟରେ ୩ ଜଣ ଆର୍‌ଏସ୍‌ପି କର୍ମଚାରୀଙ୍କ ପୁଅ ରହିଥିବା ବେଳେ ଅନ୍ୟ ୧୩ ଜଣ ଆଖାପାଖ ଗ୍ରାମାଞ୍ଚଳର ବୋଲି ଜଣାପଡ଼ିଛି। ଏହି ଟିମ୍ କଟକରେ ୨୫ ତାରିଖରୁ ଆରମ୍ଭ ହୋଇଥିବା ଆନ୍ତଃ ଜିଲ୍ଲା କଳାହାଣ୍ଡି କପ୍‌ରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଜଣାପଡ଼ିଛି। ତେବେ ଏହି ଚୟନ ପ୍ରକ୍ରିୟାରେ ଗୁରୁତର

**ଅନିୟମିତତା ଅଭିଯୋଗ**

ଅନିୟମିତତା ହୋଇଥିବା ନେଇ ଚୟନ ପ୍ରକ୍ରିୟାରୁ ବାଦ ପଡ଼ିଥିବା କିଛି ଖେଳାଳି ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ସେମାନଙ୍କର ଅଭିଯୋଗ ମୁତାବକ ଚୟନ ପ୍ରକ୍ରିୟାରେ ଭଲ ଖେଳ ପ୍ରଦର୍ଶନ କରିଥିବା କିଛି ଖେଳାଳିଙ୍କୁ ଏହି ଟିମରୁ ବାଦ ଦିଆଯାଇ ସେମାନଙ୍କ ଠାରୁ କମ୍ ପରଫର୍ମାନ୍ସ ଥିବା ଖେଳାଳିଙ୍କୁ ନିଆଯାଇଛି। ଏପରକି ୫ଟି ୱିକେଟ ହାସଲ କରିଥିବା ଖେଳାଳିଙ୍କୁ ଚୟନ କରାଯାଇ ନ ଥିବା ବେଳେ ଆଦୌ ୱିକେଟ ନେଇ ନଥିବା ଖେଳାଳିଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ସେହିପରି ପୂର୍ବରୁ କଳାହାଣ୍ଡି କପ୍ ଏବଂ ଅଣ୍ଡର ୧୯ ଖେଳିଥିବା ତଥା ୪ଟି ୱିକେଟ ନେଇଥିବା ଖେଳାଳୀଙ୍କୁ ଅଣଦେଖା କରାଯାଇ ଟିମ୍‌ରୁ ବାଦ ଦିଆଯାଇ ଷ୍ଟାଣ୍ଡ ବାଏରେ ରଖାଯାଇଛି। ଚୟନ ପ୍ରକ୍ରିୟାରେ ଏତାଦୃଶ ପାତରଅନ୍ତର ଯୋଗୁଁ ବହୁ ମେଧାବୀ ଖେଳାଳି ରଣଜୀ ମ୍ୟାଚ ଖେଳିବା ପାଇଁ ବଞ୍ଚିତ ହେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, କିଛି ବର୍ଷ ତଳେ ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ତଥା ଦିଲ୍ଲୀପ ଟ୍ରଫିର ଅଧିନାୟକ ନଟରାଜ ବେହେରା ଚୟନ ପ୍ରକ୍ରିୟାରେ ପାତରଅନ୍ତରର ଶିକାର ହୋଇଥିବା କିଛି ଖେଳାଳିଙ୍କୁ ନେଇ ପାଟିତୁଣ୍ଡ କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। କ୍ରୀଡା ବିଭାଗ ଦ୍ୱାରା କ୍ରୀକେଟ ପ୍ରତିଭା ଚୟନରେ ବାରମ୍ବାର ଏପରି ପାତରଅନ୍ତର ହେଉଥିବାରୁ ଏକ ନିରପେକ୍ଷ ଚୟନ କମିଟି ଦ୍ୱାରା ଚୟନ କରାଯିବା ପାଇଁ ସେ ଅନୁରୋଧ କରିଥିଲେ। ମାତ୍ର ପ୍ରତିବର୍ଷ ବିଭାଗର ମନୋମୁଖୀ କାର୍ଯ୍ୟ ସ୍ଥାନୀୟ କ୍ରୀଡା ପ୍ରତିଭା ତଥା କ୍ରୀଡା ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷର ବହ୍ନି ଜଳୁଥିବା ସୂଚନା ମିଳିଛି। ଏନେଇ ଆର୍‌ଏସ୍‌ପି କ୍ରୀଡା ବିଭାଗ ଅଧିକାରୀ ରଘୁନନ୍ଦନ ପାଢ଼ୀଙ୍କୁ ପଚାରିବାରୁ ସେ ଏହି ଅଭିଯୋଗ କପୋଳକଳ୍ପିତ ତଥା ଭିତ୍ତିହୀନ ବୋଲି କହିଥିଲେ। ୫ ଜଣ ଅଭିଜ୍ଞ ବିଚାରକଙ୍କ ଦ୍ୱାରା ଟିମ୍ ଚୟନ କରାଯାଇଥିଲା। ୫ଟି ୱିକେଟ ହାସଲ କରିଥିବା ଖେଳାଳୀ ଜଣଙ୍କର ଫିଜିକାଲ ଫିଟନେସ ନଥିବା ସେ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠିଛି ଯେ, ଯଦି ସେ ଶାରିରିକ ଭାବେ ଦୁର୍ବଳ ଥିଲେ, ତେବେ ତାଙ୍କୁ ପ୍ରଥମରୁ କାହିଁକି ବାରଣ କରାଗଲାନି। ଯଦିଓ ସେ ୫ଟି ୱିକେଟ ନେଇଥିଲେ, ତେବେ ତାଙ୍କ ଠାରୁ ଯଥେଷ୍ଟ ଭଲ ଖେଳାଳି ଚୟନିତ ଟିମରେ ରହିଛନ୍ତି ବୋଲି ସେ କହିଥିଲେ। ତେବେ ସମ୍ପୃକ୍ତ ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟକଳାପରେ ସମସ୍ତେ ଅତିଷ୍ଠ ହୋଇ ପଡ଼ିଥିବା କ୍ରୀଡା ପ୍ରେମୀମାନେ ଅଭିଯୋଗ କରିଛନ୍ତି।

## ସିପିଆଇଏମ୍‌ର ପଶ୍ଚିମାଞ୍ଚଳ ଜୋନ୍‌ସ୍ତରୀୟ ଶିକ୍ଷା ଶିବିର ଉଦ୍‌ଘାଟିତ

**ରାଉରକେଲା, ୨୮ା୨(ସମିସ):** ସିପିଆଇଏମ୍ ରାଜ୍ୟ କମିଟି ନିଷ୍ପତ୍ତି କ୍ରମେ ପଶ୍ଚିମାଞ୍ଚଳ ଜୋନ୍‌ସ୍ତରୀୟ ଦୁଇ ଦିନିଆ ଶିକ୍ଷା ଶିବିର ଶକ୍ତିନଗର ସ୍ଥିତ ଏକେଜି ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ବରିଷ୍ଠ ନେତା ଜନାର୍ଦ୍ଦନ ପତି ନବ୍ୟ ଉଦାରବାଦ ଓ ସାମ୍ରାଜ୍ୟବାଦ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସଦସ୍ୟ ସନ୍ତୋଷ ଦାସ, ଅନ୍ୟତମ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି ଓ ରାଜ୍ୟ କମିଟି ସଦସ୍ୟ ତଥା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ଏଥିରେ ନବ୍ୟ ଉଦାରବାଦ ଓ ସାମ୍ରାଜ୍ୟବାଦ, ପାର୍ଟି କର୍ମ ସୂଚୀ, ପାର୍ଟି ସଂଗଠନ ଓ ସାମ୍ପ୍ରତିକ ପରିସ୍ଥିତିରେ ଆମର କର୍ତ୍ତବ୍ୟ ଶୀର୍ଷକ




ବିଷୟବସ୍ତୁ ଉପରେ ନେତୃତ୍ୱ ଶିକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କମିଟି ସଦସ୍ୟା ସୁଶିଳା ମୁଣ୍ଡା, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ, ପ୍ରଭାତ ପଣ୍ଡା, ଜିଲ୍ଲା କମିଟି ସଦସ୍ୟ ବସନ୍ତ ନାୟକ, ବି ପି ମହାପାତ୍ର, ଆନନ୍ଦ ମାସି ହରୋ, ଅନିରୁଦ୍ଧ ତ୍ରିପାଠୀ, ହୃଦୟାନନ୍ଦ ଯାଦବ, ତାଜମୁନ ନେହାର, ସମୀର ନାୟକ, ଲାଲ୍ ବାହାଦୁର ମହାନ୍ତ, ବାଦଲ ବାରିକ, ଗୌରୀ ଶଙ୍କର ପାତ୍ର, ରଘୁନାଥ ହନ୍ତାଳ, ଧରଣୀଧର ମହାନ୍ତ, କିଶୋର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଆଗମୀ ୧ ତାରିଖରେ ପାର୍ଟିର ସୁନ୍ଦରଗଡ଼ ଜିଲ୍ଲା ସ୍ତରୀୟ ଶିକ୍ଷା ଶିବିର ବଣାଇ ଠାରେ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

## ପକ୍‌ସୋ ମାମଲାରେ ଦୋଷୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ରାଉରକେଲା, ୨୮ା୨(ସମିସ):** ସୁନ୍ଦରଗଡ଼ ପକ୍‌ସୋ କୋର୍ଟର ବିଚାରପତି ଜ୍ଞାନରଞ୍ଜନ ପଟ୍ଟନାୟକ ଏକ ପକ୍‌ସୋ ମାମଲା ବିଚାର କରି ଅଭିଯୁକ୍ତ ଲେଫ୍ରିପଡ଼ା ଥାନା ଫିଟିଂପଡ଼ାର ଅରୁଣ କଲେଟକୁ ଦୋଷୀ ସାବ୍ୟସ୍ତ କରିବା ସହ ତାକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦେବାଶିଷ ମିଶ୍ର ଏବଂ ପ୍ରଭାତ ନନ୍ଦ ମିଳିତ ଭାବେ ସରକାରୀ ଓକିଲ ଭାବେ ଏହି ମାମଲାର ପରିଚାଳନା କରୁଥିଲେ।

## ଜାତୀୟ ହକି ଚାମ୍ପିଅନସିପ୍ › ଓଡ଼ିଶାର ପ୍ରତିନିଧିତ୍ୱ କଲେ ହୋମ୍ ଆଣ୍ଡ ହୋପ୍‌ର ୩ ବିଦ୍ୟାର୍ଥୀ

**ରାଉରକେଲା, ୨୮ା୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ପ୍ରୋତ୍ସାହିତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଉର୍ଦ୍ଧ୍ୱଷ୍ଟ ପ୍ରତିଷ୍ଠାନ ହୋମ୍ ଆଣ୍ଡ ହୋପ୍, ରାଉରକେଲାର ତିନି ଜଣ ଛାତ୍ରଛାତ୍ରୀ ୨୨ ରୁ ୨୬ ଫେବୃଆରୀ ପର୍ଯ୍ୟନ୍ତ ଫରିଦାବାଦ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ହକି ଚାମ୍ପିଅନସିପରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରି ସହର ପାଇଁ ଗର୍ବ ଏବଂ ଆନନ୍ଦ ଆଣି ଦେଇଛନ୍ତି। ବିଶ୍ୱନାଥ ଗୋଛାୟତ ଓ ପୀୟୁଷ ଗୁପ୍ତା ଓଡ଼ିଶା ବାଳକ ଦଳରେ ସାମିଲ ହୋଇଥିବା ବେଳେ ଏବଂ ଅର୍ଚ୍ଚିତା ମହାପାତ୍ର ଏହି ପ୍ରତିଯୋଗିତାରେ ଓଡ଼ିଶା ବାଳିକା ଦଳର ସାମିଲ ହୋଇ ରଜକ ପଦକ ଲାଭ କରିଥିଲେ। ଉଦୀୟମାନ ପ୍ରତିଭାମାନଙ୍କୁ ପବିତ୍ର କୁମାର କବି ପ୍ରଶିକ୍ଷିତ କରିଥିଲେ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟଟି ଓଡ଼ିଶା ସରକାରଙ୍କ ଯୁବ ଏବଂ କ୍ରୀଡା ବିଭାଗ ସହ ସହଭାଗୀତାରେ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଦ୍ୱାରା ପ୍ରାୟୋଜିତ ହୋଇଥିଲା। ଏଥିରେ ଦେଶର ଅନେକ ଶ୍ରେଷ୍ଠ ପାରା-ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି। ଏହି ତିନି ଜଣ କ୍ରୀଡାବିତ ଗତ ଜାନୁଆରୀ ୨୪ ଓ ୨୫ରେ ଖୋର୍ଦ୍ଧାରେ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ ଇଭେଣ୍ଟରେ ଆଥଲେଟିକ୍ସରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଅନୁଷ୍ଠାନ ଏବଂ ଅଞ୍ଚଳ ପାଇଁ ଗୌରବ ଆଣିଦେଇଥିଲେ।




## ସରକାରୀ ନିଷ୍ପତ୍ତି ପାଣିର ଗାର › ଗୁଟ୍‌ଖା କଳାବଜାର; ଧରିବ କିଏ ?

**ରାଉରକେଲା, ୨୮ା୨(ସମିସ):** ଗୁଟ୍‌ଖା ବିକ୍ରୀ ବନ୍ଦ ପାଇଁ ରାଜ୍ୟ ସରକାର କଡାକଡି ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହ ଗୁଟଖା ବିକ୍ରି କରୁଥିବା ଦୋକାନୀ ଏବଂ ଗୁଟଖା ଗଚ୍ଛିତ କରି ରଖୁଥିବା କଳା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାର ଚେତାବନୀ ଦେଇଛନ୍ତି। ହେଲେ ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶାନାମା ଏକ ପାଣିର ଗାର ସଦୃଶ ହୋଇଛି। ଧର୍ମକୁ ଆଖିଠାର ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଗୁଟ୍‌ଖା ବିକ୍ରି ଉପରେ ପ୍ରଥମେ ରୋକ୍ ଲଗାଯାଇଥିଲା। ପରେ କେବଳ ଗୁଟ୍‌ଖା ବିକ୍ରି ହୋଇପାରିବ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏଥିରୁ ଜରଦାକୁ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଥିଲା। ତେବେ ପ୍ରଥମ ରୋକ ବେଳେ ହଠାତ୍ ଗୋଟିଏ ଗୁଟଖା ପିଛା ୨ ଟଙ୍କା ଦର ବୃଦ୍ଧି ପାଇଥିଲା। ସେବେଠୁ ଏହି ଦର ବର୍ତ୍ତମାନ୍ ଯାଏଁ ଜାରି ରହିଛି। ଖୋଦ୍ ହୋଲସେଲରମାନେ ଉଚ୍ଚା ଦରରେ ବିକ୍ରି କରୁଥିବା ଯୋଗୁଁ ରିଟେଲରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଯୋଗ ମୁତାବକ, ପ୍ରତ୍ୟେକ ଗୁଟ୍‌ଖା ପ୍ୟାକେଟ ପିଛା ୭୦ରୁ ୮୦ ଟଙ୍କା ବୃଦ୍ଧି ହୋଇଛି। କମଳା ପସନ୍ଦର ପ୍ୟାକେଟ ପୂର୍ବରୁ ୧୩୫ ଟଙ୍କା ହୋଲସେଲ ଦର ଥିବା ବେଳେ ବର୍ତ୍ତମାନ ୨୦୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ସଫଳର ୧୨୬ ରୁ ୧୮୦, ରାଜ ନିବାସର ୧୩୦ରୁ ୧୮୦, ବିମଳର ୧୨୫ରୁ ୧୪୫, ସିଗ୍ନେଚରର ୨୨୫ରୁ ୨୮୦ ଟଙ୍କା ସମେତ ଅନ୍ୟ କମ୍ପାନୀର ଦର ମଧ୍ୟ ବୃଦ୍ଧି ପାଇଛି। ୫ ଟଙ୍କିଆ ଗୁଟଖା ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ପ୍ରକାର ଗୁଟ୍‌ଖାରେ ୨ ଟଙ୍କା ବଢ଼ିଛି। ଯାହାକି ଖୋଲାରେ କଳାବଜାରୀ ହେଉଛି। ସରକାର କେବଳ ଗୁଟ୍‌ଖା ବିକ୍ରି ହୋଇପାରିବ ବୋଲି ସ୍ପଷ୍ଟ କରିଥିବା ବେଳେ ଏଭଳି କଳାବଜାରୀ ଉପରେ କିଏ ରୋକ ଲଗାଇବ ବୋଲି ପ୍ରଶ୍ନ ଉଠିଛି। ଅପରପକ୍ଷେ ରିଟେଲରମାନେ ଅଧିକ ଟଙ୍କା ଦେଇ କ୍ରୟ କରୁଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଧ୍ୟାନ ଦେବାକୁ ଦାବି କରାଯାଇଛି।

## ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ଗାନ୍ଧୀ ମହାବିଦ୍ୟାଳୟ ପରିଦର୍ଶନ

**ରାଉରକେଲା, ୨୮ା୨(ସମିସ):** ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳିପ୍ରସାଦ ମହାପାତ୍ର ଶନିବାର ଗାନ୍ଧୀ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଗାନ୍ଧୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଚନ୍ଦ୍ରିକା ପଟ୍ଟନାୟକ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ବନଜା ମିଶ୍ର, ଆକାଉଣ୍ଟସ ବର୍ସାର ସୁରେଶ କୁମାର ମହାପାତ୍ର, ନମିତା ରଥ, କୋଷାଧ୍ୟକ୍ଷ ହୃଷିକେଶ ସାହୁ, ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀମାନଙ୍କ ସହ ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ମହାବିଦ୍ୟାଳୟର ଅନେକ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଖୁବଶୀଘ୍ର ସମସ୍ୟାର ସମାଧାନର ରାସ୍ତା ଫିଟିବାକୁ ଯାଉଛି ବୋଲି ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ଆଶ୍ୱସ୍ତି ପ୍ରଦାନ କରିଥିଲେ। ଏଥିସହ ନିର୍ଦ୍ଦେଶକ ମହାବିଦ୍ୟାଳୟର ପାଠାଗାର ପରିଦର୍ଶନ କରିବା ସହ ବିଭିନ୍ନ ଶ୍ରେଣୀ ଗୃହ ପରିଦର୍ଶନ କରି ଛାତ୍ରଛାତ୍ରୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ।



# ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ




**ରାଉରକେଲା, ୨୮ା୨(ସମିସ):** ରାଉରକେଲା ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ରାଉରକେଲାର ସେରାମିକ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଶାନ୍ତନୁ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ମନୋଭାବ ଅଙ୍ଗୀକାର କରିବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ, ବିଜ୍ଞାନ କେବଳ ପାଠ୍ୟପୁସ୍ତକର ଅଧ୍ୟୟନ ନୁହେଁ; ଏହା ହେଉଛି ଚିନ୍ତନ, ପ୍ରୟୋଗ ଓ ନୂତନତ୍ୱର ଅବିରତ ଯାତ୍ରା। ଯୁବପିଢ଼ି ନିଜର ମେଧା, ସୃଜନଶୀଳତା ଓ କଠୋର ପରିଶ୍ରମ ଦ୍ୱାରା ଦେଶକୁ ବିକଶିତ ଭାରତର ପଥରେ ଆଗେଇ ନେବାରେ ସକ୍ଷମ ବୋଲି ମତ ପ୍ରକାଶ କରିଥିଲେ। ଅଧ୍ୟକ୍ଷା ଡ. ସସ୍ମିତା ସାମଲ ସ୍ୱାଗତ ଭାଷଣରେ ଚଳିତ ବର୍ଷର ଥିମ୍ 'ବିଜ୍ଞାନରେ ନାରୀ-ବିକଶିତ ଭାରତର ଉତ୍‌ପ୍ରେରକ ଶକ୍ତି' ଉପରେ ଆଲୋକପାତ କରି ନାରୀମାନଙ୍କ ସୃଜନଶୀଳ ଅବଦାନ ବିନା ବୈଜ୍ଞାନିକ ଉନ୍ନତି ଅପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମଟି ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ସ୍ମୃତି ସ୍ନିଗ୍ଧା ମିଶ୍ରଙ୍କ ସଂଯୋଜନାରେ ପରିଚାଳିତ ହୋଇଥିଲା। ଅଧ୍ୟାପକ ଡ. ପ୍ରତାପ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଅନ୍ନପୂର୍ଣ୍ଣା ମହନ୍ତ ଭାରତୀୟ ବିଜ୍ଞାନର ଦୀର୍ଘ ଯାତ୍ରାରେ ନାରୀମାନଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ନିକଟରେ ଆୟୋଜିତ ବିଜ୍ଞାନ ଅଲିମ୍ପିଆଡ୍‌ରେ ଭାଗନେଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଉଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

## ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ › କୁଆଁରମୁଣ୍ଡା ଗ୍ରୀନ୍ କ୍ଲବ୍ ଚାମ୍ପିଅନ୍

ରାଉରକେଲା, ୨୮ା୨(ସମିସ)




ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଶୁକ୍ରବାର ଇସ୍ପାତ ଷ୍ଟାଡିୟମଠାରେ ଆୟୋଜିତ ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ କୁଆଁରମୁଣ୍ଡା ବ୍ଲକର ଗ୍ରୀନ୍ କ୍ଲବ ଦଳ ଚାମ୍ପିଅନ୍ ହୋଇଛନ୍ତି। ଆରଏସପି ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍‌ରେ କୁଆଁରମୁଣ୍ଡା ବ୍ଲକର ତେଲିପୋଷ ଗ୍ରାମର ଗ୍ରୀନ କ୍ଲବ ଦଳ, ଲାଠିକଟା ବ୍ଲକର ନୂଆଗାଁ ଗ୍ରାମର ଅଂସାରୀ ଦଳକୁ ୩-୦ ଗୋଲରେ ପରାସ୍ତ କରି ଚାମ୍ପିଅନ୍ ଟ୍ରଫି ହାସଲ କରିଛି। ସୂଚନାଯୋଗ୍ୟ, ନୂଆଗାଁ, ବିସ୍ରା, କୁଆଁରମୁଣ୍ଡା ଏବଂ ଲାଠିକଟା ଚାରୋଟି ରାଜସ୍ୱ ବ୍ଲକରେ ପୂର୍ବରୁ ଆୟୋଜିତ ହୋଇଥିବା ବ୍ଲକସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ୧୨୮ ଟି ଦଳ ଅଂଶଗ୍ରହଣ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ଲକର ଶ୍ରେଷ୍ଠ ୨ ଟି ଦଳ ଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏହାର ଉଦଯାପନୀ ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଏଚଆର ବିଭାଗର ସିଜିଏମ ମାନସ ରଞ୍ଜନ ରଥ, ଏଚଆର ଏଲ ଆଣ୍ଡ ଡି ବିଭାଗର ସିଜିଏମ ପିକେ ସାହୁ, ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବିକେ ଜୋଜୋଙ୍କ ସମେତ କାରଖାନା ତଥା ସିଏସ୍‌ଆର୍ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ସିଂହ ଫୁଟବଲକୁ ପ୍ରଥମେ କିକ୍ କରି ଫାଇନାଲ ମ୍ୟାଚର ଆରମ୍ଭ କରିଥିଲେ। ବିଜେତା ଦଳକୁ ଟ୍ରଫି, ସାର୍ଟିଫିକେଟ୍, ସହ ୨୦, ୦୦୦ ଟଙ୍କାର ଅର୍ଥ ରାଶିର ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ରନର୍ସଅପ୍ ଦଳକୁ ଟ୍ରଫି, ସାର୍ଟିଫିକେଟ୍ ସହ ୧୫୦୦୦ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଗ୍ରୀନ୍ କ୍ଲବର ରୋହିତ କିଷାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା। ଅମର ବ୍ରଦର୍ସ, ବେଲଡିପାରୁ ଆୟୁଷ ମିଞ୍ଜ୍ ଶ୍ରେଷ୍ଠ ସ୍କୋରର ବିବେଚିତ ହୋଇଥିବା ବେଳେ ଅନସାରୀ କ୍ଲବର ନିଶିକାନ୍ତ ଏକ୍କା ଶ୍ରେଷ୍ଠ ଡିଫେଣ୍ଡର ଏବଂ ଗ୍ରୀନ୍ କ୍ଲବର ଓସ୍କାର ମିଞ୍ଜ୍ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲକିପର ରୂପେ ପୁରସ୍କୃତ ହୋଇଥିଲେ। ଭାସ୍କର ନନ୍ଦ ମ୍ୟାଚ୍ କମିଶନର ଥିଲେ। ମ୍ୟାଚ୍ ପରିଚାଳନା କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ମ୍ୟାଚ୍ ଅଫିସିଆଲଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ପୂର୍ବାହ୍ନରେ ବି କେ ଜୋଜୋ ସମସ୍ତ ଅଂଶଗ୍ରହଣକାରୀ ଦଳ, ମ୍ୟାଚ୍ ଆୟୋଜକ ଏବଂ ମ୍ୟାଚ୍ ପ୍ରେମୀଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ। ଜିଏମ୍ ଇନଚାର୍ଜ (ସିଏସ୍‌ଆର୍) ଶ୍ରୀମତି ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିବା ବେଳେ ବିଭାଗର ଜିଏମ ବିଭାବସୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍‌ଆର୍ ବିଭାଗର ଡିଜିଏମ୍ ଟିବି ଟପ୍ପୋ ଏବଂ ସେକ୍ସନ୍ ଅଫିସର ବି. ଏକ୍କା ସମାରୋହକୁ ସଂଯୋଜନା କରିଥିଲେ।

## ଚୌଦ୍ୱାର ଚିଟ୍‌ଫଣ୍ଡ ଘଟଣାରେ ପୁଲିସର ନିଷ୍କ୍ରିୟତା

# ଜମାକାରୀଙ୍କୁ ନ୍ୟାୟ ମିଳିବ କେବେ ?

ଚୌଦ୍ୱାର,୨୮।୨(ସମିସ): ଚୌଦ୍ୱାର ଅଞ୍ଚଳରେ ଚିଟଫଣ୍ଡ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଦିନକୁ ଦିନ ଜମାକାରୀଙ୍କ ତାଲିକା ବଢୁଥିବାବେଳେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଥାନା ପଛଘୁଞ୍ଚା ଦେଉଥିବା ପୁଲିସ ବିଭାଗର ପାରିବା ପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ କମିସନରେଟ ପୁଲିସ ମାନୁ ନ ଥିବା ଅଭିଯୋଗ ହୋଇଛି। ପ୍ରାୟ ୪୦କୋଟି ଟଙ୍କାରୁ ଉଦ୍ଧ୍ୱର୍ ଠକେଇ କରିଥିବା ଅଭିଯୁକ୍ତ ଏବେ ଖୁଲମଖୁଲା ବୁଲିବା ସହିତ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ ଚଳାଉଥିବାବେଳେ ପୁଲିସ ସେମାନଙ୍କୁ ଧରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି।

ଅଭିଯୋଗ ଅନୁଯାୟୀ, ଚୌଦ୍ୱାର ବାଟବୁଢ଼ୀ କଲୋନୀରେ ରହୁଥିବା ପ୍ରମୋଦ ଜେନା ନାମକ ଜଣେ ବ୍ୟକ୍ତି ସ୍ଥାନୀୟ ଟାଙ୍ଗୀଥାନା ଅନ୍ତର୍ଗତ ମଙ୍ଗୁଳି ଛକରେ ଏକ ରଙ୍ଗ ଦୋକାନ କରିଛନ୍ତି। ସେଠାରେ ଗ୍ରାହକମାନଙ୍କୁ ଲୋଭ ଦେଖାଇ କୌଶଳକ୍ରମେ ଲକ୍ଷାଧିକ ଟଙ୍କା ଠକି ନେଇଥିଲେ। ଏପରିକି ଏକ ବଡ଼ ଫାଇନାନ୍ସ କମ୍ପାନୀର ନାଁ ନେଇ ଲୋକଙ୍କୁ ଲୁଟୁଥିଲେ ବୋଲି ଅଭିଯୋଗକାରୀ ଜମାକାରୀମାନେ କହିଛନ୍ତି। ଏପରିକି ଶ୍ରୀ ଜେନା ଏବଂ ତାଙ୍କର ଜଣେ ବାନ୍ଧବୀଙ୍କ ସହ ମିଶି ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଚୌଦ୍ୱାର ଥାନାରେ ଜମାକାରୀମାନେ ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ ମଧ୍ୟ ଥାନା ସେହି କେଶକୁ ଗ୍ରହଣ ନ କରିବା ଯୋଗୁଁ ଜମାକାରୀମାନେ ବାଧ୍ୟ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ଘଟଣାକୁ ହାଇକୋର୍ଟ ଗମ୍ଭୀରତାର ସହ ଗ୍ରହଣ କରି ତୁରନ୍ତ ମାମଲା କରିବା ପାଇଁ କମିଶନରେଟ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କୋର୍ଟଙ୍କ ଚାପରେ ପୁଲିସ ଅଭିଯୋଗକାରୀଙ୍କ ଠାରୁ ଏତଲା ଗ୍ରହଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅଭିଯୋଗ ଅନୁଯାୟୀ ରଙ୍ଗ ବ୍ୟବସାୟୀ ଶ୍ରୀ ଜେନା ଏତେଗୁଡ଼ିଏ ଟଙ୍କା ପୁଣି ଏକାଧିକ ବ୍ୟକ୍ତିଙ୍କୁ ଚୂନ ଲଗାଇଥିଲେ ମଧ୍ୟ ସମସ୍ତ ପ୍ରମାଣ ପାଇ ସୁଦ୍ଧା କମିଶନରେଟ ପୁଲିସର ନିଦ ଭାଙ୍ଗୁନାହିଁ। ଏନେଇ ଚୌଦ୍ୱାର ଥାନା ସମେତ ଜିଲ୍ଲାର ବିଭିନ୍ନ ଥାନାରେ ମଧ୍ୟ ଜମାକାରୀମାନେ ଅଭିଯୋଗ କରୁଥିବା ଜଣାପଡ଼ିଛି। ତଥାପି ଅଭିଯୁକ୍ତ ଖୁଲମଖୁଲା ବୁଲୁଥିବାବେଳେ ପୁଲିସ କାହିଁକି ସେମାନଙ୍କୁ ଧରୁନି ତାହା ନେଇ ପ୍ରଶ୍ନ ଉଠିବା ସହ ଶ୍ରୀ ଜେନାଙ୍କ ସହିତ ଥାନା ଅଧିକାରୀଙ୍କ ଭିତିରିଆ ସମ୍ପର୍କ ରହିଥିବା ଅଭିଯୋଗ ହେଉଛି। ଗୋଟିଏ ପଟେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁଥିଲେ ମଧ୍ୟ ଚିଟଫଣ୍ଡ ଘଟଣାରେ ସରକାରଙ୍କ ପକ୍ଷରୁ ଯେଉଁଭଳି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ବାଚନ ପୂର୍ବରୁ ନେତାମାନେ କହୁଥିଲେ ଏବେ ସେଥିରେ ଶିଥିଳ ପଡ଼ିଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

ସୂଚନାଯୋଗ୍ୟ ଯେ ପୁଲିସର କୌଣସି ସହଯୋଗ ନ ମିଳିବା ଯୋଗୁଁ ଏ ନେଇ ହାଇକୋର୍ଟରେ ରିଟ ପିଟସନ ୧୩୬୬/୨୫ ଦାଖଲ କରି ଅଭିଯୋଗ କରିବା ପରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଚୌଦ୍ୱାର ଥାନା ଏତଲା ଗ୍ରହଣ କରି ମାମଲା କରିଥିଲା। ତେବେ ଏ ନେଇ ଅଧିକ ତଦନ୍ତ କରିବା ନିମନ୍ତେ ଜଣେ ଏସଆଇଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଥିଲା। ଏହି ଘଟଣା ପ୍ରଘଟ ହେବା ପରେ ବହୁ ଜମାକାରୀ ଏବେ ସମ୍ମୁଖକୁ ଆସିଥିବାବେଳେ ପୁଲିସ ଠାରୁ ନ୍ୟାୟ ପାଉ ନ ଥିବା ଅଭିଯୋଗ ହୋଇଛି। ସେମାନେ ନ୍ୟାୟ ପାଇବା ତଥା ସେମାନଙ୍କ ଜମା ରାଶି ଫେରସ୍ତ ନିମନ୍ତେ କୋର୍ଟଙ୍କ ଦ୍ୱାରସ୍ତ ହୋଇଛନ୍ତି। ତେବେ ଏହା ପୂର୍ବରୁ ମଧ୍ୟ ଚୌଦ୍ୱାର ଥାନାରେ କେଶ ନମ୍ବର ୭୪୨/୨୫ ଏବଂ ୭୪୪/୨୫ ଦୁଇଟି ମାମଲା ରୁଜୁ ହୋଇଥିଲା। ତେବେ ଏହି ଘଟଣାରେ ଏବେ ସୁଦ୍ଧା ୫ଜଣଙ୍କ ନାମ ଆଗକୁ ଆସିଥିବାବେଳେ ଆହୁରି ବହୁ ଜମାକାରୀ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କୁ କେବେ ନ୍ୟାୟ ମିଳିବ ସେନେଇ ପ୍ରଶ୍ନ କରିଛନ୍ତି।

## ଛାଣିପୁର ବାଇଗଣ ପଡ଼ିଆ ମେଳଣ



ସାଲେପୁର,୨୮।୨(ସମିସ): ଛାଣିପୁର ପଞ୍ଚାୟତ ଛାଣିପୁର ହାଇସ୍କୁଲ ନିକଟରେ ବାଇଗଣ ପଡ଼ିଆ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣରେ ହଜାର ହଜାର ଜନସାଧାରଣ ଯୋଗଦେଇଥିଲେ। ବହୁ ବର୍ଷ ଧରି ଏହି ବାଇଗଣ ପଡ଼ିଆ ମେଳଣ ଅନୁଷ୍ଠିତ ହୋଇଆସୁଥିବାବେଳେ ରଘୁନାଥଜୀଉ ଗାଦୀ ବିମାନ, ଗୋପାଳଜୀଉ ବିମାନ ସମେତ ୨୨ଟି ଦୋଳ ବିମାନ ଯାତ୍ରାରେ ଆସି ଭାଗନେଇଥିଲେ। ବାଜା, ଘଣ୍ଟ, ମୃଦଙ୍ଗର ତାଳେ ତାଳେ ଠାକୁର ବିମାନଗୁଡ଼ିକ ଶୋଭାଯାତ୍ରାରେ ଆସିଥିବାବେଳେ ଶ୍ରଦ୍ଧାଳୁମାନେ ସେମାନଙ୍କ ଆରାଧ୍ୟ ଦେବତାଙ୍କୁ ବିମାନରେ ଦର୍ଶନ କରି ସନ୍ତୋଷ ଲାଭ କରିଥିଲେ। ଯାତ୍ରା ପଡ଼ିଆରେ ରଙ୍ଗବେରଙ୍ଗର ବିଭିନ୍ନ ଦୋକାନରେ ଶ୍ରଦ୍ଧାଳୁମାନେ ଜିନିଷ କିଣିବା ସହ ଯାତ୍ରାକୁ ଉପଭୋଗ କରିଥିଲେ। ମେଳଣ କମିଟିର ସଭାପତି ପୂର୍ବତନ ବରିଷ୍ଠ ପୁଲିସ ଅଧିକାରୀ ବିଭୁତିଭୂଷଣ ପଟ୍ଟନାୟକ, ସଂପାଦକ ବିଭୁତିଭୂଷଣ ଦାସ, କାର୍ଯ୍ୟକାରୀ ସଭାପତି ସ୍ମୃତିରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ରାଧାକାନ୍ତ ମହାନ୍ତି, ଡାକ୍ତର ସ୍ୱଦେଶ ପଟ୍ଟନାୟକଙ୍କ ସମେତ ଗ୍ରାମବାସୀ ପରଚାଳନା କରିଥିଲେ।

## ନିର୍ମାଣାଧୀନ ପାଚେରି ଭୁଶୁଡ଼ି ତିନି ଶ୍ରମିକ ଗୁରୁତର



ନିଶ୍ଚିନ୍ତକୋଇଲି, ୨୮।୨ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱର୍ ବାହାବଲପୁର ଛକ ନିକଟରେ ଏକ ପାଚେରି ନିର୍ମାଣ ସମୟରେ ଭୁଶୁଡି ଯିବାରୁ କାର୍ଯ୍ୟରତ ତିନି ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସେକ୍ ମୁର୍ସିକରାଜ, ରାଜ କମଲ ଓ ରାଜକୁମାର ରାଜସାହା। ସମସ୍ତଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ବଡମେଡିକାଲକୁ ପଠାଯାଇଛି। କେନ୍ଦ୍ରାପଡା ଜିଲ୍ଲା ନିକରେଇ ଗ୍ରାମର ସେକ୍ ଇସଲାମ୍ ଏଠାରେ ଏକ ଜମି କିଣି ନୂତନ ଭାବେ ଗୃହ ନିର୍ମାଣ କରୁଛନ୍ତି। ଏହି ଗୃହ ନିର୍ମାଣ ସମୟରେ ତାଙ୍କ ପୂର୍ବ ପାର୍ଶ୍ୱର୍ରେ ମାଟି ତଳୁ ଏକ ପାଚେରି ନିର୍ମାଣ କରାଯାଇଥିଲା। ସେହି ପାଚେରି ପାର୍ଶ୍ୱର୍ରେ ପାଇଖାନା ଟାଙ୍କି ଖୋଳା ମଧ୍ୟ ହୋଇଥିଲା। ଶନିବାର ପୂର୍ବାହ୍ନରେ ମୁର୍ସିଦାବାଦ୍ ଅଞ୍ଚଳର ଠିକା ନେଇଥିବା କେତେକ ଶ୍ରମିକ ଏଠାରେ କାର୍ଯ୍ୟ କରୁଥିବା ବେଳେ ହଠାତ୍ ପାଚେରିଟି ଭୁଶୁଡି ପଡିବାରୁ ତା ମଧ୍ୟରେ ତିନିଜଣ ରହିଯାଇଥିଲେ।

## ବିପୁଳ ମଦ ଜବତ

ଆଠଗଡ଼,୨୮।୨(ସମିସ): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ତଥା ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆଠଗଡ଼ ଥାନା କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଶନିବାର ଆଠଗଡ ଅବକାରୀ ବିଭାଗ ଏବଂ ନରସିଂହପୁର ଅବକାରୀ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉରେ ୧୮୨୦ ଲିଟର ଦେଶୀ ମଦ ଓ ୧୨୮୪୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ବିଭାଗ ପକ୍ଷରୁ ଏଥି ନେଇ ୫ଟି ମାମଲା ରୁଜୁ କରାଯାଇଛି।

## ପାଗଳା କୁକୁର କାମୁଡ଼ାରେ ୧୮ ଆହତ

ଆଠଗଡ,୨୮।୨(ସମିସ): ଗତ ତିନି ଦିନ ମଧ୍ୟରେ ଗୋଟିଏ ପାଗଳା କୁକୁର କାମୁଡ଼ାରେ ୧୮ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ଜଣାପଡିଛି। କୁକୁରଟି ଆଠଗଡ଼ ଚାନ୍ଦବାଲି ଛକରୁ ଆରମ୍ଭ କରି ବଜାର ମଧ୍ୟରେ ଲୋକମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି। ଏହି କୁକୁର କାମୁଡ଼ାରେ ବୟସ୍କ ଲୋକଙ୍କଠାରୁ ଆରମ୍ଭ କରି କଲେଜ ଯାଉଥିବା ଛାତ୍ରଛାତ୍ରୀ ମଧ୍ୟ ଆହତ ହୋଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ଆଠଗଡ଼ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ରାତିଅଧରେ ବେଆଇନ୍ ବାଲି ଚାଲାଣ

ସାଲେପୁର,୨୮।୨(ସମିସ): ଚିତ୍ରୋତ୍ପଳା ନଦୀର ବିଭିନ୍ନ ସ୍ଥାନରୁ ରାତିରେ ବାଲି ଉଠାଯାଉଥିବା ଦେଖିବାକୁ ମିଳିଛି। ଏପରିକି ବିଳମ୍ବିତ ରାତ୍ରିରେ ବିଭିନ୍ନ ହାଇୱା ଓ ଟ୍ରାକ୍ଟରରେ ନଦୀ ଭିତରୁ ବାଲି ଉଠାଯାଇ ବିକ୍ରୟ କରାଯାଉଛି। ଖଣି ବିଭାଗ ଓ ତହସିଲ ପ୍ରଶାସନ ତଥା ପୁଲିସ ପକ୍ଷରୁ ଏହି କ୍ଷେତ୍ରରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉ ନ ଥିବାରୁ ବାଲି ମାଫିଆମାନେ ସାଲେପୁର ଅଞ୍ଚଳରେ ସକ୍ରିୟ ହୋଇପଡିଛନ୍ତି। ବିଶେଷ କରି ଚିତ୍ରୋତ୍ପଳା ଓ ବିରୂପା ତଥା ମହାନଦୀରୁ ବାଲି ଶହ ଶହ ଗାଡ଼ିରେ ବୁହାହୋଇ ଚାଲିଛି। କୌଣସି କଟକଣା ଲାଗି ନ ଥିବାରୁ ଅବାଧରେ ଏହିସବୁ ଗାଡ଼ିଗୁଡିକ ଯିବାଆସିବା କରୁଥିବାବେଳେ ଏହି ଘଟଣାରେ ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି।

## ଯୁବକଙ୍କ ଏକାଦଶାହରେ ଶୋକସଭା

ତିଗିରିଆ,୨୮।୨(ସମିସ): ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅନ୍ତର୍ଗତ ପାଇକିଆଁରା ଗୋଡ଼ିସାହିର ଯୁବକ ସିଦ୍ଧେଶ୍ୱର ଜେନା (୨୬)ଙ୍କ ଏକାଦଶାହ ଅବସରରେ ଶୁକ୍ରବାର ଏକ ଶୋକସଭା ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ସାହିର ଯୁବକ ସଂଘର ସଦସ୍ୟଙ୍କ ଦ୍ୱାରା ମହମବତି ଶୋଭାଯାତ୍ରାର ଆୟୋଜନ କରାଯାଇ ସାହି ପରିକ୍ରମା କରିବା ପରେ ସିଦ୍ଧେଶ୍ୱରଙ୍କ ଅମର ଆତ୍ମାର ସଦଗତି ପାଇଁ ଶନି ମଣ୍ଡପଠାରେ ଏକ ଶୋକସଭା ଆୟୋଜନ କରାଯାଇ ଦୁଇ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା। ସାହିର ସମସ୍ତ ଯୁବକ ଏକତ୍ରିତ ହୋଇ ସିଦ୍ଧେଶ୍ୱରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସାମ୍ବାଦିକ ସମ୍ମିଳନୀରେ ହିସାବ ରଖିଲେ ସରପଞ୍ଚ

## ବାଗଲପୁର ପଞ୍ଚାୟତର ବିକାଶ ଚିତ୍ର

କଣ୍ଟାପଡ଼ା,୨୮।୨(ସମିସ): କଣ୍ଟାପଡ଼ା ବ୍ଲକରେ ବିଭିନ୍ନ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା ଜାରି ରହିଥିବା ସମୟରେ ବାଗଲପୁର ପଞ୍ଚାୟତ ସରପଞ୍ଚ ଜ୍ୟୋସ୍ନାରାଣୀ ସେଠୀ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ବିସ୍ତୃତ ତାଲିକା ପ୍ରଦାନ କରିଛନ୍ତି। ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ ସରକାରୀ ଯୋଜନା ବିଜିବିଓ, ବିଧାୟକଙ୍କ ପାଣ୍ଠି, ପିଏମ୍‌ଶ୍ରୀ ଏବଂ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ବିନିଯୋଗ କରାଯାଇଥିବା ଅର୍ଥର ହିସାବ ସେ ସାର୍ବଜନୀନ କରିଛନ୍ତି। ସରପଞ୍ଚଙ୍କ ସୂଚନା ଅନୁଯାୟୀ, ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ ପାଇଁ ୨୫ ଲକ୍ଷ ଟଙ୍କା ଏବଂ ବାଳିକା ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ଲୋକନାଥ ମହାଦେବଙ୍କ ଯଜ୍ଞ ମଣ୍ଡପ, ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ମରାମତି, ସିସି ରୋଡ୍ ନିର୍ମାଣ, ଭାଗବତ ଟୁଙ୍ଗି ଏବଂ ସୁନ୍ଦରଗ୍ରାମରେ ଏକ ପାଠାଗାର ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ବିନିଯୋଗ ହୋଇଛି। କେତେକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନ୍ୟ କେତେକ କାର୍ଯ୍ୟାଦେଶ ପ୍ରକ୍ରିୟାରେ ରହିଥିବା ସେ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ବିଜେପି ନେତା କୈଳାଶ ଦାଶ, ମୁନା ସେନାପତି ଏବଂ ଅଶୋକ ରଥ ଉପସ୍ଥିତ ରହି ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

## ଡ୍ରିମ୍‌ସରେ ନବ ସୃଜନ ଓ ଦକ୍ଷତା ବିକାଶ କର୍ମଶାଳା





କଟକ,୨୮।୨(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ନବ ସୃଜନ ପରିଷଦ (ଆଇଆଇସି) ଓ ଭୁବନେଶ୍ୱରସ୍ଥିତ ବୈଜ୍ଞାନିକ ତଥା ଓ୍ୟଃଦ୍ୟୋଗିକ ଅନୁସନ୍ଧାନ ପରିଷଦ-ଖଣିଜ ଏବଂ ସାମଗ୍ରୀ ପ୍ରାଦ୍ୟୋଗିକ ସଂସ୍ଥାନ (ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟି) ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ଟେକ୍‌ନୋଲୋଜି, ଇନୋଭେସନ୍, ଓ ମ୍ୟାନେଜେମେଣ୍ଟ ଏକ୍ସିଲେନ୍ସ: ଆଇପି ଇଣ୍ଟରଫେସ୍' ପ୍ରସଙ୍ଗ ଆଧାରିତ କର୍ମଶାଳାରେ ଡ୍ରିମ୍‌ସ ସମେତ ବିଭିନ୍ନ ଉଚ୍ଚତର ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକ, ଅଧ୍ୟାପିକା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ମାନିତ ବକ୍ତା ଭାବରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ପ୍ରମୁଖ ବୈଜ୍ଞାନିକ ଡ. ଟି. ପବନ କୁମାର, ବୈଜ୍ଞାନିକ ଡ. ମମତା ମହାପାତ୍ର ଏବଂ କେଜେ ଶଙ୍କରନ୍ ଇଣ୍ଟରନେଟ୍ ପ୍ରୋଟକଲ୍ ମାଧ୍ୟମରେ ପ୍ରଯୁକ୍ତି, ନବସୃଜନ ଓ ପରିଚାଳନାର ଉତ୍କର୍ଷ, ବୌଦ୍ଧିକ ସମ୍ପତ୍ତିର ଅଧିକାର, ପ୍ରଯୁକ୍ତିବିଦ୍ୟା, ଅତୀତ ଓ ବର୍ତ୍ତମାନର ସମ୍ବଳ ପୁନରୁଦ୍ଧାର ସହିତ ପରିବେଶଗତ ପ୍ରୟୋଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ ହୋତା ନବସୃଜନ-ଚାଳିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ କର୍ମଶାଳାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। 'ଡିନ୍' (ଗବେଷଣା) ତଥା ଆଇଆଇସିର ଉପସଭାପତି ପ୍ରାଧ୍ୟାପକ ଡ. ବିଶ୍ୱରଂଜନ ମହାନ୍ତି କର୍ମଶାଳାର ପୃଷ୍ଠଭୂମି ଉପରେ ସୂଚନା ଦେଇଥିଲେ। ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ଡେପୁଟୀ ରେଜିଷ୍ଟ୍ରାର ଶିଶିର ସାହୁ, ନିର୍ଦ୍ଦେଶକ (ଆଇକ୍ୟୁଏସି) ଡ. ଆଲୋକ ରଂଜନ ବିଶ୍ୱାଳ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, 'ଡିନ୍' ନୟନ ରଂଜନ ସାମଲ, ଡ. କୁମ୍ଭକର୍ଣ୍ଣ ରାଉତ, ଡ. ଦୁର୍ଗା ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନର 'ଡିନ୍', ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଆଇଆଇସି-ଆଇପିଆର ସଂଯୋଜକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, ଆଇଆଇସି-ଷ୍ଟାର୍ଟଅପ୍ ପ୍ରୋଗ୍ରାମ ସଂଯୋଜକ ଡ. ବଜ୍ରପଞ୍ଜର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଧ୍ୟାପିକା ଡ. ଦେବଯାନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଆଇଆଇସି ସଂଯୋଜକ ଡ. ଦୀପକ ରଂଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ପୌର କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଚୌଦ୍ୱାର,୨୮।୨(ସମିସ): ଚୌଦ୍ୱାର ପୌରପାଳିକାର ଦୁଇଜଣ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଓ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଅତିଥି ଭାବେ ଅବସରପ୍ରାପ୍ତ ଡ୍ରାଇଭର କମଲ ମୁସ୍ତାଫା ଓ ଟ୍ୟାକ୍ସ କଲେକ୍ଟର ପବିତ୍ର ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୌର ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଞ୍ଜୟ ସାମଲ, ଶୁଭଶ୍ରୀ ବେହେରା, ପୂର୍ଣ୍ଣଚନ୍ଦ୍ର ପାଣି, ପିୟୂଷ ସାହୁ, ବିଚିତ୍ରାନନ୍ଦ ସ୍ୱାଇଁ, ତପନ ସାହୁ, ବିମଳ ମହାନ୍ତି, ସନ୍ତୋଷ, ସନ୍ତୋଷ ପାଣି, ନିକିତା ଜେନାଙ୍କ ସମେତ ସମସ୍ତ ପୌର କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଫସଲ ନଷ୍ଟ କଲେ ହାତୀପଲ



ଆଠଗଡ,୨୮।୨(ସମିସ): ଗତକାଲି ରାତିରେ ହାତୀ ପଲ ବିଲରେ ପଶି ଧାନ ସହିତ ଅନ୍ୟାନ୍ୟ ଫସଲ ନଷ୍ଟ କରିଥିବା ଜଣାପଡିଛି। ଆଠଗଡ ବନଖଣ୍ଡ ସଦର ରେଞ୍ଜର ମହୀଧରପୁର ମାହାଲରେ ଏକ ହାତୀ ପଲ ପର୍ଶୁରାମ ରାଉତଙ୍କ ଡାଲୁଅ ଧାନ ସହ ଖରାଦିନିଆ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ତିଗିରିଆ ଶୋରିଷ ପାଳ ଜଙ୍ଗଲରୁ ହାତୀ ପଲ ଆସି ରାତିରେ ଫସଲ ନଷ୍ଟ କରିବା ସହିତ ଫେରିଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ବୌଦା ବନଖଣ୍ଡି, ଚଉଦଘରିଆ ସୋଲଗାଡିଆ ମହୀଧରପୁର, ବୁଦ୍ଧିଆ ପାଟଣା ଆଦି ଗ୍ରାମର ଲୋକଙ୍କର ବିଲ ସହିତ ବାରି ଘରେ ପଶି ଫସଲ ନଷ୍ଟ କରିଥିବା ଜଣାପଡିଛି। ବନବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବା ପାଇଁ ଚାଷୀ ମହଲରେ ଦାବି ହୋଇଛି।

## ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ

ବଡମ୍ବା,୨୮।୨(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଉତ୍କଳ ସେବକ ସମାଜ' ଏବଂ "ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ'ର ମିଳିତ ସହଯୋଗରେ ବଡ଼ମ୍ବା ବ୍ଲକର ଗୋପପୁର ଅଙ୍ଗନବାଡ଼ି ସେକ୍ଟରରେ "ବାଲ୍ୟ ବିବାହ ମୁକ୍ତ ଭାରତ" ନିମନ୍ତେ ଏକ ୧୦୦ ଦିନିଆ ସ୍ୱତନ୍ତ୍ର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଅଧିକାର କର୍ମୀ ଚିନ୍ମୟ ଗୋଛିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ଭଳି ସାମାଜିକ କୁସଂସ୍କାରକୁ ମୂଳପୋଛ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ଉତ୍କଳ ସେବକ ସମାଜ ଦୀର୍ଘ ୩୬ ବର୍ଷର ଅଭିଜ୍ଞତାକୁ ଆଧାର କରି ଗତ ଦୁଇ ବର୍ଷ ହେବ ଏହି ଅଭିଯାନକୁ ତୃଣମୂଳସ୍ତରରେ ସଫଳ କରିବାକୁ ବିଭିନ୍ନ ପ୍ରୟାସ ଜାରି ରଖିଛି। ଏହି କାର୍ଯ୍ୟକ୍ରମରେ ଗୋପପୁର ଓ ଗୋପୀନାଥପୁର ସେକ୍ଟରର ମଣ୍ଡଳ ପରିଦର୍ଶିକା ବିନୋଦିନୀ ବେହେରା ସହଯୋଗ କରିଥିଲେ। ଅଭିଯାନ ମାଧ୍ୟମରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ଜନପ୍ରତିନିଧିମାନଙ୍କୁ "ବାଲ୍ୟ ବିବାହ ନିଷେଧ ଅଧିନିୟମ-୨୦୦୬' ଏବଂ "ପୋକ୍ସୋ ଆଇନ-୨୦୧୨' ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ବଡ଼ମ୍ବା ବ୍ଲକକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସେକ୍ଟରର ସମସ୍ତ ଅଙ୍ଗନବାଡ଼ି କର୍ମୀମାନେ ଶପଥ ପାଠ କରିଥିଲେ। ପୀଡ଼ିତାଙ୍କୁ ଆଇନଗତ ସହାୟତା ଏବଂ ଗ୍ରାମାଞ୍ଚଳରେ ଜନସଚେତନତା ସୃଷ୍ଟି କରିବା ଏହି ୧୦୦ ଦିନିଆ ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ଉଚ୍ଚପଦାରେ ଜାତୀୟ ବିଜ୍ଞାନ ଦିବସ



ଟାଙ୍ଗୀ,୨୮।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଚ୍ଚପଦାସ୍ଥିତ ମହନ୍ତ ନୋଡାଲ ବିଦ୍ୟାପୀଠ ପରିସରରେ ବିଦ୍ୟାପୀଠର ଶକ୍ତି କ୍ଲବ ଓ କୃଷି ବିଜ୍ଞାନ କେନ୍ଦ୍ର କଟକ ମିଳିତ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଶନିବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସବିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ର କଟକର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ରଞ୍ଜନ ମହାନ୍ତ ଯୋଗଦେଇ ସାର ସିଭି ରମଣଙ୍କ ଜୀବନୀ ଓ ଆବିଷ୍କୃତ ରମଣ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବଳଦେବଜୀଉ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ନିଶ୍ଚିନ୍ତକୋଇଲି, ୨୮।୨ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁରସ୍ଥିତ ବଳଦେବଜୀଉ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ୫୦ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ବିସିଏର ପରିଚାଳକ ରମାକାନ୍ତ ପରିଡାଙ୍କ ସଂଯୋଜନାରେ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ସରପଞ୍ଚ ତିଳୋତ୍ତମା ରାଉତ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ମ୍ୟାନେଜିଂ ଟ୍ରଷ୍ଟୀ ଧୀରେନ୍ଦ୍ରନାଥ ବେହେରା, ମୁଖ୍ୟବକ୍ତା ଭାବେ ଉତ୍ସାହ ପରିବାରର ସଭାପତି ଦେବାଶିଷ ବେଉରା, ସମ୍ମାନିତ ଅତିଥି ଭାବେ ଯୁବ ଇଂଜିନିୟର ଚନ୍ଦନ ରାଉତ, ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନ ଯୋଗ ଦେଇଥିଲେ। ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ଗ୍ରାମାଞ୍ଚଳର ୩୨ଟି କ୍ରିକେଟ ଦଳ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ସାଲେପୁର ଡିଡିଏଲ୍‌କୁ ହରାଇ ଗୋତରା ରାଇଜିଂ ସ୍ପୋର୍ଟିଙ୍ଗ୍ ବିଜୟୀ ହୋଇଛି। ପ୍ରଦୀପ୍ତ ଦାସ, ନିତ୍ୟାନନ୍ଦ ସ୍ୱାଇଁଙ୍କ ସଂଯୋଜନାରେ ତାପସ ଦାସ, ଅଶୋକ ରାଉତ, ସତ୍ୟପ୍ରକାଶ ନାୟକ, ବିଶ୍ୱଜିତ୍ ମହାପାତ୍ର, ଦେବାଶିଷ ସେଠୀ, ଆଲୋକ ପରିଡା, ରକି ରାଉତ, ସରୋଜଶକ୍ତି ପ୍ରଧାନ, ମନୁ ମହାପାତ୍ର ସହଯୋଗ କରୁଛନ୍ତି। ତପନ ସିଂ, ଶୁଭାଷିଶ ବେହେରା ଖେଳ ପରିଚାଳନା କରିଥିଲା ବେଳେ କେଦାର ଓଝା ଓ ହୃଷୀକେଶ ପଣ୍ଡା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ।

## ସଉଦା ହରାଉଛି 'ଗନ୍ଧର୍ପା'

# ଦଳରେ ପୋତି ହେଲାଣି ତିଗିରିଆର ଜୀବନରେଖା



### ପୁନରୁଦ୍ଧାର ଅଭାବରୁ ଶୁଖିଲା ପଡ଼ିଛି କୃଷିକ୍ଷେତ୍ର

### ବିପଦରେ ପରିବା ଚାଷ ଓ ମତ୍ସ୍ୟଜୀବୀଙ୍କ ଜୀବିକା

ତିଗିରିଆ,୨୮।୨(ସମିସ): କଟକ ଜିଲ୍ଲାର "ସଜ ପରିବା ଗାଁ' ଭାବେ ପରିଚିତ ତିଗିରିଆ ବ୍ଲକ ଏବଂ ବାଙ୍କୀର ଉତ୍ତରକୁଳାଟ ଅଞ୍ଚଳର ଚାଷୀଙ୍କ ପାଇଁ ଗନ୍ଧର୍ପା ନାଳ ଏକ ଆଶୀର୍ବାଦ ସଦୃଶ ଥିଲା। ରାଜରାଜୁଡ଼ା ଅମଳରୁ ଗାଇନାଳରୁ ହୁଲୁହୁଲା ମୁହାଣ ପର୍ଯ୍ୟନ୍ତ ପ୍ରାୟ ୧୨ କିଲୋମିଟର ଲମ୍ବର ଏହି ଜଳାଶୟ ଏକ ନଦୀର ପରିଚୟ ବହନ କରୁଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ, ଦୀର୍ଘ ଦିନ ଧରି ରକ୍ଷଣାବେକ୍ଷଣ ଅଭାବରୁ ଏହି ନାଳ ଏବେ କୁଢ଼କୁଢ଼ ନାଗା ଦଳ ଓ ଅନାବନା ଘାସରେ ପରିପୂର୍ଣ୍ଣ ହୋଇଯାଇଛି। ଯେଉଁ ଜଳାଶୟ ଦିନେ ସାରା ଜିଲ୍ଲାକୁ ପରିବା ଯୋଗାଉଥିବା ଚାଷୀଙ୍କ ମେରୁଦଣ୍ଡ ଥିଲା, ତାହା ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ତିଗିରିଆ ବ୍ଲକର ଗଦାଧରପୁର, ବିନ୍ଧାଣିମା, ପୁରୁଣା ତିଗିରିଆ, ବିଷ୍ଣୁପୁର, ସୋମପଡ଼ା ଓ ବଡ଼ନାଉପୁଟ ଭଳି ୬ଟି ପଞ୍ଚାୟତ ସମେତ ବାଙ୍କୀ ବ୍ଲକର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗ୍ରାମର ହଜାର ହଜାର କୃଷକ ଏହି ନାଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ନାଳ ପୋତି ହୋଇଯିବା ଫଳରେ ଜଳଧାରଣ କ୍ଷମତା କମିବାରେ ଲାଗିଛି, ଯାହାଦ୍ୱାରା ଖରାଦିନ ଆରମ୍ଭରୁ ହିଁ ପାଣି ଶୁଖିଯାଉଛି। ଏହାଫଳରେ ଗ୍ରୀଷ୍ମ ଋତୁରେ ପରିବା ଚାଷ ପାଇଁ ଜଳସେଚନର କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। କେବଳ ଚାଷ ନୁହେଁ, ଏହି ନାଳରୁ ପାଣି ପିଇବାକୁ ଯାଉଥିବା ଗାଇଗୋରୁମାନେ ଦଳରେ ଫସି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ, ମତ୍ସ୍ୟଜୀବୀମାନେ ମଧ୍ୟ ନିଜର ଜୀବିକା ହରାଇଛନ୍ତି। ପୂର୍ବରୁ ତହସିଲ ପକ୍ଷରୁ ମାଛ ମାରିବା ପାଇଁ ହେଉଥିବା ନିଲାମ ପ୍ରକ୍ରିୟା ଗତ କିଛି ବର୍ଷ ହେବ ବନ୍ଦ ରହିଛି। ଗଦାଧରପୁର ପଞ୍ଚାୟତର କଳିବିରି ଗ୍ରାମର ସୁନେଇ ରୂପେଇ ପୀଠରୁ ମହାନଦୀ ମୁହାଁଣ ପର୍ଯ୍ୟନ୍ତ ଏହି ନାଳର ପୁନରୁଦ୍ଧାର ପାଇଁ ସ୍ଥାନୀୟ ମା' ସୁନେଇ ଠାକୁରାଣୀ ମତ୍ସ୍ୟଜୀବୀ ସଂଘ ଓ ସାଧାରଣ ଜନତା ବାରମ୍ବାର ଦାବି କରିଆସୁଛନ୍ତି। ମାତ୍ର ପ୍ରଶାସନ ଏ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଦି ତୁରନ୍ତ ନାଳରୁ ନାଗା ଦଳ ସଫା କରାଯାଇ ଏହାର ପୁନରୁଦ୍ଧାର କରାଯାଏ, ତେବେ ତିଗିରିଆର ପରିବା ଚାଷ ପୁଣି ଥରେ ହସିଉଠିବ ଏବଂ ହଜାର ହଜାର ଚାଷୀ ପରିବାର ଉପକୃତ ହେବେ।

● ଢେଙ୍କାନାଳ ପୌରପାଳିକାର ଅଜବ ନୀତି

# ପ୍ରଥମେ ବିଲ୍ ପରେ କାମ

ଢେଙ୍କାନାଳ,୨୮ ।୨(ସମିସ): ଢେଙ୍କାନାଳ ପୌରପାଳିକାର ଅଜବ ନୀତି। ପ୍ରଥମେ ବିଲ କର ପରେ କାମ ହେବ। ଏପରି ଘଟଣା ଦେଖିବାକୁ ମିଳିଛି ୨ନଂ ୱାର୍ଡରେ। ୪ ଲକ୍ଷ ଟଙ୍କାର ଡ୍ରେନ କାମର ସୂଚନା ଫଳକ ଅନୁସାରେ ୨୦୨୬ ଜାନୁଆରୀ ୨୯ରୁ କାମ ଆରମ୍ଭ ହୋଇ ୨୦୨୬ ଫେବୃଆରୀ ୧୨ରେ ଶେଷ ହୋଇଯାଇଛି। ମାତ୍ର ବାସ୍ତବରେ କାମ ଆରମ୍ଭ ମଧ୍ୟ ହୋଇ ନାହିଁ। ସଂସ୍ଥା ପକ୍ଷରୁ ଗୋଡ଼ି ଓ ବାଲି ଦୀର୍ଘଦିନରୁ ପକାଇ ରଖାଯାଇଛି। ଏହା ପଛରେ ଦୁର୍ନୀତିର ଗନ୍ଧ ବାରି ହୋଇ ପଡୁଛି। ବେଆଇନ ଟେଣ୍ଡର ହେଉଥିବା ଯୋଗୁଁ ବିରୋଧୀ କାଉନସିଲରମାନେ ଧାରଣାରେ ବସିଥିଲେ। ପୌରାଞ୍ଚଳରେ ଏପରି ଅନିୟମିତତା ପଛରେ ପୌରାଧକ୍ଷା ଦାୟୀ ବୋଲି ଅଭିଯୋଗ କରିଥିଲେ। ଏହାର ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।



# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ

ଭୁବନ,୨୮ ।୨(ସମିସ): ହାତୀ ଆକ୍ରମଣରେ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି ସାଂସଦ ଓ ବିଧାୟକ। ଗତ ୧୭ ତାରିଖ ଭୋର୍ ସମୟରେ ହାତୀ ଆକ୍ରମଣରେ ଭୁବନ ବନାଞ୍ଚଳ ଗଡ଼ନୃସିଂହପ୍ରସାଦ ପଞ୍ଚାୟତ ବାସୁଦେଇପୁର ଦେହୁରୀ ସାହିର ମଦନ ଦେହୁରୀଙ୍କ ମୃତ୍ୟୁ ହୋଇଥିଲା। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନା ଶୁକ୍ରବାର ତାଙ୍କ ଦଶାହ ଅବସରରେ ମଦନଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଯଥାଶୀଘ୍ର କ୍ଷତିପୂରଣ ଓ ସମସ୍ତ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ରେଞ୍ଜର ରାକେଶ ଦଳେଇଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେମାନନ୍ଦ ଜେନା, ସିପୁଲ ଜେନା, ବୀରେନ୍ଦ୍ର ପ୍ରତାପ ଜେନା ଉପସ୍ଥିତ ଥିଲେ।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

କାମାକ୍ଷାନଗର,୨୮ ।୨(ସମିସ): କାମାକ୍ଷାନଗର ଥାନା ବଡ଼ସୁଆଳ ଗାଁ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଇନ୍ଦିପୁର ଗାଁର ରଞ୍ଜି ନାଏକ। ସେ ରାସ୍ତାରେ ଯାଉଥିବା ବେଳେ କୌଣସି ଗାଡ଼ି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ପାଣିଟାଙ୍କିରେ ମହୁ ଖାଇବାକୁ ଆସୁଛି ଭାଲୁ

ଭୁବନ,୨୮ ।୨(ସମିସ): ପାଣିଟାଙ୍କିରେ ମହୁ ଖାଇବାପାଇଁ ଆସୁଛି ଭାଲୁ। ଭୟରେ ଜୀବନ କାଟୁଛନ୍ତି ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ଭୁବନ ବ୍ଲକ ଦୟାଣାବିଲ ପଞ୍ଚାୟତ ମଠନୂଆଗାଁରେ ଥିବା ଓଭରହେଡ ପାଣିଟାଙ୍କିରେ। ଏହି ପାଣିଟାଙ୍କିରେ ୩୦ରୁ ଊର୍ଦ୍ଧ୍ୱ ମହୁଫେଣା ରହିଛି। ସନ୍ଧ୍ୟାହେଲେ ଭାଲୁ ପାଣିଟାଙ୍କି ଉପରକୁ ଚଢ଼ି ମହୁ ଖାଉଛି। ମହୁମାଛି ଆକ୍ରମଣରେ ରଡ଼ି ମଧ୍ୟ ଛାଡୁଛି। ରାସ୍ତାରେ ଉତ୍ପାତ କରୁଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଦୀର୍ଘ ୩ ଦିନ ହେଲା ଏଭଳି ଉପଦ୍ରବ କରୁଛି ଭାଲୁ। ତେବେ ଏ ଦିଗରେ ଭୁବନ ବନ ବିଭାଗର ତତ୍ପରତା ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମହୁ ଫେଣା ହଟାଇବା ସହ ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସିଆରପି ରଞ୍ଜିତା ଦାସ, ଦମୟନ୍ତି ସେଠୀ ଦାବି କରିଛନ୍ତି।

# ହାଇୱା-ଟ୍ରେଲର ଧକ୍କା; ଜଣେ ଗୁରୁତର

କାମାକ୍ଷାନଗର,୨୮ ।୨(ସମିସ): ୫୩ନଂ ଜାତୀୟ ରାଜପଥର କାମାକ୍ଷାନଗର ଥାନା ଆଳତୁମା ବାଇପାସ୍‌ରେ ଶନିବାର ଅପରାହ୍ନରେ ଟ୍ରେଲର ଓ ହାଇୱା ଧକ୍କା ହେବାରୁ ହାଇୱା ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଓଡ଼ାପଡ଼ା ଥାନା ଅଞ୍ଚଳର ଦୋଳଗୋବିନ୍ଦ ଦେହୁରୀ (୩୮)। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି।

# ବାରହା ଆକ୍ରମଣରେ ୨ ଗୁରୁତର

ଭୁବନ,୨୮ ।୨(ସମିସ): ବାରହା ଆକ୍ରମଣରେ ଦୁଇ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି। ଭୁବନ ବନାଞ୍ଚଳ ଯମୁନାକୋଟ ପଞ୍ଚାୟତ କୃଷ୍ଣପୁର ଗ୍ରାମରେ ଏହି ଘଟଣା ଘଟିଛି। ଶୁକ୍ରବାର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଚାଲିଥିଲା। ଶନିବାର ସକାଳେ କାର୍ଯ୍ୟକ୍ରମ ଉଦଯାପିତ ହେବାପରେ ଗ୍ରାମର ନନ୍ଦ ରାଉତଙ୍କ ପୁଅ ବଳରାମ ରାଉତ (୩୮) ଏବଂ ଉତ୍କଳ ପାଣିଙ୍କ ପୁଅ ଦିବାକର ପାଣି (୫୫) ସେଠାରୁ ଫେରୁଥିବା ବେଳେ ହଠାତ ଏକ ବାର୍‌ହା ଉଭୟଙ୍କୁ ଆକ୍ରମଣ କରିଥିଲା। ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭୁବନ ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ବନାଞ୍ଚଳ ଅଧିକାରୀ ରାକେଶ ଦଳେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧାର୍ମାନନ୍ଦ ବରାଳ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।



ଡିଆଇଇଟିରେ ଜାତୀୟ ବିଜ୍ଞାନ ଦିବସ ପାଳିତ

# ‘ପେଟର ଭୋକଠୁ ପାଠର ଭୋକ ଅସ୍ଥିର କରୁଥିଲା’

ଢେଙ୍କାନାଳ,୨୮ ।୨(ସମିସ)

ପିଲାଦିନରୁ ମା' କୁ ହରେଇଛି। ବାପା ମୋ ଲାଗି ଥିଲେ ବାପା, ମା' ସବୁକିଛି। ପରିବାରର ଅବସ୍ଥା କିଛି ଭଲ ନ ଥିଲା। ଯେଉଁ ସମୟରେ ଖେଳନାଚ କରି ଗୀତଗାଇ ଜୀବନକୁ ହସଖୁସିରେ ବିତେଇବା କଥା ସେହି ସମୟରେ ମହୁଲ ଗୋଟେଇବା, କେନ୍ଦୁପତ୍ର ତୋଳିବା, ଫଡ଼ିରେ କାମ କରିବା, ମୂଲମଜୁରି କରିବା, ଇଟା ଗଢ଼ିବା ପରି କାର୍ଯ୍ୟ କରିବାକୁ ପଡ଼ିଛି। ବେଳାରେ ଗରମ ଭାତ ଗଣ୍ଡେ ଖାଇବା ଥିଲା ସାତସପନ। ପିଲାଦିନଟା ସାରା ସଂଗ୍ରାମରେ କଟେ। ଖରା, ବର୍ଷା, ଶୀତ, କାକରକୁ ଭ୍ରୂକ୍ଷେପ ନ କରି ମାଟି ସହ ମିଶିଯାଇଥିଲି। ସ୍ୱେଟର, ଜୋତା, ମୋଜା ପରି ଜିନିଷଗୁଡ଼ିକ କ'ଣ ଜାଣି ନ ଥିଲି। ସକଳ ଅଭାବ ଓ ପ୍ରତିବନ୍ଧକ ସତ୍ତ୍ୱେ ଗାଁ ସ୍କୁଲରୁ ପାଠ ସାରି ଗୋଶାଳା ନବୋଦୟ ବିଦ୍ୟାଳୟରେ ଯୋଗଦେଲି। ସେଠାରୁ ନାଇଜର ଓ ପରେ ଜର୍ମାନୀର ବର୍ଲିନ ଯାଏ ଯାତ୍ରା କରିବା କିଛି ବି ସହଜ ନ ଥିଲା। ମାତ୍ର ମୋ ଭିତରର ଦୃଢ଼ ମନୋବଳ ଓ ଆତ୍ମଚେଷ୍ଟା ମୋତେ ଆଶାତୀତ ସଫଳତା ଆଣିଦେଲା ବୋଲି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆୟୋଜିତ ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ବୈଜ୍ଞାନିକ ଡ. ଶେଷ କିଷାନ।



ଆତ୍ମଚେଷ୍ଟା ହିଁ ସଫଳତାର ଚାବିକାଠି: ଶେଷ କିସାନ

ବିନା ବହି ଖାତା, ଟିଉସନ କୋଚିଂ ଓ ପଇସାରେ ଜଣେ ନାଇଜର ପରି ଅନୁଷ୍ଠାନରେ ପାଠପଢ଼ି କିପରି ସଫଳତା ପାଇପାରେ ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଡ. ଶେଷ କିସାନ। ନିଜ ବାପା ଓ ଶିକ୍ଷକମାନଙ୍କୁ ଦେବତା ବୋଲି ମନେ କରୁଥିବା ଡ. କିସାନ କେବେ ବି ନିଜ ଉପରୁ ଆସ୍ଥା ହରେଇ ନାହାନ୍ତି। ବରଂ ପେଟର ଭୋକଠୁ ପାଠର ଭୋକ ତାଙ୍କୁ ଅସ୍ଥିର କରୁଥିଲା ସବୁବେଳେ। ନିଜେ ନିଜ ଲାଗି ପ୍ରେରଣା ସାଜି ବାଟ ଚାଲୁଥିଲେ। ଜୀବନ ସଂଗ୍ରାମରେ ସଫଳତା ପାଇଲା ପରେ ବି ୧୭୦ରୁ ଅଧିକ ଅନାଥ ଗରିବ ପିଲାଙ୍କୁ ସେ ନିଜ ଘରେ ରଖି ନିଜ ଖର୍ଚ୍ଚରେ ପଢ଼ାଉଛନ୍ତି। ଡ. କିସାନ ଫାର୍ମା ପ୍ରାଇଭେଟ ଲିମିଟେଡ ପ୍ରତିଷ୍ଠା କରି ୩୦୦ରୁ ଅଧିକ ପ୍ରକାରର ଔଷଧ ତିଆରି କରି କେବଳ ଦେଶରେ ନୁହେଁ ବରଂ ଦେଶର ବାହାରକୁ ରପ୍ତାନି କରୁଛନ୍ତି। ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଡ. କିସାନ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନମନସ୍କ ହେବାକୁ ପ୍ରେରଣା ଯୋଗାଇଥିଲେ। ଶିକ୍ଷକମାନେ ନିଜକୁ ଅନ୍ଧବିଶ୍ୱାସଠାରୁ ଦୂରେଇ ରଖିଲେ ତାହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡ଼େ ବୋଲି ସେ ମତବ୍ୟକ୍ତ କରିଥିଲେ। ଗୁରୁଛାତ୍ରୀ ବର୍ଷାରାଣୀ ବେହେରା ଓ ମଧୁସ୍ମିତା ରଣାଙ୍କ ସଂଯୋଜନାରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୁରୁଛାତ୍ରୀ ସ୍ନିଗ୍ଧାରାଣୀ ସାହୁ ଓ ଲକ୍ଷ୍ମୀପ୍ରିୟା ପୃଷ୍ଟି ଏବଂ ପ୍ରଶିକ୍ଷିକା ସୌମ୍ୟା ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଗୁରୁଛାତ୍ରୀ ସ୍ନେହରୁପା କର, ବର୍ଷାରାଣୀ ବେହେରା ଓ ମଧୁସ୍ମିତା ରଣାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଷ୍ଠାନ ତରଫରୁ ଡ. କିସାନକୁ ଉତ୍ତରୀୟ, ସ୍ମୃତି ସନ୍ତକ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପ୍ରାଚୀର ପତ୍ରିକା ମହ୍ଲାରର ହୋଲି ବିଶେଷାଙ୍କ ‘ରଙ୍ଗ’କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଗୁରୁଛାତ୍ର ଲଲାଟେନ୍ଦୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବନାଗ୍ନି ପ୍ରତିରୋଧ ସଚେତନତା ଅଭିଯାନ

କାମାକ୍ଷାନଗର,୨୮ ।୨(ସମିସ): ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ଜିରିଡ଼ାମାଳୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଉପଖଣ୍ଡସ୍ତରୀୟ ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ସୁଶାନ୍ତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର ଯୋଗଦେଇ କହିଲେ, ଜଙ୍ଗଲ ରହିଲେ ସୃଷ୍ଟି ରହିବ। ସାମ୍ପ୍ରତିକ ସ୍ଥିତିରେ ପରିବେଶ ସନ୍ତୁଳନ ରକ୍ଷା ପାଇଁ ଏକମାତ୍ର ଉପାୟ ନୂତନ ଜଙ୍ଗଲ ସୃଷ୍ଟି କରିବା। ଜଙ୍ଗଲ ଉପରେ ମନୁଷ୍ୟ, ପଶୁପକ୍ଷୀ ସମସ୍ତେ ନିର୍ଭରଶୀଳ। ଜଙ୍ଗଲ ନଷ୍ଟ ହେଲେ ଆଗାମୀ ପିଢ଼ି ନିଃଶ୍ୱାସ ପ୍ରଶ୍ୱାସ ନେବାପାଇଁ ଅମ୍ଳଜାନ ଥଳି କିଣି ବ୍ୟବହାର କରିବେ ବୋଲି ସେ କହିଥିଲେ। ଜଙ୍ଗଲ ରକ୍ଷା ପାଇଁ ପ୍ରତ୍ୟକ ବ୍ୟକ୍ତି ଗୋଟିଏ ଗୋଟିଏ ଚାରା ରୋପଣ କରିବାର ଆବଶ୍ୟକତା ରହିଛି ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫଓ କୁଞ୍ଜବିହାରୀ ନାୟକ, ରେଞ୍ଜର କୈଳାସ ସାହୁ, ରାକେଶ କୁମାର ଦଳାଇ, ଅଗ୍ନିଶମ ଅଧିକାରୀ ଶ୍ରୀକାନ୍ତ ବଳବନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ୭ ବର୍ଷ ଜେଲଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା ହେବା ଭଳି କଠୋର ଆଇନ ରହିଛି ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କାମାକ୍ଷାନଗର ଉପଖଣ୍ଡ ବନ କର୍ମଚାରୀ, ଗଜସାଥୀ, ବନ ସୁରକ୍ଷା ସମିତି କର୍ମକର୍ତ୍ତା, ପରିବେଶବିତ୍ ସହଯୋଗ କରିଥିଲେ।

# ବିଜୁ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



ଖଜୁରିଆକଟା,୨୮ ।୨(ସମିସ): ଆସନ୍ତା ମାର୍ଚ୍ଚ ୫ରେ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ନିମନ୍ତେ ହିନ୍ଦୋଳ ବିଜେଡି ପକ୍ଷରୁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସାତମାଇଲସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପୂର୍ବତନ ସାଂସଦ ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ସୁରୁଖୁରୁରେ ବିଜୁ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ନିର୍ବାଚନ ମଣ୍ଡଳୀର ସମସ୍ତ କାର୍ଯ୍ୟକର୍ତ୍ତା, କର୍ମୀ ଏଥିରେ ସାମିଲ ହେବାକୁ ପୂର୍ବତନ ସାଂସଦ ସାହ ଅନୁରୋଧ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, ଓଡ଼ାପଡ଼ା ସଭାପତି ଜଙ୍ଗୀ ନାଏକ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ରାଜ୍ୟ ସମ୍ପାଦିକା ମମତା ସାହୁ, ମହିଳା ସଭାପତି ଯୋଗମାୟା ଗଡ଼ନାୟକ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ଚକ୍ରଧର ଦାସ, ହିନ୍ଦୋଳ ବାର୍ ସଭାପତି ସୁଶୀଲ ଗଡ଼ନାୟକ, ମିଳନ ରାଉତ, ଦିପୁ ଗଡ଼ନାୟକ, ପ୍ରତାପ ସାହୁ, ଜିଲ୍ଲା ସମ୍ପାଦକ ଅଭିରାମ ଦଳେଇ, ରାଜେଶ ପରିଡ଼ା, ଅନନ୍ତ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଦେବୀପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଢେଙ୍କାନାଳ,୨୮ ।୨(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ କକ୍ଷରେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ସମୀର କୁମାର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସନ୍ଧ୍ୟାତାରା ସାହିତ୍ୟ ସଂସଦ ସଭାପତି ଭବାନୀ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ, କବି ଭୂଷଣ ସ୍ମୃତି ସଂସଦ ସଭାପତି ଶିକ୍ଷକ ଶଙ୍କର୍ଷଣ ଶତପଥୀ, ସମାଜସେବୀ ଅକ୍ଷୟ କୁମାର ମହାନ୍ତି, ରାଜ୍ୟସ୍ତରୀୟ ଅଧ୍ୟାପକ ସଂଘ ସଭାପତି ଗୋଲକ ନାୟକ, ସଂଗ୍ରାମ ପାଣି, ଗଗନ ବେଉରିଆ ପ୍ରମୁଖ ଯୋଗଦେଇ ସମୀରଙ୍କ ସଫଳତା ଉପରେ ବକ୍ତବ୍ୟ ରଖିଥିଲେ। ପୌରାଧକ୍ଷା ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରମୁଖ ଡ. ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ନବକିଶୋର ଗୁରୁ, ଭିକାରୀ ଚରଣ ରାଉତ, ଦିଲୀପ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଗୁରୁ ଅକ୍ଷୟ କୁମାର ନାୟକଙ୍କ ସଂଯୋଜନାରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଜାଗୃତି ଡ୍ୟାନ୍ସ ଏକାଡେମୀର ଗୁରୁ ରୁନା ଦାସଙ୍କ ସଂଯୋଜନାରେ ନୃତ୍ୟ ପରିବେଷଣ କରାଯାଇଥିଲା। ମାଇକ୍ରୋମିଡିଆର ନିର୍ଦ୍ଦେଶକ ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସ୍ୱର୍ଣ୍ଣଲତା ମାହାଳିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ଦୋଳ ଉତ୍ସବ

ଢେଙ୍କାନାଳ,୨୮ ।୨(ସମିସ): ମୀନାବଜାର ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ଦୋଳଉତ୍ସବ ଏକାଦଶୀଠାରୁ ଶ୍ରୀ ଦୋଳଗୋବିନ୍ଦଜୀଉ ଓ ଶ୍ରୀରାଧାଙ୍କ ସାହି ପରିକ୍ରମାରୁ ଆରମ୍ଭ ହୋଇଛି। ସୁସଜ୍ଜିତ ବିମାନରେ ଠାକୁରଙ୍କୁ ସାହି ପରିକ୍ରମା କରାଇ ପୂଜକ ଜିତେନ୍ଦ୍ର ଦାସ ଓ ରବିନାରାୟଣ ଦାସ ଭୋଗରାଗ ଅର୍ପଣ କରାଇଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, କୋଷାଧ୍ୟକ୍ଷ ଲୋକନାଥ ମହାପାତ୍ର, ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ସମ୍ପାଦକ ପୀତବାସ ସାହୁ, ଉପସଭାପତି ଉଦୟନାଥ ବେହେରା, ଶ୍ରୀକାନ୍ତ ମହାପାତ୍ର, ଦିଲୀପ କୁମାର ସାହୁ, ବୀରବର ସାହୁ, ପ୍ରଭାତ କୁମାର ଦଳେଇ, କୋଷାଧ୍ୟକ୍ଷ ଦୟାନିଧି ବେହେରା, ବିରଞ୍ଚି ରଣା, ଯଶୋବନ୍ତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଦେବତା, ହେମନ୍ତ ପଟ୍ଟନାୟକ, ସୁଧାଂଶୁ ସାହୁ, ମନୋରଞ୍ଜନ ମହାରଣା, ଦାମ ରଣା ପ୍ରମୁଖ ସହଯୋଗ କରିଥିଲେ।



# ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

ଗଁଦିଆ,୨୮ ।୨(ସମିସ): କରମୂଳ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସଭା ଆୟୋଜିତ ହୋଇଛି। ସିଆରସିସି ପୃଥ୍ୱୀରାଜ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ରଞ୍ଜିତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଅବସର ଗ୍ରହଣ କରିଥିବା ସଂସ୍କୃତ ଶିକ୍ଷକ ହରିହର ଦାଶ ଓ କର୍ମଚାରୀ ଅଜୟ କୁମାର ରଣାଙ୍କ ଦୀର୍ଘାୟୁ କାମନା କରିଥିଲେ। ଶିକ୍ଷକ ଶଙ୍କର୍ଷଣ ତରାଇ, ଅମ୍ବୁଜ ସାହୁ, ସତ୍ୟବାଦୀ ରାଉତ, ଅଶ୍ୱିନୀ ପତି ଉପସ୍ଥିତ ଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।




# ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୮ ।୨(ସମିସ)

ସ୍ଥାନୀୟ ନୂଆପୋଖରୀସ୍ଥିତ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରରେ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ୮ ବ୍ଲକ୍, ୩ ଏନ୍‌ଏସି ଓ ଗୋଟିଏ ମ୍ୟୁନିସିପାଲିଟିର ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ପରିଷଦ ସଭାପତି ଦୁର୍ଗାଚରଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକରମରେ ଅତିଥି ଭାବେ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି, ଅକ୍ଷୟ କୁମାର ସାହୁ, ସମ୍ପାଦକ ଗୁଣଧର ମିଶ୍ର ଓ ଢେଙ୍କାନାଳ ଅତିରିକ୍ତ ଏସ୍‌ପି ନିରଞ୍ଜନ ପାଢ଼ୀ ଯୋଗଦେଇଥିଲେ। ତେବେ କାର୍ଯ୍ୟକ୍ରମକୁ ଜିଲ୍ଲାର ଲୋକପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ କେହି ଉପସ୍ଥିତ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ବରିଷ୍ଠ ନାଗରିକମାନଙ୍କ ପାଇଁ ରହିଥିବା ପୁଲିସ ସହାୟତା ସମ୍ପର୍କରେ ଅତିରିକ୍ତ ଏସ୍‌ପି ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଉପସଭାପତି ବାହାଦୁର ପାଟ୍ଟଶାହାଣୀ, ବିନାୟକ ଶତପଥୀ, ଡ. ସୁସନ୍ଧ୍ୟା ମହାନ୍ତି, ପ୍ରମୋଦ ନନ୍ଦ, ସହସମ୍ପାଦକ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ରଞ୍ଜନ ପଟ୍ଟନାୟକ, ସଂଯୋଜକ ଅମ୍ବିକା ବରାଳଙ୍କ ସମେତ ବିଭିନ୍ନ ବ୍ଲକ୍‌ର ସଭାପତି ଓ ସମ୍ପାଦକ ଭାଗ ନେଇଥିଲେ। ଭୁବନ ବ୍ଲକର ରଥ ସେଠୀ, ବ୍ରଜ ରାଉତ, ଦୁର୍ଗାଚରଣ ପୃଷ୍ଟି, ହିନ୍ଦୋଳରୁ ଶ୍ରୀନିବାସ ମିଶ୍ର, ବିନୟ ସାମଲ, କଙ୍କଡ଼ାହାଡ଼ରୁ ଭଗବାନ ସିଂ, ପୀତାମ୍ବର ସାହୁ, ଦୁଃଖବନ୍ଧୁ ସାହୁ, ଗଁଦିଆର ବିପିନ୍ ସିଂ, ହେମନ୍ତ ବ୍ରହ୍ମ, ଓଡ଼ାପଡ଼ାରୁ ଡ. ନୃସିଂହ ନାଏକ, କୈଳାସ ସାହୁ, ଅନ୍ତର୍ଯ୍ୟାମୀ ବରାଳ, ସଦର ବ୍ଲକ୍‌ରୁ ରମାମଣି ସାହୁ, ସୁବାସ ଶତପଥୀ, ଭରତ ସାମଲ, ନବକିଶୋର ପୁହାଣ, ଢେଙ୍କାନାଳ ମ୍ୟୁନିସିପାଲିଟିର ଲକ୍ଷ୍ମୀଧର ବାରିକ, ପ୍ରଶାନ୍ତ ମିଶ୍ର, ପ୍ରସନ୍ନ ସାହୁ, ପ୍ରାଣବନ୍ଧୁ ସ୍ୱାଇଁ, ଅଦ୍ୱୈତ ରାଉତ, ସତ୍ୟବ୍ରତ ମାଟିଆ ମିଶ୍ର, ସୁଧାକର ମହାନ୍ତି, ବିଜୟ ଜେନା ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ଓ ରତିକାନ୍ତ ଗଡ଼ନାୟକ ଧନ୍ୟବାଦ ଦେଇଥିଲେ।



# ଗିରିଧାରୀ ଆଶ୍ରମରେ ୪୧ତମ ଚାରଣ ମହୋତ୍ସବ



ଗଁଦିଆ,୨୮ ।୨(ସମିସ): ସ୍ଥାନୀୟ ଗିରିଧାରୀ ଆଶ୍ରମରେ ଚାରଣ ଶାଖା ଗଁଦିଆ ପଟଣା ତରଫରୁ ଶୁକ୍ରବାରଠାରୁ ଶ୍ରୀଜଗନ୍ନାଥ ଚାରଣ ମହୋତ୍ସବ ଆରମ୍ଭ ହୋଇଛି। ୧୦୮ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆଶ୍ରମ ପରିସର ଯଜ୍ଞ ମଣ୍ଡପରେ ପ୍ରତ୍ୟହ ସୂର୍ଯ୍ୟପୂଜା, ଷୋଡ଼ଷ ଉପଚାର ପୂଜା, ସମୂହ ସ୍ୱାଧ୍ୟାୟ, ଯୋଗଶିକ୍ଷା, ସ୍କନ୍ଦପୁରାଣ ଅନ୍ତର୍ଗତ ବୈଷ୍ଣବଖଣ୍ଡ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମହାତ ପାରାୟଣ ଶ୍ରୀମଦ ଭାଗବତ ପାଠ ଆଦି କାର୍ଯ୍ୟକ୍ରମ କରାଯାଉଛି। ସୋମବାର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଢେଙ୍କାନାଳ ଜିଲ୍ଲା ସଙ୍ଗଠକ ଚାରଣ ଦେବାଶିଷ ସାହୁ, ବିଶିକେଶନ ସାହୁ, ଅଭିମନ୍ୟୁ ଦାସ ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଚାଲିଛି।

# ଜନଗଣନା ପାଇଁ ତାଲିମ ଶିବିର

ଢେଙ୍କାନାଳ,୨୮ ।୨(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ୨୦୨୭ ଜନଗଣନା ଅନ୍ତର୍ଗତ ଘର ତାଲିକା ପ୍ରସ୍ତୁତି ଓ ଗୃହ ଗଣନା ସମ୍ପର୍କିତ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ତହସିଲଦାର, ଅତିରିକ୍ତ ତହସିଲଦାର, ପୌରପାଳିକା ଓ ଏନ୍‌ଏସିର ନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ। ଭାରତର ଜନଗଣନା କମିଶନର ଏବଂ ଓଡ଼ିଶା ଜନଗଣନା କାର୍ଯ୍ୟାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ, ଚଳିତ ଜନଗଣନାରେ ଡିଜିଟାଲ୍ ପ୍ରକ୍ରିୟା ଏବଂ ନିଜସ୍ୱ-ଗଣନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟରୁ ଆସିଥିବା ମାଷ୍ଟର ଟ୍ରେନର ଏବଂ ଜିଲ୍ଲା ଦାୟିତ୍ୱରେ ଥିବା ଅଧିକାରୀମାନେ ସଠିକ୍ ତଥ୍ୟ ସଂଗ୍ରହ ପାଇଁ ମୋବାଇଲ୍ ଆପ୍ଲିକେସନ୍ ଓ ଡିଜିଟାଲ୍ ଉପକରଣର ବ୍ୟବହାର ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହା ସହିତ କ୍ଷେତ୍ର ସ୍ତରରେ କାର୍ଯ୍ୟକାରିତା, ତଦାରଖ ପ୍ରକ୍ରିୟା ଏବଂ ଡାଟା ପରିଚାଳନାର ନିରାପତ୍ତା ସମ୍ବନ୍ଧରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଜନଗଣନାକୁ ସୁବ୍ୟବସ୍ଥିତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କୁହାଯାଇଛି।

## କଳା ନିକେତନର ରଙ୍ଗୋଲି କାର୍ଯ୍ୟକ୍ରମ



ଆନନ୍ଦପୁର, ୨୮।୨ (ସମିସ): ଶାଳପଡ଼ା ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ଶ୍ରୀ ଶ୍ରୀ ୟୁନିଭରସିଟି ପ୍ରାଙ୍ଗଣରେ "ରଙ୍ଗ ରଙ୍ଗୋଲି' କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଶଂସିତ ହୋଇଛନ୍ତି। ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟ ଶିଳ୍ପୀ ମୋନିକା ଦାଶ, ଲିଜାରାଣୀ ସାହୁ, ପୂଜାରାଣୀ ସାହୁ, ପ୍ରତୀକ୍ଷା ଦାଶ, ଖୁସି ନାୟକ, ଆରାଧ୍ୟା ସାହୁ, ଦେବହୁତି ପଟ୍ଟନାୟକ, ପରିଣତି ଚକ୍ର, ବିନୋଦ ଓଝା ପ୍ରମୁଖ "ବିମାନେ ଦୋଳ ଗୋବିନ୍ଦ', "ଏ ବରଷ ହୋଲି ଟିକେ ଅଲଗା', "ରଙ୍ଗ ବୋଳି ଦେବା' ଗୀତରେ ଦୁଲୁକାଇ ଦେଇଥିଲେ ବିଭିନ୍ନ ରାଜନୈତିକ ବ୍ୟକ୍ତିମାନେ ଯୋଗ ଦେବା ସହିତ କଣ୍ଠ ଶିଳ୍ପୀ ତାରିଫ ଆଜିଜ, ସୋହିନୀ ମିଶ୍ର, ଅଭିନେତ୍ରୀ ବିଦୁସ୍ମିତା, ଅଭିନେତ୍ରୀ ମିଲି ମହାନ୍ତି ନୃତ୍ୟ ଶିଳ୍ପୀଙ୍କ ସହିତ ରଙ୍ଗରେ ମସଗୁଲ ହୋଲି ଧୁମ ନାଚିଥିଲେ।

## ଶତାୟୁ ମହିଳାଙ୍କ ପରଲୋକ



ଆନନ୍ଦପୁର, ୨୮।୨ (ସମିସ): ବଲରାମପୁର ପଞ୍ଚାୟତ କାଇନିପୁରା ଗ୍ରାମର ଧର୍ମପରାୟଣା ଶତାୟୁ ମହିଳା ସ୍ୱର୍ଗତ ରାମଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ରଙ୍ଗବତୀ ସାହୁଙ୍କ ଶନିବାର ଅପରାହ୍ନରେ ପରଲୋକ ହୋଇଛି। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶବଦାହ ପରିବାର ଓ ଗ୍ରାମବାସୀଙ୍କ ଗହଣରେ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ଗଗନ ବିହାରୀ ସାହୁ ମୁଖାଗ୍ନି ଦେଇଥିଲେ। ପୁତୁରା ଅଭିମନ୍ୟୁ, ପବିତ୍ର, ଜନାର୍ଦ୍ଦନ ଓ ଝିଅ ଦୁର୍ଗା, ସତ୍ୟଭାମା, କୁନି, ମାଳ, ପଦ୍ମାବତୀ, ବାସନ୍ତୀ ଓ ସେବତୀ ଏବଂ ବୋହୂ ନନ୍ଦିନୀ, ସେବତୀ, ଅମରାବତୀ, ସୁରମା ଓ ଜ୍ୱାଇଁମାନେ ଉପସ୍ଥିତ ଥିଲେ।

## ମୁଖ୍ୟ କିରାଣିଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆନନ୍ଦପୁର, ୨୮।୨ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଷ୍ଟାଫ କମନ ରୁମ୍‌ରେ ମହାବିଦ୍ୟାଳୟର ମୁଖ୍ୟ କିରାଣୀ ଲକ୍ଷ୍ମୀଧର ପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଷ୍ଟାଫ୍ ଆସୋସିଏସନ୍ ସଭାପତି



ଡ ନିମାଇଁ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦିକା ଭାରତୀ ସାହୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ନାରାୟଣ ମିଶ୍ର ଅତିଥି ଯୋଗ ଦେଇଥିଲେ। କବିତା ପାଠ, ଭଜନ ଓ ଅଭିଭାଷଣରେ ସଭାସ୍ଥଳୀ ଭାବ ଗମ୍ଭୀର ହୋଇଥିଲା। ରଘୁଦୀପ୍ତି ନାୟକ ମାନପତ୍ର ପଠନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ପୂର୍ତ୍ତି, ଦୁର୍ଗାଶଙ୍କର ପରିଡା, ପ୍ରିୟସାରଥୀ ମହାପାତ୍ର, ପତିତପାବନ ମିଶ୍ର, ଡ ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ପୁଷ୍ପଲତା ରାମ, ଗୌରୀଶଙ୍କର ପଣ୍ଡା, ସୁଲୋଚନା ସାହୁ, ଡ ନିମାଇଁ ଚରଣ ରାଉତ, କାହ୍ନୁଚରଣ ଜେନା ଶ୍ରୀ ପାତ୍ରଙ୍କ ଗୁଣାବଳୀ ବର୍ଣ୍ଣନ କରିଥିଲେ।

## ମଦ ଜବତ; ଜଣେ ଗିରଫ

ତୁରୁମୁଙ୍ଗା, ୨୮।୨(ସମିସ): ପାଟଣା ପୁଲିସ ବେଆଇନ ବିଦେଶୀ ମଦ କାରବାର କରୁଥିବା ସମୟରେ ତେଣ୍ଡରା ଗ୍ରାମରେ ଚଢ଼ଉ କରି ୧୩ ଲିଟର ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ତେଣ୍ଡରା ଗ୍ରାମରେ ଗୌରହରି ମହାନ୍ତ। ସେ ଏକ ଯୋତ ଦୋକାନ କରି ବେଆଇନ ଭାବରେ ବିଦେଶୀ ମଦ କାରବାର କରୁଥିବା ଅଭିଯୋଗରେ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ଦଳରେ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଏନେଇ ପାଟଣା ଥାନାରେ ୭ ୯/୨୬ରେ ଏକ ମାମଲା ରୁଜୁ ହୋଇଛି।

## ଦୁଇ ହାଇୱା ମୁହାଁମୁହିଁ; ଜଣେ ମୃତ, ୧ ଗୁରୁତର

ଯୋଡ଼ା, ୨୮।୨(ସମିସ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ବୈତରଣୀ ପୋଲ ନିକଟରେ ଦୁଇଟି ହାଇୱା ଟ୍ରକ ମୁହାଁମୁହିଁ ଧକ୍କା ହେବା ଦ୍ୱାରା ଜଣେ ଡ୍ରାଇଭରଙ୍କ





ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଜଣଙ୍କର ଅବସ୍ଥା ସଂକଟାପନ୍ନ ରହିଛି। ବାମେବାରୀ ପଟୁ ଲୁହାପଥର ନେଇ ଏକ ହାଇୱା ଟ୍ରକ (ଓଡି଼୦୯ ଏଏ ୭୫୨୬) ପଳାସପଙ୍ଗା ପଟୁ ବାମେବାରୀ ଅଭିମୁଖେ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ଅନ୍ୟ ଏକ ହାଇୱା ଟ୍ରକ (ଓଡି଼୦୯ ୪୮୫୩) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ବାମେବାରୀ ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗୁରୁତର ଆହତଙ୍କୁ ଡାକ୍ତରଖାନା ପଠାଇଥିଲେ। ଉଭୟ ଗାଡ଼ିର ସାମନା ଭାଗ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୁରମାର ହୋଇଯାଇଛି। ଦ୍ରୁତ ଗତି ଯୋଗୁଁ ଏପରି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି।

## ଘସିପୁରା ଆମ ପୁଲିସ ବୈଠକ

ଆନନ୍ଦପୁର, ୨୮।୨ (ସମିସ): ଘଷିପୁରା ଥାନାଧିକାରୀ କିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ ସମିତିର ଏକ ବୈଠକରେ ସାଇବର କ୍ରାଇମ ସମ୍ପର୍କରେ ଆଲୋଚନା କରିବା ସହ ବରିଷ୍ଠ ଲୋକଙ୍କ ସୁରକ୍ଷା, ନିଶା କାରବାର, ଦୁର୍ଘଟଣା, ଯୁବକଙ୍କ ବେପରୁଆ ଚାଳନା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଆନନ୍ଦପୁର ଏସଡିପିଓ କମଳ ପଣ୍ଡାଙ୍କୁ ସଦସ୍ୟମାନେ ଶୁଭେଚ୍ଛା ଜଣାଇଥିଲେ। ଘଷିପୁରା ଥାନା ଅନ୍ତର୍ଗତ ପଞ୍ଚାୟତଗୁଡିକରେ ବୈଠକ କରିବା ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ।

### ସରକାରୀ ଯୋଜନା ମାଲ ମାଲ

# ପାଇଖାନାରେ ବିତୁଛି ମହିଳାଙ୍କ ଜୀବନ

ତୁରୁମୁଙ୍ଗା/ଚମ୍ପୁଆ, ୨୮।୨(ସମିସ):



ଆଜିବି ଗରିବ ଅସହାୟଙ୍କ ପାଖରେ ପହଞ୍ଚି ପାରିନି ସରକାରୀ ଯୋଜନା। ଦୀର୍ଘ ୧୦ ବର୍ଷ ଧରି ଅସହାୟ ଜୀବନ ବିତାଉଥିବା ଜଣେ ମହିଳା ପାଇଖାନା ଘରେ ଦିନ କାଟୁଛନ୍ତି। ଏଭଳି ଜଣେ ଗରିବ ଅସହାୟ ବିଧବା ମହିଳା ହେଉଛନ୍ତି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜ୍ୟୋତିପୁର ପଞ୍ଚାୟତ ଅନ୍ତର୍ଗତ ଜ୍ୟୋତିପୁର ଗ୍ରାମର ପତି ବେହେରା (୫୧)। ଗାଁର ଏକ ନମ୍ବର ୱାର୍ଡରେ ଦେଖିବା କୁ ମିଳିଛି ଏଭଳି ବିକଳ ଚିତ୍ର। ବାରମ୍ବାର ପ୍ରଶାସନ ନିକଟରେ ଜଣାଇଥିଲେ ମଧ୍ୟ ଘର ଖଣ୍ଡେ ପାଇଁ କେହି ତାଙ୍କ ଦୁଃଖ ନଶୁଣିବାରୁ ଶେଷରେ ଭାଗ୍ୟକୁ ଆଦରି ପାଇଖାନା ଘରେ ପଡି ରହିଛନ୍ତି। ଜ୍ୟୋତିପୁର ଗ୍ରାମର ସ୍ୱର୍ଗତ ସନ୍ତୋଷ ବେହେରାଙ୍କ ସ୍ତ୍ରୀ ହେଉଛନ୍ତି ପତି। ମୂଲମଜୁରୀ କରି କୌଣସି ମତେ ଚଳି ଯାଉଥିଲେ, ହେଲେ ସ୍ୱାମୀ ଆରପାରିକୁ ଚାଲିଯିବା ପରେ ସେ ଏକୁଟିଆ ହୋଇ ଦୁର୍ବିସହ ଜୀବନଯାପନ କରୁଛନ୍ତି। ପୂର୍ବରୁ ଥିବା ଝାଟିମାଟି ଘରଟି ଭାଙ୍ଗି ଯାଇଥିବାରୁ ପୁନର୍ବାର ସଜାଡ଼ି ନ ପାରିବାକୁ ଭାଙ୍ଗି ପଡ଼ିଥିଲା। ସରକାରୀ ଯୋଜନାରେ ହୋଇଥିବା ପାଇଖାନା ଗୃହ ହିଁ ଶେଷରେ ଭରସା ହୋଇଥିଲା। ଦୀର୍ଘ ୧୦ ବର୍ଷ ବର୍ଷ ପତି ପାଇଖାନା ଗୃହରେ ମୁଣ୍ଡ ଗୁଞ୍ଜି ରହିଆସୁଥିଲେ ମଧ୍ୟ ତାଙ୍କ ପ୍ରତି ଚମ୍ପୁଆ ପ୍ରଶାସନର କୌଣସି ଅଧିକାରୀଙ୍କ ଦୃଷ୍ଟି ପଡ଼ି ପାରିନାହିଁ। ଏପରିକି ବିଧବା ଭତ୍ତା, ସୁଭଦ୍ରା ଯୋଜନା ସହ ସରକାରଙ୍କ ଯୋଜନା ତାଙ୍କ ପାଇଁ ସାତ ସପନ ପାଲିଟିଛି। ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମସ୍ତ କଥା ବୁଝି ଆଗାମୀ ଦିନରେ ସରକାରୀ ସୁବିଧା ଯେପରି ତାଙ୍କ ପାଖରେ ପହଞ୍ଚିବ ତାର ବ୍ୟବସ୍ଥା କରିବା ସହ ପ୍ରଶାସନକୁ ଜଣାଇବେ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ତାଙ୍କୁ ଘର ଯୋଗାଇବା ସହ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଗ୍ରାମର କୁନା ବେହେରା ଦାବି କରିଛନ୍ତି।

## ଆରଭିଡିଓରେ ଯୁବ ମହୋତ୍ସବ


ତେଲକୋଇ, ୨୮।୨(ସମିସ): ଆରଭିଡିଓ ବନବିହାରୀପୁର, ତେଲକୋଇସ୍ଥିତ କାର୍ଯ୍ୟାଳୟଠାରେ ଆଜି ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଯୁବକଙ୍କ ଭୂମିକା ଶୀର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ବ୍ଲକ୍ ସାଂସଦ ପ୍ରତିନିଧି ହରିହର ପ୍ରଧାନ, ସମାଜସେବୀ ମାନସ ନାଏକ ଓ ଆଇଆଇସି ଅଞ୍ଜନ ପାତ୍ର ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଗୋବର୍ଦ୍ଧନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମନୋଜ ପରିଡ଼ା ଅନୁଷ୍ଠାନର ସଫଳତା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ତେଲକୋଇ, ବାଂଶପାଳ, ହରିଚନ୍ଦନପୁରର ୨୦୦ରୁ ଅଧିକ ଯୁବକ, ଯୁବତୀ, କିଶୋର, କିଶୋରୀ,



ପୁରୁଷ, ମହିଳା ଓ ସ୍ଥାନୀୟ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସମାଜ କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସମାଜସେବୀ ମହିଳା, କିଶୋରୀ, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିଭଳି ଶିଶୁ ଯତ୍ନ ଗୃହର ଅନ୍ତେବାସୀଙ୍କୁ ବାର୍ଷିକ କ୍ରୀଡ଼ା ଉତ୍ସବର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୃଷ୍ଣଚନ୍ଦ୍ର ବାରିକ ଓ ପ୍ରଣୟ ବିଶ୍ୱାଳ ପରିଚାଳନା କରିଥିଲେ। ସମସ୍ତ କର୍ମୀ ସହଯୋଗ କରିଥିଲେ। କେଶରୀ ଜେନା ଧନ୍ୟବାଦ ଦେଇଥିଲେ।

## ପରମାନନ୍ଦ ଗ୍ରୁପ୍‌କୁ ନର୍ସିଂ ଶିକ୍ଷା ପାଇଁ ସରକାରୀ ଅନୁମତି

ଆନନ୍ଦପୁର, ୨୮।୨ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଅଗ୍ରଣୀ ଅନୁଷ୍ଠାନ ପରମାନନ୍ଦ ଗ୍ରୁପକୁ ନର୍ସିଂ ଶିକ୍ଷା ପାଇଁ ସରକାରୀ ଅନୁମତି ମିଳିଛି। ଏନେଇ ଶିକ୍ଷାପ୍ରେମୀ ଓ ବିଦ୍ୟାର୍ଥୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଯୁକ୍ତ ଦୁଇ (+୨) ଓ ଯୁକ୍ତ ତିନି (+୩) ବିଜ୍ଞାନ ଶିକ୍ଷାରେ ସଫଳତା ଅର୍ଜନ ପରେ ଏବେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଏହି



ଅନୁଷ୍ଠାନ ପଦକ୍ଷେପ ନେଉଛି। ୨୦୨୫-୨୬ ଶିକ୍ଷାବର୍ଷରୁ ବିଏସସି ନର୍ସିଂ ଶିକ୍ଷାଦାନ ପାଇଁ ସରକାର ଅନୁମତି ଦେଇଛନ୍ତି। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଜିଏନ୍‌ଏମ୍ ନର୍ସିଂ ପାଇଁ ୬୦ ଜଣ ବିଦ୍ୟାର୍ଥୀ ପଢ଼ିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମୂହ ପରମାନନ୍ଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ ପକ୍ଷରୁ ଏହି ଶିକ୍ଷାନୁଷ୍ଠାନର ନାମ ହରିହର ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ରଖାଯାଇଛି। ଅତ୍ୟାଧୁନିକ ଭିତ୍ତିଭୂମିରେ ଶିକ୍ଷାଦାନ ବ୍ୟବସ୍ଥା ସହ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ଏହି ଅନୁଷ୍ଠାନ ପରିଚାଳିତ ହେବାକୁ ଯାଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢ଼ିବାକୁ ଆଗ୍ରହ ପ୍ରକାଶ ପାଇଛି। ବି.ଫାର୍ମ ଏବଂ ଡି.ଫାର୍ମ ଖୋଲିବା ପାଇଁ ଆବେଦନ ରାଜ୍ୟ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ଆଗକୁ ୧୦୦ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ହସ୍ପିଟାଲ ଖୋଲିବାକୁ ପରମାନନ୍ଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ ପଦକ୍ଷେପ ନେଉଥିବା ଅନୁଷ୍ଠାନର ଡାଇରେକ୍ଟର ବିନୋଦ କୁମାର ସାହୁ ସୂଚନା ଦେଇଛନ୍ତି।

## ଜେଜେସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: କବିତ୍ରା ଚାମ୍ପିଅନ



କେନ୍ଦୁଝର,୨୮।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଦାବାଙ୍କ ମିନିଷ୍ଟାଡିୟମ୍‌ଠାରେ ଚାରିଦିନ ଧରି ଚାଲିଥିବା ଜେଜେସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ୧୬ଟି ଦଳ ମଧ୍ୟରୁ କଣ୍ଡରାପଶିକୁ ୭ ୱିକେଟରେ ହରାଇ କବିତ୍ରା କରିଷ୍ମା ଏକାଦଶ ଚାମ୍ପିଅନ ହୋଇଛି। ଅମ୍ପାୟାର କାଟୁନ୍ ମାଝୀ ଓ ସୁଧୀର ହାଂସଦା ଖେଳ ପରିଚାଳନା କରିଥିଲେ। ବିକ୍ରମ ମାଝୀ ଏବଂ ମୋହନ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ। ଦେବାଶିଷ ହାଂସଦା ଓ ହଟନ ମାଝୀ ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ରାଇସୁଆଁ ମଣ୍ଡଳ ସଭାପତି ସମିର ସାହୁ, ମୁଖ୍ୟବକ୍ତା ପରମେଶ୍ୱର ମାଝୀ, ସମ୍ମାନିତ ଅତିଥି ଶ୍ରୀକର ମାଝୀ, ସାମାଜସେବୀ ଅଭିରାମ ମାଝୀ, ଶୁକଦେବ ନାଏକ ଯୋଗ ଦେଇଥିଲେ। ବାଦଲ ମାଝୀ, ସୌମ୍ୟରଞ୍ଜନ ହାଂସଦା, ଘାସିରାମ ମାଝୀ, ଦେବାଶିଷ ହାଂସଦା ସହଯୋଗ କରିଥିଲେ।

### ତେଲକୋଇ ଠିକାଦାର ସଂଘର ନିଷ୍ପତ୍ତି

# ବାହାର ଠିକାଦାରଙ୍କୁ ବିରୋଧ କରାଯିବ

ତେଲକୋଇ, ୨୮।୨(ସମିସ):



ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ବେଣାହାଟ ପଡ଼ିଆଠାରେ ତେଲକୋଇ ବ୍ଲକ ଠିକାଦାର ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରାଯାଇଛି। ଏନେଇ ଅନୁଷ୍ଠିତ ସାମ୍ବିଦିକ ସମ୍ମିଳନୀରେ ସଂଘର ସମ୍ପାଦକ ଦୟାନିଧି ନାୟକ ଅଧ୍ୟକ୍ଷତା କରିଥିଲେ। କେନ୍ଦୁଝର ଠିକାଦାର ସଂଘର ସଭାପତି ପ୍ରଶାନ୍ତ ସାହୁ, ଜିଲ୍ଲା ସମ୍ପାଦକ ଅନୁପ ମହାନ୍ତି, ତେଲକୋଇ ଠିକାଦାର ସଂଘ ସଭାପତି କେଶରୀଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ଠିକାଦାର ଶୋଷଣ ପ୍ରତିବାଦରେ ସଂଘ ପକ୍ଷରୁ କେତେକ ଦାବି ଉପସ୍ଥାପନ କରାଯାଇଛି। ଗତ ୨୦ ତାରିଖରୁ ଠିକାଦାରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବାହାର ଜିଲ୍ଲାର ଠିକାଦାରଙ୍କୁ କେନ୍ଦୁଝର ଜିଲ୍ଲା ଅଞ୍ଚଳକୁ ମନା ବୋଲି ମତ ପ୍ରକାଶ ପାଇଥିଲା। ଏହାସହ ସମସ୍ତ ବିଭାଗ ର ଡିଭିଜନ ସ୍ତରରେ ହେଉଥିବା ଟେଣ୍ଡର କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଠିକାଦାର ମାନେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବେ ବୋଲି ମତ ପ୍ରକାଶ ପାଇଥିଲା। ଜିଲ୍ଲା ଭିତରେ ଥିବା ଅନ୍ୟ ଅଞ୍ଚଳର ଠିକାଦାରଙ୍କୁ ତେଲକୋଇ ବ୍ଲକ ଅଞ୍ଚଳକୁ ମନା ଏବଂ ତେଲକୋଇ ବ୍ଲକ ଅଞ୍ଚଳର ଠିକାଦାର ଜିଲ୍ଲାର ଅନ୍ୟ ଡିଭିଜନରେ ଯାଇ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ପାରିବେନି ବୋଲି ମତ ପ୍ରକାଶ ପାଇଥିଲା। ଏକ କୋଟିରୁ କମ ମୂଲ୍ୟର ତଳକୁ ଥିବା କାର୍ଯ୍ୟଗୁଡିକରେ ଏହି ନିୟମ ଲାଗୁ ବୋଲି କୁହାଯାଇଥିଲା। ପ୍ରତ୍ୟେକ କ୍ଷେତ୍ରରେ ଜିଲ୍ଲା ସଂଘ କର୍ମକର୍ତ୍ତା ସମସ୍ତ ସଦସ୍ୟଙ୍କୁ ସାହାଯ୍ୟ କରିବ ବୋଲି ଜିଲ୍ଲା ସମ୍ପାଦକ କହିଥିଲେ। ତେଲକୋଇ ଅଞ୍ଚଳର ବରିଷ୍ଠ ଠିକାଦାର ଡିଲେଶ୍ୱର ପ୍ରଧାନ, ମାଗୁଣି ସାହୁ, ଦ୍ୱିତିକୃଷ୍ଣ ସାହୁ, ସଚ୍ଚିଦାନନ୍ଦ ଖିଲାର, ସୁମିତ ନନ୍ଦନ ମହାନ୍ତି, ସ୍ମୃତିରଞ୍ଜନ ମିଶ୍ର, ଲଲାଟେନ୍ଦୁ ସାହୁ, ସୌମ୍ୟରଞ୍ଜନ ପ୍ରଧାନ, ବିନୟ ସାହୁ, ଦିଲ୍ଲୀପ ବେହେରା, ବେଣୁଧର ସାମଲ, ଟଙ୍କଧର ପାତ୍ର, ହିମାଂଶୁ ଶେଖର ପ୍ରଧାନ, ନିରଞ୍ଜନ ପ୍ରଧାନ, ଆଶିଷ ଥମ୍ବଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## କଳିଙ୍ଗ ସମର୍ପଣ ଫାଉଣ୍ଡେସନ୍‌ର ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର



ଯୋଡ଼ା, ୨୮।୨(ସମିସ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୬ରେ କଳିଙ୍ଗ ସମର୍ପଣ ଫାଉଣ୍ଡେସନ ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଡାର ଅତିରିକ୍ତ ଭାରପ୍ରାପ୍ତ ଥାନାଧିକାରୀ ସୁଶାନ୍ତ ପ୍ରଧାନ ଯୋଗଦେଇଥିଲେ। ଏସଆଇ ଅଜୟ ପ୍ରତାପ ମୁଣ୍ଡୁ, ବିଜେପି ଜିଲ୍ଲା ଇକୋନୋମିକ୍ ସେଲ୍ କୋର୍ଡିନେଟର ରଶ୍ମିରଞ୍ଜନ ମହାକୁଡ଼, ୬ ନମ୍ବର ୱାର୍ଡ କାଉନ୍‌ସିଲର ଗଣେଶ ମୋଦି, ଯୋଡା ସାଂସଦ ପ୍ରତିନିଧି ବିଚିତ୍ରାନନ୍ଦ ଦାସ, ସମାଜସେବୀ ରଜନୀ ରାଓ ଓ ଯୁବନେତା ତାରିଣୀ ପ୍ରଧାନ ଉପସ୍ଥିତ ଥିଲେ। ଡାକ୍ତର ଇପ୍ସିତା ମହାନ୍ତ, ଫାର୍ମାସିଷ୍ଟ ଶୁଭଶ୍ରୀ ଆଚାର୍ଯ୍ୟ, ଲ୍ୟାବ୍ ଟେକ୍ନିସିଆନ୍ ଯଶୋମତୀ ମହାନ୍ତ, ଏଏନଏମ୍ ନମିତା ମହାନ୍ତ ଓ ମୋବିଲାଇଜର ଚମ୍ପାବତୀ ବାଘୁଆ ମୁଖ୍ୟ ଭୂମିକା ନିଭାଇଥିଲେ। ଆନନ୍ଦ ବାରିକ, ଫାଉଣ୍ଡେସନର ଡାଇରେକ୍ଟର, ସମଗ୍ର କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ। ପ୍ରତ୍ୟେକ ୱାର୍ଡରେ ଏଭଳି ସେବାମୂଳକ ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରଖାଯିବ ବୋଲି ଘୋଷଣା କରିଥିଲେ। ଶିବିରରେ ଶତାଧିକ ଲୋକ ସ୍ୱାସ୍ଥ୍ୟସେବାର ଲାଭ ଉଠାଇଥଲେ।

## ଶିଶୁମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

ଆନନ୍ଦପୁର, ୨୮।୨ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିର ବୌଦ୍ଧିକ ମଣ୍ଡପଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପରିଚାଳନା ସମିତିର ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ବେହେରା, ଉପସଭାପତି ଜଗନ୍ନାଥ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଗୁରୁମା ସ୍ମୃତିରେଖା ଚାନ୍ଦ



ପିଲାଙ୍କ ମାର୍ଗଦର୍ଶନ କରିଥିବା ବେଳେ ଶିଶୁମାନେ ବକ୍ତୃତା ଓ ବିଜ୍ଞାନ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଭାଗ ନେବା ସହ କେତେକ ପ୍ରକଳ୍ପ ଓ ପ୍ରୟୋଗ ଦେଖାଇଥିଲେ। ଗୁରୁଜୀ ବିଶ୍ୱଜିତ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁଜୀ ଯୁଧିଷ୍ଠିର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ତୁରୁମୁଙ୍ଗା, ୨୮।୨(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ତ୍ରୈଲୋକ୍ୟ ପରିଡ଼ା ଶନିବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏକ ବିଦାୟ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ସଭାପତି ତଥା କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଶିଳ୍ପପତି ପ୍ରତାପଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସଭାପତି ନୂତନ ଅଧ୍ୟକ୍ଷ ଭାବରେ ଅଜୟ ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଓଡ଼ିଆ ଅଧ୍ୟାପକ ପଦ୍ମଲୋଚନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଅଜୟ ବେହେରା, ତ୍ରିନାଥ ମହାନ୍ତ, ଜଗତଜନନୀ ଜେନା, ତପସ୍ୱିନୀ ସାହୁ, ଲିନା ନାୟକ, ଜୟସ୍ମିତା ଜେନା, ଦେବକୀ ନନ୍ଦନ ସାହୁ, ରୋଜାଲିନ ରଣା, ରଣଜିତ ବେହେରା, ଅଭିନାଶ ମହାନ୍ତ, ରୋଜି ମହାନ୍ତ, ବିରଞ୍ଚି ନାଏକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପଦ୍ମପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର,୨୮।୨(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନାର ସଭାପତି ବିଚିତ୍ରାନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସମାଜସେବୀ ହାଡିବନ୍ଧୁ ଦେହୁରୀ, ମୁଖ୍ୟବକ୍ତା ସିଆରସିସି ଜନ୍ମେଜୟ ସାହୁ, ସମ୍ମାନିତ ଅତିଥି ଶିକ୍ଷକ ସଂଘର ଜିଲ୍ଲା ସଂଯୋଜକ ରବିନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଶମ୍ଭୁନାଥ ଦେହୁରୀ ସଭା ପରିଚଳନା କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲା ବେଳେ କୌତୁକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ ଉତ୍ସବରେ ୧୨୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ହେମନ୍ତ ପାତ୍ର, ସହକାରୀ ଶିକ୍ଷକ ସୁଚିସ୍ମିତା ବରାଳ, ଆଶ୍ୱାୟାର ଶିକ୍ଷୟିତ୍ରୀ ରେଖାରାଣୀ ସେଠୀ, ଉଡାଲ ଶିକ୍ଷକ ଅମିତ ଦେହୁରୀ, ବିଦ୍ୟାଳୟ ପରିଚାଳନାର ଆଶୁତୋଷ ଦେହୁରୀ, ମ୍ୟୁଜିସିଆନ ଜିତେନ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଟୋଲଙ୍କପଡ଼ା ଗାଁ ମୁରବୀଙ୍କ ପରଲୋକ



ଆନନ୍ଦପୁର, ୨୮।୨ (ସମିସ): ଆନନ୍ଦପୁର ବ୍ଲକ ଟୋଲଙ୍କପଡା ଗ୍ରାମର ସମାଜସେବୀ ତଥା ଗାଁ ମୁରବୀ ବ୍ୟକ୍ତି ଭାଗବତ ବାରିକ (୭୮)ଙ୍କ ପରଲୋକ ହୋଇଯାଇଛି। ଏନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘ ଦିନ ଧରି କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ପ୍ରଥମେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ରାତି ତାଙ୍କ ଦେହାନ୍ତ ହୋଇଛି। ସ୍ୱର୍ଗତ ଭାଗବତ ବାରିକ ପଞ୍ଚାୟତର ବିଭିନ୍ନ ସାମାଜିକ ସଂଗଠନରେ ଜଡ଼ିତ ରହି ମଠ, ମନ୍ଦିର ନିର୍ମାଣ କ୍ଷେତ୍ର ସହିତ ଟୋଲଙ୍କପଡା ହାଇସ୍କୁଲର ଅନନ୍ୟ ପ୍ରତିଷ୍ଠାତା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭାଇପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁବାନ୍ଧବ, ପ୍ରିୟଜନ ଓ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷ ଦର୍ଶନ କରିଥିଲେ। ଜୟ ମଙ୍ଗଳା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମସ୍ଥିତ କୁସେଇ ନଦୀକୂଳରେ ଅନ୍ତିମ ସତ୍କାର କରାଯାଇଛି।

## ବିଧାୟକଙ୍କ ଦ୍ୱାରା ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଝାରସୁଗୁଡା,୨୮ ।୨(ସମିସ): ଝାରସୁଗୁଡ଼ା ସଦର ବ୍ଲକ୍ କୁରେବଗା ଓ ଦଳକୀ ପଞ୍ଚାୟତରେ ଶନିବାର ବିଧାୟକ ଟଙ୍କଧର ତ୍ରିପାଠୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ଝାରସୁଗୁଡ଼ା ଜିଲ୍ଲାର କୁରେବଗା ଠାରୁ ସମଲେଇ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ, ଦଲକିଠାରେ ଦଲକି କଣ୍ଟା ପର୍ଯ୍ୟନ୍ତ ନୂତନ ରାସ୍ତାର ନିର୍ମାଣ, ଏନ୍‌ଏଚ -୪୯ ରୁ ଖଳିଆମାଲ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ, କୁରେବଗାରେ କଂକ୍ରିଟ ରାସ୍ତାର ନିର୍ମାଣ, ଜୁହ୍ନା ପୂର୍ଣ୍ଣା ରାସ୍ତାର ଉନ୍ନତୀକରଣ, କୁରେବଗା ଗୋଣ୍ଡପଡ଼ା ଠାରୁ ସମଲେଇ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ, କୁରେବଗା ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଓ କୁମୁଡାପାଲି ଠାରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଳ ମୋତିରାମ ଚୌହାଣ, ବେଦାନ୍ତ ସିଇଓ ସି. ଚନ୍ଦ୍ରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ବେଦାନ୍ତ ପାରିପାଶ୍ୱିକ ଉନ୍ନୟନ ପାଣ୍ଠିରୁ ବଞ୍ଜାରୀଠାରୁ ବୁରୋମାଲ ପର୍ଯ୍ୟନ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଅବସରରେ ବିଧାୟକ ତ୍ରିପାଠୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ମିଳିତ ଭାବେ ଅଞ୍ଚଳର ଆବଶ୍ୟକତା ଓ ଭବିଷ୍ୟତ ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହିସବୁ ଯୋଜନା ଫଳରେ ଆଗାମୀ ଦିନରେ ଅଞ୍ଚଳରେ ରହୁଥିବା ସାଧାରଣ ଜନତାଙ୍କ ସାମଗ୍ରିକ ବିକାଶ ଘଟିବ ଓ ଏହାସହ ଅଞ୍ଚଳବାସୀଙ୍କ ଯିବାଆସିବାରେ ସୁବିଧା ହେବାସହ ନିଜେ ସ୍ୱାବଲମ୍ବୀ ହୋଇପାରିବେ। ଏହାସହ ଅଞ୍ଚଳବାସୀ ସର୍ବନିମ୍ନ ମୌଳିକ ସୁବିଧା ପାଇବା ସହ ଜୀବନମାନ ଅଧିକ ଉନ୍ନତ ହୋଇପାରିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁରେବଗା, ଦଳକୀ ପଞ୍ଚାୟତର ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

### ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ

# ବିଜୁ ଏକ୍ସପ୍ରେସ୍‌ୱେ ଓ ଏନ୍‌ଏଚ୍‌ରେ ଲାଗିବ ସ୍ପିଡ୍ ସେନ୍ସର, ସୂଚନା ବୋର୍ଡ

ଝାରସୁଗୁଡ଼ା, ୨୮ ।୨(ସମିସ):

ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ୍ ସମ୍ମିଳନୀ କକ୍ଷଠାରେ ଆଜି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

- **କାର୍ଯ୍ୟରେ ଅବହେଳା କଲେ ଦଣ୍ଡିତ ହେବେ ଅଧିକାରୀ: ଜିଲ୍ଲାପାଳ**
- **ବ୍ଲାକ୍ ସ୍ପଟ୍ ଚିହ୍ନଟ ଓ ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ**



ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡଲା ରାଘବେନ୍ଦ୍ର ରେଡ୍ଡୀଙ୍କ ସମେତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର ଏହି ବୈଠକରେ ଉପସ୍ଥିତ ରହି ଜିଲ୍ଲାରେ ଦିନକୁ ଦିନ ବଢୁଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ବ୍ୟାପକ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି। ବୈଠକରେ ଜିଲ୍ଲାପାଳ ବେଆଇନ ପାର୍କିଂ ସମସ୍ୟା ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାସ୍ତା କଡ଼ରେ ଅନଧିକୃତ ଭାବେ ଛିଡ଼ା ହୋଇଥିବା ଯାନବାହନ ଗୁଡ଼ିକୁ ତୁରନ୍ତ ହଟାଇବା ସହ ନିୟମ ନ ମାନିଲେ ସେମାନଙ୍କ ଉପରେ ମୋଟା ଅଙ୍କର ଜରିମାନା ଲାଗୁ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଜାତୀୟ ରାଜପଥ ଓ ବିଜୁ ଏକ୍ସପ୍ରେସୱେର ଦୁର୍ଘଟଣାପ୍ରବଣ ଅଞ୍ଚଳ ଗୁଡ଼ିକୁ ଚିହ୍ନଟ କରି ସେଠାରେ ସ୍ପିଡ୍ ସେନ୍ସର, ଗତି ସୀମା ବୋର୍ଡ ଏବଂ ଉନ୍ନତମାନର ଆଲୋକୀକରଣ ବ୍ୟବସ୍ଥା କରିବାକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଅଚଳ ହୋଇ ପଡ଼ିଥିବା ଲାଇଟଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଏହାସହ ଜିଲ୍ଲାରେ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରିବା ପାଇଁ ଅଧିକ ଏନଫୋର୍ସମେଣ୍ଟ କର୍ମଚାରୀ ଯୋଗାଇ ଦେବାକୁ ପରିବହନ ବିଭାଗକୁ ଚିଠି ଲେଖିବା ପାଇଁ ଜିଲ୍ଲାପାଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବହନ ସମୟରେ ହେଉଥିବା ପ୍ରଦୂଷଣକୁ ରୋକିବା ପାଇଁ ଜିଲ୍ଲାପାଳ ସମସ୍ତ ଶିଳ୍ପ ସଂସ୍ଥାଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପାଉଁଶ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଯେପରି ସମ୍ପୂର୍ଣ୍ଣ ଭାବେ ତାରପୋଲିନରେ ଘୋଡ଼ାଯିବ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ମାନକ ପରିଚାଳନା ପଦ୍ଧତିକୁ କଡ଼ାକଡ଼ି ଭାବେ ଅନୁପାଳନ କରାଯିବ, ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଖିଲାପ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। ସଡ଼କ ସୁରକ୍ଷା ନିୟମକୁ ଅଧିକ କଡ଼ାକଡ଼ି କରି ମଦ୍ୟପାନ କରି ଗାଡ଼ି ଚଲାଉଥିବା ଚାଳକଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପାଞ୍ଚଳରୁ ବାହାରୁଥିବା ଧୂଳି ନିୟନ୍ତ୍ରଣ ପାଇଁ ଗାଡ଼ିଗୁଡ଼ିକରେ ତାରପୋଲିନ୍ ଘୋଡ଼ାଇବା ବାଧ୍ୟତାମୂଳକ କରାଯାଇଛି। ଏହାସହ କମ୍ପାନୀ ପରିସର ମଧ୍ୟରେ ୱାଟର ସ୍ପ୍ରିଙ୍କଲିଂ (ଜଳ ସିଞ୍ଚନ) କରିବାକୁ ପରାମର୍ଶ ଦିଆଯାଇଛି। ଭାରୀ ଯାନଗୁଡ଼ିକ ପାଇଁ "ୱାନ୍ ଆୱାର୍ ଷ୍ଟେ' ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି। ଶେଷରେ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ରାସ୍ତାର ମାନ ଯାଞ୍ଚ କରିବା ସହ ନିମ୍ନମାନର କାର୍ଯ୍ୟପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜିଲ୍ଲାର ଅନ୍ୟାନ୍ୟ ବରିଷ୍ଠ ପୁଲିସ ଓ ପ୍ରଶାସନିକ ଅଧିକାରୀ ଏବଂ ବିଭିନ୍ନ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କନକତୋରାରେ ବିକ୍ଷୋଭ




ଝାରସୁଗୁଡ଼ା,୨୮ ।୨(ସମିସ): ମହାନଦୀ ବଞ୍ଚାଅ ଆନ୍ଦୋଳନ ଝାରସୁଗୁଡ଼ା ଜିଲ୍ଲା ଶାଖା ପକ୍ଷରୁ ଆଜି ଝାରସୁଗୁଡା ଜିଲ୍ଲା ସୀମାନ୍ତ କନକତୋରାରେ ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାନଦୀ ଟ୍ରିବ୍ୟୁନାଲର ଓଡ଼ିଶା ଗସ୍ତ କେବଳ ଭ୍ରମଣରେ ନରହୁ ଜଳ ବିବାଦର ସମାଧାନ ପାଇଁ ଏକ ପଦକ୍ଷେପ ହେଉ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏହି ବିକ୍ଷୋଭ କରାଯାଇଛି। ଏହାସହ ଅଣମୌସମୀ ସମୟରେ ଆବଶ୍ୟକ ପରିମାଣର ପାଣି ଛତିଶଗଡ଼ ଓଡ଼ିଶାକୁ ଛାଡ଼ିବା ପାଇଁ ଟ୍ରିବ୍ୟୁନାଲ ଅନ୍ତରଣୀୟ ରାୟ ପ୍ରଦାନ କରନ୍ତୁ ବୋଲି ଦାବି କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଓଡ଼ିଶା ଗସ୍ତରେ ଆସିଥିବା ମହାନଦୀ ଟ୍ରିବ୍ୟୁନାଲ କଲମା ବ୍ୟାରେଜ ସହ ଓଡ଼ିଶାର ସୁଖାସୋଡାକୁ ଯାଇ ମହାନଦୀର ସ୍ଥିତି ତଦାରଖ କରିବା ପରିବର୍ତ୍ତେ ହୀରାକୁଦ, ଚିପଲିମା, ଡେବ୍ରିଗଡ଼ ଯାଇ ନିଜ ପରିବାର ସହ ବୁଲୁଛନ୍ତି ଯାହାଦ୍ୱାରା ମହାନଦୀର ପ୍ରକୃତ ସ୍ଥିତି ସେମାନେ ଜାଣି ପାରିବେ ନାହିଁ। ତେଣୁ ଏହି ଟ୍ରିବ୍ୟୁନାଲ ଓଡ଼ିଶାକୁ ନ୍ୟାୟ ପ୍ରଦାନ କରିବା ପାଇଁ ପଦକ୍ଷେପ ନେଉ ଏବଂ ମହାନଦୀ ପାଣି ନିରନ୍ତର ପ୍ରବାହ ହେଉ ହୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦାବି କରାଯାଇଛି।

## ଜାତୀୟ ବିଜ୍ଞାନ ଦିବସ ପାଳିତ

ଦେବଗଡ଼,୨୮ ।୨(ସମିସ): ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଆଜି ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଜ୍ଞାନଶିକ୍ଷକ ଉଦୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବରେ ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟା ସ୍ନିଗ୍ଧାରାଣୀ ନନ୍ଦ ଓ ପଲ୍ଲବୀ ନାଏକ ଯୋଗଦେଇଥିଲେ। ସମସ୍ତ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ୩୦ ଜଣ ଶିଶୁଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ମିଲି ରାଣୀଧର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



## ରକ୍ତଦାନ ଶିବିର: ୫୪ ୟୁନିଟ୍ ସଂଗ୍ରହ

ଦେବଗଡ଼,୨୮ ।୨(ସମିସ): ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ବାରକୋଟ ଥାନାରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଢାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ୫୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଦେବଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ



ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ କୁମାର ଚୋପଦାର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେଶ କୁମାର ମାହାନା ସାମିଲ ହୋଇଥିଲେ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଲକ୍ଷରେ ଜିଲ୍ଲା ପୋଲିସ ଏଭଳି ଏକ ପଦକ୍ଷେପ ନେଇଛି। କିଛି ଦିନ ପୂର୍ବରୁ ଦେବଗଡ ଥାନା ଏବଂ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ହୋଇ ସାରିଥିବା ବେଳେ ଆସନ୍ତା ଦିନରେ ଅନ୍ୟସମସ୍ତ ଥାନାରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ମିଶ୍ର ପ୍ରକାଶ କରିଛନ୍ତି।

## ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ




ଦେବଗଡ଼,୨୮ ।୨(ସମିସ): ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବ ଭାରତ ଓ ଜାତୀୟ ସେବା ଯୋଜନା ପକ୍ଷରୁ ଦେବଗଡ଼ ମହାବିଦ୍ୟାଳୟ ପରିସରରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦାମ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର କର୍ଣ୍ଣ ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇ, ଅବସରପ୍ରାପ୍ତ ଅଧ୍ୟକ୍ଷା ରଞ୍ଜିତା ନନ୍ଦ, ବିଶିଷ୍ଟ ଶିକ୍ଷାବିତ୍ ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାର ନୋଡାଲ ଜିଲ୍ଲା ଅଧିକାରୀ ଶେଖ୍ ନିଜାମୁଦ୍ଦିନ ଅଲ୍ଲୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମେରା ଯୁବା ଭାରତ ଦେବଗଡ଼ର କର୍ମକର୍ତ୍ତା ପ୍ରଦୀପ କୁମାର ବିଶ୍ୱାଳ ଯୁବ ଶକ୍ତି ଆଗାମୀ ଭବିଷ୍ୟତର କର୍ଣ୍ଣଧାର ସାଜି ସମାଜ ଗଠନରେ ବ୍ରତୀ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ଶିଖା ମହର୍ଷି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେଶର ଜରୁରୀକାଳୀନ ପରିସ୍ଥିତି ଏବଂ ୫୦ ବର୍ଷର ଗଣତନ୍ତ୍ର ଶୀର୍ଷକ ଆଲୋଚନା ଚକ୍ରରେ ଶତାଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଜିଲ୍ଲାସ୍ତରରୁ ରାଜ୍ୟସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପୁନମ୍ ପ୍ରଧାନ, ଦିପକ୍ ଭେଲେଇ, ସୀତାରାମ୍ ପ୍ରଧାନ, ସ୍ୱରାଜ ପାଣିଗ୍ରାହୀ ଓ ସିକି ସ୍ୱାଇଁଙ୍କୁ ମନୋନୀତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମୋନିକା ବାର୍ଲାଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଡ. ସୁରେନ୍ଦ୍ର କୁମାର ଦାଶ, ଡ. ଦିନେଶ୍ କୁମାର ରାୟ, ଗୁରୁ ଚରଣ କିଷାନ, ଅଧ୍ୟାପିକା ସୁସ୍ମିତା କେରକେଟା, ସ୍ୱେଚ୍ଛାସେବୀ ରଞ୍ଜିତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ଡ. ଶିଖା ମହର୍ଷି ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରଜରାଜନଗର ମହାବିଦ୍ୟାଳୟରେ ରାଜସ୍ୱ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ବ୍ରଜରାଜନଗର,୨୮।୨(ସମିସ): ଝାରସୁଗୁଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ ଘୋଷଣା ଅଞ୍ଚଳରେ ଖୁସିରଲହରୀ ଖେଳିଯାଇଛି। ଏହି ଐତିହାସିକ ଘୋଷଣା ପାଇଁ ଶନିବାର ବ୍ରଜରାଜନଗର ମହାବିଦ୍ୟାଳୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ଅଞ୍ଚଳରେ ବିଶ୍ୱବିଦ୍ୟାଳୟ ସ୍ଥାପନା ଦ୍ୱାରା ସ୍ଥାନୀୟ ଯୁବପିଢିଙ୍କୁ ଉଚ୍ଚଶିକ୍ଷା ପାଇଁ ବାହାର ଜିଲ୍ଲା କିମ୍ବା ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବ ନାହିଁ। ଏହି ଅଞ୍ଚଳର ଶିକ୍ଷା, ଆର୍ଥିକ ଓ ସାମାଜିକ ଉନ୍ନତିରେ ନୂତନ ଦିଗରେ ଗତି କରିବ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୁବପିଢିଙ୍କୁ ନିଜ ଲକ୍ଷ୍ୟ ସ୍ଥିର କରି ଶିକ୍ଷା ଓ ଦକ୍ଷତା ବିକାଶ ମାଧ୍ୟମରେ ଆଗକୁ ବଢିବା ପାଇଁ ଉତ୍ସାହିତ କରିଥିଲେ। ମନ୍ତ୍ରୀଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟକୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଜଣାଇଥିଲେ।

## ବନାଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ

କୋଲାବିରା,୨୮ ।୨(ସମିସ): ଗ୍ରୀଷ୍ମ ଋତୁରେ ବୃଦ୍ଧି ପାଉଥିବା ତାପମାତ୍ର ଓ ଜଙ୍ଗଲ ନିଆଁର ଭୟାବହତାକୁ ଦୃଷ୍ଟିରେ ରଖି କୋଲାବିରା ରେଞ୍ଜ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏନେଇ ଶୁକ୍ରବାର ସମାସିଂହାଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କୋଲାବିରା ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ଜଙ୍ଗଲ ସୁରକ୍ଷା ଓ ଅଗ୍ନୀ ନିରାକରଣ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଜଙ୍ଗଲ ନିଆଁ କେବଳ ପ୍ରାକୃତିକ ସମ୍ପଦ ନଷ୍ଟ କରେ ନାହିଁ, ବରଂ ବନ୍ୟଜନ୍ତୁଙ୍କ ଜୀବନ ବିପନ୍ନ କରିବା ସହ ବାୟୁ ପ୍ରଦୂଷଣ ଓ ଜନବସତି ପାଇଁ ବିପଦ ସୃଷ୍ଟି କରିଥାଏ। ତେଣୁ ଏହାର ପ୍ରତିକାର ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ଜଙ୍ଗଲ ନିଆଁ ନିରାକରଣ ପାଇଁ ଜନସାଧାରଣ ସଚେତନ ହେବା ଜରୁରୀ ବୋଲି କହିବା ସହ ବନାଗ୍ନି ନିବାରଣ ଭିତ୍ତିଭୂମି, ବ୍ୟାପକ ଅଗ୍ନିରୋଧକ ରେଖା ସୃଷ୍ଟି କରାଯିବା ସହିତ ତାର ରକ୍ଷଣାବେକ୍ଷଣ କରାଯାଇଛି। ଚାରାରୋପଣ ଅଞ୍ଚଳ ଏବଂ ରୋପିତ ଚାରାଗୁଡ଼ିକ ସୁରକ୍ଷା ଦେବାପଇଁ ଅତିରିକ୍ତ ବ୍ୟବସ୍ଥା କରାଯାଉଛି। ବନବିଭାଗ ଆନୁକୂଲ୍ୟରେ ସମାସିଂହାସ୍ଥିତ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ଏହି ବନାଗ୍ନିନିବାରଣ ସଚେତନତା କାର୍ଯ୍ୟକ୍ରମରେ ରେଞ୍ଜର ସୁଦାମ ଜଗଦଲା ଅଧ୍ୟକ୍ଷତାକରି ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇ ପାରିବ ଏବଂ ଉଦ୍ଦେଶ୍ୟମୂଳକ ଭାବରେ ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦଣ୍ଡ ବିଧାନର କିଭଳି କଠୋର ନିୟମ ରହିଛି ସେ ନେଇ ସୂଚନା ଦେଇଥିଲେ। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସୁଧାଂଶୁ ପଟେଲ, ଅଗ୍ନୀଶମ ବିଭାଗର ଅଧିକରୀ, ବିଦ୍ୟୁତ ବିଭାଗ ଯନ୍ତ୍ରୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଓଡ଼ିଶା ଡ୍ୟାନ୍ସ ଗ୍ରୁପ, ଅରବିନ୍ଦ ସ୍କୁଲ ଡ୍ୟାନ୍ସ ଗ୍ରୁପ, ରାଇଜ ଅପ ଡାନ୍ସ ଗୃପ ଝାରସୁଗୁଡା, ରୟାଲ ଡାନ୍ସ ଗ୍ରୁପ କୋଲାବିରା ଛାତ୍ରଛାତ୍ରୀମାନେ ସଚେତନତାର ବାର୍ତ୍ତା ଦେଇଥିଲେ। ତୁଲେଶ୍ୱର ପଟେଲ ଏବଂ ଚେତାନନ୍ଦ ପଟେଲ ମଞ୍ଚ ପରିଚାଳନା କରିଥିବାବେଳେ ସମାସିଂହା ପ୍ରଗତୀ ସଂଘରର ସଦସ୍ୟ, ଅଞ୍ଚଳର ସଚେତନ ନାଗରିକ ଏବଂ ଗ୍ରାମବାସୀ ଯୋଗଦେଇ ଥିଲେ। ବନପାଳ ରମାକାନ୍ତ ନାୟକଙ୍କ ସହିତ ଅନ୍ୟ ବନକର୍ମଚାରୀ ସହଯୋଗ କରିଥିଲେ।



## ଡାନିଏଲ୍ ସ୍କୁଲର ବାର୍ଷିକ ଉତ୍ସବ




ବ୍ରଜରାଜନଗର,୨୮ ।୨(ସମିସ): ବ୍ରଜରାଜନଗର ସହରାଞ୍ଚଳ ଭୂତ ବଙ୍ଗଳାରେ ପୁରାତନ ଶିକ୍ଷା ଅନୁଷ୍ଠାନ ଡାନିଏଲ ପବ୍ଲିକ ସ୍କୁଲର ୨୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ବିଜୟ ପଟ୍ଟନାୟକଙ୍କ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ସଭାରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିକ୍ଷାର ବିକାଶ ତଥା ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଝାରସୁଗୁଡା ଜିଲ୍ଲାରେ ଏକ ବିଶ୍ୱ ବିଦ୍ୟାଳୟ କରାଯିବ ବୋଲି ସରକାର ଘୋଷଣା କରିଥିବା କହିଥିଲେ। ବ୍ରଜରାଜନଗର ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ଗୋପାଳ ଶୀତନୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ଥାନୀୟ ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଓରିଏଣ୍ଟ ଥାନା ଅଧିକାରୀ କ୍ଷମାସାଗର ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମଧୁସ୍ମିତା ମାଇତି, ଅଙ୍କିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ମହିଳାଚାଷୀଙ୍କୁ ସ୍ୱାବଲମ୍ବୀ କରିବ 'ବେଦାମୃତ'

ଝାରସୁଗୁଡ଼ା,୨୮ ।୨(ସମିସ):

ଝାରସୁଗୁଡ଼ା ବେଦାନ୍ତ ଆଲୁମିନାର ସାମାଜିକ ଦାୟିତ୍ୱବୋଧ ବିଭାଗ ଦ୍ୱାରା ପରିଚାଳିତ ବେଦାମୃତ ମହୁର ଉଦ୍‌ଘାଟନୀ ସମାରୋହ କୋଲାବିରାସ୍ଥିତ ଗ୍ରୀନ୍‌ଭ୍ୟାଲି ବଗିଚାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ବେଦାମୃତ ମହୁ ଚାଷ କରି ଗ୍ରାମାଞ୍ଚଳର ମହିଳା ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହିଳା ସଶକ୍ତିକରଣ ଯୋଜନାକୁ ବେଦାମୃତ ମହୁ ଚାଷ




ଜରିଆରେ ଫଳପ୍ରଦ ହୋଇପାରିବ ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୃଣାଲ ମୋତିରାମ ଚହ୍ୱାଣ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବେଦାମୃତ ସମଗ୍ର ଦେଶରେ ସୁନାମ ଆଣିବ ବୋଲି କହିଥିଲେ। ବେଦାନ୍ତର ସିଇଓ ସି. ଚନ୍ଦ୍ରୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବେଦାନ୍ତର ସିଏସଆର କାର୍ଯ୍ୟକ୍ରମ ଅନୁଯାୟୀ ଏବେ ମହୁ ଚାଷ ପାଇଁ ଗ୍ରାମାଞ୍ଚଳର ୫ ଶହ ମହିଳା ଚାଷୀଙ୍କୁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ୧୫ ଶହ ମହିଳାଙ୍କୁ ମହୁ ଚାଷ ଜରିଆରେ ସ୍ୱାବଲମ୍ବୀ କରାଯିବାର ଯୋଜନା ରହିଛି ବୋଲି କହିଥିଲେ। ଏଥିରେ ବେଦାନ୍ତର ସିଏଫଓ ଅମିତ ଗୁପ୍ତା, କୋଲାବିରା ଭାରପ୍ରାପ୍ତ ସରପଞ୍ଚ ଅଞ୍ଜଳି ବାଗ, ଝିର୍ଲାପାଲି ସରପଞ୍ଚ ତିଲୋତ୍ତମା ଛତ୍ରାନ, ସୋଡାମାଳ ସରପଞ୍ଚ ଚନ୍ଦନ ପଟ୍ଟନାୟକ, ପରମାଣପୁର ସରପଞ୍ଚ ଜାହ୍ନବୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

## ରେଙ୍ଗାଲି ନାବାଳିକା ଦୁଷ୍କର୍ମ ମାମଲା

# ଦୋଷୀକୁ ୨୦ ବର୍ଷ ଜେଲ୍

**ସମ୍ବଲପୁର, ୨୮।୨ (ସମିସ)** ସମ୍ବଲପୁର ଅତିରିକ୍ତ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ନାବାଳିକା ଦୁଷ୍କର୍ମ ମାମଲାର ବିଚାରକରି ଅଭିଯୁକ୍ତ ହେମନ୍ତ ଓରାମଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାରେ ଏଫ୍‌ଆଇଆର୍‌ଠାରୁ ଅନ୍ତିମ ରାୟ ପ୍ରକାଶ ପର୍ଯ୍ୟନ୍ତ ରେକର୍ଡ ୧୭୪ ଦିନ ମଧ୍ୟରେ ପ୍ରକ୍ରିୟା ସମାପ୍ତ ହୋଇଥିବା ଜଣାପଡ଼ିଛି।

ଘଟଣାଟି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳରେ ଘଟିଥିଲା। ୬-୯-୨୦୨୫ରେ ନାବାଳିକା ପିଡ଼ିତାଙ୍କ ପିତା ଅଭିଯୋଗ କରିଥିଲେ ଯେ, ତାଙ୍କ ଝିଅକୁ ଅଭିଯୁକ୍ତ ହେମନ୍ତ ଓରାମ ଫଶାଇ ପ୍ରେମସମ୍ପର୍କ ରଖିବାସହ ପ୍ରାୟ ବର୍ଷେ ପର୍ଯ୍ୟନ୍ତ ଦୁଷ୍କର୍ମ କରୁଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତା ଆଡମିଟ ହେବାପରେ ପୀଡ଼ିତା ୯ ମାସ ଗର୍ଭବତୀ ଥିବାନେଇ ପରିବାର ଲୋକେ ଜାଣିଥିଲେ। ଘଟଣା ଜଣାପଡ଼ିବା ପରେ ଅଭିଯୁକ୍ତ କାହାରିକୁ ନକହିବାକୁ ଧମକଚମକ ଦେଇଥିଲା। ଏନେଇ ପୀଡ଼ିତାଙ୍କ ପିତା ରେଙ୍ଗାଲି ଥାନାରେ ଅଭିଯୋଗ କରିବାପରେ ଥାନାଧିକାରୀ କେସ ନଂ. ୨୦୨/୬.୯.୨୦୨୫ ଦଫା ୬୪(୨)(ଏମ୍) / ୩୫୧(୩) ବିଏନ୍‌ଏସ୍ ସହିତ ୬ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଗଲା। ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ହେମନ୍ତ ଓରାମ ବିରୋଧରେ ୩୦.୧୦.୨୦୨୫ରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍ସୋ ବିଚାରପତି ଅଭିଲାଷ ସେନାପତି ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ହେମନ୍ତ ଓରାମକୁ ଦୋଷୀ ସାବ୍ୟସ୍ତ କରି ସେକ୍ସନ ୬ ପୋକ୍ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହାସହ ଦଫା ୩୫୧(୩) ବିଏନ୍‌ଏସ୍‌ରେ ୪ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜରିମାନା ଅନାଦେୟ ହେଲେ ୧ ମାସ ଅଧିକ ଜେଲଦଣ୍ଡ ଭୋଗିବେ। ଉଭୟ ଦଣ୍ଡ ଏକକାଳୀନ ଚାଲିବ। ବିଚାରପତି ଶ୍ରୀ ସେନାପତି ନିୟମ ଅନୁଯାୟୀ ପିଡ଼ିତାଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ସମ୍ବଲପୁରକୁ ନିର୍ଦ୍ଦେଶ ଦେଇଛନ୍ତି। ଡେପୁଟି ଡାଇରେକ୍ଟର ଅଫ୍ ପ୍ରୋସେକ୍ୟୁସନ୍ସ ସଞ୍ଜୟ ପଧାନଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପିପି (ପୋକ୍ସୋ) ପ୍ରସନ୍ନ କୁମାର ସାହୁ ଏହି ମୋକଦ୍ଦମା ପରିଚାଳନା କରିଥିଲେ। ଏହି ମାମଲାରେ ରେଙ୍ଗାଲି ଥାନା ଏସ୍‌ଆଇ ରଞ୍ଜନ ନାଗ ତଦନ୍ତ ଅଧିକାରୀ ଥିବାବେଳେ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ସୁପରଭାଇଜିଂ ଅଧିକାରୀ ରହିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗରେ ଜାତୀୟ ସେମିନାର




**ସମ୍ବଲପୁର, ୨୮।୨ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟର ପିଜି ଆଇନ ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ ଜାତୀୟ ସେମିନାର ଆଜି ଦେଶବ୍ୟାପୀ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆଇନ ଗବେଷକ ଏବଂ ଅଭ୍ୟାସକାରୀଙ୍କ ସମ୍ମିଳନୀ ସମାପ୍ତ ହୋଇଛି। ସେମିନାରରେ ଶିକ୍ଷାବିତ୍, ଓକିଲ, ଗବେଷଣା ବିଦ୍ୱାନ ଏବଂ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ଦ୍ୱାରା ସମସାମୟିକ ଆଇନଗତ ପ୍ରସଙ୍ଗ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା ପ୍ରୋତ୍ସାହିତ ହୋଇଥିଲା। ଏହି ଉଦ୍‌ଯାପନୀ 'ସାମାଜିକ ନ୍ୟାୟ, କଲ୍ୟାଣ ଏବଂ ସାମାଜିକ ପରିବର୍ତ୍ତନ' ଏବଂ 'ପରିବେଶ ଏବଂ ଆଇନ' ବିଷୟବସ୍ତୁ ଉପରେ କେନ୍ଦ୍ରିତ ଥିଲା। ବିଶିଷ୍ଟ ବକ୍ତାମାନେ ସାମାଜିକ ପରିବର୍ତ୍ତନର ଏକ ଉପକରଣ ଭାବରେ ଆଇନର ବିକଶିତ ଭୂମିକା ଉପରେ ଆଲୋଚନା କରିଥିଲେ, ଉପେକ୍ଷିତ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସାମ୍ବିଧାନିକ ନିର୍ଦ୍ଦେଶ ଏବଂ କଲ୍ୟାଣକାରୀ ଆଇନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋଚନାରେ ସାମାଜିକ ନ୍ୟାୟ ନୀତିର ଗତିଶୀଳ ବ୍ୟାଖ୍ୟା ଏବଂ ଉଦୀୟମାନ ସାମାଜିକ-ଆର୍ଥିକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଅନ୍ତର୍ଭୁକ୍ତ ଆଇନଗତ ଢାଞ୍ଚାର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ଏହା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉନ୍ନତ ଆଇନଗତ ଗବେଷଣା ଏବଂ ଶୈକ୍ଷିକ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲା।

# ପ୍ରୟୋଗ କର୍ମଶାଳା ଉଦ୍‌ଯାପିତ

**ସମ୍ବଲପୁର, ୨୮।୨ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜୈବ ପ୍ରଯୁକ୍ତିବିଦ୍ୟା ଓ ଜୈବ ସୂଚନା ବିଜ୍ଞାନ ବିଭାଗରେ 'ମୋଲିକ୍ୟୁଲାର ଡକିଂ ଏବଂ ଡ୍ରଗ୍ ଡିଜାଇନରେ ଏହାର ପ୍ରୟୋଗ' ଶୀର୍ଷକ ଦୁଇଦିନିଆ କର୍ମଶାଳା ଉଦଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଭାରପ୍ରାପ୍ତ କୁଳପତି ପ୍ରଫେସର ସଂଯୁକ୍ତା ଦାସ, କୁଳସଚିବ ତଥା ବିଭାଗମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ନାଏକ, କର୍ମଶାଳା ପରାମର୍ଶଦାତା ପ୍ରଫେସର ଅମିୟ କୁମାର ପଟେଲ ତଥା ସଂଯୋଜକ ଡଃ ଭବାନୀ ପ୍ରସାଦ ବାଗ ଉପସ୍ଥିତ ରହି ଆଣବିକ ଡକିଂ ଏବଂ ଔଷଧ ଡିଜାଇନରେ ଏହାର ପ୍ରୟୋଗ ଉପରେ ଆଲୋଚନା କରିଥିଲେ। ଡଃ କବିତା ତ୍ରିପାଠୀ ଓ ଡଃ ସୁଧୀର ରଞ୍ଜନ ଭୋଇଙ୍କ ସମେତ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ଏକାଧିକ ଅଧିବେଶନ ହୋଇଥିଲା। ଏଥିରେ ମୋଲିକ୍ୟୁଲାର ଡକିଂ ଏବଂ ଡ୍ରଗ୍ ଡିଜାଇନ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ନିବନ୍ଧ ଉପସ୍ଥାପନ ଏବଂ ଆଲୋଚନା ହୋଇଥିଲା। ଡଃ ବିରେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡଃ ଚୁମକିଜିନି ଛତରିଆ ଓ ଇଂ ସୀମା ପଟେଲ ସହଯୋଗ କରିଥିଲେ।

# କୁଚିଣ୍ଡା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**କୁଚିଣ୍ଡା, ୨୮ ।୨(ସମିସ):** କୁଚିଣ୍ଡା ମହାବିଦ୍ୟାଳୟର କଳା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ ତରଙ୍ଗ ପାଳିତ ହୋଇଯାଇଛି। କୁଚିଣ୍ଡା ମହାବିଦ୍ୟାଳୟ ଅଧକ୍ଷ ଡ. ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ କେନ୍ଦ୍ରାଞ୍ଚଳ ପୋଲିସ ଡ଼ି ଆଇଜି ଡ. ସତ୍ୟଜିତ ନାଏକ, ସମ୍ମାନିତ ଅତିଥି ରୂପେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଏବଂ ମୁଖ୍ୟବକ୍ତା ଭାବେ ଜିଏମ ୟୁନିଭର୍ସିଟି ପ୍ରଫେସର ଡ. ଅଞ୍ଜଳି ତ୍ରିପାଠୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ଡ. ସୁଧାଂଶୁ କୁମାର ମହାପାତ୍ର, ଡ.ମଞ୍ଜୁଶ୍ରୀ ସାହୁ, ଡ.ମମତା ବାଘ, ଅଧ୍ୟାପକ ନିର୍ମଳ ଉର୍ମା, ରିତୁ ପ୍ରିୟା ନାଏକ, ଜିନିଆ ଭଟ୍ଟାଚାର୍ଯ୍ୟ, ସତ୍ୟମ କୁମାର ପଟେଲ, କିଶୋର ମହାକୁଳ ଓ କଳା ପରିଷଦର ଉପସଭାପତି ମହାଦେବ ମେହେର, ବେଲମତି କୁମୁରା, ଜାଗୃତି ବାଘ, କ୍ଷୀରଦିନି ଜୟ, ମନୋଜ କୁମାର ଜେନା, ଶମ୍ଭୁ ମୁଣ୍ଡାଙ୍କ ସହ ଛାତ୍ର ପ୍ରତିନିଧି କିରଣ ବାଘ, ଅର୍ପିତା ନାଏକ ପ୍ରମଖ ଉପସ୍ଥିତ ଥିଲେ। ପରେ ଅତିଥିଙ୍କ ଦ୍ୱରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଆଶୀର୍ବାଦ ମହାନ୍ତିଙ୍କ ଦ୍ୱାରା ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବୁର୍ଲା ବ୍ରାହ୍ମଣ ସମାଜର ବୈଠକ

**ସମ୍ବଲପୁର, ୨୮।୨ (ସମିସ) :** ବୁର୍ଲାସ୍ଥିତ ନୃସିଂହ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜ, ବୁର୍ଲାର ମାସିକ ବୈଠକ ଅବସରରେ ସଭାକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ପ୍ରଫେସର ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଏବଂ ବ୍ରାହ୍ମଣ ସମାଜର ସକ୍ରିୟ ସଦସ୍ୟ ଟୁଲୁ ସାହୁଙ୍କ ଆତ୍ମାର ସଦ୍‌ଗତିକଳ୍ପେ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଏବର୍ଷ ସମ୍ବଲପୁର ଜିଲ୍ଲା କୋର୍ଟରେ ସରକାରୀ ଓକିଲ ଭାବରେ ନିଯୁକ୍ତ ହୋଇଥିବା ବୁର୍ଲାନିବାସୀ ପ୍ରସନ୍ନ କୁମାର ସାହୁ, ଆଶୁତୋଷ ବିଶି, ମୁକୁଲ ଦାଶ, ଆଶିଷ ପଟ୍ଟନାୟକ, ନମ୍ରସକାନ୍ତ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବରେ ବ୍ରାହ୍ମଣ ସମାଜ ବୁର୍ଲା ତରଫରୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଯୁଧିଷ୍ଠିର ପତିଙ୍କ ସଭାପତିତ୍ୱ ଓ ସମ୍ପାଦକ ସୁନିଲ ଆଚାର୍ଯ୍ୟଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମାର୍ଗଦର୍ଶକ ଉପଦେଷ୍ଟା ପ୍ରଫେସର ସାଧୁଚରଣ ପଣ୍ଡା, ଉପସଭାପତି ଇଂ. ଦିନଦୟାଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର କୋଷାଧ୍ୟକ୍ଷ ହରିଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ଜନ୍ମଭୂମିରେ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୮।୨ (ସମିସ) :** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଭୂମି ଖିଣ୍ଡାଠାରେ ଆଜି ତାଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ବୀର ସୁରେନ୍ଦ୍ର ସାଏ ଅସୁରଗଡ଼ ଜେଲରେ ୧୮୮୪ ମସିହା ଫେବୃଆରୀ ୨୮ ତାରିଖରେ ବୀରଗତିକୁ ପ୍ରାପ୍ତ ହୋଇଥିଲେ। ଏହି ଅବସରରେ ସୁରେନ୍ଦ୍ର ସାଏଙ୍କ ଜୀବନୀ ଓ ସଂଗ୍ରାମ ବିଷୟରେ ଆଲୋଚନା ହୋଇଥିଲା। ଦୂର ଦୂରାନ୍ତରୁ ଲୋକେ ଖିଣ୍ଡାକୁ ଆସି ଏବେ ସୁରେନ୍ଦ୍ର ସାଏଙ୍କ ବିଷୟରେ ଅନେକ କିଛି ଜାଣି ପାରୁଛନ୍ତି ବୋଲି ମତପ୍ରକାଶ ପାଇଥିଲା। ପରିଚାଳନା କମିଟି ସଭାପତି ବିରେନ୍ଦ୍ର ସାଏ, ସମ୍ପାଦକ ହେମନ୍ତ ରାଉତ ଓ କିଶୋର କୁମାର ସାହୁ, ମନବୋଧ ବିଶ୍ୱାଳ, ସୁନିଲ ଦାସ, ଉମାକାନ୍ତ ମେହେର, ସମିତିସଭ୍ୟା ଅନିତା ସିଂହ, ଢୁଲାକାନ୍ତ ବୁଧିଆଙ୍କ ସମେତେ ଅନେକ ବ୍ୟକ୍ତିବିଶେଷ ଉପସ୍ଥିତ ରହି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ରାଷ୍ଟ୍ରୀୟସ୍ତରରେ ଭିସୁଟ୍ ଟିମ୍ ଏରୋଟେକ୍ ପ୍ରଥମ

**ସମ୍ବଲପୁର, ୨୮।୨ (ସମିସ) :** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ବୁର୍ଲାର ଟିମ୍ ଏରୋଟେକ୍ ପୁନର୍ବାର ରାଷ୍ଟ୍ରୀୟସ୍ତରରେ ଗୌରବ ଅର୍ଜନ କରିଛି। ଏହି ଛାତ୍ର ଦଳ ସୋସାଇଟି ଅଫ୍ ଅଟୋମୋଟିଭ୍, ଦକ୍ଷିଣ ଭାରତ ଖଣ୍ଡ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ରେଗୁଲାର ଶ୍ରେଣୀର ଡିଜାଇନ୍ ରିପୋର୍ଟ ବିଭାଗରେ ସମଗ୍ର ଭାରତରେ ପ୍ରଥମ ସ୍ଥାନ ଅର୍ଜନ କରି ନୂତନ ଇତିହାସ ସୃଷ୍ଟି କରିଛନ୍ତି। ଏହି ତିନିଦିନିଆ ପ୍ରତିଯୋଗିତା ଫେବୃଆରୀ ୨୦ରୁ ୨୨ ପର୍ଯ୍ୟନ୍ତ କେସିଜି କଲେଜ୍ ଅଫ୍ ଟେକ୍ନୋଲୋଜି, ଚେନ୍ନାଇରେ ଆୟୋଜିତ ହୋଇଥିଲା। ଦେଶର ବିଭିନ୍ନ ପ୍ରମୁଖ ପ୍ରଯୁକ୍ତିକୀ ଅନୁଷ୍ଠାନରୁ ପ୍ରାୟ ୮୦ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କଠିନ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଟିମ୍ ଏରୋଟେକ୍ ତାଙ୍କର ନବୀନ ଧାରଣା, ସଠିକ୍ ଯାନ୍ତ୍ରିକ ବିଶ୍ଳେଷଣ ଓ ଉତ୍କୃଷ୍ଟ ପ୍ରାୟୋଗିକ ପ୍ରତିବେଦନ ପାଇଁ ବିଚାରକମଣ୍ଡଳୀଙ୍କ ନିକଟରୁ ପ୍ରଶଂସା ଅର୍ଜନ କରିଥିଲେ। ଏହି ସଫଳତା ପଛରେ ଟିମ୍ ସଦସ୍ୟମାନଙ୍କର ଅଦମ୍ୟ ପରିଶ୍ରମ, ଦଳୀୟ ସମନ୍ୱୟ ଓ ସହାୟକ ପ୍ରାଧ୍ୟାପିକାଙ୍କ ମାର୍ଗଦର୍ଶନ ମୂଳ ଭୂମିକା ନିର୍ବାହ କରିଛି। ବିଶ୍ୱବିଦ୍ୟାଳୟ ପ୍ରଶାସନ ଓ ଅଧ୍ୟାପକବୃନ୍ଦ ଦଳକୁ ଅଭିନନ୍ଦନ ଜଣାଇବା ସହ ଏହି ସଫଳତା ଆଗାମୀ ଦିନରେ ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି ଐତିହାସିକ ସଫଳତା ଦ୍ୱାରା ଭିସୁଟ୍ ବୁର୍ଲା ଓ ସମଗ୍ର ଓଡ଼ିଶା ପୁନର୍ବାର ଜାତୀୟ ମଞ୍ଚରେ ଗୌରବାନ୍ୱିତ ହୋଇଛି।






## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାତୀୟ ବିଜ୍ଞାନ ଦିବସ

# ବିଜ୍ଞାନ ପାଇଁ ସବୁ କାର୍ଯ୍ୟ ସରଳ ହୋଇପାରୁଛି









### ଡିଏଭି, ବୁର୍ଲା

**ସମ୍ବଲପୁର, ୨୮।୨ (ସମିସ):** ଡିଏଭି ବୁର୍ଲାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର କୁମାର ବେଦବାକ୍ ମୁଖ୍ୟଅତିଥି ରୂପେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ପ୍ରାରମ୍ଭ କରିଥିଲେ। ନୋବେଲ ପୁରସ୍କାର ବିଜେତା ଡକ୍ଟର ସି ଭି ରମଣଙ୍କ ଫଟୋଚିତ୍ରରେ ମୁଖ୍ୟଅତିଥିଙ୍କ ସହିତ ସମସ୍ତ ଶିକ୍ଷକ ଶ୍ରଦ୍ଧାପୁଷ୍ପ ଅର୍ପଣ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ବିଜ୍ଞାନର ଉପକାରିତା ଓ ଉପଯୋଗିତା ଉପରେ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଅପର୍ଣ୍ଣା ଦାସ ସାମ୍ପ୍ରତିକ ପରିସ୍ଥିତିରେ ବିଜ୍ଞାନର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ଡକ୍ଟର ସିଭି ରମଣଙ୍କ ଜୀବନୀ ଉପରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷୟିତ୍ରୀ ଜୟଶ୍ରୀ ବିଦ୍ୟାଧର ସଂଯୋଜନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ସରସ୍ୱତୀ ଶିଶୁ ମନ୍ଦିର, ହୀରାକୁଦ

ହୀରାକୁଦ ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ହୀରାକୁଦ ପାଣିପାଗ ବିଭାଗର ମୁଖ୍ୟ ସଦାନନ୍ଦ ବିଶ୍ୱାଳ ଯୋଗଦେଇ ବିଜ୍ଞାନର ପ୍ରଗତିରେ ସି.ଭି.ରମଣଙ୍କ ଅବଦାନ ଓ ତାର ରହସ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଗୁରୁଜୀ ଚଇନୁ ପଧାନ ବିଜ୍ଞାନ ଦ୍ୱାରା ସବୁକାର୍ଯ୍ୟ ସରଳ ହୋଇପାରୁଛି ବୋଲି କହିଥିଲେ। ଶିଶୁ ସାଇମା ନାୟକ, ଦେବଶ୍ରୀ ବର, ସୌଦାମିନୀ ପଣ୍ଡା, ସଂଯୋଗ ଭୋଇ, ଗୋପାଳ ପଲେଇ ବିଜ୍ଞାନ ଦିବସର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ବୈଜ୍ଞାନିକଙ୍କ ଚିତ୍ର ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ପଙ୍କଜିନୀ ଜେନା ବୌଦ୍ଧିକ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ପ୍ରିୟରଞ୍ଜନ ଧଳ, ଗୁରୁମା ରାନୁ ସିଂ, ସାଗରୀକା ପଣ୍ଡା ଓ ଅନ୍ୟାନ୍ୟ ଗୁରୁଜୀ, ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପାଞ୍ଚପୁଟ ହାଇସ୍କୁଲ

ମାନେଶ୍ୱର ବ୍ଲକର ହୁମା ପଞ୍ଚାୟତସ୍ଥିତ ପାଞ୍ଚପୁଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ମଧୁସୂଦନ ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରି ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷକ ସତ୍ୟଜିତ ବେହେରା ଜନଜୀବନରେ ବିଜ୍ଞାନର ପ୍ରଭାବ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଭାରେ ଶିକ୍ଷକ ସୀତାରାମ ସାହୁ, ସନ୍ଦୀପ ସାହୁ, ଭଗବାନ ଝଙ୍କର, ହେମନ୍ତ ମଲ୍ଲିକ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ତନସନା, ଜ୍ୟୋତିର୍ମୟୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜ୍ଞାନ କୁଇଜ୍, ପ୍ରବନ୍ଧ ରଚନା, ତର୍କ ପ୍ରତିଯୋଗିତା ସହ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

### ସମ୍ବଲପୁର ମହିଳା ମହାବିଦ୍ୟାଳୟ

ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁରରେ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଓ ଶୈକ୍ଷିକ ଗବେଷଣା ପ୍ରତିଷ୍ଠାନ (ନାଇଜର୍) ର ଡକ୍ଟର ବିଷ୍ଣୁ ପ୍ରସାଦ ବିଶ୍ୱାଳ ରିଡର୍-ଏଫ, ମାନବ ସେବାରେ ବିଜ୍ଞାନ ଶୀର୍ଷକରେ ଅଭିଭାଷଣ ଦେଇ ଏହାର ଲୋକ କଲ୍ୟାଣକର ଦିଗ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜ୍ଞାନ ସମିତିର ଉପସଭାପତି ପ୍ରଫେସର ପବିତ୍ର ମୋହନ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ ଏବଂ ଡକ୍ଟର ସୁନୀଲ କୁମାର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କ୍ୱିଜ ପ୍ରତିଯୋଗିତାର ଶ୍ରେଷ୍ଠ ତିନିଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟ

ଧନୁପାଲିସ୍ଥିତ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ସନ୍ତୋଷ ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ତଥା ବିଜ୍ଞାନ ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସଙ୍ଗିତା ବେହେରା ସଭା ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ

ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପ୍ରଧାନଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। କଳା ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମିଶ୍ର ଏବଂ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ ଜୟନ୍ତୀ ହୋତାଙ୍କ ଦ୍ୱାରା ଲିଖିତ ବିଜ୍ଞାନ ସଙ୍ଗୀତର ପରିବେଷଣ କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପ୍ରିନ୍ସମିତା ରାଣୀ ବିଶି, ପଙ୍କଜିନୀ ନାୟକ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନର ଉପଯୋଗିତା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ।ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମଦନ ମୋହନ ମାଝୀ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଅପର୍ଣ୍ଣା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଶାସନ ହାଇସ୍କୁଲ

ସମ୍ବଲପୁର ଜିଲ୍ଲା ଶାସନ ହାଇସ୍କୁଲରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ତାରାବତୀ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷୟିତ୍ରୀ ଶୋଭାଗିନୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରୀତାଞ୍ଜଳି ଶତପଥୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ଦେବାଶିଷ ସାହୁ, ଗୁଲସନ କୁମାର ସେଠ, ଶିକ୍ଷୟିତ୍ରୀ ଲକ୍ଷ୍ମୀ କିସାନ, ଦମୟନ୍ତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପୂର୍ଣ୍ଣିମା ମହାନନ୍ଦ ସଞ୍ଚାଳନ କରିଥିବା ବେଳେ ଶିକ୍ଷୟିତ୍ରୀ ତୃପ୍ତିବାଳା ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

### କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

**କୁଚିଣ୍ଡା:** କୁଚିଣ୍ଡା ସରସ୍ୱତୀ ଶିଶୁ-ବିଦ୍ୟାମନ୍ଦିର, କୁଚିଣ୍ଡା ଜାତୀୟ ବିଜ୍ଞାନ ଦିବସ ପାଳନ କରିଛି। ପ୍ରଧାନ ଆଚାର୍ଯ୍ୟ ପ୍ରଣବ କୁମାର ଦ୍ୱିବେଦୀ ଅତିଥି ପରିଚୟ କରିଥିଲେ। ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ କୁଚିଣ୍ଡା ମହାବିଦ୍ୟାଳୟର ବିଜ୍ଞାନ ଅଧ୍ୟାପକଡ଼କ୍ଟର ଆଲୋକ କୁମାର ପଟେଲ, ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ପଟେଲ ମଞ୍ଚାସିନ ଥିଲେ। ଲକ୍ଷ୍ମଣ ଗୁରୁଜୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟ ତରଫରୁ ବିଜ୍ଞାନ ପ୍ରାଚୀର ପତ୍ରିକା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଗୁରୁମା ସୁଜାତା ସାହୁ, ତାଙ୍କୁ ସହଯୋଗ କରିଥିଲେ ଗୁରୁଜୀ ଚନ୍ଦ୍ରକାନ୍ତ ଦେଓ, ରୋମାଞ୍ଚ ସାହୁ, ଓମ୍ ପ୍ରକାଶ ମହାକୁଳ, କବିତା ଦ୍ୱିବେଦୀ ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା। ଶେଷରେ ବିଜ୍ଞାନ ଗୁରୁ ମା ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।












# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଜ୍ଞାନ ଦିବସ











## ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସ

**ବରଗଡ଼, ୨୮।୨(ସମିସ):** ବିକାଶ ହାୟର୍ ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସରେ ଜାତୀୟ ବିଜ୍ଞାନ ଦିବସ 'ଭିସ୍ୱାର୍ଚ୍ଚ-୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲା (ଡିନ୍ ଷ୍ଟୁଡେଣ୍ଟ୍ ୱେଲ୍‌ଫେୟାର) ପ୍ରଫେସର ରାକେଶ ରୋଶନ ଦାଶ ଯୋଗ ଦେଇଥିଲେ। ବିଜ୍ଞାନ ଓ ପ୍ରକୃତିର ସାମଞ୍ଜସ୍ୟକୁ ବିସ୍ତୃତ ଭାବେ ଉପସ୍ଥାପନା କରି ଆର୍ଟିଫିସିଆଲ୍ ଇଣ୍ଟେଲଜେନ୍ସ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ ବିଜ୍ଞାନ ଦିବସର ଶୁଭେଚ୍ଛା ଦେଇଥିଲେ। ଏହି ଅବସରରେ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ଏବଂ ଛାତ୍ରୀ ଅନନ୍ୟା ଦାଶ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଭିସ୍ୱାର୍ଚ୍ଚ-୨୦୨୬ କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ, ପଦାର୍ଥ ବିଜ୍ଞାନ, ରସାୟନ ଶାସ୍ତ୍ର, ଗଣିତ ଶାସ୍ତ୍ର, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ ତଥା ବିକାଶ ଫାର୍ମାସି ବିଭାଗରୁ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦ୍ୱାରା ୪୮ଟି ପ୍ରକଳ୍ପ ପ୍ରଦର୍ଶନୀ କରାଯାଇଥିଲା। କିଚେନ୍ ଟୁ କସ୍‌ମସ୍ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ଯଥାକ୍ରମେ ବିକାଶ ଡିଗ୍ରୀ କଲେଜ୍ ଏବଂ ବିକାଶ ଇଂଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀ ଛାତ୍ରଛାତ୍ରୀ ବିଶେଷ ସେମିନାର ଉପସ୍ଥାପନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ୩ଟି ପ୍ରକଳ୍ପକୁ ପ୍ରୋତ୍ସାହନ ସ୍ୱରୂପ ଅର୍ଥରାଶି ପ୍ରଦାନ କରାଯାଇଥିଲା। ବର୍ଜ୍ୟବସ୍ତୁରୁ ବିଦ୍ୟୁତ (ବିକାଶ ପଲିଟେକ୍ନିକ) ପ୍ରଥମ ପୁରସ୍କାର (୫୦୦୦ ଟଙ୍କା), ଉତ୍ତମ ସାସ୍ଥ୍ୟ (ବିକାଶ ଡିଗ୍ରୀ କଲେଜ) ଦ୍ୱିତୀୟ ପୁରସ୍କାର (୩୦୦୦ ଟଙ୍କା) ଏବଂ ନ୍ୟୁରୋ ସାଇଟ୍ (ବିକାଶ ଇଂଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀ ତୃତୀୟ ପୁରସ୍କାର (୨୦୦୦ ଟଙ୍କା) ପ୍ରଦାନ କରାଯାଇଥିଲା। ସମ୍ବଲପୁରରୁ ବଦ୍ରିପ୍ରସାଦ ଇଂଷ୍ଟିଚ୍ୟୁଟ୍ ଏବଂ ସରକାରୀ ପଲିଟେକ୍ନିକରୁ ମଧ୍ୟ ୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପଞ୍ଚାୟତ କଲେଜରୁ ଅଧ୍ୟାପିକା ଡ.ବଦ୍ୟୁତ୍ ପ୍ରଭା ମହାନ୍ତି ଏବଂ ଅଧ୍ୟାପକ ଡ.କିଶୋର ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ.ଅଜୟ ମହାପାତ୍ର ସାଗତ ଭାଷଣ ଦେବା ସହ ଅତିଥି ପରିଚୟ ଦେଇଥିଲେ। ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ର ଉଦ୍‌ଘାଟନୀ ଉତ୍ସବର ଧନ୍ୟବାଦ ପ୍ରଦାନ କରିଥିବା ବେଳେ ସମାପନ ଉତ୍ସବରେ ବିକାଶ ପଲିଟେକ୍ନିକର ଅଧ୍ୟକ୍ଷ ଡ.ଦିଲ୍ଲିପ ଖମାରି ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ଇଂଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀର ଅଧ୍ୟକ୍ଷ ଡ.ପର୍ଣ୍ଣେନ୍ଦୁ ମିଶ୍ର ସମାପନ ଉତ୍ସବ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେସ୍ନାଲ କ୍ୟାମ୍ପସର ବରିଷ୍ଠ ଉପଦେଷ୍ଟା, ଅଧ୍ୟକ୍ଷ୍ୟ, ଡିନ୍ ଷ୍ଟୁଡେଣ୍ଟ ଆଫେୟାର, ଉପାଧ୍ୟକ୍ଷ୍ୟ, ଅଧ୍ୟାପକ-ଅଧ୍ୟାପିକା ଉପସ୍ଥିତରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି ବିଜ୍ଞାନ ଦିବସରେ ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପ୍ରକଳ୍ପ ମାନଙ୍କର ଉପାଦେୟତା ସମ୍ବନ୍ଧରେ ଜ୍ଞାନ ଆହାରଣ କରିଥିଲେ। ଅଧ୍ୟାପିକା ସୌମ୍ୟାଶ୍ରୀ ଏବଂ ବର୍ଷା ପ୍ରିୟଦର୍ଶିନୀ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଡିନ୍ ଆର୍‌ଏସ୍‌ଭି କ୍ରିଷ୍ଣା ପୁରସ୍କାର ବିତରଣ ଉତ୍ସବ ସଂଯୋଜନା କରିଥିଲେ।





## ପାର୍ବତୀଗିରି ମହାବିଦ୍ୟାଳୟ

**ବରଗଡ଼:** ସ୍ଥାନୀୟ ପାର୍ବତୀଗିରି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ ଜାତୀୟ ବିଜ୍ଞାନ ଦିବସ ପାଳନ ହୋଇଯାଇଛି। ବିଭାଗୀୟ ମୁଖ୍ୟ ତୁଷାରକାନ୍ତି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ବିଜ୍ଞାନରେ ନାରୀମାନେ: ବିକଶିତ ଭାରତକୁ ତ୍ୱରାନ୍ୱିତ କରୁଛନ୍ତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ମୁଖ୍ୟ ଅତିଥି, ଡ.ପୁଷ୍ପାଞ୍ଜଳି ପ୍ରଧାନ, ମୌସୁମୀ ଲିଜା ନାୟକ, ମଧୁସ୍ମିତା ନନ୍ଦ ଓ ଗାୟତ୍ରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିକଶିତ ଭାରତର ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଜ୍ଞାନ କ୍ଷେତ୍ରରେ ନାରୀମାନଙ୍କ ଭାଗୀଦାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ବିଶ୍ୱଜିତ ସାହୁ, ଶିବାଶିଷ ମହାପାତ୍ର, ଅନୀତା ପ୍ରଧାନ ଓ ଛାତ୍ରୀମାନଙ୍କ ମଧ୍ୟରେ ଜିଜ୍ଞାସା ବେହେରା, ସୋନାଲି ସାହୁ, ସିଦ୍ଧି ସାହୁ, ଲିପସା ପ୍ରଧାନ, ସମୀକ୍ଷା ଭୋଇ, ସାଇଶ୍ରୀ ସାହୁ ଓ ସ୍ୱାଗତିକା ସାହୁ ବିଭିନ୍ନ ମିଶାଇଲ୍ ଟେକ୍ନୋଲୋଜି ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ.ଚନ୍ଦ୍ରମଣି ଦେବତା, ଅମିତ ଭାର୍ଗବ, ତୁଳମୁକ୍ତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ରୂପାଞ୍ଜଳି ଜୁଆଡି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଣା ପ୍ରତାପ ସ୍କୁଲ

**ବରଗଡ଼:** ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ବିଜ୍ଞାନ ଭିତ୍ତିକ ତର୍କ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ ଓ ଜ୍ୟୋତି ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ତର୍କ ପ୍ରତିଯୋଗିତାରେ ସାଲିନି ସା, ଆର୍ ଜୟଶ୍ରୀ, ସୋମେନ୍ଦ୍ର ବରାଡ ବରିଷ୍ଠ ବିଭାଗ କୁଇଜ୍ ପ୍ରତିଯୋଗିତାରେ ଶ୍ରୀତମ ମିଶ୍ର, ସାଲିନୀ ସା ପିଙ୍କି ବାଗ କନିଷ୍ଠ ବିଭାଗ କୁଇଜ୍ ପ୍ରତିଯୋଗିତାରେ ମୁସ୍କାନ୍ ବଞ୍ଜୋର୍, ଆର୍ ଜୟଶ୍ରୀ, ନମ୍ରତା ପାଣ୍ଡେ ପ୍ରମୁଖ ଯଥା କ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଧାନଶିକ୍ଷକ ସୁଦୀପ ରଥ, ଅବସରପ୍ରାପ୍ତ ଶିକ୍ଷକ ଡାକ୍ତର ଭୋଇ, କପିଳେଶ୍ୱର ବାଗ, ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନା ତ୍ରିପାଠୀ, ସୁନୀତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## କେଆର୍‌ପି ଉଚ୍ଚ ବିଦ୍ୟାଳୟ

**ଦହିତା:** ପଦ୍ମପୁର ଉପଖଣ୍ଡ ଅଧୀନ କେଆର୍‌ପି ଉଚ୍ଚ ବିଦ୍ୟାଳୟ ବାଜେନମୁଣ୍ଡା ଠାରେ ଶନିବାର ବିଜ୍ଞାନ ଶିକ୍ଷକ ବୁଦ୍ଧଦେବ ବଡଗୁଛିଆଙ୍କ ତତ୍ତ୍ୱାବଧାନରେ ଜାତୀୟ ବିଜ୍ଞାନ ଦିବସ ପାଳନ ହୋଇଯାଇଛି। ସହକାରୀ ଶିକ୍ଷକ ଚନ୍ଦ୍ରଶେଖର ବାରିକ ସ୍ୱାଗତ ଭାଷଣ ସହିତ ଉଦ୍ଦେଶ୍ୟ ଜ୍ଞାପନ ଓ ବିଜ୍ଞାନ ଶିକ୍ଷକ ଶ୍ରୀ ବୁଦ୍ଧଦେବ ବଡଗୁଛିଆ ଜାତୀୟ ବିଜ୍ଞାନ ଦିବସର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶିକ୍ଷକ ପ୍ରସନ୍ନ ମେହେର, ନବୀନ ଚନ୍ଦ୍ର ମେହେର, ପୂର୍ଣ୍ଣ ଚନ୍ଦ୍ର ମେହେର ଏବଂ ମୁକେଶ ବଗର୍ତ୍ତୀ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ଷା ମେହେର, ଜଗା ମେହେର, ନମ୍ରତା ଲୁହାର ଓ ପ୍ରିୟଙ୍କା ସାହୁ ବିଜ୍ଞାନ ସମ୍ପର୍କିତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ନବୀନ ଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟ

**ଅମ୍ବାଭୋନା:** ସ୍ଥାନୀୟ ଅମ୍ବାଭୋନା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଖ୍ୟାତନାମା ବୈଜ୍ଞାନିକ ଡ.ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ବିଜ୍ଞାନ ଦିବସ ଅଧ୍ୟକ୍ଷ ଦିନେଶ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ ମୁଖ୍ୟ ଅତିଥି ଓ ସମ୍ବାଦିକ ଉମେଶ ସେଠ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶୀଲ ନାଏକ, ଭାଗ୍ୟଶ୍ରୀ ନାୟକ, ଆକାଶ ଖମାରି, ଦିବ୍ୟାନନ୍ଦ ମେହେର ପ୍ରମୁଖ ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ମ୍ୟାଜିକ ସୋ' ଦେଖାଇଥିଲେ। ଯଥା ଭାସୁଥିବା ଅଣ୍ଡା, ଜଳରୁ କ୍ଷୀର ତିଆରି, ଆପେଆପେ ବେଲୁନ୍ ଫୁଲିବା, ପେପର୍‌ରେ କାହା ନାମ ଅଛି, ଜଳ ଉପରେ ନିଆଁ, ହଳଦୀର ଜାଦୁ, ମୃତ୍ୟୁର ଖେଳ, ଜଳ ମାଧ୍ୟମରେ କାଠ ଜାଳିବା ଆଦି ପ୍ରଦର୍ଶିତ କରାଯାଇଥିଲା। ଛାତ୍ରଛାତ୍ରୀ ବିଭିନ୍ନ ବୈଜ୍ଞାନିକ ଯଥା ସିଭିରମଣ, ଗାଲିଲିଓ, ମେରୀ କ୍ୟୁରି, ଆଚାର୍ଯ୍ୟ କଣାଦ, ଜନ୍ ଡାଲଟନ, ଆଇଜାକ୍ ନିଉଟନ, ସତ୍ୟେନ୍ଦ୍ର ନାଥ ବୋଷ, ଆର୍କିମିଡିସ୍, ଆଇନଷ୍ଟାଇନ, ଅବଦୁଲ କଲାମଙ୍କ ବେଶଭୂଷାରେ ସଜ୍ଜିତ ହେଇ ଏକକ ଅଭିନୟ କରିଥିଲେ। ଶିକ୍ଷକ ସୁଧାମୟ ତ୍ରିପାଠୀ, ଗଙ୍ଗାରାମ ମିର୍ଦ୍ଧା, କିର୍ତ୍ତିଚନ୍ଦ୍ର ସରାଫ୍, ନିକେଶ ସାହୁ ସ୍ୱାଧୀନ ସ୍ୱରୂପ ସାହୁ ଓ ଉମେଶ ସାହୁ ବିଜ୍ଞାନର ଉପଯୋଗ କରି କିପରି ଦୁର୍ନୀତି ରୋକାଯାଇ ପାରିବ ସେନେଇ ଏକ ନାଟକ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଜ୍ଞାନ ଭିତ୍ତିକ ପ୍ରଶ୍ନ ଓ ପ୍ରହେଳିକା ପଚାରିଥିଲେ। ସଠିକ୍ ଉତ୍ତର ଦେଇଥିବା ଶିକ୍ଷାର୍ଥୀଙ୍କୁ ପୁରସ୍କାର ଦିଆଯାଇଥିଲା। ବୈଜ୍ଞାନିକଙ୍କ ଶ୍ରେଷ୍ଠ ଅଭିନୟ କରିରୋହନ ପାଢ଼ୀ ତୃତୀୟ, ବାସୁଦେବ ମାଝୀ ଦ୍ୱିତୀୟ ଓ ମୀନକେତନ ସେଠ୍ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶ୍ରୀ ଅଦିତ୍ୟ ଭୁଏ ଓ ମହେଶ୍ୱର ପଧାନ ସଭା ପରିଚାଳନା କରିଥିବା ବେଳେ ଦେବପ୍ରିୟା ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟ

**ପଦ୍ମପୁର:** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ବିଜ୍ଞାନ ସମିତି ପକ୍ଷରୁ ଶନିବାର ଅତି ଆଡମ୍ବର ସହକାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ବିଜ୍ଞାନ କ୍ଷେତ୍ରରେ ମହିଳା: ବିକଶିତ ଭାରତର ଅନୁପ୍ରେରକ' ଶୀର୍ଷକ ଆଲୋଚନା ହୋଇଥିଲା। ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ମୋନାଲିସା ସ୍ୱାଇଁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ବିଜ୍ଞାନ ସମିତିର ଉପସଭାପତି ପ୍ରାଧ୍ୟାପିକା ତାପିନୀ ପଣ୍ଡା ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆମେରିକାରେ କାର୍ଯ୍ୟରତ ବୈଜ୍ଞାନିକ ତଥା ମହାବିଦ୍ୟାଳୟର ପୂର୍ବତନ ଛାତ୍ର ଡ.କାର୍ତ୍ତିକ ପ୍ରଧାନ ଯୋଗଦେଇ ନିଜ ସଂଘର୍ଷର ପ୍ରେରଣାଦାୟୀ କାହାଣୀ ଶୁଣାଇଥିଲେ। ସେ ବିକଶିତ ଭାରତ ଗଠନରେ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ କର୍କଟରୋଗ ସମ୍ପର୍କରେ ବୈଜ୍ଞାନିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଭୌତିକ ବିଜ୍ଞାନ ଅଧ୍ୟାପକ ଓମପ୍ରକାଶ ସତାନାମୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ

**ବରଗଡ଼, ୨୮।୨(ସମିସ):** ବେଆଇନ ଗଞ୍ଜେଇ ଚୋରା ଚାଲାଣ ରୋକିବାରେ ବରଗଡ଼ ପୁଲିସକୁ ଆଜି ସଫଳତା ମିଳିଛି। ନିଶାଦ୍ରବ୍ୟ ଏବଂ ଗଞ୍ଜେଇ ପରିବହନ ନେଇ ସ୍ୱତନ୍ତ୍ର ଅଭିଯାନ ହୋଇଛି। ବଲାଙ୍ଗିରରୁ ଝାଡଖଣ୍ଡ, ରାଞ୍ଚିକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଏସପି ପ୍ରହଲ୍ଲାଦ ସହାୟ ମୀନା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଏସପି ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ ଦାଶଙ୍କ ସମେତ ଏସ୍‌ଆଇ ରେଣୁକା ଏକ୍କା, ଏଏସ୍‌ଆଇ ରାଧେଶ୍ୟାମ ବିଶ୍ୱାଳଙ୍କ ସମେତ କିଛି ଅଧିକାରୀଙ୍କୁ ନେଇ ଟିମ୍ ଗଠନ କରିଥିଲେ। ଟିମ୍ ପକ୍ଷରୁ ଜାତୀୟ ରାଜପଥ ୫୩ କୁର୍ଲା ଛକରେ ଚେକିଂ କରାଯାଇଥିଲା। ଏଥିରେ ଗଞ୍ଜେଇ ବୋଝେଇ ୨ଟି କାର ଜବତ ହୋଇଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ କାର ଗୁଡିକରୁ ବିପୁଳ ପରିମାଣର ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱହେବ ବୋଲି ଗ୍ରାମାଞ୍ଚଳ ଥାନା ଅଧିକାରୀ କହିଛନ୍ତି। ତେବେ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟମାନଙ୍କ ସମ୍ପୃକ୍ତି ସମ୍ପର୍କରେ ତଦନ୍ତ ଜାରି ରହିଥିବା ସୂଚନା ରହିଛି।

**୨ଟି ଗାଡ଼ି ସହ ୨ ଅଭିଯୁକ୍ତ ଗିରଫ**

## ହୋଲି ପାଇଁ ଶାନ୍ତି କମିଟି ଗଠିତ

**ପଦ୍ମପୁର, ୨୮।୨(ସମିସ):** ପଦ୍ମପୁର ଉପଖଣ୍ଡର ଜଗଦଳପୁର ଥାନା ପରିସରରେ ଆସନ୍ତା ଦୋଳପୂର୍ଣ୍ଣିମା ଓ ରଙ୍ଗର ପର୍ବ ହୋଲିକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାର ଭାରପ୍ରାପ୍ତ ଅଧିକାରୀ ନରେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଜଗଦଳପୁର ଥାନା ଅଧୀନ ସମସ୍ତ ଗାଁର ଗ୍ରାମ୍ୟ କମିଟି ତଥା, ବରିଷ୍ଠ ନାଗରିକ ମାନଙ୍କୁ ନେଇ 'ହୋଲି' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ହୋଲିରେ ନିଜ ନିଜ ଗାଁରେ ରାସାୟନିକ ରଙ୍ଗକୁ ବର୍ଜନ ସହ ଅବିର ବା ଫଗୁର ବ୍ୟବହାର ତଥା ଶାନ୍ତି ଶୃଙ୍ଖଳା ସହ ବନ୍ଧୁତା ପୂର୍ଣ୍ଣ, ଅହିଂସାରେ ଆନନ୍ଦର ପର୍ବକୁ ପାଳନ ନିମନ୍ତେ ଶ୍ରୀ ପଣ୍ଡା ଉପସ୍ଥିତ ନାଗରିକଙ୍କୁ ପ୍ରସ୍ତାବ ଦେଇଥିଲେ। ବ୍ୟକ୍ତିବିଶେଷ ନିଜ ନିଜ ଗାଁରେ ଶାନ୍ତି ଶୃଙ୍ଖଳା ସହ ନିଶା ଦ୍ରବ୍ୟରୁ ଦୁରେଇ ରହି ଭାଇଚାରା ସହ ହୋଲି ପାଳନ ପାଇଁ ସହମତ ହୋଇଥିଲେ। ଶେଷରେ ଏଏସ୍‌ଆଇ ଖୁମୁରା ବାବୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଅମ୍ବାଭୋନା, ୨୮।୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ମହାତ୍ମାଗାନ୍ଧୀ ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ଧ୍ରୁବ ଚରଣ ସାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଶ୍ରୀ ସା ଏହି ମହାବିଦ୍ୟାଳୟରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିବା ଭିତରେ ୧୯ ବର୍ଷ ଅଧ୍ୟକ୍ଷ ଦାୟିତ୍ୱରେ ରହିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଧ୍ୟାପିକା ଦମୟନ୍ତି ହୋତା ଅଧ୍ୟକ୍ଷ୍ୟତା କରିଥିଲେ। କଲେଜର ପୂର୍ବତନ ସଭାପତି ବରିଷ୍ଠ ନାଗରିକ ହିମାଂଶୁ ରଥ, ଶିକ୍ଷାବିତ ଡ.ଚିନ୍ତାମଣୀ ପଟେଲ, ଭୁକ୍ତା ଡିଗ୍ରୀ କଲେଜର ପୂର୍ବତନ ଅଧ୍ୟକ୍ଷା କଳ୍ପନା ମିଶ୍ର, ବରିଷ୍ଠ ନାଗରିକ ଅମୃତଲାଲ ପଟେଲ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଠାକୁରରାମ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଅଧ୍ୟାପକ କିଶନ ଅଗ୍ରୱାଲ, ପ୍ରଶାନ୍ତ ସାହୁ, ସୁରଜ ପଟେଲ, ଜୟନ୍ତ ବାରିକ, ତାରାକାନ୍ତି ସାହୁ, ଅନୁପମା ପଧାନ, ଲିପିକା ସାହୁ, ସୁଜାତା ସା, ସୁଧାରାଣୀ ବେହେରା, ଭରତ ବିଶି, ଶରତ ଦେହେରୀ, ସୁବୋଧ ରଥ, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଛାତ୍ରଙ୍କ ମଧ୍ୟରୁ ଡରାଜ ବଘେଲ, ଗଣେଶ ସା, ମେଘନାଥ ପଟେଲ ଏବଂ ରମେଶ ଚନ୍ଦ୍ର ପଟେଲ, ଡ.ନେପାଳ ପ୍ରଧାନ, ଗୁନାରୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ସା'ଙ୍କ କାର୍ଯ୍ୟକାଳର ସ୍ମୃତି ଚାରଣ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାହୋଇଥିଲା। ଶେଷରେ ଅଧ୍ୟାପକ ଜୟନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅନୁଯାୟୀ ପ୍ରାଧ୍ୟାପିକା ଦମୟନ୍ତୀ ହୋତାଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷା ଦାୟିତ୍ୱ ପ୍ରଦାନ କରାହୋଇଛି।



## ଏବିଇଓ ଜୟ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର, ୨୮।୨(ସମିସ):** ବ୍ଲକ ଶିକ୍ଷା କାର୍ଯ୍ୟାଳୟ ରାଜବୋଡାସମ୍ବରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏବିଇଓ ଜୟ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୧୯୮୮ରୁ ଶିକ୍ଷକତା ଆରମ୍ଭ କରି ଶ୍ରୀ ସାହୁ ଆଜି ଏବିଇଓ ପଦବୀରୁ ଅବସର ଗ୍ରହଣ କରିଛନ୍ତି। ସଭାରେ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଦିଲ୍ଲୀପ ଭୋଇ ସଭା ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସମ୍ବଳ ସାଧନକର୍ମୀ ପ୍ରଭାତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା ସମୟରେ ଏବିଇଓ ରାମ ସିଂ ଭୋଇ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଶିକ୍ଷକ ପ୍ରମୋଦ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବରଗଡ଼, ୨୮।୨(ସମିସ):** ବରଗଡ଼ ସହର ୱାର୍ଡ ନମ୍ବର୍ ୨ ସ୍ଥିତ ସମଲେଶ୍ୱରୀ ସରକାରୀ ଉପ୍ରା ବିଦ୍ୟାଳୟ ଠାରେ ଶନିବାର ପ୍ରମୋଦ ମହାପାତ୍ରଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଅଭିବାବକ ମହସଂଘ ବରଗଡ଼ ଜିଲ୍ଲା ସଭାପତି ବିମଳ ଦାସ ଓ ସମ୍ପାଦକ ଗୋପୀନାଥ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ, ପ୍ରଶାନ୍ତ ମହାପାତ୍ର, ନନ୍ଦକିଶୋର ମହାପାତ୍ର, ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ ଶତପଥୀ, ବରଗଡ଼ କ୍ଲଷ୍ଟର ସଂଯୋଜୀକା ଅର୍ଚ୍ଚିତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଓ ଶେଷରେ ବିଦାୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ଶ୍ରୀ ମହାପାତ୍ରଙ୍କୁ ଏକ ମାନପତ୍ର ବିଧାୟକ ଶ୍ରୀ ଷଡଙ୍ଗୀଙ୍କ ହାତରୁ ପ୍ରଦାନ କରଯାଇଥିଲା।



ସଭା କାର୍ଯ୍ୟକୁ ତେଜରାଜ ହୋତା ସଞ୍ଚାଳନ କରିଥିବା ବେଳେ ପୂର୍ବତନ ପରିଚାଳନା କମିଟିର ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପଡ଼ାବାସୀ, ସମସ୍ତ ଅଭିବାବକ, ଅଭିବାବିକା ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ କୀର୍ତ୍ତନ ଦଳ ସହ ଏକ ଭବ୍ୟ ଶୋଭାଯାତ୍ରାରେ ବିଦାୟୀ ଶିକ୍ଷକଙ୍କୁ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା। ଶୋଭାଯାତ୍ରାରେ ବରଗଡ଼ କ୍ଲଷ୍ଟରସ୍ତରୀୟ ଶିକ୍ଷକ ଉମାକାନ୍ତ ମହାପାତ୍ର, ରେବତୀ ମହାନ୍ତି, ସଞ୍ଜୁକ୍ତା ପ୍ରଧାନ, ବିରାଟ ସାହୁ, ତେଜରାଜ ହୋତା, ସଙ୍ଗୀତା ପାଣିଗ୍ରାହୀ ପ୍ରମୁଖ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। ପଡ଼ାର ସମୀର ବାରିକ, ସଚିନ ମହାପାତ୍ର, ବେଲାଲ ସେନ ପ୍ରଧାନ, ସରୋଜ ଧରୁଆ, ସୁଜିତ୍ ମିଶ୍ର ପ୍ରମୁଖ ଅନେକ ବୁଦ୍ଧିଜୀବୀ ସାମିଲ ଥିଲେ।

## ଏକତା ଖେଳ ପ୍ରତିଯୋଗିତା ଓ ପଦଯାତ୍ରା




**ଭେଡେନ, ୨୮।୨(ସମିସ):** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଭେଡେନ ପଞ୍ଚାୟତ ସମିତି ତରଫରୁ ଏକତା ଖେଳ ପ୍ରତିଯୋଗିତା ଓ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭେଡେନ ବିଡିଓ କର୍ଣ୍ଣ ସୁନାଙ୍କ ତତ୍ତ୍ୱବଧାନରେ ଭେଡେନ ସ୍ଥିତ ରଣଜିତା ଖେଳ ପଡ଼ିଆରେ ପ୍ରତିଯୋଗିତା ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସମସ୍ତ ଛାତ୍ରଛାତ୍ରୀ ଓ ବ୍ଲକ କର୍ମଚାରୀ, ଖେଳ ଶିକ୍ଷକ ବୃନ୍ଦ ଏକ ସଚେତନତା ପଦଯାତ୍ରାରେ ବାହାରି ଖେଳ ପଡ଼ିଆରେ ପହଞ୍ଚିଥିଲେ। ଅନୁଷ୍ଠିତ ଖେଳରେ କବାଡି ପ୍ରତିଯୋଗିତାରେ ବାଳକ ଓ ବାଳିକା ବିଭାଗରେ ଜାମଡୋଲ ସବ ବ୍ଲକ ଚାମ୍ପିଅନ ହୋଇଥିବା ବେଳେ ଉପବିଜେତା ଚିଚିଣ୍ଡା ସବ ବ୍ଲକ ହୋଇଥିଲା। କାର୍ଯ୍ୟକ୍ରମରେ ଏବିଡିଓ ଶୋଭାଗ୍ୟ ପଧାନ, ଜିପିଓ ନିର୍ମଳ ଲୁଗୁନ, ଜେଇ ରଞ୍ଜନ ଭୋଇ, ପଞ୍ଚୁବନ ଭୋଇଙ୍କ ସମେତ ସମସ୍ତ ଖେଳ ଶିକ୍ଷକ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସରସ୍ୱତୀ ଦେବୀ ଗ୍ରୁପ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

**ଭେଡେନ, ୨୮।୨(ସମିସ):** ଭେଡେନ ବ୍ଲକ ଅଧୀନ ସିଆଲଖଣ୍ଡହତା ସ୍ଥିତ ସରସ୍ୱତୀ ଦେବୀ ଗ୍ରୁପ ପ୍ରତିଷ୍ଠାନର ଷଷ୍ଠ ତମ ବାର୍ଷିକ ଉତ୍ସବ ପ୍ରତିଷ୍ଠାନ ପରିସରରେ ମହାଆଡମ୍ବରରେ ପାଳିତ ହୋଇଛି। ପ୍ରତିଷ୍ଠାନର ସଭାପତି



ମିନାକ୍ଷୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଜେଏନଭିଏସର ଗୋବର୍ଦ୍ଧନ ନାୟକ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଭେଡେନ ବିଡିଓ କର୍ଣ୍ଣ ସୁନା, ସମ୍ମାନିତ ଅତିଥି ଭାବେ ପଲ୍ଲୀଶ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ, ଭେଡେନ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ଚିନ୍ମୟ ନାୟକ, ପ୍ରତିଷ୍ଠାନ ମୁଖ୍ୟ ଦାମୋଦର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରତିଷ୍ଠାନ ଶିକ୍ଷକ ଅରୁପାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅମୃତା ସୁଭାଞ୍ଜଳି ନାୟକ ସଭା ପରିଚାଳନା କରିଥିଲେ। ଶ୍ରୀୟା ଦାଶ ଓ ଅଧ୍ୟକ୍ଷ ଦୁତିଆ ବାରିକ ବାର୍ଷିକ ବିବରଣୀ ପଠନ କରିଥିଲେ। ପ୍ରତିଷ୍ଠାନ ତରଫରୁ ଲମ୍ବୋଦର ହୋତା, ଶିବ ପ୍ରସାଦ ହୋତା, ବିଜୁଳିବତୀ ଦଳେଇ, ଅନିତା ନାୟକ, ରାଧେଶ୍ୟାମ ପଧାନ, ହୃଷିକେଶ ଧରଙ୍କ ସମେତ ଅଞ୍ଚଳର ସୁନାମଧନ୍ୟ କଳାକାର ଭୁବନେଶ୍ୱର ପଧାନ, ଗୋପାଳ ଚନ୍ଦ୍ର ପଣ୍ଡା, ଜଗବନ୍ଧୁ ସାହୁ, ଅଶୋକ ଛୁରିଆ, ଗୁରିଦେବ ତ୍ରିପାଠୀ, ଜଗବନ୍ଧୁ ମହାଲିଙ୍ଗଙ୍କୁ ଅତିଥି ବୃନ୍ଦ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଅଧ୍ୟକ୍ଷ ଦୁତିଆ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

## ସବ୍‌ଡିଭିଜନ ମାନ୍ୟତା ଦାବିରେ ବିଜେପୁରରେ ବିଶାଳ ସଭା

**ବିଜେପୁର, ୨୮।୨(ସମିସ)**

ବିଜେପୁର ଅଞ୍ଚଳକୁ ସବ୍‌ଡିଭିଜନ ମାନ୍ୟତା ଦେବା ଦାବିରେ ଶନିବାର ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ନବ ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ସମାବେଶରେ ହଜାର ହଜାର ଅଞ୍ଚଳବାସୀ ଯୋଗ ଦେଇଥିଲେ। ଯଦି ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦିଆଯାଏ, ତେବେ ପ୍ରସ୍ତାବିତ ନୂତନ ଜିଲ୍ଲାରେ ବିଜେପୁରକୁ ଅନ୍ତର୍ଭୁକ୍ତ ନକରି ସ୍ୱତନ୍ତ୍ର ଭାବେ ସବ୍‌ଡିଭିଜନ ମାନ୍ୟତା ଦେବାକୁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି କୁହାଯାଇଥିଲା। ବିଜେପୁର ଭୌଗୋଳିକ ଭାବେ ବିସ୍ତୃତ, ଜନସଂଖ୍ୟାରେ ସମୃଦ୍ଧ ଏବଂ କୃଷି, ବାଣିଜ୍ୟ ଓ ସାମାଜିକ ଗଠନରେ ସ୍ୱୟଂସମ୍ପୂର୍ଣ୍ଣ ଅଞ୍ଚଳ ହୋଇଥିଲେ ମଧ୍ୟ ପ୍ରଶାସନିକ ମାନ୍ୟତାରେ ପଛକୁ ପଡ଼ିରହିଛି ବୋଲି ମତ ପ୍ରକାଶ ପାଇଥିଲା। ସବ୍-ଡିଭିଜନ ମାନ୍ୟତା ପ୍ରଦାନ କରାଯାଇ ପାରିଲେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇପାରିବ। ଫଳରେ ସାଧାରଣ ଲୋକମାନେ ଦୂର ସ୍ଥାନକୁ ଯାଇ ପ୍ରଶାସନିକ ସେବା ପାଇଁ ହଇରାଣ ହେବାକୁ ପଡ଼ିବ ନାହିଁ। ବକ୍ତାମାନେ କହିଥିଲେ ଯେ, ସବ୍-ଡିଭିଜନ ମାନ୍ୟତା ମିଳିଲେ ବିଭିନ୍ନ କ୍ଷେତ୍ରରେ ସୁବିଧା ହେବ। ଏଠାରେ ଶିକ୍ଷା, ବ୍ୟବସାୟ, କୃଷି ଓ ସାଂସ୍କୃତିକ କ୍ଷେତ୍ରରେ ବିକାଶ କରିବା ପାଇଁ ସମ୍ଭାବନା ସୃଷ୍ଟି କରିବ ଏବଂ ସମଗ୍ର ଅଞ୍ଚଳର ଉନ୍ନତି ହେବ। ଶେଷ ପର୍ଯ୍ୟାୟରେ ଏକ ସମୂହ ଦାବିପତ୍ର ପ୍ରସ୍ତୁତ କରାଯାଇଥିଲା। ଦାବିପତ୍ରଟି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବିଜେପୁର ନିର୍ବାଚନ ମଣ୍ଡଳୀର ବିଧାୟକ ସନତ ଗଡ଼ତୀୟାଙ୍କୁ ସମୂହ ଭାବେ ଦାବିପତ୍ର ହସ୍ତାନ୍ତର କରାଯାଇଥିଲା। ଯଦି ଦାବି ପୂରଣ ନହୁଏ, ତେବେ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସୂଚନା ଦିଆଯାଇଥିଲା।



# ଭୁବନେଶ୍ୱର ସିଟି



# ଅଭିଯୁକ୍ତଙ୍କ ସପକ୍ଷରେ ବିଜେପି କର୍ମୀଙ୍କ ଥାନା ଘେରାଉ

## ଥାନା ଆଗରେ ଆତ୍ମାହୁତି ଉଦ୍ୟମ କରିଥିଲେ ଯୁବତୀ



ଭୁବନେଶ୍ୱର, ୨୮।୨(ସମିସ): ରାଜଧାନୀ ତଥା ସମଗ୍ର ରାଜ୍ୟରେ ଅପରାଧ ଉପରମୁହାଁ। ଏହିଭଳିସ୍ଥିତିରେ ଯୁବତୀଙ୍କୁ ଅସଦାଚରଣ, ଆକ୍ରମଣ ଏବଂ କପଡ଼ା ଫାଡିବା ଘଟଣାରେ ଜଣେ ଅଭିଯୁକ୍ତ ସପକ୍ଷରେ ବାହାରିଛନ୍ତି ଶାସକ ବିଜେପିର କିଛି କର୍ମୀ ଏବଂ ନେତା। ଏପରିକି ଅଭିଯୁକ୍ତକୁ ଛାଡ଼ିଦେବା ପାଇଁ ଥାନା ଘେରାଉ କରିଛି ବିଜେପି। ଶନିବାର ଶାସକ ଦଳର ଜଣେ ବିଜେପି ନେତା ଅଭିଯୁକ୍ତ ସପକ୍ଷରେ ଦୀର୍ଘ ସମୟ ପାଇଁ ସହିଦ ନଗର ଥାନା ଘେରାଉ କରିଛନ୍ତି।

ଅଭିଯୋଗ ଅନୁସାରେ ସହିଦ ନଗର ଥାନା ଅନ୍ତର୍ଗତ ୟୁନିଟ୍ -୯ ଭୋଇ ନଗରରେ ଅଞ୍ଚଳରେ ଜଣେ ଯୁବତୀଙ୍କୁ ଦୁଇ ଦିନ ତଳେ ସ୍ଥାନୀୟ ଅଞ୍ଚଳର ୮ରୁ ୧୦ ଜଣ ଯୁବକ ବିଳମ୍ବିତ ରାତିରେ ଘେରି ଯାଇଥିଲେ। ଯୁବତୀ ଜଣକ ସାହାଯ୍ୟ ପାଇଁ ଚିତ୍କାର କରୁଥିଲା ବେଳେ ଗୁଣ୍ଡାମାନେ ଏତେ ମାତ୍ରାରେ ଆତଙ୍କ ସୃଷ୍ଟି କରିଥିଲେ ଯେ ତାକୁ ଦେଖି କଲୋନୀର କେହିବି ସାମ୍ନାକୁ ଆସି ନଥିଲେ। ଶେଷରେ ଉଗ୍ର ଯୁବକମାନେ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଥିଲେ, ତାଙ୍କ କପଡ଼ା ଫାଡି ଦେଇଥିଲେ। ମରଣାନ୍ତକ ଆକ୍ରମଣ କରିବା ସହ ଚାପୁଡା ମାରିଥିଲେ। ଗୁଣ୍ଡାଗ୍ୟାଙ୍ଗ୍‌କୁ ଭୟରେ ସାମ୍ନା କରି ନପାରି ଉକ୍ତ କଲୋନୀର ଜଣେ ବ୍ୟକ୍ତି ଏହାର ଭିଡିଓ ଉତ୍ତୋଳନ କରିଥିଲେ। ପରେ ଏହି ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ହେବା ପରେ ଏହା ଅନେକ ସମ୍ବେଦନଶୀଳ ବ୍ୟକ୍ତିଙ୍କ ମନକୁ ଆନ୍ଦୋଳିତ କରିଥିଲା। ଯୁବତୀ ଜଣ ଏନେଇ ଏତଲା ଦେବା ସହ ବହୁ ସଂଖ୍ୟକ ଲୋକମାନଙ୍କ ଗିରଫଦାରୀ ଦାବି କରିଥିଲେ।

ପୁଲିସ ଏହି ଭିଡିଓକୁ ଯାଞ୍ଚ କରିବା ପରେ ଦୁଇ ଦିନ ତଳେ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଡକାଇଥିଲା। ପଚରାଉଚରା ପରେ ଉଭୟ ଅଭିଯୁକ୍ତଙ୍କୁ ଛାଡି ଦେଇଥିଲା। ଏହା ଜାଣିବା ପରେ ଯୁବତୀ ଜଣଙ୍କ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିସିପିଙ୍କ ଆଶ୍ୱାସନା ଫେଲ୍ ମାରିବାରୁ ଶନିବାର ଯୁବତୀ ଜଣଙ୍କ ଥାନାରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଶେଷରେ ପୁଲିସ ବାଧ ହୋଇ ଜଣେ ଅଭିଯୁକ୍ତ ସୁନିଲ୍‌ଙ୍କୁ ସାଇନ୍ସ ପାର୍କ ପାଖରୁ ଉଠାଇଥିଲା। ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା ବେଳେ ଆଉ ଜଣେ ଅଭିଯୁକ୍ତ ମାନୁ ତାଙ୍କ ସପକ୍ଷରେ ଥାନାକୁ ଆସିଥିଲେ। ପୁଲିସ ସୁନିଲଙ୍କ ସମେତ ମନୁଙ୍କ ଥାନାରେ ଅଟକ ରଖିଥିଲା। ଏହାସହ ଯୁବତୀଙ୍କୁ ଅସଦାଚରଣ, ଆକ୍ରମଣ ଏବଂ ଡ୍ରେସ୍ ଫାଡିବା ମାମଲର ତଦନ୍ତ ଆଗକୁ ବଢ଼ାଉଥିଲା।

ଏହି ସମୟରେ ବିଜେପି ନେତା ତାଙ୍କ ସମର୍ଥକଙ୍କ ସହ ଥାନାରେ ପହଞ୍ଚିଥିଲେ। କ'ଣ ପାଇଁ ଅଭିଯୁକ୍ତମାନଙ୍କୁ ଧରି ଅଟକ ରଖିଲ ବୋଲି ଓଲଟା ପୁଲିସକୁ ପ୍ରଶ୍ନ କରିଥିଲେ। 'ଅଭିଯୁକ୍ତଙ୍କୁ ଛାଡ ନ ହେଲେ ପରିସ୍ଥିତି ଭୟଙ୍କର ହେବ' ବୋଲି ବିଜେପି କର୍ମୀମାନେ ଧମକ ଦେଇଥିଲେ। ଥାନା ଅଧିକାରୀ କିଛି ନ ଶୁଣିବା ପରେ ବରିଷ୍ଠ ବିଜେପି ଜଣେ ନେତାଙ୍କ ସମର୍ଥକ ଥାନା ଘେରାଉ କରିଥିଲେ। ଅଭିଯୁକ୍ତମାନଙ୍କୁ ତୁରନ୍ତ ଛାଡ ବୋଲି ଦାବିକରି ନିଜ ଦଳୀୟ ସରକାର ଅଧୀନରେ ଥିବା ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଖାଓଗଳିରୁ ଦୋକାନ ଚୋରି




ଭୁବନେଶ୍ୱର, ୨୮।୨(ସମିସ): ଦୋକାନରୁ ସାମଗ୍ରୀ ଚୋରି ହୁଏ। ହେଲେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ସମ୍ପୂର୍ଣ୍ଣ ଦୋକାନଟି ଚୋରି ଯାଇଛି। ଦୋକାନ ମାଲିକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ଚାହାଳି ଗ୍ରାମର ଅମୀୟ ରଞ୍ଜନ ନାଥ। ତାଙ୍କ ଠାରୁ ଏକ ଚଳନ୍ତି ଗାଡ଼ିରେ ଚାଲୁଥିବା ଖଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକନକୁ ପୁଲିସ ଜବତ କରିଛି।

ସୂଚନାଯୋଗ୍ୟ, ଇନଫୋସିଟି ଥାନା ଅନ୍ତର୍ଗତ ଖାଓଗଳି ନିକଟରେ ପିଣ୍ଟୁ ଦାସ ନାମକ ଜଣେ ଯୁବକଙ୍କ ମୁଭେବୁଲ୍ ଫୁଡ୍ ଷ୍ଟଲ୍ ଥିଲା। ସେ ଏହି ଦୋକାନରେ ଦୀର୍ଘ ଦିନ ହେବ ଖାଦ୍ୟସାମଗ୍ରୀ ବିକ୍ରି କରୁଥିଲେ। ଗତ ୨୪ ତାରିଖ ସକାଳ ପ୍ରାୟ ୧୦ଟା ସମୟରେ କୌଣସି ଅଜଣା ଦୁର୍ବୃତ୍ତ ତାଙ୍କର ଉକ୍ତ ଦୋକାନ ସହ ଦୁଇଟି ଗ୍ୟାସ ଟାଙ୍କି ଏବଂ ଅନ୍ୟାନ୍ୟ ସାମଗ୍ରୀ ସବୁକୁ ଚୋରି କରି ନେଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ସେସବୁ ନମିଳିବାରୁ ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ।

ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଇନଫୋସିଟି ଛକ ନିକଟରେ ଚଢ଼ାଉ କରିବା ସହ ଅମିୟ ରଞ୍ଜନ ନାଥ ନାମକ ଜଣେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନଭିନ ସମୟରେ ଅଭିଯୁକ୍ତ ଅମିୟଙ୍କ ହେପାଜତରୁ ପୁଲିସ ଏକ ଟାଟା ଏସି ଗାଡି ସହ ଅଭିଯୋଗକାରୀଙ୍କ ଖାଦ୍ୟ ଦୋକାନ, ଦୁଇଟି ଗ୍ୟାସ ସିଲିଣ୍ଡର ଏବଂ ଅନ୍ୟାନ୍ୟ ସାମଗ୍ରୀ ସବୁକୁ ଜବତ କରିଥିଲେ। ପଚରାଉଚରା ସମୟରେ, ଅଭିଯୁକ୍ତ ଅମିୟ, ନିଜର ଜଣେ ସହଯୋଗୀ ସନ୍ତୋଷ କୁମାର ଜେନାଙ୍କ ସହ ମିଶି ଏହି ଚୋରି କରିଥିବା କଥା ସ୍ୱୀକାର କରିଥିଲେ।

## କୁଖ୍ୟାତ ଟୁକୁନା ୩ୟ ଥର ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୨୮।୨ (ସମିସ): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଘଟିଥିବା ବାଇକ୍ ଚୋରି ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ ର ବିଚାରପତି ସୋମେଶ ସୋମ୍ୟଜିତ ପଣ୍ଡା ମାମଲାର ବିଚାର କରି ଆସାମୀ ସାଜିଦ ଖାଁ ଓରଫ୍ ଟୁକୁନାକୁ ୩ ବର୍ଷ ଲାଗି ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ପୂର୍ବରୁ ଅଭିଯୁକ୍ତ ସାଜିଦ ଖାଁ ଅନ୍ୟ ଦୁଇଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ଏହାକୁ ମିଶାଇ ୩ୟ ଥର ଲାଗି ତାକୁ ଦଣ୍ଡ ବିଧାନ ହୋଇଛି।



ପୁଲିସ ସୂଚନାନୁସାରେ, ମଞ୍ଚେଶ୍ୱର ଶବର ସାହିରେ ରହୁଥିବା ରାଜେନ୍ଦ୍ର ନାରାୟଣ ମହାପାତ୍ର ଲକ୍ଷ୍ମୀସାଗର ଥାନା ଅଧୀନସ୍ଥ ଜୟଦୁର୍ଗା ନଗର ସ୍ଥିତ ୟୁନି ଗୋଲ୍ଡ ଫାଇନାନ୍ସ ଅଫିସରେ ଚାକିରି କରନ୍ତି। ରାଜେନ୍ଦ୍ର ଗତବର୍ଷ ଜୁଲାଇ ୧ ତାରିଖ ସକାଳ ସମୟରେ ନିଜ ବାଇକକୁ ଅଫିସ ପାର୍କିଂରେ ରଖି ଅଫିସ କାମରେ ଢେଙ୍କାନାଳ ଅଭିମୁଖେ ଯାଇଥିଲେ। ସାଜିଦ୍ ଏହାର ସୁଯୋଗ ନେଇ ରାଜେନ୍ଦ୍ରଙ୍କ ଗାଡ଼ିକୁ ଚୋରି କରି ନେଇଥିଲା। ରାଜେନ୍ଦ୍ର ସନ୍ଧ୍ୟାରେ ଅଫିସ କାମରୁ ଫେରି ଦେଖିବା ବେଳକୁ ଗାଡ଼ି ପାର୍କିଂରେ ନଥିଲା। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିବା ସହ ସୁରକ୍ଷା କର୍ମୀଙ୍କୁ ପଚାରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ରାଜେନ୍ଦ୍ର ଏନେଇ ଅଭିଯୋଗ କରିବା ପରେ ଲକ୍ଷ୍ମୀସାଗର ଥାନା ପୁଲିସ କେସ୍ ନଂ - ୩୬୧/୨୫ରେ ଧାରା - ୩୦୩(୨) ବିଏନ୍ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ଜଗନ୍ନାଥ ନାୟକ ସିସିଟିଭି ଫୁଟେଜ ଯାଞ୍ଚ କରି ସାଜିଦ ଖାଁ ଓରଫ୍ ଟୁକୁନାକୁ ଗିରଫ କରିବା ସହ ତା' ବିରୋଧରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୨ ଜଣ ସାକ୍ଷୀ ଓ ୮ଟି ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାରକରି ଟୁକୁନାକୁ ଦୋଷୀ ସାବ୍ୟସ୍ତ କରିବା ସହ ବିଏନ୍ଏସ୍ ଧାରା - ୩୦୩(୨) ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୮ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସ ଲାଗି ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

## ମାଟି ବୋଝେଇ ଟ୍ରାକ୍ଟର ଜବତ; ଚାଳକ ଗିରଫ

ଭୁବନେଶ୍ୱର, ୨୮।୨ (ସମିସ): ବେଆଇନ ମାଟି ଚାଲାଣ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଦାସପୁରର ମଦନ ଦେଉଳି (୩୨)। ପୁଲିସ ସୂଚନାନୁଯାୟୀ, ଚନ୍ଦକା ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଦାସପୁର ଜଙ୍ଗଲରୁ ଆସୁଥିବା ଏକ ମାଟି ବୋଝେଇ ଟ୍ରାକ୍ଟରକୁ ଅଟକାଇଥିଲା। କାଗଜପତ୍ର ଯାଞ୍ଚ ପରେ ବେଆଇନ୍ ଭାବେ ମାଟି ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ଏନେଇ ଚନ୍ଦକା ଥାନା ପୁଲିସ ନିଜ ଆଡୁ ମାମଲା ରୁଜୁ କରିଥିଲା। ମଦନକୁ ଗିରଫ କରିବା ସହ ଟ୍ରାକ୍ଟରକୁ ଜବତ କରିଥିଲା।

### ବକେୟା ଟଙ୍କାକୁ ନେଇ ତୁମୁଳକାଣ୍ଡ

## କାର୍ ଭାଙ୍ଗିଲେ, ଇଟାରେ ଛେଚିଲେ

ଭୁବନେଶ୍ୱର, ୨୮।୨ (ସମିସ): ଗାଡ଼ି ଭଡ଼ା ବାବଦ ବକେୟା ଟଙ୍କାକୁ ନେଇ ବିବାଦ ସୃଷ୍ଟି ହୋଇଛି। ୩ ଜଣ ମିଶି କାର୍ ଭଙ୍ଗାରୁଜା କରିବି ସହ ମାଲିକଙ୍କୁ ଇଟାରେ ସଙ୍ଘବଦ୍ଧ ଆକ୍ରମଣ କରିଛନ୍ତି। ୟୁନିଟ୍ ୩ ପ୍ରେସ୍ କଲୋନୀ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୋଗ ପାଇବା ପରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କଳିଙ୍ଗନଗର ଲକ୍ଷ୍ମୀପୂଜା ମଣ୍ଡପ ନିକଟରେ ରହୁଥିବା ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ରଘୁନାଥପୁରର ପ୍ରିୟବ୍ରତ ସାହୁ (୩୧), କଟକ ସଦର ଥାନା ସଇଁସୋର ଧନେଶ୍ୱର ବେଉରା (୩୯) ଓ ମଇଁଷିପୁରର ସୁକାନ୍ତ ବେହେରା (୨୮)।



ପୁଲିସ ସୂଚନା ମୁତାବକ, ଧନେଶ୍ୱର ଗତବର୍ଷ ଅକ୍ଟୋବର ମାସରେ ପ୍ରିୟବ୍ରତ ମାଧ୍ୟମରେ ପ୍ରେସ୍ କଲୋନୀର ଦିପୁ ସାହୁଙ୍କୁ ନିଜ କାର୍ ଭଡ଼ା ସୂତ୍ରରେ ଦେଇଥିଲେ। ମାସିକ ଭଡ଼ା ବାବଦକୁ ୨୩ ହଜାର ଟଙ୍କା ସ୍ଥିର ହୋଇଥିଲା। ଧନେଶ୍ୱର ଚଳିତ ମାସରେ ଦିପୁଙ୍କ ଠାରୁ ନିଜ ଗାଡ଼ିକୁ ଫେରାଇ ନେଇ ଯାଇଥିବା ବେଳେ ଭଡ଼ା ବାବଦକୁ କିଛି ଟଙ୍କା ବକେୟା ରହିଯାଇଥିଲା। ଦିପୁ ଗତକାଲି ଭଡ଼ା ବାବଦକୁ ୨୬ ହଜାର ଟଙ୍କା ପ୍ରିୟବ୍ରତକୁ ଦେଇଥିଲେ। କିନ୍ତୁ ବାକି ରହିଯାଇଥିବା ଆଉ କିଛି ଟଙ୍କାକୁ ନେଇ ଦିପୁ ଓ ଧନେଶ୍ୱର ମଧ୍ୟରେ ଫୋନ୍‌ରେ ଝଗଡ଼ା ହୋଇଥିଲା। ପ୍ରିୟବ୍ରତ, ଧନେଶ୍ୱର ଓ ସୁକାନ୍ତ ମିଶି ଗତକାଲି ମଧ୍ୟରାତ୍ରିରେ ଦିପୁଙ୍କ ଘର ପାଖକୁ ଯାଇଥିଲେ। ଲୁହା ଛଡ଼ ଓ କାଠ ଫାଳିଆରେ ଘର ବାହାରେ ରଖା ଯାଇଥିବା ଦିପୁଙ୍କ କାରର ଆଗ ପଛ କାଚ ଭାଙ୍ଗି ଦେଇଥିଲେ। ଏମିତିକି ଗାଡ଼ିରେ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ଏହା ଦେଖି ଦିପୁ ବାହାରକୁ ଆସିବା ପରେ ଅଭିଯୁକ୍ତମାନେ କାଠ ଫାଳିଆ ଓ ଇଟାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ସ୍ଥାନୀୟ ଲୋକ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ। ଦିପୁଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କ୍ଷତିଗ୍ରସ୍ତ ଗାଡ଼ି ସମେତ ଦୁଇଟି କାର୍ ଘଟଣାରେ ବ୍ୟବହୃତ କାଠ ଫାଳିଆ ଓ ଲୁହା ଛଡ଼କୁ ପୁଲିସ ଜବତ କରିଥିଲା।

## ଟୁଙ୍ଗୁରୁ ଭୋଳ ପୁଣି ଗିରଫ

ଭୁବନେଶ୍ୱର, ୨୮।୨ (ସମିସ): ପାଣି ପମ୍ପ ଚୋରି କରିଥିବା ଅଭିଯୋଗରେ ଟୁଙ୍ଗୁରୁକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଳିଙ୍ଗନଗର କେ-୪ ଅଞ୍ଚଳରେ ରହୁଥିବା ହିଞ୍ଜିଳି ଥାନା ସିକିରିର ଟୁଙ୍ଗୁରୁ ଓରଫ୍ ଆଲୋକ ଭୋଳ (୨୫)।




ପୁଲିସ ସୂଚନାନୁଯାୟୀ, ପୁରୁଣା ଭୁବନେଶ୍ୱର ରାଧିକା ନଗରରେ ରହୁଥିବା ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କର କଳିଙ୍ଗନଗର ଅଞ୍ଚଳରେ ଘର ନିର୍ମାଣ କାମ ଚାଲିଛି। ଉକ୍ତ ଘରର ତଳ ମହଲାରେ ଲାଗିଥିବା ଏକ ପାଣି ପମ୍ପକୁ ଟୁଙ୍ଗୁରୁ ଚୋରି କରି ନେଇ ଯାଇଥିଲା। ପମ୍ପଟି ଚୋରି ହୋଇଥିବା ନେଇ ସେଠାରେ ନିୟୋଜିତ ହୋଇଥିବା ଶ୍ରମିକଙ୍କ ଠାରୁ ପ୍ରତାପ ଜାଣିବାକୁ ପାଇଥିଲେ। ପ୍ରତାପ ଏନେଇ ତମାଣ୍ଡୋ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଟୁଙ୍ଗୁରୁକୁ ଗିରଫ କରିବା ସହ ଚୋରି ହୋଇଥିବା ପାଣି ମୋଟର ପମ୍ପକୁ ଜବତ କରିଛି। ଟୁଙ୍ଗୁରୁ ନାମରେ ପୂର୍ବରୁ ଭରତପୁର ଓ ତମାଣ୍ଡୋ ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ମୋବାଇଲ୍ ଚୋରକୁ ୪ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୨୮।୨ (ସମିସ): କ୍ୟାପିଟାଲ ହସ୍ପିଟାଲରେ ଘଟିଥିବା ଏକ ମୋବାଇଲ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ମାମଲାର ବିଚାର କରି ଆସାମୀ ସୁରଜ ଘଡେଇକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ୨୦୨୩ ମସିହା ଅଗଷ୍ଟ ୧୭ ତାରିଖ ରାତିରେ ଆମ୍ବୁଲାନ୍ସ ଡ୍ରାଇଭର ଶରତ କୁମାର ବେହେରା ଓ ତାଙ୍କ ବନ୍ଧୁ ଆମ୍ବୁଲାନ୍ସ ଷ୍ଟାଣ୍ଡ ନିକଟସ୍ଥ ବିଶ୍ରାମ ଗୃହରେ ଶୋଇଥିଲେ। ଏହାର ସୁଯୋଗ ନେଇ ସୁରଜ ଘଡ଼େଇ ବିଶ୍ରାମ ଗୃହ ଭିତରେ ପଶି ଚାର୍ଜିଂ ଅବସ୍ଥାରେ ଥିବା ମୋବାଇଲ ଫୋନ ଦୁଇଟିକୁ ଚୋରି କରି ନେଇ ଯାଇଥିଲା। ତା ପରଦିନ ସକାଳୁ ଶରତ ଓ ତାଙ୍କ ବନ୍ଧୁ ନିଦରୁ ଉଠି ମୋବାଇଲ ଫୋନ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଶରତ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ - ୪୯୮/୨୩ରେ ଦଫା - ୩୮୦/୩୪ ଆଇପିସି ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ସବ୍-ଇନ୍ସପେକ୍ଟର ଜ୍ୟୋତି ଶଙ୍କର ସାମଲ ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲେ। ଅଭିଯୁକ୍ତ ସୁରଜକୁ ଗିରଫ କରି କୋର୍ଟ ଚାଲାଣ କରିବ ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୬ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଗୁଡ଼ିକ ଆଧାରରେ ସୁରଜ ଘଡେଇକୁ ଆଇପିସିର ଦଫା - ୩୮୦ ଅନୁଯାୟୀ ୪ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜୋରିମନା ଶୁଣାଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର ସଶ୍ରମ କାରାଦଣ୍ଡର ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଶୁଭଶ୍ରୀ ଜେନା (ଓଏସପିଏସ-୧) ଏହି ମାମଲାକୁ ପରିଚାଳନା କରୁଥିଲେ।

## ପାଞ୍ଚ ମ୍ୟୁଜିକ୍ ଅଡିଓ ଲୋକାର୍ପିତ

ଭୁବନେଶ୍ୱର, ୨୮।୨(ସମିସ): ଜୟଦେବ ଭବନ ପ୍ରେକ୍ଷାଳୟରେ ରିସୋମ୍ ମ୍ୟୁଜିକ ଏଣ୍ଟରଟେନମେଣ୍ଟ ପକ୍ଷରୁ ୫ଟି ନୂଆ ମ୍ୟୁଜିକ୍ ଅଡ଼ିଓ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଚେୟାରମ୍ୟାନ ସଂଗ୍ରାମ କେଶରୀ ପାଇକାରାୟ, ଦିବ୍ୟ ଯୁଗ ପରିବାର ଚେୟାରମ୍ୟାନ ଦେବବ୍ରତ ନାୟକ, ସମାଜସେବୀ ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି, କାର୍ଟୁନିଷ୍ଟ ଅଶୋକ, ଓଡ଼ିଆ ଚଳଚିତ୍ର ସଂଳାପ ରଚନା ଡ଼ ରଜନୀ ରଞ୍ଜନ ଦାସ, ସମାଜସେବୀ ବିଭୁତି ବିହାରୀ ତ୍ରିପାଠୀ, ସମାଜସେବୀ ସୁବ୍ରତ ମହାନ୍ତି, ଚେୟାରମ୍ୟାନ ଆରଆର ଇଭେଣ୍ଟ ଓ ଚଳଚିତ୍ର ପ୍ରଯୋଜକ ରମେଶ ବାରିକ, ଅନୁଷ୍ଠାନ ପ୍ରତିଷ୍ଠାତାର ଉଦିତ ମହାନ୍ତି, ତୁଳସୀ ମହାନ୍ତି ଉପସ୍ଥିତ ରହି ମ୍ୟୁଜିକ୍ ଅଡ଼ିଓ 'ହେ ମୋ କାଳିଆ ଠାକୁର' 'ଜାପାନୀ ଅତର', 'ତୋ ପାଇଁ ଖୋଲା ମୋ ଦିଲ୍ ଦରଜା', 'କାହିଁକି ଏମିତି ହଉଲୋ' ପ୍ରମୁଖ ସଙ୍ଗୀତକୁ ଲୋକାର୍ପଣ କରିଥିଲେ। ପରେ ପରେ ଅଭୁଲା ଅଭିଲା ସଙ୍ଗୀତ ସନ୍ଧ୍ୟା 'ଦରିଆ କୂଳେ ବସି ଦରିଆ ସେ ପାରିରୁ ଆଣିଲ ଟାଣି', 'ତମେ ଯଦି ଗଢି ଦିଅ ମୋ ପାଇଁ ବାଲି ଘର', 'ଚନ୍ଦ୍ରମଲି ହସେ', 'ମୁଁ ଯିବି ମୁଁ ଯିବି ଯୁଆଡେ ଯିବି', 'ଆଜି ଆକାଶ କି ରଙ୍ଗ ଲାଗିଲା' ପ୍ରମୁଖ ସଙ୍ଗୀତକୁ ଅକ୍ଷୟ, ବିଜୟଲକ୍ଷ୍ମୀ, ତରୁଣ୍, ବିଜୟା, କ୍ରିଷ୍ଣା, ମିତା ପ୍ରମୁଖ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ପଣ୍ଡା, ଭିଜୟା ମିଶ୍ର ସଂଯୋଜନା କରିଥିଲେ।

### ସରିଲା ଶ୍ୟାମପୁର ମେଲଣ

## ଏକାଠି ହେଲେ ୨୭ ଗାଁର ଠାକୁର



ଭୁବନେଶ୍ୱର, ୨୮।୨(ସମିସ): ରାଜଧାନୀ ଉପକଣ୍ଠରେ ଚାଲିଥିବା ଶ୍ୟାମପୁର ଦୋଳ ମେଲଣ ଶନିବାର ଉଦଯାପିତ ହୋଇଯାଇଛି। ଫଗୁ ଦଶମୀ ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଦ୍ୱାଦଶୀରେ ଶେଷ ହୋଇଛି। ତେବେ ଆସନ୍ତା ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମାରେ ଚାଚେରି ଭୋଗ ଲାଗି ହେବ।

ଫାଲଗୁନ ଶୁକ୍ଳ ପକ୍ଷ ଦଶମୀ ତିଥିରେ ରାଧାକୃଷ୍ଣ ଦେବ ଓ ସିଦ୍ଧେଶ୍ୱର ଦେବ ଦୋଳ ବିମାନରେ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଭୋରରୁ ଜମାଣ ପର୍ବ ଅନୁଷ୍ଠିତ ହେବା ପରେ ଦୋଳ ବେଦୀରେ ବିରାଜମାନ କରିଥିଲେ। ପାପନାଶିନୀ ଏକାଦଶୀରେ ପ୍ରାୟ ୨୭ ଖଣ୍ଡ ଗାଁରୁ ନିମନ୍ତ୍ରିତ ଅତିଥି ଠାକୁର ମେଲଣ ପଡ଼ିଆକୁ ବିଜେ କରିଥିଲେ। ଦ୍ୱାଦଶୀ ତଥା ଶନିବାର ଦୋଳ ବେଦୀରେ ବିରାଜିତ ଠାକୁରମାନଙ୍କୁ ଭୋଗ ହାଣ୍ଡି ଲାଗି କରାଯାଇ ହରିହର ଭେଟ ପର୍ବ ଅନୁଷ୍ଠିତ ହୋଇଥିଲା। ମେଲଣ ଅବସରରେ ଲୋକମାନେ ପରସ୍ପର ମଧ୍ୟରେ ଅବିର ଖେଳିଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ହୋଇଥିବା ଲଉଡ଼ି ଖେଳ ବେଶ୍ ଆକର୍ଷଣୀୟ ହୋଇଥିଲା। ପରମ୍ପରା ଅନୁସାରେ ଦହି ହାଣ୍ଡି ଭଙ୍ଗା ହୋଇଥିଲା। ହରିହର ଭେଟ ସମୟରେ ବାଜା ଓ ବାଣରେ ମେଲଣ ପଡ଼ିଆ କମ୍ପି ଉଠିଥିଲା। ହରିହର ଭେଟ ସରିବା ପରେ ଥାନପତି ଅତିଥି ଠାକୁରଙ୍କୁ ବିଦାୟ ଦେଇଥିଲେ। ସମସ୍ତ ଅତିଥି ଠାକୁରଙ୍କ ଚଳନ୍ତି ପ୍ରତିମା ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଦୋଳ ମେଲଣ ଉପଲକ୍ଷେ ଯାତ୍ରା ଓଁକାର ୩ ଦିନ ଧରି ଅପେରା ପରିବେଷଣ କରୁଛି। ଆସନ୍ତା ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମା ଦିନ ଚାଚେରି ଭୋଗ ଲାଗି କରାଯିବ।

ଶ୍ୟାମପୁର ପରେ ତମାଣ୍ଡୋ, ଜାଗସରା ପାଟଣା, ମଦନପୁର, କାଇମାଟିଆ, କାଶୀପୁର, ମଳିପଡ଼ା, ପାଇକରାପୁର ଗ୍ରାମରେ ଦୋଳ ମେଲଣ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଉତ୍ସବମୁଖର ହୋଇପଡ଼ିଛି ଉପକଣ୍ଠବର୍ତ୍ତୀ ଅଞ୍ଚଳ। ୨୭ ଗ୍ରାମର ଦୋଳ ଗାଁକୁ ଗାଁ ବୁଲି ଏକାଠି ହେଉଛନ୍ତି। ମେଲଣ ଅବସରରେ ରାଜଧାନୀର ବିଭିନ୍ନ ଗ୍ରାମରେ ଯାତ୍ରା ଆୟୋଜନ କରାଯାଇଛି। ରାଜ୍ୟର ବହୁ ପ୍ରତିଷ୍ଠିତ ଯାତ୍ରାପାର୍ଟି ନାଟକ ପରିବେଷଣ କରୁଛନ୍ତି।





# ଭୁବନେଶ୍ୱର ସିଟି

## ସହର ସଂସ୍କୃତି



ଦୋଳ ପୂର୍ଣ୍ଣିମା ପୂର୍ବରୁ ରାଜଧାନୀର ୟୁନିଟ୍-୧ ଅଞ୍ଚଳରେ ଦୋଳ ଭୋଗଖିଆ

## ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ବିଜ୍ଞାନ ଦିବସ



ଭୁବନେଶ୍ୱର, ୨୮ ।୨(ସମିସ): ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆଜି ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଜାତୀୟ ବିଜ୍ଞାନ ଦିବସ-୨୦୨୬ ମହାସମାରୋହରେ ପାଳିତ ହୋଇଛି। ଶିକ୍ଷାବିତ୍ ତଥା ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଯୋଗଦେଇ ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ବିଜ୍ଞାନରେ ମହିଳା: ବିକଶିତ ଭାରତର ଅନୁପ୍ରେରକ' ସମ୍ବନ୍ଧରେ ସେ ଛାତ୍ରଛାତ୍ରୀମାନଙ୍କୁ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଓଡ଼ିଶା ବିଜ୍ଞାନ ଏକାଡେମୀର ସଚିବ ଶିବାନୀ ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଅନୁଶାସନ ସଚିବ ପଦ୍ମଲୋଚନ ଦାସ, ଉପବିଭାଗ ଅଧିକାରୀ ସୁଶ୍ରୀ ଜ୍ୟୋତ୍ସ୍ନା ନନ୍ଦ ଯୋଗ ଦେଇଥିଲେ। ଏକାଡେମୀ ଦ୍ୱାରା ପ୍ରକାଶିତ 'ବିଜ୍ଞାନ ଦିଗନ୍ତ' ଓ 'ସାଇନ୍ସ ହରାଇଜନ୍' ପତ୍ରିକା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଏକାଡେମୀ ପକ୍ଷରୁ ପ୍ରବନ୍ଧ, ତର୍କ, କୁଇଜ୍ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୩ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୮ ।୨(ସମିସ): ରାଜନୀତିରେ ଖୁବ୍ କମ୍ ଓଡ଼ିଆ ଅଛନ୍ତି ଯେଉଁମାନଙ୍କ ଛବି ବିଶ୍ୱସ୍ତରରେ ଉଚ୍ଚାଙ୍ଗ ସ୍ଥିତିରେ ପହଞ୍ଚିଛି। ସେଭଳି ଜଣେ ନେତା ଥିଲେ ବିଜୁ ବାବୁ। ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର କାର୍ଯ୍ୟକାଳଠାରୁ ଜାତୀୟ ରାଜନୀତିର ମଙ୍ଗ ସମ୍ଭାଳିବାର ଦକ୍ଷତା ଥିଲା ବିଜୁବାବୁଙ୍କର। ଯାହାକୁ ଆଜିର ଦିନରେ ବରିଷ୍ଠ ରାଜନେତାମାନେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସୁଛନ୍ତି। ତେବେ ଏହି ଫଟୋଟି ବିଜୁବାବୁଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେ ଗୌଡ଼ା କୃତଜ୍ଞତା ଜଣାଇବାର ଏକ ମୁଦ୍ରା ପରିଲକ୍ଷିତ ହୋଇଛି। ଯାହା ପ୍ରମାଣିତ କରୁଛି ଯେ, ପ୍ରଧାନମନ୍ତ୍ରୀ ଆସନରେ ବସି ନ ଥିବା ବିଜୁ ବାବୁଙ୍କ ପ୍ରତି ଜାତୀୟସ୍ତରରେ ବହୁ ପ୍ରତିଷ୍ଠିତ ନେତାଙ୍କର ଥିବା ସମ୍ମାନ। ଏହି ଫଟୋଟି ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହୋଇଥିବା ବେଳେ ଏହାର ଭିୟୁ ଲକ୍ଷାଧିକ ଟପିଯାଇଛି। ଯାହାକୁ ଅନେକ ଲାଇକ୍ କରିଥିବା ବେଳେ ସମସ୍ତ କମେଣ୍ଟ ମଧ୍ୟ ସକାରାତ୍ମକ ରହିଛି। ଆଜିର ଦିନେ ସାମାଜିକ ଗଣମାଧ୍ୟମରେ ସାଧାରଣ ଲୋକଟିଏ ସ୍ୱାଧୀନ ମତ ଦେବାର ସୁଯୋଗ ଥିବା ବେଳେ ବିଜୁଙ୍କ ପ୍ରତି ଥିବା ସମ୍ମାନ ଭଲ ପାଇବା ଏହି ପୋଷ୍ଟ ତଳେ ଥିବା କମେଣ୍ଟରୁ ସ୍ପଷ୍ଟ ବାରି ହୋଇପଡୁଛି। ଜଣେ କମେଣ୍ଟ କରି ଲେଖିଛନ୍ତି ଯେ, କର୍ଣ୍ଣାଟକରେ ଜନତା ଦଳର ବିଜୟ ପରେ ସରକାର ଗଢ଼ିବା ପୂର୍ବରୁ କିଏ ମୁଖ୍ୟମନ୍ତ୍ରୀ ହେବେ ସେତେବେଳେ ନିଷ୍ପତ୍ତି ପାଇଁ ବିଜୁ ବାବୁଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରାଯାଇଥିଲା। ବିଜୁ ବାବୁ ଦେବେଗୌଡ଼ାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି।

## ସିଆଇଏସ୍ଏଫ୍ ପ୍ରତିଷ୍ଠା ଦିବସ ପରେଡ୍ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର, ୨୮ ।୨(ସମିସ): କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ) ଏହାର ପ୍ରତିଷ୍ଠା ଦିବସ ପାଳନ ଅବସରରେ କଟକର ମୁଣ୍ଡଳିସ୍ଥିତ ଆଞ୍ଚଳିକ ତାଲିମ କେନ୍ଦ୍ରରେ ଆସନ୍ତା ମାର୍ଚ୍ଚ ୬ ତାରିଖରେ ପରେଡ୍ ଆୟୋଜନ କରାଯିବ। ଏଥିନିମନ୍ତେ ସିଆଇଏସଏଫ ମହାନିର୍ଦ୍ଦେଶକ ପ୍ରବୀର ରଞ୍ଜନ ଏହାର ପ୍ରସ୍ତୁତି ତଦାରଖ କରିବା ସହ ମୁଣ୍ଡଳି ଏବଂ ଭୁବନେଶ୍ୱରର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ମହାନିର୍ଦ୍ଦେଶକ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆଙ୍କୁ ସାକ୍ଷାତ ଭେଟିଥିଲେ।

## ନବଜାତ ଶିଶୁର ଜୀବନ ବଞ୍ଚାଇଲେ ସମ୍ ଡାକ୍ତର

ଭୁବନେଶ୍ୱର, ୨୮ ।୨(ସମିସ): ବାଲେଶ୍ୱରରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ନେଇଥିବା ୧୧୦୦ ଗ୍ରାମ ଓଜନର ୧୫ ଦିନର ଶିଶୁ କନ୍ୟାର କ୍ଷୁଦ୍ରାନ୍ତ୍ରର ପ୍ରଥମ ଭାଗ ଅବରୋଧ (ଡ୍ୟୁଓଡେନାଲ୍ ଆଟ୍ରିସିଆ) ହୋଇ ରହିଥିବା ସହ ଡାଉନ୍ ସିଣ୍ଡ୍ରୋମ୍ ଭଳି ସମସ୍ୟା ରହିଥିଲା। ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ-୧ରେ ଅସ୍ତ୍ରୋପଚାର କରି ନବଜାତ ଶିଶୁର ଜୀବନ ବଞ୍ଚାଇଲେ ସମ୍ ଡାକ୍ତର। ଶିଶୁ ଶଲ୍ୟ ବିଭାଗର ମୁଖ୍ୟ ଡାକ୍ତର ଅନ୍ତର୍ଯ୍ୟାମୀ ପ୍ରଧାନ ଏହି ସର୍ଜରୀର ନେତୃତ୍ୱ ନେଇଥିବା ବେଳେ ଅସ୍ତ୍ରୋପଚାର ପରେ ନବଜାତ ଶିଶୁ ଆଇସିୟୁ (ଏନ୍ଆଇସିୟୁ)ର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦଙ୍କ ନେତୃତ୍ୱରେ ଡାକ୍ତର ରତନ ଦାସ, ଡାକ୍ତର ଭଗୀରଥି ମଲ୍ଲିକ ଓ ଡାକ୍ତର ବିଜୟ କୁମାର ଚିକିତ୍ସା କରିଥିଲେ।

## 'ପ୍ରଣାମ ପ୍ରହରାଜ'ରେ ସତ୍ୟ ନାରାୟଣ ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୮ ।୨(ସମିସ): ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଓ ପବ୍ଲିକେସନରର ମିଳିତ ଆନୁକୂଲ୍ୟରେ ଜୟଦେବ ଭବନରେ କବି, ଅନୁବାଦକ, ଆଲୋଚକ ପ୍ରହରାଜ ସତ୍ୟ ନାରାୟଣ ନନ୍ଦଙ୍କ ନିମନ୍ତେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କବି ଅମରେଶ ପଟ୍ଟନାୟକ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଅଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ର ଜୀବନନୁଭବର ନିଛକ ପ୍ରତିଫଳନ ନନ୍ଦଙ୍କ କବିତାର ଆତ୍ମା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୱାନ ଅଧ୍ୟାପକ ଡ଼. ବିଭୁତି ମହାପାତ୍ର, କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସହ ସଚିବ ପ୍ରାବନ୍ଧିକ ଡ଼. ମିହିର କୁମାର ସାହୁ, କବି କେଦାର ମିଶ୍ର, କବିଙ୍କ ସାନଭାଇ ପ୍ରହରାଜ ଜୟ ନାରାୟଣ ନନ୍ଦଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ କବି ଉଦ୍ଦେଶ୍ୟରେ ପ୍ରକାଶିତ ଏକ ସ୍ମରଣିକା ଲୋକାର୍ପିତ ହୋଇଥିଲା ସାହିତ୍ୟ ସମାଜ ଟ୍ରଷ୍ଟର ସଭାପତି କବି ସୂର୍ଯ୍ୟ ମିଶ୍ର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି ମିନତି ଦାଶ (ମାନୀ ) ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ଼. ଜୀବନକୃଷ୍ଣ ମିଶ୍ର ବେଦପାଠ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କଥାକାର ଅଜୟ ସ୍ୱାଇଁ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ, ଆଲୋଚକ ପ୍ର. କ୍ଷୀରୋଦ ବେହେରା ପ୍ରମୁଖ ଶୈଳେନ୍ଦ୍ର ଜେନା, ପବିତ୍ର ମୋହନ କର, ଡ଼. ପ୍ରଦୀପ୍ତ ବାରିକ, ମହେନ୍ଦ୍ର ମଲ୍ଲିକ, ଉପସଭାପତି ବିଭୁତି ପାଣିଗ୍ରାହୀ, କଥାକାର ଆଭାସ ବରାଳ ତଥା ପ୍ରହରାଜ ପରିବାରର ସଦସ୍ୟବୃନ୍ଦ ଉପସ୍ଥିତ ରହିଥିଲେ।

## 'ସିଟିଜେନ୍ ୱେଭ୍ ମିଡିଆ' ପକ୍ଷରୁ 'ସ୍ୱଚ୍ଛ ଓଡ଼ିଶା, ସୁଖୀ ଓଡ଼ିଶା'




ଭୁବନେଶ୍ୱର, ୨୮ ।୨(ସମିସ): ସାମାଜିକ ସଚେତନତା ଓ ନାଗରିକ ଦାୟିତ୍ୱବୋଧ ସୃଷ୍ଟି କରିବା ପାଇଁ ଭାରତ ସରକାରଙ୍କ 'କଞ୍ଜୁମର ୱେଲଫେୟାର ଆଣ୍ଡ ଲିଗାଲ କମ୍ପ୍ଲାଏନ୍ସ କମିଶନ'ଙ୍କ ସହଯୋଗରେ 'ସିଟିଜେନ୍ ୱେଭ୍ ମିଡିଆ' ପକ୍ଷରୁ ଶନିବାର 'ସ୍ୱଚ୍ଛ ଓଡ଼ିଶା, ସୁଖୀ ଓଡ଼ିଶା' ୱାକାଥନ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ହିଁ ସୁସ୍ଥତା ଓ ସମୃଦ୍ଧିର ଆଧାର, ଏହି ଲକ୍ଷ୍ୟ ନେଇ ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା ନିକୋ ପାର୍କରୁ ବାହାରି କଳିଙ୍ଗ ଷ୍ଟାଡିୟମର ଗେଟ୍ ନଂ-୩ ନିକଟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଥିଲେ। ଏହି ୱାକାଥନରେ 'କଞ୍ଜୁମର ୱେଲଫେୟାର ଆଣ୍ଡ ଲିଗାଲ କମ୍ପ୍ଲାଏନ୍ସ କମିଶନ'ର ରାଜ୍ୟ ନିର୍ଦ୍ଦେଶକ ନୀଳିମା ଆର୍ ପାତ୍ର, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ସତ୍ୟଭାମା ଦେବୀ ମୂକ ବଧିର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୮ ।୨(ସମିସ): ସତ୍ୟଭାମା ଦେବୀ ମୂକ ବଧିର ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଶନିବାର ଗୁରୁ କେଳୁ ଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜନତା ପାର୍ଟିର ପୂର୍ବତନ ରାଜ୍ୟ ସଭାପତି, ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍ ଏବଂ ନଗର ଗୃହ ନିର୍ମାଣ ସମବାୟ ସମିତିର ସଭାପତି ସମୀର ମହାନ୍ତି, ଭାରତୀୟରେଡକ୍ରସଓଡ଼ିଶାରଅବୈତନିକସଚିବଗଣେଶଚନ୍ଦ୍ରପାତ୍ର, ଅଭିନେତା ଚନ୍ଦନ କର, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଓଡ଼ିଶା ରାଜ୍ୟ ମହିଳା କମିଶନର ସଦସ୍ୟା ଡ. କଳ୍ପନା ମଲ୍ଲିକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉପ-ଶାସନ ସଚିବ ସନ୍ନ୍ୟାସୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ନିରୋଜ ଲକ୍ଷ୍ମୀ ମହାପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ୨୦ ଜଣ ସମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା । ଶୁଣି ପାରୁ ନଥିବା ଓ କହିପାରୁ ନ ଥିବା ଛାତ୍ରଛାତ୍ରୀମାନେ ସଙ୍ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ ଏକ ମୁଖ୍ୟ ଆକର୍ଷଣ ଥିଲା। ଇତିଶ୍ରୀ ଦିକ୍ଷିତ ଓ ଗୁଲସନ୍ ନଦୀମ ମଞ୍ଚ ପରିଚଳନା କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ।



## 'ଏପଷ୍ଟିନ ଫାଇଲ' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୨୮ ।୨(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ଆହ୍ୱାନରେ ଭଗବତୀ ଭବନଠାରେ ଶନିବାର ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ଏପଷ୍ଟିନ ଫାଇଲ୍' ଶୀର୍ଷକ ଆଲୋଚନାଚକ୍ରରେ ଆନ୍ତର୍ଜାତିକ ବ୍ୟାପାର ବିଶେଷଜ୍ଞ ପ୍ରଫେସର ମାନସ ବେହେରା, 'ଛାଇ' ଓଡ଼ିଶାର ସମ୍ପାଦକ ସତୀଶ ମିଶ୍ର, ସିପିଆଇର ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ ଦାସ, ସିଆଇ (ଏମ୍ଏଲ) ଲିବରେସନ ରାଜ୍ୟ ନେତା ରାଧାକାନ୍ତ ସେଠୀ, ଏସୟୁସିଆଇ (କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଅଶୋକ ମିଶ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ଯୋଗଦେଇ ତାଙ୍କ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ଅଶୋକ ଦାଶ, ଦାମୋଦର ବେହେରା, ରମଣୀରଞ୍ଜନ ରାଉତରାୟ, ସୁର ଜେନା, ସିପିଆଇ (ଏମ୍ଏଲ)ର ମହେନ୍ଦ୍ର ପରିଡ଼ା, ଉତ୍କଳ ମହିଳା ସମିତିର ବନଲତା ଜେନା, ଏଆଇଏସଏଫର ସଂଘମିତ୍ରା ଜେନା, କାହ୍ନୁଚରଣ ପରିଡ଼ା, ରାଜାରାମ ଡଙ୍ଗରି, ଯୁବସଂଘର ମାନସ ମୁଦୁଲି, କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ ପ୍ରମୁଖ ଚର୍ଚ୍ଚାକୁ ସମୃଦ୍ଧ କରିଥିଲେ।

## ବିଧାନସଭା ପରିସରରେ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୮ ।୨(ସମିସ): ବୀର ସୁରେନ୍ଦ୍ର ସାଏଙ୍କ ୧୪୨ତମ ଶ୍ରାଦ୍ଧଦିବସରେ ବିଧାନସଭା ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ ପରିଚାଳନା କରିଥିଲେ।

## ଲିଙ୍ଗିପୁର ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୮।୨ (ସମିସ): ୧୯୩୧ରେ ସ୍ଥାପିତ ଲିଙ୍ଗିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂହ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆର୍ତ୍ତତ୍ରାଣ ଜେନା ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ଭୁବନେଶ୍ୱର ବ୍ଲକ୍‌ର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ବ୍ରହ୍ମାନନ୍ଦ ରାଉତ, ବାଙ୍କୁଆଳ ସାଧନ କେନ୍ଦ୍ର ସଂଯୋଜକ ଈଶ୍ୱର କୁମାର ନାୟକ, ଲିଙ୍ଗିପୁର ସରପଞ୍ଚ କ୍ଷୀରୋଦ କୁମାର ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମମତା ଦାସ, ପୂର୍ବତନ ସଭାପତି ମନୋରଞ୍ଜନ ମହାନ୍ତି, ଆଲୁମିନି କମିଟି ସଭାପତି ବିଜୟ କୁମାର ସାମନ୍ତରାୟ, ଲିଙ୍ଗିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱଜିତା ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ବାମଦେବ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ସଫଳ ବିଦ୍ୟାର୍ଥୀଙ୍କ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟ ଶିକ୍ଷକ/ ଶିକ୍ଷୟିତ୍ରୀ ବାମଦେବ ବେହେରା, ଜୟଶ୍ରୀ ଦାସ, ଶ୍ରୀକାନ୍ତ ଦାସ, ସୁକନ୍ୟା ବେହେରା ଏବଂ ବିଦ୍ୟାଳୟ ପରିଚାଳନା ସମିତିର ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ରାଉତ, 'ମୋ ସ୍କୁଲ'ର ସଦସ୍ୟ ଗଦାଧର ଦାସ ସହାୟତା କରିଥିଲେ।

## 'ବିକଶିତ ଓଡ଼ିଶା-୨୦୪୭' ପାଇଁ 'ସକ୍ଷମ ଓଡ଼ିଶା'

ଭୁବନେଶ୍ୱର, ୨୮ ।୨(ସମିସ): ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଓଡ଼ିଶା ସେଣ୍ଟର ଫର ଇଣ୍ଟିଗ୍ରେଟେଡ୍ ଡେଭେଲପମେଣ୍ଟ (ଓସିଆଇଡି) ର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ବିକାଶ ମନ୍ଥନ ୧.୦ ଗଭର୍ଣ୍ଣାନ୍ସ ଇନ୍ ଆକ୍ସନ'ର ଦ୍ୱିତୀୟ ଦିବସର ଦ୍ୱିତୀୟ ଅଧିବେଶନରେ 'ସକ୍ଷମ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଓରସାକର ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମିତା ପଣ୍ଡା ଗବେଷଣା ଓ ଜ୍ଞାନଭିତ୍ତିକ ଅର୍ଥନୀତି ଉପରେ ୩୦୦ କୋଟି ଟଙ୍କାର ପ୍ରାରମ୍ଭିକ ପାଣ୍ଠି ସହିତ 'ଓଡ଼ିଶା ରିସର୍ଚ୍ଚ ଆଣ୍ଡ ଇନୋଭେସନ ଫଣ୍ଡ (ଓଆରଆଇଏଫ)'ର ଆରମ୍ଭ ନେଇ ପ୍ରକାଶ କରିଛନ୍ତି। ଉଚ୍ଚଶିକ୍ଷାର ରୂପାନ୍ତରଣ କ୍ଷେତ୍ରରେ ଉଚ୍ଚଶିକ୍ଷା ବିଭାଗର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ସ୍ମିତା ପାଣି ରାଜ୍ୟରେ ସମୁଦାୟ ନାମଲେଖା ଅନୁପାତ ୬୦ପ୍ରତିଶତକୁ ବୃଦ୍ଧି କରିବା ଏବଂ 'ମଲ୍ଟି-ଡିସିପ୍ଲିନାରୀ ଏଜୁକେସନ ଆଣ୍ଡ ରିସର୍ଚ୍ଚ ୟୁନିଭରସିଟି ' ପ୍ରତିଷ୍ଠା ପାଇଁ ଯୋଜନା କରାଯାଇଥିବା କହିଛନ୍ତି। 'କାଳିଆ' ସ୍କଲାରସିପ୍ ଏବଂ ଶିକ୍ଷା ଋଣ ଉପରେ ୧୦୦ପ୍ରତିଶତ ସୁଧ ରିହାତି ମାଧ୍ୟମରେ ଆର୍ଥିକ ପ୍ରତିବନ୍ଧକ ଦୂର କରାଯାଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଡଃ ଏନ୍. ତିରୁମାଲା ନାୟକ ଶୂନ୍ୟ ଡ୍ରପଆଉଟ୍ ହାର ଏବଂ ୧୦୦ପ୍ରତିଶତ ସାକ୍ଷରତା ହାସଲ କରିବାକୁ ରାଜ୍ୟର ପ୍ରତିଶ୍ରୁତିବଦ୍ଧତା ବୋଲି ପ୍ରକାଶ କରିଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ 'ସ୍କିଲ୍‌ଡ-ଇନ୍-ଓଡ଼ିଶା' ଅଭିଯାନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। 'ଯୁବ ଓଡ଼ିଶା' ଆନ୍ଦୋଳନରେ ୩୦ଟି ସମନ୍ୱିତ ଜିଲ୍ଲା କ୍ରୀଡ଼ା କେନ୍ଦ୍ର ଏବଂ ବିଶ୍ୱସ୍ତରୀୟ ପ୍ରତିଭା ଅନ୍ୱେଷଣ ପାଇଁ 'ଖେଳ ରତ୍ନ ଖୋଜ ଅଭିଯାନ' ଆରମ୍ଭ କରାଯାଇଛି। ଏହି ଅଧିବେଶନରେ 'ମେଡ୍ ଇନ୍ ଓଡ଼ିଶା'କୁ 'ଇନଭେଣ୍ଟେଡ୍ ଇନ୍ ଓଡ଼ିଶା' (ଓଡ଼ିଶାରେ ଉଦ୍ଭାବିତ) ଭାବେ ପରିଚିତ କରାଇବାକୁ ସଂକଳ୍ପ ନିଆଯାଇଛି।



## ଓୟୁଟିଆର୍‌ରେ ଦୁଇଦିନିଆ ଗବେଷଣା ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର, ୨୮ ।୨(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ପକ୍ଷରୁ ଦୁଇଦିନିଆ ଜାତୀୟ ଗବେଷଣା ସମ୍ମିଳନୀ 'ଶୋଧଧାରା୨୦୨୬' ଆଜି ଉଦଯାପିତ ହୋଇଛି। ଉଦଯାପନୀ ଦିବସର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଏନଆଇଟି ୱାରାଙ୍ଗଲ ନିର୍ଦ୍ଦେଶକ ପ୍ରଫେସର ବିଦ୍ୟାଧର ସୁବୁଦ୍ଧି ଯୋଗଦେଇ ଉନ୍ନତ ଗବେଷଣା ଓ ଉଦ୍ୟୋଗ ଶିକ୍ଷା ସମ୍ପର୍କର ଆଲୋକପାତ କରିଛନ୍ତି। ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଟେକ୍ନୋଲୋଜି ଓ ଟ୍ରାନ୍ସଫରମେସନ୍‌ର ନିର୍ଦ୍ଦେଶକ ଇଂ ବିକାଶ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଇଂ ଜ୍ଞାନରଞ୍ଜନ ରଥ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଛନ୍ତି। ଅନୁରୂପ ଭାବେ ଉଦଘାଟନୀ ଅଧିବେଶନରେ ବକ୍ତା ଭାବେ ପ୍ରୋଫେସର ଅମିତାଭ ଚାଟର୍ଜୀ, ପ୍ରୋଫେସର ବରଦା କାନ୍ତ ମିଶ୍ର ଏବଂ ଡ. ବେଦାନ୍ତଦାସ ମହାନ୍ତି (ନାଇସର୍) ଗବେଷଣାର ଆଧୁନିକ ପ୍ରବୃତ୍ତି ଓ ଭବିଷ୍ୟତ ଦିଗ ସମ୍ବନ୍ଧରେ ଉପସ୍ଥାପନା କରିଥିଲେ।




କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ସୂଚନାଯୋଗ୍ୟ ଯେ ଉକ୍ତ କାର୍ଯ୍ୟ କ୍ରମ ରେ ରେଜିଷ୍ଟ୍ରାର କୁଳସଚିବ ମିରା ବିଶ୍ୱବନ୍ଧ୍ୟା, ଡିନ୍ ଅରୁଣା ତ୍ରିପାଠୀ, ଡ଼ ଆର.କେ ଜେନାଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। (ବିଶ୍ୱଜିତଃ)